
୨୨୭ / ୮

# ଉତ୍କଳ ପ୍ରସଙ୍ଗ

GOVT. OF ORISSA I. & P.R. DEPTT.
RESEARCH & REFERENCE LIBRARY
No.........
Dt.........






ଆ ଦିଲ୍ଲୀ
ଣିଜ୍ୟ ମେଳାରେ





# ଉତ୍କଳ ପ୍ରସଙ୍ଗ

ପୌଷ ୧୯୦୭ ଶକାବ୍ଦ ୪୨ ଭାଗ ୬ଷ୍ଠ ସଂଖ୍ୟା ଜାନୁଆରୀ ୧୯୮୬

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ରମାନାଥ ମହାନ୍ତି

ସମ୍ପାଦକ : ଶ୍ରୀ ବ୍ରଜ ମୋହନ ପଟ୍ଟନାୟକ

ସହଯୋଗୀ ସମ୍ପାଦକ : ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

## ମୁଖ୍ୟ ସମ୍ପାଦକ

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

## ପ୍ରଚ୍ଛଦ ଶିଳ୍ପୀ

କୁମାରୀ ଗାୟତ୍ରୀ ମହାରଥୀ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୧୦.୦୦

ପ୍ରତି ଖଣ୍ଡ : ୧.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ ''ଉତ୍କଳ ପ୍ରସଙ୍ଗ''ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ଉତ୍କଳ ପ୍ରସଙ୍ଗ

## ସୂଚୀପତ୍ର


| | | |
|---|---|---|
| ଶିକ୍ଷାରେ ଭାରତୀୟ ମୂଲ୍ୟବୋଧ .. | ଶ୍ରୀ ରାଜୀବ ଗାନ୍ଧୀ .. | ୧ |
| ଦାରିଦ୍ର୍ୟ ଦୂରୀକରଣ ପାଇଁ...... .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ .. | ୭ |
| ଗାନ୍ଧୀଜୀ ଓ ଲବଣ ସତ୍ୟାଗ୍ରହ .. | ଡକ୍ଟର ଶ୍ରଦ୍ଧାକର ସୂପକାର .. | ୧୧ |
| ଆମ ସଂହତି ଓ ଆମେ .. | ଅଧ୍ୟାପକ ଶ୍ରୀ ଶତ୍ରୁଘ୍ନ ନାଥ .. | ୧୩ |
| ବିଶାଖା ବିଦ୍ରୋହ .. | ଡଃ ସତ୍ୟନାରାୟଣ ରାଜଗୁରୁ .. | ୧୭ |
| ସ୍ମରଣୀୟ ଜାନୁଆରୀ ଛବିଶ .. | ଶ୍ରୀ ତାରକାନ୍ତ ମହାନ୍ତି .. | ୧୯ |
| ଓଡ଼ିଶାର ଧର୍ମ .. | ଡଃ ଭଗବାନ ପଣ୍ଡା .. | ୨୩ |
| ଆମଠାରୁ ଆମର ସମାଜ ଓ ଦେଶ ବଡ଼ .. | ଶ୍ରୀ ମୁରାରି ଜେନା .. | ୨୬ |
| ବଣ୍ଡାମାନଙ୍କର ଇତିକଥା .. | ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର .. | ୨୯ |
| ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ .. | ଶ୍ରୀ ନୃସିଂହ ପ୍ରସାଦ ମହାପାତ୍ର .. | ୩୨ |
| ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ .. | ଚୌଧୁରୀ ରାଧାକୃଷ୍ଣ ନନ୍ଦ .. | ୩୪ |
| ବୋହୂ ଦେଖା ଦଶପଲ୍ଲସିଟିଏ .. | ଶ୍ରୀ ଚନ୍ଦ୍ରଶେଖର ନାୟକ .. | ୩୬ |
| ଓଡ଼ିଶାର ବନ୍ୟପ୍ରାଣୀ .. | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ .. | ୪୧ |
| ଆବର୍ଜନାରୁ ଇନ୍ଧନ .. | ଡକ୍ଟର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ | ୪୪ |
| ଗ୍ରାମୀଣ ମହିଳାମାନଙ୍କର ଅର୍ଥନୈତିକ ଅବଦାନ .. | ଡକ୍ଟର ଶୈଳବାଳା ଦେବୀ .. | ୪୫ |
| ସଫଳ କାହାଣୀ .. | .. | ୪୮ |
| ପ୍ରଗତି ପ୍ରସଙ୍ଗ .. | .. | ୫୧ |
| ପରିବର୍ତ୍ତିତ ସମାଜରେ ଶାଶ୍ୱତ ମୂଲ୍ୟବୋଧ .. | ଶ୍ରୀ ସୌରୀବନ୍ଧୁ କର .. | ୫୯ |
| ସେଉଗଡ଼ .. | ଶ୍ରୀ ଅନାଦି ସାହୁ .. | ୬୨ |
| ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ପଠାଣି ସାମନ୍ତ .. | ଶ୍ରୀ ଉଦ୍ଧବ ଚରଣ ନାୟକ .. | ୬୫ |
| ମୁଁ ବାଉଧର ସାଇଁ କହୁଛି .. | . | ୭୨ |
| ସାମ୍ପ୍ରଦାୟିକ ସଦ୍‌ଭାବ ଓ ସଂହତି .. | ଡଃ ଅମୂଲ୍ୟ ମହାପାତ୍ର .. | ୭୩ |
| ଦୂଷ ନିରାକରଣ ନିମନ୍ତେ ବ୍ୟାପକ ଓ ସମ୍ମିଳିତ ଉଦ୍ୟମ ଆବଶ୍ୟକ । .. | .. | ୭୬ |
| ପଠାଣି ସାମନ୍ତଙ୍କ ଜାତକ ଓ ଜୀବନ .. | ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକ | ୭୯ |

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା


ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ।

# ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା :

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତିବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ - ଆମ୍ଭମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରିଛୁ ।"



# ଓଡ଼ିଶାର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ବାର୍ତ୍ତା

''ଆଜି ସମଗ୍ର ଦେଶରେ ଆମ ସାଧାରଣତନ୍ତ୍ରର ୩୬ ତମ ବାର୍ଷିକୀ ପାଳିତ ହେଉଛି । ଆଜି ଦିନଟି ଆମ ପକ୍ଷରେ ଆତ୍ମ ସମୀକ୍ଷାର ଦିନ । ଭାରତକୁ ଏକ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ କରିବା ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ କରିଥିବା ଏହି ଦେଶର ମହାନ୍ ସନ୍ତାନ ସନ୍ତତି ଏବଂ ବୀର ଯୋଦ୍ଧାମାନେ ଯେଉଁ ଅସୀମ ତ୍ୟାଗ ସ୍ୱୀକାର କରିଯାଇଛନ୍ତି, ସେମାନଙ୍କୁ ସ୍ମରଣ କରିବା ପାଇଁ ଆଜି ଦିନଟି ଆମକୁ ସୁଯୋଗ ଦେଇଥାଏ । ଭାରତର ସ୍ୱାଧୀନତା ସଂଗ୍ରାମରେ ଆତ୍ମୋତ୍ସର୍ଗ ତଥା ଆୟାସସାଧ୍ୟ ଉଦ୍ୟମ କରିଥିବା ତୁଙ୍ଗ ନେତାଗଣ ବିଶେଷ କରି ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ମୌଲାନା ଆଜାଦ, ସୀମାନ୍ତ ଗାନ୍ଧୀ, ସରୋଜିନୀ ନାଇଡୁ, ଗୋପବନ୍ଧୁ ଦାସ, ସୁଭାଷ ଚନ୍ଦ୍ର ବୋଷ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ; ଯେଉଁମାନଙ୍କ ଅସୀମ ତ୍ୟାଗ ଓ ପରାକାଷ୍ଠା ବିନା ଭାରତବର୍ଷ ସ୍ୱାଧୀନତାର ଆଲୋକ ଦେଖିବା ସମ୍ଭବପର ହୋଇପାରି ନଥାନ୍ତା, ସେମାନଙ୍କ ନିକଟରେ ଆମେ ଚିର କୃତଜ୍ଞ । ଏହି ପବିତ୍ର ଦିବସ ଉପଲକ୍ଷେ ମୁଁ ଓଡ଼ିଶାବାସୀଙ୍କୁ ମୋର ସଦିଚ୍ଛା ଜ୍ଞାପନ କରୁଛି ।

''ବନ୍ଧୁଗଣ ! ଆମ କାର୍ଯ୍ୟାବଳୀର ସାମୂହିକ ସମୀକ୍ଷା କଲେ ଆମେ ଆନନ୍ଦ ଅନୁଭବ କରୁ ଯେ ଆମ ଦେଶ ଦିନକୁ ଦିନ ଅଧିକରୁ ଅଧିକ ଶକ୍ତିଶାଳୀ ହେଉଛି । ଆମ ଦେଶରେ ଗଣତନ୍ତ୍ରର ମୂଳଦୁଆ ସୁଦୃଢ଼ ହୋଇଛି । ଅର୍ଥନୈତିକ କ୍ଷେତ୍ରରେ ଆମେ ଏପରି ମାତ୍ରାରେ ସ୍ୱାବଲମ୍ବୀ ହୋଇପାରିଛୁ ଓ ନିଜକୁ ପୁନଃ ପ୍ରତିଷ୍ଠା କରିପାରିଛୁ, ଯାହାକି ଯେ କୌଣସି ଦେଶ ପକ୍ଷେ ଗର୍ବ ଓ ଗୌରବର ବିଷୟ । ଆମ ଜାତୀୟ ଜୀବନର ଅନ୍ୟାନ୍ୟ ବହୁ କ୍ଷେତ୍ରରେ ଆମେ ଦ୍ରୁତ ପ୍ରଗତି ହାସଲ କରିଛୁ ।

''ଓଡ଼ିଶାରେ ସକଳ ସଂପଦ ଭରି ରହିଛି । ପ୍ରକୃତିର ସମସ୍ତ ଉପାଦାନ ଯଥା:— ବିପୁଳ ଖଣିଜ ସଂପଦ, ବିସ୍ତୃତ ଜଙ୍ଗଲ, ନଦୀ ଜଳ ସଂପଦ ଓ ସୁଦୀର୍ଘ ସମୁଦ୍ର ଉପକୂଳ ଏହି ରାଜ୍ୟରେ ରହିଅଛି । ଭାଗ୍ୟର ବିଡ଼ମ୍ବନା ଯେ ପ୍ରାକୃତିକ ସଂପଦରେ ଭରପୁର ଏହି ରାଜ୍ୟ ଦାରିଦ୍ର୍ୟ ଓ ଅନଗ୍ରସରତା ମଧ୍ୟରେ ଗତି କରୁଛି । ଆଗାମୀ ବର୍ଷମାନଙ୍କରେ ପ୍ରତ୍ୟେକ କ୍ଷେତ୍ରରେ ଆମର ଉଦ୍ୟମକୁ ଦ୍ୱିଗୁଣିତ କରିବାକୁ ହେବ ଯାହା ଫଳରେ ଆମ ରାଜ୍ୟ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ଭାରତବର୍ଷର ଉନ୍ନତ ରାଜ୍ୟମାନଙ୍କ ମଧ୍ୟରେ ନିଜର ନ୍ୟାଯ୍ୟ ସ୍ଥାନ ପାଇପାରିବ ।

''ଆମ ରାଜ୍ୟ ଥରକୁ ଥର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଫଳରେ ପ୍ରଭୂତ ଧନଜୀବନ ନଷ୍ଟ ହେବା ସଙ୍ଗେ ସଙ୍ଗେ ଅର୍ଥନୀତି ଘୋର ବିପର୍ଯ୍ୟସ୍ତ ହୋଇଛି । ବନ୍ୟା, ବାତ୍ୟା ଓ ମରୁଡ଼ି ଅକଥନୀୟ କ୍ଷତି ଘଟାଇବା ସଙ୍ଗେ ସଙ୍ଗେ ଅକଥନୀୟ ଦୁର୍ଦ୍ଦଶାର କାରଣ ହୋଇଛି । ଏସବୁ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଆମର ପ୍ରଗତି ବିଭିନ୍ନ କ୍ଷେତ୍ରରେ ବହୁ ପରିମାଣରେ ବ୍ୟାହତ ହୋଇଛି ।

''ଆମ ରାଜ୍ୟରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଉଦ୍ଦୀପନାର ସହିତ କାର୍ଯ୍ୟକାରୀ ହେଉଛି । ସମନ୍ୱିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବା ଦିଗରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଜରିଆରେ ୯.୪୨ ଲକ୍ଷ ପରିବାରଙ୍କୁ ଉପକୃତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୯.୨୧ ଲକ୍ଷ ପରିବାରଙ୍କୁ ଆର୍ଥିକ

ସହାୟତା ପ୍ରଦାନ କରାଯାଇଛି । ମୋଟ୍ ଉପକୃତ ବ୍ୟକ୍ତିଙ୍କ ମଧ୍ୟରେ ୧,୯୦,୬୦୬ ଜଣ ହେଉଛନ୍ତି ହରିଜନ ଓ ୨,୧୯,୬୬୦ ଜଣ ଆଦିବାସୀ । ବିଗତ ୧୯୮୦-୮୧ରୁ ୧୯୮୪-୮୫ ମଧ୍ୟରେ ଗ୍ରାମାଞ୍ଚଳ ଦରିଦ୍ରତମ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ମାଧ୍ୟମରେ ୩.୩୬ ଲକ୍ଷ ଦୁସ୍ଥ ପରିବାର ଉପକୃତ ହୋଇଛନ୍ତି । ଗ୍ରାମାଞ୍ଚଳର ସବୁଠୁ ଦୁଃସ୍ଥ ପରିବାରଗୁଡ଼ିକୁ ଭୂମିଭିତ୍ତିକ, ପଶୁପାଳନ, ମତ୍ସ୍ୟଚାଷ ଓ ଅଣ-କୃଷି କାର୍ଯ୍ୟକ୍ରମ ଜରିଆରେ ଥଇଥାନ କରିବା ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି ।

"ସାଧାରଣତଃ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ, ମୁଖ୍ୟତଃ ବେକାରୀ ଓ ଅର୍ଦ୍ଧ ବେକାରୀ ପରିସ୍ଥିତିରୁ ସୃଷ୍ଟି ହୋଇଥାଏ । ପରିବାର ପିଛା ଆୟ ତୁଳନାରେ ସୀମିତ ହୋଇଥାଏ । ଜାତୀୟ ଗ୍ରାମାଞ୍ଚଳ ନିଯୁକ୍ତି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ବ୍ୟାପକ ଶ୍ରମ-ଭିତ୍ତିକ ପରିକଳ୍ପନା ସୃଷ୍ଟି କରାଯାଇ ଗ୍ରାମାଞ୍ଚଳର ବେକାର ଓ ଅର୍ଦ୍ଧ ବେକାର ଲୋକଙ୍କୁ ଅଧିକ ନିଯୁକ୍ତି ସୁବିଧା ସୁଯୋଗ ଯୋଗାଇ ଦେବା । ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ଏହି କାର୍ଯ୍ୟକ୍ରମ ଜରିଆରେ ୭୦.୩୩ କୋଟି ଟଙ୍କା ବିନିଯୋଗରେ ୬.୭୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି । ସେହିଭଳି ୧୯୮୪-୮୫ ମସିହାରେ ଗ୍ରାମାଞ୍ଚଳ ଭୂମିହୀନଙ୍କ କର୍ମସଂସ୍ଥାନ ସୁରକ୍ଷା କାର୍ଯ୍ୟକ୍ରମ ମାଧ୍ୟମରେ ୯୨.୯୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆବଶ୍ୟକ ମୁତାବକ ସାହାଯ୍ୟ ଯୋଗାଇ ଦେବା ପାଇଁ ରାଜ୍ୟରେ ଏକ ବ୍ୟାପକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

"ସରକାରଙ୍କ ନୂତନ ଶିଳ୍ପନୀତି ଦେଶରେ ପ୍ରଗତିଶୀଳ ବୋଲି ବିବେଚିତ ହେଉଛି । ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନିଯୁକ୍ତି ସୁବିଧା ସୃଷ୍ଟି ସଙ୍ଗେ ସଙ୍ଗେ ଗ୍ରାମ୍ୟ ଅର୍ଥନୀତିକୁ ସୁସଂଗଠିତ କରି ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଏହା ଅଭିପ୍ରେତ । ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ମୂଳକ ସୁବିଧା ସୁଯୋଗ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଶିଳ୍ପ ପ୍ରତିଷ୍ଠା ପାଇଁ କୋହଳ ସୂତ୍ରରେ ପୁଞ୍ଜି ଯୋଗାଣ ହେଉଛି ଏହି ନୂତନ ଶିଳ୍ପନୀତିର ବ୍ୟବସ୍ଥା । ପୂର୍ବରୁ ଏପରି କରାଯାଇ ନଥିଲା । ରାଜ୍ୟରେ ଏକ ଅନୁକୂଳ ଶିଳ୍ପ ବାତାବରଣ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବୃହତ୍, ମଧ୍ୟମ, ଗ୍ରାମ୍ୟ ଓ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଶିଳ୍ପାୟନର ବେଗକୁ ତ୍ୱରାନ୍ୱିତ କରିବା ଏହି ଶିଳ୍ପନୀତିର ପ୍ରଧାନ ଲକ୍ଷ୍ୟ । ୧୯୭୯-୮୦ ମସିହାରେ ରାଜ୍ୟରେ ୯୧୧୯ ଗ୍ରାମ୍ୟ ଓ କ୍ଷୁଦ୍ରଶିଳ୍ପ ରହିଥିବା ସ୍ଥଳେ ଷଷ୍ଠ ଯୋଜନା ଶେଷ ବେଳକୁ ଏହା ୨୩୪୫୫୪ କୁ ବୃଦ୍ଧି ପାଇଛି । ଷଷ୍ଠ ଯୋଜନା କାଳରେ ୩.୩୪ ଲକ୍ଷ କାରିଗରୀଭିତ୍ତିକ ଶିଳ୍ପକୁ ସାହାଯ୍ୟ କରାଯାଇ ୫.୩୮ ଲକ୍ଷ ଅଧିକ କର୍ମନିଯୁକ୍ତି ସୁବିଧା ସୃଷ୍ଟି କରାଯାଇଛି । ହସ୍ତତନ୍ତ ବସ୍ତ୍ର ପାଇଁ ସମଗ୍ର ବିଶ୍ୱରେ ଓଡ଼ିଶାର ଖ୍ୟାତି ରହିଛି । ପାରମ୍ପରିକ ତନ୍ତୁବାୟମାନଙ୍କର ସୁରକ୍ଷା ପାଇଁ ସେମାନଙ୍କୁ ସମବାୟ ପରିସରଭୁକ୍ତ କରି ସେମାନଙ୍କ ଆର୍ଥିକ ଅବସ୍ଥାର ଉନ୍ନତି ସାଧାନ ପାଇଁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଏ ପର୍ଯ୍ୟନ୍ତ ୪୬୧୪୭ ତନ୍ତୁବାୟ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରାଯାଇଛି ଓ ୫୩୯୨୭ ତନ୍ତର ଆଧୁନିକୀକରଣ କରାଯାଇଛି ।

"ଏହା ବ୍ୟତୀତ ରାଜ୍ୟରେ ଅନେକ କେନ୍ଦ୍ରୀୟ ପ୍ରକଳ୍ପ ହାତକୁ ନିଆଯାଇଛି । ସେଗୁଡ଼ିକ ଶିଳ୍ପ ପ୍ରାଣକେନ୍ଦ୍ର ରୂପେ ଯେ କାର୍ଯ୍ୟ କରିବେ ତାହା ନୁହେଁ ବରଂ ଏହାକୁ ଭିତ୍ତିକରି ଗଢ଼ି ଉଠୁଥିବା ସହାୟକ ଶିଳ୍ପ କେନ୍ଦ୍ରଗୁଡ଼ିକରେ ଅଧିକ କର୍ମନିଯୁକ୍ତି ସୁବିଧା ସୃଷ୍ଟି କରାଯାଇ ପାରିବ ।

"ହରିଜନ ଓ ଆଦିବାସୀଙ୍କ ସଂଖ୍ୟା ରାଜ୍ୟର ମୋଟ ଲୋକସଂଖ୍ୟାର ପ୍ରାୟ ଶତକଡା ୪୦ ଭାଗ । ସେମାନଙ୍କର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନୁହେଁ । ସେମାନଙ୍କର ସାଂପ୍ରତିକ ଆର୍ଥିକ ଅବସ୍ଥାର ଦ୍ରୁତ ଉନ୍ନତି ଘଟାଇବା ପାଇଁ ସବିଶେଷ ଧ୍ୟାନ ଦିଆଯାଉଛି । ଷଷ୍ଠ ଯୋଜନା କାଳରେ ଅନ୍ତତଃ ଶତକଡା ୫୦ ଭାଗ ଆଦିବାସୀ ପରିବାରଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉନ୍ନୀତ କରିବା ପାଇଁ ସୁନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ମୋ ସରକାର ପ୍ରତ୍ୟେକ ପରିବାରକୁ ରୋଜଗାରକ୍ଷମ କରାଇବା ପାଇଁ ବିଭିନ୍ନ ଅର୍ଥନୈତିକ ପରିକଳ୍ପନା କାର୍ଯ୍ୟକାରୀ କରୁଛନ୍ତି । ଏହା ଫଳରେ ରାଜ୍ୟରେ ୪.୫୯ ଲକ୍ଷ ହରିଜନ ଓ ୪.୯୧ ଲକ୍ଷ ଆଦିବାସୀ ପରିବାରଙ୍କୁ ବିଭିନ୍ନ ଉପାର୍ଜନକ୍ଷମ ପରିକଳ୍ପନା ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି ।

"ରାଜ୍ୟର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦେବା ଦିଗରେ ମୋ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ୨୦୦୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ଷଷ୍ଠ ଯୋଜନା ଶେଷ ସୁଦ୍ଧା ସମସ୍ତ ଜିଲ୍ଲା, ସଦର ମହକୁମା ହାସପାତାଳରେ ବିଶେଷଜ୍ଞ ଚିକିତ୍ସା ସେବାର ବ୍ୟବସ୍ଥା କରାଯାଉଛି । ଅଗ୍ରାଧିକାର ଭିତ୍ତିରେ ମେଲେରିଆ, କୁଷ୍ଠ, ଯକ୍ଷ୍ମା,

ହଇଜା ଓ ବାତଜ୍ୱର ଭଳି ସଂକ୍ରାମକ ରୋଗର ନିୟନ୍ତ୍ରଣ ଓ ନିରାକରଣ ତଥା ଅନ୍ଧତ୍ୱ ଦୂରୀକରଣ ପାଇଁ ଦୃଷ୍ଟି ଦିଆଯାଇଛି ।

''ପ୍ରଚଳିତ ଶିକ୍ଷା ପଦ୍ଧତିକୁ ବୈଷୟିକ ଜ୍ଞାନ ସଂଶ୍ଳିଷ୍ଟ ଓ ନିଯୁକ୍ତି ଅଭିମୁଖୀ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ଶିକ୍ଷାନୀତିକୁ ଦୃଷ୍ଟିରେ ରଖି ଆମର ମାନବୀୟ ସମ୍ବଳ ବୃଦ୍ଧି କାର୍ଯ୍ୟକ୍ରମର ବିକାଶ ସାଧନ ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଇଛି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଲକ୍ଷ୍ୟରେ ପ୍ରାଥମିକ ଶିକ୍ଷା ସ୍ତରରେ ଛାତ୍ରମାନେ ଯେପରି ଅଧିକରୁ ଅଧିକ ସଂଖ୍ୟାରେ ନାମ ଲେଖାଇବେ ସେଥିପାଇଁ ବହୁ ସଂଖ୍ୟକ ଅତିରିକ୍ତ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା କରାଯାଉଛି । ସପ୍ତମ ଯୋଜନା କାଳରେ ମାଧ୍ୟମିକ ଶିକ୍ଷାକୁ ଅବୈତନିକ କରିବାକୁ ମଧ୍ୟ ସ୍ଥିର ହୋଇଛି । ପ୍ରାଥମିକ ଶିକ୍ଷା ଓ ପ୍ରୌଢ଼ ସାକ୍ଷରତା କାର୍ଯ୍ୟକ୍ରମକୁ ବିଶେଷ କରି ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ଅଧିକ ବ୍ୟାପକ କରିବା ପାଇଁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ୧୯୮୦ ମସିହାରେ ୬ ରୁ ୧୪ ବର୍ଷ ବୟସ ବାଳକ ବାଳିକାଙ୍କ ନାମଲେଖା ହାର ଶତକଡା ୬୩.୫ ଭାଗ ଥିବାବେଳେ ବିଗତ ୫ ବର୍ଷ ମଧ୍ୟରେ ତାହା ଶତକଡା ୭୦.୪ ଭାଗକୁ ବୃଦ୍ଧି ପାଇଛି । ୧୯୯୦ ମସିହା ସୁଦ୍ଧା ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ସର୍ବ ପ୍ରଥମ ଉର୍ଦ୍ଦୁ ଏକାଡେମୀ କଟକଠାରେ ଆରମ୍ଭ କରାଯାଇଛି ।

''ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁସଂଗଠିତ କରାଯାଇ ସଂପ୍ରସାରଣ କରାଯାଇଛି । ଅଣ-ଆଦିବାସୀ ଅଞ୍ଚଳରେ ପ୍ରତି ୨୦୦୦ ଲୋକଙ୍କ ପାଇଁ ଏବଂ ଆଦିବାସୀ ଓ ଅନ୍ୟାନ୍ୟ ଦୁର୍ଗମ ଅଞ୍ଚଳରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ଗୋଟିଏ ସୁଲଭ ମୂଲ୍ୟ ଦୋକାନ ଖୋଲିବାର ନୀତିଗତ ନିଷ୍ପତ୍ତି ଅନୁଯାୟୀ ୧୯୭୯-୮୦ରେ ରାଜ୍ୟରେ ମୋଟ ୧୩୯୫୩ଟି ସୁଲଭ ମୂଲ୍ୟ ଦୋକାନ ଥିବାବେଳେ ବର୍ତ୍ତମାନ ତାହା ୧୯୬୭୬କୁ ବୃଦ୍ଧି ପାଇଛି ।

''ଓଡ଼ିଶାର ଅର୍ଥନୈତିକ ସମୃଦ୍ଧି ଓ ଲୋକଙ୍କ ଆର୍ଥିକ ହିତ ଦୃଷ୍ଟିରୁ କୃଷିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଦୁଇତୃତୀୟାଂଶ ଆୟ କୃଷିରୁ ମିଳିଥାଏ ଏବଂ ରାଜ୍ୟର ତିନି ଚତୁର୍ଥାଂଶ ଶ୍ରମଜୀବି କୃଷିକୁ ମୁଖ୍ୟ ଜୀବିକା ରୂପେ ଗ୍ରହଣ କରନ୍ତି । ଶାସନ ଭାର ଗ୍ରହଣ କରିବା ପରଠାରୁ ରାଜ୍ୟ ସରକାରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ବିଗତ ୫ ବର୍ଷ ମଧ୍ୟରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ସାଧିତ ହୋଇଛି । ଖାଦ୍ୟଶସ୍ୟ ଉତ୍ପାଦନ ୭୦ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି । ସପ୍ତମ ଯୋଜନା ଶେଷ ସୁଦ୍ଧା ଖାଦ୍ୟଶସ୍ୟ ଉତ୍ପାଦନ ୮୫ ଲକ୍ଷ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ତୈଳବୀଜ ଓ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି । କପା ଓ ଆଖୁ ଭଳି ଅର୍ଥକରୀ ଫସଲ ଚାଷ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । କୃଷି ଓ କୃଷିଭିତ୍ତିକ ଶିଳ୍ପ ମଧ୍ୟରେ ସଂଯୋଗ ସ୍ଥାପିତ ହୋଇଛି ।

''ମୋ ସରକାର ଜଳସେଚନକୁ ଗୁରୁତ୍ୱ ଦେଇଛନ୍ତି । ଅସଂପୂର୍ଣ୍ଣ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ସଂପୂର୍ଣ୍ଣ କରିବା ଓ ବିଶେଷ କରି ଆଦିବାସୀ ଓ ମରୁଡ଼ି ପ୍ରବଣ ଅଞ୍ଚଳରେ ନୂତନ ଜଳସେଚନ ପ୍ରକଳ୍ପ ଆରମ୍ଭ କରିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରାଯାଉଛି ।

''ବିଦ୍ୟୁତ୍ ଶକ୍ତିର କ୍ରମବର୍ଦ୍ଧିଷ୍ଣୁ ଚାହିଦା ମେଣ୍ଟାଇବା ପାଇଁ ରାଜ୍ୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ବୃଦ୍ଧି କରିବାକୁ ବ୍ୟାପକ ଉଦ୍ୟମ କରାଯାଉଛି । ରାଜ୍ୟର ମୋଟ ୪୬,୯୯୨ ଗ୍ରାମ ମଧ୍ୟରୁ ୧୯୮୪-୮୫ ଶେଷ ସୁଦ୍ଧା ୨୩,୭୬୨ଟି ଗ୍ରାମକୁ ବିଦ୍ୟୁତିକରଣ କରାଯାଇଛି । ଏହାଦ୍ୱାରା ସଂପ୍ରତି ଗ୍ରାମାଞ୍ଚଳ ଜନସଂଖ୍ୟାର ୭୨.୫ ଭାଗ ଲୋକ ବିଦ୍ୟୁତ୍ ସୁବିଧା ପାଇ ପାରୁଛନ୍ତି ।

''ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇ ପାରିଛି । ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ବହୁ ସଂଖ୍ୟକ ହୋଟେଲ ପ୍ରତିଷ୍ଠା ଯୋଜନା କରାଯାଇଛି ଏବଂ ଏଥି ମଧ୍ୟରୁ ଅନେକ କାର୍ଯ୍ୟକାରୀ ହେଲାଣି । ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ତଥା ଗୋ ସଂପଦର ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ରାଜ୍ୟରେ ନୂତନ ଜଙ୍ଗଲ ସୃଷ୍ଟି ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି । ଦୁସ୍ଥ କଳାକାର, ଲେଖକ ଓ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପେନ୍‌ସନ୍ ଯୋଜନା ପ୍ରବର୍ତ୍ତନ କରାଯାଇଛି । କର୍ମନିଯୁକ୍ତିର ସବୁ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ହାରର ସଂଶୋଧନ କରାଯାଇଛି । ଆଦିବାସୀ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନେ ଯେପରି ମଝିରୁ ପଢ଼ାପଢ଼ି ନ ଛାଡନ୍ତି ସେଥିପାଇଁ ଆଦିବାସୀ ଅଧ୍ୟୁଷିତ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଆବାସିକ ବିଦ୍ୟାଳୟ ଖୋଲିବା କାର୍ଯ୍ୟ ଅବ୍ୟାହତ ରହିଛି ।

"ଆଜିଭଳି ମହତ୍ତ୍ୱପୂର୍ଣ୍ଣ ଦିବସରେ ନୂତନ ଓଡ଼ିଶା ନିର୍ମାଣ ତଥା ଓଡ଼ିଶାକୁ ଭାରତର ଅନ୍ୟାନ୍ୟ ଅଗ୍ରଗାମୀ ରାଜ୍ୟମାନଙ୍କ ସହିତ ସମକକ୍ଷ କରି ତାହାକୁ ନ୍ୟାଯ୍ୟ ଆସନ ଦେବା ପାଇଁ ରାଜ୍ୟର ସବୁ ଶ୍ରେଣୀର ଜନସାଧାରଣ ଉତ୍ସର୍ଗୀକୃତ ମନୋଭାବ ନେଇ ପୂର୍ଣ୍ଣପ୍ରାଣରେ ସହଯୋଗ କରି ଆଗେଇ ଆସିବାକୁ ମୁଁ ଆହ୍ୱାନ କରୁଛି ।"

ଜୟହିନ୍ଦ୍



## ମୁଖ୍ୟମନ୍ତ୍ରୀ
## ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ

# ବାର୍ତ୍ତା

୩୭ ତମ ଜନରାଜ୍ୟ ଦିବସ ଉପଲକ୍ଷେ ଓଡ଼ିଶାର ଜନସାଧାରଣଙ୍କୁ ମୁଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

''ଜନରାଜ୍ୟ ଦିବସ ଆମର ଗଣତାନ୍ତ୍ରିକ ପରମ୍ପରା, ସମାଜବାଦ ଓ ଧର୍ମ ନିରପେକ୍ଷତାର ପ୍ରତୀକ । ପୃଥିବୀର ବହୁ ରାଷ୍ଟ୍ରରେ ଗଣତନ୍ତ୍ରର ବିପର୍ଯ୍ୟୟ ଘଟିଥିବାବେଳେ ଭାରତୀୟ ଜନସାଧାରଣ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସଦାସର୍ବଦା ଯେପରି ପ୍ରଗାଢ଼ ଆସ୍ଥା ଜ୍ଞାପନ କରିଆସିଛନ୍ତି, ତାହା ସମଗ୍ର ବିଶ୍ୱରେ ଭାରତର ସମ୍ମାନ ଓ ମର୍ଯ୍ୟାଦାକୁ ସୁପ୍ରତିଷ୍ଠିତ କରିଛି । ଏହି ମୂଲ୍ୟବୋଧକୁ ଅଧିକ ସୁଦୃଢ଼ କରି ଭାରତର ଏକତା ଓ ଅଖଣ୍ଡତାର ସୁରକ୍ଷା କରିବା ପାଇଁ ଜନରାଜ୍ୟ ଦିବସ ଆମ ସମସ୍ତଙ୍କ ପକ୍ଷରେ ଏକ ସଂକଳ୍ପର ଦିବସ ।

''ବିଗତ ଲୋକସଭା ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଭାରତର ଜନସାଧାରଣଙ୍କୁ କେତେଗୁଡ଼ିଏ ପ୍ରତିଶ୍ରୁତି ଦେଇଥିଲେ । ତାହା ମଧ୍ୟରେ ପଂଜାବ ଓ ଆସାମ ସମସ୍ୟାର ସମାଧାନ ଥିଲା ପ୍ରଧାନ । ଏହି ଦୁଇଟି ସମସ୍ୟାର ସନ୍ତୋଷଜନକ ସମାଧାନ ହୋଇଯାଇଛି ଏବଂ ଭାରତର ମହାନ୍ ଗଣତାନ୍ତ୍ରିକ ପରମ୍ପରାରେ ସେଠାରେ ନିର୍ବାଚନ ମଧ୍ୟ ସରିଯାଇଛି । ବିଚ୍ଛିନ୍ନତାବାଦୀ ଶକ୍ତିମାନେ ପରାସ୍ତ ହୋଇଛନ୍ତି । ବିଭିନ୍ନ ରାଜ୍ୟରେ ଅସ୍ଥିରତା ଶେଷ ହୋଇ ଦୃଢ଼ ଶାସନମାନ ପ୍ରତିଷ୍ଠିତ ହୋଇଛି । ଯେଉଁ ଯୋଜନାବଦ୍ଧ ଅର୍ଥନୀତି ଉପରେ ଦେଶ ବିଶ୍ୱାସ କରି ସମାଜବାଦର ଲକ୍ଷ୍ୟ ଆଡକୁ ଆଗେଇ ଚାଲିଛି, ବର୍ତ୍ତମାନ ସେହି ଲକ୍ଷ୍ୟ ହାସଲ ଦିଗରେ ଏହି ୫ ବର୍ଷ ପାଇଁ ସପ୍ତମ ଯୋଜନା ଚୂଡ଼ାନ୍ତ ହୋଇଯାଇଛି । ଆଗାମୀ ୧୫ ବର୍ଷ ମଧ୍ୟରେ ଦେଶରୁ ବେକାରୀ ଓ ଦାରିଦ୍ର୍ୟ ଦୂର କରାଯାଇ ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ ଆଦି କ୍ଷେତ୍ରରେ ଲୋକଙ୍କ ମୌଳିକ ଆବଶ୍ୟକତା ଯୋଗାଇ ଦିଆଯିବାର ସଂକଳ୍ପ ନିଆଯାଇଛି । ଆଗାମୀ ଶତାବ୍ଦୀର ପ୍ରଥମ ବର୍ଷରେ ଭାରତ ଯେପରି ଏକ ଶ୍ରେଷ୍ଠ ଅତ୍ୟାଧୁନିକ ରାଷ୍ଟ୍ରରେ ପରିଣତ ହେବ, ଏହାହିଁ ଦେଶର ନୂତନ ଯୁବନେତୃତ୍ୱ ଓ ଦେଶବାସୀଙ୍କ ସଂକଳ୍ପ ।

''ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ଦିଗରେ ଆମର ଉଦ୍ୟମ ସର୍ବଜନ ବିଦିତ । ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଓ ବିଦ୍ୟୁତ୍ ଶକ୍ତିର ପ୍ରସାର, କୃଷି ଉତ୍ପାଦନ ଓ ଶିଳ୍ପର ବିକାଶ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିକ୍ଷା, ପର୍ଯ୍ୟଟନ ଶିଳ୍ପ ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ କ୍ଷେତ୍ରରେ ମଧ୍ୟ ବିଶେଷ ତତ୍ପରତା ପ୍ରକାଶ ପାଇଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଥଇଥାନ ପାଇଁ ଆମର ଅନନ୍ୟ ସାଧାରଣ କାର୍ଯ୍ୟକ୍ରମ କରିଆରେ ଲକ୍ଷ ଲକ୍ଷ ଦରିଦ୍ର ଜନସାଧାରଙ୍କର ଉନ୍ନତି ସାଧନ କରାଯାଇଛି । ସର୍ବୋପରି, ରାଜ୍ୟରେ ବେକାର ସମସ୍ୟାର ସମାଧାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବିପୁଳ ଉଦ୍ୟମ ଆରମ୍ଭ କରାଯାଇଛି । ଆମ ରାଜ୍ୟ ଆଜି ସମୃଦ୍ଧିର ଦ୍ୱାର ଦେଶରେ ଉପନୀତ ।

''ପବିତ୍ର ଜନରାଜ୍ୟ ଦିବସ ଉପଲକ୍ଷେ ପ୍ରଗତି ଓ ସମୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କ ସମସ୍ତ ଉଦ୍ୟମ ସହିତ ସକ୍ରିୟ ଭାବରେ ସହଯୋଗ କରିବା ନିମନ୍ତେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ନିବେଦନ କରୁଛି ।

**ଜୟହିନ୍ଦ**

# ମୋ ଦୃଷ୍ଟିରେ ....

‘ଉତ୍କଳ ପ୍ରସଙ୍ଗ’ ତା’ର ଅଗଣିତ ପାଠକପାଠିକାଙ୍କୁ ନବବର୍ଷର ଅଭିନନ୍ଦନ ଓ ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଜ୍ଞାପନ କରୁଛି ।

ଶିକ୍ଷାକୁ ମାନବ ସଂପଦ ବିଭାଗ ରୂପେ ନାମିତ କରଯିବା ଦିନରୁ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧି ଶିକ୍ଷାରେ ଭାରତୀୟ ମୂଲ୍ୟବୋଧକୁ ଉତ୍ସାହିତ କରିବା ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିଛନ୍ତି । ଶିଶୁର ସର୍ବାଙ୍ଗୀନ ବିକାଶ ଏହାର ପ୍ରଧାନ ଲକ୍ଷ୍ୟ । ଜାତି ଗଠନ ଦିଗରେ ସାର୍ବଜନୀନ ପ୍ରାଥମିକ ଶିକ୍ଷାର ଯେ ବୈପ୍ଳବିକ ଭୂମିକା ରହିଛି, ଆଗାମୀ ଶତାବ୍ଦୀରେ ନିଶ୍ଚିତ ଭାବରେ ତାହା ପ୍ରମାଣିତ ହେବ..........ଶିକ୍ଷାରେ ଭାରତୀୟ ମୂଲ୍ୟବୋଧ..........

ରାଜ୍ୟର ଦାରିଦ୍ର୍ୟ ଦୂରୀକରଣ ଦିଗରେ ଅନୁରୂପ ବୈପ୍ଳବିକ ପଦକ୍ଷେପ ସଂପର୍କରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ । ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି ଦ୍ୱାରା ଶିଳ୍ପ ଓ କୃଷି ଉତ୍ପାଦନ ବୃଦ୍ଧି କରିବା ଏବଂ ଆଦିବାସୀମାନଙ୍କର ବିକାଶ ପାଇଁ ବିଶେଷ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜାତୀୟ ଉନ୍ନୟନ ପରିଷଦ ବୈଠକରେ ଦାବୀ ଉପସ୍ଥାପିତ କରିଛନ୍ତି...... .....ଦାରିଦ୍ର୍ୟ ଦୂରୀକରଣ ପାଇଁ .............

ଏତଦ୍‌ବ୍ୟତୀତ ଏ ସଂଖ୍ୟାରେ ଡକ୍ଟର ଶ୍ରଦ୍ଧାକର ସୁପକାରଙ୍କ ଜାତୀୟତା ଧର୍ମୀ ‘ଗାନ୍ଧିଜୀ ଓ ଲବଣ ସତ୍ୟାଗ୍ରହ’ ଭାରତୀୟ ଆଧ୍ୟାତ୍ମିକତାର ପୃଷ୍ଠଭୂମିରେ ରଚିତ ‘ଆମ ସଂହତି ଓ ଆମେ’, ଡଃ: ସତ୍ୟନାରାୟଣ ରାଜଗୁରୁଙ୍କ ଐତିହାସିକ ନିବନ୍ଧ ‘ବିଶାଖା ବିଦ୍ରୋହ’ ପ୍ରଭୃତି ପାଠକ ପାଠିକାଙ୍କୁ ଉଦ୍‌ବୁଦ୍ଧ କରିବ । ଆମର ପୂଜ୍ୟ ପ୍ରାତଃସ୍ମରଣୀୟ ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖରଙ୍କ ୧୫୦ତମ ଜନ୍ମତିଥି ଉପଲକ୍ଷେ ‘ଉତ୍କଳ ପ୍ରସଙ୍ଗ’ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ‘ପଠାଣି ସାମନ୍ତଙ୍କ ଜାତକ ଓ ଜୀବନ’ ଏବଂ ‘ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ପଠାଣି ସାମନ୍ତ’ ଶୀର୍ଷକ ପ୍ରବନ୍ଧ ଦୁଇଟି ପ୍ରକାଶିତ କରିଛୁ ।

ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା ।

# ଶିକ୍ଷାରେ ଭାରତୀୟ ମୂଲ୍ୟବୋଧ



## ଶ୍ରୀ ରାଜୀବ ଗାନ୍ଧୀ

ଉନ୍ନୟନ ଅର୍ଥ ହେଲା ଆମ ସମାଜର ସବୁଠାରୁ ପ୍ରାଥମିକ ପର୍ଯ୍ୟାୟରେ ଆଧୁନିକ କୌଶଳର ଉପଯୋଗ । ଆମେ ନିଜକୁ ସେହି ପ୍ରାଚୀନ ଶଗଡ଼ ଯୁଗରେ ରଖି ବିଶ୍ୱର ଅନ୍ୟ ଭାଗରୁ ବିଚ୍ଛିନ୍ନ ହୋଇ ରହି ପାରିବା ନାହିଁ । ଆମେ ଯେ ଆଧୁନିକ ଯୁକ୍ତିକୁ ଗ୍ରହଣ କରିବାକୁ ଅନିଚ୍ଛୁକ ତାହା ନୁହଁ, ଖର୍ଚ୍ଚ ବହୁଳତା ଏହାର କାରଣ । ଅଧିକ ଖର୍ଚ୍ଚ ଦୃଷ୍ଟିରୁ ଆମେ ପୁରୁଣା ବୈଷୟିକ ଜ୍ଞାନର ଉପଯୋଗ କରି ପାରୁନାହୁଁ । ପ୍ରାଚୀନ ବୈଷୟିକ କୌଶଳର ମୂଲ୍ୟାଙ୍କନ କଲାବେଳେ, କେତେ ବ୍ୟକ୍ତି କର୍ମ ସଂସ୍ଥାନ ପାଉଛନ୍ତି ବା କେତେକ ନ ପାଉଛନ୍ତି ତାହା ପ୍ରଧାନ ନୁହେଁ, ମୁଖ୍ୟ ହେଲା ଏ ନିର୍ଦ୍ଦିଷ୍ଟ ପରିମାଣର ଖର୍ଚ୍ଚରେ ଉତ୍ପାଦନ କ୍ଷମତା କେତେ ବଢ଼ିଛି ।

ଅର୍ଥ ଲଗାଣ କହିଲେ ଆମେ ସରକାରୀ ଅର୍ଥ ବୁଝୁନା, ତାହା ହେଉଛି ଦେଶର ଦରିଦ୍ରତମ ବ୍ୟକ୍ତିମାନଙ୍କର ଆର୍ଥିକ ସମ୍ବଳ । ମନ୍ଦ କର୍ମରେ ଅପବ୍ୟୟ ହେଉଥିବା ପ୍ରତ୍ୟେକ ପଇସା ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ବାଧା ଉପୁଜାଇଥାଏ । ଏହା ଆମକୁ ନିଶ୍ଚୟ ହୃଦୟଙ୍ଗମ କରିବାକୁ ହେବ । ସେଥିପାଇଁ ମୁଁ ଆଧୁନିକ ବୈଷୟିକ ଜ୍ଞାନ ପ୍ରୟୋଗ ସଂପର୍କରେ କହେ, ଯେପରି ଏହାର ପ୍ରକୃତ ପ୍ରୟୋଗ ହୋଇ ଦେଶର ସବୁଠାରୁ ଦରିଦ୍ରତମ ଅବସ୍ଥାରେ ଥିବା ପ୍ରତ୍ୟେକ ବ୍ୟକ୍ତି ଏଥିରୁ ସୁବିଧା ପାଇ ପାରିବେ । ବିଷୟଟି ପ୍ରକୃତରେ ଏକ ତର୍କ ଆଲୋଚନା ନିମନ୍ତେ ଉଦ୍ଦିଷ୍ଟ । ମୋର ସୂଚନା କେବଳ ଏତିକିରେ ଶେଷ ହେବ ନାହିଁ । ଆମେ ଆପଣମାନଙ୍କୁ ଏ ଦିଗରେ ଆକର୍ଷିତ କରିବାକୁ ଚାହୁଁ । ଆମେ ଆପଣଙ୍କ ମତ ଶୁଣିବାକୁ ଚାହୁଁ । ତାହାଠାରୁ ଅଧିକ ହେଲା ଆମେ ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କର ମତ ଜାଣିବାକୁ ଇଚ୍ଛା କରୁ । କାରଣ ଏହା ଏପରି ଏକ ବିଷୟ ଯାହାର ପ୍ରଭାବ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଉପରେ ପଡ଼ିବ । ଏଥି ନିମନ୍ତେ ପତ୍ର ପତ୍ରିକା ବେତାର, ଦୂରଦର୍ଶନ ଓ ଶିକ୍ଷାନୁଷ୍ଠାନ ମାଧ୍ୟମରେ ଦେଶବ୍ୟାପୀ ଆଲୋଚନା ହେବା ଆବଶ୍ୟକ ।

ପ୍ରତ୍ୟେକ ମତାମତ ବିନା ଦ୍ୱିଧାରେ ଆଣି ଆଗକୁ ଆସିବା ଦରକାର ଯାହାକି ଆମେ ଦେଖିବୁ, ପଢ଼ିବୁ ଓ ବୁଝିବୁ । ଯେତେବେଳେ ଏହାର ଚୂଡ଼ାନ୍ତ ପାଣ୍ଡୁଲିପି ପ୍ରସ୍ତୁତ ହେବ, ସେତେବେଳେ ଆମେ ଏପରି ଏକ ଚିଠା ପ୍ରସ୍ତୁତ କରିବୁ, ଯାହାକି ଭାରତକୁ ଉନ୍ନତିର ଚରମ ସୀମାରେ ପହଞ୍ଚାଇ ଦେବ ।

### ମାନବ ବିକାଶ

ଶିକ୍ଷାର ପରିପକ୍ୱତା ସମୟସାପେକ୍ଷ, ତେଣୁ ଅନ୍ୟ ଏକ କାରଣ ହେଲା ଆମକୁ ଖୁବ୍ ଶୀଘ୍ର ଆରମ୍ଭ କରି ନୂତନ ପଦ୍ଧତି ୧୯୮୬ ମସିହା ପୂର୍ବରୁ କାର୍ଯ୍ୟକରୀ କରିବାକୁ ହେବ । ଶିକ୍ଷା ବିଷୟରେ ଆମେ କହିବା ଅର୍ଥ ଆମେ ଆମ ଦେଶବାସୀଙ୍କ ସଂପର୍କରେ ହିଁ କହିଥାଉ । ଅନେକ ଦିନ ଧରି ଆମେ ଆମର ଦେଶବାସୀଙ୍କୁ ଗୋଟେ ସମସ୍ୟା ବା ବୋଝ ବୋଲି ଧରି ଆସିଛୁ । ବର୍ତ୍ତମାନ ଏହାର ପରିବର୍ତ୍ତନ କରି ଆମ ଦେଶବାସୀଙ୍କୁ ଆମର ଶକ୍ତି ବା ସଂପତ୍ତି ରୂପେ ଗ୍ରହଣ କରିବାକୁ ସମୟ ଆସିଛି । ଏହା କେବଳ ମାନବିକ ବିକାଶ ବଳରେହିଁ ହୋଇ ପାରିବ । ଶିକ୍ଷା ମାନବିକ ବିକାଶ ନିମନ୍ତେ ପ୍ରାଥମିକ ପର୍ଯ୍ୟାୟ ।

ଆମେ ଯେତେବେଳେ ମାନବ ବିକାଶ ବିଷୟ କହୁ, ସେତେବେଳେ ଆମକୁ ଏହାର ବିସ୍ତୃତ ବ୍ୟାପ୍ତି ବିଷୟ ମଧ୍ୟ ଚିନ୍ତା କରିବାକୁ ହେବ । ଶିକ୍ଷାର ପରିସର ମଧ୍ୟକୁ ଯାହା ଆସୁଛି ତାହା କେବଳ ନୁହେଁ, ଯାହା ଆମେ ବର୍ତ୍ତମାନ କରୁଛୁ ! ପୂର୍ବ ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସାରେ କୋଡ଼ିଏ ବା ଏକୋଇଶି ବର୍ଷରେ ପୃଥିବୀରେ ଆମେ ପ୍ରମାଣ ପତ୍ରର

କାଗଜ ଖଣ୍ଡେ ଧରି ନିଜକୁ ଉଚ୍ଚ ଶିକ୍ଷିତ ବୋଲି ମନେ କରୁଛୁ । କିନ୍ତୁ ଦେଶରେ କେହି ସେମିତି କାଗଜ ଖଣ୍ଡିକୁ ବିଶ୍ୱାସ କଲାଭଳି ମନେ ହୁଏନା । ଶିକ୍ଷା ପଦ୍ଧତି ତାଠାରୁ ଯଥେଷ୍ଟ ଅଧିକ । ଶିକ୍ଷା ପଦ୍ଧତି କହିଲେ ଆପଣଙ୍କ କର୍ମମୟ ଜୀବନର ସବୁଦିନର ଶିକ୍ଷାଦାନ ବୁଝାଏ । ଏଠାରେ ଆଲୋଚିତ ନ ହେଉଥିଲେ ମଧ୍ୟ ଏ ବିଷୟ ସଦା ସର୍ବଦା ମନେ ରଖିବାକୁ ହେବ । ଜଣେ ପ୍ରାଥମିକ ତାଲିମ କିଛି ନେଇ ପ୍ରଶାସନିକ ସେବା ବା ବିଦେଶ ସେବା ଚାକିରିରେ ନିଯୁକ୍ତ ହୁଅନ୍ତି ଏବଂ ତାଙ୍କୁ ଅନ୍ୟ କୌଣସି ଉପଯୁକ୍ତ ତାଲିମ ପାଇଁ କହୁନାହିଁ । ଏହା ଠିକ ନୁହେଁ । ଜଣେ ପୁଲିସ କର୍ମଚାରୀଙ୍କୁ 'ରିଫ୍ରେସର' କୋର୍ସ' ବା ନୂତନ କିମ୍ବା ଅଭିନବ ପାଠ୍ୟକ୍ରମ ତାଲିମ ନିମନ୍ତେ ଆଦୌ ଡକା ନହେବା କଣ ଠିକ ? ଏହା ଫଳରେ ସେ ନୂତନ ସମସ୍ୟାର କୌଶଳ ବା ପଦ୍ଧତି ସଂପର୍କରେ ଜ୍ଞାନ ଆହରଣ କରି ଅନ୍ୟ ଅଞ୍ଚଳରେ କାର୍ଯ୍ୟରତ ତାଙ୍କ ସହକର୍ମୀଗଣଙ୍କୁ ଅନ୍ତତଃ ସାହାଯ୍ୟ କରିପାରିବେ । ଏହି ଅସୁବିଧା ସମସ୍ତ ଚାକିରି ମାନଙ୍କରେ ଦେଖାଯାଏ ।

ଆମେ ଆମ ପରବର୍ତ୍ତୀ ବଂଶଧରମାନଙ୍କୁ ଏ ବିଷୟରେ ଚିନ୍ତା କରିବା ଲାଗି ସୁଯୋଗ ଦେବା । ଦୁର୍ଭାଗ୍ୟବଶତଃ ଶିକ୍ଷା ପଦ୍ଧତି କାହାକୁ ମଧ୍ୟ ଚିନ୍ତା କରିବା ନିମନ୍ତେ ସୁଯୋଗ ଦେଉ ପାରୁନାହିଁ । ଆପଣମାନେ ଲୋକମାନଙ୍କୁ ପ୍ରଶ୍ନ ପଚାରିବାକୁ ଦିଅନ୍ତୁ ନା । ଆପଣ ଏହାକୁ ଏକ ପାଠ୍ୟ ନିର୍ଘଣ୍ଟ ମଧ୍ୟରେ ରଖି ତାଙ୍କୁ ପରୀକ୍ଷାରେ ଲେଖିବାକୁ କୁହନ୍ତୁ । ଏତିକି କେବଳ ଯଥେଷ୍ଟ ନୁହେଁ । ଶିକ୍ଷା ପଦ୍ଧତି ଏପରି ହେବ ଯେ, ଯାହା ଫଳରେ ଛାତ୍ର ଛାତ୍ରୀମାନେ କେବଳ ପାଠ ମୁଖସ୍ଥ କରିବା ପରିବର୍ତ୍ତେ ପ୍ରଶ୍ନ ପଚାରିବା ନିମନ୍ତେ ଉତ୍ସାହିତ ହେବେ ଓ ବୁଝି ନ ପାରୁଥିବା ବିଷୟ ଗୁଡ଼ିକୁ ଶିକ୍ଷକଙ୍କୁ ବୁଝାଇ ଦେବା ନିମନ୍ତେ ଚେଷ୍ଟିତ ହେବେ । ଏହା କେବଳ ପିଲାମାନଙ୍କର ଭଲ ପାଇଁ ନୁହେଁ, ଶିକ୍ଷକମାନଙ୍କୁ ମଧ୍ୟ ଉତ୍ତର ଦେବାକୁ ହେଉଥିବାରୁ ସେମାନଙ୍କର ମଧ୍ୟ ଏଥିରେ ଉନ୍ନତି ହେବ । ଫଳତଃ, ଶିକ୍ଷାନୁଷ୍ଠାନ ଛାଡ଼ି ମଧ୍ୟ ଅନ୍ୟାନ୍ୟ ପଦ୍ଧତିର ଉନ୍ନତି ହେବା ସଙ୍ଗେ ସଙ୍ଗେ ନୂତନ କିଛି ଚିନ୍ତାଧାରାର ମଧ୍ୟ ଅଭ୍ୟୁଦୟ ଘଟିବ ।

ବିଭିନ୍ନ ବଂଶଧରଙ୍କ ମଝିରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ମୁଁ ଦେଖିବାକୁ ପାଉଛି । ଜଣେ ପଦସ୍ଥ ଅମଲା ଜଣେ ଅଧସ୍ତନ ଅମଲାଙ୍କ ସହ ଆଲୋଚନା କରିବେ ନାହିଁ, ପଦସ୍ଥ ପୁଲିସ ଅଧିକାରୀ ଅଧୀନସ୍ଥ ପୁଲିସ କର୍ମଚାରୀଙ୍କ ସହ ଆଳାପ କରିବେ ନାହିଁ ବା ଶିକ୍ଷକ ଛାତ୍ରକୁ କିଛି କହିବେ ନାହିଁ, ଏଗୁଡ଼ିକ ସାଧାରଣତଃ ଦେଖାଯାଉଛି ।

ଆପଣମାନେ ଏଗୁଡ଼ିକ ପ୍ରତି ନଜର ଦିଅନ୍ତୁ । ଏହାର ପରିବର୍ତ୍ତନ ଆବଶ୍ୟକ । ଏସବୁ ମୌଳିକ ପରିବର୍ତ୍ତନ ନିମନ୍ତେ ଆମର ଅର୍ଥର ଆବଶ୍ୟକତା ନାହିଁ । ଏଗୁଡ଼ିକ ଚିନ୍ତାଧାରା ଉପରେ ନିର୍ଭରଶୀଳ । ଏଗୁଡ଼ିକ ଏକ ପ୍ରକାର ଚିନ୍ତା । ଶିକ୍ଷା ପ୍ରଣାଳୀ ନିଶ୍ଚୟ ଜାତୀୟ ଚରିତ୍ର ଗଠନ କରିବ । ଜାତୀୟବାଦୀ ଶିକ୍ଷା ନିଶ୍ଚୟ ଶକ୍ତିଶାଳୀ ହେବ । ଆମର ଐତିହ୍ୟ, ଆମର ସଂସ୍କୃତି ନିଶ୍ଚୟ ପୁନଃ ଜୀବିତ ହେବ । ଆଜି ଆମର ଇତିହାସ ମଧ୍ୟ ଆମ ବିଦ୍ୟାଳୟମାନଙ୍କରେ ଠିକ୍ ରୂପେ ପଢ଼ା ହେଉନାହିଁ ।

ଉଚ୍ଚ ଶିକ୍ଷା ବ୍ୟତୀତ ଆମେ ବୃତ୍ତିଗତ ଶିକ୍ଷା ସଂପର୍କରେ ମଧ୍ୟ କହି ଆସିଅଛୁ । ପ୍ରକୃତ ପକ୍ଷେ ବୃତ୍ତିଗତ ଶିକ୍ଷାକୁ ପ୍ରାଧାନ୍ୟ ଦେବାକୁ ହେଲେ ବୃତ୍ତିଗତ ଶିକ୍ଷା ମାଧ୍ୟମରେ ଶିକ୍ଷିତ ବ୍ୟକ୍ତିଙ୍କର ଚାହିଦାକୁ ଆମକୁ ଆଜି ଆଗରେ ରଖିବାକୁ ହେବ । ଏତାଦୃଶ ଶିକ୍ଷା ଲାଭ କରିଥିବା ବ୍ୟକ୍ତିଙ୍କର ବଜାର ଚାହିଦା ନଥିଲେ ବୃତ୍ତିଗତ ଶିକ୍ଷାଦାନର କୌଣସି ମୂଲ୍ୟ ନାହିଁ । ପୁନର୍ବାର ଏହା ମୋତେ ଏକ ନୂତନ ଦିଗର ସୂଚନା ଦେଉଛି ଓ ନୂତନ ଶିକ୍ଷା ପଦ୍ଧତି ନିଶ୍ଚିତ ସେହି ଦିଗାଭିମୁଖୀ ହେବ ।

ଆଗାମୀ ପନ୍ଦର କୋଡ଼ିଏ ବର୍ଷ ମଧ୍ୟରେ ଭାରତର ରୂପରେଖ କିପରି ହେବ ତାହା ଆମକୁ ଏବେଠାରୁ ଦେଖିବାକୁ ହେବ । ଦେଖିବାକୁ ହେବ ଶିଳ୍ପର ରୂପରେଖ କଣ ହେବ, କୃଷିର ରୂପରେଖ କଣ ହେବ, ଚାକିରି କ୍ଷେତ୍ରରେ କଣ କରାଯିବ, ସର୍ବୋପରି ଦେଶର ଅନ୍ୟ ସମସ୍ତ ବିଭାଗରେ କଣ କରାଯାଇ ପାରିବ ? ଏ ସମସ୍ତ ଆଭିମୁଖ୍ୟ ଗୁଡ଼ିକର ହାସଲ ନିମନ୍ତେ ଆମକୁ ଆମ ଶିକ୍ଷା ପଦ୍ଧତି ସେହିପରି ଗଠନ କରିବାକୁ ପଡ଼ିବ । ଆମକୁ ବୃତ୍ତିଗତ ଶିକ୍ଷା ପ୍ରଦାନ କରିବାକୁ ହେଲେ ବା ଉନ୍ନତ ମଟରଗାଡ଼ି କାରିଗର ବା ବଢ଼େଇ ଇତ୍ୟାଦିଙ୍କୁ ଗଢ଼ିବାକୁ ହେଲେ ସେମାନଙ୍କ ବଜାର ଚାହିଦା ମଧ୍ୟ ଆମକୁ ଦେଖିବାକୁ ହେବ । ତା ଫଳରେହିଁ ଏ କାର୍ଯ୍ୟକ୍ରମ ସଫଳହୋଇ ପାରିବ ।

ତେଣୁ ଏ ସମସ୍ତ ଯୋଗସୂତ୍ର ଗୁଡ଼ିକ ଉତ୍ତମରୂପେ ଚିନ୍ତା କରାଯାଇ ପଦ୍ଧତିର ଗଠନ କରାଯିବ । ଏ ସମସ୍ତ ଯୋଗସୂତ୍ର ସ୍ଥାପନ ଶିକ୍ଷାଦାନପରେ କେବଳ କରାଯିବ ନାହିଁ । ଶିକ୍ଷା ସହ ସଂପୃକ୍ତ ବିଭିନ୍ନ ବିଭାଗମାନଙ୍କର ପଦ୍ଧତିର ଗଠନ ନିମନ୍ତେ ଏ ଯୋଗସୂତ୍ରମାନ ସ୍ଥାପନ କରାଯିବ । କୃଷି ବିଭାଗ ଅଧୀନରେ ଆମର କୃଷି ବିଶ୍ୱବିଦ୍ୟାଳୟମାନ ଅଛି । ଶ୍ରମ-ବିଭାଗ ଅଧୀନରେ ଆଇ. ଟି. ଆଇ. (ଶିଳ୍ପଗତ ଉଦ୍ୟୋଗିକ ପ୍ରତିଷ୍ଠାନ) ମାନ ଅଛି । ଆଇନ ମନ୍ତ୍ରାଳୟ ଅଧୀନରେ ଆଇନ ମହାବିଦ୍ୟାଳୟମାନ ରହିଛି । ଇଲେକ୍‌ଟ୍ରୋନିକ୍ସ ବିଭାଗ ଅଧୀନରେ ଇଲେକ୍‌ଟ୍ରୋନିକସ ପ୍ରତିଷ୍ଠାନ-ଗୁଡ଼ିକ ରହିଛି । କେନ୍ଦ୍ର ବା ରାଜ୍ୟ କଣ କରୁଛନ୍ତି ତାଠାରୁ ଏହା ସଂପୂର୍ଣ୍ଣ ପୃଥକ । ଏହାର ବିଭାଗ ଗୁଡ଼ିକ ମଧ୍ୟରେ ଉପଯୁକ୍ତ ବୁଝାମଣା ରହିବା ଦରକାର । ଯଦି ଆମେ କୌଣସି ଏକ ସ୍ୱତନ୍ତ୍ର ଅନୁଷ୍ଠାନ ବା ମହାବିଦ୍ୟାଳୟକୁ ଦେଖୁ ସେଠାରୁ ବିଦ୍ୟାର୍ଥୀଗଣ ପୂର୍ଣ୍ଣାଂଗ ଶିକ୍ଷାଲାଭ କରିଥିବା ମନେହୁଏ ନାହିଁ । କୃଷି ମହାବିଦ୍ୟାଳୟର କୌଣସି ଛାତ୍ରର ଜ୍ଞାନ ସେହି ବିଷୟରେ ହିଁ ସୀମିତ ବା ସଂକୀର୍ଣ୍ଣ ହେବା ଉଚିତ୍ ନୁହେଁ । ବ୍ୟକ୍ତିର ଚରିତ୍ର ଗଠନ କରିବା ହେଉଛି ଶିକ୍ଷାର ମୌଳିକ ଉଦ୍ଦେଶ୍ୟ । ତାକୁ ଶିକ୍ଷାନୁଷ୍ଠାନ ଛାଡ଼ିବା ସଂଗେ-ସଂଗେ ପୃଥିବୀର ସମସ୍ୟାବଳୀର ସମ୍ମୁଖୀନ ହେବା ନିମନ୍ତେ ଏହି ଶିକ୍ଷା ପ୍ରେରଣା ଦିଏ । ତେଣୁ ଏକ ସ୍ୱତନ୍ତ୍ର କ୍ଷେତ୍ରରେ ଉଚ୍ଚମାନର ହୋଇଥିବାରୁ ଶିକ୍ଷାନୁଷ୍ଠାନର ଏ ପବିତ୍ର ଉଦ୍ଦେଶ୍ୟକୁ ଦୃଷ୍ଟି ଅନ୍ତରାଳରେ ରଖିବା ଠିକ୍ ନୁହେଁ ।

ଆପଣମାନେ ଅର୍ଥଗତ ପ୍ରଶ୍ନ ଉଠାଇଛନ୍ତି । ମୁଁ ଯୋଜନା କମିଶନଙ୍କ ସହ ଏ ବିଷୟରେ ଆଲୋଚନାକରି ଆସୁଅଛି ଓ ଆପଣମାନଙ୍କୁ ଖୁବ୍ ଖୁସି ସହକାରେ କହୁଛି ଯେ, ପ୍ରଥମରୁ ଗଣ ପରିଚାଳନାର ଉନ୍ନତି ନିମନ୍ତେ ଖର୍ଚ୍ଚରୁ ଆମେ ପ୍ରାୟ ୧,୫୦୦କୋଟି

ଟଂକା ବଂଚାଇ ପାରିଛୁ । ମୁଁ ନିଶ୍ଚିତ ଯେ, ଏଥିରୁ ଅଧିକାଂଶ ଶିକ୍ଷା ନିମନ୍ତେ ବ୍ୟୟ ହେବ ।

ଆମେ ଯେତେବେଳେ ଆମର ଶିକ୍ଷା ପ୍ରଣାଳୀ ନେଇ ଭାବୁ ବା ଆମ ଆଗରେଥିବା ଆହ୍ୱାନଗୁଡ଼ିକ ଅନୁଧ୍ୟାନ କରୁ, ତାହା ଆମକୁ ଭାରି ବିବ୍ରତକରେ । କିପରି ଏହା ସର୍ବାପେକ୍ଷା ଫଳପ୍ରଦହେବ, ତାହା ଦେଖିବାକୁ ହେବ । ଏକ ମୌଳିକ ପ୍ରଶ୍ନ ହେଲ-କ'ଣ ସରକାର ଧନୀ ଗରିବ ନିର୍ବିଶେଷରେ ଏକ ପୂର୍ଣ୍ଣାଂଗ ଶିକ୍ଷା ପଦ୍ଧତିର ସମୁଦାୟ ଦାୟିତ୍ୱନେଇ ପାରିବେ । ଏହି ପ୍ରଶ୍ନଗୁଡ଼ିକୁ ଚିନ୍ତା କରିବାକୁ ହେବ ।

## ସାକ୍ଷରତା ଏବଂ ଦକ୍ଷତାର ବିକାଶ

ଆମ ଦେଶରେ ଜନସଂଖ୍ୟାର ବୃଦ୍ଧି ଯେଉଁ ଦ୍ୱାରରେ ହେଉଛି ଆଗାମୀ ଶତାବ୍ଦୀ ବେଳକୁ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୫୦ କୋଟିରେ ପହଂଚିବ । ଆମେ ଏହାକୁ ସମ୍ଭାଳିପାରିବା ନାହିଁ । ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିବା ତାହାର କାରଣ । ଆମର ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ସଂଗ୍ରାମର ପରବର୍ତ୍ତୀ କାଳୀନ ସୁଫଳ ଗୁଡ଼ିକର ପ୍ରକୃତ ଉପଯୋଗ ନିମନ୍ତେ ଶିକ୍ଷା ଏକ ପ୍ରାଥମିକ ଉପାଦାନ ହେବ । ଏହା ବିପରୀତ ମୁଖୀ ହେବା ଉଚିତ ନୁହେଁ । ଏହି ବିଷୟଟିକୁ ଆପଣମାନଙ୍କୁ ନିଶ୍ଚିତ ମନେ ରଖିବାକୁ ହେବ । ଏହି ଅନୁଶୀଳନ ମାଧ୍ୟମରେ ଆମେ ଅନେକ ଗୁଡ଼ିଏ ବିଷୟ ପ୍ରତି ନଜର ଦେଇଛୁ । ସେଥି ମଧ୍ୟରୁ ଅନେକ-ଗୁଡ଼ିଏ ବିଶଦଭାବେ ଓ ଅନ୍ୟ କେତେକ ଆହୁରି ଅଧିକ ଆଲୋଚିତ ହୋଇଛି । ବୃତ୍ତିଗତ ଶିକ୍ଷା ତା ମଧ୍ୟରୁ ଗୋଟିଏ ।

ଶିକ୍ଷାକୁ ବୃତ୍ତିଭିତ୍ତିକ କରିବାରେ ଆମେ ସକ୍ଷମ ହୋଇନାହୁଁ । ଯେଉଁମାନେ କୃତକାର୍ଯ୍ୟ ହୋଇଛନ୍ତି ତାଂକଠାରୁ ଆମେ ଶିଖିବା ଉଚିତ୍ । ଯଦି ଗୋଟିଏ ନମୁନା ଆମ ପଦ୍ଧତିରେ ଖାପ ନ ଖାଏ, ତେବେ ଆମେ ଏକ ନୂତନ ନମୁନାକୁ ବିଚାରକୁ ନେବା ଦରକାର । ସେହି ବେଖାପ ରାସ୍ତାରେ ଯିବା ବାଞ୍ଛନୀୟ ନୁହେଁ । ଯେତେବେଳେ ଆମେ ଜାଣିବୁ ଯେ, ଆମେ ଅଗ୍ରଗତି କରିବାରେ ବିଫଳ ହୋଇଛୁ, ସେତେବେଳେ ଆମକୁ ଆମ ମତ ବଦଳାଇବାକୁ ହେବ ଏବଂ ପ୍ରଗତିର ଆହ୍ୱାନ-ଗୁଡ଼ିକୁ ଅନ୍ୟ ଦିଗରେ ନେବାକୁ ହେବ ।

ଆମକୁ ଦେଖିବାକୁ ହେବ ଯେ, ତାଲିମ ପ୍ରାପ୍ତ ବ୍ୟକ୍ତିମାନେ ସର୍ବୋପରି ନିଯୁକ୍ତହୋଇ ପରିବର୍ତ୍ତନ ଆଣିବାରେ ସଫଳ ହେଉଛନ୍ତି । ଆଜି ଆମେ ଆମର ମୁଖ୍ୟ କଳ କାରଖାନା ଗୁଡ଼ିକର ପରିଚାଳନା ନିମନ୍ତେ ପ୍ରାୟ ଅଶିକ୍ଷିତ ଓ ନିରକ୍ଷର ବ୍ୟକ୍ତିଙ୍କୁ ନିଯୁକ୍ତି କରୁଛୁ । ସେଗୁଡ଼ିକ ମଧ୍ୟରେ ଶକ୍ତି ଉତ୍ପାଦନ କେନ୍ଦ୍ର, ସରକାରୀ ଉଦ୍ୟୋଗ ଓ ଭାରୀ ଶିଳ୍ପମାନ ଅନ୍ତର୍ଭୁକ୍ତ । ଆଗାମୀ ଦିନଗୁଡ଼ିକରେ କଣ ଏଗୁଡ଼ିକ ରହିବା ଉପଯୁକ୍ତ ହେବ ? ଆସନ୍ତା ୫ ବା ୧୦ ବର୍ଷ ମଧ୍ୟରେ ପ୍ରତିଷ୍ଠିତ ହେବାକୁଥିବା ଶକ୍ତି ଉତ୍ପାଦନ କେନ୍ଦ୍ର ଗୁଡ଼ିକ କଣ ଏହିଭାବେ ଚାଲିବ ? ଏଥିରୁ କଣ ପ୍ରଭୃତ ପରିମାଣର ଇଲେକ୍‌ଟ୍ରୋନିକ୍ସ ଉତ୍ପାଦିତ ହେବ ? ଏଗୁଡ଼ିକୁ କଣ କଂପ୍ୟୁଟର ନିୟନ୍ତ୍ରଣ କରିବ ? ଏହା କଣ ମାଇକ୍ରୋପ୍ରୋସେସର ଦ୍ୱାରା ନିୟନ୍ତ୍ରିତ ହେବ ? ସେହି ବ୍ୟକ୍ତିମାନେ କଣ ଏଗୁଡ଼ିକୁ ପରିଚାଳନା କରିବାରେ ସମର୍ଥହେବେ ? ୧୯୯୦ ଓ ୨,୦୦୦ ଦଶକରେ କିପରି ଆମ ଶ୍ରମିକ ଶ୍ରେଣୀଙ୍କୁ ଆମର ଶିଳ୍ପଗୁଡ଼ିକର ଚାଳନା ନିମନ୍ତେ ଶିକ୍ଷିତ କରାଇବୁ, ଏ ବିଷୟ ଆମକୁ ନିଶ୍ଚୟ ଚିନ୍ତା କରିବାକୁ ହେବ । ଜଣେ ବଢ଼େଇକୁ ଭଲ ବଢ଼େଇଟିଏ କରାଇବା ବେଳେ ବୃତ୍ତିଗତ ଶିକ୍ଷାର ଉଦ୍ଦେଶ୍ୟ ନୁହେଁ । ଏହାର ଲକ୍ଷ୍ୟ ଆହୁରି ଅଧିକ ହେବା ଆବଶ୍ୟକ । ଏ ଶତାବ୍ଦୀର ଶେଷବେଳକୁ ଜଣେ ସାଧାରଣ ଶ୍ରମିକର ଭୂମିକା କଣ ହେବା ଆବଶ୍ୟକ ଆଜି ସେ ଭୂମିକା ନିଭାଇବା ନିମନ୍ତେ ଆମ ପିଲାମାନଙ୍କୁ କିପରି ପ୍ରସ୍ତୁତ କରାଇବା ?

## ପ୍ରତିଭାର ଦେଶତ୍ୟାଗ

ବ୍ରେନ ଡ୍ରେନ ସହ ମଧ୍ୟ ଆମର ସମସ୍ୟା ଜଡ଼ିତ । ପ୍ରତିଭାଙ୍କର ଦେଶତ୍ୟାଗ ନିମନ୍ତେ ଆମେ ଚିନ୍ତିତ ହେବା ଅନାବଶ୍ୟକ । ଆମ ଦେଶରେ ଅଧିକ ପ୍ରତିଭାବାନ୍ ବ୍ୟକ୍ତିଙ୍କର ସୃଷ୍ଟି ନିମନ୍ତେ ଚିନ୍ତା କରିବା ଦରକାର । ଆଉ ମୁଁ ନିଶ୍ଚିତଭାବେ ଜାଣେ ଯେ, ଭାରତରେ ବିଶ୍ୱର ସର୍ବଶ୍ରେଷ୍ଠ ପ୍ରତିଭାମାନେ ବି ଅଛନ୍ତି । ଆମେ, ସେହି ପ୍ରତିଭାମାନେ କାର୍ଯ୍ୟ କରିପାରିବାଲାଗି ଦେଶରେ ଅନୁକୂଳ ବାତାବରଣ ସୃଷ୍ଟି କରିବା ଦରକାର । ଆମେ ନିଶ୍ଚିତଭାବେ ଜାଣୁ ଯେ, ଏହି ପ୍ରତିଭାମାନେଙ୍କ ମଧ୍ୟରୁ କେତେକ ବିଦେଶଯିବେ ଓ ଅଭିଜ୍ଞତା ଲାଭକରି ପୁଣି ଆମର ସୁବିଧା ଲାଗି ଫେରି ଆସିବେ ।

କଲେଜ ଛାଡ଼ିବା ମାତ୍ରେହିଁ ଆପଣମାନଙ୍କର ଶିକ୍ଷା ଏବଂ ତାଲିମର ପରିସମାପ୍ତି ଘଟେନାହିଁ । ଏହା ଏକ ଅନବରତ ପ୍ରକ୍ରିୟା । କାମ କରିବା ସହ ଆପଣ କିଛି ନା କିଛି ଶିଖୁଥିବା ବି ଦରକାର । ଯଦି କୌଣସି ବୈଜ୍ଞାନିକ, ଚିକିତ୍ସକ ବା ଇଂଜିନିୟର ୫୦ ବା ୬୦ ବର୍ଷ ବୟସରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ଆମର ସେଥିରେ କିଛି କ୍ଷତି ନାହିଁ । ଭାରତ ବାହାରେ ତାଙ୍କର ଅର୍ଜିତ ଅଭିଜ୍ଞତା ଦ୍ୱାରା ଆମେ ଲାଭବାନ୍ ହୋଇ ପାରିବୁ । ସେ ଆମର ଦେଶର ହିତଲାଗି ସେ ସମସ୍ତ ଆଣି ପାରିଛନ୍ତି ବୋଲି ମନେ କରିବାକୁ ହେବ । ଆମେ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ କାର୍ଯ୍ୟ କରିବା ନିମନ୍ତେ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଗଠନ କରିବା ଦରକାର । ତାହା ସହିତ ମଧ୍ୟ ଆମକୁ ଦେଖିବାକୁ ହେବ ଯେ, ଅଧିକାଂଶ ଭାରତରେ କାମ କରୁଛନ୍ତି ବା ଭାରତକୁ ଫେରି ଆସୁଛନ୍ତି । ଗତ କିଛି ବର୍ଷ ମଧ୍ୟରେ ମୁଁ ଦେଖିଛି ଯେ, ଭାରତ ବାହାରେ ଭାରତୀୟମାନଙ୍କର ସ୍ୱଦେଶ ପ୍ରୀତି ବହୁତ ରହିଛି । ସେମାନେ ଫେରି ଆସିବାକୁ ଚାହୁଁଛନ୍ତି । ଏଗୁଡ଼ିକ ଆମେ ନିଜର କ୍ଷତିବୋଲି ବିଚାରିବା ଉଚିତ୍‌ନୁହେଁ । ଏଣୁ ଆମେ ଏହାକୁ ପ୍ରତିଭା ପଳାୟନ ପରିବର୍ତ୍ତେ ପ୍ରତିଭା ଗଛିତକରଣ ଭାବିବା ଦରକାର । ଏପରି ହେବା ବଢ଼ି ବଢ଼ି ଯାଉଛି ଓ ଦିନେ ଆମେ ଦେଖିବା ଯେ, ଏହା ଭାରତର ପୁଂଜି ହୋଇଯାଇଛି ।

## ପାରଦର୍ଶୀତାର ଗୁରୁତ୍ୱ

ସମୂହ ଶିକ୍ଷାର ପାରଦର୍ଶିତାର ଗୁରୁତ୍ୱ କମି କମି ଯାଉଛି । ଏପରି ବସ୍ତୁ ଯେ ଥିଲା ତାହା ଆମେ ଭୁଲି ଯାଉଛୁ । ପ୍ରତ୍ୟେକ ଜିନିଷକୁ ମଧ୍ୟମ ସ୍ତର ବା ତାଠାରୁ କମ୍‌କରି ଦିଆଯାଉଛି ।ଏହାର

ନିଶ୍ଚିତ ପରିବର୍ତ୍ତନ ଆବଶ୍ୟକ । ଏହା ଏପରି ଜିନିଷ ଯାହା ଆପଣମାନଙ୍କୁ ବର୍ତ୍ତମାନ ବା କିଛି ମାସ ମଧ୍ୟରେ ମୁକାବିଲା କରିବାକୁ ହେବ । ଆମେ ମଡ଼େଲ ସ୍କୁଲ, ପାରଦର୍ଶିତା କେନ୍ଦ୍ର ଗୁଡ଼ିକର ବିକାଶ ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରିଛୁ, ଯାହାକୁ ଭିତ୍ତିକରି ଆମେ ଆଶାକରୁ ଯେ, ଆଗାମୀ ପଂଚବାର୍ଷିକ ଯୋଜନା ମଧ୍ୟରେ ଏପରି ସ୍କୁଲଗୁଡ଼ିକ ଖୋଲଯିବ । ମାତ୍ର ପଦ୍ଧତିର ଅନ୍ୟଦିଗ ପ୍ରତି ଏହା ଏକ ଆହ୍ୱାନ ସ୍ୱରୂପ, ଯାହା ନିଜର ସ୍କୁଲ ସ୍ତର ଏ ପର୍ଯ୍ୟନ୍ତ ପହଂଚିବାରେ ଚେଷ୍ଟିତହେବ । ସମଗ୍ର ଶିକ୍ଷା ପଦ୍ଧତି କିପରି ଏହା ସହିତ ଉର୍ଦ୍ଧ୍ୱକୁ ଉଠିପାରୁଛି ତାହା ଆପଣମାନଙ୍କୁ ଦେଖିବାକୁ ହେବ । ପାରଦର୍ଶିତା ବିନା କୌଣସି ଅନୁକୂଳ ସାଫଲ୍ୟ ଅର୍ଜନ କରିହେବ ନାହିଁ ।

ପରୀକ୍ଷାଗୁଡ଼ିକ ସମସ୍ତ ବିଦ୍ୟାର୍ଥୀମାନଙ୍କ ନିମନ୍ତେ ଏକ ବୋଝରୂପେ ପରିଗଣିତ ହେଲଣି । ଯଦି ପ୍ରତ୍ୟେକ ଛାତ୍ର ଡିଷ୍ଟିଂସନ ପାଇବେ ତେବେ ତୃତୀୟ ଶ୍ରେଣୀ ଓ ଡିଷ୍ଟିଂସନ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ କି ? ଆଜିପରି ପରିପ୍ରେକ୍ଷୀ ଚିଷ୍ଟି ରହିବା କଣ ଯଥେଷ୍ଟ ହେବ କି ? ଯେତେବେଳେ ଆମେ କୌଣସି ପ୍ରଣାଳୀ ବିଷୟନେଇ ଭାବୁ, ତାହା କେବଳ ଆଜିର ଆବଶ୍ୟକତାନେଇ ଚିନ୍ତା କରିବା ଉଚିତ୍ ନୁହେଁ । ୧୯୮୬ ମସିହାରେ ଆମେ ଯେଉଁ ପ୍ରସ୍ତାବ ହାତକୁନେବୁ ସେଥିରେ ସମୟ ସୀମାବୋଲି କିଛି ଉଲ୍ଲେଖ ନଥିବା । ଭାରତ ତଥା ଭାରତ ବାହାରେ ଯେଉଁ ସମସ୍ତ ପରିବର୍ତ୍ତନ ଘଟୁଛି ସେ ସବୁକୁ ସମ୍ବଳକରି ଏହା ପ୍ରସ୍ତୁତ ହେବ । ଏହା ଖୁବ୍ ନମନୀୟ ଓ ସମାଲୋଚନା ମୁକ୍ତହେବ ଏବଂ ସମସ୍ତ ଦୃଷ୍ଟିକୋଣରୁ ଏହା ଗ୍ରହଣୀୟ ହେବ ।

## ଜାତୀୟ ଆବଶ୍ୟକତା ଓ ମୂଲ୍ୟବୋଧ

ଏକ ଶିକ୍ଷା ପ୍ରଣାଳୀର ଦୁଇଟି ମୌଳିକତା ରହିଛି । ପ୍ରଥମ ହେଲା କଣ ଏହା ଭାରତୀୟ ଧର୍ମ ନିରପେକ୍ଷତା, ଗଣତାନ୍ତ୍ରିକ, ସମାଜବାଦୀ ସାମାଜିକ ମୂଲ୍ୟବୋଧ ହାସଲ ଦିଗରେ ସକ୍ଷମ ହେବ ? ଦ୍ୱିତୀୟରେ–କଣ ଏହା ଆମ ଦେଶ-ବାସୀଙ୍କ ହୃଦୟରେ ସତ୍ୟ ଓ ଅହିଂସାର ଭାବ ଜାଗ୍ରତ କରାଇବ ? ଏହିପରି ପ୍ରଶ୍ନକୁ ଗୁଡ଼ିକର ଉତ୍ତର ଦେବା ନିହାତି ଆବଶ୍ୟକ । କଣ ଏହା ସମାଜର ସର୍ବନିମ୍ନ ଶ୍ରେଣୀ ଯାଏ ପହଞ୍ଚି ପାରିବ ବା କୌଣସି ସାମାଜିକ ଓ ଅର୍ଥନୈତିକ ଶ୍ରେଣୀକୁ ଏହାକୁ ଅତିକ୍ରମ କରିବା ପାଇଁ ଅସୁବିଧା ହେବ । କଣ ଏହା ପ୍ରତ୍ୟେକ ନାରୀ, କିଶୋରୀ, ତଫସିଲ ଭୁକ୍ତ ପ୍ରତ୍ୟେକ ଜାତି ଓ ଉପଜାତିର ସଦସ୍ୟ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ବ୍ୟକ୍ତି-ମାନଙ୍କ ପାଖରେ ପହଞ୍ଚି ପାରିବ? କଣ ଏହା ସେମାନଙ୍କୁ ନିଜର ମେଧାର ଉପଯୋଗ ନିମନ୍ତେ ସଂପୂର୍ଣ୍ଣ ସହାୟତା ହେବ ? କଣ ଏହା ସମାଜରେ ସ୍ଥିରତା ନା ସାମାଜିକ ଅସ୍ଥିରତା ସୃଷ୍ଟି କରିବ ? ସମାନତା ସୁଯୋଗ ନିମନ୍ତେ ଥିବା ସମସ୍ୟାଗୁଡ଼ିକର ଭାର ଆମକୁହିଁ ବହନ କରିବାକୁ ହେବ । ଶିକ୍ଷା ପ୍ରଣାଳୀ ଦ୍ୱାରା ସାମାଜିକ ଅସ୍ଥିରତାଗୁଡ଼ିକର ନିଶ୍ଚିତ ସମାଧାନ ହେବ । ଏଥିନିମନ୍ତେ ଆପଣଙ୍କୁ ନିଶ୍ଚୟ ଚିନ୍ତା କରିବା ଦରକାର ।

ଜନସଂଖ୍ୟା ବୃଦ୍ଧି ଆମ ଅର୍ଥନୈତିକ ପ୍ରଗତିର ସୀମିତ ହେବାର ମୁଖ୍ୟ କାରଣ ଅଟେ । ଏହା ଛଡ଼ା, ଯେଉଁଠି ବିଶେଷକରି ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହୋଇଛି, ସେଠାରେ ଜନ୍ମହାର ଆଶ୍ଚର୍ଯ୍ୟଜନକଭାବେ ହ୍ରାସ ପାଇଛି । ତେଣୁ ବିଦ୍ୟାଳୟରେ ପାଠପଢ଼ାଠାରୁ ଶିକ୍ଷା ଯଥେଷ୍ଟ ଅଗ୍ରଗତି କରି ପାରିଛି । ସମାଜରେ ମୂଲ୍ୟବୋଧର ବିକାଶ ମଧ୍ୟ ଆମର ଏକ ମୌଳିକ ସମସ୍ୟା । ଶିକ୍ଷିତ ବ୍ୟକ୍ତିଙ୍କର ବିକାଶରେ ହିଁ ଆମେ ନିଜର ସମାଧାନର ପନ୍ଥା ବାହାର କରିପାରିବୁ । ଆମେ ଆତ୍ମନିର୍ଭରଶୀଳତା ବିଷୟରେ କହିଥାଉ କିନ୍ତୁ ଆଜି ଆତ୍ମନିର୍ଭରଶୀଳତାର ଅର୍ଥ କଣ ? ଏହାର ଅର୍ଥ ହେଲା ଆମେ ଲାଇସେନସ୍ ପାଇଁ କିଛି ତିଆରି କରୁଛୁ ଯାହାର ଆଗରୁ ବିକାଶ ହୋଇ ସାରିଛି । ଯେଉଁ ବିଜ୍ଞାନୀ ଓ ବୈଷୟିକ ତତ୍ତ୍ୱବିତ୍‌ମାନେ ଭାରତରେ ବୈଷୟିକ ଜ୍ଞାନକୁ ମାର୍ଜିତ କରିଛନ୍ତି ମୁଁ ସେମାନଙ୍କ ବିଷୟରେ ପୁନଃ ଉତ୍‌ଥାପନ କରିବାକୁ ଚେଷ୍ଟା କରୁନାହିଁ । କିନ୍ତୁ ଯେଉଁ କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ହୋଇନାହିଁ ସେଥିପାଇଁ ମଧ୍ୟ ଖୁବ୍ ଭଲ ବ୍ୟକ୍ତି ଅଛନ୍ତି । ବିକାଶର ସୀମା ନିକଟକୁ ଆମେ ଲାଗି ଆସି ପାରିଛୁ । ମାତ୍ର, ଅନ୍ତ ବହୁତେ ଆମର ଆତ୍ମ ନିର୍ଭର-ଶୀଳତା, ଅନ୍ୟମାନେ ଯାହା ତିଆରି କରି ସାରିଛନ୍ତି ତା ସହିତ ସୀମିତ ଅଛି । ଏହା ମଧ୍ୟ ଆମ ସମସ୍ୟାର ସମାଧାନର ସୂତ୍ର ନିମନ୍ତେ ଉଭୟ ଚିନ୍ତାଧାରା ଓ ସମାଧାନରସୂତ୍ର ସର୍ବ ମଧ୍ୟ ସୀମିତ ।

## ଭାରତୀୟ ମନୋଭାବର ବିକାଶ

ଆମ ଶିକ୍ଷା ପ୍ରଣାଳୀ ଏକ ଭାରତୀୟ ମନୋଭାବର ବିକାଶ ଲାଗି ଉଦିଷ୍ଟ ହେବା ଦରକାର । ବୁଦ୍ଧିଜୀବୀ କ୍ଷେତ୍ରରେ ଚିନ୍ତାଧାରାରେ ଔପନିବେଶକୀୟ ନ ହୋଇ ଅଧିକ ଅଗ୍ରଗାମୀ ହେବା ଦରକାର । ଆମେ ଏହାକୁ ଏପରି କରିବା ଦରକାର ଯେ, ଯାହାଫଳରେ ସମାଧାନର ପନ୍ଥାଗୁଡ଼ିକ ବାହାରୁ ନ ହୋଇ ଭାରତରେହିଁ ମିଳି ପାରିବ । ମୁଁ ଏହି ମୌଳିକ ବିଷୟ ଗୁଡ଼ିକରେହିଁ କହିବାକୁ ଚାହେଁ । ଏହାଛଡ଼ା ଆହୁରି ଅନେକ ଗୁଡ଼ିଏ ଛୋଟ ବଡ଼ ପ୍ରଶ୍ନମାନ ଅଛି, ଯାହାକି ମୁଁ ଆଲୋଚନା କରିବାକୁ ଯାଉନାହିଁ । ମୁଁ ଭାବୁଛି ଆବଶ୍ୟକ ସମୟଠାରୁ ମୁଁ ଅଧିକ ନେଇ ସାରିଛି । ଅନ୍ୟ ଏକ ପ୍ରଶ୍ନ ହେଲା ଉଚ୍ଚ ଶିକ୍ଷା କେତେ ପରିମାଣରେ ନିୟନ୍ତ୍ରିତ ହେବ । କେତେଜଣଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ଯିବେ ଓ କେତେ ଯିବେ ନାହିଁ । ଘରୋଇ ତଥା ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ଦିଆଯାଉ ପାରୁଥିବା ସଂସ୍ଥାମାନଙ୍କ ଦ୍ୱାରା ଏହା ଦିଆଯିବା ଦରକାର କି ? କେଉଁ ସ୍ତରରେ ଏହା ବୃତ୍ତିଗତ କରଣୀୟ ହେବା ଦରକାର ? ଏଗୁଡ଼ିକର ସଫଳତା ଅବଶ୍ୟ ସମାଜ ଉପରେ ନିର୍ଭର କରେ । ଆମର ତରୁଣ ବଂଶଧରମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ଆମେ ସରବରାହ ସଂସ୍ଥାକୁ କିପରି ନିୟୋଜିତ କରିବା ? ଶିକ୍ଷା ରାଜନୈତିକ ପ୍ରଭାବରୁ ମୁକ୍ତ ହେବା ନିମନ୍ତେ ତାର ଢାଞ୍ଚା କିଭଳି ହେବା ଦରକାର । ଶିକ୍ଷକଙ୍କ କମିଶନଙ୍କ ରିପୋର୍ଟକୁ ଭିତ୍ତି କରି କିପରି ଆମେ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଶାସନିକ ସଂସ୍କାର କରିବା ଦରକାର । ଅଧିକ ସାଫଲ୍ୟ ନିମନ୍ତେ ନିମ୍ନ ଡିଗ୍ରୀ ଯୋଗ୍ୟତା-ଧାରୀମାନଙ୍କ ଲାଗି କିପରି ଯୋଜନା କରାଯିବା ଦରକାର ଯାହା ଫଳରେ କି ସେମାନେ ବୃତ୍ତିକୀୟ ଜ୍ଞାନ ସହ ଅନ୍ୟାନ୍ୟ

କୌଶଳ କାର୍ଯ୍ୟ କ୍ଷେତ୍ରରେ ଅବଲମ୍ବନ କରିପାରିବେ । କିପରି ଜଣେ ଛାତ୍ର ତାର ପୁସ୍ତକୀୟ ଜ୍ଞାନକୁ ବୃତ୍ତିଗତ ପାଠ୍ୟକ୍ରମ ସହ ଯୋଡ଼ି ପାରିବ । ୧୦+୨+୩ ପ୍ରଣାଳୀ କ'ଣ ସଫଳ ହୋଇଛି ? ଯଦି କିଛି ଏଥିରେ ଅସୁବିଧା ଅଛି, ସେଗୁଡ଼ିକ ସୁଧାରିବାରେ ଆମେ ଅକୃତକାର୍ଯ୍ୟ ହୋଇଛୁ କି ? ରୂପାନ୍ତରିତ କରିବା ପଦ୍ଧତିରେ କୌଣସି ତ୍ରୁଟି ବିଚ୍ୟୁତି ଅଛି କି ?

## ଅନ୍ୟମାନଙ୍କୁ ସାହାଯ୍ୟ

ମୁଁ ଆପଣମାନଙ୍କୁ କହିସାରିଛି ଯେ, ଶିକ୍ଷା ନିମନ୍ତେ ଆମର କିଛି ଅର୍ଥ ପୃଥକ୍ ଅଛି । କିନ୍ତୁ କଥା ହେଲା ସେତକ ମଧ୍ୟ ଯଥେଷ୍ଟ ହୋଇ ନ ପାରେ । ପହଞ୍ଚିଥିବା ଅର୍ଥର ସଦ୍ଵ୍ୟବହୃତ ଉପଯୋଗ ବାଞ୍ଛନୀୟ । ବିଦ୍ୟାଳୟ ଗୃହଗୁଡ଼ିକର ସୁବିଧା ଅସୁବିଧା ମଧ୍ୟ ଦେଖାଯିବା ଦରକାର । ଏଥି ନିମନ୍ତେ ଦୁଇଟି ନିଶ୍ଚିତ ପଥ ଅଛି । ଆମକୁ ଗ୍ରହଣ କରିବାକୁ ହେବ ଯେ, ଆମେ କେବଳ ମୌଳିକ ଶିକ୍ଷା ଆମ୍ବ ଗଛ ମୂଳରେ ମଧ୍ୟ ଦେଇ ପାରିବୁ । ଏହା ଫଳରେ ଶିକ୍ଷା ଦାନର ମୂଲ୍ୟବୋଧ ତଳକୁ ଖସି ଯିବ ନାହିଁ । ସବୁ ଦୃଷ୍ଟିରୁ ଅର୍ଥାତ୍ ପରିଷ୍କାର ଗୃହ, ଉତ୍ତମ ଶୌଚାଳୟ ଇତ୍ୟାଦି ସହ ଯେତେବେଳେ ଏକ ବିଦ୍ୟାଳୟ ଗଠିତ ହୁଏ ଗ୍ରାମର ଉନ୍ନତି ତଥା ଆଧୁନିକୀକରଣର ଏହା ଏକ ପ୍ରାଣକେନ୍ଦ୍ର ହୋଇ ଉଠେ । ପ୍ରକୃତ ପକ୍ଷେ ଅଗ୍ରଗତି ନିମନ୍ତେ ସମଗ୍ର ଗ୍ରାମକୁ ଏହା ପ୍ରେରଣା ଯୋଗାଇଥାଏ । ଅବଶ୍ୟ ସମସ୍ତ ଗ୍ରାମରେ ଏପରି ବିଦ୍ୟାଳୟ ପ୍ରତିଷ୍ଠା କରିବା ଆମ ସମ୍ବଳର ବାହାରେ । ଆମକୁ ଏଥିଲାଗି ଏକ ବୁଝାମଣା କରିବାକୁ ହେବ । କେବଳ ଶିକ୍ଷକ ଓ ଆମ୍ବ ଗଛ ଯୋଗାଇ ତରୁଣ ଗୋଷ୍ଠୀକୁ ଶିକ୍ଷିତ କରିବାର ଛଳନା ଆମେ କରିବା ଉଚିତ୍ ନୁହେଁ ।

## କେନ୍ଦ୍ର-ରାଜ୍ୟ ସଂପର୍କ

ଶିକ୍ଷା ସଂପର୍କିତ କେନ୍ଦ୍ର-ରାଜ୍ୟ ସଂପର୍କର ସମସ୍ୟା ସମାଧାନ ସବୁଠାରୁ କଷ୍ଟକର ବ୍ୟାପାର । ଆମର ଶିକ୍ଷାର ବିକାଶ ଲାଗି ରାଜ୍ୟ ଓ କେନ୍ଦ୍ରର ପୁଞ୍ଜି କିପରି ଠିକରୂପେ ଖର୍ଚ୍ଚ ହେବ ତାହା ଆମକୁ ଦେଖିବାକୁ ହେବ । ସବୁଠାରୁ ମୁଖ୍ୟ ବିଷୟ ହେଉଛି ଶିକ୍ଷକ । ଉତ୍ତମ ଶିକ୍ଷକ ଉତ୍ତମ ଛାତ୍ର ଉପରେ ହିଁ ନିର୍ଭର କରେ । କଥା ଅଛି ଯେ, "ଜଣେ ମଧ୍ୟମ ଧରଣର ଶିକ୍ଷକ କହନ୍ତି, ଜଣେ ଭଲ ଶିକ୍ଷକ ବୁଝାନ୍ତି, ଜଣେ ବେଶୀ ଭଲ ଶିକ୍ଷକ ପରୀକ୍ଷା କରି ଦେଖାନ୍ତି, ଓ ଅସାଧାରଣ ଶିକ୍ଷକ ପ୍ରେରଣା ଦିଅନ୍ତି" । ଆମକୁ ପ୍ରେରଣା ଦେଇ ପାରୁଥିବା ଭଳି ଶିକ୍ଷକଙ୍କର ଆବଶ୍ୟକ । ସେଥିପାଇଁ ଆମକୁ କାର୍ଯ୍ୟ କରିବାକୁ ହେବ । ଆମର ଲକ୍ଷ୍ୟ ବିଦ୍ୟାଳୟଗୁଡ଼ିକରେ କେନ୍ଦ୍ରୀଭୂତ ହେୟ ପୂର୍ବରୁ ମୁଁ ଭାବେ ଯେ, ଏହା ଆଗରୁ ଆମର ଲକ୍ଷ୍ୟ ଶିକ୍ଷକଙ୍କ ତାଲିମ, ପଦୋନ୍ନତି, ଶିକ୍ଷା ଓ ରିଫ୍ରେସରପାଠ୍ୟକ୍ରମ ପ୍ରତି ଅଧିକ କେନ୍ଦ୍ରୀଭୂତ ହେବା ଦରକାର ।

ପରିଶେଷରେ ମୁଁ ଆଶାକରେ ଯେ, ଆପଣମାନେ ଆଗାମୀ କିଛି ମାସରେ ଏ ଆଲୋଚନାରେ ଆଗୁଆ ହୋଇ ଅଂଶ ଗ୍ରହଣ କରିବେ, କାରଣ ତାରି ଫଳରେ ହିଁ ଆମର ଲକ୍ଷ୍ୟ ହାସଲ ହେବ । ଋକ୍ ବେଦ ଅନୁସାରେ "ଶିଖିବା ଓ ସାର୍ବଜନୀନ ଲକ୍ଷ୍ୟ ହାସଲ ପାଇଁ ଆସ ମିଳିମିଶି ଆଗେଇବା, ମିଳିମିଶି ସ୍ଵର ଉତ୍ତୋଳନ କରିବା, ଆସ ।"



ଲେଖକ ଶାମୁଖପର ବାର୍ଷିକ ଅଧିବେଶନରେ ମୁଖ୍ୟମନ୍ତ୍ରୀ ..........

# ଓଡ଼ିଶା ସରକାରଙ୍କର ସଂସ୍ଥା
# ଆପଣଙ୍କ ସେବାରେ



ଆଦିବାସୀଙ୍କ ଉତ୍ପାଦିତ
ଫଳ ସମ୍ଭାରରୁ

**ଉପକୃଷି ନିର୍ଦ୍ଦେଶକ [ଫଳ ସଂରକ୍ଷଣ] ଓଡ଼ିଶା**
**ଭୁବନେଶ୍ୱର-୯ ଫୋନ-୫୦୨୯୩**



# ଦାରିଦ୍ର୍ୟ ଦୂରୀକରଣ ପାଇଁ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଜାତୀୟ ଉନ୍ନୟନ ପରିଷଦର ଏହି ବୈଠକ ଏକ ଐତିହାସିକ ଘଟଣା । ଆମ୍ଭେମାନେ ସପ୍ତମ ଯୋଜନାର ଆଭିମୁଖ୍ୟ ଚୂଡ଼ାନ୍ତ କରିବା ନିମନ୍ତେ ଏଠାରେ ଏକତ୍ରିତ ହୋଇଅଛୁଁ । କାରଣ ଏହି ବୈଠକର ଚିନ୍ତାଧାରା ଏ ଜାତିକୁ ଏକବିଂଶ ଶତାବ୍ଦୀ ଆଡ଼କୁ ଗତି କରିବା ଦିଗରେ ସହାୟକ ହେବ । ଦେଶର ବିକାଶ, କର୍ମ ନିଯୁକ୍ତି, ଉତ୍ପାଦନ କ୍ଷମତା ଓ ବୈଷୟିକ ଅଗ୍ରଗତି ସମ୍ପର୍କରେ ଏକ ସମତୁଲ ନକ୍ସା ପ୍ରଣୟନ କରାଯାଇ ଥିବାରୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନୀୟ ଓ ଯୋଜନା କମିଶନ ମଧ୍ୟ ଧନ୍ୟବାଦର୍ହ । ଏଥିରେ କୃଷି ଉତ୍ପାଦନ, ମୌଳିକ ଭିତ୍ତିଭୂମି, ଶକ୍ତି, ଦାରିଦ୍ର୍ୟ ମୋଚନ, ଜନ ସମ୍ପଦର ବିକାଶ, କର୍ମ ନିଯୁକ୍ତି ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଗୁରୁତ୍ୱ ଆରୋପ କରାଯାଇଛି । ଏହି ଉନ୍ନୟନ-ମୂଳକ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପୂର୍ବ ନିର୍ଦ୍ଧାରିତ ଲକ୍ଷ୍ୟ ସହିତ ସମତା ରଖି କରାଯାଇଛି । ସମ୍ବଳ ଉପରେ ଗୁରୁତର ଚାପ ସତ୍ତ୍ୱେ ବିଭିନ୍ନ ଯୋଜନା ମଧ୍ୟରେ ଅଗ୍ରାଧିକାର ଦିଆ ଯାଉଥିବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ଲାଗି ଏକ ସୁନ୍ଦର ସମନ୍ୱୟ ପ୍ରତିଷ୍ଠା କରାଯାଇ ପାରିଛି ।

ପଣ୍ଡିତ ନେହେରୁ' ଏ ଦେଶରେ ଯୋଜନାର ପ୍ରକ୍ରିୟା ଆରମ୍ଭକରି ଏକ ସମତୁଲ ଅର୍ଥନୈତିକ ବିକାଶର ମୂଳଦୁଆ ସ୍ଥାପନ କରିଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହି ମୂଳଦୁଆକୁ ସୁଦୃଢ଼ କରି ତା' ଉପରେ ଆତ୍ମ ନିର୍ଭରଶୀଳତା, ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ନ୍ୟାୟର ଅନୁପମ ସୌଧ ନିର୍ମାଣ କରିଥିଲେ । ଆମର ଅର୍ଥନୈତିକ ଧାରାକୁ ଆହୁରି ସକ୍ରିୟ ଓ ଆଧୁନିକୀକରଣ କରି ସାହାସ ଓ ଦୃଢ଼ତାର ସହ ଦେଶକୁ ଆଗାମୀ ଶତାବ୍ଦୀ ଆଡ଼କୁ ଆଗେଇ ନେବା ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି । ପ୍ରଧାନମନ୍ତ୍ରୀ ହିସାବରେ ଦାୟିତ୍ୱ ଗ୍ରହଣ କରିବାର ଏକବର୍ଷ ମଧ୍ୟରେ ପ୍ରଶାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଦେଶର ସର୍ବାଙ୍ଗୀନ ବିକାଶ ନିମନ୍ତେ ଅନେକଗୁଡ଼ିଏ ସାହସିକ ତଥା ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି ଓ ଏହା ଫଳରେ ଆମର ଯୋଜନା ପ୍ରକ୍ରିୟାରେ କେଉଁ ବିଷୟକୁ ଅଗ୍ରାଧିକାର ଦିଆଯିବ, ତାହା ଅନୁଭୂତ ହେଉଛି । ଏହି ପଦକ୍ଷେପଗୁଡ଼ିକ ଯୁବ ସମ୍ପ୍ରଦାୟକୁ ସର୍ଶ କରିପାରିଛି, ଜାତିକୁ ଅନୁପ୍ରାଣିତ କରିଛି ।

ଆଞ୍ଚଳିକ ଅର୍ଥନୈତିକ ବୈଷମ୍ୟ କ୍ରମଶଃ ଦୂରକରିବା ଆମର ମୂଳ ଲକ୍ଷ୍ୟ । ଯୋଜନାର ତିନିଦଶନ୍ଧି ମଧ୍ୟରେ ଅନଗ୍ରସର ରାଜ୍ୟଗୁଡ଼ିକରେ ବହୁ ପ୍ରଗତି ସାଧିତ ହେଉଛି । ଏଥି ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରଣୀତ ନୀତି ଓ ରାଜ୍ୟଗୁଡ଼ିକର ଅକ୍ଳାନ୍ତ ଉଦ୍ୟମ ପ୍ରଣିଧାନଯୋଗ୍ୟ । ତଥାପି ଏବେ ମଧ୍ୟ ଅନେକ ରାଜ୍ୟ ଦେଶର ଅନ୍ୟାନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ବହୁ ପଛରେ ପଡ଼ି ରହିଛି । ଅନଗ୍ରସର ଓ ପ୍ରଗତିଶୀଳ ରାଜ୍ୟଗୁଡ଼ିକ ମଧ୍ୟରେ ବହୁ ତାରତମ୍ୟ ଅଛି । ସମାଜବାଦ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଆଞ୍ଚଳିକ ବୈଷମ୍ୟ ଦୂର କରିବା ନିମନ୍ତେ ଫଳପ୍ରଦ ଭାବେ ଉଦ୍ୟମ ଚାଲିଛି । ଅନଗ୍ରସର ରାଜ୍ୟଗୁଡ଼ିକ ସେମାନଙ୍କ ପ୍ରବଳ ଉଦ୍ୟମ ସତ୍ତ୍ୱେ ରହି ଆସିଥିବା ବ୍ୟବଧାନକୁ ପୂରଣ କରିବା ଲାଗି ସକ୍ଷମ ହୋଇ ପାରିନାହାନ୍ତି ।

## ବିକାଶ ହାର ବୃଦ୍ଧି

ଷଷ୍ଠ ଯୋଜନାକାଳ ମଧ୍ୟରେ ଓଡ଼ିଶାର ବିକାଶ ହାର ପ୍ରାୟ ଶତକଡ଼ା ୬୧ ଭାଗ ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଓଡ଼ିଶାରେ ମୁଣ୍ଡପିଛା ଆୟ ଶତକଡ଼ା ୨୫ ଭାଗ ନିମ୍ନରେ ରହିଛି । ସମଗ୍ର ଦେଶରେ ଶତକଡ଼ା ୬୦ ଭାଗ ଜଳ ସମ୍ପଦ ଉପଯୋଗ କରାଯାଉଥିବା ବେଳେ ଓଡ଼ିଶାରେ ମାତ୍ର ଶତକଡ଼ା ୨୮ ଭାଗ ଜଳ ସମ୍ପଦର ଉପଯୋଗ କରାଯାଉଛି । ସଙ୍ଗଠିତ ଶିଳ୍ପାନୁଷ୍ଠାନଗୁଡ଼ିକରେ କର୍ମ ନିଯୁକ୍ତିର ହାର ଜାତୀୟ ସ୍ତରର ଏକ ତୃତୀୟାଂଶ । ରେଳପଥ ଓ ସଡ଼କ ଭିତ୍ତିଭୂମିର ଅଭାବ ଓଡ଼ିଶାରେ ମଧ୍ୟ ପରିଲକ୍ଷିତ ହୁଏ । ରାଜ୍ୟର ଜନସଂଖ୍ୟାର ଶତକଡ଼ା ୩୮ ଭାଗ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସମ୍ପ୍ରଦାୟ । ଏହା ଦେଶର ବଡ଼ ବଡ଼ ରାଜ୍ୟ ତୁଳନାରେ ଯଥେଷ୍ଟ ଅଧିକ । ତେଣୁ ଆଞ୍ଚଳିକ ଅସମତା ଦୂର କରିବା ଲାଗି ନୂତନ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଆବଶ୍ୟକ । ରାଜ୍ୟର ଦ୍ରୁତ ପ୍ରଗତି ହାସଲ ନିମନ୍ତେ ଆସାମ, ଜାମ୍ମୁ ଓ କାଶ୍ମୀର ଭଳି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପାହ୍ୟା ଦେବା ବାଞ୍ଛନୀୟ । ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ପ୍ରଗତିଶୀଳ ରାଜ୍ୟଗୁଡ଼ିକ ଅନଗ୍ରସର ରାଜ୍ୟଗୁଡ଼ିକୁ ଅଧିକ ସମ୍ବଳ ହସ୍ତାନ୍ତର କରିବାରେ କୁଣ୍ଠିତ ହେବା ଉଚିତ ନୁହେଁ ।

ଅନଗ୍ରସର ରାଜ୍ୟଗୁଡ଼ିକର ଚାହିଦା ପରିପୂରଣ ପାଇଁ ଯଥେଷ୍ଟ କେନ୍ଦ୍ର ସମ୍ବଳ ହସ୍ତାନ୍ତର କରିବା ସମ୍ପର୍କରେ ଯେଉଁ ସଂଶୋଧିତ ଗାଡ଼୍‌ଗିଲ ସୂତ୍ର ପ୍ରଣୟନ କରାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ । ଏହାର କେତେକାଂଶ ସଂଶୋଧନ କରାଯାଇ ପାରେ ।

ପ୍ରଥମତଃ ରାଜ୍ୟଗୁଡ଼ିକରେ ଟିକସ ଧାର୍ଯ୍ୟ ପାଇଁ ଯେଉଁ ଉଦ୍ୟମ କରାଯାଉଛି, ତହିଁର ପରିବର୍ତ୍ତନ ହେବା ବାଞ୍ଛନୀୟ । ଯେଉଁ ରାଜ୍ୟଗୁଡ଼ିକରେ ବହୁସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେଖାର ତଳେ ରହିଛନ୍ତି ସେମାନେ ଗରିବ ଜନସାଧାରଣଙ୍କ ଉପରେ ଅଧିକ ଟିକସ ବସାଇବା ସମ୍ଭବପର ନୁହ ।

## ଦାରିଦ୍ର୍ୟ ମୋଚନ ପ୍ରକଳ୍ପ

ସୁତରାଂ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକମାନଙ୍କର ମୋଟ ଖର୍ଚ୍ଚକୁ ହିସାବ କରାଯାଇ ତାହା ରାଜ୍ୟର ମୋଟ ଆୟରୁ ବାଦ ଦିଆଯିବା ପରେ ଜନସାଧାରଣଙ୍କ ଉପରେ ରାଜ୍ୟରେ କେତେକ ଟିକସ ବସାଯିବ, ତାହା ରାଜ୍ୟର ନିଟ ଆୟକୁ ଭିତ୍ତିକରି ବିଚାର କରାଯିବା ଉଚିତ । ଦ୍ୱିତୀୟତଃ, ଜନସଂଖ୍ୟା ଉପରେ ଦିଆଯାଉଥିବା ଗୁରୁତ୍ୱକୁ ଶତକଡ଼ା ୬୦ ଭାଗରୁ ୫୦ ଭାଗକୁ ହ୍ରାସ କରାଯିବା ଆବଶ୍ୟକ । ସପ୍ତମ ଓ ଅଷ୍ଟମ ଅର୍ଥକମିଶନ ଜନସଂଖ୍ୟା ଉପରେ ମାତ୍ର ଶତକଡ଼ା ୨୫ ଭାଗ ଗୁରୁତ୍ୱ ଦେଇ ଅବଶିଷ୍ଟ ୭୫ ଭାଗ ପାଇଁ ଅନ୍ୟାନ୍ୟ ବିଷୟ ବିଶେଷକରି ଦାରିଦ୍ର୍ୟ ନିରାକରଣ ଉପରେ ଗୁରୁତ୍ୱ ଦେଇଥିଲେ । ତେଣୁ ଜନସଂଖ୍ୟା ପରୋକ୍ଷ ଭାବେ ଦ୍ୱିତୀୟ ସ୍ଥାନରେ ରହୁଛି, ଯାହାକି ଗାଡ଼୍‌ଗିଲ ସୂତ୍ରର ତୃତୀୟ ପର୍ଯ୍ୟାୟଭୁକ୍ତ । ତେଣୁ ଜନସଂଖ୍ୟା ଉପରେ ପ୍ରତ୍ୟକ୍ଷ ଗୁରୁତ୍ୱକୁ ହ୍ରାସ କରାଯିବା ଯୁକ୍ତିଯୁକ୍ତ । ଏହା ଫଳରେ ଜାତୀୟ ଆୟଠାରୁ ନ୍ୟୂନ ରାଜ୍ୟଗୁଡ଼ିକର ମୁଣ୍ଡପିଛା ଆୟକୁ ଭିତ୍ତିକରି ଟିକସ ବଣ୍ଟନ କରାଗଲେ ତାହାର ପରିମାଣ ଶତକଡ଼ା ୨୦ ରୁ ୩୦ ଭାଗକୁ ବୃଦ୍ଧି ପାଇ ପାରିବ ।

ଏ ସଂକ୍ରାନ୍ତରେ ଦୁର୍ବଳ ରାଜ୍ୟଗୁଡ଼ିକର ପ୍ରଗତିର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ଖୋଲା ବଜାରରୁ ଉଠା ଯାଉଥିବା ଋଣର ବହୁଭାଗ ଦୁର୍ବଳ ରାଜ୍ୟଗୁଡ଼ିକୁ ଦିଆଯିବା ଉଚିତ ।

ଏହା ବ୍ୟତୀତ ବିଭିନ୍ନ ପ୍ରକଳ୍ପ ପାଇଁ ବିଦେଶରୁ ମିଳୁଥିବା ସାହାଯ୍ୟ ବଣ୍ଟନ କ୍ଷେତ୍ରରେ ପୁନର୍ବାର ସମୀକ୍ଷା କରାଯିବା ବାଞ୍ଛନୀୟ । ବସ୍ତୁତଃ ବିଭିନ୍ନ ପ୍ରକଳ୍ପ ପାଇଁ ଯେଉଁ ପରିମାଣର ଆର୍ଥିକ ସାହାଯ୍ୟ ମିଳୁଛି, ତହିଁର ଶତକଡ଼ା ୫୦ ଭାଗ ମାତ୍ର ରାଜ୍ୟ ସରକାରମାନଙ୍କୁ ଦିଆଯାଉଛି । ତେଣୁ ନିର୍ଦ୍ଦିଷ୍ଟ ଯୋଜନା ପାଇଁ ଯେଉଁ ବୈଦେଶିକ ସାହାଯ୍ୟ ମିଳୁଛି, ତାହା ରାଜ୍ୟସରକାରମାନଙ୍କୁ ଦିଆଯିବା ଦରକାର । ପୁନଶ୍ଚ ଯୋଜନା ନିମନ୍ତେ ବୈଦେଶିକ ସାହାଯ୍ୟ ସମେତ ଯେଉଁ ଅର୍ଥ ରାଜ୍ୟଗୁଡ଼ିକୁ ଦିଆଯାଉଛି, ସେଥି ମଧ୍ୟରୁ ଶତକଡ଼ା ୭୦ ଭାଗ ଋଣ ଓ ୩୦ ଭାଗ ସାହାଯ୍ୟ ଆକାରରେ ଦିଆଯାଉଛି । ଏହା ଫଳରେ ଯେଉଁ ରାଜ୍ୟଗୁଡ଼ିକର ସାମ୍ପ୍ରତିକ ରାଜସ୍ୱ ପରିସ୍ଥିତି ପ୍ରାୟ କିଛି ନାହିଁ, ସେମାନଙ୍କ ପାଇଁ ଋଣଭାର କ୍ରମଶଃ ବଢ଼ୁଛି ଓ ସେମାନଙ୍କୁ କେନ୍ଦ୍ରୀୟ ସାହାଯ୍ୟ ପରିମାଣ କମିବାରେ ଲାଗିଛି । ସେହି ରାଜ୍ୟଗୁଡ଼ିକ ପାଇଁ ଯୋଜନା ବାବଦ ଅର୍ଥ ଶତକଡ଼ା ୩୦ ଭାଗ ଋଣ ଓ ୭୦ ଭାଗ ସାହାଯ୍ୟ ଆକାରରେ ଦିଆଯିବା ଉଚିତ ।

ରାଜ୍ୟ ଯୋଜନା ନିମନ୍ତେ ଯେଉଁ ଅର୍ଥ ମିଳିଥାଏ, ତହିଁର ବହୁଭାଗ ସ୍ୱଳ୍ପ ସଞ୍ଚୟରୁ ହିଁ ମିଳିଥାଏ । ଓଡ଼ିଶା ଭଳି ରାଜ୍ୟ ଗରିବ ଜନସାଧାରଣଙ୍କଠାରୁ ସ୍ୱଳ୍ପ ସଞ୍ଚୟ ଆକାରରେ ଅଧିକ ସମ୍ବଳ ଉଠାଇବା ପାଇଁ ଉଲ୍ଲେଖଯୋଗ୍ୟ ଭାବେ ଉଦ୍ୟମ କରିଆସିଛି । ସୁତରାଂ ଏଭଳି ରାଜ୍ୟଗୁଡ଼ିକୁ ସ୍ୱଳ୍ପ ସଞ୍ଚୟ ବାବଦରେ ଯେଉଁ ଦୁଇ ତୃତୀୟାଂଶ ଅର୍ଥ ଦିଆଯାଉଛି, ତହିଁର ପରିମାଣ ସପ୍ତମ ଯୋଜନା କାଳରେ ତିନି ଚତୁର୍ଥାଂଶ ହେବା ବାଞ୍ଛନୀୟ ।

ଖଣିଜ ଦ୍ରବ୍ୟଗୁଡ଼ିକର ଶୁଳ୍କହାର ଯଥା ସମୟରେ ଓ ନିୟମିତ ଭାବେ ସଂଶୋଧିତ ହେବା ବାଞ୍ଛନୀୟ । ଏହା ଫଳରେ ଯେଉଁ ରାଜ୍ୟଗୁଡ଼ିକ ଖଣିଜ ସମ୍ପଦରେ ସମୃଦ୍ଧ, ସେମାନେ ମୂଲ୍ୟ ବୃଦ୍ଧି ସହିତ ସମତା ରକ୍ଷାକରି ନିଜର ସମ୍ବଳ ବୃଦ୍ଧି କରିବା ପାଇଁ ସୁଯୋଗ ପାଇବେ ।

## ପ୍ରାକୃତିକ ବିପର୍ଯ୍ୟୟ

ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ରିଲିଫ୍ କାର୍ଯ୍ୟ ପାଇଁ ଯେଉଁ କେନ୍ଦ୍ରୀୟ ସାହାଯ୍ୟ ଦିଆଯାଉଛି ତାହା ଅଗ୍ରୀମ ଯୋଜନା ବ୍ୟୟ ଆକାରରେ ଦିଆଯାଉଛି । ଏ ବାବଦ ଅର୍ଥ ସଂପୂର୍ଣ୍ଣ ଭାବେ ଅନୁଦାନ ଆକାରରେ ଦିଆଯିବା ଆବଶ୍ୟକ ।

ସମ୍ବଳ ସଂଗ୍ରହ ନିମନ୍ତେ ଓଡ଼ିଶା ଉଲ୍ଲେଖଯୋଗ୍ୟ ଭାବେ ଉଦ୍ୟମ କରି ଆସିଚି ଏବଂ ସଂକ୍ରାନ୍ତରେ ଯୋଜନା କମିଶନଙ୍କୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି ତାହା କେବେ ହେଲେ ଲଂଘନ କରାଯାଇନାହିଁ । କେନ୍ଦ୍ର ସରକାର ଯେଉଁ ଅର୍ଥନୈତିକ ନୀତି ନିୟମ ଧାର୍ଯ୍ୟ କରିଛନ୍ତି ତାହାକୁ କଡ଼ା କଡ଼ି ଭାବେ ପାଳନ କରାଯାଇଛି ଓ ଏଥି ନିମନ୍ତେ ଓଡ଼ିଶାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଶଂସା କରିଛନ୍ତି । ଉପରୋକ୍ତ ଧାରା ମତେ ଯଦି ବିଚାର କରାଯାଏ ତେବେ ଉତ୍ପାଦନମୂଳକ କାର୍ଯ୍ୟକ୍ରମ ନିମନ୍ତେ ଆମେ ଅଧିକ ସମ୍ବଳ ପାଇବା ପାଇଁ ସକ୍ଷମ ହୋଇ ପାରିବା ।

ସେହିଭଳି କେନ୍ଦ୍ରୀୟ ଉଦ୍ୟୋଗ ଯୋଜନା ଏବଂ କେନ୍ଦ୍ର ସରକାରଙ୍କ ସହାୟତାରେ କରାଯାଉଥିବା କାର୍ଯ୍ୟକ୍ରମ ଜରିଆରେ କେନ୍ଦ୍ରୀୟ ଅର୍ଥ ବିନିଯୋଗ ନୀତି ପୁନଃନିର୍ଦ୍ଧାରଣ ହେବା ବାଞ୍ଛନୀୟ । ଅଭିଜ୍ଞତାରୁ ଦେଖାଯାଇଛି ଯେ ଯେଉଁ ରାଜ୍ୟଗୁଡ଼ିକରେ ଯଥେଷ୍ଟ ସମ୍ବଳ ଅଛି, ସେମାନେ ଆବଶ୍ୟକ ଅନୁପାତରେ ଅଂଶ ଦେଇ ଅନେକ କେନ୍ଦ୍ରୀୟ ଯୋଜନା ନିଜ ରାଜ୍ୟକୁ ନେବାର ସୁଯୋଗ ପାଉଛନ୍ତି । ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ରାଜ୍ୟମାନେ ଏହା କରିପାରୁ ନାହାନ୍ତି । ତେଣୁ ଯେଉଁ ଅନଗ୍ରସର ରାଜ୍ୟରେ ଜାତୀୟ ଆୟ ତୁଳନାରେ ମୁଣ୍ଡପିଛା ଆୟ ନ୍ୟୂନ ଏବଂ ଦାରିଦ୍ର୍ୟ ଅନୁପାତ ସର୍ବଭାରତୀୟ ହାରରୁ ଅଧିକ, ସେଗୁଡ଼ିକୁ କେନ୍ଦ୍ର ସହାୟତା ଯୋଜନାମାନ କାର୍ଯ୍ୟ କରିବା ପାଇଁ ବିଶେଷକରି ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ, ଜାତୀୟ ଗ୍ରାମାଞ୍ଚଳ କର୍ମ ନିଯୁକ୍ତି କାର୍ଯ୍ୟକ୍ରମ ଭଳି ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ସଘନ ଧାନଗଛ ପରିକଳ୍ପନା ଭଳି ଉତ୍ପାଦନ ଭିତ୍ତିକ ଯୋଜନା ନିମନ୍ତେ ଶତକଡ଼ା ଶହେଭାଗ ଆର୍ଥିକ ସାହାଯ୍ୟ ଦିଆଯିବା ଆବଶ୍ୟକ ।

## ଜଳସେଚନ ଯୋଜନା

ସୀମିତ ସମ୍ବଳ ଦୃଷ୍ଟିରୁ ନୂଆ ନୂଆ ବୃହତ୍ ଜଳସେଚନ ପରିକଳ୍ପନା ହାତକୁ ନ ନେବା ଲାଗି ଯେଉଁ କଟକଣା ନୀତି ଗ୍ରହଣ କରାଯାଇଛି ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ଯୁକ୍ତିଯୁକ୍ତ କ୍ଷେତ୍ରରେ କେତେକ ବ୍ୟତିକ୍ରମ ହୋଇପାରେ । ଓଡ଼ିଶାରେ ଦୁଇଗୋଟି ବହୁମୁଖୀ ଜଳସେଚନ ପ୍ରକଳ୍ପ ରହିଛି, ରେଙ୍ଗାଲି ଓ ଅପର କୋଲାବ୍ । ଏହି ଦୁଇଗୋଟି ଜଳସେଚନ ପ୍ରକଳ୍ପ ଜରିଆରେ ବନ୍ୟାନିୟନ୍ତ୍ରଣ ଓ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ଅନେକଗୁଡ଼ିଏ ଜଳଭଣ୍ଡାର ସୃଷ୍ଟି କରାଯାଇଛି । ଜଳ ବଣ୍ଟନ ବ୍ୟବସ୍ଥା ନ ଥିବା ଯୋଗୁଁ ଯେଉଁ ଜଳସେଚନର ସମ୍ଭାବନା ସୃଷ୍ଟି କରାଯାଇଛି ତାହା ଅଚଳ ଅବସ୍ଥାରେ ରହିବ ଓ ଜାତୀୟ ସମ୍ପଦର ଅପଚୟ ହେବ । ଏହି ପରିକଳ୍ପନା ପରିସରଭୁକ୍ତ କେନାଲ ବ୍ୟବସ୍ଥାଗୁଡ଼ିକର ସଂପ୍ରସାରଣକୁ ନୂତନ ଜଳସେଚନ ପ୍ରକଳ୍ପ ଭାବେ ଗ୍ରହଣ କରାଯାଇ ନ ପାରେ । ଏଭଳି କ୍ଷେତ୍ରରେ କେନ୍ଦ୍ର ସରକାର ସଂପୃକ୍ତ ଜଳସେଚନ ବ୍ୟବସ୍ଥାର ଦ୍ରୁତ ସଂପ୍ରସାରଣ ନିମନ୍ତେ ଜାତୀୟ ଆଭିମୁଖ୍ୟକୁ ଆଖି ଆଗରେ ରଖି ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟକୁ ଅଧିକ ସାହାଯ୍ୟ ଯୋଗାଇଦେବା ଆବଶ୍ୟକ । ଦ୍ୱିତୀୟତଃ ରାଜ୍ୟର ପୂର୍ବାଞ୍ଚଳ ବିଶେଷ କରି ମରୁଡ଼ି ଲାଗିରହିଥିବା ଅଞ୍ଚଳରେ ଧାନ ଉତ୍ପାଦନର ହାର ବଢ଼ାଇବାକୁ ହେଲେ ସଂପୃକ୍ତ ଅଞ୍ଚଳଗୁଡ଼ିକରେ ଅଗ୍ରାଧିକାର ଭିତ୍ତିରେ ନୂତନ ଜଳସେଚନ ଯୋଜନା କରାଯିବା ଆବଶ୍ୟକ । ସେଥି ମଧ୍ୟରୁ କେତୋଟି ବୃହତ୍ ଜଳସେଚନ ଯୋଜନା ଅନ୍ତର୍ଭୁକ୍ତ । ଏହି ଅଞ୍ଚଳର ଗରିବ ଜନସାଧାରଣ ବିଶେଷକରି ଆଦିବାସୀମାନେ ଯୋଜନାର ସୁଫଳ ପାଇବାପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅପେକ୍ଷା କରିବା ସମ୍ଭବପର ନୁହେଁ । ତେଣୁ ଆମ୍ଭମାନଙ୍କୁ ଏସବୁ ପରିକଳ୍ପନା କାର୍ଯ୍ୟକାରୀ କରିବାକୁ ପଡ଼ିବ ।

## ଶିଳ୍ପ ସମ୍ପର୍କି

ଶିଳ୍ପାୟନ କ୍ଷେତ୍ରରେ ନିକଟରେ ନୂତନ ତଥା ସ୍ୱାଗତଯୋଗ୍ୟ ପରିବ୍ୟାପ୍ତି ଘଟିଛି । ଅନେକ ଶିଳ୍ପାନୁଷ୍ଠାନକୁ ଲାଇସେନ୍ସ ଛାଡ଼ ଦିଆଯାଇଛି ଏବଂ ବହୁସଂଖ୍ୟକ ଶିଳ୍ପଜାତ ଦ୍ରବ୍ୟମାନ ନିର୍ଦ୍ଧାରଣ କରାଯାଇଛି । ଏହାଛଡ଼ା ଏମ୍. ଆର. ଟି. ପି ସୀମାକୁ ଉଲ୍ଲେଖ ଯୋଗ୍ୟ ଭାବେ ବୃଦ୍ଧି କରାଯାଇଛି । ଉତ୍ପାଦନ ସାମର୍ଥ୍ୟର ସର୍ବାଧିକ ଉପଯୋଗ ଏବଂ ବୈଷୟିକ କୌଶଳର ଅଭିନବ କରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି କୋହଳ ନୀତିର ସୁଯୋଗ ନେଇ କେତେକ ବଡ଼ ବଡ଼ ସଂସ୍ଥା ଓ ପ୍ରତିଷ୍ଠିତ ଶିଳ୍ପୋଦ୍ୟୋଗୀମାନେ ରାଜ୍ୟଗୁଡ଼ିକ ଅନଗ୍ରସରତା ଦିଗରେ ଆଗ୍ରହୀ ହେବେ ଏବଂ ଉନ୍ନତ ଭିତ୍ତିଭୂମି, କଞ୍ଚାମାଲ, ଏବଂ ସାଂପ୍ରତିକ ସୁବିଧା ସୁଯୋଗର ଯୋଗାଣ ତଥା ବିକ୍ରୀବଟ ନେଇ ବଡ଼ ବଡ଼ ସହରାଞ୍ଚଳ ଗଢ଼ି ଉଠିବ ।

ପ୍ରଥମତଃ ଶିଳ୍ପ ଅନୁନ୍ନତ ରାଜ୍ୟଗୁଡ଼ିକରେ କେନ୍ଦ୍ରୀୟ ଉଦ୍ୟୋଗରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ନୀତି ନିର୍ଦ୍ଧାରଣ କରି ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ହେବା ଆବଶ୍ୟକ । ଦୈତାରି ଇସ୍ପାତ୍ କାରଖାନା ନିର୍ମାଣ ଲାଗି ସପ୍ତମ ଯୋଜନାରେ ପ୍ରତୀକ ସାହାଯ୍ୟର ବ୍ୟବସ୍ଥା କରାଯାଇଛି । ଷଷ୍ଠ ଯୋଜନା କାଳରେ ପ୍ରତିଶ୍ରୁତି ଦିଆଯାଇଥିବା ଏହି କାରଖାନାର ନିର୍ମାଣ ଲାଗି ଅକ୍ଳାନ୍ତ ଉଦ୍ୟମ କରାଯିବା ଆବଶ୍ୟକ । ବର୍ତ୍ତମାନ ଆମର ଇସ୍ପାତ କାରଖାନାଗୁଡ଼ିକ ଯଦି ସର୍ବାଧିକ ଉତ୍ପାଦନ କ୍ଷମତା ନେଇ କାର୍ଯ୍ୟ ପରିଚାଳନା କରନ୍ତି, ତଥାପି ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ୫ରୁ ୧୦ ନିୟୁତ ଟନ୍ ଇସ୍ପାତ୍ ନିଅଣ୍ଟ ପଡ଼ିବ ବୋଲି ଆଶା କରାଯାଏ । ତେଣୁ ଦେଶରେ ସ୍ୱଳ୍ପ ଖର୍ଚ୍ଚରେ ଇସ୍ପାତ୍ ଉତ୍ପାଦନ କରିବାର ଆବଶ୍ୟକତା ରହିଛି । ସୁତରାଂ ସାଂପ୍ରତିକ ନିଅଣ୍ଟ ଓ କ୍ରମବର୍ଦ୍ଧିଷ୍ଣୁ ଚାହିଦା ମେଣ୍ଟାଇବା ପାଇଁ ନୂତନ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରାଯିବା ଆବଶ୍ୟକ । ଦ୍ୱିତୀୟତଃ ଅନଗ୍ରସର ରାଜ୍ୟଗୁଡ଼ିକରେ ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି (M. R.T.P.) ପ୍ରତିଷ୍ଠାନଗୁଡ଼ିକୁ ଶିଳ୍ପ ଲାଇସେନସ ଦେବା କ୍ଷେତ୍ରରେ କୋହଳ ନୀତି ଅନୁସରଣ କରାଯିବା ଆବଶ୍ୟକ । ତୃତୀୟତଃ ଯେଉଁ ଶିଳ୍ପାନୁଷ୍ଠାନଗୁଡ଼ିକ ପ୍ରତିଷ୍ଠା କରାଯିବ ସେହିଗୁଡ଼ିକ ଅନଗ୍ରସର ଅଞ୍ଚଳ ଉନ୍ନୟନ କମିଟିର ସୁପାରିଶ କ୍ରମେ ପ୍ରତିଷ୍ଠା କରାଯିବ ଓ ମନୋନୀତ ଶିଳ୍ପ ବିକାଶ କେନ୍ଦ୍ରଗୁଡ଼ିକର ଭିତ୍ତିଭୂମିକ ଉନ୍ନୟନ ନିମନ୍ତେ ଆବଶ୍ୟକ ଅର୍ଥ କେନ୍ଦ୍ର ସରକାର ସାହାଯ୍ୟ ଆକାରରେ ଯୋଗାଇ ଦେବା ଉଚିତ୍

## ବିଦ୍ୟୁତ୍ ଉତ୍ପାଦନ

ଦେଶର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ବିଦ୍ୟୁତ୍ ଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଆମର ବର୍ଦ୍ଧିଷ୍ଣୁ ଚାହିଦା

ମେଣ୍ଟାଇବା ଲାଗି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯାଇ ପାରିନଥିବା ଦୁର୍ଭାଗ୍ୟଜନକ । ଏହି ପରିପ୍ରେକ୍ଷୀରେ ଆମକୁ ଏ ଦିଗରେ ଗମ୍ଭୀର ଭାବେ ଚିନ୍ତାକରିବାକୁ ପଡ଼ିବ ଏବଂ ଦୃଢ଼ତା ସହକାରେ ପଦକ୍ଷେପ ନେବାକୁ ହେବ । ଯେଉଁ କ୍ଷେତ୍ରରେ ଏଥିପାଇଁ ସମ୍ବଳର ଅଭାବ ପରିଲକ୍ଷିତ ହେବ, ସେ କ୍ଷେତ୍ରରେ, ସବୁ ଆଡ଼ୁ, ଏପରିକି ଆବଶ୍ୟକ ହେଲେ ଆନ୍ତର୍ଜାତୀୟ ସମ୍ବଳ ସଂଗ୍ରହ କରିବାକୁ ପଡ଼ିବ । ଓଡ଼ିଶାରେ ଦୁଇଗୋଟି ବିଶେଷ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି; ତାଳଚେର ସୁପର ତାପଜକେନ୍ଦ୍ର ଓ ଇବ୍ ବିଦ୍ୟୁତ୍ ପରିକଳ୍ପନା । ତାପଜ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ତୁରନ୍ତ କେନ୍ଦ୍ରୀୟ ସ୍ୱୀକୃତି ମିଳିବା ଆବଶ୍ୟକ । ସପ୍ତମ ଯୋଜନା ଶେଷ ସୁଦ୍ଧା ସମଗ୍ର ଦେଶ ତା'ର ବିଦ୍ୟୁତ୍ ସ୍ୱହିତା ହାସଲ କରିବା ସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ଯେଉଁ ମତବ୍ୟକ୍ତ କରିଛନ୍ତି, ମୁଁ ତହିଁରେ ଏକମତ । ଅଗ୍ରାଧିକାର କାର୍ଯ୍ୟ ନିର୍ଦ୍ଧାରଣ କରିବା ନିମନ୍ତେ ଏହାହିଁ ଯଥାର୍ଥ ପଦକ୍ଷେପ ।

ଜନ ସମ୍ବଳର ବିକାଶ ସଂପର୍କରେ କେତେକ ବିଷୟ ଉଲ୍ଲେଖ କରାଯାଇ ପାରେ । ଏ ଦିଗରେ ଷଷ୍ଠ ଯୋଜନା କାଳରେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ଅତିକ୍ରମ କରାଯାଇଥିଲେ ହେଁ ଆଦିବାସୀ ଅଞ୍ଚଳରେ ବହୁସଂଖ୍ୟକ ଛାତ୍ର ପାଠ ପଢ଼ା ଛାଡ଼ି ଚାଲି ଯାଉଛନ୍ତି । ଏହାକୁ ରୋକିବା ନିମନ୍ତେ ଓଡ଼ିଶାର ୧୨୦୦ ଟି ଆଦିବାସୀ ଗ୍ରାମପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦିବାସୀ ବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ଗୋଟିଏ ପରିକଳ୍ପନା ହାତକୁ ନିଆଯାଇଛି । ଆଦିବାସୀମାନଙ୍କ ମଧ୍ୟରେ ଦ୍ରୁତ ଶିକ୍ଷା ବିସ୍ତାର କରିବା ନିମନ୍ତେ ଏହାହିଁ ଏକମାତ୍ର ପନ୍ଥା । ସେହି ଦୃଷ୍ଟିକୋଣରୁ ଆଦିବାସୀ ଅଞ୍ଚଳର ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟକୁ ଆବାସୀ ବିଦ୍ୟାଳୟରେ ପରିଣତ କରାଯିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ କେନ୍ଦ୍ରୀୟ ସାହାଯ୍ୟ ଏକାନ୍ତ ପ୍ରୟୋଜନ । ଦ୍ୱିତୀୟତଃ ପ୍ରଧାନମନ୍ତ୍ରୀଙ୍କର ମହିଳା ଶିକ୍ଷାପ୍ରତି ଗୁରୁତ୍ୱ ଦାନ ପରିପ୍ରେକ୍ଷୀରେ ଓଡ଼ିଶାରେ ସମ୍ବଳର ଅଭାବ ସତ୍ତ୍ୱେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ବାଳିକାମାନଙ୍କୁ ଦରମା ଛାଡ଼ କରାଯାଇଛି । ମହିଳାମାନଙ୍କ ଶିକ୍ଷା ଉପରେ ପୁନର୍ବାର ଗୁରୁତ୍ୱ ଦିଆଯିବା ଉଚିତ । ତୃତୀୟତଃ ଗ୍ରାମାଞ୍ଚଳର ଯୁବଗୋଷ୍ଠୀଙ୍କୁ ମଧ୍ୟବର୍ତ୍ତୀକାଳୀନ ବୈଷୟିକ କୁଶଳତା ସଂପର୍କରେ ତାଲିମ ଦେବା ପାଇଁ ବ୍ଲକ୍ ସ୍ତରରେ ତାଲିମ ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ନିମନ୍ତେ ଓଡ଼ିଶା ନିଷ୍ପତ୍ତି ନେଇଛି ।

ଏହା ଫଳରେ ସେମାନେ ଗ୍ରାମାଞ୍ଚଳର ଜନସାଧାରଣଙ୍କର ଆବଶ୍ୟକତା ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ ନିଜର ଗୁଜୁରାଣ ମେଣ୍ଟାଇ ପାରିବେ । ଏହାକୁ ଟ୍ରାଇସେମ୍ କାର୍ଯ୍ୟକ୍ରମର ଅଂଶ-ବିଶେଷ ରୂପେ ଗ୍ରହଣ କରାଯାଇ ସୁଦୃଢ଼ କରାଯିବା ଆବଶ୍ୟକ ।

## ଆଦିବାସୀ ଉନ୍ନୟନ

ଆଦିବାସୀ ଅଞ୍ଚଳର ଭିତ୍ତିଭୂମିକ ଉନ୍ନୟନ ଉପରେ ଗୁରୁତ୍ୱ ଦିଆଯିବା ବିଧେୟ । ଅବଶେଷରେ ଆଦିବାସୀମାନଙ୍କ ନିମନ୍ତେ ଯେଉଁ କେନ୍ଦ୍ରୀୟ ଉଦ୍ୟୋଗ ପରିକଳ୍ପନା କାର୍ଯ୍ୟକାରୀ ହେଉଛି, ତାହା ଦ୍ୱାରା ଅଧିକନ୍ତୁ ଅଧିକ ଲୋକ ଉପକୃତ ହେଉଛନ୍ତି । ଏହା ଫଳରେ ସେମାନଙ୍କର ଗମନାଗମନ ଭଳି ମୌଳିକ ଭିତ୍ତିଭୂମି ସୃଷ୍ଟି କରାଯାଇପାରୁଛି । ଏସବୁ ବିନା ଆଦିବାସୀ-ମାନଙ୍କ ଅର୍ଥନୀତିରେ ଉନ୍ନତି ହୋଇପାରିବ ନାହିଁ । ଏଥିପାଇଁ କେନ୍ଦ୍ରୀୟ ଉଦ୍ୟୋଗ ପରିକଳ୍ପନା ଅପରିହାର୍ଯ୍ୟ ।

୧୯୮୪ ମସିହା ଜାତୀୟ ଉନ୍ନୟନ ପରିଷଦ ବୈଠକରେ ୩ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ କମିଟିର ସୁପାରିଶ କ୍ରମେ ଯୋଜନା କମିଶନ ଯେଉଁ ନିଷ୍ପତ୍ତିମାନ ନେଇଛନ୍ତି, ସେ ସଂପର୍କରେ ଓଡ଼ିଶା ପୂର୍ଣ୍ଣ ସମର୍ଥନ ଜଣାଉଛି ।

ସୀମିତ ସମ୍ବଳ ମଧ୍ୟରେ ବିଗତ ୫ ବର୍ଷ ମଧ୍ୟରେ ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ ନିମନ୍ତେ ଓଡ଼ିଶା ଷଷ୍ଠ ଯୋଜନା କାଳରେ ଅକ୍ଳାନ୍ତ ଉଦ୍ୟମ କରିଆସିଛି । ଷଷ୍ଠ ଯୋଜନାକାଳର ପ୍ରାରମ୍ଭରେ ଏ ରାଜ୍ୟରେ ଶତକଡ଼ା ୬୬.୪ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ ଯୋଜନା ଶେଷ ସୁଦ୍ଧା ସେମାନଙ୍କ ହାର ଶତକଡ଼ା ୧୪ ଭାଗ ହ୍ରାସ ପାଇଛି । ଏହି ସମୟ ମଧ୍ୟରେ ଓଡ଼ିଶାରେ ୧୭.୪ ଲକ୍ଷ ବ୍ୟକ୍ତିଙ୍କ ପାଇଁ କର୍ମନିଯୁକ୍ତିର ସୁବିଧା ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଯଦି ଏ ଦିଗରେ ଓଡ଼ିଶାକୁ ଆଉ କିଛି ସାହାଯ୍ୟ ସୁଯୋଗ ଦିଆଯାଏ, ତେବେ ଏ ରାଜ୍ୟ ଅଧିକ ସଫଳତା ଲାଭ କରିବା ସଙ୍ଗେ ସଙ୍ଗେ ଜାତୀୟ ଲକ୍ଷ୍ୟ ହାସଲ କରିପାରିବ ।

(ଗତ ନଭେମ୍ବର ୮ ଓ ୯ ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଉନ୍ନୟନ ପରିଷଦରେ ପ୍ରଦତ୍ତ ଭାଷଣରୁ—ମୁଖ୍ୟ ସଂପାଦକ)

ଶୌଖୀନ ଫଟୋଗ୍ରାଫରମାନଙ୍କୁ ଉତ୍ସାହିତ କରିବା ପାଇଁ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁରେ ଭାବଦ୍ୟୋତକ ଫଟୋଗ୍ରାଫମାନ ପ୍ରକାଶ କରିବାକୁ ସ୍ଥିର କରିଛୁ । ଉତ୍ସାହୀ ଫଟୋଗ୍ରାଫରମାନଙ୍କୁ ଆମ ଠିକଣାରେ ସୁନିର୍ବାଚିତ ଫଟୋମାନ ପଠାଇବାକୁ ଅନୁରୋଧ ।

**ମୁଖ୍ୟ ସଂପାଦକ**
**ସୂଚନା ଓ ଲୋକ ସଂପର୍କ ବିଭାଗ**





# ଗାନ୍ଧୀଜୀ ଓ ଲବଣ ସତ୍ୟାଗ୍ରହ

ଡକ୍ଟର ଶ୍ରଦ୍ଧାକର ସୂପକାର

ଷାଠିଏ ବର୍ଷ ପୂର୍ବେ ଯେତେବେଳେ ଆମ ଦେଶ ବ୍ରିଟିଶ ଶାସନାଧୀନ ଥିଲା, ସେତେବେଳେ ବିଲାତରୁ ଆମ ଦେଶକୁ ଲୁଗା ଓ ଲୁଣ ମଧ୍ୟ ଆମଦାନୀ ହେଉଥିଲା । "Made in England" ଛାପା ଥିବା ଜିନିଷ ପାଇଁ ଭାରତର ଦେଶୀ ସାହେବମାନଙ୍କ ମନରେ ଏକ ମୋହ ଥିଲା ।ମାଞ୍ଚେଷ୍ଟର ଲୁଗା ଓ ଲିଭରପୁଲର ଲୁଣ ଭାରତର ବଜାରରେ ପ୍ରସିଦ୍ଧ ଥିଲା । ଶିଳ୍ପ ବିପ୍ଳବ ପରେ ଯେତେବେଳେ ସୂତା ଓ ଲୁଗାକଳ ସାହାଯ୍ୟରେ ଶସ୍ତାରେ ଲୁଗା ତିଆରି ହୋଇପାରିଲା, ସେତେବେଳେ ବିଲାତର ମାଞ୍ଚେଷ୍ଟର ଓ ଅନ୍ୟାନ୍ୟ ସ୍ଥାନରେ ଲୁଗା କଳମାନ ସ୍ଥାପିତ ହେଲ । ଏ କଥା ଜଣା ଶୁଣା ହାତକଟା ସୂତା ଓ ହାତବୁଣା ଲୁଗା ସହଜରେ କଳସୂତା ଓ କଳଲୁଗା ସହିତ ପ୍ରତିଯୋଗିତା କରି ପାରିବ ନାହିଁ । ତେଣୁ ମାଞ୍ଚେଷ୍ଟର ଲୁଗା ଭାରତ ବଜାରମାନଙ୍କରେ ପ୍ରସାର ଲାଭ କରିବାରୁ ଏ ଦେଶର ତନ୍ତୀ-ମାନଙ୍କ ଭେଳା ବୁଡ଼ିଲା । ସେତେବେଳେ ଭାରତରେ ସୂତା ଓ ଲୁଗା କଳ ନ ଥିଲା ।

ଲୁଣ କଥା ଭିନ୍ନ । ଭାରତ ଉପଦ୍ୱୀପର ତିନିପଟେ ସମୁଦ୍ର । ସମୁଦ୍ର ପାଣି ଟିକିଏ ଶୁଖାଇ ଦେଲେ ଲୁଣ ମିଳିବ । ତଥାପି ସାତ ସମୁଦ୍ର ତେର ନଦୀର ସେପାରୁ ଲୁଣ କାହିଁକି ଆସୁଥିଲା ? ସେ ଲୁଣ କିପରି ଭାରତର ଉପକୂଳରେ ତିଆରି ଲୁଣ ସହିତ ପ୍ରତିଯୋଗିତା କରିପାରୁଥିଲା । ତହିଁର ଏକ ଇତିହାସ ଅଛି । ଅବଶ୍ୟ ଏ କଥା ଠିକ୍ ଯେ ସେ ଯୁଗର ଲିଭରପୁଲ ଲୁଣ ଆଜିର ଟାଟା କମ୍ପାନୀର ଲୁଣ ପୁଡ଼ିଆ ଭଳି ସଫେଦ ଗୁଣ୍ଡ ଓ ଚିତ୍ତାକର୍ଷକ ଥିଲା ।

ଏହାର ସଂକ୍ଷିପ୍ତ ଇତିହାସ ଲେଖି ବସିଲେ ପ୍ରଥମେ ମନେ ରଖିବାକୁ ହେବ ଯେ ଇଂରେଜମାନଙ୍କର ବାଣିଜ୍ୟ କାରବାର ଜାହାଜରେ ହେଉଥିଲା । ଭାରତର ଜାହାଜରେ ଲୁହା ପଥର, ମାଙ୍ଗାନିଜ୍, ତୁଳା ଆଦି କଞ୍ଚାମାଲ ବିଲାତକୁ ଯାଉଥିଲା ଓ ସେ ଦେଶରୁ ଲୁହା, ଲୁଗା ଆଦି ପ୍ରସ୍ତୁତ ଦ୍ରବ୍ୟମାନ ଏ ଦେଶକୁ ଆସୁଥିଲା । ଲୁହାପଥର ଓଜନ ତୁଳନାରେ ଲୁହାରୁ ତିଆରି ଜିନିଷ ଯଥା— ଘଣ୍ଟା, ସାଇକେଲ, ବନ୍ଧୁକ ଆଦି ଓଜନରେ ଓ ଆୟତନରେ ବହୁତ କମ ହେବ । ସେହିପରି ଏଠାରୁ ବିଲାତକୁ ପଠାଯାଉଥିବା ତୁଳା ତୁଳନାରେ ସେଠାରୁ ଆମ ଦେଶକୁ ଅଣା ଯାଉଥିବା ଲୁଗା ଗାଣ୍ଠିର ଓଜନ ଓ ଆୟତନ ଅନେକ କମ ହେଉଥିଲା ।

ସମୁଦ୍ରରେ ଯା'ଆସ କରୁଥିବା ଜାହାଜରେ ଯଦି ବୋଝେଇ ହେଉଥିବା ମାଲ ପତ୍ରର ଓଜନ ଯଥେଷ୍ଟ ନ ହୁଏ, ତେବେ ସମୁଦ୍ରରେ ଜାହାଜ ବିଶେଷ ଭାବରେ ଦୋହଲି ଯାତ୍ରୀକମାନଙ୍କୁ ଅନେକ ପ୍ରକାର ଅସ୍ୱାଚ୍ଛନ୍ଦ୍ୟ ସୃଷ୍ଟିକରେ । ଭାରତରୁ ଯେତିକି ଓଜନର ପ୍ରସ୍ତୁତ ଦ୍ରବ୍ୟ ବିଲାତରୁ ଆମ ଦେଶକୁ ଆସୁଥିଲା । ଏଇଟା ଥିଲା ବାଣିଜ୍ୟ ପରିବହନ ପକ୍ଷରେ ଏକ ଗୁରୁତର ସମସ୍ୟା । ରପ୍ତାନୀ ଓ ଆମଦାନୀ ପଣ୍ୟର ଏହି ତାରତମ୍ୟ ଦୂର କିପରି କରାଯାଏ ? ଆଜେ ବାଜେ ଜିନିଷ ଦ୍ୱାରା ? ହିଁ ଯାହାକୁ (Ballast) କୁହାଯାଏ ।

ଏ ଦେଶରୁ ନିଆଯାଉଥିବା ତୁଳା, ଲୁହାପଥର, ମାଙ୍ଗାନିଜ ଆଦି ବୋଝେଇ ଜାହାଜମାନଙ୍କରେ ବିଲାତରୁ ଫେରିଲାବେଳେ ଘଡ଼ି, ସାଇକେଲ, ବନ୍ଧୁକ ଆଦି ସହିତ ଆସିଥିଲା, ବିଲାତର ଉପକୂଳ ଅଞ୍ଚଳର ଅନେକ ମାଟି ଓ ପଥର । କଲିକତାର ଖାଲୁଆ ସନ୍ତସନ୍ତିଆ ଅଞ୍ଚଳରେ ସେ ସବୁ ମାଟି ପଥର ପକାଇ ସ୍ଥାନମାନ ଉଚ୍ଚ ଓ ସମତଳ କରାଯାଉଥିଲା । କଥାଟି ଅବିଶ୍ୱାସ ହେଲେ ମଧ୍ୟ ସତ । ଭାରତରେ ବ୍ରିଟିଶ ସାମ୍ରାଜ୍ୟର ରାଜଧାନୀ କଲିକତାରେ ବିଲାତି ମାଟି ବିଲାତି ସାହେବମାନଙ୍କୁ ଘରୋଇ ପରିବେଶ ସୃଷ୍ଟି କରିବାରେ ସହାୟକ ହେଉଥିଲା ।

ବିଲାତରୁ ଆସୁଥିବା ଜାହାଜମାନଙ୍କରେ ଇଟାଲିର ମାର୍ବଲ ପଥର ମଧ୍ୟ ବୋଝେଇ ହୋଇ ଭାରତକୁ ଆସୁଥିଲା ।

କଲିକତା ପାଇଁ ଆସୁଥିବା ମାଟି ମୂଲ୍ୟହୀନ । ଇଟାଲିରୁ ଆସୁଥିବା ମାର୍ବଲ ଭାରତର ଧନ କୁବେରମାନଙ୍କ ପାଇଁ ଉଦ୍ଦିଷ୍ଟ । ଅତଏବ ତହିଁର ଚାହିଦା ଥିଲା ସୀମିତ ।

ଲୁଣ ଏକ ସାଧାରଣ ପଣ୍ୟ । ଲିଭରପୁଲର ଲୁଣ ଭାରତର ଜନସାଧାରଣଙ୍କର ବ୍ୟବହାର୍ଯ୍ୟ ହୋଇପାରେ । ବାଟରେ (Ballast) ହିସାବରେ ଜାହାଜରେ ବ୍ୟବହୃତ

ହେଲ ପରେ । ବିଲାତରୁ ବହୁ ପରିମାଣରେ ଲୁଣ ଭାରତକୁ ପଠାଗଲା । ଏବେ ତ "Made in England" ଲୁଣ, ତହିଁ ଉପରେ ତାହାର ସଫେଦ ଚକ୍ ଚକ୍ ରୂପ ମାଟିଆ ଦେଶୀ ଲୁଣଠାରୁ ଭିନ୍ନ ଥିବାରୁ ତାହା ଆମ ଦେଶର ନବ୍ୟ ଭବ୍ୟ ବାବୁ ଓ ସାହେବମାନଙ୍କର ଆଦରଣୀୟ ହେଲା ।

ତଥାପି ବିଲାତରୁ ହଜାର ହଜାର ମାଇଲ୍ ଦୂରରୁ ଆସୁଥିବା ଲୁଣଠାରୁ ଏ ଦେଶର ସମୁଦ୍ରରୁ ମରାଯାଉଥିବା ଲୁଣର ଉତ୍ପାଦନ ମୂଲ୍ୟ ଖୁବ୍ କମ୍ ହେବା ସ୍ୱାଭାବିକ । ସେଥିପାଇଁ ଇଂରେଜ ସରକାର ଲୁଣ କର ବସାଇଲେ । ଘରୋଇ ଭାବେ ଲୁଣ ମାରିବା ଏକ ଅପରାଧ ରୂପେ ଧରାଗଲା । ଅବକାରୀ ବିଭାଗର ନିରୀକ୍ଷକମାନେ ସେ ଯୁଗରେ ଅବକାରୀ ଓ ଲୁଣ ବିଭାଗର ନିରୀକ୍ଷକ ହେଲେ । ଅଫିମ, ଗଞ୍ଜେଇ, ମଦ ପରି ଲୁଣ ମଧ୍ୟ ଏକ ଅବକାରୀ ଦ୍ରବ୍ୟରେ ପରିଣତ ହେଲା ।

ଲୁଣ ସମସ୍ତଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ—ମନୁଷ୍ୟ ଓ ପଶୁମାନଙ୍କ ପକ୍ଷରେ ମଧ୍ୟ । ତେଣୁ ଦେଶର ସମସ୍ତଙ୍କ ଉପରେ ଏ କର ବୋଝ ପଡ଼ିଲା ।

କର ବୋଝ ଅବଶ୍ୟ ହାଲୁକା ଥିଲା । ପୂର୍ବେ ଲୁଣ ସେରକୁ ଗୋଟିଏ ପଇସା ଦାମ ଥିଲା ।

**କିନ୍ତୁ ଜାତି ଦୃଷ୍ଟିରୁ ଏହା ଥିଲା ଗୋଟିଏ ବୋଝ ।**

ଆମ ଦେଶର ରାଜନୈତିକ ନେତାମାନଙ୍କର ଏ ଦିଗରେ ନଜର ଯାଉନଥିଲା । ସ୍ୱୈରଶାସନ, ପୁଲିସ୍ ଜୁଲମ୍, ଟଙ୍କା-ପାଉଣ୍ଡ ଅନୁପାତ ଆଦି ବଡ଼ ବିଷୟରେ ସେମାନେ ମୁଣ୍ଡ ଖେଳାଉଥିଲେ ।

ବଣିଆପୁଅ ମହାତ୍ମାଗାନ୍ଧୀ ପ୍ରଥମରୁ ଦୁଇଟି ମୁଖ୍ୟ ଅର୍ଥନୈତିକ ସମସ୍ୟାକୁ ରାଜନୈତିକ ଆନ୍ଦୋଳନ ସହିତ ଯୋଡ଼ିଦେଲେ—ଯଥା ଲୁଗା ଓ ଲୁଣ । ଚରଖା ଦ୍ୱାରା ସେ ଦେଶବାସୀଙ୍କୁ ବସ୍ତ୍ରବିଷୟରେ ଆତ୍ମନିର୍ଭରଶୀଳ ହେବାକୁ ପ୍ରେରଣା ଦେଲେ । ଦେଶର ଆବାଳ-ବୃଦ୍ଧ-ବନିତାଙ୍କ ବହୁ ସମୟ ବିନା କାମରେ ଯାଉଛି । ସୂତା କାଟି ଲୁଗାବୁଣି ନିଜର ଲୁଗା ପାଇଁ ଅନ୍ୟ କାହାରି ଉପରେ ନିର୍ଭରଶୀଳ ନ ହେବାକୁ ସେ ପ୍ରସ୍ତାବ ଆରମ୍ଭ କଲେ ୧୯୨୧ ମସିହାରେ । ଚରଖାର ସୂତାଖିଅରେ ସ୍ୱରାଜ୍ୟ ଝୁଲୁଛି ବୋଲି ମହାତ୍ମାଜୀ ସେତେବେଳେ କହିଲେ । ଲୋକେ ବୁଝିପାରିଲେ ନାହିଁ, ମାତ୍ର ମାଞ୍ଚେଷ୍ଟର୍ ଲୁଗାକଳଗୁଡ଼ିକର ଉତ୍ପାଦନ କମିଗଲା । ବିଲାତ ବଣିଆମାନଙ୍କର ଦେଶ । ଆମ ଦେଶର ବଣିଆ ପୁଅ ମୋହନ ଦାସ ଗାନ୍ଧୀ ସେ ଦେଶର ବଣିଆମାନଙ୍କର ବାଣିଜ୍ୟ-ବ୍ୟବସାୟରେ ଅହିଂସା ମାର୍ଗରେ ବାଧା ଦେବାକୁ ଚାହୁଁଥିଲେ ।

ଲୁଣ କଥା ଭିନ୍ନ ଥିଲା । ଲୁଣ ବିଷୟରେ ଅହିଂସ ପ୍ରତିବାଦ କରିବାକୁ ଚାହିଁଲେ ଅବକାରୀ ଆଇନ ଅମାନ୍ୟ କରିବାକୁ ହେବ । ସେଥିପାଇଁ ୧୯୩୦ ମସିହାରେ ମହାତ୍ମା ଗାନ୍ଧୀ ଲବଣ ସତ୍ୟାଗ୍ରହ କରିବାକୁ ଦେଶବାସୀଙ୍କୁ ଡାକରା ଦେଲେ । ସେ ବର୍ଷ ମାର୍ଚ୍ଚ ମାସ ୧୨ ତାରିଖରେ ଦାଣ୍ଡିଯାତ୍ରା ଆରମ୍ଭ ହେଲା । ସେ ଦିନଟି ଦେଶରେ ହରତାଳ ପାଳନ କରାଗଲା । ମହାତ୍ମା ଗାନ୍ଧୀ ଓ ତାଙ୍କର ସହକର୍ମୀମାନେ ଏକ ଦୀର୍ଘ ପଦଯାତ୍ରା ସେ ଦିନ ଆରମ୍ଭ କଲେ ! ସେ ବର୍ଷ ଏପ୍ରିଲ ଛଅ ତାରିଖରେ ସେ ସମୁଦ୍ର ଉପକୂଳରେ ପହଞ୍ଚି ସମୁଦ୍ର ପାଣିରୁ ଲୁଣ ତିଆରି କରିବା ପାଇଁ ପ୍ରସ୍ତୁତ ହେଲେ । ଭାରତର ବିସ୍ତୀର୍ଣ୍ଣ ଉପକୂଳ ଅଞ୍ଚଳର ବହୁ ସ୍ଥାନରେ ସତ୍ୟାଗ୍ରହୀମାନେ ଅବକାରୀ ଆଇନ୍ ଅମାନ୍ୟ କରି ପ୍ରକାଶ୍ୟରେ ଲୁଣ ମାରିବା ପାଇଁ ପ୍ରସ୍ତୁତ ହେଲେ । ଓଡ଼ିଶାରେ ବାଲେଶ୍ୱର ଜିଲ୍ଲା ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ଏକ ପ୍ରସିଦ୍ଧ ତୀର୍ଥସ୍ଥାନ ହେଲା । ଅବକାରୀ ଓ ପୋଲିସ୍ ଅଫିସରମାନଙ୍କର ନିର୍ମମ ପ୍ରହାର ସତ୍ତ୍ୱେ ଲୁଣ ମାରିବା କାମ ସେହିମାନଙ୍କର ସାମନାରେ କରିବାକୁ ସତ୍ୟାଗ୍ରହୀମାନେ ପ୍ରତିଜ୍ଞା କଲେ । ଏଥିପାଇଁ କେତେ ଲୋକ କ୍ଷତବିକ୍ଷତ ହୋଇଛନ୍ତି, କେତେ ଲୋକ ଜେଲ୍ ଯାଇଛନ୍ତି, ତହିଁର ହିସାବ ନାହିଁ । ଏହି ଲୁଣକୁ ନେଇ କେବଳ ଉପକୂଳ ଅଞ୍ଚଳ ନୁହେଁ, ସମଗ୍ର ଦେଶରେ ଯେଉଁ ଆନ୍ଦୋଳନ ସୃଷ୍ଟି ହେଲା, ତାହା ଥିଲା ଅଭୂତପୂର୍ବ, ଅଶ୍ରୁତପୂର୍ବ ।

ଦେଶ ସ୍ୱାଧୀନ ହେବାର ୩୫ ବର୍ଷ ବିତି ଯାଇଛି । ଏବେ ଲୁଣ କିଲୋ ପଚାଶ ପଇସା । ଲୁଣ ଉପରେ ଅବକାରୀ ଶୁଳ୍କ ବି ବସୁଛି । କିନ୍ତୁ ଆଜି ଆଉ ସେ ଦିନର ତୁଳନା ନାହିଁ । ଆଜି ଏ ଶୁଳ୍କରୁ ଆଦାୟ ହେଉଥିବା ଟଙ୍କା ଆମରି ଲୋକଙ୍କ ଉପକାରରେ ଲଗୁଛି । ସେ ଯୁଗର ଶୁଳ୍କ ଆମ ଉପରେ ଲଦାଯାଉଥିବା ବୋଝ ଥିଲା ।

ବିଧାନ ସଭା ସଦସ୍ୟ,
ଭୁବନେଶ୍ୱର ।



# ଆମ ସଂହତି ଓ ଆମେ

ଅଧ୍ୟାପକ ଶ୍ରୀ ଶତ୍ରୁଘ୍ନ ନାଥ

ଦେଶର ଡ଼ାକ ହେଉଛି ଆମର ବିବେକ । ଦେଶର ଅଭାବ ଓ ଆବଶ୍ୟକତା ହିଁ ଆମ ପାଇଁ ଆହ୍ୱାନ । ଆମେ ଓ ଆମ ଦେଶ ଗୋଟିଏ ସୂତ୍ରରେ ବନ୍ଧା । ଜାତିର ଧ୍ୱନି ଆମ ହୃଦୟର ପ୍ରତିଧ୍ୱନି ଓ ଆମ ଅନ୍ତରାତ୍ମା ଜାତିର ଜୀବାତ୍ମା । ଦେଶ ଓ ଦଶ ଏକ ଅଳଙ୍କାରର ସଂପର୍କ ନୁହେଁ, ହୃଦୟତନ୍ତ୍ରୀର ପ୍ରତିଫଳନ । ସମଷ୍ଟି ଓ ବ୍ୟଷ୍ଟି କେବଳ ଏକ ସମାହାର ନୁହେଁ, ପ୍ରତ୍ୟେକ ପ୍ରତ୍ୟେକର ପ୍ରତିଜ୍ଞା ଓ ପ୍ରତିପାଦନ । ବ୍ୟକ୍ତିର ସାର୍ଥକତା ଓ ପ୍ରତିଭାର ପରିପୂର୍ଣ୍ଣତା ସର୍ବାଦୌ ସ୍ୱଦେଶରେ । ଏହା ଯେପରି ସତ୍ୟ, ପକ୍ଷାନ୍ତରରେ ସ୍ୱଦେଶ ଭାବନା ଏକ ବାସ୍ତବ ରୂପନିଏ ବ୍ୟକ୍ତିର ହୃଦୟ ତଥା ସମର୍ଥନରେ, ଏହା ସେପରି ସତ୍ୟ । ମାତା ଓ ଶିଶୁର ସଂପର୍କ ପରି ଜନନୀ ଓ ଜନ୍ମଭୂମି ଆମପାଇଁ ଚିରନ୍ତନ ଆନନ୍ଦର ଉତ୍ସ । ଜନ୍ମ, ଜୀବନ ଓ ଜୀବନର ଚରମ ତଥା ପରମ ପରିଣତିରେ ଜାତି ଓ ଦେଶ ଆମର ଲୀଳାଭୂମି ।

ଅତ୍‌ଏବ ଆଜି ସଂହତି ପ୍ରଶ୍ନବାଚୀ କାହିଁକି ? ଜାତୀୟ ସଂହତି ପାଇଁ ଚିନ୍ତା କାହିଁକି ? ସଂହତି ଶକ୍ତିଦାୟୀକା ଏହା ଜାଣି ସୁଦ୍ଧା ଆମେ ବିଭେଦଗ୍ରସ୍ତ କାହିଁକି ? ଆମ୍ଭମାନଙ୍କର ବିଭିନ୍ନ "ଘଟ"ର ବିଲୟ ଘଟିଲେ ସୁଦ୍ଧା ଘଟାକାଶ ଅନନ୍ତାକାଶରେ ପରିଣତ ହୋଇଯାଏ । ଏହି ସାଂସ୍କୃତିକ ଚେତନାରେ ଚେତି ନଯାଇ "ଘଟ" ଓ "ମଠ"ର ବିଭିନ୍ନତା ଆମକୁ ଏପରି କାବୁ କରି ଦେଇଛି କିପରି ? ଏହି ବିଭିନ୍ନତା ଆମ ପାଇଁ ଜଣ, ଶ୍ୱାପଦସଙ୍କୁଳ କୋମାଞ୍ଚିତ ବିପଦ୍‌ଜନକ ଅରଣ୍ୟ ପରି ହୋଇଛି । ପଥିକ ପାଇଁ ଏହା ଏକ ଖଣାପରି, ଆମେ ବୁଦ୍ଧିବଣା ହେଉଛୁ କଣା ମନୁଷ୍ୟ ପରି । ଏହି ବିଭିନ୍ନତାରେ ପ୍ରକୃତିଦତ୍ତ ବୈଚିତ୍ର୍ୟ ରହିଛି, ରୂପ, ରସ ଏ ଗନ୍ଧରେ ବିଭବ ରହିଛି । ଏହା ପରିବର୍ତ୍ତେ ଆମେ ବିଭୀଷିକା ଦେଖୁ ନାହିଁ କି ?

କାହିଁକି ଓ କିପରି ପ୍ରଶ୍ନର ବିଶ୍ଳେଷଣ କରାଯାଇ ପାରେ । ଆମ ଦେଶ ଏକ ବିଶାଳ ଭୂଖଣ୍ଡ । ଏଥିରେ ଭାଷା, ଉପଭାଷା ଧର୍ମ, ଗୋଷ୍ଠୀ, ସଂପ୍ରଦାୟ, ରାଜ୍ୟ ଆଦିର ବିଭିନ୍ନତା ରହିଛି । ଏ ଦିଗରୁ ତଥା କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ଦାରିଦ୍ର୍ୟ, ଅଭାବ, ଅଶିକ୍ଷା, କୁଶିକ୍ଷା, କୁସଂସ୍କାର, ରୋଗ, ପରିବହନ ଓ ଗମନାଗମନରେ ଅସୁବିଧା, ଜାତିଭେଦ ଆଦି ଦୃଷ୍ଟିରୁ ବହୁ ଜଟିଳ ସମସ୍ୟାର ସମ୍ମୁଖୀନ ହେବାକୁପଡ଼େ । ଉନ୍ନୟନ ଓ ବିକାଶର ଧାରା ସର୍ବତ୍ର ସମାନ ନୁହେଁ ଓ ନିରନ୍ତର ଅବାରିତ ରହୁ ନାହିଁ । ଆର୍ଥିକ ଅଭାବ ସହିତ ଉପଯୁକ୍ତ କାରିଗରୀ ଜ୍ଞାନ ଓ କୌଶଳ ପର୍ଯ୍ୟାପ୍ତ ପରିମାଣରେ ମିଳୁନାହିଁ । ଆଞ୍ଚଳିକ ବୈଷମ୍ୟ କ୍ରମେ ଉତ୍କଟ ହେବାର ଲାଗିଛି । ଯୋଜନାର ବିକେନ୍ଦ୍ରୀକରଣ କରାଯାଇନାହିଁ । ସ୍ୱାଧୀନତା ପ୍ରାପ୍ତିର ଉଲ୍ଲାସ ଆମ ମନରେ ଆକାଂକ୍ଷାର ଉଦଗୀରଣ ଓ ବିସ୍ଫୋରଣ ସୃଷ୍ଟିକରିଛି ଓ ଏଥିସହିତ ଏସବୁ ଆକାଂକ୍ଷାର ପରିପୂରଣ ପାଇଁ ଅନୁରୂପ ସ୍ୱୟଂକ୍ରିୟ ପ୍ରଚେଷ୍ଟା ନାହିଁ । ପୁନଶ୍ଚ ହିଂସା, ଅହମିକା, ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର ଆଦି ଦ୍ୱାରା କ୍ଷମତା ଲୋଭ ଓ ବସ୍ତୁବାଦୀ ସ୍ୱାର୍ଥ ସାଧନର ଜାଲ ବିସ୍ଫୋରକ ରୂପେ କାର୍ଯ୍ୟ କରୁଚି । ପରିକ୍ଷୀତ ମୂଲ୍ୟବୋଧ ଟଳମଟଳ ହେଉଛି ଓ ବିଜ୍ଞାନ ଆଧାରିତ ମାନବିକ ମୂଲ୍ୟବୋଧ ଅଧିରୂଢ଼ ହୋଇ ପାରୁନାହିଁ । ନିର୍ଭୀକ ଓ ନିରପେକ୍ଷ ଭୋଟଦାନ ନାଗରିକର ପରମ ଓ ପବିତ୍ର କର୍ତ୍ତବ୍ୟ । କିନ୍ତୁ ଭୋଟଦାତା ଅନେକ ସ୍ଥଳରେ ଆତ୍ମବଳର ଅଭାବରୁ ପ୍ରଲୋଭନ ଓ ପରାଭବର ଶରବ୍ୟ ହୋଇ ପଡ଼ିଛି । ଲୋକ ଶକ୍ତିର ବିକାଶ ନଘଟି ଆରୋପିତ ଅଲୌକିକତାରେ ବିଶ୍ୱାସ ଦିନକୁ ଦିନ ବୃଦ୍ଧି ପାଉଛି । ଏହା କ୍ରମେ ଦେଶବ୍ୟାପୀ ଓ ଦେଶଗ୍ରାସୀ ହୋଇଯାଇଛି । ସହଯୋଗ, ସଂଯମ, ସହିଷ୍ଣୁତା, ସହଯୋଗିତା, ସଦାଚାର ଆଦି ଗଣତାନ୍ତ୍ରିକ ମୂଲ୍ୟବୋଧ ଜୀବନ ଯାପନର ଅଙ୍ଗୀଭୂତ ନ ହୋଇ କୋର୍ଟ କଚେରୀର ହଲପ୍ ପାଠ ପରି ଶବ୍ଦାଡ଼ମ୍ବରରେ ପରିଣତ ହୋଇଅଛି । ଏହାଫଳରେ ନ୍ୟସ୍ତ ସ୍ୱାର୍ଥର ଅପରାଜେୟ ଦୁର୍ଗ ପରାଜୟ ସ୍ୱୀକାର କରୁନାହିଁ, କିନ୍ତୁ ସମୟର ଗତିରେ ଚିନ୍ତା ଓ ଚେତନାର ପରିବର୍ତ୍ତନ ଫଳରେ ବଞ୍ଚି ରହିବାର ଚରମ ସଂଗ୍ରାମ କରୁଛି । ଏପରି ସ୍ଥଳରେ ଜନ ଚରିତ୍ରର ବିକାଶ ପୂର୍ଣ୍ଣମାତ୍ରାରେ ହୋଇ ପାରୁନାହିଁ । ଏପରି ସବୁ ଉପାଦାନ ଓ ଇନ୍ଧନ ଅନେକ, ବିଶ୍ଳେଷଣ ଅସରନ୍ତି ପରିଣାମ ସ୍ଥାନ ତଥା କାଳ ଭେଦରେ ଭୟାବହ । କାର୍ଯ୍ୟ-କାରଣ ବେଶ୍ ଜଟିଳ, କିନ୍ତୁ ପ୍ରକାଶ କରିବାରେ ସରଳ । ଏହାର ସ୍ରଷ୍ଟା, ଦ୍ରଷ୍ଟା, କର୍ତ୍ତା ଓ ଭୋକ୍ତା ଆମେ, "ଆପଣ, ନହେଲେ "ମୁଁ" କିମ୍ବା ଆମ ଭିତରୁ ଅନ୍ୟ ଜଣେ । ଏହାର ଭିଆଣ ଆମ ହାତରେ ଓ ଭୋଗିବା ଆମ ଦେହରେ । ସୁରକ୍ଷା ଓ ଶ୍ରୀବୃଦ୍ଧି ଆମର ଦାୟିତ୍ୱ । ଏକଥା ବାରମ୍ବାର

ବୁଝିବା ଓ ସର୍ବଦା ହୃଦୟଙ୍ଗମ କରିବା । ଏ କଥାଟିର ମର୍ମକୁ ବନେଇ ବୁନେଇ ଫିଟେଇ ଦେଇଛନ୍ତି, ପୂର୍ବତନ ରାଷ୍ଟ୍ରପତି ଦାର୍ଶନିକ ସର୍ବପଲ୍ଲୀ ରାଧାକୃଷ୍ଣନ୍, ଜାତୀୟ ସଂହତି ଇଟା ଓ ସିମେଣ୍ଟର କାମ ନୁହେଁ । ଏହା ବି ନିହାଣ ହାତୁଡ଼ିର କାମ ନୁହେଁ । ଏହା ଆମ ହୃଦୟ ଓ ମନ ମଧ୍ୟରେ ଧୀରେ ଧୀରେ ଜନ୍ମିବ ଓ ଜମାଟ ବାନ୍ଧିବ । ଏହାହିଁ ସଂହତି, ଆମ ହୃଦୟର ସଂହତି ।

ହୁଏତ ବା ବ୍ୟର୍ଥତାରେ କିମ୍ବା ଲଗାମଛଡା ଭାବରେ ଆମେ କେତେବେଳେ ସମ୍ଭବତଃ ସବୁବେଳେ କହି ପକାଉ ଆଶା ରଖୁ ଦେଶ ଆମ ପାଇଁ କଅଣ କରିଛିକି ? ରୋଟି, ମାଟି, ମକାନ ଦେଇଛି କି ? ଚୁଲି, ସ୍ୱଭାଳ, ଦାନା, କନା, ପାଣି, ଆଲୋକ ଓ ଆନନ୍ଦର ଦାବୀ ଆମେ କରୁ । ଏ ସବୁର ବ୍ୟବସ୍ଥା ଦେଶ କରୁକି ? ହାତୀ ଦେବି, ଘୋଡା ଦେବି, ମୋ ପେଁକାଳି ବଜାଇ ଦିଅ–କେତେ ତ ଶୁଣାଯାଉଛି । ପେଁକାଳି ତ ବାଜୁଛି, କିନ୍ତୁ ହାତୀ, ଘୋଡା କାହିଁ । ଦେଶ ଦେଉଛି ? ଶାସନ କରୁଛି ? ସେତିକି ନୁହେଁ, ଧର୍ମ ପତ୍ନୀର ମୃତ୍ୟୁରେ ତାଙ୍କ ପତି ତାଜମହଲ ନିର୍ମାଣ କରୁଛନ୍ତି । କାବ୍ୟ ଓ ଇତିହାସର ପୃଷ୍ଠାରେ ଏହାର ଯଶୋଗାନ ଭରୁଛି ପଡୁଛି । କିନ୍ତୁ ଅସହାୟ ମହିଳା ଅଭାବ, ଅନାଟନ ଓ ଅନାହାରିରେ ଶେଷ ନିଃଶ୍ୱାସ ଛାଡୁଛି, ମଶାଣି ଭୂଇଁ ବି ଦେଖି ପାରୁ ନାହିଁ, ନିର୍ଲଜ ଶାଗୁଣା ଓ ଶୃଗାଳ ରାସ୍ତା କଡ଼ରେ ନିର୍ଭୀକତାର ପରିଚୟ ଦେଇ ଲଙ୍ଗୁ ଶବ ଉପରେ ଅମାନୁଷିକ ଅତ୍ୟାଚର କରୁଛନ୍ତି । ଏହି ନିର୍ଭୀକତା ହୁଏତ ଆମକୁ ସ୍ପର୍ଶ କରୁଛି ଓ ଆମେ ଶବଚିହ୍ନ ହୋଇ ପଡୁଛୁ । କିନ୍ତୁ ଅମାନୁଷିକତା ପାଇଁ ପଦେ କଥା ଆମ ତୁଣ୍ଡରୁ ବାହାରୁ ନାହିଁ ଓ ଲେଖିବା ବେଳକୁ ଆମ କଲମରୁ କାଳି ଶୁଖି ଯାଉଛି । ଏପରି ଦୃଶ୍ୟ ଓ ଦୃଷ୍ଟାନ୍ତ ଜାତୀୟ ନାଟକର ଆକର୍ଷଣୀୟ ହୋଇ ରହିଛି । ତେଣୁ ଆମ ଯଥାର୍ଥତା ହେଉଛି, ଓ ଦାବୀ ରହୁଛି, ଦେଶ କଅଣ କରିଛି ? ଆମ ହିସାବ ସେଇଠି । କିନ୍ତୁ ଆମେ ଦେଶ ପାଇଁ କଅଣ କରିଛୁ ମୁହୂର୍ତ୍ତକ ପାଇଁ ଭାବୁଛୁ କି ? ବିସ୍ମରକୁ ନେଉଛୁ କି ? ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ କନ୍ଧକବି ଭୀମଭୋଇ ପସ୍ତରିଥିଲେ, "ଏ ଜନଜଗତ ହତ ହୋଇଗଲେ କାହିଁ ପ୍ରତରିବି ମୁହିଁ ? " ସେଥିପାଇଁ ସେ ଅତ୍ୟନ୍ତ ପ୍ରାର୍ଥନା କରିଛନ୍ତି "ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ ।" ଅର୍କକ୍ଷେତ୍ରରେ ଓ ଶ୍ରୀକ୍ଷେତ୍ରରେ ଏହି ଉଦାର ପରଂପରାର କିମ୍ବଦନ୍ତୀ ଜନଜୀବନକୁ ଅନୁପ୍ରାଣିତ କରେ । ମୋର "ମୁଁତ୍ୱ" ସଂପୂର୍ଣ୍ଣ ଧ୍ୱଂସ ପାଇ, ଦେଶ, ବିଶ୍ୱ, ଜୀବନ, ଜନସମାଜ ବିରାଜିତ ହେଉ ଦିବ୍ୟ ସୌନ୍ଦର୍ଯ୍ୟରେ । ସ୍ୱାଧୀନତାର ସଂଗ୍ରାମୀ ସେଇମାନେ ଥିଲେ ଯେଉଁମାନେ ବ୍ରତ କରିଥିଲେ "ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ" ଅହୁରି ମଧ୍ୟ "ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼" । ତ୍ୟାଗ ସେବା, ସମର୍ପଣ ଆଦି ହେଉଛି ସ୍ୱାଧୀନତା ସଂଗ୍ରାମର ମହନୀୟ ଗାଥା ; ଅଥଚ ଏହାର ଇତିହାସ ମୁଖ୍ୟତଃ ଏକ ନାମ ତାଲିକାରେ ପରିଣତ ହୋଇଛି ଓ ଏହାର ପାଠକ ସେସବୁକୁ ମୁଖସ୍ଥ କରି କାକବତ୍ ଆବୃତ୍ତି କରୁଛନ୍ତି । ପ୍ରାଣବନ୍ତୀ ଉନ୍ମାଦନା କାହିଁ ! ଜାତି ଓ ବାପୁ କାହାନ୍ତି ? ଦେଶ ପ୍ରତି କର୍ତ୍ତବ୍ୟର ଚିନ୍ତା କାହିଁ ? ଜାତି, ଜୁତା, କଣ୍ଟା, ଓ ଲତା ରାସ୍ତାରୁ ଉଠାଇ ଦିଆଯାଇ ପାରିବ । "ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍, ପରଦାରେଷୁ ମାତୃବତ୍" ଅଭ୍ୟାସ କରିହେବ । ଦୀନ ଦୁଃଖୀ ଓ ଦରିଦ୍ରଙ୍କ ସେବାରେ ଲାଗିହେବ । ଜାତୀୟ ପତାକା, ସଂଗୀତ ଓ ସଂକେତ ପ୍ରତି ସନ୍ମାନ ସହିତ ଶ୍ରୀବୃଦ୍ଧି ରହିବ । ଭାରତ ଓ ଭାରତୀ ଭାବନା ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରାଣତନ୍ତ୍ରୀରେ ଝଙ୍କୃତ ହେବ, ଇତ୍ୟାଦି । ଏହି ଅବସ୍ଥାରେ ତଳେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଉଦ୍‌ବୋଧନ ଆମ ପ୍ରତି ଏକ ଆହ୍ୱାନ । ତାହା ହେଉଛି, "ଜାତିର ସେବା କରୁ କରୁ ଯଦି ମୋତେ ପ୍ରାଣବଳି ଦେବାକୁ ପଡ଼େ ତାହା ହେବ ମୋ ପାଇଁ ଗୌରବ । ମୋର ଦୃଢ଼ ବିଶ୍ୱାସ ଯେ, ମୋ ଦେହର ପ୍ରତିଟି ରକ୍ତବିନ୍ଦୁ ଏହି ଦେଶର ଅଭିବୃଦ୍ଧିରେ ସହାୟକ ହେବା ସଙ୍ଗେ ସଙ୍ଗେ ଏହାକୁ ଶକ୍ତିଶାଳୀ ଓ ଗତିଶୀଳ କରି ଗଢ଼ି ତୋଳିବ ।" ଏହା ଭୁବନେଶ୍ୱରର ଇତିହାସ ଓ ଇତିହାସର ଭୁବନେଶ୍ୱର ଭାରତ ତଥା ବିଶ୍ୱ ଇତିହାସ ଗଠନ କରିବ ।

ମୋ ନାଁ, ଗାଁ, ମା ଓ ମାଟି ମୋର ନିଶ୍ଚିତ ପ୍ରିୟତମ । ମୋ ପିତାଙ୍କ ପ୍ରାର୍ଥନା ମୋ ହୃଦୟର ସଂଶାଳି । ମୋ ମା'ର ଭାଷା ମୋ ପ୍ରାଣର ଧନ ଓ ପିତୃପିତାମହଙ୍କ ଅଞ୍ଚଳ ମୋ ପାଇଁ ଗର୍ବ ଓ ଗୌରବ । ମୋ ଜନ୍ମମାଟି, ମୋ ଧର୍ମ ଓ ମୋ ଭାଷା ମୋ ପାଇଁ ପ୍ରେରଣାର ଚିରନ୍ତନ ଉତ୍ସ । ଏହା ମୋର ଯେପରି ଅଛି, ଅନ୍ୟମାନଙ୍କର ସେପରି । ମୁଁ ଯେତିକି ସନ୍ମାନ ଦେବି ଅନ୍ୟମାନେ ସେମାନଙ୍କର ଜନ୍ମମାଟି, ଧର୍ମ ଓ ଭାଷାକୁ ସନ୍ମାନ ଦେବେ । ଏହା ମୋତେ ଗ୍ରହଣ କରିବାକୁ ହେବ । ଏହା ସହିଷ୍ଣୁତାର କଥା । ଏହାଛଡା, ଧର୍ମ ଧରିତ୍ରୀକୁ ଧରି ରଖେ । ପ୍ରେମ, ଭ୍ରାତୃତ୍ୱ, ସତ୍ୟ, ସହିଷ୍ଣୁତା, ସନ୍ମାନ ଆଦି ମାନବିକ ସଦ୍‌ଗୁଣର ଶିକ୍ଷା ଧର୍ମରୁ ମିଳେ । ବିଭିନ୍ନ ଧର୍ମର ଏସବୁ ମୂଳମନ୍ତ୍ର । ଘୃଣା, ପାପାଚାର, ବିଦ୍ୱେଷ, ହିଂସା, କପଟତା ଆଦି ଦୁର୍ଗୁଣ ଧାର୍ମିକତାର ପରିଚାୟକ ନୁହେଁ । ଭାରତର ସଂସ୍କୃତି, ସଂହତି ଓ ଆତ୍ମା ବିଭିନ୍ନ ଅଞ୍ଚଳର ଗୌରବ ଓ କୃତିର ସମାହାର । ଆଞ୍ଚଳିକ, ଭାଷାଗତ ଓ ଧାର୍ମିକ ବିଭିନ୍ନତା ଦ୍ୱାରା ଭାରତୀୟ ଜୀବନ ପରିପୁଷ୍ଟ । ବିଭିନ୍ନତାରେ ଏକାତ୍ମତା ଓ ଅଭିନ୍ନତା ହେଉଛି ଆମ ସଂହତି । ଏହା ଐକ୍ୟର ପ୍ରତି ପାଦନ କରେ । "ମଇଁଷି ସିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ।" ଏହା ଯୁଗେ ଯୁଗେ ଆମର ନୀତି ହୋଇଛି । ସେତିକି ନୁହେଁ, "ବସୁଧୈବ କୁଟୁମ୍ବକମ୍" ଆମର ଧର୍ମ "ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ" ବୋଲି ଆମେ ବିଶ୍ୱକୁ ସମ୍ବୋଧନ କରିଛୁ । ରବୀନ୍ଦ୍ରନାଥଙ୍କ ଶାନ୍ତି ନିକେତନ "ଯତ୍ର ଭବତ୍ୟେକ ନୀଡମ୍" ହୋଇଛି । ଆମ ଜାତୀୟ ଅଖଣ୍ଡତା ଏହି ବିଶାଳ ଭୂଖଣ୍ଡର ଆତ୍ମା । ଏହା ଆମ ଦେଶର ଶାନ୍ତି, ପ୍ରଗତି, ସମୃଦ୍ଧି ଓ ଆଧୁନିକୀକରଣ ପାଇଁ ଏକାନ୍ତ ଆବଶ୍ୟକ । ଜାତି, ବର୍ଣ୍ଣ, ଭାଷା, ଅଞ୍ଚଳ, ସଂପ୍ରଦାୟ ଓ ଧର୍ମ ନିର୍ବିଶେଷରେ ଆମେ ସବୁ ଭାରତବାସୀ ଏକ । ଆମେ ଭାରତର ଓ ଭାରତ ଆମ ଭାରତୀୟଙ୍କର । ଆମର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ବିଭିନ୍ନ ହେଲେ ହେଁ କାଶ୍ମୀରରୁ କନ୍ୟାକୁମାରୀ, ଗୁଜରାଟରୁ ଆସାମ ସମଗ୍ର ଭାରତ ଏକ ଓ ଅଭିନ୍ନ । ଭାରତ ଜନନୀର ସନ୍ତାନ ଆମେ ସମସ୍ତେ ଭାଇଭଉଣୀ ପରି । ପିତାମାତା ଓ ଭାଇଭଗ୍ନୀର ସମ୍ବୋଧନ ଆମ ସମସ୍ତଙ୍କୁ ସ୍ପର୍ଶ କରେ । ଆପଣାର କରି ଦିଏ । ଏଥିରେ ଧନ, ମାନ,

ଯଶ, ପୈତୃକ, ଶିକ୍ଷା, ଦୀକ୍ଷାର ବିଚାର ନଥାଏ । ଏସବୁ ଆମକୁ ପୃଥକ୍ କରି ପାରେ ନାହିଁ, । କାରଣ ବସ୍ତୁତଃ ଆମ୍ଭେମାନେ ଏକ ଭାରତ ପରିବାରର ଭାରତୀୟ । ଅସ୍ପୃଶ୍ୟତା ଆମ ଜାତିର ଏକ ଅବିଚ୍ଛେଦିତ କଳଙ୍କ ହୋଇଅଛି । ଏହାର ଅନୀକତା ସମ୍ବନ୍ଧରେ ଆଜି କାହାରିକୁ ବୁଝାଇବାର ଆବଶ୍ୟକତା ନାହିଁ । କିନ୍ତୁ ଅନେକ କ୍ଷେତ୍ରରେ ଆମେ ବୁଝୁଛୁ, ତଥାପି ପରମ୍ପରାର ବନ୍ଧନରୁ ପୂରାପୂରି ନିଜକୁ ମୁକ୍ତ କରି ପାରୁ ନାହୁଁ । ଆଜକୁ ପ୍ରାୟ ୭୫ ବର୍ଷ ପୂର୍ବେ ଗୀତାଞ୍ଜଳିରେ ପ୍ରକାଶିତ 'ଦୁର୍ଭାଗ୍ୟ ଦେଶ' ଶୀର୍ଷକ ଏକ ସୁପରିଚିତ କବିତାରେ ବିଶ୍ୱକବି ରବୀନ୍ଦ୍ରନାଥ ସମାଜର ଦଳିତ ଶ୍ରେଣୀଙ୍କ ଉପରେ କରାଯାଉଥିବା ଅତ୍ୟାଚାର ବିରୁଦ୍ଧରେ ସମଗ୍ର ଦେଶକୁ ସତର୍କ କରି ଦେଇଥିଲେ ଓ ସେମାନଙ୍କୁ ଆନ୍ତରିକତା ସହକାରେ ଆଲିଙ୍ଗନ କରିବାକୁ ଅନ୍ୟମାନଙ୍କ ସମୀପରେ ଦୃଢ଼ ଯୁକ୍ତି କରିଥିଲେ । ଏହାର ଯଥେଷ୍ଟ ପୂର୍ବରୁ ସ୍ୱାମୀ ବିବେକାନନ୍ଦଙ୍କ ପରି ଅନେକ ସାଧୁସନ୍ଥ ମଧ୍ୟ ସେମାନଙ୍କୁ ଅବହେଳିତ ନ କରିବାକୁ ସତର୍କ କରିଥିଲେ ଗାନ୍ଧିଜୀ ସେମାନଙ୍କ ପାଇଁ ଜୀବନବ୍ୟାପୀ ସଂଗ୍ରାମ କରିଥିଲେ । ସେମାନଙ୍କୁ ହରିଜନ ଆଖ୍ୟା ଦେଇଥିଲେ । ସେମାନଙ୍କ ସପକ୍ଷରେ ରାଜନୈତିକ ଓ ସାମାଜିକ ଆନ୍ଦୋଳନ କରିବା ସଙ୍ଗେ ସଙ୍ଗେ ସର୍ବୋଦୟ ସମାଜର ପ୍ରତିଷ୍ଠା ପାଇଁ ଶିକ୍ଷା ଆଦି ରଚନାତ୍ମକ କାର୍ଯ୍ୟକ୍ରମର ସୂତ୍ରପାତ କରିଥିଲେ । ଆଜି ହରିଜନ ଓ ଗିରିଜନମାନଙ୍କୁ ସାମାଜିକ ନ୍ୟାୟ ଦେବା ପାଇଁ ଶିକ୍ଷା, କର୍ମସଂସ୍ଥାନ ଆଦିର ବ୍ୟବସ୍ଥା କରାଯିବା ଉଚିତ । ସମାଜ, ବିଦ୍ୟାଳୟ ଓ ପରିବାର ପରସ୍ପର ପରିପୂରକ ହୋଇ ଗଣତାନ୍ତ୍ରିକ ଗବେଷଣାଗାରରେ ପରିଣତ ହେବା ଉଚିତ ।

ଏହି ପ୍ରସଙ୍ଗରେ ( Nani A Palkhivala ) ଙ୍କ ଆଲୋଚନା ଉଲ୍ଲେଖନୀୟ । ସେପ୍ଟେମ୍ବର ଆଠ ଉଣେଇଶ ପଞ୍ଚାଅଶୀ (Sunday Statesman ର Miscellany ରେ Redesigning India for the 21st. Century) ଶୀର୍ଷକ ଆଲୋଚନାରେ ଏପରି ଏକ ବିଶାଳ ବିଷୟର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦିଗ ଥିଲେ ହେଁ ପୁନର୍ଗଠିତ ଭାରତର ସାତ ଗୋଟି ସ୍ତମ୍ଭ ଉପରେ ସେ ପ୍ରାଧାନ୍ୟ ଦିଅନ୍ତି । ତନ୍ମଧ୍ୟରୁ ଜାତୀୟ ଏକାତ୍ମତା ତାଙ୍କ ମତରେ ସର୍ବ ପ୍ରଧାନ । ଆମ ଦେଶରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ମରାଠୀ, ତାମିଲ ଆଦି ଭାଷାଭାଷୀ ଲୋକ ଅଛନ୍ତି । କିନ୍ତୁ ଅତ୍ୟନ୍ତ ଭାରତୀୟ । ସଂକୀର୍ଣ୍ଣ ଆନୁଗତ୍ୟ ଓ ସାଂପ୍ରଦାୟିକ ତୁଣ୍ଡବାଦ ଆଜି ଆମ ରୀତିନୀତିରେ ପରିଣତ ହୋଇଛି ଓ ଏହା ଜାତୀୟ ବିଭାଜନର ନିଶ୍ଚିତ ସଙ୍କେତ । ପାକିସ୍ଥାନ ବା ଗୁଇନା ଆଜି ଭାରତର ଅତି ଶକ୍ତିଶାଳୀ ଶତ୍ରୁ ନୁହେଁ, କିନ୍ତୁ ଭାରତୀୟମାନେ ନିଜେ ନିଜର ପରମ ଶତ୍ରୁ । ଭାରତୀୟମାନେ ଯେପରି କରି ପାରିବେ, କୌଣସି ଶତ୍ରୁ ଭାରତକୁ ଏତେ ଫଳପ୍ରଦ ଭାବରେ ସମ୍ଭବତଃ ଦୁର୍ବଳ କରି ପାରିବେ ନାହିଁ । ଆମେ ହିଁ ଆମର ଶତ୍ରୁ । ତେଣୁ ଆଲୋଚକଙ୍କ ମତରେ ବିଭିନ୍ନ ଭାଷା ଓ ରାଜ୍ୟ ମଧ୍ୟରେ ପରସ୍ପର ନିର୍ଭରଶୀଳତା ସୃଷ୍ଟି କରିବା ସର୍ବାଦୌ କର୍ତ୍ତବ୍ୟ । ସେହିପରି ଭାବରେ ଭାରତର ପୁନର୍ଗଠନ ପାଇଁ ଆଇନ ଓ ଶୃଙ୍ଖଳାରକ୍ଷା, ପରିବାର ନିୟନ୍ତ୍ରଣ, ଶିକ୍ଷା, ସାମ୍ବିଧାନିକ ( integrity ), ଜନତନ୍ତ୍ର ( egalitarianism ) ଓ ସମାଜ ଦୃଷ୍ଟିରୁ ଦାୟିତ୍ୱ ସଂପନ୍ନ ବ୍ୟବସାୟ ବାଣିଜ୍ୟ ଉପରେ ସେ ଗୁରୁତ୍ୱ ଆରୋପ କରନ୍ତି । ବସ୍ତୁତଃ ଆମର ଏକାନ୍ତ ପ୍ରୟୋଜନ ଜାତୀୟ ଚରିତ୍ର । ବୁଦ୍ଧିମତ୍ତା ସହିତ ଚରିତ୍ରବତ୍ତା ଓ ସମର୍ପିତ ସାଧୁତା ସେଥିରେ ରହିବ । ଏହାହିଁ ମୌଳିକ ଭାରତୀୟ ଭାବନା । ଏହା ଆବେଗିକ ସଂହତିର ରୂପ ନେବ । ଏହା ହେବ ଜାତୀୟ ସଂହତି । ଗୋଷ୍ଠୀ ସଂଗୀତ, ଯୁବ ଶିବିର, ପରିଭ୍ରମଣ, ବିଭିନ୍ନ ଅଞ୍ଚଳର ଗୌରବ ଗାଥାର ପର୍ଯ୍ୟାଲୋଚନା ଆଦି କାର୍ଯ୍ୟକ୍ରମ ଅଧିକ ମାତ୍ରାରେ ଓ ନିଷ୍ଠାରେ କରାଯାଇ ପାରେ । ମୂଳ ସ୍ୱୀକୃତି ହେବ, ଆମେ ଭାରତୀୟ । ଅତୀତର ଗୌରବାବହ ପରମ୍ପରା, ସମସ୍ୟା ବହୁଳ ବର୍ତ୍ତମାନ ଓ ଭାବୀ ଆହ୍ୱାନର ଦୃଢ଼ ସମ୍ମୁଖୀନତା ହେବ ଆମର ଧ୍ୟେୟ ଓ ଧ୍ୟାନ ।

ଏ ଦିଗରେ ଗଣ ମାଧ୍ୟମର ସୁଦୂର ପ୍ରସାରୀ ସମ୍ଭାବନା ଆମର ପ୍ରକୃତ କଲ୍ୟାଣ ସାଧନ କରିବ । ବ୍ୟକ୍ତିତ୍ୱର ସୁସଂହତ ସମନ୍ୱୟ ସାଧନ କରାଯିବ ଓ ଏଥି ସହିତ ଜାତୀୟ ଐକ୍ୟର ପରିପୁଷ୍ଟି କରାଯିବ । ବସ୍ତୁତଃ ଏହା ହେବ ବ୍ୟକ୍ତିଚେତନାର ସଂପ୍ରସାରଣ । ବ୍ୟକ୍ତି ଜୀବନର ନିଷ୍ଠା ସହିତ ଜାତୀୟ ମମତା ଓ ବିଶ୍ୱଜନପ୍ରୀତିର ଅବାଧ ମିଳନ ଓ ପରିଣତି ସାଧିତ ହେବ ।

ପକ୍ଷାନ୍ତରରେ ବ୍ୟାପକ ଦୃଷ୍ଟିରୁ ବିଚାର କରାଗଲେ ଜାତୀୟ ସଂହତିର ଦୃଢ଼ୀକରଣ ଓ ଉନ୍ନତି କରିବା ପାଇଁ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏ କଥା ସତ୍ୟ ଯେ ଏହି ସମସ୍ୟାର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଦିଗ ରହିଛି । ଶିକ୍ଷାର ଭୂମିକା ବିଷୟରେ ଆଲୋକପାତ କରାଗଲା ବେଳେ ଉକ୍ତ ଦିଗଗୁଡ଼ିକ ପ୍ରତି ସମଧିକ ଧ୍ୟାନ ଦିଆଯିବା ଉଚିତ । ସବୁ ଦିଗରୁ ବିଚାର କରି ଏ ପ୍ରକାର ଆଭ୍ୟନ୍ତରୀଣ ଅବସ୍ଥା ଓ ପରିବେଶ ସୃଷ୍ଟି କରାଯିବ ଯେଉଁଥିରୁ ଉଦ୍ଭୂତ ହେବ ଶୃଙ୍ଖଳିତ ଓ ଐକ୍ୟବଦ୍ଧ ଜାତୀୟ ଜୀବନ । ଆତଙ୍କବାଦରୁ ମୁକ୍ତ ରହି ଲୋକଶକ୍ତି ଉପରେ ଆଧାରିତ ସୂର୍ଯ୍ୟର କିନ୍ତୁ ପ୍ରଗତି ସହାୟକ କର୍ମନିଷ୍ଠା ଓ ଚରିତ୍ର । ସେଥିପାଇଁ ଶିକ୍ଷା ଓ ଜାତୀୟ ସଂହତି କୁହା ନଯାଇ ଜାତୀୟ ସଂହତି ପାଇଁ ଶିକ୍ଷା ବା ଶିକ୍ଷା ମାଧ୍ୟମରେ ଜାତୀୟ ସଂହତିର ବିଚାର କରାଯିବ । ପ୍ରାଥମିକ ଶିକ୍ଷାସ୍ତରଠାରୁ ଆରମ୍ଭ କରି ସ୍ନାତକୋତ୍ତର ଶିକ୍ଷାସ୍ତର ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ଯୋଜନାକୁ ତିନୋଟି ଦିଗରେ ଅଭିମୁଖୀ କରିବା ପାଇଁ ଜାତୀୟ ସଂହତି ପରିଷଦର ଗଜେନ୍ଦ୍ରଗଡ଼କର ସବ୍‌କମିଟି (୧୯୬୮) ସୁପାରିଶ୍ କରିଥିଲେ । ସେ ତିନୋଟି ଦିଗ ହେଉଛି (୧) ଭାରତୀୟ ଭାବଧାରା ସଂହତି ଓ ଐକ୍ୟ ସୃଷ୍ଟି କରାଯିବ (୨) ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ବନ୍ଧରେ ଶିକ୍ଷା ଦିଆଯିବ ଓ (୩) ପ୍ରଚଳିତ ପାରମ୍ପରିକ ସମାଜକୁ ରୂପାନ୍ତରିତ କରି ଆଧୁନିକ ସମାଜ ସୃଷ୍ଟିରେ ସାହାଯ୍ୟ କରାଯିବ । ଏଯାବତ ଆମ ଶିକ୍ଷା ଯୋଜନାର ଏଦିଗରେ ମୌଳିକ ଅଭିମୁଖୀକରଣ ଆଶାନୁରୂପ ସମ୍ଭବ ହୋଇ ପାରି ନାହିଁ ।

ଆମ ସଂହତି ବିଷୟରେ ଆମକୁ ଶିକ୍ଷା ଦେବାପାଇଁ ଏହାକୁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ବିଷୟ ବା ପରିଧିର ଅନ୍ତର୍ଭୁକ୍ତ କରିଦେଲେ ଚଳିବନାହିଁ କିମ୍ବା କୌଣସି ଜଣେ ଶିକ୍ଷକଙ୍କ କାର୍ଯ୍ୟର ଅଙ୍ଗୀଭୂତକରିଦେଲେ ହେବନାହିଁ । ସମଗ୍ର 'ଶିକ୍ଷା, ଶିକ୍ଷାୟତନ ଓ

ଶିକ୍ଷକବର୍ଗ ଏଥିରେ ଅନୁରଞ୍ଜିତ, ଅନୁପ୍ରାଣିତ ଓ ଅନୁପ୍ରବିଷ୍ଟ କରିବା ଉଚିତ । ତଥାପି ପାଠ୍ୟକ୍ରମର କେତୋଟି ପାଠ୍ୟ ବିଷୟ ଅଛି ଯେଉଁଥିରେ ଜାତୀୟ ସଂହତି ଭଲଭାବରେ ସ୍ଥାନ ପାଇ ପାରିବ । ସେସବୁ ବିଷୟ ହେଉଛି ଇତିହାସ, ଭୂଗୋଳ, ସମାଜ ବିଜ୍ଞାନ, ଭାଷା ଇତ୍ୟାଦି । ବିଭିନ୍ନ ସଂପ୍ରଦାୟ, ଅଞ୍ଚଳ ଆଦି ମଧ୍ୟରେ ପରସ୍ପର ନିର୍ଭରଶୀଳତା ବିଷୟରେ ଶିକ୍ଷା ଦିଆଯାଇପାରିବ । ବ୍ୟକ୍ତିଗତ ଚିନ୍ତା ପରିସୀମା ଓ ଆନୁଗତ୍ୟକୁ କ୍ରମେ ସଂପ୍ରସାରିତକରି ରାଷ୍ଟ୍ରବ୍ୟାପୀ ଓ ବିଶ୍ୱବ୍ୟାପୀ କରିବାକୁ ହେବ । ବିଭିନ୍ନ ଭାଷାର ଗଦ୍ୟ, ପଦ୍ୟ କାବ୍ୟ ଓ କବିତାରେ ନିଜକୁ ଓ ନିଜ ପରିସୀମାକୁ କେନ୍ଦ୍ରକରି ବିଷୟଥାଏ । ବୟସର ବୃଦ୍ଧି ଓ ବୁଦ୍ଧି ଅଭିବୃଦ୍ଧି ଫଳରେ ଏହାକୁ କ୍ରମେ ପ୍ରସାରିତ କରାଇଥାଏ । ଏହିକ୍ରମ ପ୍ରସାରଣରେ ଶିକ୍ଷକ ସହାୟକହେବେ ଓ ଅନୁକୂଳ ପଦ୍ଧତି ଅବଲମ୍ବନ କରିବେ । ଏଠାରେ ନିମ୍ନୋକ୍ତ ଶ୍ଳୋକ ସ୍ମରଣୀୟ ।

ମିତ୍ରସ୍ୟ ମା ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷତାମ ମିତ୍ରସ୍ୟା ହଂ ଚକ୍ଷୁଷା ସର୍ବାଣି ଭୂତାନି ସମୀକ୍ଷେ । ମିତ୍ରସ୍ୟ ଚକ୍ଷୁଷା ସମୀକ୍ଷାମହେ ।

ସମସ୍ତେ ମୋର ମିତ୍ର ହୁଅନ୍ତୁ । କେହି ମୋତେ ତିଳେହେଲେ ଶତ୍ରୁ ନକରନ୍ତୁ । ଆହୁରି ମଧ୍ୟ ମୁଁ ଶତ୍ରୁଶୂନ୍ୟହୋଇ ସମସ୍ତ ଚରାଚର ଜଗତକୁ ନିଜର ପ୍ରାଣ ତୁଲ୍ୟ ଜ୍ଞାନ କରେ ।

ଶହୀଦ୍‌ନଗର, ଭୁବନେଶ୍ୱର ——



ଉପରାଷ୍ଟ୍ରପତି ଶ୍ରୀ ଭେଙ୍କଟରମଣ ଓ ଲୋକସଭା ବାଚସ୍ପତି ଶ୍ରୀ ଜାଖର ଅଷ୍ଟମ ରାଜ୍ୟଗୋଷ୍ଠୀ ସ୍ପିକରସ୍ ଓ ପ୍ରିଜାଇଡିଂ ଅଫିସରସ୍ କନ୍ଫରେନ୍ସରେ ।

# ବିଶାଖା ବିଦ୍ରୋହ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ପାରଳାଖେମୁଣ୍ଡିର ରାଜା ନାରାୟଣ ଦେବଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ବୀର ଗଜପତି ଖ୍ରୀ ୧୭୭୧ରେ ରାଜଗାଦି ଲାଭକଲେ । ସେତେବେଳେ ତାଙ୍କ ବୟସ ଚଉଦବର୍ଷ ମାତ୍ର । ତଥାପି ସେ ତାଙ୍କ ପିତାଙ୍କ ଅଭିଳଷିତ ସ୍ୱାଧୀନତା ଲାଭକରିବା ପାଇଁ ସୁଯୋଗ ଅପେକ୍ଷାରେ ରହିଥାନ୍ତି । ଏଣେ ତାଙ୍କ ସୁରକ୍ଷା ଓ ଶିକ୍ଷା ନିମନ୍ତେ ତାଙ୍କ ବଂଶୀୟ ପିତୃବ୍ୟ ବଡ଼ଖେମୁଣ୍ଡି ରାଜା ପୁରୁଷୋତ୍ତମ ଅନଙ୍ଗଭୀମଦେବ ତାଙ୍କୁ ନେଇ ନିଜ ରାଜପ୍ରାସାଦରେ ପୁତ୍ରାମାରିରେ ରଖିଥିଲେ । ଅନଙ୍ଗଭୀମ ଓରଫ ଭୀମଦେବଙ୍କ ସଙ୍ଗେ ମରହଟ୍ଟା ସୁବେଦାର ସମାଜୀଙ୍କ ବନ୍ଧୁତା ସ୍ଥାପିତ ହୋଇଥିବାରୁ ଇଂରାଜୀମାନଙ୍କର ତାଙ୍କପ୍ରତି ବିଦ୍ୱେଷ ମୂଳରୁ ରହିଥିଲା । କାରଣ ସେ ମଧ୍ୟ ନାରାୟଣଦେବଙ୍କ ସଙ୍ଗେ ମରହଟ୍ଟାମାନଙ୍କ ସାହାଯ୍ୟରେ ଗଞ୍ଜାମରୁ 'ଇଷ୍ଟଇଣ୍ଡିଆ କଂପାନୀ'କୁ ନିଶ୍ଚିହ୍ନ କରିଦେବା ଷଡ଼ଯନ୍ତ୍ରରେ ଲିପ୍ତଥିବା ସମ୍ବାଦ ମିଷ୍ଟର କାଟ୍ସପୋର୍ଟ ପାଇଥିଲେ । ତେଣୁ ପ୍ରକାଶ୍ୟରେ ଇଂରାଜୀ ସେନାପତି ତାଙ୍କ ସଙ୍ଗେ ଯୁଦ୍ଧ ନକରି ବଡ଼ଖେମୁଣ୍ଡି ରାଜ ପରିବାରରେ କଳହ ସୃଷ୍ଟି କରାଇବା କୌଶଳ ଅବଲମ୍ବନ କଲେ । ଅଳ୍ପକାଳ ମଧ୍ୟରେ ଭୀମଦେବଙ୍କ ସଙ୍ଗେ ତାଙ୍କ ପୁତ୍ର ମଣିଦେଓଙ୍କ କଳହ ଦେଖାଦେଲା ।

ଖ୍ରୀ :୧୭୭୨ଷ୍ଟାର ଏପ୍ରିଲ ୧୭ ତାରିଖ ଦିନ ମଣିଦେଓଙ୍କୁ ସାହାଯ୍ୟ କରିବା ଛଳରେ ଇଂରାଜୀ ସୈନ୍ୟ ବଡ଼ଖେମୁଣ୍ଡି ଦୁର୍ଗ ଆକ୍ରମଣ କଲେ । ସେତିକିବେଳେ ପାରଳାଖେମୁଣ୍ଡିର ରାଜକୁମାର ଗଜପତି ଦେବଙ୍କ ବୈମାତୃଜ ଭ୍ରାତା ଜଗନ୍ନାଥଦେବ ସାହାଯ୍ୟକରି ଉଭୟ ଜମିଦାରୀରେ ଇଂରେଜଙ୍କ ଅନୁଗତ ମଣିଦେଓ ଏବଂ ଜଗନ୍ନାଥଦେଓଙ୍କୁ ସ୍ଥାପନକଲେ ।

ଖ୍ରୀ: ୧୭୭୩ରେ ସେହିପରି ବିଭେଦ କୌଶଳ ଘୁମୁସର ରାଜପରିବାରରେ ପ୍ରୟୋଗ କରାଗଲା । କୃଷ୍ଣଭଂଜଙ୍କ ମୃତ୍ୟୁପରେ ତାଙ୍କର ଦୁଇପୁତ୍ର ଲକ୍ଷ୍ମଣଭଞ୍ଜ ଓ ତ୍ରିବିକ୍ରମଙ୍କ ମଧ୍ୟରେ ସିଂହାସନ ଅଧିକାର ପାଇଁ କଳହ ସୃଷ୍ଟିହେଲା । ସେତିକିବେଳେ ଶୁଳ୍କ ସଂଗ୍ରହ ବାହାନାରେ ଇଂରାଜୀମାନେ ଘନ ଘନ ଘୁମୁସର ଯାଉଥିବାରୁ ସେମାନଙ୍କୁ ସନ୍ତୁଷ୍ଟ କରିବାପାଇଁ ଲକ୍ଷ୍ମଣଭଞ୍ଜ ବିଜୟ ନଗରର ସୀତାରାମ ରାଜୁଙ୍କ ଠାରୁ ଖ୍ରୀ : ୧୭୭୯ରେ ଋଣ ଆଣି ଇଂରାଜୀଙ୍କୁ ଧନଦେଇ 'ସନନ୍ଦ' (ରାଜା ହେବାକୁ ଅଧିକାର ପତ୍ର) ପାଇବା ସକାଶେ ମାନ୍ଦ୍ରାଜ ଯାତ୍ରାକଲେ । ସେଠାରୁ ସେ ଫେରି ଆସି ଘୁମୁସର ରାଜଗାଦିରେ ଉପବିଷ୍ଟ ହେଲେ । ତାଙ୍କ ଜାମାତା ଜଗନ୍ନାଥଦେଓଙ୍କୁ ମଧ୍ୟ ଇଂରାଜୀମାନେ ପାରଳାଖେମୁଣ୍ଡି ରାଜାରୂପେ ଅନୁମୋଦନ କରିଥିଲେ ।

ମାଳ ଅଞ୍ଚଳରେ ପୂର୍ବରୁ ଅବସ୍ଥିତ ବିଶୋଇ ଓ ଦୋରାମାନେ ବିଦେଶୀ ଇଂରାଜୀମାନଙ୍କୁ ଏପରି ଅନାବଶ୍ୟକ ହସ୍ତକ୍ଷେପର ପ୍ରକୃତ ଉଦ୍ଦେଶ୍ୟ କ'ଣ, ତାହା ବୁଝି ପାରିଲେ । ସେମାନେ ଆଉ ମଧ୍ୟ ବୁଝିଥିଲେ ଯେ, ଗୋଟାଏ ବିଦେଶୀ ଜାତି ତାଙ୍କ ସ୍ୱାଧୀନତା ଅପହରଣକରି ଏଦେଶର ସାମାଜିକ ସଂସ୍ଥା ଭ୍ରଷ୍ଟ କରିବାକୁ ଉଦ୍ୟତ । ଏଣୁ ସେମାନେ ଏକତ୍ରିତ ହୋଇ ଏଥିର ନିରାକରଣ ପାଇଁ ବିପ୍ଳବର ଆୟୋଜନକରି ଆଦିବାସୀ ଦୁର୍ଦ୍ଧର୍ଷ କନ୍ଧ ଓ ଶବରମାନଙ୍କୁ ସଂଗଠିତ କଲେ । ପ୍ରତ୍ୟେକ ପାର୍ବତୀୟ କେନ୍ଦ୍ରରେ ଜଣେ ଜଣେ ବିଶୋଇଙ୍କ ଅଧୀନରେ କେତେ ଦେଶୀ ଖଣ୍ଡାୟତ ପାଇକ ସମେତ ବହୁ ଆଦିବାସୀ ଆବଶ୍ୟକବେଳେ ଯୁଦ୍ଧ କରିବାକୁ ପ୍ରସ୍ତୁତହୋଇ ରହିଥାନ୍ତି । ପାର୍ବତୀୟ ଅଞ୍ଚଳରେ ସେହି ଧନୁଶର ଓ ପରଶୁ କୃପାଣରେ ସଜ୍ଜିତ ସୈନ୍ୟ ସମ୍ମୁଖରେ ତୋପ-ବନ୍ଧୁକ ମଧ୍ୟ ଯୋଟ ଦେଇପାରୁନଥାଏ । ସୁତରାଂ ସମଗ୍ର ଗଞ୍ଜାମର ମାଳ ଅଞ୍ଚଳରେ ଭୀଷଣ ବିପ୍ଳବର ଘନଘଟା ଛାଇଗଲା ।

ଇଂରାଜୀ ସେନାପତି ମନେକଲେ ଯେ, ଗଜପତି ଦେବଙ୍କଠାରୁ ଇଙ୍ଗିତ ପାଇ ମାଳଅଞ୍ଚଳର ଅଶିକ୍ଷିତ ଆଦିବାସୀମାନେ ବିଦ୍ରୋହରେ ଲିପ୍ତ ହୋଇ ଅଛନ୍ତି । ତେଣୁ ଗଜପତିଙ୍କୁ ଖ୍ରୀ ୧୭୭୪ରେ ଅନ୍ତରୀଣ ବନ୍ଦୀରୂପେ ବିଶାଖାପାଟଣାକୁ ପଠାଇ ଦିଆଗଲା । ଏଥିରେ ବିଶୋଇ ଓ ଦୋରାମାନେ ଅଧିକ ଉତ୍ତେଜିତ ହୋଇ ଇଂରାଜୀ ଶାସନ ଭାଙ୍ଗିଦେବା ଉଦ୍ଦେଶ୍ୟରେ ସ୍ଥଳ ଅଞ୍ଚଳରେ ଲୁଟପାଟ ଓ ଗୃହଦାହକରି ଅଶାନ୍ତି ସୃଷ୍ଟିକଲେ । ତାହା ଦମନ କରିବା ସମ୍ଭବ ହେଲାନାହିଁ । ଗଜପତିଦେବଙ୍କୁ ବନ୍ଦୀରୁ ମୁକ୍ତକରିବାକୁ ମଧ୍ୟ ଇଂରାଜମାନଙ୍କ ସାହସ ହେଲାନାହିଁ । ମାଳ ଅଞ୍ଚଳର


ବିଦ୍ରୋହ କ୍ରମେ ବଢ଼ିବାକୁ ଲାଗିଲା । ଶେଷରେ ଆଦିବାସୀଙ୍କ ସାହାଯ୍ୟରେ ଗଜପତି ଦେବଙ୍କୁ ବିଶାଖାପାଟଣାରୁ ମୁକ୍ତିକରି ରାଜଗାଦିରେ ବସାଇବା ହିଁ ଏକମାତ୍ର ଉପାୟ ବୋଲି ସେମାନେ ସ୍ଥିରକଲେ । ତେଣୁ କେତେକ ଦୁର୍ଦ୍ଧର୍ଷ ସୈନିକ ବିଶାଖାପାଟଣା ବନ୍ଦର ଅଭିଯାନରେ ବାହାରିଲେ ।

ଠିକ୍ ସେହି ସମୟରେ ଇଂରାଜୀ ମାନେ ଦ୍ୱିତୀୟ ମହୀଶୂର ଯୁଦ୍ଧରେ ବ୍ୟାପୃତ ହୋଇଥିଲେ । ବଙ୍ଗଳାର ଗଭର୍ଣ୍ଣର ଓ୍ୱାରେନ୍ ହେଷ୍ଟିଙ୍ଗସ୍ (werren Hestings)ଙ୍କ ସଙ୍ଗେ ନାଗପୁରର ଭୋଁସଲ ବନ୍ଧୁତା ସଂପାଦନ କରି କଟକର ମରହଟ୍ଟା ସର୍ଦ୍ଦାରଙ୍କୁ ଇଂରାଜୀ ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବାକୁ ବାରଣ କରି ଦେଇଥିଲେ । ଏ ବିଷୟ ଆଲୋଚନା କରାଯାଉଛି । ସେତେବେଳେ ହାଇଦ୍ରାବାଦ ନିଜାମ ମଧ୍ୟ ଇଂରାଜୀମାନଙ୍କ ସଙ୍ଗେ ଶତ୍ରୁତା ନ କରି ମହୀଶୂରର ହାଇଦର ଅଲୀଙ୍କ ସଙ୍ଗ ତ୍ୟାଗ କରିଥିଲେ । ଏ ପରିସ୍ଥିତିରେ ଦାକ୍ଷିଣାତ୍ୟରେ ଏକମାତ୍ର ହାଇଦର ଥିଲେ ଇଂରାଜୀମାନଙ୍କର ପ୍ରବଳ ଶତ୍ରୁ । ତେଣୁ ଗଞ୍ଜାମ ରାଜାମାନଙ୍କ ପକ୍ଷରୁ ନାରାୟଣ ଦେବଙ୍କ ନେତୃତ୍ୱରେ ମରହଟ୍ଟାମାନଙ୍କଠାରୁ ସାହାଯ୍ୟ ପାଇ ଇଂରାଜୀଙ୍କ ବିରୁଦ୍ଧରେ ଯୁଦ୍ଧ ଚଳାଇବା ଅଭିଳାଷ ଅପୂର୍ଣ୍ଣ ରହିଥିଲା । କିନ୍ତୁ ହାଇଦର ଅଲୀ ଏଥିରୁ ସୁବିଧା ନେବାକୁ ଉଦ୍ୟମ କରିଥିବା ଜଣାଯାଏ । ତେଣୁ ପାରଳା ମାଳ ଅଞ୍ଚଳରୁ ବିଦ୍ରୋହୀମାନେ ଠିକ୍ ସମୟରେ ବିଶାଖାପାଟଣା ବନ୍ଦରକୁ ପାଇକ ଓ ଶବର ସୈନ୍ୟଙ୍କୁ ପଠାଇବା ପାଇଁ ସାହାସ କଲେ ନାହିଁ ।

ଦ୍ୱିତୀୟ ମହୀଶୂର ଯୁଦ୍ଧ ଇଂରେଜ ଓ ହାଇଦର ଅଲୀଙ୍କ ମଧ୍ୟରେ ହୋଇଥିଲା । ଯୁଦ୍ଧ ଆରମ୍ଭରେ ହାଇଦରଙ୍କ ପକ୍ଷରୁ ପ୍ରବଳ ଆକ୍ରମଣ ଫଳରେ ମାଡ୍ରାଜ ସହରରୁ ବହୁ ସଂଖ୍ୟାରେ ଜନତା ଘରଦ୍ୱାର ଛାଡ଼ି ପଳାୟନ କଲେ । ଇଂରାଜୀ ସୈନ୍ୟଙ୍କ ଦୁର୍ବଳତା ପ୍ରକଟିତ ହେଲା । କାଞ୍ଚିପୁର ସଂପୂର୍ଣ୍ଣ ଭାବରେ ଲୁଟ୍‌ପାଟ୍ ହୋଇ ଧ୍ୱଂସ ସ୍ତୁପରେ ପରିଣତ ହେଲା । ଇଂରାଜୀ ସେନାପତି କର୍ଣ୍ଣେଲ୍ ବେଇଲି (Corenel Beillie) ଓ ସି. ଆଇ. ଫ୍ଲେଚର (C. I. Fletcher)ଙ୍କ ନେତୃତ୍ୱରେ ପରିଚାଳିତ ଇଂରାଜୀ ସୈନ୍ୟ ଏଣେ ତେଣେ ବିଚ୍ଛିନ୍ନ ହୋଇ ପଶ୍ଚାତ୍‌ଧାବନ କଲେ । ପ୍ରଧାନ ସେନାପତି ମୁନ୍‌ରୋ (Munro) ଭୟରେ ତାଙ୍କ ଅସ୍ତ୍ରଗୁଡ଼ିକ ଗୋଟିଏ ହ୍ରଦରେ ଫୋପାଡ଼ି ଦେଇ ଆତ୍ମ ରକ୍ଷା ସକାଶେ ମାଡ୍ରାଜକୁ ପଳାୟନ କଲେ । ହାଇଦର ଅଲୀ କର୍ଣ୍ଣାଟକର ମୁଖ୍ୟ ଦୁର୍ଗ ଆରକାଟ୍ ଅଧିକାର କଲେ । ଠିକ୍ ସେତିକି ବେଳେ କଲିକତାରୁ ୪ଟି ପ୍ଲାଟୁନ୍ ଦେଶୀୟ ସୈନ୍ୟ ସଙ୍ଗେ କେତେକ ଇଂରେଜ ଅଫିସର ଗୋଟିଏ ଯୁଦ୍ଧ ଜାହାଜରେ ମାଡ୍ରାଜ ଯାତ୍ରା କରିବା ସକାଶେ ବିଶାଖାପାଟଣା ବନ୍ଦରରେ ପହଞ୍ଚିଲେ । ଭାରତୀୟ ସୈନ୍ୟମାନଙ୍କୁ ସମୁଦ୍ରକୂଳସ୍ଥ ବସ୍ତ୍ର ଶିବିରରେ ରହିବାକୁ କହି ଇଂରେଜ ଅଫିସରମାନେ ସେଠା ଗଭର୍ଣ୍ଣରଙ୍କ ନିମନ୍ତ୍ରଣ ରକ୍ଷା କରି ଭୋଜିରେ ଯୋଗ ଦେବାକୁ ରାଜଭବନକୁ ଗଲେ । ଭୋଜିରେ ସେମାନେ ଅର୍ଦ୍ଧମତ୍ତ । ହଠାତ୍ ଦୂରରୁ ଏକ କୋଳାହଳ ଶୁଣାଗଲା । ଘଟଣା କ'ଣ ବୁଝିବାକୁ ତୁରନ୍ତ ଜଣେ ଯିବାକୁ ପଠାଇବାରୁ ସେ ଫେରିଆସି ସମ୍ବାଦ ଦେଲା "କଳା ସୈନିକମାନେ ଶିବିରରେ ବିଦ୍ରୋହ କରୁଛନ୍ତି" । ଗୋରା ଅଫିସର ସମସ୍ତେ ଭୋଜିରୁ ଉଠି ଶିବିରକୁ ଦଉଡ଼ି ଯାଇ ଦେଖିଲେ ସେ ତାଙ୍କ ସଙ୍ଗେ କଲିକତାରୁ ଜାହାଜରେ ଆସିଥିବା କୃଷ୍ଣକାୟ ସୈନ୍ୟମାନେ ପ୍ରତ୍ୟେକ ବନ୍ଧୁକ ଧରି ଉତ୍ତେଜିତ ଓ ଶ୍ରେଣୀବଦ୍ଧ ହୋଇ ଠିଆ ହୋଇଛନ୍ତି । ସେମାନଙ୍କୁ ଦେଖି କମାଣ୍ଡର ଉଚ୍ଚ କଣ୍ଠରେ ଆଦେଶ ଦେଲେ "ସମସ୍ତେ ଜାହାଜ ଭିତରକୁ ଫେରି ଯାଅ ।" ଫେରିବା ତେଣେ ଥାଉ ଓଲଟି ସେମାନେ ଅଫିସରଙ୍କୁ ଲାଇନ୍‌ରେ ଠିଆ ହେବାକୁ କହି ଫାୟାର କଲେ । ଗୋଟି ଗୋଟି ହୋଇ ସେଠାକୁ ଯାଇଥିବା ପ୍ରତ୍ୟେକ ଗୋରା ଅଫିସର ଟଳି ପଡ଼ିଲେ । ସେତିକିବେଳେ ମାଳ ଅଞ୍ଚଳରୁ ଯାଇଥିବା ଆଦିବାସୀ ଶବରମାନେ ସାଧାରଣ ଲୋକଙ୍କ ଗୃହରେ ଅଗ୍ନି ସଂଯୋଗ କରି ଦେଲେ । ସୈନ୍ୟମାନଙ୍କ ଦ୍ୱାରା ଗଭର୍ଣ୍ଣରଙ୍କ ଆବାସ ଲୁଟ୍‌ପାଟ୍ ହେଲା । ତା' ପରେ ସିପାହୀମାନେ ଗଭର୍ଣ୍ଣରଙ୍କୁ ବାନ୍ଧି ବିଶାଖାପାଟଣାରୁ ଚଲା ରାସ୍ତାରେ ଚଲାଇ ହାଇଦର ଆଲୀଙ୍କୁ ସମର୍ପଣ କରିବେ ବୋଲି ନେଉଥିଲା ବେଳେ ସେମାନଙ୍କୁ ଗଜପତି ଦେବ ମନା କରିବାରୁ ତାଙ୍କ ଉପଦେଶ ଅନୁସାରେ ବହୁ ଦୂର ପଥରୁ ଗଭର୍ଣ୍ଣରଙ୍କୁ ଛାଡ଼ି ଦେଇଥିଲେ । ସେହି ଅପ୍ରତ୍ୟାଶିତ ସିପାହୀମାନଙ୍କ ବିଦ୍ରୋହ ଏବଂ ବିଶାଖାପାଟଣାରେ ଆଦିବାସୀମାନଙ୍କ ଉପଦ୍ରବ ଏକା ସମୟରେ ହୋଇଥିବାରୁ ପୁଣି ସିପାହୀମାନଙ୍କ ଉପରେ ଅଚାନକ ଗଜପତି ରାଜାଙ୍କ ପ୍ରଭାବ ଥିବା ଲକ୍ଷ୍ୟ କରି ଇଂରେଜ ଉଚ୍ଚ ଅଫିସରମାନେ ତାଙ୍କୁ ହାଇଦର ଅଲୀଙ୍କ ଜଣେ ସହଯୋଗୀ ବୋଲି ସନ୍ଦେହ କରିଥିଲେ । କିନ୍ତୁ ସ୍ପଷ୍ଟ ପ୍ରମାଣ ନ ମିଳିବାରୁ ଗଞ୍ଜାମ ମାଳର ଆଦିବାସୀଙ୍କୁ ଶାନ୍ତ କରିବା ସକାଶେ ଗଜପତିଙ୍କୁ ପାରଳାଖେମୁଣ୍ଡିର ରାଜଗାଦିରେ ବସାଇ ତାଙ୍କ ବୈମାତୃକ ଭାଇ ଜଗନ୍ନାଥ ଦେଓଙ୍କୁ ମାସିକ ୬୦୦ ଟଙ୍କା ପେନ୍‌ସନ୍ ଦେଇ ସେଠାରୁ ଅନ୍ତର କରିଦେଲେ ।


ବିଶାଖାପାଟଣା ବିଦ୍ରୋହ ଶାନ୍ତ ହେବାପରେ ଶବରମାନେ କିଛିକାଳ ଶାନ୍ତ ହୋଇଥିଲେ ; କିନ୍ତୁ ଗଜପତିଙ୍କ ପ୍ରତି କଂପାନୀ ତରଫରୁ କଡ଼ା ନଜର ରଖାଯାଇଥିଲା । କାରଣ ସେ ମାଡ୍ରାଜର କେତେକ ବିଦ୍ରୋହୀ ରାଜା ଓ ଜମିଦାରଙ୍କ ସଙ୍ଗେ ବନ୍ଧୁତା ସଂପାଦନ କରି ତାଙ୍କ ପିତା ନାରାୟଣ ଦେବଙ୍କ ନୀତି ଅନୁସରଣ କରୁଥିଲେ । ସୁତରାଂ କୌଣସି ସ୍ପଷ୍ଟ କାରଣ ନ ଥିଲେ ମଧ୍ୟ ଖ୍ରୀ ୧୭୯୯ ସାଲରେ ତାଙ୍କୁ ପୁନର୍ବାର ବନ୍ଦୀ କରାଗଲା ଓ ତାଙ୍କର ଜଣେ ବିଶିଷ୍ଟ ବନ୍ଧୁ ଦୁର୍ଗାରାଜଙ୍କୁ ପାରଳାଖେମୁଣ୍ଡି ଜମିଦାରିର ପରିଚାଳକ ରୂପେ ନିଯୁକ୍ତ କରାଗଲା । ଦୁର୍ଗାରାଜଙ୍କ ନିଜ ଜମିଦାରୀ ଟିକ୍‌କାଲି ସମେତ ପାରଳାଖେମୁଣ୍ଡିର ସ୍ଥଳ ଓ ମାଳ ଅଞ୍ଚଳରେ ତାଙ୍କରି ସୁଦୃଢ଼ ଶାସନ ହେତୁ କିଛିକାଳ ବିଦ୍ରୋହ ଦେଖାଦେଲା ନାହିଁ । ତଥାପି ଗଜପତି ଦେବଙ୍କୁ ପୁନର୍ବାର ବିଶାଖାପାଟଣାଠାରେ ନଜରବନ୍ଦୀ କରାଯିବାରୁ ୧୭୯୯ ଓ ୧୮୦୦ ଖ୍ରୀଷ୍ଟାବ୍ଦରେ ଏକକାଳୀନ ପାରଳାଖେମୁଣ୍ଡି ମାଳ ଓ ଘୁମୁସର ମାଳରେ ବିଦ୍ରୋହ ଆରମ୍ଭ ହୋଇଗଲା । କର୍ଣ୍ଣେଲ୍ ଭିଗୋର୍ସ (Col. Vigors)ଙ୍କ ନେତୃତ୍ୱରେ ଇଂରେଜ ସିପାହୀମାନଙ୍କ ଉପସ୍ଥିତି ହେତୁ ସମ୍ମୁଖ ଯୁଦ୍ଧ ସମ୍ଭବ ନ ହେଲେ ସୁଦ୍ଧା ସେ ଅଞ୍ଚଳର ପାର୍ବତୀୟ ଅଧିବାସୀମାନଙ୍କ କୌଶଳ ହେତୁ ଲେଫଟନେଣ୍ଟ ୟଂସ୍‌ସନ୍ (L.T. Youngson) ନାମକ ଜଣେ ଇଂରେଜ ସେନାପତିଙ୍କୁ ସେମାନେ ଅପହରଣ କରି ପାର୍ବତୀୟ ଜଙ୍ଗଲର ଏକ ନିଭୃତ ସ୍ଥାନରେ ନେଇ ନଜର ବନ୍ଦୀ କରି ରଖିଥିଲେ । ତାଙ୍କ ପଣ ଥିଲା, ରାଜା ଗଜପତି ଦେବଙ୍କୁ ବନ୍ଦୀରୁ ମୁକ୍ତ କଲେ ସେମାନେ ତାଙ୍କ ସାହେବଙ୍କୁ ଛାଡ଼ି ଦେବେ । ଏ କଥା ସେମାନେ ଇଂରେଜ ସେନାପତିଙ୍କୁ ମଧ୍ୟ ଜଣାଇ ଦେଇଥିଲେ ।

## ୧୯୮୪
## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡ଼ରେ ରାଜ୍ୟପାଳ












ବଙ୍ଗଳାଦେଶରେ 'ଅନୁଷ୍ଠିତ 'ସାର୍କ' ବୈଠକରେ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ▲

ସୀମାନ୍ତ ଗାନ୍ଧୀଙ୍କ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ .... ▼






ରକ୍ତ ତୀର୍ଥ
ଶହୀଦ୍ ବାଘାଯତୀନ୍ ଓ ମଣିନ୍ଦ୍ରନାଥ ସ୍ମୃତି









ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ
ମୁଖ୍ୟମନ୍ତ୍ରୀ ଶ୍ରୀ [illegible]...






ORISSA HANDLOOMS
AT A GLANCE
DIRECTORATE OF TEXTILES,
ORISSA



ORISSA TEXTILE MILLS
OTM
CHOUDWAR, CUTTACK







ହସ୍ତତନ୍ତ ଶିଳ୍ପ
ମଣ୍ଡପ


DOWRYLESS MARRIAGE &
REGISTRATION





# ସ୍ମରଣୀୟ ଜାନୁଆରୀ ଛବିଶ

ଶ୍ରୀ ତାରାକାନ୍ତ ମହାନ୍ତ

୧୯୫୦ ଜାନୁଆରୀ ଛବିଶ ତାରିଖଟି ଜାତିର ଇତିହାସ ପୃଷ୍ଠାରେ ଏକ ପବିତ୍ର ମହାନ୍ ଓ ସ୍ମରଣୀୟ ଦିବସ । ସେହିଦିନ ଏ ଦେଶ ଏକ ଧର୍ମନିରପେକ୍ଷ, ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା । ଅତୀତ ଘଟଣାବଳୀର ସମୀକ୍ଷା କରିବା ତଥା ଭବିଷ୍ୟତ ପାଇଁ ପ୍ରେରଣା ଲାଭ ଉଦ୍ଦେଶ୍ୟରେ ଏହି ଦିବସ ଆମ୍ଭମାନଙ୍କୁ ସୁଯୋଗ ଦେଇଥାଏ । ଭାରତର ସଶସ୍ତ୍ର ମୁକ୍ତି ସଂଗ୍ରାମରେ ଝାସଦେଇ ଶହୀଦ୍ ହୋଇଥିବା ମହାନ୍ ବିପ୍ଳବୀ ଭଗତ୍ ସିଂହଙ୍କ ଉଦ୍ଦେଶ୍ୟରେ ଜଣେ ବିପ୍ଳବୀ କବି ଲେଖିଥିଲେ, "ବୁନ୍ଦେ ବୁନ୍ଦେ ଲହୁଦେବମେନ, ସିନ୍ଧ୍ ଗୟି ଏ ହିନ୍ଦ୍ ଚମନ୍, ଜବତକ୍ ଜିନ୍ଦା କଲମ୍ ରହେଗୀ, ୟାଦ୍ କରେଗା ଉନ୍ହୀ ବତନ୍ ।"

ଲହୁଲୁହର ବିନିମୟରେ ଆମେ ସ୍ୱାଧୀନତା ପାଇଲୁ । ଆମର ସମ୍ବିଧାନର ଚିଠା ୧୯୪୯ ମସିହା ଜାନୁଆରୀ ୨୬ରେ ବହୁ ଦେଶସେବୀଙ୍କର ଅକ୍ଳାନ୍ତ ଉଦ୍ୟମରେ ସମ୍ବିଧାନ ସଭାର ଅନୁମୋଦନ ପାଇଲା ଓ ୧୯୫୦ ଜାନୁଆରୀ ୨୬ ତାରିଖଠାରୁ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ରୂପେ ପରିଗଣିତ ହେଲା । ତାପରେ (୧୯୯୫ ଅଗଷ୍ଟ) ସୁଦ୍ଧା ଅଦ୍ୟାବଧି ଆମ ସମ୍ବିଧାନ ୫୨ ଥର ସଂଶୋଧିତ ହୋଇସାରିଛି । ସର୍ବୋପରି ଭାରତୀୟ ସମ୍ବିଧାନର ପ୍ରସ୍ତାବନା (ପ୍ରିଏମ୍ବଲ) ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ମସିହା ଡିସେମ୍ବର ୧୮ ତାରିଖରେ ସଂଶୋଧିତ ହୋଇଛି । ସେହିଦିନଠାରୁ ଭାରତ କେବଳ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରୂପେ ପରିଗଣିତ ନହୋଇ ଏକ ସାର୍ବଭୌମ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ସମାଜବାଦୀ ସାଧାରଣତନ୍ତ୍ର ରୂପେ ବିଶ୍ୱରେ ପରିଚିତ ।

## ସମ୍ବିଧାନର ପ୍ରସ୍ତାବନା

ବସ୍ତୁତଃ ସମ୍ବିଧାନର ପ୍ରସ୍ତାବନା (Preamble) ହେଉଛି ସବୁନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ବିଗ୍ରହ, ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ ଓ ଆରାଧନାର ସ୍ୱାଧୀନତା, ମର୍ଯ୍ୟାଦା ଓ ସୁଯୋଗର ସମାନତା ଏବଂ ବ୍ୟକ୍ତିର ମର୍ଯ୍ୟାଦା ଓ ଜାତୀୟ ଐକ୍ୟ ସୁନିଶ୍ଚିତ କରିବା ସଙ୍ଗେ ସଙ୍ଗେ ସମସ୍ତଙ୍କ ମଧ୍ୟରେ ମୈତ୍ରୀଭାବ ବୃଦ୍ଧି ପାଇଁ ଭାରତୀୟ ଲୋକମାନଙ୍କର ଦୃଢ଼ ଇଚ୍ଛାର ମୂର୍ତ୍ତପ୍ରକାଶ ।

## ଆମ ସମ୍ବିଧାନ ଆହୁରି ସୁଦୂର ପ୍ରସାରୀ

ଆମର ସମ୍ବିଧାନ ଆହୁରି ସୁଦୂର ପ୍ରସାରୀ । ଏହା କେବଳ ଯେ ଆମକୁ ଆତ୍ମନିୟନ୍ତ୍ରଣରେ ସକ୍ଷମ କରିଛି ତାହା ନୁହେଁ,, ଆମକୁ ଜୀବନ ଯାପନର ଏକ ମାର୍ଗ ମଧ୍ୟ ଯୋଗାଇଛି, ଯାହା ଆମର ମାନବିକ ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିପାରିଛି ।

## ପ୍ରାକ୍ ସଂଶୋଧିତ ଭାରତୀୟ ସମ୍ବିଧାନର ପ୍ରସ୍ତାବନା

(Preamble before amendment) :—

୧୯୫୦ ଜାନୁଆରୀ ୨୬ ତାରିଖ ଦିନ ଆମ ସମ୍ବିଧାନ କାର୍ଯ୍ୟତଃ କାର୍ଯ୍ୟକାରୀ ହେଲା । ଉକ୍ତ ପ୍ରସ୍ତାବନାରେ ଉଲ୍ଲେଖ ଥିଲା "ଆମେ ଭାରତର ଜନସାଧାରଣ,,, ଭାରତକୁ ଏକ ସାର୍ବଭୌମ ଗଣ-ରାଜ୍ୟରେ ପରିଣତ କରିବା ସଙ୍କାଶେ ଏବଂ ଏଦେଶର ନାଗରିକଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ବିଗ୍ରହ, ଚିନ୍ତା, ଅଭିବ୍ୟକ୍ତି, ମତ, ବିଶ୍ୱାସ ଓ ଉପାସନାର ସ୍ୱାଧୀନତା, ସ୍ଥିତି ଓ ସୁଯୋଗର ସମାନତାର ଅଧିକାରୀ କରାଇବା ଏବଂ ସେମାନଙ୍କ ସମସ୍ତଙ୍କ ମଧ୍ୟରେ ସୁନିଶ୍ଚିତ ଭାବେ ବ୍ୟକ୍ତିର ମର୍ଯ୍ୟାଦା ସହିତ ଜାତୀୟ ଐକ୍ୟ ଓ ମୈତ୍ରୀର ବିକାଶ ପାଇଁ ପବିତ୍ର ଓ ଦୃଢ଼ ସଂକଳ୍ପବଦ୍ଧହୋଇ ଆମର ସାମ୍ବିଧାନିକ ସଭାରେ ଏତଦ୍ୱାରା ଏହି ସମ୍ବିଧାନ ଅବଲମ୍ବନ ଓ ପ୍ରଣୟନ କଲୁ ଏବଂ ଆମ୍ଭମାନଙ୍କଠାରେ ତାହା ଅର୍ପଣ କଲୁ ।"

## ସମ୍ବିଧାନର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (Preamble) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତହୋଇ କାର୍ଯ୍ୟକାରୀ ହେଉଛି । ତାହା ହେଲା —

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ରରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ :

ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା; ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତି ବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥାକରି ସେମାନଙ୍କ ସମସ୍ତଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ–

ଆମମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରିଛୁ ।"

## ସମ୍ବିଧାନର ପୃଷ୍ଠଭୂମି

୧୯୩୦ ମସିହା ଜାନୁଆରୀ ୨୬ ତାରିଖ ଦିନ ଆମ ଦେଶ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ପାଇଁ ସଂକଳ୍ପ ନେଲା । ଆମକୁ ଆମର ସମ୍ବିଧାନ ପାଇବା ପାଇଁ ଦୀର୍ଘ ଦୁଇ ଦଶନ୍ଧି ଧରି (୧୯୩୦–୧୯୫୦) ଭାରତର ଯେଉଁ ବୁଦ୍ଧିଜୀବୀ, ଦେଶ ସେବୀ, ସ୍ୱଦେଶ-ପ୍ରେମୀ ଓ ଜନ ନାୟକମାନେ ଅକ୍ଳାନ୍ତ ପରିଶ୍ରମ କରି ଭାରତୀୟ ସମ୍ବିଧାନର ସବୁ ଚିଠା ପ୍ରସ୍ତୁତ କରି ସମ୍ବିଧାନ ସଭାରେ ଏହାକୁ ଅନୁମୋଦନ କରି ଜାତି ହାତରେ ଛାଡ଼ି ଦେଇଛନ୍ତି ସେମାନେ ହେଲେ ଜାତିର ଜନକ ମହାତ୍ମା ଗାନ୍ଧୀ, ଭାରତୀୟ ସମ୍ବିଧାନର ମନୁ ଡକ୍ଟର ବି: ଆର: ଆମ୍ବେଦକର, କେ: ଏମ୍: ମୁନ୍‌ସି, ଡକ୍ଟର ହୃଦୟନାଥ କୁଞ୍ଜରୁ, ଡକ୍ଟର କେ: ଏମ୍: ପାନିକର, ଏନ୍: ଗୋପାଳ ସ୍ୱାମୀ ଆୟାର, ସଯଦ ମହମଦ ସାଦୁଲ୍ଲା, ଏନ୍: ମାଧବ ରାଓ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଜବାହାର ଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଡି: ପି: ଖଇତାନ ।

## ମହାତ୍ମା ଗାନ୍ଧୀ ଓ ସମ୍ବିଧାନ ପ୍ରଣୟନ ସଭା

୧୯୨୯ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ "ସଂପୂର୍ଣ୍ଣ ସ୍ୱରାଜ" ବା ପୂର୍ଣ୍ଣ ସ୍ୱାଧୀନତା ପାଇଁ ଦାବୀ କରାଯାଇଥିଲେ ମଧ୍ୟ ଏକ ସମ୍ବିଧାନ ପ୍ରଣୟନ ସଭା ଗଠନକରିବା ପାଇଁ(Constituent Assembly) ପାଇଁ କୌଣସି ଦାବୀ କରାଯାଇ ନ ଥିଲା । ୧୯୩୪ ମସିହା ଅପ୍ରେଲ ମାସ ୭ ତାରିଖରେ ସ୍ୱରାଜ ପାର୍ଟି (Swaraj Party) କୁ ପୁନର୍ଜୀବିତ କରି ତାହାରି ମାଧ୍ୟମରେ ଭାରତକୁ ଏକ ସମ୍ବିଧାନ ସଭା ଗଠନର ଆବଶ୍ୟକତା ଉପଲବ୍ଧି କରି ତା' ଉପରେ ଯଥାଯଥ ପ୍ରାଧାନ୍ୟ ଦେଇ ଏହାର ଗଠନ ନିମନ୍ତେ ଦାବୀ କଲେ ।

୧୯୩୪ ମସିହା ରାଞ୍ଚି ଅଧିବେଶନରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଭାରତୀୟ ଜନତାକୁ ସୁହାଇବା ଭଳି ଏବଂ ସେମାନେ ସ୍ୱୟଂ ଶାସିତ ହେବା ଭଳି ଏବଂ ଏକ ସମ୍ବିଧାନ ଗଠନ କରିବା ଲାଗି ଓ ଏଥି ପାଇଁ ଏକ ସମ୍ବିଧାନ ପ୍ରଣୟନ ସଭା ଗଢ଼ି ଉକ୍ତ ସଭାରେ ଭାରତର ସବୁ ଶ୍ରେଣୀର ଲୋକଙ୍କୁ ନେଇ ଏବଂ ସେମାନଙ୍କର ଆଶା ଆକାଂକ୍ଷା ପୂରଣ କରିବା ପାଇଁ ଉକ୍ତ ଅଧିବେଶନରେ ପ୍ରବଳ ଦାବୀ ହୋଇଥିଲା । ତା' ପରେ ୧୯୩୬ ମସିହା ଡିସେମ୍ବର ମାସ ୨୮ ତାରିଖରେ ଫୟେଜପୁର ଅଧିବେଶନରେ ଏହି ଦାବୀକୁ ପୁନର୍ବାର ଉପସ୍ଥାପନ କରାଯାଇଥିଲା ।

୧୯୪୨ ମସିହା ମାର୍ଚ୍ଚ ମାସରେ ସାର ଷ୍ଟାଫୋର୍ଡ କ୍ରିପ୍‌ସଙ୍କ ଦ୍ୱାରା ଆଗତ ପ୍ରସ୍ତାବକୁ ବ୍ରିଟିଶ ସରକାରକୁ ଜଣାଇ ଦିଆ-ଯାଇଥିଲା । ଏକ ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ ସଭା ଗଠନ କରିବା ଲାଗି ଏଥିରେ ଭାରତୀୟମାନଙ୍କର ଦାବୀ ରହିଥିଲା ।

ବିଚକ୍ଷଣ ଓ ବୁଦ୍ଧିମାନ କ୍ରିପ୍‌ସ୍ ଦ୍ୱିତୀୟ ମହାସମର ସମୟରେ ଯେତେବେଳେ ଗ୍ରେଟ ବ୍ରିଟେନ ଜାପାନର ଆକ୍ରମଣର ମୁକାବିଲା କରିବାକୁ ଅଣନିଃଶ୍ୱାସୀ ହୋଇ ପଡୁଥିଲା ଓ ଭାରତୀୟ ଜାତୀୟ କଂଗ୍ରେସର ସହଯୋଗ ଲୋଡ଼ୁଥିଲେ, ସେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ ସଭା ଆଗତ ପ୍ରସ୍ତାବ ବ୍ରିଟିଶ ସରକାରକୁ ଜଣାଇ ଦିଆ ଯାଇଥିଲା । ୧୯୪୬ ମାର୍ଚ୍ଚ ୧୫ ତାରିଖରେ ଏହାର ପୁନରାବୃତ୍ତି ହୋଇଥିଲା । ଯେତେବେଳେ ତଦାନୀନ୍ତନ ବ୍ରିଟିଶ ପ୍ରଧାନ ମନ୍ତ୍ରୀ ଅଟଲି ଭାରତର ସ୍ୱାଧୀନତା ପାଇଁ ଅଧିକାରକୁ ସ୍ୱୀକାର କରି କହିଲେ " Is it any wonder that to-day India claims as a nation of 400 million people that has twice sent her sons to die for freedom that she should herself have freedom to decide her own destiny ? What form of Government is to replace the present regime is for India to divide, but our desire is to set up forthwith the machinery for making that decision."

## ସମ୍ବିଧାନ ପ୍ରଣୟନ ସଭାକୁ ନିର୍ବାଚନ

କ୍ୟାବିନେଟ ମିଶନ ଯୋଜନା ଅନୁଯାୟୀ ସମ୍ବିଧାନ ପ୍ରଣୟନ ସଭା ପାଇଁ ନିର୍ବାଚନ ୧୯୪୬ ଜୁଲାଇ ମାସରେ କରାଗଲା । ସମୁଦାୟ ୨୧୦ ଗୋଟି ଆସନରୁ କଂଗ୍ରେସ ଦଳ ୧୯୯ ଓ ମୁସ୍‌ଲିମ୍ ଲିଗ୍ ମୋଟ ୭୮ ଟି ଆସନରୁ ୭୩ ଟି ଆସନ ଦଖଲ କଲେ । ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ସମ୍ବିଧାନ ପ୍ରଣୟନ ସଭା ପାଇଁ ଆହୂତ ବୈଠକକୁ ମୁସ୍‌ଲିମ୍ ଲିଗ୍ ପାକିସ୍ଥାନ ଗଠନ ଲାଗି ଏକ ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ ସଭା ଗଠନ ଲାଗି ଦାବୀ କରି ଏହାକୁ ବୈକଟ୍ କରିଥିଲେ ।

୧୯୪୬ ମସିହା ନଭେମ୍ବର ମାସ ୯ ତାରିଖରେ ସ୍ୱାଧୀନ ଭାରତ ଲାଗି ଏକ ସମ୍ବିଧାନ ପ୍ରଣୟନ କରିବା ଲାଗି କ୍ୟାବିନେଟ ମିଶନ ଯୋଜନା ଦ୍ୱାରା ଅନୁସୃତ ନୀତି ନିୟମକୁ ଉଲ୍ଲଂଘନ ନ କରି ସମ୍ବିଧାନ ପ୍ରଣୟନ କାର୍ଯ୍ୟ ହାତକୁ ନେଲେ, ମାତ୍ର ଏହି ସଭାର କୌଣସି ସାର୍ବଭୌମତ୍ୱ ନ ଥିଲା । ତା' ପରେ ଏହି ସଭା ଆଗରେ ବହୁତ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ମୁସ୍‌ଲିମ୍

ଲିଗ୍‌ର ସ୍ୱତନ୍ତ୍ର ପାକିସ୍ଥାନ ଗଠନ ଲାଗି ସ୍ୱତନ୍ତ୍ର ସମ୍ବିଧାନ ପ୍ରଣୟନ ସଭା ଗଠନ ଯେ କେବଳ ପ୍ରତିବନ୍ଧକ ସୃଷ୍ଟି କରିଥିଲା ତାହା ନୁହେଁ, ଦେଶୀୟ ରାଜ୍ୟଗୁଡ଼ିକୁ ଭାରତ ସହିତ ମିଶିବା ଅନ୍ୟ ବୈଦେଶିକ ରାଷ୍ଟ୍ର ସହିତ ସନ୍ଧି ସୂତ୍ର ସ୍ଥାପନ କରି ସାମିଲ ହେବା ସେମାନଙ୍କର ମର୍ଜି ଉପରେ ଛାଡ଼ି ଦିଆ ଯାଇଥିଲା ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଭୂମିକା

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶୀୟ ରାଜାମାନଙ୍କର ଦୁଃଖ ଅଭିସନ୍ଧି ଓ ଚକ୍ରାନ୍ତ ବୁଝି ପାରି ସମ୍ବିଧାନ ପ୍ରଣୟନ ସଭା ସହିତ ସହଯୋଗ ସ୍ଥାପନ କରି ଭାରତ ସହିତ ମିଶିବା ପାଇଁ ପ୍ରବର୍ତ୍ତାଇବାକୁ ଅଯାସସାଧ୍ୟ ଉଦ୍ୟମ କରିଥିଲେ । ୧୯୪୭ ଅପ୍ରେଲ ମାସରେ ବରୋଦା, ବିକାନୀର, ଉଦୟପୁର, ଜୟପୁର, ଯୋଧପୁର, ଓ ପାତିଆଲର ରାଜ ପ୍ରତିନିଧିମାନେ ଏହି ପ୍ରଣୟନ ସଭାରେ ଯୋଗ ଦେବାକୁ ସ୍ୱୀକୃତି ପ୍ରଦାନ କରିଥିଲେ, ମାତ୍ର ଅନ୍ୟାନ୍ୟ ରାଜ୍ୟର ଶାସକମାନେ ସେମାନଙ୍କ ପ୍ରତିନିଧି ମନୋନୟନ କଲେ । ଭାରତ ସ୍ୱାଧୀନ ହୋଇଥିଲେହେଁ ୧୯୪୭ ମସିହା ଅକ୍ଟୋବର ମାସରେ କାଶ୍ମୀର ଭାରତ ସହିତ ମିଶିବାକୁ ସମ୍ମତି ପ୍ରଦାନ କଲା । ହାଇଦ୍ରାବାଦ ସେହିପରି ୧୯୪୮ ନଭେମ୍ବର ମାସରେ ସମ୍ବିଧାନ ପ୍ରଣୟନ ସଭାରେ ଯୋଗ ଦେଲା ।

## ପ୍ରଥମ ବୈଠକ


ଉକ୍ତ ସମ୍ବିଧାନ ସଭାର ବୟୋଜ୍ୟେଷ୍ଠ ସଦସ୍ୟ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ସିହ୍ନାଙ୍କ ଅସ୍ଥାୟୀ ସଭାପତିତ୍ୱରେ ଏହି ସଭାର ପ୍ରଥମ ବୈଠକ ୧୯୪୬ ଡିସେମ୍ବର ୯ ତାରିଖରେ ବସିଥିଲା । ତା ପରେ ୧୯୪୬ ଡିସେମ୍ବର ୧୧ ତାରିଖରେ ଏହି ସଭା ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ତାହାର ସ୍ଥାୟୀ ସଭାପତିରୂପେ ନିର୍ବାଚିତ କରିଥିଲା ।

## ସମ୍ବିଧାନ ପ୍ରଣୟନ ଲକ୍ଷ୍ୟ ପ୍ରସ୍ତାବ

ପଣ୍ଡିତ ଜବାହରଲାଲ ନେହରୁଙ୍କଦ୍ୱାରା ଆଗତ ଆଠଦଫା ପ୍ରସ୍ତାବ ଏହାର ଅବଲମ୍ବିତ ହୋଇଥିଲା ଓ ଏହା ସୁନିର୍ଦ୍ଦିଷ୍ଟ ଓ ସୁସ୍ଥିରୀକୃତ ସମ୍ବିଧାନ ପ୍ରଣୟନ ବା "Objective Resolution" ନାମରେ ପରିଚିତ ଏବଂ ଏହା ୧୯୪୭ ଜାନୁଆରୀ ୨୨ ତାରିଖଠାରୁ କାର୍ଯ୍ୟକାରୀ କରାଗଲା । ସମ୍ବିଧାନ ପ୍ରଣୟନ ସଭା ଇତିମଧ୍ୟରେ କେତେକ ଉପ-କମିଟି (Sub-Committee) ଗଠନକଲା । ଏହି କମିଟି ଗୁଡ଼ିକ ହେଲା : (୧) ୟୁନିଅନ୍ ପାଓ୍ୱାର୍ସ କମିଟି (Union Powers Committee), (୨) ଦି ପ୍ରଭିନ୍‌ସିଆଲ୍ କନ୍‌ଷ୍ଟିଚ୍ୟୁସନ୍ କମିଟି (The Provincial Constitution Committee) (୩) ଦି ଆଡ୍‌ଭାଇଜରୀ କମିଟି ଅନ୍ ମାଇନରିଟିଜ୍ ( TheAdvisory Committee on Minorities), (୪) ମୌଳିକ ଅଧିକାର କମିଟି, ( The Fundamental Rights Committee (୫) କମିଟି ଅନ୍ ଚିଫ୍ କମିସନରର୍ସ ( Committee on Chief Commissioners ) (୬) କେନ୍ଦ୍ର ରାଜ୍ୟ ଅର୍ଥନୈତିକ ସଂପର୍କ କମିଟି ( Committee for Financial Relations Between the Union and States (୭) ଆଦିବାସୀ ଅଞ୍ଚଳ ସଂପର୍କ ସମ୍ବନ୍ଧରେ ପରାମର୍ଶଦାତା କମିଟି ( Advisory Committee on Tribal Areas ) ଏବଂ (୮) ଦେଶର ମୁଖ୍ୟ ନ୍ୟାୟାଳୟ ସଂକ୍ରାନ୍ତ ଅସ୍ଥାୟୀ କମିଟି ( Ad hoc Committee on the Supreme Court ).

## ଆନୁଷ୍ଠାନିକ ସମ୍ବିଧାନର ଚଠା ପ୍ରସ୍ତୁତ

ଡକ୍ଟର ବି. ଆର. ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଏନ୍. ଗୋପାଳସ୍ୱାମୀ ଆୟାଙ୍ଗର, ଆଲାଡ଼ି କୃଷ୍ଣସ୍ୱାମୀ ଆୟାର, କେ. ଏମ୍. ମୁନ୍‌ସି, ସୟଦ ମହମ୍ମଦ ସାଦୁଲା, ଏନ୍. ମାଧବ ରାଓ, ଶ୍ରୀ ଓ. ଡି. ପି. ଖଇତାନଙ୍କୁ ନେଇ ଆନୁଷ୍ଠାନିକ ସାମ୍ବିଧାନିକ



ଚିଠା ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ପ୍ରଣୟନ ସଭା ଅନୁଷ୍ଠାନିକ ସ୍ୱୀକୃତି ଦେଲା । ୧୯୪୭ ଅଗଷ୍ଟ ୨୯ ତାରିଖରେ ସମ୍ବିଧାନ ପ୍ରଣୟନ ସଭା ପ୍ରସ୍ତାବଦ୍ୱାରା ନିଯୁକ୍ତ ସମ୍ବିଧାନ ଚିଠା କମିଟି ୧୯୪୮ ଫେବୃୟାରୀ ୨୧ ତାରିଖରେ ତାଙ୍କର ରିପୋର୍ଟ ପ୍ରଦାନ କଲେ । ସମ୍ବିଧାନ ପ୍ରଣୟନ ସଭାର ବିସ୍ତୃତ ଆଲୋଚନା ପାଇଁ ସମ୍ବିଧାନ ଚିଠା ୧୯୪୮ ନଭେମ୍ବର ୪ ତାରିଖରେ ପ୍ରଦାନ କରାଯାଇଥିଲା । ଏହାର ପ୍ରଥମ ପଠନ ( First Reading ) ପାଇଁ ଦୀର୍ଘ ୫ ଦିନ ଅର୍ଥାତ୍ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ତର୍କ ବିତର୍କ ଏବଂ ବିସ୍ତୃତ ଆଲୋଚନା ସକାଶେ ଛାଡ଼ି ଦିଆଯାଇଥିଲା । ତା'ପରେ ଦ୍ୱିତୀୟ ପଠନ ( Second Reading ) ଉପରେ ୧୯୪୮ ନଭେମ୍ବର ୧୫ ତାରିଖ ଠାରୁ ୧୯୪୯ ଅକ୍ଟୋବର ୧୭ ତାରିଖ ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନା ଚାଲିଥିଲା । ଦ୍ୱିତୀୟ ପଠନ ବେଳେ ୭,୬୩୫ ଗୋଟି ସଂଶୋଧନ ପ୍ରସ୍ତାବ ଦିଆଯାଇଥିଲେ ହେଁ ୨,୪୭୩ଟି ପ୍ରସ୍ତାବ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା । ଏହାର ତୃତୀୟ ପଠନ ( Third Reading ) ୧୯୪୯ ନଭେମ୍ବର ୧୪ ତାରିଖରୁ ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ସମ୍ବିଧାନ ଚିଠା ପୂର୍ଣ୍ଣାଙ୍ଗ ହେବାପରେ ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ଡ଼କ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସ୍ୱୀକୃତ, ଅନୁମୋଦିତ ଓ ସ୍ୱାକ୍ଷର ଲାଭ କରିଥିଲା । ସମ୍ବିଧାନ ପ୍ରଣୟନ ସଭାର ସର୍ବଶେଷ ଅଧିବେଶନ ୧୯୫୦ ଜାନୁଆରୀ ୨୪ ତାରିଖରେ ବସିଥିଲା । ଡ଼କ୍ଟର ରାଜେନ୍ଦ୍ର ପ୍ରସାଦଙ୍କୁ ଭାରତର ପ୍ରଥମ ରାଷ୍ଟ୍ରପତିରୂପେ ଏହିଦିନ ସର୍ବସମ୍ମତିକ୍ରମେ ଏହି ସଭା ନିର୍ବାଚିତ କରିଥିଲା ଏବଂ ଡ଼କ୍ଟର ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତିରୂପେ ଏହାକୁ ୧୯୫୦ ଜାନୁଆରୀ ୨୬ ତାରିଖ ଦିନ ଘୋଷଣା କରି ସେହିଦିନଠାରୁ କାର୍ଯ୍ୟକାରୀ ଓ ବଳବତ୍ତର କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ୧୯୫୦ ଜାନୁଆରୀ ୨୬ ତାରିଖ ଦିନ ଭାରତର ପ୍ରଥମ ରାଷ୍ଟ୍ରପତି ହିସାବରେ ଡ଼କ୍ଟର ରାଜେନ୍ଦ୍ର ପ୍ରସାଦ ଏହାକୁ ଘୋଷଣା କରିଥିଲେ । ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ ୧୯୩୦ ଜାନୁଆରୀ ୨୬ ତାରିଖରେ ପୂର୍ଣ୍ଣ ସ୍ୱରାଜ୍ୟ ପାଇବା ପାଇଁ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଶପଥ ନେଇଥିଲା ଓ ଏହା ବାସ୍ତବରେ କାର୍ଯ୍ୟକାରୀ ହୋଇଥିଲା ୧୯୫୦ ଜାନୁଆରୀ ୨୬ ତାରିଖରେ । ତେଣୁ ଭାରତ ଇତିହାସରେ "ଜାନୁଆରୀ ଛବିଶ" ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥିବ ।

# ଐତିହାସିକ ଜାନୁଆରୀ ଛବିଶ

୧୯୫୦ ଜାନୁଆରୀ ୨୬ ତାରିଖ ଦିନ ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରୂପେ ପରିଣତ ହେଲା ଓ ସେହିଦିନଠାରୁ ଭାରତର ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା । ସେହି ଦୃଷ୍ଟିରୁ ଏହି ତାରିଖଟି ଗୁରୁତ୍ୱପୂର୍ଣ୍ଣ । ଭାରତର ଇତିହାସରେ ପୃଷ୍ଠା ଉନ୍ମୋଚନ କଲେ ଏହି ୨୬ ତାରିଖରେ ଭାରତରେ ଅନେକ ବିଶିଷ୍ଟ ଘଟଣା ବିଭିନ୍ନ ସମୟରେ ଘଟିଯାଇଛି । ୧୫୩୯ ଜାନୁଆରୀ ୨୬ ତାରିଖରେ ଶେରସାହ ହୁମାୟୁନଙ୍କୁ ପରାସ୍ତ କରିଥିଲେ । ୧୫୫୪ ଜାନୁଆରୀ ୨୬ ତାରିଖରେ ଜାହାଙ୍ଗୀର ଜନ୍ମଗ୍ରହଣ କରିଥିଲେ । ୧୭୩୦ ଜାନୁଆରୀ ୨୬ ତାରିଖରେ ନାଦିରଶାହ ଦିଲ୍ଲୀ ଆକ୍ରମଣ କରିଥିଲେ। ୧୭୬୨ ଜାନୁଆରୀ ୨୬ ତାରିଖ ଟିପୁ ସୁଲ୍‌ତାନ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ୧୮୧୬ ଜାନୁଆରୀ ୨୬ ତାରିଖରେ ବମ୍ବେ, କଲିକତା ଓ ମାନ୍ଦ୍ରାଜ ଠାରେ ଟେଲିଫୋନ୍ ପ୍ରଚଳନ କରାଯାଇଥିଲା । ୧୮୬୯ ଜାନୁଆରୀ ୨୬ ତାରିଖ ଦିନ ବମ୍ବେ ହାଇକୋର୍ଟ ପ୍ରତିଷ୍ଠା ହୋଇଥିଲା । ୧୮୭୪ ଜାନୁଆରୀ ୨୬ ତାରିଖ ଦିନ କଲିକତା ଓ ବମ୍ବେ ମଧ୍ୟରେ ପ୍ରଥମ ରେଳ ଚଳାଚଳ ଆରମ୍ଭ ହୋଇଥିଲା ଏବଂ ୧୯୩୦ ମସିହା ଜାନୁଆରୀ ୨୬ ତାରିଖ ଦିନ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ପୂର୍ଣ୍ଣ ସ୍ୱାଧୀନତା ପାଇଁ ସଂକଳ୍ପ ନେଇଥିଲା ।

ଏତଦ୍‌ବ୍ୟତୀତ ଜାନୁଆରୀ ମାସ ମଧ୍ୟ ଭାରତ ଇତିହାସରେ ସ୍ମରଣୀୟ । ଏହି ମାସରେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଓ ଆଦର୍ଶ ରାଜନୀତିଜ୍ଞ ଲାଲବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ; ପୁରୁଷସିଂହ, ତପସ୍ୱୀ ଓ ଶ୍ରେଷ୍ଠ ସାଧକ ବିବେକାନନ୍ଦଙ୍କର ଜନ୍ମ; ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜନ୍ମ; ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ତିରୋଧାନ ହୋଇଥିଲା । ୧୯୮୫ ଜାନୁଆରୀ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ଦ୍ୱାରା "ନୀତିହୀନ ରାଜନୀତିର ଅବସାନ" ଏବଂ ଏକ ସ୍ୱଚ୍ଛ ସାର୍ବଜନୀନ ଜୀବନଯାପନ ପାଇଁ ଐତିହାସିକ ଦଳବଦଳ ବିରୋଧୀ ଆଇନ ପ୍ରଣୟନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଜାନୁଆରୀ ମାସଟି ଭାରତବର୍ଷ ପାଇଁ ଯେଉଁଳି ଗୁରୁତ୍ୱପୂର୍ଣ୍ଣ, ସେହିଭଳି ତାତ୍ପର୍ଯ୍ୟପୂର୍ଣ୍ଣ ।

କ୍ୱାଟର ନମ୍ବର–୧୧
ଟାଇପ୍ 'ଡ଼ି' ବ୍ଲକ ନମ୍ବର–୨ ଜୟଦେବନଗର, ଭୁବନେଶ୍ୱର ।



# ଓଡ଼ିଶାର ଧର୍ମ

ଡକ୍ଟର ଭଗବାନ ପଣ୍ଡା

ଓଡ଼ିଶା ପରିଚୟ—

ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶାର ଗୌରବାବହ ପରିଚୟ ମହାଭାରତ, ରାମାୟଣ, ପୁରାଣ ଓ ବୌଦ୍ଧ ସାହିତ୍ୟରେ ବର୍ଣ୍ଣନା କରାଯାଇଛି । ସେଥିପାଇଁ ସଂହିତାକାର କହିଛନ୍ତି—

ବର୍ଷାଣାଂ ଭାରତଃ ଶ୍ରେଷ୍ଠ ଦେଶାନାମୁତ୍କଳ ସ୍ମୃତଃ ।
ଉତ୍କଳସ୍ୟ ସମୋ ଦେଶଃ ଦେଶୋ ନାସ୍ତି ମହିତଳେ ॥

(କପିଳ ସଂହିତା)

ଓଡ୍ର ଓ ଉତ୍କଳ ନାମରେ ଅଭିହିତ ଅହି ଦେଶ ବହୁକାଳ ପୂର୍ବେ କଳିଙ୍ଗ, କୋଶଳ ଓ ଓଡ୍ର ରାଜ୍ୟକୁ ନେଇ ଗଠିତ ହୋଇଥିଲା । "ଶ୍ରୀଜଗନ୍ନାଥାତ୍ ପୂର୍ବଭାଗାତ୍ କୃଷ୍ଣତୀରାନ୍ତଗଂ ସଖେ କଳିଙ୍ଗ ଦେଶଃ" ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କ ପୂର୍ବଭାଗ ବା ମହାନଦୀର ଦକ୍ଷିଣ ତୀରଠାରୁ କୃଷ୍ଣା ନଦୀର ଉତ୍ତର ତୀର ପର୍ଯ୍ୟନ୍ତ କଳିଙ୍ଗ ଦେଶ ବିସ୍ତୃତ ଥିଲା । ସେହିପରି ମହାନଦୀର ଉତ୍ତର ତୀରଠାରୁ କପିଶା ବା ଆଧୁନିକ କାସାଇ ନଦୀର ଦକ୍ଷିଣ ତୀର ଏବଂ ପଶ୍ଚିମରେ ବିନ୍ଧ୍ୟ ପର୍ବତମାଳା ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳ ଉତ୍କଳ ନାମରେ ଅଭିହିତ ହେଉଥିଲା । ଓଡ଼ିଶାରପଶ୍ଚିମାଞ୍ଚଳ, ବସ୍ତର ଆଦି ଅଞ୍ଚଳ ସହିତ ଦକ୍ଷିଣ କୋଶଳ ବା କୋଶଳ ରୂପେ ପରିଚିତ ଥିଲା । ଅବଶ୍ୟ ଏହି ଅଞ୍ଚଳଗୁଡ଼ିକର ସୀମା ବିଷୟରେ ବିଭିନ୍ନ ପ୍ରକାର ମତଭେଦ ରହିଛି । ସେ ଯାହାହେଉ, ଏହି ତିନୋଟି ଅଞ୍ଚଳକୁ ନେଇ ବିଶାଳ ଉତ୍କଳ ସାମ୍ରାଜ୍ୟ ଗଠିତ ହୋଇଥିଲା । ପ୍ରାୟ ହଜାରେ ବର୍ଷତଳେ ଏହା ଜଗନ୍ନାଥ ଦେଶ ନାମରେ ନାମିତ ଥିଲା । ଆଜି ବି ସମଗ୍ର ପୃଥିବୀରେ ଏହା ସେହି ନାମରେ ସୁବିଦିତ । ଓଡ଼ିଶାର ଶିଳାଲେଖାରେ ତତ୍କାଳୀନ ସମୃଦ୍ଧିର ଯେଉଁ ଲୋଭନୀୟ ଚିତ୍ର ଅଙ୍କିତ ହୋଇଛି ତାହାର ଏକ ନମୁନା ଏଠାରେ ଉପସ୍ଥାପିତ କରାଯାଇପାରେ—

କ୍ବଚିଦେବେ ଦୀପାଃ କ୍ବଚିଦପି ତଡ଼ାଗାଃ କ୍ବଚିଦିମା
ମଠାଃ ପ୍ରୌଢ଼ାଃ କ୍ବାପି କ୍ବଚିଦପି ତଥା ମଣ୍ଡପଚୟାଃ ।
ପ୍ରପାଃ କ୍ବାପି କ୍ବାପି ପ୍ରତିପଦମୁଦାରାଃକ୍ଷିତିରୁହୋ
ବିଭାନ୍ତି କ୍ଷ୍ମାଚକ୍ରେ ଜଳଧିବଳୟୋ ଯସ୍ୟ ପରିତଃ ॥

(ଶୋଭନେଶ୍ୱର ମନ୍ଦିର ଅଭିଲେଖ)

ଯସ୍ୟାଂ ଶାଳାମାଳା ପଥି ପଥି ତଡ଼ାଗାଃ ପ୍ରତିପୁରଂ
ପ୍ରଦୀପାଃ ସମ୍ପୀଳାଃ ପ୍ରତିସୁରଗୃହଂ ଯସ୍ୟ ବିମଳାଃ ।
ମହାବେଦାଦୀନାଂ ଦ୍ବିଜପୁର ବିହାରାଃ ପ୍ରତିଦିଶଂ
ବିଭାନବ୍ୟେସତ୍ରାଣ୍ୟପିଚ ପରିତଃ ସେତୁ ନିବହାଃ ॥

(ମେଘେଶ୍ୱର ମନ୍ଦିର ଅଭିଲେଖ)

କିନ୍ତୁ ଆଜିର ଓଡ଼ିଶା ନାମକୁ ମାତ୍ର ପ୍ରାୟ ୧୫୬ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ସୀମାବଦ୍ଧ । ଏହା ଆଗଙ୍ଗଗୋଦାବରୀ ବିସ୍ତୃତ ପ୍ରାଚୀନ ଉତ୍କଳର ପ୍ରାୟ ଏକ ତୃତୀୟାଂଶ । ବ୍ରହ୍ମପୁର ପରବର୍ତ୍ତୀ ସୁର୍ଲାରୋଡ଼ ରେଲଷ୍ଟେସନ ପରେ ଆନ୍ଧ୍ର ରାଜ୍ୟ ଏବଂ ଉତ୍ତରରେ ଥରବ ଲକ୍ଷ୍ମଣନାଥ ରେଲଷ୍ଟେସନର ଅଧାରୁ ପଶ୍ଚିମବଙ୍ଗର ସୀମା ଆରମ୍ଭ । ପଶ୍ଚିମସୀମାକଥା କହିବା ଅନାବଶ୍ୟକ । ଓଡ଼ିଶାର ଐତିହ୍ୟ, ସଂସ୍କୃତି ଧର୍ମଧାରା ପ୍ରସଙ୍ଗର ଆଲୋଚନାକୁ ସାମ୍ପ୍ରତିକ ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ରଖିବା ଉଚିତ ନୁହେଁ । କାରଣ ଓଡ଼ିଶାର ବହୁ ଉପାଦେୟ ଐତିହାସିକ ଓ ସାଂସ୍କୃତିକ ଉପାଦାନ ଏବେ ବି ବିଚ୍ଛିନ୍ନାଞ୍ଚଳରେ ଅବହେଳିତ, ଅନାଦୃତ ଓ ଅନାଲୋକିତଅବସ୍ଥାରେ ପଡ଼ି ରହିଛି । ସେହି ଦୃଷ୍ଟିରୁ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ବିଷୟରେ ପୂର୍ଣ୍ଣାଙ୍ଗଇତିହାସ ରଚିତ ହୋଇପାରି ନାହିଁ କି ସେଥିପାଇଁ ଅଦ୍ୟାବଧି ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇନାହିଁ ବୋଲି କୁହାଯାଇପାରେ ।

ଓଡ଼ିଶାର ଧର୍ମ ବିଷୟରେ କହିବା ପୂର୍ବରୁ ଧର୍ମ ସମ୍ବନ୍ଧରେ ସାଧାରଣ ସୂଚନା ଦେବା ଆବଶ୍ୟକ ମନେହୁଏ । ଧର୍ମ ଶବ୍ଦର ଅର୍ଥ ଅତି ବ୍ୟାପକ ଧରତି ଲୋକାନ୍ ଧ୍ରିୟତେ ପୁଣ୍ୟାତ୍ମଭିଃ ଇତି ଧର୍ମ ଅର୍ଥାତ୍ ଯେ ଲୋକକୁ ବା ଲୋକେ ଯାହାକୁ ଧାରଣ କରନ୍ତି ତାହା ଧର୍ମ । ସ୍ୱଭାବ, ଗୁଣ, ଆଗ୍ରହ ବ୍ୟବହାର, ପୁଣ୍ୟ, ସୁକୃତ, ଶ୍ରେୟ, ଆନନ୍ଦ ଆଦି ଅର୍ଥରେ ଧର୍ମ ଶବ୍ଦ ବ୍ୟବହାର କରାଯାଇଥାଏ । ଧର୍ମ ମାନବର ସାମାଜିକ ଓ ଆଧ୍ୟାତ୍ମିକ ଜୀବନକୁ ନିୟନ୍ତ୍ରିତ କରେ । ତେଣୁ ଧର୍ମୀୟ ଆଲୋଚନାକୁ ବାଦ୍‌ଦେଇ କୌଣସି ବ୍ୟକ୍ତି, ଗୋଷ୍ଠୀ, ଜାତି ବା ଦେଶର ଐତିହ୍ୟ ଓ ସଂସ୍କୃତି ଜାଣିବା ସହଜ ନୁହେଁ । ଏହି ଧର୍ମ ବିଭିନ୍ନ ଭାବରେ ବିଭକ୍ତ । ଉଦାହରଣ ସ୍ୱରୂପ ବ୍ୟକ୍ତିଧର୍ମ, କୁଳଧର୍ମ, ସମାଜଧର୍ମ, ଜାତିଧର୍ମ, ଦେଶଧର୍ମ, ବର୍ଣ୍ଣଧର୍ମ ବର୍ଣ୍ଣାଶ୍ରମଧର୍ମ, ସ୍ୱଧର୍ମ, ଆପଦ୍‌ଧର୍ମ, ବ୍ୟାବହାରିକଧର୍ମ ଇତ୍ୟାଦି ବିଭିନ୍ନ ପ୍ରକାର ଧର୍ମ ବ୍ୟବସ୍ଥା ସମାଜରେ ପ୍ରଚଳିତ ଅଛି । ତଦ୍‌ବ୍ୟତୀତ ବୈଦିକ ତାନ୍ତ୍ରିକ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଆଦି ମତବାଦ ଓ ଉପାସନା ପଦ୍ଧତିକୁ ମଧ୍ୟ ଧର୍ମ କୁହାଯାଏ । କିନ୍ତୁ ଆମେ ଏସବୁକୁ ସ୍ଥୂଳରେ ଧର୍ମ ଅର୍ଥରେହିଁ ଗ୍ରହଣ କରିଥାଉଁ ।

ଭାରତରେ ପ୍ରଚଳିତ ଭାରତବାସୀଙ୍କ ଅନୁସୃତ ଧର୍ମ ସନାତନ ଧର୍ମନାମରେ ଅଭିହିତ । ଏହା ପୃଥିବୀର ସର୍ବପ୍ରାଚୀନ ଧର୍ମ । ମାନବିକ ଆଗ୍ରହ, ବିଶ୍ୱାସ ଓ ଆଧ୍ୟାତ୍ମିକ ଦୃଷ୍ଟି ବା ଧର୍ମ ବିଶ୍ୱାସ ସମ୍ବନ୍ଧରେ ଯଥାର୍ଥ ମାର୍ଗ ଏଥିରେ ନିର୍ଦ୍ଦେଶ କରାଯାଇଛି । ଭାରତରେ ମୁସଲମାନ ଓ ଖ୍ରୀଷ୍ଟିୟାନ୍‌ମାନଙ୍କ ବସତି ପରେ ସନାତନ ଧର୍ମ ହିନ୍ଦୁଧର୍ମ ନାମରେ ନାମିତ ହୋଇଛି । ସନାତନର ଅର୍ଥ ନିତ୍ୟ, ସ୍ଥିର, ନିର୍ବିକାର, କିନ୍ତୁ ଧର୍ମ ସହି

ଅବ୍ଧିତ ହେଲେ ଏହାର ଅର୍ଥ ପ୍ରାଚୀନ ଓ ପାରମ୍ପରିକ ହୁଏ । ଏହି ଅର୍ଥ ଯୁକ୍ତି ସଙ୍ଗତ ମନେହୁଏ । ବୈଦିକ ଯୁଗରୁ ଆରମ୍ଭକରି ଇଂରେଜ ଶାସନାଧୀନ ହେବା ପର୍ଯ୍ୟନ୍ତ ଭାରତୀୟ ଜୀବନଧାରାର ଚିନ୍ତା ଓ ଚେତନାର ସମସ୍ତ ଦିଗ ଏଥିରେ ସନ୍ନିବେଶିତ ହୋଇଛି । ଖ୍ରୀଷ୍ଟୀୟ ୧୦ମ—୧୧ଶ ଶତାବ୍ଦୀଠାରୁ ଆରମ୍ଭକରି ଆଞ୍ଚଳିକ ଭାଷାର ବିକାଶ ଓ ଅଞ୍ଚଳ ବିଶେଷର ଭୌଗୋଳିକ ସୀମା ନିର୍ଦ୍ଧାରିତ ହେବାଦ୍ୱାରା ଲୋକରୁଚି, ବ୍ୟବହାର ଓ ବିଶ୍ୱାସରେ କେତେକ ପରିବର୍ତ୍ତନ ଘଟିଥିଲେ ମଧ୍ୟ ଅଦ୍ୟାବଧି ଧର୍ମର ମୌଳିକ ଚିନ୍ତା ସମଗ୍ର ଭାରତରେ ପ୍ରାୟ ଏକ ପ୍ରକାର ରହି ଆସିଛି । ଉଦାହରଣ ସ୍ୱରୂପ ବ୍ରାହ୍ମଣ, ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତିଙ୍କ ବିଶ୍ୱାସ ଓ ଆଚରଣ ଓଡ଼ିଶାରେ ଯେପରି ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସେହିପରି ଅନୁଭୂତ ହୁଏ । ଐତିହାସିକ, ଭୌଗୋଳିକ ଓ ସାଂସ୍କୃତିକ ବିଭିନ୍ନତା ସହିତ ଭାଷା, ଜାତି, ଧର୍ମ ବର୍ଣ୍ଣ ବ୍ୟବସ୍ଥାର ଲକ୍ଷ୍ୟଣୀୟ ବୈଷମ୍ୟ ସତ୍ତ୍ୱେ ଭାରତୀୟ ଜନତା, ସନାତନ ଧର୍ମର ଏକତା ସୂତ୍ରରେ ଆବଦ୍ଧ ରହି ଆସିଛନ୍ତି । ଏହି ଏକତାର ମୂଳରୂପ ତିନୋଟି ଉପାଦାନ ଉପରେ ଆଧାରିତ । ସେଗୁଡ଼ିକ ହେଲା (୧) କର୍ମ ଓ ପୁନର୍ଜନ୍ମ ସିଦ୍ଧାନ୍ତ (୨) ସୁସମୃଦ୍ଧ, ବିଶାଳ ସଂସ୍କୃତ ସାହିତ୍ୟ ଏବଂ (୩) ଧର୍ମାଚରଣରେ ସହନଶୀଳତା । ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ସମଗ୍ର ଭାରତର ବିଭିନ୍ନ ସ୍ଥାନ ନଦନଦୀ, ପୁଷ୍କରିଣୀ, ବନପର୍ବତର ଧାର୍ମିକ ମହତ୍ତ୍ୱ ସମସ୍ତଙ୍କ ଦ୍ୱାରା ସ୍ୱୀକୃତ । ସବୁ ଧର୍ମ ବିଶ୍ୱାସରେ ଧୈର୍ଯ୍ୟ, ସହିଷ୍ଣୁତା, ପରୋପକାର, ସତ୍ୟ, ନ୍ୟାସ, ଧ୍ୟାନ, ଧାରଣା, ଯୋଗ, ପ୍ରାଣାୟାମ, ଯମ, ନିୟମାଦିକୁ ଗୁରୁତ୍ୱ ଦିଆଯାଇଛି ଏବଂ ସଂସ୍କୃତ ଭାଷାକୁ ଏହାର ମାଧ୍ୟମ ରୂପେ ଗ୍ରହଣ କରାଯାଇଛି । ସବୁ ଧର୍ମରେ ନିମ୍ନଲିଖିତ ସନାତନ ସତ୍ୟ ମୂଳ ସିଦ୍ଧାନ୍ତ ରୂପେ ଗୃହୀତ ହୋଇଛି—

ଅହିଂସା ସତ୍ୟମସ୍ତେୟସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟାଭୂତେଷ୍ୱ ଲୋଲୁପ୍ତ୍ୱଂ ମାର୍ଦ୍ଦବଂ ହ୍ରୀରଚାପଳମ୍ ॥
ଅଦ୍ରୋହଃ ସର୍ବଭୂତେଷୁ କର୍ମଣା ମନସା ଗିରା ।
ଅନୁଗ୍ରହଶ୍ଚ ଦାନଂଚ ସତାଂ ଧର୍ମଃ ସନାତନଃ ॥

ତେଣୁ ଗୀତା ଧର୍ମପଦ, ଜୈନ ଦର୍ଶନ, କୋରାନ୍ ଓ ବାଇବେଲ୍‌ରେ ଧର୍ମ ବିଷୟରେ କୌଣସି ପ୍ରକାର ମୌଳିକ ପାର୍ଥକ୍ୟ ଥିବାର ଦେଖାଯାଏ ନାହିଁ ।

ବୈଦିକ ଭାରତର ରୁଚି ଓ ବିଶ୍ୱାସ ବଦଳିବା ସଙ୍ଗେ ସଙ୍ଗେ କାଳକ୍ରମେ ଲୋକମନରେ ଯେଉଁ ହେତୁବାଦର ଉଦୟ ଘଟିଲା ସେଥିରୁ ସୃଷ୍ଟି ହେଲା ଉପନିଷଦ୍ ଏବଂ ଉପନିଷଦ୍ ଯୁଗପରଠାରୁ ସନାତନ ଧର୍ମରେ ବୈଦିକ ଓ ଅବୈଦିକ ନାମରେ ଦୁଇଟି ଧାରାର ସ୍ପଷ୍ଟ ସୂଚନା ଦେଖାଗଲା । ବୈଦିକ ଗୋଷ୍ଠୀ ଶ୍ରୌତ ଓ ସ୍ମାର୍ତ୍ତଧର୍ମ ଅନୁସରଣ କଲାବେଳେ ବୌଦ୍ଧ, ଜୈନ ଆଦି ଅବୈଦିକ ଗୋଷ୍ଠୀ କ୍ରିୟାକାଣ୍ଡ ଅପେକ୍ଷା ଜ୍ଞାନ କାଣ୍ଡକୁ ଅଧିକ ପ୍ରାଧାନ୍ୟ ଦେଇ ଦାର୍ଶନିକ ଧାରାର ପ୍ରସାର କଲେ । ସନାତନ ଧର୍ମର ମୌଳିକ ସତ୍ୟକୁ ଆଧାର କରି ଉଭୟ ଗୋଷ୍ଠୀଙ୍କର ପୁରାଣ, ଧର୍ମଶାସ୍ତ୍ର, ଧର୍ମବିଶ୍ୱାସ, ଆସ୍ଥା ଓ ଆଚରଣରେ ପାର୍ଥକ୍ୟ ଅନୁଭୂତ ହେଲା । କିନ୍ତୁ ଭାଇଭାଗରେ ପୋଖରୀକୁ ଭାଗକଲା ବେଳେ ମଝିରେ ମାଟି ବନ୍ଧଟିଏ ପକାଇ ଯେପରି ଏକ ଜଳାଶୟରେ ଜଳରାଶିକୁ ଦୁଇଭାଗ କରାଯାଏ ସେହିପରି ସନାତନ ଧର୍ମରେ ଯେଉଁ ଦୁଇଟି ଭାଗ ସୃଷ୍ଟି ହେଲା ସେଥିରୁ ଗୋଟିଏ ଭାଗରେ ରହିଲା ବେଦ, ବେଦାନ୍ତ ଓ ବେଦାଙ୍ଗ ଏବଂ ଅପର ଭାଗରେ ରହିଲା ବେଦ ବିଦ୍ରୋହୀମାନଙ୍କ ଶାସ୍ତ୍ର, ପୁରାଣ, ଦର୍ଶନ ଇତ୍ୟାଦି । ବୈଦିକ ମୁନିଋଷିଗଣ ପ୍ରଚାର ଧର୍ମୀ ନଥିଲେ । ସେମାନେ ସର୍ବଦା ସୋମପାନ କରି ଯୋଗ ଧ୍ୟାନରେ ନିର୍ବିଘ୍ନ ରହୁଥିଲେ । ତେଣୁ ଏହାର ସୁଯୋଗ ନେଇ ଜୈନ ଓ ବୌଦ୍ଧମାନେ ସ୍ୱମତ ପ୍ରଚାର ଓ ପ୍ରତିଷ୍ଠାରେ ଲାଗି ପଡ଼ିଲେ । କିନ୍ତୁ ସନାତନ ଧର୍ମ ଥିଲା ସ୍ୱାଭାବିକ ଧର୍ମ । ଏହାର କେହି ପ୍ରଚାରକ ନ ଥିଲେ । ମାତ୍ର ସନାତନ ଧର୍ମ ବୃକ୍ଷର ଶାଖା ପ୍ରଶାଖା ରୂପେ ବିକାଶ ଲାଭ କରିଥିବା ବୌଦ୍ଧ ଓ ଜୈନ ଧର୍ମାବଲମ୍ବୀମାନେ ପ୍ରଥମେ ଧର୍ମ ପ୍ରଚାର ଆରମ୍ଭ କଲେ । କାଳକ୍ରମେ ପୁଣି ଭାଇଭାଗ ଆରମ୍ଭ ହେଲା । ଜୈନ ଓ ବୌଦ୍ଧ ଧର୍ମରେ ବହୁ ଶାଖା, ବହୁ ଶାସ୍ତ୍ର, ବହୁ ପ୍ରକାର ପରସ୍ପର ବିରୋଧୀ ମତ ଓ ବିଶ୍ୱାସ ସୃଷ୍ଟି ହେଲା । ବୈଦିକମାନେ ମଧ୍ୟ ଜୈନ ଓ ବୌଦ୍ଧମାନଙ୍କ ଆଦର୍ଶରେ ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ ଆଦି ବିଭିନ୍ନ ଶାଖାରେ ବିଭକ୍ତ ହେଲେ । ଚାଲିଲା ସ୍ୱମତ ପ୍ରଚାର । ବୈଦିକ ଯାଗ ଯଜ୍ଞଠାରୁ ଆରମ୍ଭ କରି ପଞ୍ଚମକାର ପୂଜା ଓ ଯୋଗାସନ ସାଧନା ପ୍ରସାର ଲାଭ କଲା । ବୈଦିକ ଯୁଗଠାରୁ ଆରମ୍ଭକରି ପୁରାଣଯୁଗ ଶେଷ ହେବା ବେଳକୁ ପୂର୍ବୋକ୍ତ ଧର୍ମ ମତବାଦ ଗୁଡ଼ିକରେ କୋଟିଏ ଦେବତା ନୁହେଁ, କୋଟି କୋଟି ଦେବତା ସୃଷ୍ଟି ହୋଇଗଲେ । ବୈଦିକ, ଅବୈଦିକ ଧାରା ବ୍ୟତୀତ ଭାରତର ଧାର୍ମିକ ଜୀବନରେ ତାନ୍ତ୍ରିକ ଧାରା ଏକ ସ୍ୱତନ୍ତ୍ର ଧାରା ରୂପେ ପ୍ରବାହିତ ହେବାକୁ ଲାଗିଲା । ସବୁଧର୍ମରେ ତାନ୍ତ୍ରିକ ଧାରା କ୍ରମଶଃ ପ୍ରାଧାନ୍ୟ ଲାଭ ସଙ୍ଗେ ସଙ୍ଗେ ସମଗ୍ର ଭାରତବାସୀଙ୍କୁ ନିୟନ୍ତ୍ରଣ କଲା । ଭାରତରେ 'ମନ୍ତ୍ରାଧୀନ' ପରିବର୍ତ୍ତେ 'ତନ୍ତ୍ରାଧୀନ' ଜଗତ୍ ସର୍ବଂ" ନୀତି ଗୃହୀତ ହେଲା ।

ଭାରତୀୟମାନେ ଧର୍ମପ୍ରାଣ । କିନ୍ତୁ କାହାକୁ ପୂଜା କରିବେ, କାହାକୁ ଧ୍ୟାନ କରିବେ, କାହାକୁ ବା ସ୍ତୁତି କରିବେ ? ବୈଦିକ ଋଷିଙ୍କ ଭାଷାରେ 'କସ୍ମୈ ଦେବାୟ ହବିଷାବିଧେମ' । ବିଷମ ସମସ୍ୟା । ଏ ଅବସ୍ଥାରେ ଯେ କେହି ପାଗଳ ହୋଇ ଯିବ । କିନ୍ତୁ ସନାତନ ମତବାଦୀ ଭାରତୀୟମାନେ ଧର୍ମରେ ପାଗଳ ହୁଅନ୍ତି ନାହିଁ । ଯେ ସନାତନ ମାନବିକ ଭାବନାଠାରୁ ଦୂରେଇ ଯାଇଛି, ଧର୍ମ ବିଶ୍ୱାସର ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ ଥାଇ ପାଗଳ ହୋଇଯାଇଛି ସେ ଯାଇଛି, ତା' ଧର୍ମ ବି ଯାଇଛି । ରହିଛି ସନାତନ ଧର୍ମ । ଆଜି ବୌଦ୍ଧଧର୍ମ ଚୀନ, ଜାପାନ, ଆଦି ସ୍ଥାନରେ ଆଶ୍ରୟ ନେଇଛି । ଜୈନଧର୍ମ ମୁଷ୍ଟିମେୟ ଲୋକଙ୍କ ଆଚରଣରେ ସୀମାବଦ୍ଧ ରହିଛି । ଭାରତରେ ଆଜି ପ୍ରାଧାନ୍ୟ ଲାଭ କରିଛି ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ । ଗଙ୍ଗା, ଯମୁନା, ସରସ୍ୱତୀ ରୂପୀ ଏହି ତ୍ରିଧାରାରେ ଭାରତର ସନାତନ ଧର୍ମ, ବୈଦିକ ଧର୍ମ ଓ ପୌରାଣିକ ଧର୍ମର ସମସ୍ତ ବୈଶିଷ୍ଟ୍ୟ, ମାଧୁର୍ଯ୍ୟ ଓ ତତ୍ତ୍ୱ ପ୍ରବାହିତ ହେଉଛି । ଜ୍ଞାନ ଓ କର୍ମକାଣ୍ଡ ତୁଲ୍ୟ ଏହାର ଦୁଇ ତୀରରେ ଥିବା ସୁଦୃଢ଼ ବନ୍ଧ ମଧ୍ୟରେ ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମ ଧାରା ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳରେ ପ୍ରବାହିତ ହେଉଛି । ଅଞ୍ଚଳ ବିଶେଷରେ ଏଥିରୁ କୌଣସି ଗୋଟିଏ ଧାରା ଅଧିକ ବିଭୂତି ଓ ପ୍ରାବଲ୍ୟଲାଭ କରିଥିବାର ଦେଖାଯାଏ । କିନ୍ତୁ ଓଡ଼ିଶାରେ ଏହି ତିନୋଟି ଧାରାର ସମପ୍ରାଧାନ୍ୟ ରହିଛି । ଏହାହିଁ ଓଡ଼ିଶାର ଧର୍ମଧାରାର ଉଲ୍ଲେଖନୀୟ ବୈଶିଷ୍ଟ୍ୟ ।

ଓଡ଼ିଶା ଏକ ସମ୍ମିଳିତ ରାଷ୍ଟ୍ର ବା ରାଜ୍ୟ, ଏହା ପୂର୍ବରୁ କୁହାଯାଇଛି । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଭାଷା ବ୍ୟତୀତ ଆଗ୍ରହ, ବ୍ୟବହାର, ବେଶଭୂଷା, ଖାଦ୍ୟପେୟରେ ସ୍ୱଭାବତଃ ଯେପରି 'ଏକ ପ୍ରକାର ଐକ୍ୟ ଅନୁଭୂତ ହୁଏ ଓଡ଼ିଶାରେ ତାହା ଦେଖାଯାଏ ନାହିଁ । ଓଡ଼ିଶାର ଉତ୍ତର, ଦକ୍ଷିଣ ଓ ପଶ୍ଚିମାଞ୍ଚଳ ପ୍ରତି ଦୃଷ୍ଟିଦେଲେ ଏହାର ସତ୍ୟତା ସହଜରେ ଜାଣି ହେବ । ବିଭିନ୍ନ ପ୍ରକାର ବୈଷମ୍ୟ ସତ୍ତ୍ୱେ ଓଡ଼ିଶା ଓ ଓଡ଼ିଆ ଜାତି ଯେପରି ଏକତା ସୂତ୍ରରେ ଆବଦ୍ଧ ହୋଇ ରହିଛି, ଭାରତରେ ତାର ଦୃଷ୍ଟାନ୍ତ ବିରଳ । ଏହି ଏକତାର ସର୍ବଶ୍ରେଷ୍ଠ ସୁଦୃଢ଼ ଭିତ୍ତି ହେଉଛି ଶ୍ରୀଜଗନ୍ନାଥ । ତାଙ୍କଠାରେ ତିନୋଟି ଅଞ୍ଚଳର ତ୍ରିବିଧ ଧର୍ମ ବିଶ୍ୱାସର ଅର୍ଥାତ୍ ଶୈବ, ଶାକ୍ତ ଓ ବୌଦ୍ଧ ତଥା ବୈଷ୍ଣବ ଧର୍ମର ସମନ୍ୱୟ ଘଟିଛି । କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତରେ ସହିଷ୍ଣୁତା ଓ ସମନ୍ୱୟର, ଭ୍ରାତୃତ୍ୱ ଓ ବିଶ୍ୱମୈତ୍ରୀର ଶ୍ରେଷ୍ଠ ପ୍ରତୀକ ଭାବେ ଶ୍ରୀଜଗନ୍ନାଥ ଆରାଧିତ । ଓଡ଼ିଶା ବା ଭାରତ ନୁହେଁ, ପୃଥିବୀର ସର୍ବଶ୍ରେଷ୍ଠ, ସର୍ବପ୍ରାଚୀନ ଓ ସର୍ବାଧୁନିକ ପ୍ରତୀକ ବା ଦେବତା ରୂପେ ଶ୍ରୀଜଗନ୍ନାଥଙ୍କ ବ୍ୟତୀତ ଅନ୍ୟ କାହାରି କଥା ମନରେ ଆସେ ନାହିଁ । ସେଥିପାଇଁ କୁହାଯାଇଛି—

ସର୍ବେଷାମପି ଦେବାନାଂ ରାଜା ଶ୍ରୀପୁରୁଷୋତ୍ତମଃ ।
ସର୍ବେଷାମପି କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ॥

କାରଣ ଭାରତ ବା ଭାରତ ବାହାରେ କୌଣସି ଦେଶ, ଜାତି ବା ଜନଗୋଷ୍ଠୀ, କୌଣସି ଦେବତାଙ୍କ ନାମରୁ ଚିହ୍ନିତ ହୁଅନ୍ତି ନାହିଁ । ସମଗ୍ର ପୃଥିବୀରେ କେବଳ ଓଡ଼ିଶା ବା ଓଡ଼ିଆ ଜାତି ଶ୍ରୀଜଗନ୍ନାଥଙ୍କ ନାମରେହିଁ ପରିଚିତ ହୁଅନ୍ତି । ତେଣୁ ଶ୍ରୀଜଗନ୍ନାଥ ଧର୍ମହିଁ ଓଡ଼ିଶାର ଧର୍ମ, ଶ୍ରୀଜଗନ୍ନାଥ ସଂସ୍କୃତିହିଁ ଓଡ଼ିଶାର ସଂସ୍କୃତି ଏବଂ ଶ୍ରୀଜଗନ୍ନାଥଙ୍କ ଇତିହାସହିଁ ଓଡ଼ିଶାର ଇତିହାସ । ଶ୍ରୀଜଗନ୍ନାଥଙ୍କ ଭୋଗରାଗ, ପୂଜାପାର୍ବଣ, ମେଳାମହୋତ୍ସବହିଁ ଓଡ଼ିଶାର ଜାତୀୟ ଖାଦ୍ୟ, ଓଡ଼ିଶାର ଜାତୀୟ ପର୍ବ ଓ ଜାତୀୟ ମହୋତ୍ସବ । ଓଡ଼ିଶା ଓ ଓଡ଼ିଆ ଜାତି, ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ଏବଂ ଓଡ଼ିଶାର ଧର୍ମକୁ ଶ୍ରୀଜଗନ୍ନାଥଙ୍କଠାରୁ ପୃଥକ୍ କରି ବା ଶ୍ରୀଜଗନ୍ନାଥଙ୍କୁ ବାଦ୍ ଦେଇ କଳ୍ପନା କରିବା ସମ୍ଭବ ନୁହେଁ । ଓଡ଼ିଶାରେ ପ୍ରଚଳିତ ପ୍ରାଚୀନତମ ବୌଦ୍ଧଧର୍ମଠାରୁ ଆରମ୍ଭକରି ନବୀନତମ ଧର୍ମ ମହିମାଧର୍ମ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଧର୍ମ ବିଶ୍ୱାସ ମୂଳରେ ଜଗନ୍ନାଥୀୟ ଚେତନାର ଅସ୍ତିତ୍ୱ ଅନୁଭୂତ ହୁଏ ।


ଓଡ଼ିଶା ଭାରତର ଏକ ସର୍ବଶ୍ରେଷ୍ଠ ଅଞ୍ଚଳ, ଏହା ପ୍ରଥମରୁ କୁହାଯାଇଛି । ଦକ୍ଷିଣ ଓ ଉତ୍ତର, ଉଭୟ ଭାରତର ଧର୍ମ ଓ ସଂସ୍କୃତିର ଏହା ହେଉଛି ମିଳନ କ୍ଷେତ୍ର । ପ୍ରାଚୀନ ଉତ୍କଳର ଭୌଗଳିକ ରେଖାଚିତ୍ର ଆଖି ଆଗରେ ରଖି ଦେଖିଲେ ଓଡ଼ିଶା ଉତ୍ତର ଭାରତ ଓ ଦକ୍ଷିଣ ଭାରତୀୟ ସଂସ୍କୃତିର ମାନଦଣ୍ଡ ରୂପେ ପ୍ରତୀତ ହୁଏ । ସମଗ୍ର ଭାରତର ଏକ କ୍ଷୁଦ୍ରାକାର ପ୍ରତିକୃତି ରୂପେ ଓଡ଼ିଶାକୁ ଗ୍ରହଣ କରିନେଲେ ଧର୍ମ ଓ ସଂସ୍କୃତି ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇଯାଏ । ଓଡ଼ିଶାର ଧର୍ମ, ସଂସ୍କୃତି, କଳା ଭାସ୍କର୍ଯ୍ୟ, ସାହିତ୍ୟ ଓ ଦର୍ଶନରେ ଯେଉଁ କେତେକ ସାମ୍ୟ, ବୈଷମ୍ୟ ବା ସମନ୍ୱୟର ଉପାଦାନ ରହିଛି ତାହାକୁ ଆଧାର କରି ଆଧୁନିକ ଆଲୋଚକମାନେ ନାନା ବାଦ ବିବାଦରେ ଲାଗି ପଡ଼ୁଥିବାର ଦେଖାଯାଏ । ଏହି ବାଦବିବାଦର ପ୍ରଥମ ଓ ପ୍ରଧାନ ଉପାଦାନ ହେଉଛି ଶ୍ରୀଜଗନ୍ନାଥ । ତାଙ୍କର ଉତ୍ପତ୍ତି, ବିକାଶ, ବୈଶିଷ୍ଟ୍ୟ, ଇତିହାସ ଓ ସଂସ୍କୃତି ବିଷୟରେ ବହୁ ଗ୍ରନ୍ଥ ପ୍ରଣୀତ ହୋଇଥିଲେ ମଧ୍ୟ ତଦ୍ଦ୍ୱାରା ଜଗନ୍ନାଥ ସମ୍ବନ୍ଧୀୟ ସମସ୍ତ ପ୍ରଶ୍ନର ସମାଧାନ ମିଳେ ନାହିଁ । ତେଣୁ ଶ୍ରୀଜଗନ୍ନାଥ ଧର୍ମ ବା ସଂସ୍କୃତି ବୋଲି କ'ଣ ସ୍ୱତନ୍ତ୍ର ସାହିତ୍ୟ, ଶାସ୍ତ୍ର ବା ଦର୍ଶନ ଅଛିକି ବୋଲି ଅନେକ ପ୍ରଶ୍ନ କରନ୍ତି । ଯେଉଁମାନେ ଏପ୍ରକାର ପ୍ରଶ୍ନ କରନ୍ତି ସେମାନଙ୍କ ଅନୁସାରେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ସମସ୍ତେ ଶ୍ରୀଜଗନ୍ନାଥଙ୍କୁ ନିଜର ଦେବତା, ନିଜର ସର୍ବୋତ୍ତମ ଉପାସ୍ୟ ଓ ଧର୍ମୀୟ ଜୀବନର ଶେଷ ଲକ୍ଷ୍ୟସ୍ଥଳ ବୋଲି ଦାବି କରୁଥିବା ବେଳେ ଶ୍ରୀଜଗନ୍ନାଥ ପ୍ରକୃତରେ କାହାର ? ଏହାର ଉତ୍ତର କିଏ ଦେଇ ପାରିବ ? ଶାସ୍ତ୍ର ବା ଇତିହାସ ଏହି ପ୍ରଶ୍ନର ଉତ୍ତର ଦେବା ପାଇଁ କେତେଦୂର ସମର୍ଥ ତାହା ଆଲୋଚକମାନେ ଜାଣନ୍ତି ।

ଶ୍ରୀଜଗନ୍ନାଥ ପ୍ରକୃତରେ କାହାର, ଏହାର ଉତ୍ତର ସ୍ୱରୂପ ଏତିକି କୁହାଯାଇପାରେ ଯେ, ଶ୍ରୀଜଗନ୍ନାଥ କାହାରି ନୁହନ୍ତି । ମାତ୍ର ସମସ୍ତେ ତାଙ୍କର ଓ ସେ ସମସ୍ତଙ୍କର । ସେ ପୁରୁଷୋତ୍ତମ । ସେଥିପାଇଁ ଭଗବଦ୍‌ଗୀତାରେ କୁହାଯାଇଛି– ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ଅର୍ଥାତ୍ ସେ ବୈଦିକ ଓ ଲୌକିକ ଉଭୟ ଗୋଷ୍ଠୀର ଦେବତା । ସେ ସନାତନ । କାରଣ, ତାଙ୍କର ଆରମ୍ଭ ଏଯାଏ ଉଦ୍‌ଘାଟିତ ହୋଇ ନାହିଁ । ସନାତନ ଧର୍ମ ପରି ଶ୍ରୀଜଗନ୍ନାଥଙ୍କର ଆରମ୍ଭ କେବେ କିଏ କହିବ ? ବେଦକୁ ସନାତନ ଧର୍ମର ବିଶେଷ ଉପାଦାନ ରୂପେ ଚିତ୍ରଣ କରାଯାଇଥିଲେ ମଧ୍ୟ ଏହାର ମୌଳିକ ଭାବନା ଯେ ବେଦର ବହୁପୂର୍ବରୁ ଆରମ୍ଭ ହୋଇଥିବ ସେଥିରେ ସନ୍ଦେହ ନାହିଁ । ହୁଏତ ବୈଦିକ ସାହିତ୍ୟରେ ଏହାର ପ୍ରାଥମିକ ରୂପ ପ୍ରକାଶ ପାଇଛି । ସେହିପରି ଶ୍ରୀଜଗନ୍ନାଥଙ୍କୁ ଆଦିବାସୀ, ବୈଦିକ, ଅବୈଦିକ, ତାନ୍ତ୍ରିକ' ଲୌକିକ ଦେବତା ରୂପେ ଚିତ୍ରଣ କରାଗଲେ ମଧ୍ୟ ସେ ଏସବୁ ଚିନ୍ତାଠାରୁ ବହୁ ପ୍ରାଚୀନ । ତେଣୁ ସେ ସନାତନ । ସେହି ସନାତନ ଶ୍ରୀଜଗନ୍ନାଥ ଧର୍ମ ହିଁ ଓଡ଼ିଶାର ଧର୍ମ । ସେଥିପାଇଁ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରାଯାଏ–

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

॥ ଜୟ ଜଗନ୍ନାଥ ॥

ସମ୍ପାଦକ,
ସଂସ୍କୃତି ବିଭାଗ ନିର୍ଦ୍ଦେଶାଳୟ,
ଓଡ଼ିଶା, ଭୁବନେଶ୍ୱର ।



ଆନ୍ତର୍ଜାତିକ ବାଣିଜ୍ୟ ମେଳାର ବାହ୍ୟ ଦୃଶ୍ୟ •••

# ଆମପାଇଁ ଆମର ସମାଜ ଓ ଦେଶ ଶିଳ୍ପ

—ଶ୍ରୀ ମୁରାରି ଜେନା—

**ଶି**ଳ୍ପ ଏକ ଗାଡ଼ି । ଯାହାର ଦୁଇଟି ଚକ ଅଛି । ସେଥିରୁ ଗୋଟିଏ ଶ୍ରମିକ ଓ ଅନ୍ୟଟି ମାଲିକ । ଏ ଦୁଇ ଚକ ମଧ୍ୟରେ ଏକମତ/ସହଯୋଗ ଓ ସମତା ନ ରହିଲେ, ଗାଡ଼ି ଆଗକୁ ଆଗକୁ ଆଦୌ ଗଡ଼ି ପାରିବ ନାହିଁ ।

ଆମ ଶରୀର କଥା ଚିନ୍ତା କରନ୍ତୁ । ଯେତେଦିନ ଆମ ଗୋଡ ଚଳୁଥିବ, ଆମେ ଚାଲିବୁଲି ପାରୁଥିବା, ଦୌଡ଼ି ପାରୁଥିବା, ସବୁ କାମ ସୁସ୍ଥରୂପେ କରି ପାରୁଥିବା । ଯଦି ସେଥିରୁ ଗୋଟିଏ ଗୋଡ଼ ଖରାପ ହୋଇଯିବ, ତେବେ କାମତ ଦୂରର କଥା, ଚଲାବୁଲା ମଧ୍ୟ କରି ପାରିବା ନାହିଁ ।

ମନୁଷ୍ୟ ସମାଜର ଏକ ଅଂଶ । ମନୁଷ୍ୟ ସମୂହକୁ ପରିବାର ଓ ସମାଜ କହନ୍ତି । ପରିବାରର ମୁଖ୍ୟ ଲୋକ ଯେତେଦିନ ପର୍ଯ୍ୟନ୍ତ ଏକା ରୋଜଗାର କରେ, ସମୁଦାୟ ପରିବାର ଭରଣ-ପୋଷଣ ବଡ କଷ୍ଟକର ହୁଏ ଏବଂ ଯେତେବେଳେ ଘରର ଅନ୍ୟ ବୟସ୍କମାନେ ମିଳିମିଶି ରୋଜଗାର କରନ୍ତି, ସେତେବେଳେ ସେ ପରିବାରର ଲୋକେ ଭଲଭାବେ ଜୀବନ ଯାପନ କରିଥାନ୍ତି ।

ଗୋଟିଏ ଶିଳ୍ପକୁ ଭରସା କରି ଅନେକ ପରିବାର ପୋଷିକି ହୁଅନ୍ତି । ଏଣୁ ଯଦି କୌଣସି ଶିଳ୍ପରେ ହଠାତ୍ ଅବ୍ୟବସ୍ଥା ଦେଖାଦିଏ, ତେବେ ସେ ଶିଳ୍ପ ସୁରୁଖୁରୁରେ କେତେଦିନ ଚାଲି ପାରିବ ଏବଂ ଦୁର୍ଭାଗ୍ୟବଶତଃ ଯଦି ସେ ଶିଳ୍ପ କୌଣସି କାରଣରୁ ବନ୍ଦ ହୋଇଯାଏ, ତା'ହେଲେ କେତେ ଯେ ପରିବାର ଦୈନିକ ମଜୁରୀରୁ ବଞ୍ଚିତ ହେବେ, ସେ କଥା ଆପଣ ଟିକିଏ ଚିନ୍ତା କରନ୍ତୁତ ! ଧରି ନିଅନ୍ତୁ, ଏ ପରିସ୍ଥିତିରେ ଆପଣଙ୍କ କେହି ନିଜ ଲୋକ ପଡ଼ିଛନ୍ତି, ତେବେ ଆପଣଙ୍କ ମନରେ କି ପ୍ରଭାବ ପଡ଼ିବ ?

ବେକାର ଅବସ୍ଥାରେ ପେଟର ଜ୍ୱାଳା ଅଧିକ ହୁଏ ଓ ପିଲାମାନଙ୍କ ପାଠପଢ଼ା ତଥା ଲାଳନ ପାଳନରେ ଭୟାବହ ଅବସ୍ଥା ଉପୁଜେ । ଏପରି କେତେକ ଶ୍ରମିକ ପରିବାରଙ୍କ କଥା କୁହାଯାଇ ପାରେ ଯେଉଁମାନେକି ଆନ୍ଦୋଳନର ଷଡଯନ୍ତ୍ରରେ ଶିକାର ହୋଇ ଭୋକରେ ଛଟପଟ ହେଉଥାନ୍ତି ।

ଏ ପ୍ରକାର ପରିସ୍ଥିତି ହୁଏ କାହିଁକି ? କୌଣସି ଭୁଲଭିତ୍ତି ଯୋଗୁଁ ବା ନିହିତ ସ୍ୱାର୍ଥପରତାର ବଶୀଭୂତ ହୋଇ ଏପରି ଦୁଃଖ ଜାତ ହୋଇଥାଏ । କୌଣସି ଆନ୍ଦୋଳନ ଆରମ୍ଭ କରିଦେବା ବଡ ସହଜ କିନ୍ତୁ ଶେଷ ପର୍ଯ୍ୟନ୍ତ ନେଇ ପହଞ୍ଚାଇବା ବଡ କଷ୍ଟ ।

ଛୋଟ ଛୋଟ କଥାକୁ ନେଇ ଶିଳ୍ପ କ୍ଷେତ୍ରରେ ଆନ୍ଦୋଳନ ଆରମ୍ଭ ହୋଇଯାଏ । ତା'ର ଫଳାଫଳ ନ ଜାଣି ଆବେଗ ଦ୍ୱାରା ଏପରି କିଛି କରାଯାଏ, ଯେଉଁଥିରେକି ପଛରେ ଅନୁତାପ କରିବାକୁ ପଡ଼ିଥାଏ । ଆବେଗ ସହିତ ଯଦି ହିତାହିତ ଜ୍ଞାନ ରହନ୍ତା, ତେବେ ଆନ୍ଦୋଳନକୁ ପ୍ରକୃତ ରାସ୍ତା ମିଳିଯାନ୍ତା । ଯେବେ ହିତାହିତ ଜ୍ଞାନକୁ ହରେଇବା, ତେବେ ସେ ଆନ୍ଦୋଳନ ସଫଳ ହୋଇ ପାରିବ ନାହିଁ । ବିଫଳତା ଯୋଗୁଁ ଅସନ୍ତୋଷ ଜନ୍ମେ ଏବଂ ଏହି ଅସନ୍ତୋଷହିଁ ଶେଷରେ ହିଂସାରେ ପରିଣତ ହୋଇଥାଏ । ହିଂସା ସୁଖ ନ ଦେଇ ସର୍ବଦା ଦୁଃଖହିଁ ଦେଇଥାଏ । ମନର କ୍ଷଣିକ ହିଂସ୍ର ଭାବନା ଯୋଗୁଁ ଯେ କେତେ କେତେ ବଡ କ୍ଷତି ସହିବାକୁ ପଡ଼ିଥାଏ, ତାହା କଳ୍ପନା କରିହେବ ନାହିଁ । କୌଣସି ଶିଳ୍ପ କାରଖାନାରେ ନିଆଁ ଲଗାଇ ଦେବା ସହଜ କିନ୍ତୁ ତାକୁ ପୁଣି ଠିଆ କରାଇବାକୁ ଯେଉଁ ସମୟ ଲାଗେ, ତାହା ଅନୁମାନ କରାଯାଇ ପାରେ ନାହିଁ ।

ପିଲା ଯେତେବେଳେ ଛୋଟ ଥାଏ, ସେ ସେତେବେଳୁଁ କାମ କରିବା ଆରମ୍ଭ କରେ ନାହିଁ । ଆପଣ ତାକୁ ଶିକ୍ଷା ଦିଅନ୍ତି, ପଢ଼ାନ୍ତି ଏବଂ ଯୋଗ୍ୟ କରନ୍ତି; ଯେପରି ସେ ବଡ ହୋଇ ଆପଣଙ୍କ ଏ ପରିବାରର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ ହେବ । ଆପଣ ଏହାହିଁ ଆଶା ପୋଷଣ କରିଥାନ୍ତି । କହିଲେ ଦେଖି ଏ ସବୁ ଧୈର୍ଯ୍ୟ ଓ ପରିଶ୍ରମ ଉପରେ ନିର୍ଭର କରେ ନାହିଁକି ? ଯଦି ଆପଣ ଅଧୈର୍ଯ୍ୟ ହେବେ, ତେବେ ସେ ପିଲାଟି କିପରି ବଡ ହେବ ? ଆପଣଙ୍କ ସହଯୋଗୀ କିପରି ହୋଇ ପାରିବ ?

ଶିଳ୍ପତ ଆପଣଙ୍କ ପିଲାପରି । ତାର ପୂର୍ଣ୍ଣତା ଆପଣ ନିଜର କଠିନ ଶ୍ରମ ଓ ଇଚ୍ଛାରେ କରିଛନ୍ତି । ଆପଣ କହି ପାରନ୍ତି, ତା'ର ଫଳ ଆପଣଙ୍କୁ ମିଳୁନାହିଁ । ଆପଣଙ୍କ କଥାରେ ସତ୍ୟତା ଥାଇପାରେ ଯେ ଆପଣ ଆପଣଙ୍କର ପ୍ରକୃତ ପରିଶ୍ରମର ଫଳ ପାଇ ନାହାନ୍ତି । ଏଥିପାଇଁ ଆପଣଙ୍କ ମନରେ ହୁଏତ ବିଦ୍ରୋହ ଭାବନା ଓ ଅସନ୍ତୋଷ ଜନ୍ମି ପାରେ ।

ଯେଉଁଠି ମନ ସଫା ରହେ ନାହିଁ, ସେଠି ସର୍ବଦା ଅସନ୍ତୋଷ ଓ ବିଦ୍ରୋହ ଜନ୍ମ ନିଏ । ଏଇ ଅସନ୍ତୋଷ ଓ ବିଦ୍ରୋହ ନଷ୍ଟର କାରଣ ହୁଅନ୍ତି । ଇଂରେଜମାନେ ଭାରତବର୍ଷରେ ଦୁଇଶହ ବର୍ଷ ଶାସନ କଲେ, ସେମାନେ ଭାରତର ବିକାଶ ପାଇଁ ଅନେକ ଯୋଜନା ଆରମ୍ଭ କଲେ ସତ, କିନ୍ତୁ ଏ ସବୁ କାମ ସେମାନେ ସ୍ୱଚ୍ଛ ମନରେ କରିଥିଲେ କି ? ସେମାନେ କ'ଣ ଭାରତୀୟମାନଙ୍କୁ ଶୋଷଣ କରି ନ ଥିଲେ ? ତାଙ୍କର ଶୋଷଣ ବିରୁଦ୍ଧରେ ସାରା ଦେଶରେ ଧୀରେ ଧୀରେ ବିଦ୍ରୋହର ଅଗ୍ନି ହୁହୁରି ଉଠିଲା । ପରିଣାମରେ ସେମାନଙ୍କୁ ଭାରତ ଛାଡ଼ି ଚାଲିଯିବାକୁ ପଡ଼ିଲା । କିନ୍ତୁ ଏ ଉକ୍ତିର ଯୁକ୍ତି ଶିଳ୍ପ ପ୍ରତି ଲାଗୁ କରାଯାଇ ନ ପାରେ । ଉଦ୍ୟୋଗ ପତି ବା ଶିଳ୍ପପତି ଯଦି ସେ ପରିଶ୍ରମୀ ଶ୍ରମିକମାନଙ୍କ ଚେହେରାକୁ ଦେଖନ୍ତେ—ଯାହାକୁ ପେଟପୂରା ଖାଦ୍ୟ ନ ମିଳୁଥିବାରୁ କଳା ପଡ଼ିଗଲେଣି, ଯେକି ଗ୍ରୀଷ୍ମ, ବର୍ଷା, ଶୀତରେ ମଧ୍ୟ ଅର୍ଦ୍ଧ ନଗ୍ନ, ତେବେ ଅସନ୍ତୋଷ ଜନ୍ମ ଲାଭ କରିବା ତାଙ୍କ ପକ୍ଷରେ ଅବଶ୍ୟମ୍ଭାବୀ ନୁହେଁ କି ? ଏପରି କ୍ଷେତ୍ରରେ ଉଦ୍ୟୋଗ ବା ଶିଳ୍ପ ଗାଡ଼ିର ଦୁଇଟି ଚକ ଠିକ୍ ଗଡ଼ି ପାରିବ ନାହିଁ । କିନ୍ତୁ

ଠିକ୍ ରହିବ ଯଦି ଜଣେ ଅନ୍ୟ ଜଣକର କଷ୍ଟ; ଅନୁଭବ କରିପାରିବ, ଚିହ୍ନିବ ଏବଂ ସମସ୍ତେ ମିଳିମିଶି ତାକୁ ଦୂର କରିବାକୁ ଚେଷ୍ଟିତ ହେବେ । ଆପଣ ପୁଣି ପ୍ରଶ୍ନ କରି ପାରନ୍ତି— ଏ କଥା କହିବା ସହଜ କିନ୍ତୁ କାମରେ ଲଗାଇବା କଷ୍ଟକର । ଏ ହେଲେ ମଧ୍ୟ ପରସ୍ପର ମଧ୍ୟରେ ବୁଝାମଣା ହୋଇ ପାରିଲେ, ଯାହାକୁ ଆମେ କଷ୍ଟକର ବୋଲି ବିଚାରି ଥାଉଁ ତାହା ସହଜ ଓ ସରଳ ହୋଇଯିବ ।

ଏପରି ମଧ୍ୟ ଦେଖା ଯାଉଛି ଯେ ଅତି ଛୋଟ ଛୋଟ କଥାକୁ ନେଇ ଶିଳ୍ପରେ ଘେରାଉ, ହରତାଳ ଏବଂ ତାଲାବନ୍ଦ ଆଦି ଅବସ୍ଥା ସୃଷ୍ଟି ହୁଏ । ଯଦି ଏକଥାକୁ ସହୃଦୟତାର ସହିତ ଚିନ୍ତା କରାଯିବ, ମିଥ୍ୟା ଅହମିକାକୁ ପରିତ୍ୟାଗ କରି ପରସ୍ପର ବାର୍ତ୍ତାଳାପ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ସବୁ କଥା ଆପୋଷ ନିଷ୍ପତ୍ତି କରାଯିବ, ତେବେ ଏପରି ହରତାଳ ଓ ତାଲାବନ୍ଦକାରୀଙ୍କ ବିରୁଦ୍ଧରେ ନିଷେଧାଜ୍ଞା ଜାରୀ କରିବାକୁ ବୋଧହୁଏ ଦରକାର ପଡ଼ି ନପାରେ । ସମାଜର ହିତ ଦୃଷ୍ଟିରୁ ଆମେ ଆମ ସମସ୍ତଙ୍କର ଯାହାକିଛି ସାମୟିକ ଅସନ୍ତୋଷ, ଆମ ମନ ମଧ୍ୟରେ ବସା ବାନ୍ଧିଛି, ତାକୁ ପୁରାପୁରି ତ୍ୟାଗ କରି, ଆମଠାରୁ ଆମର ସମାଜ ଓ ଦେଶ ଯେ ବଡ, ସେଇ ମନ୍ତ୍ରରେ ନିଜକୁ ମନ୍ତ୍ରିତ କରି ଆମର ଆଗାମୀ ଦିନର କର୍ତ୍ତବ୍ୟଗୁଡ଼ିକୁ ସଂପାଦନ କରିବା ଏକାନ୍ତ ବିଧେୟ ନୁହେଁକି ? ସମାଜ ଓ ଦେଶର ସର୍ବବିଧ କଲ୍ୟାଣ ସାଧନ ଆମର ଧ୍ୟେୟ ଓ ଶ୍ରେୟ ହେଉ ।

ଭଗତପୁର, କଟକ-୯



# ଜାତୀୟ ସଂଚୟ ସାର୍ଟିଫିକେଟ୍
# ୬ଷ୍ଠ ଇସୁରେ

# (N. S. C. VI ISSUE)

## ଜମା ଦେଇ ଆପଣଙ୍କ ସଂଚୟକୁ ୬ବର୍ଷରେ
## ୨ଗୁଣରୁ ଅଧିକ କରିବା ସଂଗେ ସଂଗେ
## ଆୟକର ରିହାତିର ସୁଯୋଗ ନିଅନ୍ତୁ

### ସୁଧର ହାର ଶତକଡ଼ା ବାର୍ଷିକ ୧୨ ଚକ୍ରବୃଦ୍ଧି

ଏହା ସାଂଗକୁ ଆହୁରି ଅନେକ ସୁବିଧା—

- ❋ ମନୋନୟନ
- ❋ ଉତ୍ତରାଧିକାରପତ୍ର
- ❋ ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ପାଇବା
- ❋ ଦରକାର ହେଲେ ମିଆଦ ପୂର୍ବରୁ ସାର୍ଟିଫିକେଟ୍ ଭଙ୍ଗାଇବା
- ❋ ଗୋଟିଏ ପୋଷ୍ଟ ଅଫିସରୁ ଅନ୍ୟ ପୋଷ୍ଟ ଅଫିସକୁ ସ୍ଥାନାନ୍ତରିତ କରିବା ।
- ❋ ବାର୍ଷିକ ଅର୍ଜିତ ସୁଧ ଉପରେ ଆୟକର ରିହାତି ଇତ୍ୟାଦି
- ❋ ୧୦୦ ଟଙ୍କା ଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ମୂଲ୍ୟର ସାର୍ଟିଫିକେଟ୍‌ମାନ ସବୁ ଡାକଘରେ କିଣିବାକୁ ମିଳେ ।

ବିଶେଷ ବିବରଣୀ ପାଇଁ:—

ଜିଲ୍ଲାପାଳ ଓ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସ୍ୱଳ୍ପ ସଂଚୟ ଅଧିକାରୀ କିମ୍ବା ସଚିବାଳୟ ଫୋ : ନଂ ୫୦୦୭୦-୭୧୫ ସହ ଯୋଗାଯୋଗ କରନ୍ତୁ ।

**ସ୍ୱଳ୍ପ ସଂଚୟ ସଂଗଠନ**
**ଓଡ଼ିଶା ସରକାର**



# ବଣ୍ଡା ମାନଙ୍କ ଇତିକଥା

ଶ୍ରୀ କାର୍ତ୍ତିକେଶ୍ୱର ପାତ୍ର

ଆଦିବାସୀ ସମ୍ପ୍ରଦାୟ ଯେ ପୃଥିବୀରେ ଆଦିମ ସଭ୍ୟତାର ବାର୍ତ୍ତାବହ, ଏହା ଅନସ୍ୱୀକାର୍ଯ୍ୟ । ବିଶେଷକରି ପ୍ରାଚୀନ ଓ ନୂତନ ପ୍ରସ୍ତର ଯୁଗର ଆଦିମାନବ ଯେଉଁ ପାହାଡ଼ ଓ ଉପତ୍ୟକାରେ ଜନବସତି ସ୍ଥାପନ କରି ସ୍ୱତନ୍ତ୍ର ଏକକ ଗୋଷ୍ଠୀ ଜୀବନ ଯାପନ କରୁଥିଲେ, ତାହା ଅଦ୍ୟାବଧି ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ବିଦ୍ୟମାନ । ସଭ୍ୟତାର ଅତ୍ୟାଧୁନିକ କ୍ରମ ବି ବର୍ତ୍ତମାନ ଯୁଗରେ ମଧ୍ୟ ମୌଳିକ ଆଦିବାସୀ ସଭ୍ୟତା ଯେ ସ୍ୱାତନ୍ତ୍ର୍ୟ ଅନେକାଂଶରେ ଅକ୍ଷୁର୍ଣ୍ଣ ରଖିପାରିଛି, ତାହା ଏକ ବିସ୍ମୟକର ବିଷୟ । ଧାବମାନ ଅଶ୍ୱପୃଷ୍ଠରେ ଆଧୁନିକ ସଭ୍ୟତା ସେମାନଙ୍କର ପରିଧି ସ୍ପର୍ଶିପଟେ ଅହରହ ପରିକ୍ରମା କରୁଥିଲେ ମଧ୍ୟ ତାଙ୍କର କେନ୍ଦ୍ର ବିନ୍ଦୁ ଭେଦ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ ଓ ଅସହାୟତା ପ୍ରକାଶ କରିଛି । ଏହା ଆନ୍ତରିକତା ଓ ନିଷ୍ଠାପରତାର ଅଭାବ କିମ୍ବା ସେମାନଙ୍କର ମୌଳିକତାର ସାନ୍ତ୍ୱ ଏଥିପାଇଁ ଦାୟୀ ଏହା ବିଚାର୍ଯ୍ୟ । ଓଡିଶାର କୋରାପୁଟ ଜିଲ୍ଲାର ମାଲକାନଗିରି ସବ୍‌ଡିଭିଜନ ଅନ୍ତର୍ଗତ ଖଇରପୁର ବ୍ଲକ୍ ମୁଦୁଲିପଡ଼ା ଅଞ୍ଚଳ ହେଉଛି ଏପରି ଏକ ବିଶେଷ ଆଦିବାସୀ ସମ୍ପ୍ରଦାୟର ଆବାସ ସ୍ଥଳୀ । ଏମାନେ ହେଲେ ବଣ୍ଡା ।

ଭାରତବର୍ଷର ୬୨ ଗୋଟି ଉପଜାତି ମଧ୍ୟରେ ଏହା ହେଉଛି ଅନ୍ୟତମ । ଏହାର ସାଂସ୍କୃତିକ ବୈଶିଷ୍ଟ୍ୟ ଏକ ଅଭିନବ ସାମ୍ୟବାଦର ବାର୍ତ୍ତାବହ ଯାହା ଆଜିଯାଏ କୌଣସି 'ବାଦ' କିମ୍ବା 'ତନ୍ତ୍ର'ରେ ସ୍ୱୟଂ ପୁଷ୍ଟ ହୋଇ ପାରିନି । ଏମାନଙ୍କ ଆଦର୍ଶ ପରମ୍ପରା ଆଧୁନିକ ସଭ୍ୟତାର କାନ୍ଥୁଡି ପାହାଡ଼ରେ ଆତ୍ମାହୁତି ଦେଇନି, ବରଂ ନିଜର ମୌଳିକତାକୁ ରକ୍ଷା କରି ପାରିଛି । ଏହା ସେମାନଙ୍କର ଦୈନନ୍ଦିନ ଜୀବନ ସମାସ୍ୟା ଓ ସଂସାର ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରତୀୟମାନ ହେବ ।

ମାଛକୁଣ୍ଡ ନଦୀର ଉତ୍ତର-ପଶ୍ଚିମାଞ୍ଚଳ ଓ ଉପଜାତିର ଏକ ମଣ୍ଡଳ ଜନବସତିରେ ଗଢି ଉଠିଛି । ଏ ଜାତି କେବେ କେଉଁଠୁ ଓ କେମିତି ସୃଷ୍ଟି ହେଲା, ଏହା ଗବେଷଣାସାପେକ୍ଷ, କିନ୍ତୁ ଆଗ୍ରତ ବ୍ୟବହାର ସାଂସ୍କୃତିକ ବୈଶିଷ୍ଟ୍ୟ ଓ ସାମଞ୍ଜସ୍ୟକୁ ତୁଳନାତ୍ମକ ଦୃଷ୍ଟିରେ ବିଚାର କଲେ ଏହା ମୁଣ୍ଡା ପ୍ରଜାତିର ଏକ ଅଂଶବିଶେଷ ବୋଲି ହୃଦବୋଧ ହୁଏ । ବଣ୍ଡାମାନେ ସମୁଦ୍ର ପତ୍ତନର ପ୍ରାୟ ସାଢ଼େ ତିନିହଜାର ଉଚ୍ଚରେ ବଣ୍ଡା ପାର୍ବତ୍ୟାଞ୍ଚଳରେ ବିକ୍ଷିପ୍ତଭାବରେ ଛୋଟ ଛୋଟ ଗ୍ରାମମାନଙ୍କରେ ରହନ୍ତି । ସେମାନଙ୍କର ପ୍ରଧାନ କେନ୍ଦ୍ରସ୍ଥଳୀ ମୁଦୁଲିପଡ଼ା ଏବଂ ତାହା ଉପରକୁ ଅଣ୍ଡ୍ରାହାଲ । ଏମାନେ ଏକ କ୍ରମ-କ୍ଷୟିଷ୍ଣୁ ଉପଜାତି ରୂପେ ପରିଗଣିତ ହେଉଥିଲେ । ୧୯୬୧ ମସିହା ଜନଗଣନାରେ ଏମାନଙ୍କ ସଂଖ୍ୟା ଥିଲା ୫୩୩୪ ।

ବିଶିଷ୍ଟ ମାନବ ବିଜ୍ଞାନୀ ଭେରିଆର ଏଲଓଇନଙ୍କୁ ଜିଓଗ୍ରାଫିକାଲ ମାଗାଜିନର ସମ୍ପାଦକ "ଅରେ ମୋର ସବୁଠୁ ଖରାପ ଯାତ୍ରା" ବିଷୟରେ ଏକ ରଚନା ଲେଖିଥିଲେ । ସେ ୧୯୪୭ ମସିହା ଡିସେମ୍ବର ମାସରେ ବଣ୍ଡା ରାଜ୍ୟକୁ ତାଙ୍କର ପ୍ରଥମ ଯାତ୍ରା ବିଷୟରେ ବର୍ଣ୍ଣନା କରିଥିଲେ ।

ପରେ ସେ ବଣ୍ଡାମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରି ନିଜର ଅନୁଭୂତି ଓ ପର୍ଯ୍ୟବେକ୍ଷଣ ଭିତ୍ତିରେ "ବୋଣ୍ଡା ହାଇଲେଣ୍ଡ ର" ନାମକ ଏକ ପୁସ୍ତକ ରଚନା କରିଥିଲେ । ନାନା ପ୍ରକାର ସୁନ୍ଦର ଚିତ୍ର ଶୋଭିତ ଏହି ବହିଟି ଅକସ୍‌ଫୋର୍ଡ ୟୁନିଭରସିଟି ପ୍ରେସ ପ୍ରକାଶ-କରିଥିଲେ ।

ବଣ୍ଡା ପର୍ବତମାଳା ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମ୍ପଦଭରା ମାଛକୁଣ୍ଡ ଉପତ୍ୟକାର ତିନିହଜାର ଫୁଟ ଉଚ୍ଚରେ ଅବସ୍ଥିତ । ଏହିଠାରେ ଓଡିଶାର ଭୌଗୋଳିକ ସୀମା ଶେଷ ହୋଇ ଆନ୍ଧ୍ରପ୍ରଦେଶ ଆରମ୍ଭ ହୋଇଛି ।

ଏହି ଦୁର୍ଗମ ଅଞ୍ଚଳରେ ୩୧ ଗୋଟି ଗ୍ରାମ ସ୍ଥାପନ କରି ବଣ୍ଡାମାନେ ଶିକାର ଓ କୃଷି ଉପରେ ନିର୍ଭର କରି ବସବାସ କରନ୍ତି । ଏହି ୩୧ଟି ଗ୍ରାମର ବଣ୍ଡା ରାଜ୍ୟର ରାଜଧାନୀ ମୁଦୁଲିପଡ଼ା । ଏହି ଗ୍ରାମର ଉପକଣ୍ଠରେ ଅବସ୍ଥିତ ତୋଟାରେ ଗୋଟିଏ ବିଶାଳ ବରଗଛରେ ଜୟପୁରର ରଜାଙ୍କଠାରୁ ପ୍ରାପ୍ତ ରାଜଦରବାରୀ 'ପାଟକଣ୍ଡା' (ପାଟଖଣ୍ଡା) ରଖାଯାଇଛି ।

ଚିହ୍ନିତ ଉତ୍ସବ ସମୟରେ ଏହି ଖଣ୍ଡାକୁ ପବିତ୍ର ରାଜ ସନ୍ତକ ମନେ କରି ବଣ୍ଡା ସମାଜରେ ପୂଜା କରାଯାଏ ।

ବଣ୍ଡା ସ୍ତ୍ରୀଲୋକମାନେ ଅଣ୍ଟାରେ କେବଳ ଏକଫୁଟ ଚଉଡ଼ା ତିନିଫୁଟ ଲମ୍ବ ବସ୍ତ୍ର ବା ବଲ୍କଳ ପରିଧାନ କରନ୍ତି । ଶରୀର ଊର୍ଦ୍ଧାଂଶରେ ବେକରୁ ନାଭି ପର୍ଯ୍ୟନ୍ତ ଲମ୍ବିତ ନାନା ପ୍ରକାର ମାଳି ଓ ହାର ସେମାନଙ୍କ ବକ୍ଷ ଆବୃତ କରିଥାଏ । ବଣ୍ଡା ସ୍ତ୍ରୀ ଲୋକମାନଙ୍କର ମସ୍ତକ ଲଣ୍ଡିତ ।

ଏ ସମ୍ପର୍କରେ ବଣ୍ଡା ସମାଜରେ ଏକ ଲୋକ ବିଶ୍ୱାସ ପ୍ରଚଳିତ । ମୁଦୁଲିପଡ଼ା ପୋଖରୀରେ ଏକଦା ସୀତା ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ସ୍ନାନ କରୁଥିବା ସମୟରେ ବଣ୍ଡା ସ୍ତ୍ରୀମାନେ ଉପହାସ କରିଥିଲେ । ତେଣୁ ସୀତା ଅଭିଶାପ ଦେଲେ ଯେ ବଣ୍ଡା ସ୍ତ୍ରୀ ଲୋକମାନେ ମୁଣ୍ଡର ବାଳ ବଢ଼ାଇବେ ନାହିଁ ଏବଂ ଅଣ୍ଟା ଉପରକୁ ବସ୍ତ୍ର ଧାରଣ କରିବେ ନାହିଁ । ବଣ୍ଡା ସ୍ତ୍ରୀ ଲୋକମାନେ ଏ ଯାବତ୍ ସେମାନଙ୍କ ପୂର୍ବ ଅପରାଧର ଶାସ୍ତି ଭୋଗ କରୁଛନ୍ତି ।

ବଣ୍ଡା ପୁରୁଷମାନେ ଲେଙ୍ଗୁଟି ପିନ୍ଧନ୍ତି । ଯେଉଁ ପୁରୁଷମାନେ ମୁଣ୍ଡରେ ଏକ ପ୍ରକାର ଗୋଲକ ଧାରଣ କରିଥାନ୍ତି ସେମାନଙ୍କୁ ବିବାହଯୋଗ୍ୟ ବୋଲି ଗଣନା କରାଯାଏ । ଅବାଧ ମିଳାମିଶାର ସୁଯୋଗ ଥିଲେ ମଧ୍ୟ ନାରୀ ପୁରୁଷର ଯୌନ ଜୀବନ ଅତ୍ୟନ୍ତ ଶୃଙ୍ଖଳିତ । ବଣ୍ଡା ବାଳିକାମାନେ ସାଧାରଣତଃ ସେମାନଙ୍କଠାରୁ ଆଠ ଦଶବର୍ଷର ସାନ ପୁରୁଷମାନଙ୍କୁ ବିବାହ କରିଥାଆନ୍ତି । ଏହାର କାରଣ ବୃଦ୍ଧାବସ୍ଥାରେ ପୁରୁଷମାନେ ସ୍ତ୍ରୀ ମାନଙ୍କର ଭଲ ଯତ୍ନ ନେଇ ପାରିବେ । ଏହା ନାରୀମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟର ପ୍ରତୀକ ।

ବଣ୍ଡାମାନେ ନିଜର ଗ୍ରାମକୁ ପବିତ୍ର ମନେ କରନ୍ତି । ତେଣୁ ବର୍ଷର କେତେକ ସମୟରେ ବହିରାଗତ ଲୋକଙ୍କର ଗ୍ରାମ ପ୍ରବେଶ ନିଷିଦ୍ଧ ହୋଇଥାଏ ।

ବଣ୍ଡାମାନେ କୃଷିକର୍ମ ଓ ବନ୍ୟ ଶୀକାର କରିବା ସହିତ ଖଣିଜ ଦ୍ରବ୍ୟରୁ ଧାତୁ ବାହାର କରି ତହିଁରୁ ନାନା ପ୍ରକାର ଉପକରଣ ଅସ୍ତ୍ର ଶସ୍ତ୍ର ଓ ଅଳଙ୍କାରାଦି ନିର୍ମାଣ କରିଥାନ୍ତି ।

ଖଇରପୁଟଠାରେ ସେମାନଙ୍କର ସାପ୍ତାହିକ ହାଟ ବସେ ହାଟରେ ଘରଲ ଶୁଖୁଆ, ମାଛ ପନିପରିବା, ଲୁଗା, ଲୁଣ, କାଚମାଳି ଇତ୍ୟାଦିର ନେଣ ଦେଣ ହୁଏ । କ୍ରେତା ବିକ୍ରେତା ଉଭୟଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା ସର୍ବଦା ଅଧିକ ହୋଇଥାଏ । ହାଟ ଭାଙ୍ଗିଲେ ବଣ୍ଡା ସ୍ତ୍ରୀମାନେ ମୁଣ୍ଡ ଉପରେ ବୋଝ ବୋହି ୧୪ କିଲୋମିଟର ପାର୍ବତ୍ୟ ପଥ ଅତିକ୍ରମ କରି ନିଜ ନିଜ ଗ୍ରାମକୁ ଫେରି ଯାଆନ୍ତି ।

ଆଗନ୍ତୁକମାନଙ୍କ ପ୍ରତି ବଣ୍ଡାମାନଙ୍କର କୌଣସି ଆଗ୍ରହ ବା ଆସକ୍ତି ନଥିଲା ଭଳି ମନେ ହୁଏ । ସେମାନେ ବେଶ୍ ଉଦାସୀନତା ପ୍ରକାଶ କରିଥାଆନ୍ତି । ଏହା ସେମାନଙ୍କର ଅନ୍ୟର ସ୍ୱାତନ୍ତ୍ର୍ୟ ଓ ଅଖଣ୍ଡତାରେ ନିଜକୁ ଅଂଶୀଦାର ନକରିବାର ଏକ ଦୃଷ୍ଟାନ୍ତ ।

ବଣ୍ଡାମାନେ ପ୍ରକୃତିଗତ ଭାବରେ କ୍ଷଣ କୋପୀ ହୋଇଥିବାରୁ ଏବଂ ବିଷାକ୍ତ ତୀର ସହ ବୁଲୁଥିବାରୁ ଅନ୍ୟମାନେ ସେମାନଙ୍କୁ ଭୟ କରନ୍ତି ।

କୌଣସି ଅପରାଧ କଲେ ବଣ୍ଡାମାନେ ନିକଟବର୍ତ୍ତୀ ଥାନାରେ ଆତ୍ମ ସମର୍ପଣ କରନ୍ତି । ଲୁଚି ବୁଲନ୍ତି ନାହିଁ । ଜେଲ ଫେରନ୍ତା ବଣ୍ଡାମାନଙ୍କୁ ନିର୍ବିକାର ଭାବରେ ସମାଜରେ ଗ୍ରହଣ କରାଯାଏ । ଏହା ସେମାନଙ୍କର ନିଷ୍କପଟତାର ପରିଚୟ ଦେବା ସଙ୍ଗେ ସଙ୍ଗେ ସେମାନେ ଯେ ଭୀରୁତାକୁ ଘୃଣା କରନ୍ତି ତାହା ପ୍ରମାଣ କରୁଛି ।

କଣ୍ଢୁଆ ଘାସରେ ବଣ୍ଡା ଘର ଛପର କରେ । ଘରଗୁଡ଼ିକ ପ୍ରାୟ ପାଞ୍ଚଛଅ ଫୁଟ ଉଚ୍ଚର । ଉଚ୍ଚତା ମଧ୍ୟ ବେଶୀ ନୁହେଁ । ଏହି ଘରଗୁଡ଼ିକ ପାଖାପାଖି ନୁହେଁ, ବିକ୍ଷିପ୍ତ । ଘରର ଭିତର ଚଟାଣ, ବାହାର ଚଟାଣ ଅପେକ୍ଷା ନିମ୍ନରେ । ଘରର ଗୋଟିଏ କୋଣରେ ଢୋଲ ଓ ଧନୁତୀର ଝୁଲୁଥାଏ । ମଝି ଖମ୍ବରେ ବୋକାନାଟିଏ ବାହାରି ସେଥିରେ ଓହଳି ଥାଏ ଖଣ୍ଡିଏ ଟାଙ୍ଗି । ଦୁଇ ମୁଣ୍ଡ ଲଟିରେ ବନ୍ଧା ବଙ୍କା କାଠଟିରେ ଝୁଲୁଥାଏ ନାପ ଓ ଭିଙ୍ଗା । ସେମାନଙ୍କ ବାସଗୃହ ଦେଖି ଧନୀ ଦରିଦ୍ର ବାରିହୁଏ ନାହିଁ । ସବୁ ଯେପରି ଏକାପରି । ତେଣୁ ସେମାନଙ୍କ ପ୍ରକୃତିଗତ ସାମ୍ୟବାଦ ଆଧୁନିକ ସାମ୍ୟବାଦକୁ ମଧ୍ୟ ବିଶେଷ ଶିକ୍ଷା ପ୍ରଦାନ କରେ ।

ଗାଁ ଚାରିପାଖରେ ଓ କେତେକ ସ୍ଥାନରେ ଘର ପାଖରେ କଦଳୀବଣ, ଧୂଆଁପତ୍ର ବଗିଚା, ବାଇଗଣ ବାଡ଼ି ଆଦି ଥାଏ । ପାହାଡ଼ରୁ ଗଛ କାଟି ଓ ପୋଡ଼ି ଏମାନେ ଚାଷ କରନ୍ତି । ଝରଣା କୂଳେ କୂଳେ ସମତଳ କିଆରୀ କାଟି ଧାନ ଚାଷ କରନ୍ତି । ପ୍ରାୟ ପ୍ରତ୍ୟେକ ପାହାଡ଼ ତଳେ ଜଳାଶୟ ଥାଏ ଏହିଠାରେ ଏମାନଙ୍କ ସଭ୍ୟତା ସହିତ ଯେ ଆଧୁନିକ ସଭ୍ୟତାର ମିଶ୍ରଣ ହୋଇଛି ଜଣାପଡ଼େ । ଶୀକାର, ଚାଷକାମ ଓ ଗୋଷ୍ଠୀ ଜୀବନ ହିଁ ଏକ ଅଭିନ୍ନ ସ୍ୱାତନ୍ତ୍ର୍ୟର ପରିଚାୟକ । କିରାସାନିପଡ଼ା, ବଣ୍ଡାପଡ଼ା, ବାଣ୍ଡିପଡ଼ା, ପଣ୍ଡାରାଗୁଡ଼ା ଆଦି ୧୨ ଖଣ୍ଡ ଗ୍ରାମର ଉପର ବଣ୍ଡାମାନେ ହେଲେ "ବାରଜଙ୍ଗ" ଗୋଷ୍ଠୀର ।

ସଳପ ଗଛର କ୍ଷୀର ପାନକରିବା ସେମାନଙ୍କର ଅଭ୍ୟାସ । ବଣରୁ ଚାରା ଆଣି ଏହା ରୋପଣ କରାଯାଏ । ଚାରା ଆଣିବା ବେଳେ ଶିଶୁକୁ ସ୍ତନ ପିଆଉଥିବା ସ୍ତ୍ରୀ ଦର୍ଶନ କଲେ ଶୁଭ ମନେ କରାଯାଏ । ଗାତ ଖୋଳି କୁକୁଡ଼ା ବଳିର ରକ୍ତ ପକାଇ ଚାରା ପୋତା ଯାଏ । ଯତ୍ନ ନେବା ପରେ ଗଛ ବଢ଼ିଲେ ସାପୁଙ୍ଗ-ସୁନୁଙ୍ଗ-ବୋକ୍ ଗିଗେ ନାମକ ପୂଜା ହୁଏ । ବାରସୁଙ୍ଗ ଦେବତା ଉଦ୍ଦେଶ୍ୟରେ ଗଛ ମୂଳରେ ଚାଉଳ ଅଣ୍ଡା ଉତ୍ସର୍ଗ କରାଯାଏ । ସଞ୍ଜ ବେଳେ ସାଙ୍ଗଗଛ ଦେବତା ଉଦ୍ଦେଶ୍ୟରେ ଅଣ୍ଡା ଉତ୍ସର୍ଗ କରାଯାଏ । ତାପରେ ଗଛ ଉପରେ କାଟିଲେ ରସଝରେ । ରାତିସାରା ରସ ଝରି ମାଟିରେ ପଡ଼ିବାକୁ ଦିଆ ଯାଏ । ତହିଁ ଆରଦିନ ପୁଣି ଜଣେ ଗଛ ତଳେ କୁକୁଡ଼ା ବଳିଦିଏ । ଗଛ ଚାରିଆଡ଼େ କୁକୁଡ଼ା ରକ୍ତ ଛିଟା ଦିଆଯାଏ । ଏହା ପରେ ଗଛ ଉପରକୁ ଚଢ଼ି ଛୋଟିଆ ଲାଉ ତୁମ୍ବାଟିଏ ଗଛ ବେକରେ ବାନ୍ଧି ଦିଏ ଓ ତଳକୁ ଓହ୍ଲାଇ ଆସେ । ସଳପ ରସରେ ତୁମ୍ବା ଭର୍ତ୍ତି ହେଲେ ତୁମ୍ବା ତଳକୁ ଖସି ଭାଙ୍ଗି ଯାଏ ।

ଏହାପରେ ଗଛର ମାଲିକ ଆଉ ଗୋଟିଏ ଅଣ୍ଡା ଉତ୍ସବ କରି ସେହି ସ୍ଥାନରେ ମାଠିଆଟିଏ ବାନ୍ଧି ଦିଏ । ମାଠିଆ ପୂର୍ଣ୍ଣ ହେଲେ ଗଛ ମୂଳରେ କୁହୁଡ଼ା ବଳି ଦେଇ ତାକୁ ଖୋଲି ଆଣନ୍ତି ସଲପ ରସ ଆଣି ନିଆଁରେ ଗରମ କରନ୍ତି ଏବଂ ମୃତ ବ୍ୟକ୍ତି ନାମରେ କେଇବୁନ୍ଦା ଉତ୍ସର୍ଗ କରିବା ପରେ ପିଅନ୍ତି ।

ସିନ୍ଧିବର ସାମ୍ନାରେ ନାଚ ଚାଲେ । ଗୀତ ବୋଲାହୁଏ:

"ଲୋଲେ ଲୋଲେ ଲୋଲେ ଲୋଲେ
ରାସୁଗିଲେ ରାସୁଗିଲେ ।"

ଯୁବତୀମାନେ ମଝିରେ ନିଶ୍ଚଳ ଓ ସ୍ଥିର । ସେମାନଙ୍କୁ ଘେରି ଯୁବକମାନେ ଆଗପଛ ହୁଅନ୍ତି । ଗୋଟିଏ କୋଣରେ ସଙ୍ଗୀତଜ୍ଞମାନେ କିଂଡ଼ିଂ ବଜାନ୍ତି । ଗୋଟିଏ ପାଖରେ ହାତ ପାପୁଲି ବାଡ଼େଇଲେ ଜଂଜ୍ଞାଂ ଶବ୍ଦ ହୁଏ । ଅନ୍ୟପାଖରେ ବହକା ବାଡ଼ିଟିଏ ପିଟିଲେ ଡଂଡୁଂ ଶବ୍ଦହୁଏ । ଜଣେ ଢୋଲିଆ ଢୋଲ ବଜାଏ । ଯୁବତୀମାନେ ଅଳଙ୍କାର ଓଜନରେ ନିଶ୍ଚଳ । ଯୁବକମାନଙ୍କ ମୁଣ୍ଡରେ ନାନାରଙ୍ଗର ପର ଓ ପାଦରେ ଘୁଙ୍ଗୁର ହାତରେ ଧନୁଶର, ଛୁରୀ, ଓ ଅନ୍ୟାନ୍ୟ ଉପକରଣ ।


ନାଚିଲାବେଳେ ସେମାନେ ଛୁରା ଟେକି ଧାଇଁ ଯାଆନ୍ତି ଆଗକୁ, ଏଇ ଭୁଷି ଦେବେ କି ବୋଲି ଡର ଲାଗେ ।

ସପ୍ତାହରେ ସାତଟିବାର ଅନୁସାରେ ବଣ୍ଡାମାନଙ୍କର ନାମକରଣ ହୁଏ, ରବିବାର-ଆଦି, ହାବି, ଓ ଦବାରି । ସୋମବାର-ସୋମ, ସୋମ୍ରା, ସୋମ୍ରି । ମଙ୍ଗଳବାର-ମଙ୍ଗଳା, ମୋଙ୍ଗଳୁ, ମଙ୍ଗଲି,-ଶନିବାର-ସୋନିଆ, ସନା, ସୋନି ଇତ୍ୟାଦି । ଶବ୍ଦାବଳୀରେ ଓଡ଼ିଆ ଭାଷାର ସାମଞ୍ଜସ୍ୟ ଦେଖିବାକୁ ମିଳେ । ବୀଣ-ବଂଶ, ବାରିକ-ଗ୍ରାମରକ୍ଷୀ, ନାୟକ-ଗ୍ରାମମୁଖ୍ୟ, ବିଶ୍ୱାସ ପାପ ଅଶୌଚ ଇତ୍ୟାଦି । ବୁଣ୍ଡା ଗୁଣିଆମାନେ ମନ୍ତ୍ରପଢ଼ି ରୋଗ ଭଲ କରନ୍ତି ବୋଲି ବିଶ୍ୱାସ । ତଳେ ବସୁମତି, ଉପରେ ଧରମ ଦେବତା । ଶୁଣ ମୋ କଥା-ଏ ଛୁଆକୁ ଛାଡ଼ିଦେ ସେ ଧୁଆ ହୋଇଥିବା ଚାଉଳ ପରି ଓ ଫୁଟିଲା ଫୁଲ ପରି ଦିଶୁ । ମୁଁ ତୋତେ ଭୋଜି ଦେବି । ପିଲାଟି ଦେହ ଭଲ ହୋଇ ଯାଉ । ଯଦି ମିଛ କହୁଥିବି ମହାପ୍ରଭୁ ଦେଖୁଛି, ହେ ମହାପ୍ରଭୁ ତୁଇ ଏକା ସାକ୍ଷୀ ।"

ଗ୍ରାମରେ ଅତିଥିମାନଙ୍କର ଚର୍ଚ୍ଚା କରିବାର ବ୍ୟବସ୍ଥା ଅଛି । ଗ୍ରାମର ବଡ଼ ନାୟକ, ଗୁଲନ ବା ଅତିଥିଶାଳା ସାହାଯ୍ୟରେ ଅତିଥି ସେବା କରନ୍ତି । ଧାଙ୍ଗରା ମାଝିର ଦାୟିତ୍ୱ ହେଲା ଅତିଥିମାନଙ୍କ ପାଇଁ ଜାଳେଣି କାଠ ଓ ପାଣି ବନ୍ଦୋବସ୍ତ କରିଦେବା । କିରସାନୀର କାମ ହେଲା ଜିନିଷ ପତ୍ର ବହିବା । ସମସ୍ତ ପ୍ରକାର ସାମାଜିକ ପ୍ରଥା ବଣ୍ଡା ସମାଜରେ ରହିଛି ।

ବଣ୍ଡା ସଂପ୍ରଦାୟର ଜୀବନଯାପନ, ସାମାଜିକ ରୀତି ନୀତିକୁ ସମୀକ୍ଷା କଲେ ଏହା ସ୍ୱତଃ ପ୍ରମାଣିତ ହୁଏ ଯେ, ଏମାନଙ୍କ ଚିନ୍ତାଧାରାରେ ବେଶ ମୌଳିକତା ରହିଛି । ଏମାନେ ସାହାସୀ କଷ୍ଟ ସହିଷ୍ଣୁ, କାହାର ସୌଭାଗ୍ୟରେ ଈର୍ଷାପର ନୁହନ୍ତି, ଦୁର୍ଭାଗ୍ୟର ସାଥି ମଧ୍ୟ ନୁହଁନ୍ତି । ଏମାନେ ବେଶ ନିରାଶକ୍ତ, ଅନ୍ୟର ଦୈନନ୍ଦିନ ଜୀବନଧାରାରେ ବାଧା ଦେବାର ଆବଶ୍ୟକତା ନାହିଁ । ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କୃଷି, ଶୀକାର ଓ ସାମୟିକ ବ୍ୟବସାୟର ଆବଶ୍ୟକତା ଯଥେଷ୍ଟ । ଆଦିବାସୀ ଉନ୍ନୟନ ପ୍ରକଳ୍ପ କରିଥାରେ ଏହି ବଣ୍ଡାମାନଙ୍କ ପାଇଁ ଏକ ବିଶେଷ ପ୍ରକଳ୍ପ ମୁଦୁଲିପଡ଼ାଠାରେ ଗଢ଼ି ଉଠିଛି । ସେ ସଂସ୍ଥା ଏମାନଙ୍କର କେତେଦୂର ଅର୍ଥ-ନୈତିକ ମାନଦଣ୍ଡକୁ ଉନ୍ନତ କରିଛି, ତାହା ଏଠାରେ ଆଲୋଚ୍ୟ ବିଷୟ ନୁହେଁ, କିନ୍ତୁ ମୋ ମତରେ ତାଙ୍କର ଉନ୍ନତି ତାଙ୍କର ସାମାଜିକ ଅବସ୍ଥାକୁ ପରିବର୍ତ୍ତନ କରି ଏକ ତଥା କଥିତ ଯାନ୍ତ୍ରିକ ସଭ୍ୟତାର ଭୟାବହତାରେ ପରିଣତ ନ କରି ବରଂ ସେମାନଙ୍କୁ ଅର୍ଥ ନୈତିକ କ୍ଷେତ୍ରରେ ଅଧିକ ସ୍ୱାବଲମ୍ବୀ ହେବାକୁ ଯତ୍ନ କରାଯାଉ । ସେମାନେ ପରମୁଖାପେକ୍ଷୀ ନୁହନ୍ତି । ସେମାନଙ୍କୁ ପରିମୁଖାପେକ୍ଷୀ କରିବାକୁ ଚେଷ୍ଟା କରାନଯାଉ । ସେମାନେ କୁଟିଳ ନୁହନ୍ତି । ସେମାନଙ୍କୁ କୁଟିଳତାର ଶିକ୍ଷା ଦିଆନଯାଉ । କେଉଁ ସଭ୍ୟତାର ଗଭୀରତା କେତେ ବେଶି ସେହିଟା ସମୟ ହିଁ ନିର୍ଦ୍ଧାରଣ କରି ପାରିବ । କିନ୍ତୁ ତାଙ୍କ ନାମରେ ବିପୁଳ ଅର୍ଥ ବ୍ୟୟ ଓ ବିସ୍ତାରିତ ଯୋଜନା ଏକ ପ୍ରହସନରେ ପରିଣତ ନ ହେଉ ।

ଚେୟାରମ୍ୟାନ
ଏଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେସନ ଲିମିଟେଡ୍
ୟୁନିଟ୍—୩, ଭୁବନେଶ୍ୱର



# ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ

ଶ୍ରୀ ନୃସିଂହ ପ୍ରସାଦ ମହାପାତ୍ର

ଗ୍ରାମାଞ୍ଚଳରେ ବାସ କରୁଥିବା ଦରିଦ୍ର ଲୋକମାନଙ୍କର ଉତ୍‌ଥାନ ପାଇଁ ଅନେକ ଯୋଜନା କରାଯାଇଛି । କିନ୍ତୁ ସଂପ୍ରତି କିଆଯାଇଥିବା ଦୁଇଟି ସମୀକ୍ଷାରୁ ଜଣାଯାଇଛିଯେ, ପ୍ରକୃତ ପକ୍ଷେ କାର୍ଯ୍ୟକାରୀ ହେଉଥିବା ଯୋଜନାର ଫଳ ଲକ୍ଷ୍ୟ ଠାରୁ ବହୁ ପଛରେ ପଡ଼ି ରହିଛି । ଅହମଦାବାଦ ସ୍ଥିତ ଭାରତୀୟ ପରିଚାଳନା ଅନୁଷ୍ଠାନ ତାଙ୍କ ସର୍ଭେ ରିପୋର୍ଟରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ଗ୍ରାମାଞ୍ଚଳର ଉତ୍‌ଥାନ ନିମିତ୍ତ ଉଦ୍ଦିଷ୍ଟ ଯୋଜନାସବୁ ଅଳ୍ପେ କେତେ ସଫଳକାମ ହୋଇପାରିନାହିଁ । ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ ଆବଶ୍ୟକ ଲକ୍ଷ୍ୟର ମାତ୍ର ଏକ ଚତୁର୍ଥାଂଶ ଲୋକ ଏହି ଯୋଜନା ସବୁଦ୍ୱାରା ଉପକୃତ ହୋଇଛନ୍ତି । ଯୋଜନା କମିଶନଙ୍କ ଦ୍ୱାରା ସଂଗଠିତ ଅନ୍ୟ ଏକ ସମୀକ୍ଷାରେ ମଧ୍ୟ ଉପରୋକ୍ତ ଚିତ୍ର ପ୍ରତିଫଳିତ ହୋଇଛି ।

ଗ୍ରାମାଞ୍ଚଳରେ ରହୁଥିବା କ୍ଷୁଦ୍ର ଓ ନାମମାତ୍ର ଚାଷି, ଜମିହୀନ କୃଷି ଶ୍ରମିକ ଏବଂ ନିଜ ନିଜର କୌଳିକ ବୃତ୍ତିରେ ଲିପ୍ତଥିବା ଲୋକମାନଙ୍କୁ ହିଁ ଗ୍ରାମ୍ୟ–ଦରିଦ୍ର ବୋଲି ବୁଝାଯାଇଛି । ପ୍ରାୟ ସମସ୍ତ ରୋଜଗାର କ୍ଷମ ଓ ବେକାର ବ୍ୟକ୍ତିମାନଙ୍କୁ ଦାରିଦ୍ର୍ୟସୀମା ରେଖାତଳେ ଅଛନ୍ତି ବୋଲି ଧରି ନିଆଯାଇଛି । କାରଣ ସେମାନଙ୍କର ଉପାର୍ଜନଶକ୍ତି ଏବଂ ଆୟ ବହୁତ କମ୍ । କେତେକ ଅନୁସୂଚିତ ଜାତି ଓ ଉପଜାତିର ଲୋକମାନେ ମଧ୍ୟ ଦାରିଦ୍ର୍ୟ ସୀମାରେଖାତଳେ ରହିଛନ୍ତି ।

ଆମ ସମ୍ବିଧାନରେ ଉଲ୍ଲେଖ ଅଛିଯେ, ପ୍ରତ୍ୟେକ ବ୍ୟକ୍ତିର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ନ୍ୟାୟ ଅଧିକାର ସୁରକ୍ଷିତ ରହିବ । ଉତ୍ପାଦନ ନିମିତ୍ତ ବ୍ୟବହୃତ ହେଉଥିବା କଂଚାମାଲ ଏବଂ ସଂପତ୍ତି ମାଲିକାନା ଯେପରି କେବଳ ଅଳ୍ପ କେତେକ ଲୋକଙ୍କର ଏକଚାଟିଆ କାରବାର ନ ହୋଇଯାଏ, ତାହା ଦେଖିବା ରାଷ୍ଟ୍ରର କର୍ତ୍ତବ୍ୟ । ତେଣୁ ଆମ ସରକାରଙ୍କର ଯେଉଁ ନିର୍ଦ୍ଧାରିତ ନୀତି ରହିଛି, ତାହା ହେଉଛି ବିଭିନ୍ନ ସ୍ତରର ଲୋକମାନଙ୍କ ମଧ୍ୟରେ ଆୟର ସୁଷମ ବଣ୍ଟନ । କିନ୍ତୁ ସାଂପ୍ରତିକ ପରିପ୍ରେକ୍ଷୀରେ ଯଦି କେତେକ ନିର୍ଦ୍ଦିଷ୍ଟ ନିୟମ ଅନୁସୃତ ହେବ, ତେବେ ଉପରୋକ୍ତ ଲକ୍ଷ୍ୟ ହାସଲ କରାଯାଇ ପାରିବ ନାହିଁ ।

ରିଜର୍ଭ ବ୍ୟାଙ୍କର ଏକ ହିସାବରୁ ଜଣାପଡ଼ିଛି ଯେ ଅର୍ଥନୈତିକ ମାନଦଣ୍ଡ ଦୃଷ୍ଟିରୁ ତଳେ ରହୁଥିବା ଶତକଡ଼ା ୨୦ ଭାଗ ଲୋକଙ୍କର ଜାତୀୟ ଆୟରେ ଶତକଡ଼ା ୯ ଭାଗ ଥିବାବେଳେ ସର୍ବୋଚ୍ଚ ଶ୍ରେଣୀର ଶତକଡ଼ା ୫ ଭାଗ ଲୋକଙ୍କର ଜାତୀୟ ଆୟର ଅଂଶ ଶତକଡ଼ା ୨୨ ଭାଗ । ଜାତୀୟ ପ୍ରୟୋଗାତ୍ମକ ଅର୍ଥନୀତି ଗବେଷଣା ଅନୁଷ୍ଠାନର ଗବେଷଣାରୁ ଜଣାପଡ଼ିଛି ଯେ ଶତକଡ଼ା ୩ ଭାଗ ଲୋକ ସମୁଦାୟ ଜମିର ଅଧା ଭୋଗ କରୁଥିବା ବେଳେ ଶତକଡ଼ା ୭୫ ଭାଗ ଲୋକ ସମୁଦାୟ ଜମିର ଶତକଡ଼ା ୨୦ ଭାଗ ମାତ୍ର ଭୋଗ କରନ୍ତି । ତେଣୁ ଏଥିରୁ ଜଣାପଡ଼େ ଯେ, ସାମାଜିକ ସ୍ତରରେ ସଂପତ୍ତିରେ ତାରତମ୍ୟ ଯୋଗୁ ଆୟରେ ମଧ୍ୟ ଘୋର ତାରତମ୍ୟ ସୃଷ୍ଟି ହୋଇଛି ଏବଂ ତାର ଭାରସାମ୍ୟ ରକ୍ଷା କରିବା ଦୁରୁହ ହୋଇ ପଡ଼ୁଛି ।

ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ୭ କୋଟି ୫୦ ଲକ୍ଷ ପରିବାର କୃଷି ଉପରେ ନିର୍ଭର କରନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକ ନାମ ମାତ୍ର ଚାଷୀ ଏବଂ ସେମାନଙ୍କର ମାତ୍ର ଏକ ହେକ୍ଟରରୁ ଦୁଇ ହେକ୍ଟର ମଧ୍ୟରେ । ପୁରାତନ ଚାଷ ପ୍ରଣାଳୀରେ ନାମ ମାତ୍ର ଚାଷି ଯେତେ ଲାଭ ପାଉଥିଲା, ଆଧୁନିକ ଚାଷ ପ୍ରଣାଳୀ ପ୍ରୟୋଗ ହେବା ପରେ ସେ ଅଧିକ କ୍ଷତିଗ୍ରସ୍ତ ହୋଇପଡ଼ିଛି । କାରଣ ଆଧୁନିକ ପ୍ରଣାଳୀ ନିମିତ୍ତ ପୁଞ୍ଜି ଆବଶ୍ୟକ ଏବଂ ଧନୀ ଚାଷୀମାନେ ତଦ୍ୱାରା ଲାଭବାନ ହେଉଥିବାରୁ ଆୟର ବୈଷମ୍ୟ ବଢ଼ିବଢ଼ି ଯାଉଛି ।

ଭାରତରେ ବ୍ୟକ୍ତିଗତ ସଂପତ୍ତି କହିଲେ ଯାହା ବୁଝାଯାଏ, କୃଷି କ୍ଷେତ୍ର ତା ଭିତରେ ଶୀର୍ଷ ସ୍ଥାନ ଅଧିକାର କରିଛି । ୧୯୫୦ ମସିହା ଜମିଦାରୀ ଉଚ୍ଛେଦଠାରୁ ଆରମ୍ଭ କରି ୧୯୭୦ ମସିହାର ଜମି ସିଲିଂ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ ବିଶେଷ ଫଳପ୍ରଦ ହୋଇ ନାହିଁ । ତାର କାରଣ ହେଉଛି ବେନାମୀ ଜମି ହସ୍ତାନ୍ତର, ଜମି ବଣ୍ଟନ, ଆଇନର ଶିଥିଳତା ତଥା ପ୍ରୟୋଗରେ ବିଶୃଙ୍ଖଳା । ତେଣୁ ଜମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଯେଉଁଜମି ସବୁ ବଳକା ରୂପେ ବଣ୍ଟା ଯାଇଛି, ତାହା ନଗଣ୍ୟ । ତେଣୁ ଦାରିଦ୍ର୍ୟ ଦୂରୀକରଣ ନିମିତ୍ତ ଏହା ପ୍ରକୃଷ୍ଟ ଉପାୟ ନୁହେଁ ।

ସଂପ୍ରତି ଦାରିଦ୍ର୍ୟ ଓ ବେକାରି ଦୂରୀକରଣ ହିଁ ଯେ ଗ୍ରାମୋତ୍‌ଥାନ ନିମିତ୍ତ ମୁଖ୍ୟ ସମସ୍ୟା, ଏଥିରେ ସନ୍ଦେହ ନାହିଁ । ତେଣୁ ବିଭିନ୍ନ ଯୋଜନାର ରୂପରେଖ ଗ୍ରାମାଞ୍ଚଳର ଲୋକମାନଙ୍କ ପାଖରେ ପହଞ୍ଚି ପାରିଲେ ଏବଂ ସେମାନଙ୍କୁ ସେ ଦିଗରେ ଉତ୍ସାହୀ କରି ପାରିଲେ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇ ପାରିବ । ଜନସାଧାରଣ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଅଂଶ ଗ୍ରହଣ କରିବା ଉଚିତ ବୋଲି ସବୁବେଳେ କୁହାଯାଉଛି, କିନ୍ତୁ ଏକଥା ସତ୍ୟ ଯେ, ଗ୍ରାମାଞ୍ଚଳର ମୁଖିଆମାନେ ହିଁ ଯୋଜନାର ଭାଗ୍ୟ ନିର୍ଦ୍ଧାରଣ କରିଥାଆନ୍ତି ଏବଂ ଗ୍ରାମର ଗରିବ ଲୋକମାନେ ସିଧା ସଳଖ ଯୋଜନା ସଂପର୍କରେ ଜାଣି ପାରନ୍ତି ନାହିଁ । ତେଣୁ ଯେ ପର୍ଯ୍ୟନ୍ତ ଆମର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ନ ହୋଇଛି ଆମେମାନେ ଉନ୍ନତି ଆଶା କରିବା ମୂଲ୍ୟହୀନ ।

ଗ୍ରାମାଞ୍ଚଳର ଦରିଦ୍ରମାନଙ୍କ ପାଇଁ ସରକାର କଅଣ କରିପାରନ୍ତି ? ବର୍ତ୍ତମାନ ଜମି ମାଲିକାନା ଉପରେ ସିଲିଂ, କୃଷି କ୍ଷେତ୍ର ଶ୍ରମିକ ପାଇଁ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ, ଜମିହୀନ ମାନଙ୍କୁ ଜମି ମାଲିକାନା ଦେବା, ଫାର୍ମ ଇତ୍ୟାଦି ଉପରେ ସୁହୃତ୍ ଆରୋପ କରିବା

ଗରିବ ଶ୍ରେଣୀର ଲୋକମାନଙ୍କର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଇ ପାରେ । ସେମାନଙ୍କ କଲ୍ୟାଣ ନିମିତ୍ତ ଏପରି ପଦକ୍ଷେପ ନିଆଯିବା ଉଚିତ, ଯଦ୍ୱାରା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।

ଜାତୀୟ ଗ୍ରାମ୍ୟ ନିଯୁକ୍ତି ଯୋଜନା (ଏନ୍.ଆର୍.ଇ.ପି.) ର ମୁଖ୍ୟ ଲକ୍ଷ୍ୟ ହେଉଛି "ବିଭିନ୍ନ ଉତ୍ପାଦିକା ଶକ୍ତିର ପୂର୍ଣ୍ଣ ବିନିଯୋଗ ।" ଅଧିକ ଲୋକ ଉତ୍ପାଦନ ସହ ସାମିଲ ହୁଅନ୍ତୁ । ଏହା ମଧ୍ୟ ଉପରୋକ୍ତ ଯୋଜନାର ଏକ ଲକ୍ଷ୍ୟ । "କାମ ପାଇଁ ଖାଦ୍ୟ ଯୋଜନା" ଉକ୍ତ ଯୋଜନାର ଏକ ମୁଖ୍ୟ ଅଂଶ ଏବଂ ଯୋଜନା କେତେକାଂଶରେ ମୂଳ ଯୋଜନାର ଲକ୍ଷ୍ୟ ପୂରଣ କରି ପାରିଛି ।

ଗ୍ରାମ୍ୟ ବିକାଶ ଯୋଜନାର ସଫଳ ରୂପାୟନ ନିମିତ୍ତ କେତେଗୋଟି ସମସ୍ୟା ପ୍ରତି ଧ୍ୟାନ ଦିଆଯିବା ଉଚିତ । ପ୍ରଥମତଃ, ଆଞ୍ଚଳିକ ବୈଷମ୍ୟ ଦୂରୀଭୂତ ହେବା ଉଚିତ । ଦ୍ୱିତୀୟତଃ, ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟାଳୟ ସ୍ତରରେ ସହଯୋଗ ଓ ସମନ୍ୱୟ ରହିବା ଆବଶ୍ୟକ । ଅନେକ ସମୟରେ ଦେଖାଯାଏ ଯେ, କେନ୍ଦ୍ର ବା ରାଜ୍ୟ କର୍ତ୍ତୃପକ୍ଷ ବଜେଟ୍‌ରେ ସମସ୍ତ ଅର୍ଥ ଓ ଯୋଜନା ଉପସ୍ଥାପିତ କରିବା ପରେ ନିଜର କର୍ତ୍ତବ୍ୟ ଶେଷ ହୋଇଛି ବୋଲି ମନେ କରନ୍ତି । କିନ୍ତୁ ବ୍ଲକ୍ ତଥା ଗ୍ରାମ୍ୟ ସ୍ତରରେ ପ୍ରତିଟି ଯୋଜନାର ଉଦ୍ଦେଶ୍ୟ ପ୍ରତିଫଳିତ ହେଲା କି ନା, ତାହା ଦେଖିବା ବାଞ୍ଛନୀୟ ।

ଗ୍ରାମୋତ୍‌ଥାନ ଉପରେ ଯେତେ ଗୁରୁତ୍ୱ ଦିଆଗଲେ ମଧ୍ୟ ବର୍ଷକୁ ପ୍ରାୟ ୧୫ ଲକ୍ଷ ଜମିହୀନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏଥିରୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡେ ଯେ ନାମ ମାତ୍ର ଚାଷୀମାନେ ପ୍ରକୃତ ସୁଫଳ ପାଇ ପାରୁ ନାହାନ୍ତି ଏବଂ ଅନ୍ୟ ପକ୍ଷରେ ଧନୀ ଚାଷୀମାନ ତାର ସୁଫଳ ଭୋଗ କରୁଛନ୍ତି । ତେଣୁ ଉତ୍ପାଦନ ବୃଦ୍ଧି କରିବାକୁ ହେଲେ ଏବଂ ବେକାର ସମସ୍ୟା ସମାଧାନ କରିବାକୁ ହେଲେ ଗ୍ରାମର ନାମ ମାତ୍ର ଚାଷୀମାନଙ୍କୁ ଆମେ ଦୃଷ୍ଟି ଦେବାକୁ ପଡ଼ିବ ।

ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ବେକାର ମାନଙ୍କ ମନରେ ନୂତନ ଆଶାର ସଞ୍ଚାର କରିଛି । ଆମେ ଏକଥା ଅନୁଭବ କରିବା ଉଚିତ ଯେ ନିଯୁକ୍ତି କ୍ଷେତ୍ରରେ ଭୂ-ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମାଞ୍ଚଳ କୃଷକ ଓ ଭୂମିହୀନ କୃଷି ଶ୍ରମିକମାନଙ୍କର ସମସ୍ୟାକୁ ଉପଲବ୍ଧି କରି ପାରିଲେ ଏବଂ ସମାଧାନ ସୂତ୍ର ଖୋଜି ପାଇଲେ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ ଭିତ୍ତି ସ୍ଥାପିତ ହେବ ।

କେ: ୮ ୬.
ରିଜର୍ଭ ବ୍ୟାଙ୍କ୍ କ୍ୱାର୍ଟର୍ସ, ୟୁନିଟ୍-୪
ଭୁବନେଶ୍ୱର-୨



ଓଡ଼ିଶା-୮୪ ଶିଳ୍ପ ପ୍ରଦର୍ଶନୀରେ ତନ୍ତ ଖାନାରେ ଲୁଗାବୁଣା ....

# ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ

ଚୌଧୁରୀ ରାଜକୃଷ୍ଣ ନନ୍ଦ

**ବିଂ**ଶସୂତ୍ରୀ କାର୍ଯ୍ୟକ୍ରମ ଦାରିଦ୍ର୍ୟ ଦୂରୀକରଣ ଏବଂ ଜାତୀୟ ଉନ୍ନତିରେ ଏକ ନୂତନ ଆଭିମୁଖ୍ୟ ଗ୍ରହଣ କରିଛି । ଓଡ଼ିଶାର ଅନଗ୍ରସରତା ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମର ଯଥେଷ୍ଟ ଗୁରୁତ୍ୱ ଥିବାରୁ ଏହାର ସୁଫଳ ରୂପାୟନ ପାଇଁ ସରକାର ସଂକଳ୍ପବଦ୍ଧ । କେବଳ ଯେ ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ରାଜ୍ୟ ଯୋଜନାର ପରିସରଭୁକ୍ତ କରାଯାଇଛି ସେତିକି ନୁହେଁ ତା ସାଙ୍ଗକୁ ବିଭିନ୍ନ ଉନ୍ନୟନମୂଳକ ଯୋଜନା ମାଧ୍ୟମରେ ସଫଳତାକୁ ତ୍ୱରାନ୍ୱିତ କରାଯାଉଅଛି । ନୂତନ ବିଂଶସୂତ୍ରୀ କାର୍ଯ୍ୟକ୍ରମ ୧୯୮୨ ମସିହା ଜାନୁୟାରୀ ମାସରେ ଶୁଭାରମ୍ଭ କରାଯାଇଥିଲା । ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ଅବଶିଷ୍ଟ କାଳ ମଧ୍ୟରେ ଓଡ଼ିଶାର ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଦ୍ଭୁତ ଅଗ୍ରଗତି ସାଧିତ ହୋଇଅଛି ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ୪.୧୨ ଲକ୍ଷ ହେକ୍ଟର ସେମାବନ୍ଧ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇ ପାରିଛି । ଏତଦ୍‌ବ୍ୟତୀତ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ଶେଷ ସୁଦ୍ଧା ୫.୬୭ ଲକ୍ଷ ହେକ୍ଟର ଜଳବିହୀନ ଶୁଷ୍କ ଜମିରେ ବିଭିନ୍ନ ଫସଲ ଚାଷର ସୁବିଧା ସୃଷ୍ଟି କରାଯାଇପାରିଛି ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ରବି ଓ ତୈଳ ଜାତୀୟ ପଦାର୍ଥର ଉତ୍ପାଦନ ରାଜ୍ୟରେ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି । ଡାଲିଜାତୀୟ ଶସ୍ୟ ଉତ୍ପାଦନର ଲକ୍ଷ୍ୟ ୧୦ ଲକ୍ଷ ଟନ୍ ଥିବା ସ୍ଥଳେ ତାର ଉତ୍ପାଦନ ୯.୭୫ ଲକ୍ଷ ଟନ୍ ହୋଇପାରିଛି । ତୈଳବୀଜ ଉତ୍ପାଦନର ମଧ୍ୟ ଲକ୍ଷ ୬.୩୦ ଲକ୍ଷ ଟନ୍ ଥିବା ସ୍ଥଳେ ୭.୮୩ ଲକ୍ଷ ଟନ୍ ହାସଲ କରାଯାଇଅଛି । ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନାରେ ୯.୪୨ ଲକ୍ଷ ପରିବାର ଉପକୃତ ହେବେ ବୋଲି ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଅଟକଳ କରାଯାଇଥିଲା । ଏଥିରୁ ୯.୨୧ ଲକ୍ଷ ପରିବାର ଉପକୃତ ହୋଇ ଶତକଡା ୯୭.୮ ଭାଗ ଲକ୍ଷ ହାସଲ କରାଯାଇଅଛି ।

ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଏହି ରାଜ୍ୟ ଅଭୂତପୂର୍ବ ସାଫଲ୍ୟ ହାସଲ କରିଅଛି । ଏହି କାର୍ଯ୍ୟକ୍ରମର ଧାର୍ଯ୍ୟ ଲକ୍ଷ୍ୟର ଶତକଡା ୧୨୦.୫ ଭାଗ ହାସଲ କରାଯାଇଅଛି । ୧୯୮୩-୮୪ ର ଶେଷ ଭାଗରେ ଗ୍ରାମ୍ୟ ଭୂମିହୀନ ନିଯୁକ୍ତି ପ୍ରତ୍ୟାଭୂତି କାର୍ଯ୍ୟକ୍ରମ (  ) ଆରମ୍ଭ କରାଯାଇଥିଲା । ଏଥିରେ ୧୯୮୪-୮୫ ରେ ୬୭୫୧୦୦୦ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଥିଲା ।

ଉଦ୍‌ବୃତ୍ତ ଜମି ବଣ୍ଟନ କ୍ଷେତ୍ରରେ ଓଡ଼ିଶାରେ ୩୩୦୬୫ ଏକର ଜମି ବଣ୍ଟନ କରାଯାଇଅଛି ।

ସେହିପରି ଗତ ପଞ୍ଚବାର୍ଷିକ ଯୋଜନାରେ ୨୪୫୫୪ ଗୋଟି ଶ୍ରମିକଙ୍କୁ ଥଇଥାନ କରାଯାଇ ପାରିଅଛି ।

ସର୍ବମୋଟ ୪୦୦୦୦୦ ହରିଜନ ପରିବାରଙ୍କୁ ସାହାଯ୍ୟ ଦାନ ନିମନ୍ତେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏଥି ମଧ୍ୟରୁ ୪୫୯୩୩୧ ଟି ପରିବାର ଉପକୃତ ହୋଇ ଲକ୍ଷ୍ୟର ଶତକଡା ୧୧୪.୮ ଭାଗ ହାସଲ କରାଯାଇଅଛି ।

୫୫୦୦୦୦ ଆଦିବାସୀ ପରିବାରଙ୍କୁ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ସାହାଯ୍ୟ କରିବା ନିମନ୍ତେ ଅଟକଳ କରାଯାଇଥିଲା । ଏଥି ମଧ୍ୟରୁ ୪୯୦୯୬୩ ପରିବାରଙ୍କୁ ସାହାଯ୍ୟ ଦିଆଯାଇଅଛି ।

ସେହି ଯୋଜନା କାଳ ମଧ୍ୟରେ ୧୨୫୯୭ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୧୨୪୨୯ ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଇ ଦିଆଯାଇ ଶତକଡା ୯୮.୭ ଭାଗ ଲକ୍ଷ୍ୟ ହାସଲ ହୋଇଅଛି । ବିଗତ ୧୯୮୩-୮୪ ଆର୍ଥିକ ବର୍ଷରେ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ସାଫଲ୍ୟ ହାସଲ କରି ଓଡ଼ିଶା ସାର ଭାରତବର୍ଷରେ ପ୍ରଥମ ସ୍ଥାନ ହାସଲ କରିଥିଲା ।

ଘରଡ଼ିହ ଯୋଗାଣରେ ଆମ ପ୍ରଦେଶର ଅଭୂତପୂର୍ବ ଲକ୍ଷ୍ୟ ହାସଲ କରାଯାଇଅଛି । ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ୫୦୦୦୦ ଲୋକଙ୍କୁ ଘରଡ଼ିହ ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏଥିରୁ ୧୨୭୨୦୬ ଘରଡ଼ିହ ଯୋଗାଇ ଦିଆଯାଇ ଶତକଡା ୨୫୪.୪ ଭାଗ ସାଫଲ୍ୟ ହାସଲ କରାଯାଇଅଛି । ୧୯୮୩-୮୪ ମସିହାରେ ଏ କ୍ଷେତ୍ରରେ ମଧ୍ୟ ଆମ ରାଜ୍ୟ ସାରା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଗୃହ ତିଆରି ସାହାଯ୍ୟ ନିମନ୍ତେ ଥି ଲକ୍ଷ୍ୟରୁ ଶତକଡା ୧୬୭.୯ ଭାଗ ହାସଲ କରାଯାଇ ପାରିଅଛି । ଏ କାର୍ଯ୍ୟକ୍ରମରେ ୯,୭୬୪ ଲୋକଙ୍କୁ ଗୃହ ନିର୍ମାଣ ପାଇଁ ସାହାଯ୍ୟ ଦାନ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୧୬୩୯୬ ଜଣଙ୍କୁ ସାହାଯ୍ୟ ଦିଆଯାଇଅଛି ।

ବସ୍ତି ଅଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମରେ ଏହି ସମୟ ମଧ୍ୟରେ ୩୭,୦୦୦ ବସ୍ତି ବାସିନ୍ଦାଙ୍କର ଉନ୍ନତି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥି ସ୍ଥଳେ ୯୧,୦୯୦ ବସ୍ତିବାସିନ୍ଦାଙ୍କ ପାଇଁ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇପାରିଛି । ସେହିପରି ୨୦,୦୦୦ ଅର୍ଥନୈତିକ ଦୁର୍ବଳ ଲୋକମାନଙ୍କୁ ଘର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥି ସ୍ଥଳେ ୨୯,୪୨୨ ଜଣଙ୍କୁ ଘର ଯୋଗାଇ ଦିଆଯାଇଛି ।

ଷଷ୍ଠ ପଞ୍ଚବାର୍ଷିକ କାଳରେ ୬,୫୩୧ ଟି ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଛି ଏବଂ ୧,୭୦,୪୪ଟି ପମ୍ପସେଟକୁ ବିଦ୍ୟୁତଶକ୍ତି ଯୋଗାଇ ଦିଆଯାଇଛି ।

ପରିବେଶର ସୁରକ୍ଷା ଏବଂ ପାଣିପାଗର ନିୟନ୍ତ୍ରଣ ପାଇଁ ବୃକ୍ଷ ରୋପଣର ଆବଶ୍ୟକତା ପ୍ରତି ଗୁରୁତ୍ୱ ଆରୋପ କରାଯାଇ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ୧୭୦୮.୨୮ ଲକ୍ଷ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୪୩୭୮.୧୬ ଲକ୍ଷ ବୃକ୍ଷରୋପଣ କରାଯାଇଛି । ସେହିପରି ବିଦ୍ୟୁତଶକ୍ତିର ଅଭାବ ମେଣ୍ଟାଇବା ପାଇଁ ଏକ ବିକଳ୍ପ ଶକ୍ତି ଭାବରେ ୫୬୨୪ ଟି ବାଓଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି ।

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ପରିବାର କଲ୍ୟାଣ ଯୋଜନାକୁ ଏକ ଗଣ ଆନ୍ଦୋଳନରେ ପରିଣତ କରାଯାଇ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ୬୫୯୦୭୨ ଜଣ ଦମ୍ପତିଙ୍କୁ ବଂଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଛି ।

ପ୍ରାଥମିକ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସଂପ୍ରସାରିତ କରାଯାଇ ଏହି ସମୟ ମଧ୍ୟରେ ୨୩ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୨,୦୮୯ ଟି ଉପକେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି ।

ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ ପାଇଁ ରାଜ୍ୟରେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ଶେଷ ସୁଦ୍ଧା ୫୩୨୩ ସୁଲଭ ଖାଉଟି ଦୋକାନ ଖୋଲାଯାଇଛି ।

ରାଜ୍ୟରେ ଶିଳ୍ପ ବିପ୍ଳବର ପରିବେଶ ସୃଷ୍ଟି କରାଯାଇ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ୧୪୩୩୫ ଟି ଗ୍ରାମ୍ୟ ଏବଂ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରାଯାଇପାରିଛି ।

ଏହି ଜାତୀୟ କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ ଓ ଲୋକାଭିମୁଖୀ କରିବା ପାଇଁ ଓଡ଼ିଶା ସରକାର ନିମ୍ନଲିଖିତ ପଦକ୍ଷେପମାନ ଗ୍ରହଣ କରିଅଛନ୍ତି ।

(୧) ବ୍ଲକଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସରକାରୀ ଏବଂ ବେସରକାରୀ ସଦସ୍ୟମାନଙ୍କୁ ନେଇ ପର୍ଯ୍ୟାଲୋଚନା କମିଟି ଜରିଆରେ କାର୍ଯ୍ୟକ୍ରମ ସମୀକ୍ଷା କରାଯାଏ । ରାଜସ୍ୱ କମିଶନରମାନଙ୍କୁ ଏହି କାର୍ଯ୍ୟକ୍ରମର ରୂପାୟନରେ ସାମିଲ କରାଯାଇଛି । ସେମାନେ କ୍ଷେତ୍ର ପରିଦର୍ଶନ କରିବା ସହିତ କାର୍ଯ୍ୟକ୍ରମକୁ ବାରମ୍ବାର ସମୀକ୍ଷା କରନ୍ତି । ବିଭିନ୍ନ ସ୍ତରରେ ଗଠିତ କମିଟିମାନେ କାର୍ଯ୍ୟକ୍ରମର ସମୀକ୍ଷା କରି ସଫଳତା ପଥରେ ଦେଖାଦେଉଥିବା ପ୍ରତିବଂଧକକୁ ସୁଧାରିବା ପାଇଁ ପରାମର୍ଶ ଦେଇଥାଆନ୍ତି । ଯୋଜନାର ପର୍ଯ୍ୟାପ୍ତ ପର୍ଯ୍ୟାଲୋଚନା ପାଇଁ ମନ୍ତ୍ରୀମଣ୍ଡଳର ଜଣେ ସଦସ୍ୟଙ୍କୁ ଜିଲ୍ଲା ସ୍ତରୀୟ କମିଟିର ଅଧ୍ୟକ୍ଷ ଭାବେ ସ୍ଥାପନ କରାଯାଇଥିଲା । ଏହି କମିଟିଗୁଡ଼ିକ ଜିଲ୍ଲା ସ୍ତରରେ କାର୍ଯ୍ୟ ସାଧନକୁ ତ୍ୱରାନ୍ୱିତ କରିଥିଲେ । ଏହା ବ୍ୟତୀତ କାର୍ଯ୍ୟକ୍ରମର କାର୍ଯ୍ୟକାରୀତା ସମୀକ୍ଷା କରି ପ୍ରତିବଂଧକକୁ ସୁଧାରିବା ପାଇଁ ପରାମର୍ଶ ଦେବା ଉଦ୍ଦେଶ୍ୟରେ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ବିଭିନ୍ନ ଜିଲ୍ଲା ତଥା ବ୍ଲକରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହି ଭଳି ସମୀକ୍ଷା ଦ୍ୱାରା ଯଥେଷ୍ଟ ସୁଫଳ ମିଳିଛି ଏବଂ କାର୍ଯ୍ୟ ସମାପନ ତ୍ୱରାନ୍ୱିତ ହୋଇପାରିଛି । ସଂସଦ ସଦସ୍ୟ ଏବଂ ବିଧାୟକମାନଙ୍କୁ ରାଜ୍ୟସ୍ତରୀୟ କମିଟି, ଉପକମିଟି ଏବଂ ଜିଲ୍ଲା ସ୍ତରୀୟ କମିଟିମାନଙ୍କରେ ସଦସ୍ୟ ରୂପେ ନିଆଯାଇଛି ।

(୨) ରାଜ୍ୟସ୍ତରୀୟ କମିଟିର କେତୋଟି ଉପକମିଟି ଗଠନ କରାଯାଇ ସେମାନଙ୍କ ଉପରେ ନ୍ୟସ୍ତ ବିଷୟଗୁଡ଼ିକର ଗଭୀର ଅନୁଶୀଳନ କରାଯାଉଛି ।

(୩) ସୂତ୍ରଗ୍ରାହୀ ସବିଶେଷ ସମୀକ୍ଷା ପାଇଁ ସଂପର୍କିତ ବିଷୟମାନଙ୍କରେ ଅଫିସର ସ୍ତରୀୟ କମିଟି ସଂପୃକ୍ତ ବିଭାଗୀୟ ସଚିବଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି । ଏହି କମିଟି ଗୁଡ଼ିକ ପ୍ରତି ମାସରେ ସାଫଲ୍ୟର ସମୀକ୍ଷା କରନ୍ତି ।

(୪) ଜିଲ୍ଲାପାଳ ସମ୍ମିଳନୀରେ ମଧ୍ୟ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସମୀକ୍ଷା କରାଯାଉଛି । ଜିଲ୍ଲାସ୍ତରରେ ଉପୁଜୁଥିବା ପ୍ରତିବଂଧକ ସୁଧାରିବା ସଙ୍ଗେ ସଙ୍ଗେ ନୂତନ ଦିଗ ପ୍ରତି ଦୃଷ୍ଟିପାତ କରାଯାଇ ପାରିଛି ।

(୫) ଏହି କାର୍ଯ୍ୟକ୍ରମକୁ ଅଧିକ ଜନପ୍ରିୟ କରିବା ପାଇଁ ରାଜ୍ୟଠାରୁ ବ୍ଲକ୍ ପର୍ଯ୍ୟନ୍ତ ଗଠିତ ଅନେକ ସମୀକ୍ଷା କମିଟି ସାଧାରଣ ନାଗରିକମାନଙ୍କୁ ସଦସ୍ୟ ରୂପେ ଗ୍ରହଣ କରାଯାଇଛି ।

(୬) ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସଂଶ୍ଳିଷ୍ଟ କରାଯାଇ ସେମାନଙ୍କ ସାହାଯ୍ୟ ଏବଂ ପରାମର୍ଶ ଗ୍ରହଣ କରାଯାଉଛି ।

(୭) ବ୍ଲକ୍‌ସ୍ତରୀୟ ଶାସନ ବ୍ୟବସ୍ଥାକୁ ଅଧିକ ଗତିଶୀଳ କରାଯାଉଛି ।

ଏହିଭଳି ଏକ ସାମଗ୍ରିକ ଉଲ୍ଲେଖନୀୟ ସଫଳତାର ଭିତ୍ତିଭୂମି ଉପରେ ଦଣ୍ଡାୟମାନ ହୋଇଥିଲେ ମଧ୍ୟ ଏଥିରେ ଆତ୍ମସନ୍ତୋଷ ଲାଭ ନ କରି ଏହି କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ ଏବଂ ପ୍ରଗତିବାଦୀ କରାଇ ଓଡ଼ିଶାର ଗାଁ ଗହଳିର ଲୋକମାନଙ୍କର ବିଶେଷ କରି ଆଦିବାସୀ, ହରିଜନ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅଧିକ ଯତ୍ନ ସହକାରରେ ଆଗାମି ୭ମ ଯୋଜନା କାଳ ମଧ୍ୟରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆମେ ସଂକଳ୍ପବଦ୍ଧ ।

ଉପ ଶାସନ ସଚିବ,
ଯୋଜନା ଓ ସମନ୍ୱୟ ବିଭାଗ,
ଓଡ଼ିଶା, ଭୁବନେଶ୍ୱର ।



# ବୋହୂ ଦେଖା ଦଶ ପଇସି ଟିଏ

ଶ୍ରୀ ଚନ୍ଦ୍ରଶେଖର ନାୟକ

୧୯୨୭ ମସିହା ନଭେମ୍ବର । ଖଦୀ କେନ୍ଦ୍ରିକ ଅହିଂସକ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରସ୍ତର ଅବସରରେ ସେନାପତି ମହାତ୍ମାଗାନ୍ଧୀ ସିଂହଳରେ ପହଞ୍ଚିଥାନ୍ତି । ୨୯ ତାରିଖରେ ତାଙ୍କୁ ରାମନାଥ ମହିଳା କଲେଜକୁ ଆମନ୍ତ୍ରଣ ଥାଏ । ସାର ପି. ରାମନାଥଙ୍କ ବଦାନ୍ୟତାରେ ଏହି କଲେଜଟି ସୁପ୍ରତିଷ୍ଠିତ ।

ଗାନ୍ଧୀ ମହାତ୍ମା ଆସିବେ । କେବଳ କଲେଜର ଛାତ୍ରୀମାନେ ନୁହନ୍ତି, ଅଧ୍ୟକ୍ଷ, ଅଧ୍ୟାପକ, ସର୍ବେ ଙ୍କୁ, ସମସ୍ତେ ଗାନ୍ଧୀଜୀଙ୍କ ବାଟକୁ ଚାହିଁ ବସିଥାନ୍ତି । କ'ଣ ଦେଇ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇବେ । ମହାତ୍ମାଗାନ୍ଧୀଙ୍କ ପରି ଏକ ଅଲୌକିକ ସୁମହାନ ବ୍ୟକ୍ତିତ୍ୱର ସାନ୍ନିଧ୍ୟ ଲାଭକୁ ଅନନ୍ୟ ସାଧାରଣ ଓ ଅଭୂତପୂର୍ବ ମନେକରି ସେମାନେ ଏହି ଦିବସଟିକୁ କଲେଜର ବାର୍ଷିକ ଦିବସ ରୂପେ ପାଳନ କରୁଥାଆନ୍ତି । ସମସ୍ତଙ୍କ ପ୍ରାଣରେ ବିପୁଳ ଉତ୍ସାହ—ଦରିଦ୍ର ନାରାୟଣଙ୍କ ପ୍ରତୀକ ଖଦୀର ବାର୍ତ୍ତା ପ୍ରସ୍ତର ପାଇଁ ସେମାନେ ଆଜିପରି ଏକ ଶୁଭ ଦିବସକୁ ଉପଯୋଗ କରିବେ । କଥାଅଛି Charity begins at home. ତେଣୁ ସେମାନେ ଆଗ ନିଜଆଡ଼ୁ ଦାନ ସଂଗ୍ରହର ଆଦର୍ଶ ଦେଖାଇବାକୁ ସିଦ୍ଧାନ୍ତ କରି ଏକ ଖଦଡ଼ ବ୍ୟାଗରେ ୧୧୧୧ ଟଙ୍କା ମହାତ୍ମାଙ୍କ ହାତରେ ସମର୍ପି ଦେବାପାଇଁ ସଂପାଦିଥାନ୍ତି ।

ନିରୂପିତ ସମୟରେ ଗାନ୍ଧୀଜୀ କଲେଜରେ ପଦାର୍ପଣ କଲେ । ଉତ୍ସବ ପରିବେଶ ସାତିଶୟ ଉଲ୍ଲସିତ ହୋଇ ଉଠିଲା । କଲେଜ ପରିସର ମଧ୍ୟରେ ମନ୍ଦିରଟିଏ ଥାଏ । ପ୍ରତ୍ୟହ ପୂଜାର୍ଚ୍ଚନା ପରେ କଲେଜର ନିତିଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ ।

## ପୂଜାର ସାର୍ଥକତା ଜନସେବାରେ

ସତ୍ୟଧର୍ମର ପ୍ରବର୍ତ୍ତକ ଭଗବାନ ବୁଦ୍ଧଙ୍କୁ ପ୍ରଣତି ଜଣାଇ "ନମୋ ହୋ ରେଙ୍ଗେ କ୍ୟୋ"—ବୌଦ୍ଧମନ୍ତ୍ରରେ ମହାତ୍ମାଗାନ୍ଧୀ ତାଙ୍କର ନିତ୍ୟ ନୈମିତ୍ତିକ କାର୍ଯ୍ୟ ଆରମ୍ଭ କରିଥାନ୍ତି । ତେଣୁ ମନ୍ତ୍ରକୁ ଦୈନନ୍ଦିନ ଆଚରଣରେ ଅଭିମନ୍ତ୍ରିତ କରାଇବାରେ ଏକାନ୍ତ ବିଶ୍ୱାସୀ ମହାତ୍ମାଗାନ୍ଧୀ ସେହି ମହିଳା କଲେଜରେ ତାଙ୍କ ପାଇଁ ଆୟୋଜିତ ସମାବେଶରେ ଉଦ୍‌ବୋଧନ ଦେଇ କହିଲେ—

> "ଠାକୁର ପୂଜାକୁ ଦୈନନ୍ଦିନ ବ୍ୟାବହାରିକ କାର୍ଯ୍ୟରେ ଉପଯୋଗ ନକଲେ ତାହା ସୁନ୍ଦର ଦର୍ଶନୀୟ ପୂଜାପଦ୍ଧତି ହେବ ସିନା ଅନ୍ୟ କୌଣସି ମୂଲ୍ୟବୋଧ ସୃଷ୍ଟି କରିବ ନାହିଁ । ନିରନ୍ନ, ନଗ୍ନ, ଦୀନ ଦୁଃଖୀ ହିଁ ପ୍ରକୃତ ନାରାୟଣ । ସେହିମାନଙ୍କ ପେଟରେ ଦାନା ଓ ଦେହକୁ ଜନା ଖଣ୍ଡେ ଯୋଗାଇଦେବା ପାଇଁ ସମସ୍ତେ ଅରଟ ଧରନ୍ତୁ । ଦିନକୁ ଅତି କମ୍‌ରେ ଅଧଘଣ୍ଟାଏ ହେଲେ କାଟନ୍ତୁ । ଦେଖେଇ ହେବାପାଇଁ ପୋଷାକ ପିନ୍ଧନ୍ତୁ ନାହିଁ । ଖଦୀ ପିନ୍ଧନ୍ତୁ । ତାହାହେଲେ ଲକ୍ଷ ଲକ୍ଷ ଦରିଦ୍ର ନାରାୟଣଙ୍କ ସହିତ ସମସ୍ତଙ୍କର ସୁସଂପର୍କ ପ୍ରତିଷ୍ଠିତ ହେବ ଓ ଠାକୁର ପୂଜା ସାର୍ଥକ ହେବ ।"

## କଳଙ୍କିତ ଯୌତୁକ ପ୍ରଥାର ପ୍ରତିରୋଧ କର

କଲେଜର କେତେକ ଉନ୍ନତିମୂଳକ କାମ ବିଶେଷତଃ ପୁରାତନ ଛାତ୍ରୀମାନଙ୍କ କାର୍ଯ୍ୟକଳାପର ଏକ ମୁଦ୍ରିତ ବିବରଣୀ ଗାନ୍ଧୀଜୀଙ୍କୁ ପ୍ରଦତ୍ତ ହୋଇଥିଲା । କୌଣସି ଗୋଟିଏ ହେଲେ ଝିଅ ଜନସେବା ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା କଥା ପ୍ରୋକ୍ତ ପ୍ରଗତି ପତ୍ରରେ ଗାନ୍ଧୀଜୀ ଦେଖିଲେ ନାହିଁ । ପୁଣି ବିବାହ-କାଳୀନ ଉତ୍କଟ ଯୌତୁକ ପ୍ରଥା ବିଦ୍ୟମାନ ଥିଲେ ହେଁ ଶିକ୍ଷିତା ଝିଅମାନେ ତହିଁର ପ୍ରତିରୋଧ କଲେ କଣ ସବୁ କରିଛନ୍ତି ତହିଁର ଉଲ୍ଲେଖ ପ୍ରଗତି ପତ୍ରରେ ନଥିଲା । ସଂସ୍କାରବାଦୀ ଗାନ୍ଧୀଙ୍କୁ ଏହା ବଡ଼ ବାଧିଲା । ଅତ୍ୟନ୍ତ ଆବେଗଭରା କଣ୍ଠରେ ସେ କହିଲେ—

"ସ୍କୁଲ କଲେଜରୁ ପଢ଼ା ସାରିବା ସଙ୍ଗେ ସଙ୍ଗେ ଝିଅମାନେ ସାଧାରଣତଃ ସାଧାରଣ ଜୀବନକୁ

ଅନ୍ତର୍ଦ୍ଧାନ ହୋଇଯାଉଛନ୍ତି । ଝିଅ ଜନମ ଶାଶୁ ଘରକୁ—କଣ ଏକ ଅବିବାଦୀୟ ସତ୍ୟ ! ଝିଅମାନେ ବାହାହୋଇ କେବଳ ଜଣେ ଲୋକର ସେବାରେ ସୀମିତ ହୋଇନଯାଇ ମହଗର ସମାଜର ସେବାରେ ଜୀବନକୁ ଉତ୍ସର୍ଗ କରିପାରିଲେ କେତେ ଭଲ ନହୁଅନ୍ତା ! ଏହାର ଭୂରୀ ଭୂରୀ ଦୃଷ୍ଟାନ୍ତ ଆମ ଭାରତରେ ଅଛି ।

"ପୁଣି ଏ ଘୃଣ୍ୟ ଯୌତୁକ ପ୍ରଥା । ଏହି କଳଙ୍କିତ ପ୍ରଥା ଯୋଗୁଁ କନ୍ୟାପାଇଁ ସୁପାତ୍ରଟିଏ ମିଳିବା ଦୁରୂହ ହେଉଛି ।

## ମା ପାର୍ବତୀ ତୁମର ଆଦର୍ଶ ହୁଅନ୍ତୁ

ଯୋଗେଶ୍ୱର ଦେବ ଦେବ ମହାଦେବ ଲୌକିକ ରୂପଶ୍ରୀ ବିବର୍ଜିତ, ଭସ୍ମ ବିଲୋପନ ଅପରିଗ୍ରହ ବ୍ରତର ଜୀବନ୍ତ ପ୍ରତୀକ କାଙ୍ଗାଳ—ତଥାପି ମା ପାର୍ବତୀଙ୍କ ଦୃଷ୍ଟିରେ ସେ ଦିବ୍ୟରୂପରେ ଉଦ୍‌ଭାସିତ ହେଲେ । ଦୀର୍ଘଦିନ କଠୋର ତପସ୍ୟା କରି ପାର୍ବତୀ ବ୍ରହ୍ମଚାରୀ ଶିବଙ୍କୁ ନିଜର ସ୍ୱାମୀ ରୂପେ ପାଇପାରିଥିଲେ । ଏହି ପ୍ରସଙ୍ଗରେ ଉତ୍‌ଥାପନ କରି ମହାତ୍ମାଜୀ କହିଲେ—

"ତୁମେ ସମସ୍ତେ ନିଜକୁ ଶୈବ ବୋଲି କହୁଛ ମା ପାର୍ବତୀଙ୍କ କଥା କେବେ ଭାବିଛକି ? ଶିବଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ ପାର୍ବତୀ ଅର୍ଥ ବ୍ୟୟ କରିନଥିଲେ କି କୌଣସି ସ୍କୁଲ କଲେଜର ଉଚ୍ଚତମ ଡିଗ୍ରୀଧାରିଣୀ ରୂପେ ନୁହେଁ ସପ୍ତସତୀଙ୍କ ଭିତରେ ଜଣେ ହୋଇ ସେ ଆଜି ସମଗ୍ର ହିନ୍ଦୁ ସମାଜର ପୂଜ୍ୟା ହୋଇଛନ୍ତି ।

" ମା ପାର୍ବତୀ ତୁମର ଆଦର୍ଶ ହୁଅନ୍ତୁ । ତୁମେ ସମସ୍ତେ ପ୍ରଲୋଭନକୁ ଦୃଢ଼ ହସ୍ତରେ ପ୍ରତ୍ୟାଖ୍ୟାନ କର—ପ୍ରତିରୋଧ କର । ବିବାହର ବୟସ ଆସିଲେ ଯୋଗେଶ୍ୱର ଶିବଙ୍କ ପରି ଜଣେ ଚରିତ୍ରବାନ ବରପାତ୍ରର ସନ୍ଧାନ ନିଅ । ଧନ, ମନ ବା ରୂପରେ ଭୁଲି ଯାଅ ନାହିଁ । ବରଂ କେତେ ବର୍ଷ କୁମାରୀ ହୋଇ ରହିଗଲେ ଦୁଃଖ ନାହିଁ । ତାହାହେଲେ ବୈବାହିକ ଜୀବନ କଣ୍ଢେଇ—ଚାହାଘର ପରି ହେବନାହିଁ । ବୃହତ୍ତର ସମାଜ ସେବା ପାଇଁ ଅଧିକନ୍ତୁ ଅଧିକ ସ୍ପୃହା ବଢ଼ିବ । ତାହାହେଲେ ଯାଇ ତୁମେ ଏହି ରାମନାଥ ମହିଳା କଲେଜର ଛାତ୍ରୀ ହେବାକୁ ଭାଜନ ହୋଇ ପାରିବ । ପରମେଶ୍ୱର ତୁମର ପଥ ପ୍ରଦର୍ଶକ ହୁଅନ୍ତୁ । ଆଜିପରା ଦିନରେ ତୁମ ପ୍ରତି ମୋର ଏହାହିଁ ଶୁଭାଶୀଷ ।"

ଭାରତର ସ୍ୱାଧୀନତାଲାଭ ପାଇଁ ଗାନ୍ଧୀଜୀଙ୍କ ନେତୃତ୍ୱ କେବଳ ବିଦେଶୀ ଶାସନର ଅପସାରଣ କଲେ ପ୍ରତ୍ୟକ୍ଷ ସଂଗ୍ରାମ-ମୂଳକ ନଥିଲା—ତାଙ୍କ ପରିକଳ୍ପିତ ସଂଗ୍ରାମରେ କେବଳ କେତେକ ମୁଷ୍ଟିମେୟ ବଳୁଆ ଲୋକ ନୁହନ୍ତି ଭାରତର କୋଟି କୋଟି ଆବାଳ ବୃଦ୍ଧ ଜନତା ଭାଗ ନେଇପାରିବେ—ପ୍ରତି ଘର ହେବ ସମରଭୂମି—ଏହିପରି କେତେକ ଅଣ୍ଡ୍ରୁତପୂର୍ବ ବିଷୟ ଗାନ୍ଧୀ ଦେଶ-ବାସୀଙ୍କ ସମକ୍ଷରେ ଉପସ୍ଥାପନ କରିଥିଲେ । ଯେଉଁସବୁ କୁସଂସ୍କାର ଭାରତ-ଜାତିକୁ ଆକ୍ରାନ୍ତ କରି ରଖିଛି ଓ ଯାହାପାଇଁ ଭାରତ ଜାତି ମାନ, ମହତ ହରାଇ ପରର ଗୋଲାମ ହୋଇଛି ତାହା ବିରୁଦ୍ଧରେ ଅଭିଯାନ ତାଙ୍କ ସତ୍ୟାଗ୍ରହ ସଂଗ୍ରାମର ଅନ୍ତର୍ଭୁକ୍ତ ଥିଲା । ବହୁ ସମାଜସେବୀ, ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷକ, କର୍ମଚାରୀ, ଗୃହିଣୀ, ସଂସ୍କାରକ, ପ୍ରଶାସକ ଗାନ୍ଧିଜୀଙ୍କୁ ନିଜର ସନ୍ଦେହ-ମୋଚନ ପାଇଁ ନାନାସୂତ୍ରରେ ନାନାକଥା ପଚାରିଛନ୍ତି । କାହାରିକୁ ନିରାଶ ନକରି ଗାନ୍ଧିଜୀ ଏମାନଙ୍କୁ ସାଧ୍ୟମତେ ବୁଝାଇବାକୁ ନିଜର ବିଷୟ ସର୍ବସାଧାରଣରେ ଉପସ୍ଥାପନ କରିଛନ୍ତି । ଏହି କ୍ରମରେ ଆସିଛି ଭାରତରେ ଅନ୍ୟତମ କଳଙ୍କିତ ପ୍ରଥା "ଦେଟି—ଲେଟି" (ଯୌତୁକ) ଏହ ମୂଳରେ କୁଠାରା-ଘାତ କରିବାକୁ ସେ ପଛେଇ ନାହାନ୍ତି ।

## ଯୌତୁକ ପ୍ରାର୍ଥୀ ବରକୁ ବାସନ୍ଦ କର

୧୯୨୮ ମସିହାର କଥା । ସିନ୍ଧୁ ପ୍ରଦେଶର ହାଇଦରା-ବାଦରେ ବରମାନଙ୍କର ଭାଉ ଅସମ୍ଭବ ଭାବରେ ବଢ଼ିବାରେ ଲାଗିଥାଏ । ଇଂପିରିଏଲ ଟେଲିଗ୍ରାଫି ଇଂଜିନିୟରିଂ ସର୍ଭିସର ଜଣେ କର୍ମଚାରୀ ନିଜର ବାହାଘର ପାଇଁ ନିର୍ବନ୍ଧ ହେବାଦିନ ନଗଦ ୨୦ ହଜାର ଟଙ୍କା କନ୍ୟା ପକ୍ଷରୁ ଆଦାୟ କରି ବିବାହ ବଜାରରେ ଏକ ଚମକ ସୃଷ୍ଟି କରିଥାଏ । ପୁଣି ବିଭାଘର ଭୋଜି ଡାକରା, ଝିଅର ପୁଆଣି ଇତ୍ୟାଦି ପରବର୍ତ୍ତୀ ଅବସର-ଗୁଡ଼ିକ ରହିଛି । ଜଣେ ପତ୍ର ପ୍ରେରକଙ୍କ ଦେହ ସହିଲା ନାହିଁ । ସେ ମହାତ୍ମାଗାନ୍ଧୀଙ୍କ ଦୃଷ୍ଟି ଏଥିପାଇଁ ଆକର୍ଷଣ କଲେ । ଗାନ୍ଧୀଜୀ ସ୍ୱ ସଂପାଦିତ "ୟଂ ଇଣ୍ଡିଆ" ରେ ୨୧-୬-୧୯୨୮ ତାରିଖରେ ଠୋକ୍‌ଠୋକ୍ ବାଣୀ ଶୁଣାଇ ଯୁବ ତଥା ଜାଗ୍ରତ ସମାଜକୁ ଚେତାବନୀ ଦେଲେ ଯେ—

"ଯେଉଁ ବରପାତ୍ର ଯୌତୁକକୁ ବିବାହର ଏକ ଅପରିହାର୍ଯ୍ୟ ସର୍ତ୍ତ ରୂପେ ଅଡ଼ିବସେ ସେ ନିଜ ଦେଶ ଓ ଶିକ୍ଷ ର ଅବମାନନା କରେ । ଯୌତୁକ ଦାବୀ ନାରୀ ଜାତି ପ୍ରତି ଅବଜ୍ଞା ସୂଚକ । ଯୁବ ଆନ୍ଦୋଳନମାନ ଯୌତୁକପ୍ରଥା ଭଳି ନିନ୍ଦିତ ବ୍ୟବସ୍ଥାର ବିରୁଦ୍ଧରେ ଜନମତ ଜାଗ୍ରତ କରାନ୍ତୁ । ଅସତ୍ୟ ଉପାୟରେ ଯେଉଁ ଯୁବକ-ମାନେ ସମାଜରୁ ଧନରତ୍ନ ଲୁଟିକରି ହସ୍ତ କଳୁଷିତ କରୁଛନ୍ତି ସେମାନଙ୍କୁ ସମାଜରୁ ବିନା-ଦ୍ୱିଧାରେ ବହିଷ୍କୃତ କରାଯାଉ ।

## ଜାତଛାଡ଼ି ବାହାରକୁ ଯାଅ

ମହାତ୍ମାଗାନ୍ଧୀ ଜାତି-ଧର୍ମ ବର୍ଣ୍ଣ ଭେଦର ଊର୍ଦ୍ଧ୍ୱରେ ଥିଲେ । ମଣିଷକୁ ମଣିଷ ଭାବରେ ଦେଖିବା ଥିଲା ତାଙ୍କର ବିଶେଷତ୍ୱ । ସେ ଥିଲେ ମାନବବାଦୀ ଓ ତାଙ୍କ ବିଷୟ ଥିଲା ମାନବ ଧର୍ମ । ତେଣୁ ନିଜ ଝିଅ ପାଇଁ ବର ଅନ୍ୱେଷଣକାରୀ ପିତାମାତାଙ୍କୁ ସେହି "ୟଂ-ଇଣ୍ଡିଆ" ରେ ବାପୁଜୀ ପରାମର୍ଶ ଦେଲେ । —

"ଝିଅପାଇଁ ବାସ୍ତବ ସଂସାର ପ୍ରିୟ ନିର୍ଭୀକ ବରପାତ୍ର ବାପ ମା' ଖୋଜନ୍ତୁ । ନିଜ ଜାତିରୁ ବରପାତ୍ର ନପାଇଲେ ଜାତିଗତ ସଂକୀର୍ଣ୍ଣତାରୁ ଦୂରେଇ ଯାଆନ୍ତୁ । ଏପରିକି ନିଜ ପ୍ରଦେଶ ଛାଡ଼ି ବାହାରକୁ ଯିବାକୁ ପଛଘୁଞ୍ଚା ଦିଅନ୍ତୁ ନାହିଁ । ମନ ଟାଣ କରନ୍ତୁ ।"

ସିନ୍ଧୁ ପ୍ରଦେଶରେ ଅମୀଲ ନାମକ ଏକ ସଂପ୍ରଦାୟ ବାସ କରନ୍ତି । ସେମାନେ ଛୋଟ ଅଥଚ୍ ସଂଗଠକ ଓ ଅଗ୍ରଗାମୀ ସଂପ୍ରଦାୟ । ସେମାନଙ୍କର ବ୍ୟୟ ଆୟକୁ ବଳିଯାଏ ।

ତେଣୁ ସେମାନଙ୍କ ଦୈନନ୍ଦିନ ଆଚରଣରେ ନୈତିକତା ନଥାଏ । ଯୌତୁକ ପ୍ରଥା ଯୋଗୁଁ ସେମାନଙ୍କ ଶିକ୍ଷା ଓ ବୁଦ୍ଧି ବୃତ୍ତିର ଉତ୍କର୍ଷତା ବଳରେ ସେମାନେ ଜାତୀୟ କାର୍ଯ୍ୟକ୍ରମକୁ ଯେଉଁ ମହତ୍ୱପୂର୍ଣ୍ଣ ଅବଦାନ ଦେଇପାରନ୍ତେ ତାହା ଖର୍ବ ହୋଇଯାଉଛି ବୋଲି ସେମାନେ ଅନୁଭବ କରିପାରନ୍ତି ନାହିଁ । ସେମାନଙ୍କ ଭିତରୁ ଯେଉଁମାନେ ପାଠଶାଠ ପଢ଼ି ପାଞ୍ଚଜଣରେ ଗଣିତା ହୁଅନ୍ତି ସେମାନେ ତାଙ୍କ ସଂପ୍ରଦାୟର ଅପାତ୍ରଆମାନଙ୍କୁ ବାହାଘର ବେଳେ ବେଶ୍ ଶୋଷିବାରେ ଲଗିଯାନ୍ତି ।

## କନ୍ୟା ବରକୁ ପ୍ରତ୍ୟାଖ୍ୟାନ କରୁ

ପ୍ରଥମ କରି ସିନ୍ଧୁ ପ୍ରଦେଶ ଗସ୍ତରେ ଯିବାବେଳେ ଏହି ନୀତି ରହିତ ଦେତି-ଲେତି ପ୍ରଥା ପ୍ରତି ମହାତ୍ମାଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ୧୯୨୮ ଡିସେମ୍ବର ୨୭ ତାରିଖରେ "ୟଂ ଇଣ୍ଡିଆ" ରେ ତାଙ୍କ ନିର୍ଭୀକ ମତ ପ୍ରକାଶ କରି ଝିଅର ପିତାମାତାଙ୍କୁ ରୋକଠୋକ କହିଲେ ଯେ–

"ଶଙ୍କିଯାଅ ନାହିଁ । ଝିଅମାନଙ୍କୁ ଶିକ୍ଷା ଦିଅ ଯେପରିକି ବର କଷାକଷି କରୁଥିବା ବରମାନଙ୍କୁ ସେମାନେ ସିଧାସଳଖ ପ୍ରତ୍ୟାଖ୍ୟାନ କରି ଦେବେ । ସେମାନେ ବରଂ ବାହାନହୋଇ ରହିଯାଆନ୍ତୁ– ନୀତିହୀନ ଯୌତୁକ ପ୍ରଥାର ଅଂଶୀଦାର ହୁଅନ୍ତୁ ନାହିଁ । ବର କନ୍ୟାଙ୍କର ପାରସ୍ପରିକ ସ୍ନେହ, ସଂପ୍ରତିହିଁ ବିବାହର ପରି ଶୁଭ କର୍ମର ଏକମାତ୍ର ସମ୍ମାନଜନକ ସର୍ତ୍ତ" ।

## ସ୍ୱରାଜ୍ୟ ଭୀରୁମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ

୧୯୨୯ ଫେବୃଆରୀ ୫ ତାରିଖରେ ବାପୁଜୀ କରାଚୀରେ ଥିଲେ । କରାଚୀର କଲେଜ ଛାତ୍ରମାନେ ତାଙ୍କୁ କଲେଜକୁ ସ୍ୱାଗତ କରି ଏକ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ । ସେ ତ ପୂର୍ବରୁ ସେହି ଅଞ୍ଚଳରେ ପ୍ରଚଳିତ ହୀନ ଯୌତୁକ ପ୍ରଥା ସମ୍ବନ୍ଧରେ ଅବହିତ ଥିଲେ । ତେଣୁ କଲେଜ ଛାତ୍ରମାନଙ୍କ ସଭାରେ ପ୍ରସଙ୍ଗଟି ଉପସ୍ଥାପନ କରି କଲେଜ ପଢ଼ୁଆ ଯୁବକଙ୍କର ହୃଦୟକୁ ଆଲୋଡ଼ନ କଲପରି ଆହ୍ୱାନ ଜଣାଇ କହିଲେ ଯେ–

"ସ୍ତ୍ରୀ ସ୍ୱାମୀର ଅର୍ଦ୍ଧାଙ୍ଗିନୀ । ସେ ଗୃହ ସଂସାରର ରାଣୀ । ସ୍ୱାମୀଙ୍କ ହୃଦୟ ସିଂହାସନର ଅଧିଷ୍ଠାତ୍ରୀ । ଅଚଥ ସ୍ୱାମୀ ସ୍ତ୍ରୀକୁ ନିଜର ଦାସୀ କରିରଖିବାରେ ଆଦୌ କୁଣ୍ଠାବୋଧ କରୁନାହିଁ । ସ୍ତ୍ରୀକୁ ପଣ୍ୟରୂପେ ବ୍ୟବହାର କରିବାରେ ସ୍ୱାମୀ ଆଦୌ ଲଜ୍ଜିତ ହେଉ ନାହିଁ । ଇଂରେଜୀ ପାଠ ପଢ଼ି ସେମାନେ କ'ଣ ଏହି ଶିକ୍ଷା ପାଉଛନ୍ତି ?

"ଦେଶ ଆଜି ପକ୍ଷାଘାତରେ ଆକ୍ରାନ୍ତ । ସ୍ୱରାଜ୍ୟ ଏତଦ୍ ଜାତୀୟ ଭୀରୁମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଆଖିରେ ଅନ୍ଧପୁଟୁଳୀ ବାନ୍ଧିବାକୁ ନଦେଇ ଯେଉଁମାନେ ହସିହସି ଦେଶପାଇଁ ଫାଶୀକାଠ ବରଣ କରିପାରିବେ ସ୍ୱରାଜ୍ୟ ସେହିମାନଙ୍କର ଦେଶ ସେହିମାନଙ୍କର ।

"କଳଙ୍କିତ ଯୌତୁକ ପ୍ରଥାର ମୂଳୋତ୍ପାଟନ କରି ନିଜ ସହଧର୍ମିଣୀ ଓ ଭଗିନୀମାନଙ୍କ ସ୍ୱାଧୀନତା ଓ ମାନମହତ ପ୍ରତିଷ୍ଠା କରିବେ ଶପଥ ନିଅନ୍ତୁ । ତାହାହେଲେ ମୁଁ ବୁଝିବି ଯେ ସ୍ୱରାଜ୍ୟ ପ୍ରତିଷ୍ଠା ପାଇଁ ଆପଣମାନେ ପ୍ରସ୍ତୁତ" ।

## ଝିଅପଛେ ଅବିବାହିତା ରହୁ ଯୌତୁକର ଶିକାର ନହେଉ

ସମାବେଶରେ ବହୁସଂଖ୍ୟକ ଛାତ୍ରୀ ଉପସ୍ଥିତ ଥିଲେ । ସେମାନଙ୍କୁ ଲକ୍ଷ୍ୟ କରି ବାପୁଜୀ କହିଲେ–

"ଝିଅମାନେ ! ତୁମମାନଙ୍କୁ ମୁଁ ଖାସ୍ କରି କଥାଟିଏ କହିବି । ମୋ ପାଖେ ଯଦି ଝିଅଟିଏ ଥାନ୍ତା ମୁଁ ତାକୁ ସାରା ଜୀବନ ପଛେ ଅବିବାହିତ ରଖନ୍ତି, କାଣିକଉଡ଼ିଟିଏ ଦାବୀ କରୁଥିବା କୌଣସି ବର ପାତ୍ର ହାତରେ ତାକୁ ସମର୍ପି ଦିଅନ୍ତି ନାହିଁ" । ଖାଦକ ହୁଅ ନାହିଁ, ଉତ୍ପାଦକ ହୁଅ ।

ଗାନ୍ଧୀଜୀ କଥା ଅପେକ୍ଷା କାମକୁ ବହୁତ ପସନ୍ଦ କରୁଥିଲେ । ଛାତ୍ର ଛାତ୍ରୀଙ୍କ ପ୍ରଦତ୍ତ ଅଭିନନ୍ଦନ ଇଂରାଜୀରେ ଲେଖା ଯାଇଥିଲା ଓ ସେଥିରେ ତାଙ୍କର ପ୍ରଶସ୍ତି ଗାନ କରି ବହୁତ କଥା ଲୁହାଯାଇଥିଲା । ଏହାକୁ ନାପସନ୍ଦ କରି ଛାତ୍ର ଛାତ୍ରୀମାନଙ୍କୁ କେଇଁପିଯାଏ ତଲବ କଲପରି ବାପୁଜୀ କହିଲେ–

"ଅନୁକରଣ ହେଉଛି ଏକ ସିଷ୍ଟାଗ୍ରର ସର୍ଜ୍ଜାତ ତୋଷାମୋଦ । ଅଭିନନ୍ଦନ ପତ୍ରରେ ଆପଣମାନେ ମୋର ଭୂୟସୀ ପ୍ରଶଂସା କରିଛନ୍ତି । କିନ୍ତୁ ମୁଁ ଅନୁଭବ କରୁଛି ଯେ ମୁଁ ଯେଉଁ ଆଦର୍ଶ ପ୍ରସ୍ତର କରୁଛି ଆପଣମାନେ କାର୍ଯ୍ୟତଃ ତାହାକୁ ଅମାନ୍ୟ କରୁଛନ୍ତି । ମୋତେ ମହାତ୍ମା ପଦରେ ଅଭିଷିକ୍ତ କରାଇ ହିମାଦ୍ରୀର ଉଚ୍ଚତମ ଶିଖରକୁ ଉଠାଇ ଦେଇଛନ୍ତି , ଅଥଚ ମୋର ଉପଦେଶକୁ ଗ୍ରହଣ ନ କରି ମୋର୍ ପାଦକୁ ଟାଣି

ଆଣୁଛନ୍ତି । ମୋତେ ଯଦି ଅପମାନ ଦେବାର ଉଦ୍ଦେଶ୍ୟ ଆପଣମାନଙ୍କର ନ ଥାଏ ତେବେ ମୁଁ କହିବି ଯେ ଇଂରାଜୀରେ ଲେଖା ଲେଖୁ ନ କରି ରାଷ୍ଟ୍ରଭାଷା ହିନ୍ଦୀ ବା ମାତୃଭାଷା ସିନ୍ଧୀରେ ଲେଖନ୍ତୁ । ଜୀବନ୍ତ ଅସ୍ଥି କଙ୍କାଳ ସାର ଲୋକଙ୍କ ପେଟକୁ ମୁଠାଏ ଦାନା ଓ ଦେହକୁ ଖଣ୍ଡିଏ କନା ଦାନ କରିବାର ପାଇଁ ଖଦଡ଼ ପିନ୍ଧନ୍ତୁ । କୋଟି କୋଟି ନିରନ୍ନ ନଗ୍ନ ଭାରତବାସୀଙ୍କ କଲିଜାରୁ ରକ୍ତ ଶୋଷଣ କରି ଭାରତରେ ଯେଉଁ ଇଂରାଜୀ ଶିକ୍ଷା ଅବକାରୀ ଆୟ ଉପରେ ପ୍ରତିଷ୍ଠିତ ସେଥିରୁ ରାଣ ଦେଲାପରି ଦୂରେଇ ଯାନ୍ତୁ । ହଜରତ ଓମରଙ୍କ ଉପଦେଶ ବଗଡ଼ା ଖାଅ ଓ ମୋଟା ପିନ୍ଧ– ତୁମର ଆଦର୍ଶ ହେଉ । ଯୌତୁକ କଳଙ୍କ ଉଠାଇ ନିଅନ୍ତୁ ।

"ମୋର ଏହି ସବୁ ଉପଦେଶକୁ ପାଳନ ନ କରି କେବଳ ମୁଣ୍ଡ଼ଃସାଗାନ କଲେ ତୁମେ ସବୁ କେବଳ ଭାଟ ପଦବାଚ୍ୟ ହେବ । ତୁମକୁ କେହି ଭଦ୍ର-ଲୋକରେ ଗଣିବେ ନାହିଁ ।"

ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ୨୦ ବର୍ଷ ପୂର୍ବରୁ ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ କଳଙ୍କିତ ଯୌତୁକ ପ୍ରଥା ବିରୁଦ୍ଧରେ ଯେଉଁ ଦୃଢ଼ ମତ ଉପସ୍ଥାପନ କରିଥିଲେ ଆଜି ସ୍ୱାଧୀନତା ଲଭର ଦୀର୍ଘ ଦୁଇଟି ଦଶନ୍ଧି ପୂରିବାକୁ ବସୁଥିବା ସତ୍ତ୍ୱେ ଆମେ ଯୌତୁକ କଳଙ୍କର ନିଷ୍କୃତି ଲଭ କରିବା ଦୂରେ ଥାଉ କ୍ରମେ ଅଧିକରୁ ଅଧିକ ଯୌତୁକଦାସ ପାଲଟିବାକୁ ବସିଛୁ । ସବୁଠାରୁ ବିଚିତ୍ର କଥା ଯେ ଯେଉଁମାନେ ନିଜକୁ ସମାଜସେବୀ କହି ଯୌତୁକ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି ଓ ଯେଉଁ ଛାତ୍ରମାନେ ନିଜକୁ ଉଚ୍ଚ ଶିକ୍ଷିତ କହି ଆଲୋଚନା ଓ ବାର୍ତ୍ତିତାନୁଷ୍ଠାନରେ ଯୌତୁକ ପ୍ରଥାକୁ ନିନ୍ଦା କରୁଛନ୍ତି ସେଇମାନେ ଆଗେ ଯୌତୁକ ପାଇଁ ଅଡ଼ି ବସୁଛନ୍ତି ।

ଘଣ୍ଟା, ସାଇକେଲରେ ଯୌତୁକ ଆଉ ଆବଦ୍ଧ ନାହିଁ । କାର, ସ୍କୁଟର, ଟି. ଭି. ଆଦିକୁ ଏହାର ପକ୍ଷ ମେଲି ମେଲି ଯାଉଛି; ଜାତ, ଲଗ୍ନ, ଗୋତ୍ର, କୁଳୀନତା, ତାରି ଭିତରେ ହଜି ଯାଉଛି ଆଉ ଦରକାର ପଡୁନାହିଁ । ଦୈନିକ ସମ୍ବାଦ ପତ୍ରର ପୃଷ୍ଠା ଲେଉଟାଇଲେ ଯୌତୁକ ଜନିତ ବଧୂହତ୍ୟା ନିତିଦିନିଆ ଅଘଟଣାରେ ପରିଗଣିତ ହୋଇ ପ୍ରାଣରେ ଶିହରଣ ସୃଷ୍ଟି କରିବାରେ ଲଗିଛି ।

## ସରକାରୀ ପ୍ରଚେଷ୍ଟା

୧୯୬୧ରୁ ଯୌତୁକ ନିରୋଧ ଆଇନ ସରକାର ଗ୍ରହଣ କରିଛନ୍ତି । ଯୌତୁକ ଦେବା ଓ ନେବା ଲୋକଙ୍କୁ ଏଥିରେ ଜେଲ, ଜୋରିମାନା ଓ ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । କିନ୍ତୁ ସମ୍ବନ୍ଧୀ ଶ୍ୱଶୁର, କ୍ୱାଇଁ–କିଏ କାହା ବିରୁଦ୍ଧରେ ଆଇନ ଅଦାଲତରେ ଛିଡ଼ାହେବ ।

## ବାସ୍ତବବାଦୀ ବାହାରନ୍ତୁ

ତେଣୁ ବଳିଷ୍ଠ ସାମାଜିକ ଚେତନା ଆବଶ୍ୟକ । ପ୍ରକୃତ ଭଦ୍ରଲୋକଙ୍କୁ ସମାଜ ଆଜି ସତୃଷ୍ଣ ନୟନରେ ଚାହିଁ ରହିଛି । ସେମାନେ ଯୌତୁକ ଦେବେ ନାହିଁ କି ନେବେ ନାହିଁ । ପୁଅ ଝିଅଙ୍କୁ ବିନା ଯୌତୁକରେ ବାହା ଦେଇ ସମାଜରେ ବଳିଷ୍ଠ ଜନମତ ସୃଷ୍ଟି କରିବେ । ସମାଜ ସେମାନଙ୍କୁ ସମ୍ମାନ ଦେବ । ସେମାନଙ୍କ ନାମ ଧାମ ସମ୍ବାଦ ପତ୍ରରେ ଉପର୍ଯ୍ୟୁପରି ଧ୍ୟାନାକର୍ଷଣ କଲାପରି ପ୍ରକାଶ କରାଯିବ । ଏ ଦିଗରେ ସଂସ୍କାରବାଦୀ ସମ୍ବାଦପତ୍ର ଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସମାଜରେ ଉଦ୍ବ୍ୟକ୍ତି ଅଛନ୍ତି । ଦେଖେଇ ହେଉ ନ ଥିବାରୁ ଚିହ୍ନା ପଡୁ ନାହାନ୍ତି ।

## ଅଦ୍ଭୁଶ୍ୟ ସୋମଫୁଲ ବତରେ ବାସ

ପ୍ରସଙ୍ଗ କ୍ରମେ ଗୋଟିଏ ଉଦାହରଣ ଦିଆଯାଇ ପାରେ । ପୁରୀ ଜିଲ୍ଲା ଟାଙ୍ଗି ବ୍ଲକରେ ରାମେଶ୍ୱର ଏକ ସୁ ପ୍ରତିଷ୍ଠିତ ଗ୍ରାମ । ପାଇକ ବିଦ୍ରୋହର ଇତିହାସରେ ରାମେଶ୍ୱରର ନାମ ରହିଛି । ଆମ ମୁଖ୍ୟମନ୍ତ୍ରୀ ଜାନକୀ ବାବୁଙ୍କ ଘର ଏହି ଗାଁରେ । ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ତାଙ୍କ ପିତାମହ । ବିଶ୍ୱନାଥ ଜଣେ ଗ୍ରାମ୍ୟ ଶିକ୍ଷକ । ସଂପ୍ରତି ଅବସର ନେଇଛନ୍ତି । ଗାଁରେ ସେ ସମସ୍ତଙ୍କର ଜେଜେ ସ୍ଥାନୀୟ । ୧୯୪୭ ମସିହାରେ ଯେତେବେଳେ ସ୍ୱାଧୀନତାର ନବ ପୁଲକରେ ଦେଶ ଉଦ୍ଭାବିତ ହେଉଥିଲା ଗାନ୍ଧୀ କଳ୍ପିତ ମୌଳିକ ଶିକ୍ଷାରେ ତାଙ୍କ ଗ୍ରାମର ୰ଜଗନ୍ନାଥ ପଟ୍ଟଯୋଶୀ ଭୀମରଥ. ବୈଦ୍ୟନାଥ ରଥ ପ୍ରମୁଖ ଶିକ୍ଷକଙ୍କ ସହ ସେ ତାଲିମ ଗ୍ରହଣ କରିଥିଲେ । ଲେଖକ ସେତେବେଳେ ଏହି ତାଲିମ ଶିବିର ସଂଚାଳନା ଦାୟିତ୍ୱରେ ଥିଲେ । ତାଲିମ ପାଇବା ପରେ ରାମେଶ୍ୱରରେ ଦେଖାଦେଲା ଏକ ସଂସ୍କାର ଧର୍ମୀ ଆନ୍ଦୋଳନ । ଗାନ୍ଧୀ–ଗୋପବନ୍ଧୁ ଜୟନ୍ତୀ, ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସମାନ ତାଲିମ ପ୍ରାପ୍ତ ଶିକ୍ଷକମାନେ ପାଳନ କଲେ । ପଟ୍ଟଯୋଶୀ ହରିଜନ ସବର୍ଣ୍ଣ ସମସ୍ତଙ୍କୁ ନିକଟବର୍ତ୍ତୀ ମନ୍ଦାକିନୀ ନଦୀକୁ ନେଇ ସ୍ୱର୍ଗତ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ ତିଳୋଦକ ଦାନ ଅନୁଷ୍ଠାନ କରାଇ ସମସ୍ତଙ୍କ ହାତରେ ପାତ୍ରୀ ଧରାଇ ଦେଲେ ସେତେବେଳେ ଏ ପ୍ରକାର ସଂସ୍କାର ପାଖ ଆଖରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା ।

ଶ୍ରୀ ବିଶ୍ୱନାଥ ପଟ୍ଟନାୟକ ନିଜ ହାତରେ ସୂତା କାଟିଲେ ଖଦଡ଼ ପିନ୍ଧିଲେ । ଗ୍ରାମ ସଫାଇରେ ପଢ଼ୁଆ ପିଲାଙ୍କୁ ଲଗାଇଲେ, ସଂସାରକ ବୈରାଗୀ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋ ନିଜ ଘରେ ପରୀକ୍ଷା ଆରମ୍ଭ କରିଦେଲେ । ତାଙ୍କ ପରମାରାଧ୍ୟ ମାତୃଦେବୀ ସ୍ୱର୍ଗାରୋହଣ କଲେ । ଶୁଦ୍ଧିକ୍ରିୟା, ଶ୍ରାଦ୍ଧ ସ ବିନା ବ୍ରାହ୍ମଣ ବରଣରେ ସଂପାଦନ କଲେ । ଶ୍ରାଦ୍ଧରେ ଅନ୍ନପି ବାଢ଼ିଲେ । ହରିଜନମାନଙ୍କୁ ଡ଼ାକି ଶ୍ରାଦ୍ଧ ପତ୍ରରେ ଖୁଆଇଲେ ତାଙ୍କର ୪ ପୁଅ । ପ୍ରଥମଟି ବିଦ୍ୟୁତ୍ ବିଭାଗରେ, ଜଣେ ଚିକିତ୍ସା ବିଭାଗରେ, ଜଣେ ଶିକ୍ଷା ବିଭାଗରେ ଓ ଚତୁର୍ଥଟି ଅରଣ୍ ବିଭାଗରେ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ । ସମସ୍ତ ବିନା ଯୌତୁକରେ ବାହା କଲେ । ନିଜେ ପୁରୋହିତ ହେ ନିଜସ୍ୱ ପଦ୍ଧତି ଅନୁସରଣ କଲେ । ବୋହୂମାନଙ୍କ ପାଇଁ ଅଳଙ୍କା

ପତ୍ର ନିଜପାଖୁ ନେଲେ । କୌଣସି ପ୍ରଥକୁ କନ୍ୟାପକ୍ଷ ଖରାଦ କରିବାକୁ ଦେଲେ ନାହିଁ ।

ବ୍ରାହ୍ମଣ ବାହାଘରେ ଫୁଲସଜା ବସେ । ବୟୋଜ୍ୟେଷ୍ଠ ମାନେ ବରକନ୍ୟାଙ୍କୁ ଆଶୀର୍ବାଦ ସୂଚକ ଶ୍ଳୋକ ଆବୃତି କରନ୍ତି । ବିଶ୍ୱନାଥ ତାଙ୍କ ପୁଅ ବାହାଘରେ ଏକ ଅଭିନବ ଧରଣର ଫୁଲସଜା କଲେ । ବୈରାଗୀ ମିଶ୍ରେ, ଶରତ ଚନ୍ଦ୍ର ମହାରଣା, ଅନ୍ନପୂର୍ଣ୍ଣା ମହାରଣା, ପଣ୍ଡିତ କୃପାସିନ୍ଧୁ ହୋତା ଓ ଆଗ୍ରହୀ ହରିହର ପ୍ରମୁଖ ସଂସ୍କାର ପ୍ରେମୀ ଓ ସର୍ବୋଦୟ ପନ୍ଥୀ ନେତୃବୃନ୍ଦ ନିମନ୍ତ୍ରିତ ହୋଇ ବିବାହକୁ ସଂସ୍କୃତ ବୈଦିକ ରୀତିରେ ଯଜ୍ଞ, ଦାନ, ତପଶ୍ଚର୍ଯ୍ୟାର ସୁ ସମାବେଶରେ ସଂପନ୍ନ କରାଇବାର ପ୍ରେରଣା ସୃଷ୍ଟି କଲେ ।

ଆମେ ବୋହୂ ଦେଖିଗଲୁ । ନିମନ୍ତ୍ରଣ ପତ୍ରରେ ଥିଲାତ— ବନ୍ଧୁ ବେଭାର ୫ ଟଙ୍କାରୁ ଅଧିକ ହେବ ନାହିଁ ଓ ବୋହୂ ଦେଖା ମାତ୍ର ଦଶ ପଇସା ଥିଲା, । ଥିଲା ନଥିଲା କେହି ମନ ଭଣା କଲେ ନାହିଁ । ସମସ୍ତେ ଖୁସି ମନରେ ବୋହୂ ଦେଖି ପାରିଲେ ।

ବିଶ୍ୱନାଥ ସେପରି କୌଣସି ପଦ ପଦବୀରେ ପ୍ରତିଷ୍ଠିତ ନୁହନ୍ତି କି କୌଣସି ରାଜନୈତିକ ଦଳଭୁକ୍ତ ନୁହନ୍ତି । ତେଣୁ ତାଙ୍କର ଏ ପ୍ରକାର ବାସ୍ତବବାଦୀ ସଂସ୍କାର **ସମ୍ବାଦପତ୍ର ମାଧ୍ୟମରେ** ଜନ ମାନସକୁ ଆସିପାରିଲା ନାହିଁ । "ଅଦୃଶ୍ୟେ ସୋମ ଫୁଲ ଭିତରେ ବାସ, ସାଲୁକର ନ ଥାଏ ନାମ ପ୍ରୟାସ"—ପରି ଗାନ୍ଧୀ- ବାଦୀ ବିଶ୍ୱନାଥ ଅଜଣା ଅଶୁଣା ରହିଗଲେ ।

ଆନନ୍ଦର କଥା ଯେ ଏବେ ଜାତୀୟ ସ୍ତରରେ ଗଠିତ "ଆମଫୋଇ" ସଂସ୍ଥା (Anti Caste marriage and one child Family organisation of India) ଭୁବନେଶ୍ୱରରେ ଶାଖା ଖୋଲି ଜାତି ଭେଦର ବାଡ଼ ଉଠାଇ ଯୌତୁକ ବିହୀନ ବିଭାଗର କରାଇ ଅଛନ୍ତି । ସେମାନଙ୍କ କାର୍ଯ୍ୟ- କଳାପର ପ୍ରଗତି ନିର୍ଦ୍ଦିଷ୍ଟ ଘଟଣା ସହ ସମ୍ବାଦ ପତ୍ରରେ ପ୍ରକାଶ ପାଇବା ଉଚିତ୍ ।

## ପରିଶେଷରେ

ଯୌତୁକ ସମାଜର କଳଙ୍କ । ପୂଜ୍ୟ ବାପୁଜୀଙ୍କ ମତରେ ଏହା ନାରୀ ଜାତିର ମର୍ଯ୍ୟାଦା ହାନିକର । ସରକାର ଯୌତୁକ ନିରୋଧ ଆଇନଟିଏ କରିଦେଇ କର୍ତ୍ତବ୍ୟ ସାଙ୍ଗ କରିବା ଉଚିତ୍ ନୁହେଁ । ଯୌତୁକ ଦେବା ନେବା ଧର୍ତ୍ତବ୍ୟ ଅପରାଧରେ ପରିଗଣିତ ହେବା ଆବଶ୍ୟକ । ବିଶ୍ୱନାଥଙ୍କ ପରି ସମାଜସେବୀମାନେ ଅଧିକରୁ ଅଧିକ ସଂଖ୍ୟାରେ ବାହାରନ୍ତୁ ଓ ସେମାନଙ୍କର ସଂସ୍କାର ସମ୍ବାଦପତ୍ରରେ ପ୍ରମୁଖ ସ୍ଥାନରେ ପ୍ରକାଶ ପାଉ । ସେମାନଙ୍କୁ ସରକାରୀ ମର୍ଯ୍ୟାଦା ମିଳୁ ।

'ଛୋଟ ସୁଖୀ ପରିବାର ଗଢିବା' ପ୍ରଚାର ପରି ଏହା ନ ହେଉ । ଛୋଟ ପରିବାର ଗଢିବା ଲକ୍ଷରେ ସରକାର ବିପୁଳ ଅର୍ଥ ବ୍ୟୟ କରୁଛନ୍ତି । ପ୍ରଚାରକମାନେ ହୁଏତ ଅବିବାହିତ ବା ବହୁ କୁଟୁମ୍ବୀ । ଛୋଟ ପରିବାର ଗଢିବା ପାଇଁ ସେମାନେ ନିଜ ପରିବାରରେ କେତେଦୂର ଆଦର୍ଶ ଦେଖାଉଛନ୍ତି ତହିଁର ହିସାବ ପ୍ରକାଶ ପାଇଲେ ଯୋଜନାଟି ଅଧିକ ଲୋକପ୍ରିୟ ଓ ପ୍ରଭାବଶାଳୀ ହୁଅନ୍ତା । ଅଥଚ ତାହା ହେଉନାହିଁ । ପ୍ରଚାରକଙ୍କ କଥା ଓ କାର୍ଯ୍ୟରେ ମେଳ ରହିବା ଆବଶ୍ୟକ । ଯୌତୁକ ନିରୋଧ ପ୍ରଚାର ସଂସ୍ଥା, ଆଗ୍ରହୀ ବ୍ୟକ୍ତି, ଯୁବସଂଘ, ମହିଳା ସମିତି, ଛାତ୍ର ସମାଜ ଓ ବିଭିନ୍ନ ସମାଜ ସେବୀ ସଂସ୍ଥାଗୁଡ଼ିକ ପୂଜ୍ୟ ବାପୁଜୀଙ୍କ ପ୍ରଦର୍ଶିତ ଉପଦେଶକୁ ଏକନିଷ୍ଠ ହୋଇ କାର୍ଯ୍ୟକାରୀ କଲେ ଯୌତୁକ କଳଙ୍କ ଲୋପ ପାଇ ଶୁଭ ପରିଣୟ ଉତ୍ସବକୁ ପବିତ୍ର କରିବ, ଏଥିରେ ସନ୍ଦେହ ନାହିଁ ।

ମାର୍କଣ୍ଡ ସାହି,
ଯମୁନା ରୋଡ୍, ପୁରୀ ।



ଯାଜପୁର ବ୍ଲକ କଂଗ୍ରେସ ଶତବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ [illegible] ......

# ଓଡ଼ିଶାର ବନ୍ୟପ୍ରାଣୀ



**ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ**

ଦିନେ ଓଡ଼ିଶାର ଜଙ୍ଗଲ ବନ୍ୟପ୍ରାଣୀରେ ଭରପୂର ଥିଲା । ଲୋକେ ଘରୁ ବାହାରକୁ ବାହାରିବାକୁ ଭୟ କରୁଥିଲେ । ପ୍ରକୃତିର କୋଳରେ ଲାଳିତ ପାଳିତ ଏହି ପ୍ରାଣୀମାନଙ୍କର ସଂଖ୍ୟା କ୍ରମେ କମିଯାଉଛି । ଜଙ୍ଗଲ ସଫା ସଙ୍ଗେ ସଙ୍ଗେ ବନ୍ୟପ୍ରାଣୀ ମାନଙ୍କର ବିଲୋପ ଘଟୁଛି । ଯେତେବେଳେ ଏ ରାଜ୍ୟ ଘଞ୍ଚ ଜଙ୍ଗଲ ଓ ବନ୍ୟ ଜନ୍ତୁରେ ଶୋଭା ପାଉଥିଲା, ସେତେବେଳେ ବନ୍ୟଜନ୍ତୁମାନ ଶିକାର କରିବା ବହୁ ଲୋକଙ୍କର ପ୍ରିୟ ଥିଲା । ରାଜାମାନେ ପାରିଧିରେ ଯାଉଥିଲେ । ଧନୀ ବ୍ୟକ୍ତିମାନେ ସଉକ ପାଇଁ ବା ମନୋରଞ୍ଜନ ପାଇଁ ଜଙ୍ଗଲରେ ଶିକାର କରି ବୁଲୁଥିଲେ । ହରିଣ, ଠେକୁଆ ବାର୍ହା, କୁଟୁରା ଆଦି ନିରୀହ ଜନ୍ତୁଙ୍କୁ ମାରି ସେମାନଙ୍କ ମାଂସ ଖାଇ ସେମାନେ ଆନନ୍ଦ ଲାଭ କଲେ । ଆଉ କେତେକ ଶିକାରୀ ଜଙ୍ଗଲରେ ବାଘ ଓ ହାତୀ ଆଦି ଜନ୍ତୁଙ୍କୁ ମାରି ଆତ୍ମ ଗୌରବ ଲାଭ କଲେ । ବନ୍ୟଜନ୍ତୁଙ୍କ ପ୍ରତି ଏପ୍ରକାର ଅବିମୃଷ୍ୟକାରିତା ର ଫଳ ଆଜି ଆମକୁ ଭୋଗ କରିବାକୁ ପଡ଼ିଲା । ଯେଉଁ ଜଙ୍ଗଲରେ ଦିନ ଦ୍ୱିପ୍ରହରରେ ମହାବଳ ବାଘ ଦେଖିବାକୁ ମିଳୁଥିଲେ, ସେଠାରେ କାଉ କୋଇଲିର ରାବ ଶୁଭୁନାହିଁ । ବାଘ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ବସିଲେ, ଠେକୁଆଟିଏ ଦେଖିବା କଷ୍ଟକର ହୋଇ ପଡୁଛି ।

ଆମର କଳା, ସଂସ୍କୃତି ଓ ସଭ୍ୟତା ସହିତ ଯେ ବନ୍ୟପ୍ରାଣୀମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏହା ସର୍ବଜନ ବିଦିତ ।

ବାଘ ଭାରତର ଜାତୀୟ ପଶୁ । ଗତ ୧୯୭୯ ମସିହା ଗଣନା ଅନୁଯାୟୀ ଓଡ଼ିଶାର ୧୭୩ଟି ବାଘ ଥିଲେ । ବାଘ ମାନଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଗତ ୧୯୭୩ ମସିହାରେ ୯ଟି ପ୍ରଦେଶରେ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ( Tiger Reserve ) ସୃଷ୍ଟିକରି କେନ୍ଦ୍ର ସରକାର ବ୍ୟାଘ୍ର ସଂରକ୍ଷଣ ଯୋଜନା (Tiger Project) ଗଠନ କଲେ । ଆମ ଓଡ଼ିଶାରେ ଶିମିଳିପାଳ ଜଙ୍ଗଲର ନିମ୍ନଲିଖିତ ଅଞ୍ଚଳକୁ ନେଇ ( Tiger Reserve ) ସୃଷ୍ଟି କରାଗଲା ।

| | | |
|---|---|---|
| କେନ୍ଦ୍ରସ୍ଥଳ | .. | ୩୦୧ ବର୍ଗ କି. ମି. |
| ବହିଃସ୍ଥଭାଗ ( Buffer Zone ) | | ୨୧୯୯ ବର୍ଗ କି. ମି |
| ମୋଟ | | ୨,୫୦୦ ବର୍ଗ କି. ମି. |

ଏହି (Tiger Reserve) ରେ ବାଘ ମାନଙ୍କୁ ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ବୈଜ୍ଞାନିକ ପ୍ରଣାଳୀରେ ସେମାନଙ୍କର ବଂଶ ବୃଦ୍ଧିପାଇଁ ବ୍ୟବସ୍ଥା କରାଗଲା । କେନ୍ଦ୍ର ଅଞ୍ଚଳ (Core area)ରେ ମନୁଷ୍ୟର କାର୍ଯ୍ୟ କଳାପ ସଂପୂର୍ଣ୍ଣ ବନ୍ଦକରି ପୂର୍ଣ୍ଣଭାବେ ଜନ୍ତୁମାନଙ୍କୁ ନିରାପତ୍ତା ଦିଆଗଲା । ବାଘ ମାନଙ୍କୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଅନ୍ୟଜନ୍ତୁ ମାନଙ୍କୁ ମଧ୍ୟ ଏଠାରେ ସଂରକ୍ଷଣ କରାଗଲା । ବିଭିନ୍ନ ପ୍ରକାର ପରିଚାଳନା କାର୍ଯ୍ୟକ୍ରମ ଯଥା ଜନ୍ତୁଶିକାର ନିରୋଧ, ଅଗ୍ନି ଦାଉରୁ ରକ୍ଷା, ମୃତ୍ତିକା ସଂରକ୍ଷଣ ବ୍ୟବସ୍ଥା, ଜଙ୍ଗଲରେ ବାସ କରୁଥିବା ଆଦିବାସୀ ମାନଙ୍କର ଅନ୍ୟତ୍ର ବସବାସର ବ୍ୟବସ୍ଥା, ସୁଚିନ୍ତିତ ଜଳ ସଂରକ୍ଷଣ ଆଦି ବ୍ୟବସ୍ଥା ଗ୍ରହଣ କରାଯାଇ ବ୍ୟାଘ୍ର ସଂରକ୍ଷଣ ଯୋଜନା କାର୍ଯ୍ୟକାରୀ କରାଯାଇଛି । ବିଶ୍ୱବନ୍ୟପ୍ରାଣୀ ପାଣ୍ଠିରୁ ( World wild life fund ) ଏହି ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ( Tiger Reserve ) ପାଇଁ ୨ଟି ଜିପ୍, ଗୋଟିଏ ପିକ୍‌ଅପ୍‌ଭ୍ୟାନ୍, ଫଟୋଚିତ୍ର ନେବାର ଯନ୍ତ୍ରପାତି, ସ୍ଲାଇଡ୍ ପ୍ରୋଜେକ୍ଟର, ବନ୍ଧୁକ, କ୍ୟାଂପ କରିବା ସରଞ୍ଜାମ ଏବଂ ଗୋଟିଏ ଅତି ଦରକାରୀ ବେତାର ବାର୍ତ୍ତା ପ୍ରେରଣ ଯନ୍ତ୍ର Telicommunicati on set ) ପ୍ରଦାନ କଲେ ।

ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ହେବା ପୂର୍ବରୁ ୧୯୭୨ ମସିହାରେ ଏହି ଅଞ୍ଚଳରେ ମାତ୍ର ୧୭ଟି ବାଘ ଥିବାର ଗଣନାରୁ ଜଣାପଡ଼ିଥିଲା । ମାତ୍ର ୧୯୭୯ ମସିହା ଗଣନା ଅନୁଯାୟୀ ଏମାନଙ୍କ ସଂଖ୍ୟା ୬୫କୁ ବୃଦ୍ଧି ପାଇଥିବାର ଦେଖାଗଲା । ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ । ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଜଣେ ନିର୍ଦ୍ଦେଶକ ସହକାରୀ ନିର୍ଦ୍ଦେଶକ ତଥା ଅନ୍ୟାନ୍ୟ କର୍ମଚାରୀ ରହିଛନ୍ତି ।

ହାତୀ ଓଡ଼ିଶାରେ ବହୁତ ଦେଖାଯାଆନ୍ତି । ଶମିଳିପାଳ ହାତୀମାନଙ୍କର ଗୋଟିଏ ବିରାଟ ଆଶ୍ରୟ ସ୍ଥଳୀ । ୧୯୭୯ ମସିହା ଗଣନା ଅନୁଯାୟୀ ଓଡ଼ିଶାରେ ସେତେବେଳେ ୨୦୪୪ଟି ହାତୀ ଥିଲେ । କଥାରେ ଅଛି ହାତୀ ଜିଅନ୍ତେ ଲକ୍ଷେ ଓ ମଲେ ବି ଲକ୍ଷେ ।

ହାତୀଦାନ୍ତ ବହୁତ ମୂଲ୍ୟବାନ୍ । ହାତୀ ବିରାଟ ଜନ୍ତୁହେଲେ ମଧ୍ୟ ପୋଷା ମାନିଲେ ବହୁତ କାମ କରିଥାଏ । ଜଙ୍ଗଲରୁ ହାତୀ ଦ୍ୱାରା କାଠ ଟଣା ଯାଇପାରେ । ଚନ୍ଦକା ଅଞ୍ଚଳରେ ହାତୀମାନଙ୍କ ସୁରକ୍ଷା ପାଇଁ ଚନ୍ଦକା ଅଭୟାରଣ୍ୟ ସୃଷ୍ଟି କରାଯାଇଛି ଓ ଗୋଟିଏ

( Elephant Reserve ) ଗଠନ କରାଯାଇଛି । ଏ ଅଞ୍ଚଳରେ ବନ୍ୟପ୍ରାଣୀ ମାନଙ୍କ ପରିଗ୍ରହଣ ପାଇଁ ଗୋଟିଏ ବନ୍ୟପ୍ରାଣୀ ଭିତିକନ ସୃଷ୍ଟି କରାଯାଇଛି । ବାଘ ଓ ହାତୀ ଛଡ଼ା ଓଡ଼ିଶାରେ ଚିତାବାଘ, ଭାଲୁ, ଗୟଳ, ନୀଳଗାଈ, ହରିଣ, ସମ୍ବର, କୁଟୁରା, କୃଷ୍ଣସାର, ଚଉସିଂଘା, ବଣ ବିରାଡ଼ି, ଜଙ୍ଗଲ କୁକୁର, ହାଇନା, ମାଙ୍କଡ଼ ମୟୂର, କଇଁଛ, ଘଡ଼ିଆଳ କୁମ୍ଭୀର, ଗୋମୁହାଁ, ବଉଳା କୁମ୍ଭୀର, ଶଙ୍ଖଚୂଡ଼, ଅଜଗର ଆଦି ବିଭିନ୍ନ ସାପ ଦେଖାଯାଆନ୍ତି । ଅରଣା ମଇଁଷି ( Wild Buffalo ) ପ୍ରାୟ ସଂପୂର୍ଣ ଲୋପ ପାଇଗଲେଣି । ଅଳ୍ପ କେତୋଟି ଅରଣ୍ୟ ମଇଁଷି କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ଥାଇ ପାରନ୍ତି । ଆମ ଜଙ୍ଗଲରେ ବଡ଼ସିଙ୍ଗା ହରିଣ ଓ ସୁନ୍ଦର ସ୍ୱେଶିଙ୍ଗା ଆଉ ଦେଖା ଯାଉନାହାନ୍ତି । ପୁରୀ ଜିଲ୍ଲାରେ ବାଲୁଖଣ୍ଡ ଜଙ୍ଗଲରେ ବହୁତ କୃଷ୍ଣସାର (Black Bick) ଦେଖାଯାଆନ୍ତି । ଏହା ଛଡ଼ା ଗଞ୍ଜାମ ଜିଲାର ଭେଟନଇ ଅଞ୍ଚଳରେ ଲୋକମାନଙ୍କ ସହଯୋଗ ଯୋଗୁଁ ବହୁତ କୃଷ୍ଣସାର ମୁକ୍ତଭାବେ ବିହରଣ କରି ରହିଥିବାର ଦେଖାଯାଉଛି ।



ଓଡ଼ିଶା ବଙ୍ଗୋପସାଗର କୂଳ ଗହୀରମାଥା ଅଞ୍ଚଳରେ ବହୁତ କଇଁଛ ଆସି ଅଣ୍ଡା ଦେବାର ଦେଖାଯାଏ । ଏମାନଙ୍କ ସଂଖ୍ୟା ଦୁଇ ଲକ୍ଷରୁ ଅଧିକ ବୋଲି ଅନୁମାନ କରାଯାଏ । କଇଁଛ ମାଂସ ଓ ଚମଡ଼ାର ବିଦେଶ ବଜାରରେ ବହୁତ ଚାହିଦା ଅଛି । କଇଁଛ ତେଲର ମଧ୍ୟ ବହୁତ ଚାହିଦା ଅଛି ।

ଆମ ଓଡ଼ିଶାରେ ତିନିପ୍ରକାର କୁମ୍ଭୀର ଦେଖାଯାଆନ୍ତି । ଯଥା (୧) ଘଡ଼ିଆଳ କୁମ୍ଭୀର (Ghaxial) (୨) ଗୋମୁହାଁ, କୁମ୍ଭୀର ( Migger ) (୩) ବଉଳା କୁମ୍ଭୀର (Salt water-Crocodile କୁମ୍ଭୀର ମାନଙ୍କ ଚମଡ଼ା ବହୁତ ମୂଲ୍ୟବାନ ।

ଘଡ଼ିଆଳ କୁମ୍ଭୀର ମାନେ ନଦୀରେ ବାସ କରନ୍ତି । ଏମାନଙ୍କର ଗୋଟିଏ ଲମ୍ବ ଥଣ୍ଟଥାଏ । ଏହି ଥଣ୍ଟର ଦୁଇକଡ଼ରେ ସରୁ ସରୁ ଦାନ୍ତ ଥାଏ । ଏମାନେ ପ୍ରାୟ ୧୫–୨୦ ଫୁଟ ଲମ୍ବ ।

ଗୋମୁହାଁ, କୁମ୍ଭୀରକୁ ମାଟିଆ କୁମ୍ଭୀର ମଧ୍ୟ କୁହାଯାଏ । ଏମାନେ ୧୮ ଫୁଟ ଲମ୍ବ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନେ ନଦୀ, ପୋଖରୀ ଓ ହ୍ରଦ ମାନଙ୍କରେ ବାସ କରନ୍ତି । ଛୋଟ ବେଳେ ଏମାନେ ବଡ଼ ବଡ଼ ପୋକ, ଝିଣ୍ଟିକା, ଗେଣ୍ଡା ଓ ମାଛ ଇତ୍ୟାଦି ଖାଆନ୍ତି । ବଡ଼ ହେଲେ ମାଛ ବ୍ୟତୀତ ସାନଛେଳି ଓ କୁକୁର ଇତ୍ୟାଦି ମଧ୍ୟ ଖାଇ ପାରନ୍ତି ।

ବଉଳା କୁମ୍ଭୀର ୩୦ ଫୁଟ ପର୍ଯ୍ୟନ୍ତ ବଢୁଥିବାର ଦେଖାଯାଏ । କୁମ୍ଭୀର ମାନଙ୍କ ମଧ୍ୟରେ ଏମାନେ ସବୁଠାରୁ ଅଧିକ ବଢୁଆ ।

ଏହି ତିନିପ୍ରକାର କୁମ୍ଭୀରମାନଙ୍କ ଗବେଷଣା ଓ ସଂରକ୍ଷଣ ଓଡ଼ିଶାର ବିଭିନ୍ନ ସ୍ଥାନରେ କରାଯାଉଛି । ଯଥା—ଘଡ଼ିଆଳ କୁମ୍ଭୀର ପାଇଁ ଟିକରପଡ଼ାଠାରେ, ବଉଳା କୁମ୍ଭୀର ପାଇଁ ଭିତର କନିକା ଠାରେ, ଗୋମୁହାଁ, କୁମ୍ଭୀର ପାଇଁ ଯଶପୁର ନିକଟସ୍ଥ ରାମତୀର୍ଥଠାରେ ଏବଂ ସମସ୍ତ ୩ ପ୍ରକାର କୁମ୍ଭୀର ମାନଙ୍କ ପାଇଁ ଆବଦ୍ଧ ପ୍ରଜନନ କେନ୍ଦ୍ର ନନ୍ଦନକାନନ ଠାରେ ଗତ ୧୯୭୫ ମସିହା ଠାରୁ ପ୍ରତିଷ୍ଠା କରାଯାଇଛି ।

ମଧ୍ୟପ୍ରଦେଶର କୁଖ୍ୟାତ ଡ଼ାକୁ ଅଞ୍ଚଳ ଚମ୍ବଲ ନଦୀର ବାଲୁକା ଶଯ୍ୟାରୁ ଘଡ଼ିଆଳ କୁମ୍ଭୀର ଅଣ୍ଡା ସଂଗ୍ରହ କରି ଟିକରପଡ଼ା ଅଣାଯାଇ ସେଥିରୁ ଛୁଆ କରାଯାଉଥିଲା ଓ ଛୁଆ ଗୁଡ଼ିକ ସ୍ୱତନ୍ତ୍ର ପାଣିକୁଣ୍ଡରେ ୧.୨ ମିଟର ଲମ୍ବ ହେବା ପର୍ଯ୍ୟନ୍ତ ବଢ଼ାଇଲା ପରେ, ସେଗୁଡ଼ିକୁ ମହାନଦୀରେ ଛଡ଼ା ଯାଉଥିଲା । ଗତ ଦୁଇବର୍ଷ ହେଲା ଆଉ ଚମ୍ବଲ ନଦୀରୁ ଅଣ୍ଡା ଅଣାଯାଉ ନାହିଁ । ମହାନଦୀରେ ଛଡ଼ା ଯାଇଥିବା କୁମ୍ଭୀରମାନେ ବଡ଼ହୋଇ ବର୍ତ୍ତମାନ ନଦୀ ବାଲିରେ ଅଣ୍ଡା ଦେଉଛନ୍ତି । ସେହି ଅଣ୍ଡାରୁ ଛୁଆ ବାହାରିଲା ପରେ ସେଗୁଡ଼ିକୁ ସଂଗ୍ରହ କରି ଆଣି ସ୍ୱତନ୍ତ୍ର ପାଣି କୁଣ୍ଡରେ ବଢ଼ା ଯାଉଛି । ଏମାନେ ଉପରୋକ୍ତ ଲମ୍ବ ହେଲାପରେ ପୁଣି ନଦୀ ପାଣିରେ ଛାଡ଼ି ଦିଆଯାଉଛି ।

ସେହିପରି ଗୋମୁହାଁ ଓ ବଉଳା କୁମ୍ଭୀର ମଧ୍ୟ ସ୍ୱତନ୍ତ୍ର ପାଣି କୁଣ୍ଡରେ ବଢ଼ାଯାଇ ସେମାନଙ୍କ ପ୍ରାକୃତିକ ବାସସ୍ଥଳ ଯଥାକ୍ରମେ ନଦୀ ଓ ସମୁଦ୍ରରେ ଛାଡ଼ି ଦିଆଯାଉଅଛି ।



ବାରଙ୍ଗଠାରେ ଥିବା ନନ୍ଦନକାନନ ପ୍ରାଣୀଉଦ୍ୟାନ ସାରା ଭାରତବର୍ଷରେ ଖ୍ୟାତି ଅର୍ଜନ କରିପାରିଛି । ଏଠାରେ ଥିବା ସିଂହ-ସଫାରୀ ପାର୍କ ଓ ପିଲଙ୍କ ପାଇଁ ଛୋଟ ରେଳଗାଡ଼ି ଏହାର ବିଶେଷତ୍ୱ । ଧଳାବାଘ ମଧ୍ୟ ନନ୍ଦନକାନନର ଆଉ ଏକ ବିଶେଷ ଆକର୍ଷଣ । ନନ୍ଦନକାନନରେ ଘଡ଼ିଆଳ କୁମ୍ଭୀର ସାରା ବିଶ୍ୱରେ ପ୍ରଥମ ଥର ପାଇଁ ଆବଦ୍ଧତା ମଧ୍ୟରେ ସହବାସ କରି ଗତ ୧୯୮୦ ମସିହା ମାର୍ଚ୍ଚ ମାସରେ ୨୫ ଟି ଅଣ୍ଡା ଦେଇଥିଲେ । ନନ୍ଦନକାନନ ଓ ତାର ଆଖପାଖ ଜଙ୍ଗଲକୁ ନେଇ ନନ୍ଦନକାନନ ଅଭୟାରଣ୍ୟ ଘୋଷିତ କରାଯାଇଛି ।



ମରାଛ ମାଳିନୀ ନୀଳାମ୍ବୁ ଚିଲିକାକୁ ପକ୍ଷୀମାନଙ୍କର ଅଭୟାରଣ୍ୟରେ ପରିଣତ କରାଯାଇଛି । ଏଠାକୁ ଶୀତଋତୁରେ ବହୁ ଦେଶଦେଶାନ୍ତରରୁ ବିଭିନ୍ନ ପ୍ରକାର ପକ୍ଷୀମାନେ ଆସିଥାଆନ୍ତି ।

ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ୧୯୫୨ ମସିହାରେ ବନ୍ୟଜନ୍ତୁ ପରିଷଦ ଗଠନ କରାଗଲା । ଏହି ପରିଷଦ ବନ୍ୟପ୍ରାଣୀମାନଙ୍କ ପାଇଁ ଅଭୟାରଣ୍ୟ ସୃଷ୍ଟି ହେଉ ବୋଲି ସୁପାରିଶ କଲେ ଓ ଲୋପ ପାଇ ଯାଉଥିବା ବନ୍ୟପ୍ରାଣୀଙ୍କ ଶିକାର ନିଷେଧ କଲେ ।

୧୯୭୨ ମସିହାରେ ଭାରତସରକାର ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୟନ କଲେ ଏବଂ ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ରାଜ୍ୟରେ ଏହା ପ୍ରଣୟନ କରିବା ପାଇଁ ପରାମର୍ଶ ଦେଲେ ।

ଆମ ରାଜ୍ୟରେ ୧୯୭୪ ମସିହାରେ ତାହା ପ୍ରଚଳନ ହେଲା । ଏହି ଆଇନ ଅନୁସାରେ ଆମ ଓଡ଼ିଶାରେ ଅଭୟାରଣ୍ୟମାନ ସୃଷ୍ଟି କରାଗଲା ।

ଧ୍ୱଂସ ମୁଖରୁ ଓଡ଼ିଶାର ବନ୍ୟ ପଶୁପକ୍ଷୀମାନଙ୍କୁ ଉଦ୍ଧାର କରାଯିବା ପାଇଁ ସମଗ୍ର ରାଜ୍ୟରେ ପଶୁପକ୍ଷୀ ମାରିବା ନିଷେଧ କରାଯାଇଛି । ବନ୍ୟଜନ୍ତୁ ସଂରକ୍ଷଣ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବାପାଇଁ ଏବଂ ଅଭୟାରଣ୍ୟ ଗୁଡ଼ିକର ଅଭିବୃଦ୍ଧି ପାଇଁ ବନ ବିଭାଗରେ ଗୋଟିଏ ବନ୍ୟପ୍ରାଣୀ ସଂସ୍ଥା ଗଠନ କରାଯାଇଛି । ସେଥିରେ ଜଣେ ଅତିରିକ୍ତ ମୁଖ୍ୟ ବନସଂରକ୍ଷକ ଓ ସାତଜଣ ବନ୍ୟପ୍ରାଣୀ ସଂରକ୍ଷକ ତଥା ଆନୁସଙ୍ଗିକ କର୍ମଚାରୀ ଅଛନ୍ତି । ସମସ୍ତ ବନଖଣ୍ଡ ଅଧିକାରୀଙ୍କୁ ବନ୍ୟଜନ୍ତୁ ତତ୍ତ୍ୱାବଧାରକ (Wild lifi warden) ବୋଲି ଘୋଷଣା କରାଯାଇଛି । ଏହାଦ୍ୱାରା ଓଡ଼ିଶା ଜଙ୍ଗଲରେ ବନ୍ୟପ୍ରାଣୀ ମାନଙ୍କର ସଂଖ୍ୟା କ୍ରମେ ବୃଦ୍ଧି କରାଯାଇ ପାରୁଛି ।

ବର୍ତ୍ତମାନ ପରିସ୍ଥିତିରେ ବନ୍ୟଜନ୍ତୁମାନଙ୍କୁ ଧ୍ୱଂସ ମୁଖରୁ ରକ୍ଷା କରିବାର ଏକମାତ୍ର ଉପାୟ ହେଉଛି ଅଭୟାରଣ୍ୟ ସୃଷ୍ଟି । କାରଣ ସେମାନଙ୍କର ଆଶ୍ରୟସ୍ଥଳୀ ଅଭୟାରଣ୍ୟ ସଂଖ୍ୟା ଅଧିକ ହେଲେ ସେମାନେ ନିରାପଦରେ ବଂଶ ବୃଦ୍ଧି କରି ପାରିବେ । ସେମାନଙ୍କ ବାସସ୍ଥଳୀ ରୂପେ ଜଣାଶୁଣା ସ୍ଥାନ ମାନଙ୍କରେ କଠୋର ନିରାପତ୍ତାର ବ୍ୟବସ୍ଥା ଦରକାର । ସେମାନଙ୍କୁ କୌଣସି ପ୍ରକାରେ ମାରିବା, ଧରିବା ବା ରପ୍ତାନି କରିବା ଉପରେ କଠୋର କଟକଣା ଦରକାର । ତା'ଛଡ଼ା ବନ୍ୟପ୍ରାଣୀମାନଙ୍କ ବଂଶବୃଦ୍ଧି ପାଇଁ ବୈଜ୍ଞାନିକ ଗବେଷଣା ମଧ୍ୟ ଆବଶ୍ୟକ ।

ଡେପୁଟି କନ୍ଜରଭେଟର ଅଫ୍ ଫରେଷ୍ଟ ।
ଭୁବନେଶ୍ୱର ।



# ଆବର୍ଜନାରୁ ଇନ୍ଧନ

ଡାକ୍ତର ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ

**ବି**ଡ ବଡ ସହରମାନଙ୍କରେ ଅନେକ ଅଳିଆ ଆବର୍ଜନା ଜମେ । ଏହି ଆବର୍ଜନାରେ କେବଳ ପତ୍ରସଢ଼ା ଜିନିଷର ପରିମାଣ ଅନ୍ୟାନ୍ୟ ଜିନିଷ ତୁଳନାରେ ଅଧିକ । ଗୋଟିଏ ପରୀକ୍ଷାରୁ ଜଣାଯାଇଛି ଯେ କଲିକତାରେ ଏହାର ପରିମାଣ ଶତକଡା ୪୭.୨ । କିନ୍ତୁ ବାଙ୍ଗାଲୋରରେ ଏହାର ପରିମାଣ ଶତକଡା ୭୫.୨ । ଭାରତ ଗୋଟିଏ କୃଷି ପ୍ରଧାନ ଦେଶ । ତେଣୁ ଦେଶର ଅଳିଆ ଆବର୍ଜନାରେ କୃଷିଜାତ ଅନାବଶ୍ୟକ ଦ୍ରବ୍ୟର ପରିମାଣ ବେଶିହେବା ସ୍ୱାଭାବିକ । ସେହି କାରଣରୁ ଆବର୍ଜନାକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଦୃଷ୍ଟି ଦିଆଯିବା ନିହାତି ଦରକାର ।

ଦେଶରେ ବା ବିଦେଶରୁ ଆମଦାନି ବୈଷୟିକ ଜ୍ଞାନ ଓ ସୁବିଧା ସୁଯୋଗ ଅନୁସାରେ ସହରର ଆବର୍ଜନାକୁ ନିମ୍ନଲିଖିତ ପ୍ରକାରରେ ନିଷ୍କାସନ କରାଯାଇପାରେ ।

୧. ପୋଡ଼ିବା (*Inceration* )–ଆବର୍ଜନାକୁ ଖୋଲାରେ ପୋଡ଼ି ତା ପାଉଁଶକୁ କୌଣସି କାମରେ ଲଗେଇବାକୁ *Inceration* କହନ୍ତି ।

୨. ପାଇରୋଲାଇସିସ୍–ଆବର୍ଜନାକୁ ବାୟୁହୀନ କୋଠରୀରେ ପୋଡ଼ିବାକୁ ପାଇରୋଲାଇସିସ୍ ( *Pyrolysis* ) କହନ୍ତି ।

ଏଇ ଧାରାରେ ଆବର୍ଜନାକୁ ନିଷ୍କାସନ କରିବା ଆଜିକାଲି ବେଶୀ ଦେଖାଯାଏ । କାରଣ ଏଥିରୁ ଇନ୍ଧନ ଉପଯୋଗୀ ବାଷ୍ପ ଓ ତେଲ ଉଭୟ ପ୍ରସ୍ତୁତ ହୋଇପାରେ । ୭୦୦° ରୁ ୮୦୦° ସେଣ୍ଟିଗ୍ରେଡ୍ ଉତ୍ତାପ ପ୍ରୟୋଗ କରି ଆବର୍ଜନାକୁ ଇନ୍ଧନ ଉପଯୋଗୀ ବାଷ୍ପ ଓ ତୈଳ ବାହାର କରାଯାଏ । ବାଷ୍ପୀୟ ଅବସ୍ଥାରେ ମିଥେନ୍ ଇତ୍ୟାଦି ଇନ୍ଧନ ଉପଯୋଗୀ ଦ୍ରବ୍ୟ ଓ ତରଳ ଅବସ୍ଥାରେ ମିଥେନ୍, ବ୍ୟୁଟେନ୍, ଉଦଯାନ ଓ କାରବନ୍ ଇତ୍ୟାଦି ଉତ୍ପାଦନ ହୁଏ । ମିଥେନ୍ ଓ ପ୍ରୋପେନ୍ ଥିବା ତରଳ ପଦାର୍ଥ ଇନ୍ଧନ ଉପଯୋଗୀ । ତେଣୁ ଏହି ପଦ୍ଧତିରେ ସହରର ଆବର୍ଜନା ନିଷ୍କାସନ କରାଯିବାର ଯଥାର୍ଥତା ବିଶେଷକରି ଆମ ଦେଶରେ ନିଶ୍ଚୟ ଅଛି । ଏହା ଦ୍ୱାରା ଗୋଟିଏ ବାଣରେ ଦୁଇଟି ପକ୍ଷୀ ମାରିବା ନ୍ୟାୟ ସାଧିତ ହୋଇପାରିବ । ଅର୍ଥାତ୍ ଆବର୍ଜନାକୁ ନିଷ୍କାସନ କରିବା ସଙ୍ଗେ ସଙ୍ଗେ ଦେଶର ଇନ୍ଧନ ତୈଳ ସମସ୍ୟା ସମାଧାନ ହୋଇ ପାରିବ । ଆହୁରି ଦେଶର ଅତି ଦରକାରୀ ବିଦେଶୀ ମୁଦ୍ରା ଖର୍ଚ୍ଚ କମିଯିବ । ଆବର୍ଜନାରେ ଥିବା କାଗଜ ଜାତୀୟ ଅନ୍ୟାନ୍ୟ ଦ୍ରବ୍ୟଗୁଡ଼ିକୁ କାଗଜ ପାଇଁ ପ୍ରସ୍ତୁତ କରାଯାଇ ପାରିବ ।

୩. ଜୈବିକ ବିବର୍ଜନ–ଆବର୍ଜନାକୁ ଜୈବିକ ବିବର୍ଜନ ( *Biodegradation* ) ଦ୍ୱାରା ମଧ୍ୟ ନିଷ୍କାସନ କରାଯାଇପାରେ । ଏହା ଦୁଇ ପ୍ରକାରରେ ହୁଏ । ଯଥା–ବାୟୁ ଥିବା ( *Aerobic* ) ବା ବାୟୁ ନ ଥିବା ( *Anerobic* ) ଅବସ୍ଥାରେ କରାଯାଇ ପାରେ । ବାୟୁହୀନ ( *Anerobic* ) ପଦ୍ଧତି ଅନ୍ୟଟି ଅପେକ୍ଷା ବେଶି ଆଦୃତ । ପନି ପରିବା ତଥା କଦଳୀ ଓ କମଳା ଚୋପା ଇତ୍ୟାଦି ଯାହା ବ୍ୟବହାର ଉପଯୋଗୀ ନୁହେଁ ସେଗୁଡ଼ିକ ଜୈବିକ ବିବର୍ଜନ କରାଯାଇ ତହିଁରୁ ଇନ୍ଧନ ଉପଯୋଗୀ ବାଷ୍ପ ଉତ୍ପାଦନ କରିହେବ ।

ଏତଦ୍‌ବ୍ୟତୀତ ଆହୁରି ଗୋଟିଏ ଉପାୟରେ ମଧ୍ୟ ଆବର୍ଜନାକୁ ନିଷ୍କାସନ କରାଯାଇପାରେ । ତାକୁ ବାଷ୍ପିକରଣ କୁହାଯାଏ । କିନ୍ତୁ ଏଥିରୁ ମିଥେନ୍ ବାହାରେ ନାହିଁ । ଅନ୍ୟାନ୍ୟ କେତେକ ବ୍ୟବହାର ଉପଯୋଗୀ ବାଷ୍ପ ମିଳେ ।

ଏହିସବୁ ପଦ୍ଧତିଗୁଡ଼ିକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ପାଇରୋଲାଇସିସ୍ ପଦ୍ଧତି ହିଁ ସର୍ବୋତ୍କୃଷ୍ଟ । କାରଣ ତଦ୍ୱାରା ବ୍ୟବହାର ଉପଯୋଗୀ ବାଷ୍ପ ମିଳିବା ସହିତ ତଳେ ବସିଯାଇଥିବା ଦ୍ରବ୍ୟକୁ ସିମେଣ୍ଟ ରୂପେ ବ୍ୟବହାର କରାଯାଇ ପାରେ । ଏ ପଦ୍ଧତିରେ ଆହୁରି ଗୋଟିଏ ସୁବିଧା ଅଛି । ଏଥିରୁ ଉତ୍ପାଦିତ ଇନ୍ଧନରେ ସଲ୍‌ଫର ଭାଗ ନାହିଁ କହିଲେ ଚଳେ । ଯବକ୍ଷାରଜାନ ଭାଗ ମଧ୍ୟ ଅତି କମ । ତେଣୁ ଅନ୍ୟାନ୍ୟ ଇନ୍ଧନ ତୁଳନାରେ ଏ ଇନ୍ଧନ ପୋଡ଼ିଲେ ବାୟୁମଣ୍ଡଳ ଦୂଷିତ ଖୁବ୍ କମ । ସହରର ଆବର୍ଜନାରେ କାଚ, ପ୍ଲାଷ୍ଟିକ ଓ ବିଭିନ୍ନ ଧାତବ ବସ୍ତୁ ମଧ୍ୟ ଥାଏ । ଏଭଳି ବସ୍ତୁର ଭାଗ ଆବର୍ଜନାରେ ଯେତେ ଅଧିକ ରହିବ ବାଷ୍ପ ଉତ୍ପାଦନ ସେତିକି କମ ହୁଏ ।

ପତ୍ରସଢ଼ା ଜିନିଷରୁ ଚାପ ଓ ତାପ ଦ୍ୱାରା ଇନ୍ଧନ ଉତ୍ପାଦନ ବୈଷୟିକ ଜ୍ଞାନର ଦକ୍ଷତା ହାସଲ ହେଲେ ଘାସ ଓ ସେହି ଜାତୀୟ ପିଙ୍ଗା ଚୋପଡ଼ା ଦ୍ରବ୍ୟରୁ ମଧ୍ୟ ଇନ୍ଧନ ମିଳି ପାରିବ । ଅନୁମାନ କରାଯାଏ ଯେ ଏହି ପଦ୍ଧତିରେ ଉଦ୍ଭିଦ ଜାତୀୟ ପଦାର୍ଥରେ ଥିବା ଅମ୍ଳଯାନ ବା କାରବନ୍ ମୋନାକ୍ସାଇଡ୍ ଦ୍ୱାରା ବାହାର କରି ଦିଆ ଯାଉଛି । ମାତ୍ର ଉଦ୍‌ଯାନ ମିଶେଇବାକୁ ପଡ଼େ ନାହିଁ ।

ଏ ଦିଗରେ ଦୀର୍ଘପନ୍ଥ ଦୃଷ୍ଟିଦେଲେ ଆମ ଦେଶର ସହରମାନଙ୍କରେ ପ୍ରତିଦିନ ଗଦା ହେଉଥିବା ଅଳିଆ ଆବର୍ଜନା ସଫା ହେବା ସହିତ ଦେଶର ଇନ୍ଧନ ସମସ୍ୟା ସମାଧାନ ହୁଅନ୍ତା ଓ ସହରର ପରିବେଶ ସ୍ୱାସ୍ଥ୍ୟକର ରହନ୍ତା ।

ରିଜିଓନାଲ୍ ରିସର୍ଚ୍ଚ ଲାବୋରେଟୋରୀ, ଭୁବନେଶ୍ୱର

# ଗ୍ରାମୀଣ ମହିଳାମାନଙ୍କର ଅର୍ଥନୈତିକ ଅବଦାନ

ଡକ୍ଟର ଶୈଳବାଳା ଦେବୀ

ପ୍ରତ୍ୟେକ ସମାଜରେ ମହିଳାମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଯୁଗ ଯୁଗ ଧରି ସମସ୍ତଙ୍କର ଏକ କାଳ୍ପନିକ ଧାରଣା ରହିଆସିଛି ଯେ, ଉତ୍ପାଦନରେ ମହିଳାମାନଙ୍କର ଅବଦାନ ପୁରୁଷମାନଙ୍କ ତୁଳନାରେ ଗୌଣ । ଏହି ଧାରଣାର ବଶବର୍ତ୍ତୀ ହୋଇ ସମଗ୍ର ମାନବ ସମାଜ, ଅର୍ଥନୈତିକ ତଥା ସାମାଜିକ ଦୃଷ୍ଟି କୋଣରୁ ମହିଳାମାନଙ୍କୁ ନୂତନ ଚକ୍ଷୁରେ ଦେଖି ଆସୁଛନ୍ତି । ମହିଳାମାନେ ସାଧାରଣତଃ ଗୃହକାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଘର ବାହାରେ ଅନେକ କାର୍ଯ୍ୟ କରିଥାନ୍ତି । ବିଭିନ୍ନ ସାମାଜିକ ପ୍ରକ୍ରିୟାସହ, ସେମାନଙ୍କର କୃଷି, ଶିଳ୍ପ ଓ ଗୃହ କର୍ମାଦିରେ ଅଂଶ ଗ୍ରହଣକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ପୁରୁଷମାନଙ୍କ ତୁଳନାରେ ଏହା କିଛି କମ ନୁହଁ । ନିକଟରେ ନାଇରୋବିଠାରେ ଅନୁଷ୍ଠିତ ଅନ୍ତର୍ଜାତିକ ମହିଳା ସମ୍ମିଳନୀରେ ମହିଳାମାନଙ୍କର ଗୃହ କର୍ମକୁ ଉତ୍ପାଦନର ସହାୟକ ଶ୍ରମ ରୂପେ ହିସାବକୁ ନେବାପାଇଁ ଦୃଢ଼ ମତ ପ୍ରକାଶ ପାଇଛି । ଏହା ସହିତ ଏହି ଶ୍ରମର ଉପଯୁକ୍ତ ମୂଲ୍ୟାୟନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି । ଉକ୍ତ ସମ୍ମିଳନୀରେ ମତ ପ୍ରକାଶ ପାଇଛି ଯେ, ଯଦି ମହିଳାମାନଙ୍କୁ ସେମାନଙ୍କର ଗୃହକର୍ମପାଇଁ ମଜୁରୀ ଦିଆଯାଏ, ତେବେ ତାହା ଜାତୀୟ ଆୟର ଅର୍ଦ୍ଧେକ ହେବ ।

ଏହି ପରିପ୍ରେକ୍ଷୀରେ, ଆମ ରାଜ୍ୟପରି ଏକ ଗ୍ରାମବହୁଳ ରାଜ୍ୟରେ, ଗ୍ରାମାଞ୍ଚଳ ମହିଳାମାନଙ୍କର ଅର୍ଥନୈତିକ ଅବଦାନକୁ ମୂଲ୍ୟାୟନ କରିବା ଲକ୍ଷ୍ୟ ନେଇ ଏକ ଗବେଷଣାତ୍ମକ ଅନୁଧ୍ୟାନ କରାଯାଇଅଛି । ଏହି ଅନୁଧ୍ୟାନ ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ୍‌ରେ କରାଯାଇଅଛି । ଏଠାରେ ଅର୍ଥନୈତିକ ଦୃଷ୍ଟିକୋଣରୁ ମହିଳାମାନଙ୍କ ଅବଦାନକୁ ଦୁଇଗୋଟି ଲକ୍ଷ୍ୟ ନେଇ ବିଚାର କରାଯାଇଅଛି । ପ୍ରଥମତଃ, ସେମାନଙ୍କର କୃଷି ଉତ୍ପାଦନକୁ ଅବଦାନ ଓ ଦ୍ୱିତୀୟତଃ, ପାରିବାରିକ ଆୟକୁ ଅବଦାନ ।

ଓଡ଼ିଶାର ଅର୍ଥନୈତିକ ନୀତି ମୁଖ୍ୟତଃ କୃଷି ଉପରେ ନିର୍ଭର କରେ । ରାଜ୍ୟର ମୋଟ ଆୟର ଶତକଡ଼ା ୬୦ଭାଗ କୃଷିରୁହିଁ ମିଳିଥାଏ । ଆମ ରାଜ୍ୟରେ ୮୯ ପ୍ରତିଶତ ମହିଳା ଗ୍ରାମାଞ୍ଚଳରେ ବାସ କରନ୍ତି । ତନ୍ମଧ୍ୟରୁ ୯୫ ପ୍ରତିଶତ ମହିଳା ଶ୍ରମିକା ଓ ସେମାନଙ୍କ ମଧ୍ୟରୁ କୃଷି କିମ୍ବା କୃଷି କାର୍ଯ୍ୟର ଶ୍ରମିକା ରୂପେ ପ୍ରାୟ ୭୮ ପ୍ରତିଶତ ମହିଳା ନିଯୁକ୍ତ । ଶିକ୍ଷା କ୍ଷେତ୍ରରେ ମଧ୍ୟ ଆମ ରାଜ୍ୟର ମହିଳାମାନେ ବହୁ ପଛରେ । ୧୯୮୧ ମସିହା ଜନଗଣନା ଅନୁଯାୟୀ ଗ୍ରାମାଞ୍ଚଳରେ ସାକ୍ଷର ପୁରୁଷମାନଙ୍କ ସଂଖ୍ୟା ୪୪.୨୮ ପ୍ରତିଶତ ଥିବାବେଳେ ମହିଳାମାନଙ୍କ ସଂଖ୍ୟା ମାତ୍ର ୧୮.୪୬ ପ୍ରତିଶତ ଅଟେ । ଗ୍ରାମାଞ୍ଚଳରେ ବିନିଯୋଗ ସମଗ୍ର ଶ୍ରମ ଶକ୍ତିର ୫୬.୯୮ ପ୍ରତିଶତ ପୁରୁଷ ଥିବାବେଳେ, ୨୦.୯୪ ପ୍ରତିଶତ ହେଉଛନ୍ତି ମହିଳା । ଏହି ପରିପ୍ରେକ୍ଷୀରେ ବିଚାର କରିବା କଥା ଯେ, ଆମ ରାଜ୍ୟରେ ଗ୍ରାମୀଣ ମହିଳାମାନଙ୍କର କୃଷି ଉତ୍ପାଦନ ଓ ପାରିବାରିକ ଆୟ ବୃଦ୍ଧିରେ ଅବଦାନ କେତେ ?

କୃଷି କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ବିଷୟରେ ପ୍ରଥମେ ସମ୍ୟକ୍ ଆଲୋକପାତ କରାଯାଉ । କୃଷି ଉତ୍ପାଦନ ବୃଦ୍ଧିରେ ମହିଳାମାନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଆବଶ୍ୟକ ହେଉଥିବା ଶ୍ରମଦିବସରୁ ତିନି ଚତୁର୍ଥାଂଶ କେବଳ ମହିଳାମାନଙ୍କ ଦ୍ୱାରାହିଁ କରାଯାଇଥାଏ । ଏହିକାର୍ଯ୍ୟ ମହିଳାମାନେ ସେମାନଙ୍କର ଗୃହକାର୍ଯ୍ୟ କରିବା ସହିତ କରିଥାନ୍ତି । ଏହିପରି ଅନେକ କାର୍ଯ୍ୟ ଅଛି ଯାହାକି ପ୍ରକାରାନ୍ତରେ କୃଷି ଉତ୍ପାଦନରେ ସାହାଯ୍ୟ କରିଥାଏ, କିନ୍ତୁ ସେସବୁ ହିସାବକୁ ନିଆଯାଏ ନାହିଁ କିମ୍ବା ସେଥିପାଇଁ ମହିଳାମାନେ ମଜୁରୀ ଆକାରରେ କିଛି ପାଆନ୍ତି ନାହିଁ । ଏହି ପ୍ରବନ୍ଧରେ ଗ୍ରାମାଞ୍ଚଳ ମହିଳାମାନଙ୍କର ଅବଦାନକୁ ଅର୍ଥନୈତିକ ଦୃଷ୍ଟି କୋଣରୁ ବିଚାର କରି ମୂଲ୍ୟାୟନ କରାଯାଉଅଛି ।

୧୯୮୧ ମସିହା ଜନଗଣନାରେ ଦର୍ଶାଯାଇଛି ଯେ, ଗ୍ରାମାଞ୍ଚଳରେ ୯.୩୩ ପ୍ରତିଶତ ମହିଳା କୃଷି କାର୍ଯ୍ୟରେ ଅଂଶ କରିଅଛନ୍ତି । କିନ୍ତୁ କୃଷି କାର୍ଯ୍ୟରେ ସଂପୃକ୍ତ ଅନେକ କାର୍ଯ୍ୟ ଯାହାକି ମହିଳାମାନେ ହିଁ କରିଥାନ୍ତି, ତାର ହିସାବ ଉକ୍ତ ହିସାବରେ ଅନ୍ତର୍ଭୁକ୍ତ ନୁହେଁ । କୃଷି ଉପଲକ୍ଷେ ଖତ (ଗୋବର) ସଂଗ୍ରହ, ଖତକୁ ବିଲରେ ପହଞ୍ଚାଇବା, ବିହନ



ଏବଂ ବିଲକୁ ବୋହିବା, ବିଲରେ ହିଡଦେବା, ବିଲକୁ ଜଳସେଚନ କରିବା (ପାଣି ମଡାଇବା), ବଳଦମାନଙ୍କର ଯତ୍ନ ନେବା (ତାଙ୍କୁ ଖାଇବାକୁ ଦେବା ଇତ୍ୟାଦି) ଆଦି କାର୍ଯ୍ୟ ବହୁତ ମହିଳାମାନଙ୍କ ଦ୍ୱାରାହିଁ ହୋଇଥାଏ । ମୂଲିଆ, ମଜୁରିଆଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ତାହା ନେଇ ବିଲରେ ପହଞ୍ଚାଇବା କାର୍ଯ୍ୟ ମଧ୍ୟ ମହିଳାମାନେ କରିଥାନ୍ତି । ଏତଦ୍ ବ୍ୟତୀତ ଧାନବୁଣା, ବିଲବଛା, ଧାନକଟା ଓ ଧାନ ଅମଳଠାରୁ ଆରମ୍ଭକରି ଶ୍ୱରଳ ପ୍ରଭୃତି କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ମୁଖ୍ୟତଃ ମହିଳାମାନଙ୍କଦ୍ୱାରା ହୋଇଥାଏ । ଧାନ, ମୁଗ, ବିରି ଓ ଅନ୍ୟାନ୍ୟ ଶସ୍ୟର ବିହନକୁ ଯତ୍ନ ସହକାରେ ସେମାନେ ଘରେ ସାଇତି ରଖିଥାନ୍ତି । ଗୃହପାଳିତ ପଶୁ ପକ୍ଷୀ ଯଥା: ଛେଳି, ମେଣ୍ଢା, ଗାଈ, କୁକୁଡ଼ା ଓ ହଂସ ଆଦିଙ୍କର ଲାଳନ ପାଳନ ଦାୟିତ୍ୱ ସହ ସେମାନଙ୍କର ଖାଦ୍ୟ ସଂଗ୍ରହ କାର୍ଯ୍ୟ ମଧ୍ୟ ମହିଳାମାନେ କରନ୍ତି । ଏତଦ୍‌ବ୍ୟତୀତ ବାଡ଼ି ବଗିଚାରେ ପାଣି ଦେବା, ପନିପରିବା ଚାଷ କରିବା ସହ ଘରର ଅନ୍ୟାନ୍ୟ କାର୍ଯ୍ୟ ଯଥା:-ରୋଷେଇ କରିବା, ଘର ପରିଷ୍କାର ରଖିବା, ସନ୍ତାନ ସନ୍ତତିମାନଙ୍କର ଯତ୍ନ ନେବା ଓ ଲୁଗାପଟା ସଫା ଆଦି କାର୍ଯ୍ୟ କେବଳ ଘରର ସ୍ତ୍ରୀ ଲୋକମାନେ ହିଁ କରିଥାନ୍ତି । ଗାଁ ଗହଳରେ ରୋଷେଇ ପାଇଁ ମୁଖ୍ୟତଃ ପାରଂପରିକ ଜାଳେଣୀ ଯଥା: କାଠ, ଗୋବର ଓ ପତ୍ରଆଦି ବ୍ୟବହାର କରାଯାଏ ଓ ମହିଳାମାନେ ଏହି ଜାଳେଣି ସଂଗ୍ରହ କରନ୍ତି । ଗ୍ରାମୀଣ ମହିଳାମାନଙ୍କର ଏ ସମସ୍ତ କାର୍ଯ୍ୟ ହିସାବକୁ ନେଲେ ସେମାନଙ୍କର ଶ୍ରମଦ ହାର ୯.୩୩ ପ୍ରତିଶତରୁ ଯଥେଷ୍ଟ ଅଧିକ ହେବ, ଏଥିରେ ସନ୍ଦେହ ନାହିଁ ।

ଏହି ଅନୁଧ୍ୟାନରେ ଏ ସମସ୍ତ କାର୍ଯ୍ୟ ହିସାବକୁ ନେଇ ଦେଖା ଯାଇଅଛି ଯେ, କୃଷି ଉତ୍ପାଦନ ବୃଦ୍ଧିରେ ପୁରୁଷମାନଙ୍କ ଠାରୁ ମହିଳାମାନଙ୍କର ଅବଦାନ ଅଧିକ । ଏହି ହିସାବରୁ ଜଣାପଡ଼ିଛି ଯେ, ଗୋଟିଏ ନାମମାତ୍ର ଚାଷୀ (marginal farmer i. e. up to 2·5 acres of land) ପରିବାରରେ ମହିଳା ଶ୍ରମିକର ହାର ଶତକଡ଼ା ୧ ଭାଗ ବୃଦ୍ଧି ଘଟିଲେ କୃଷି ଉତ୍ପାଦନ ଶତକଡ଼ା ୦.୬୮ ଭାଗ ବୃଦ୍ଧି ପାଏ । ଅପର ପକ୍ଷରେ ସେହି ପରିବାରରେ ପୁରୁଷ ଶ୍ରମିକ ହାର ଶତକଡ଼ା ୧ ଭାଗ ବୃଦ୍ଧି ଘଟିଲେ କୃଷି ଉତ୍ପାଦନ ଶତକଡ଼ା ୦.୪୫ ଭାଗ ବୃଦ୍ଧି ହୁଏ । ସେହିପରି ବଡ଼ ଚାଷୀ (୫ ଏକରରୁ ଅଧିକ ଜମିଥିବା) ପରିବାରରେ ଯଦି ମହିଳା ଶ୍ରମିକ ହାର ଶତକଡ଼ା ୧ ଭାଗ ବୃଦ୍ଧି ହୁଏ, କୃଷି ଉତ୍ପାଦନ ଶତକଡ଼ା ୦.୨୭ ଭାଗ ବୃଦ୍ଧି ପାଏ । କିନ୍ତୁ ପୁରୁଷ ଶ୍ରମିକ କ୍ଷେତ୍ରରେ ଏହି ପରିବାରରେ କୃଷି ଉତ୍ପାଦନ ଶତକଡ଼ା ୦.୨୪ ଭାଗ ବୃଦ୍ଧି ହୁଏ । ଏଠାରେ ଲକ୍ଷ୍ୟକରିବାର କଥା ଯେ, ଜମିର ପରିମାଣ ବୃଦ୍ଧି ସହିତ ଉଭୟ ପୁରୁଷ ଓ ମହିଳା ଶ୍ରମିକମାନଙ୍କର ଅବଦାନ ଉତ୍ପାଦନ କ୍ଷେତ୍ରରେ କ୍ରମଶଃ କମ୍ ହେଉଛି ଏବଂ ପ୍ରତ୍ୟେକ ସ୍ଥଳରେ ମହିଳାମାନଙ୍କ ଅବଦାନ ପୁରୁଷମାନଙ୍କ ଅପେକ୍ଷା ଅଧିକ । ଅଧିକ ଜମିଥିବା ପରିବାରର ଆର୍ଥିକ ମାନ ଉନ୍ନତ । ଏଣୁ ସେହି ପରିବାରରେ କୃଷି କାର୍ଯ୍ୟରେ ମୂଲିଆମାନଙ୍କୁ ମଜୁରୀ ଦେଇ ବ୍ୟବହାର କରିଥାନ୍ତି ଗ୍ରାମାଞ୍ଚଳରେ ଧନୀ ପରିବାରର ମହିଳାମାନେ ସାଧାରଣତଃ ବାହାରକୁ ଯାଇ କାମ କରିବା ଖୁବ୍ କମ୍ ଦେଖା ଯାଇଥାଏ । କାରଣ ଏହା ସେମାନଙ୍କର ସାମାଜିକ ସମ୍ମାନରେ ଆଞ୍ଚ ଆଣିଥାଏ ବୋଲି ସେମାନଙ୍କର ଧାରଣା ରହି ଆସିଅଛି ।

କୃଷି କାର୍ଯ୍ୟ ନଥିବା ସମୟରେ ମହିଳାମାନେ ଅନ୍ୟାନ୍ୟ କାର୍ଯ୍ୟ କରି ପରିବାରର ଆୟ ବୃଦ୍ଧିରେ ସହାୟକ ହୋଇଥାନ୍ତି ।



ଏସବୁ କାର୍ଯ୍ୟ ମଧ୍ୟରେ ଦଉଡ଼ି ବଳିବା, ଝୁଡ଼ି ଆଦି ତିଆରି କରିବା, ଅନ୍ୟତ୍ର ଦିନ ମଜୁରିଆ ହିସାବରେ କାମ କରିବା ଆଦି କାର୍ଯ୍ୟ ଉଲ୍ଲେଖଯୋଗ୍ୟ । ଏହି ଅନୁଧ୍ୟାନରେ ମହିଳା ମାନଙ୍କର ଏସବୁ କାର୍ଯ୍ୟର ହିସାବ ମଧ୍ୟ କରାଯାଇଅଛି । ଏଥିରୁ ଜଣାପଡ଼ିଛି ଯେ ଭୂମି ହୀନ (ଲ୍ୟାଣ୍ଡ୍‌ଲେସ୍) ପରିବାରର ମହିଳାମାନଙ୍କର ଶ୍ରମ ଶତକଡ଼ା ୧ ଭାଗ ବଢ଼ି ଗଲେ ପରିବାରର ଆୟ ଶତକଡ଼ା ୫୦ ଭାଗ ବୃଦ୍ଧି ପାଏ । ସେହି ପରିବାରରେ ପୁରୁଷମାନେ ଶତକଡ଼ା ୦.୪୨ ଭାଗ ଆୟ ବୃଦ୍ଧିରେ ସାହାଯ୍ୟ କରିଥାନ୍ତି । ଅପର ପକ୍ଷରେ ୫୦ କୃଷୀ (୫ ଏକରରୁ ଅଧିକା ଜମି ଥିବା) ପରିବାରରେ ମହିଳା ଆୟ ଶତକଡ଼ା ୦.୨୮ ଭାଗ ବୃଦ୍ଧି ପାଏ ଓ ପୁରୁଷ ଶ୍ରମ ହାର ଶତକଡ଼ା ୧ ଭାଗ ବୃଦ୍ଧ ଘଟିଲେ ପରିବାରର ଆୟ ଶତକଡା ୦.୨୨ ଭଗ ବୃଦ୍ଧି ପାଏ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ନିମ୍ନ ଆୟକାରୀ ପରିବାରର ମହିଳାମାନେ ଧନୀ ପରିବାରର ମହିଳାମାନଙ୍କ ଅପେକ୍ଷା ଅଧିକ ପରିଶ୍ରମୀ ଏବଂ ସବୁ କ୍ଷେତ୍ରରେ ମହିଳାମାନଙ୍କର ପରିବାର ଆୟକୁ ଅବଦାନ ପୁରୁଷ ମାନଙ୍କ ତୁଳନାରେ ଅଧିକ ବୋଲି ଜଣା ପଡ଼ିଛି ।

ଉପରୋକ୍ତ ସିଦ୍ଧାନ୍ତକୁ ବିଚାରକୁ ନେଲେ, ଗ୍ରାମ୍ୟ ମହିଳା ମାନଙ୍କର ସାମାଜିକ ତଥା ଅର୍ଥନୈତିକ ମାନଦଣ୍ଡର ଉନ୍ନତି ପାଇଁ ବିଭିନ୍ନ ଯୋଜନାରେ ଉପଯୁକ୍ତ ଗୁରୁତ୍ୱ ଦେବା ଯୁକ୍ତି ଯୁକ୍ତ ମନେ ହୁଏ । ମହିଳା ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଯୋଜନାର ବ୍ୟବସ୍ଥା କରଯାଇ ସେମାନଙ୍କର ସମସ୍ତ ସମସ୍ୟାର ସମାଧାନ କରଯିବା ଉଚିତ୍ । ଅର୍ଥନୈତିକ ଉନ୍ନତିରେ ମହିଳାମାନଙ୍କ ଭୂମିକା ଯେହେତୁ ଗୁରୁତ୍ୱପୂର୍ଣ୍ଣ, ସେ ଦୃଷ୍ଟିରୁ ମହିଳାମାନଙ୍କର ସାମାଜିକ ନିରାପତ୍ତା ଓ ଅର୍ଥନୈତିକ ସମତା ପାଇଁ ଆଇନଗତ ସୁରକ୍ଷା ସର୍ବାଗ୍ରେ ଆବଶ୍ୟକ ।

ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



ଓଡ଼ିଶା-'୮୬ ଖଦୀ ଗ୍ରାମୋଦ୍ୟୋଗ ଓ କ୍ଷୁଦ୍ର ଶିଳ୍ପ ପ୍ରଦର୍ଶନୀରେ......

# ସଫଳ କାହାଣୀ



## ପଶୁ କଲେ ଉନ୍ନତି ମିଳେ

କଳାହାଣ୍ଡି ଜିଲ୍ଲା କେସିଙ୍ଗା ପଞ୍ଚାୟତ ସମିତିର ବୋରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝକୁରିପଡ଼ା ଗ୍ରାମର ଶ୍ରୀ ଭିକାରୀ ମାଝି ଜଣେ ନିତାନ୍ତ ଗରିବ ଆଦିବାସୀ । ପେଟ ପୋଷିବା ପାଇଁ ଦୈନିକ ମଜୁରିଆ ହିସାବରେ ୨ ଅଡ଼ା ଧାନ ଅର୍ଥାତ୍ ଟ୪/- ପାଉଥିଲେ । ୧୯୮୧-୮୨ ବର୍ଷରେ ଉଚ୍ଛେଲା ସେବା ସମବାୟ ସମିତିରୁ ଟ୨୦୦୦/- ଆର୍ଥିକ ସାହାଯ୍ୟ ପାଇ ମୋଟ ୧୦ ଗୋଟି ମେଣ୍ଢି ଓ ଗୋଟିଏ ମେଣ୍ଢା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଆନୁକୂଲ୍ୟରେ ପାଇଥିଲେ । ଅନୁଦାନ ବାବଦକୁ ମୋଟ ଟ୧୦୦୦/- ପାଇଛନ୍ତି । ବର୍ତ୍ତମାନ ତାଙ୍କ ପାଖରେ ୨୦ଟି ମେଣ୍ଢା ରହିଛି । ସେ ବାର୍ଷିକ ଟ୬୫୦୦/- ରୁ ଅଧିକ ଆୟ କରୁଛନ୍ତି । ଅଦ୍ୟାବଧି ସେ ଟ୨୦,୦୦୦/-ଙ୍କାରୁ ଅଧିକ ଆୟ କରି ପାରିଛନ୍ତି । ତାଙ୍କର ଲବ୍ଧ ଆୟରୁ ୧.୪୦ ଏକର ଚାଷ ଜମି ଉଚ୍ଛେଲା ଗ୍ରାମର ଶ୍ରୀ ଶୁଭକରଣ ଜୈନଙ୍କ ଠାରୁ ଓ ୦.୩୩ ଏକର ଜମି ଶ୍ରୀ ଅଲେଖ ସାହୁଙ୍କ ଠାରୁ ଯଥାକ୍ରମେ ଟ୨୦୦୦/- ଓ ଟ୨୦୦/-ଙ୍କାରେ କିଣିଛନ୍ତି । ପୁନଶ୍ଚ ସେ ଗୋଟିଏ ଗାଈ ଟ୫୦୦/-ଙ୍କାରେ କ୍ରୟ କରିଛନ୍ତି । ବର୍ତ୍ତମାନ ତାଙ୍କ ନିକଟରେ ୪ ଗୋଟି ଗାଈ ମଧ୍ୟ ରହିଛି । ନିଜର ବ୍ୟବହାର ବ୍ୟତୀତ ସେ ଦୈନିକ ୩ ଲିଟର କ୍ଷୀର ବିକ୍ରୟ କରି ଟ୬/-ଙ୍କା ଆୟ କରୁଛନ୍ତି । ତାଙ୍କର ବର୍ତ୍ତମାନ ଦୁଇ ପୁଅ ଓ ଦୁଇ ଝିଅ । ବଡ଼ ପୁଅର ବୟସ ୧୬ ବର୍ଷ ହେଲାଣି । ସେ ବର୍ତ୍ତମାନ କୃଷି ଓ ଛେଳି, ମେଣ୍ଢା, ଗାଈଗୋରୁ କାର୍ଯ୍ୟରେ ବାପାଙ୍କୁ ସାହାଯ୍ୟ କରୁଛି । ଦ୍ୱିତୀୟ ପୁତ୍ର ନିଜ ଗ୍ରାମ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଛି । ସରକାରଙ୍କ ଆଦିବାସୀ ମଙ୍ଗଳ ବିଭାଗ ତରଫରୁ ତାକୁ ସମସ୍ତ ପ୍ରକାର ବହିପତ୍ର ମଧ୍ୟ ଯୋଗାଇ ଦିଆଯାଉଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଶ୍ରୀ ମାଝିଙ୍କ ଆର୍ଥିକ ବିକାଶ ଘଟିବା ସଙ୍ଗେ ସଙ୍ଗେ ତାଙ୍କ ଭାଗ୍ୟର ବିରାଟ ପରିବର୍ତ୍ତନ ହୋଇ ପାରିଛି ।

○ ○

## କାଟିହିଁ ପଢ଼େଇ ଛୁଆ

କୋରାପୁଟ ଜିଲ୍ଲା ରାୟଗଡ଼ା ପଂଚାୟତ ସମିତି ଅନ୍ତର୍ଗତ ଆଦିବାସୀ ପଲ୍ଲୀ "ଗାଜିଗାଁ" । ଗ୍ରାମ ପଂଚାୟତ ମହକୁମା । ଅନ୍ୟାନ୍ୟ ଗରିବଙ୍କ ମଧ୍ୟରେ ଅନାଥିନୀ ମହିଳା "କାଟି କୋଣ୍ଡା ଗିରି" । ବୟସ ଷାଠିଏରୁ ଉର୍ଦ୍ଧ୍ୱ । ସ୍ୱଳ୍ପ ଛପର ଦୁଇ ବଖୁରୀ ଘରଟିଏ । ଦିନ ମଜୁରୀ ଖଟିଲେ ପେଟ ପୋଷେ । ବଣ ଜଙ୍ଗଲରୁ ଶାଗ କିମ୍ବା ବଣ କ'ନ୍ଦା ଆଣି ଦିନ କାଟେ । ଗୋଟିଏ ମାତ୍ର ପୁଅ ପୂର୍ଣ୍ଣଚନ୍ଦ୍ର । ପୂର୍ଣ୍ଣଚନ୍ଦ୍ର ବାଲ୍ୟାବସ୍ଥାରେ ବାପ ହରାଇଛି । ଶିଶୁଟି ଉପରେ ଭରସା ରଖି "କାଟି" ଆଗେଇ ଚାଲିଲା । ଛାତିକୁ ପଥର କରି ମନରେ ତା'ର ନାହିଁ ନଥିବା ଭାବନା । ପୁଅ ତା'ର ପାଠ ପଢ଼ି ମଣିଷ ହେବ । ବୟସ ଖସିଲେ ସେହି ଏକାହେବ ତା'ର ସାହା ଭରସା । ତା' ବୁଢ଼ାରେ ପେଜ ମୁନ୍ଦିଏ ଢାଳିବ । ଅନ୍ୟ ଛୁଆଙ୍କ ପରି ପୁଅକୁ ତା'ର ଗାଈ ଜଗୁଆଳ କରିବ ନାହିଁ । ଗ୍ରାମର ଖଟିବାକୁ ଦେବ ନାହିଁ କିମ୍ବା ତା' ପୁଅ କାହାର ଦୟାର ପାତ୍ର ହେବ ନାହିଁ । ମଜୁରି ମା'ର ଏହି ସଂକଳ୍ପ ଆଜି ପୂର୍ଣ୍ଣକୁ ମଣିଷ କରି ପାରିଛି । ବର୍ତ୍ତମାନ ସେ ଅଠର ବର୍ଷର ଯୁଆନ ଟୋକା । ଗାଁ ସ୍କୁଲରେ ପାଠ ସାରି କୁମାରିକୁ ଆଶ୍ରମ ବିଦ୍ୟାଳୟରେ ୯ ମାସ ପାଠ ପଢ଼ିଛି । ପାଠପଢ଼ା ସାଙ୍ଗକୁ ହାସଲ କରି ନେଇଛି ଧନ୍ଦାମୂଳକ ଶିକ୍ଷା ବିଲେଇ କାମ ।

୧୯୮୩ ନଭେମ୍ବର ୧୬ "ଉଷା" ଆସିବ ଘରକୁ । ଘର ତା'ର ହସି ଉଠିବ । "କାଟି" ଆଉ ମେହନତି କରିବ ନାହିଁ । "କାଟି" ର ଛାତି କୁଣ୍ଡେ ମୋଟ । ପାଦ ତଳେ ଲାଗୁ ନାହିଁ । କିନ୍ତୁ ଏ କଣ ? ବନ୍ଧୁ, ବାନ୍ଧବ, ସାଙ୍ଗ ସାଥି, ଭୋଜି ଭାତ କିଛି ନାହିଁ । ବିନା ଉତ୍ସବରେ ସିଧା କ'ଣ "ଉଷା" ଆସିବ ଘରକୁ ? କୁଳ ନିୟମ, ସବୁ ନଷ୍ଟ କଲା ପୁଅଟି । ପାଟ ପଡ଼ି ହେଲା କ'ଣ ? ମନର କଥା ମନରେ ମାରି, ମୁହଁଟିକୁ ଏଣ୍ଡୁରି ପିଠା ପରି ଫୁଲାଇ ରଖିଛି "କାଟି" । ତଥାପି ସ୍ପୃହି ରହିଛି । ପୁଅ ଆଉ "ଉଷା" ଆସିବେ । ବେଳ ଗଡ଼ି ଗଲାଣି । ହମାରଡ଼ି ସହ ଫେରୁଛନ୍ତି ଗାଇ ପଲ । "ଉଷା" ଧରି ପହଂଚିଗଲା ପୂର୍ଣ୍ଣ । ହସି ହସି ପରିଚୟ କରାଇ ଦେଲା ପୁଅ ଉଷା ସହିତ । ଦଣ୍ଡେ ଯାଏ ତା' ମା ପାଟିରୁ କଥା ବାହାରିଲା ନାହିଁ । ଏ କଣ ? ସିଲେଇ କଳଟିଏ । ଏହାର ନାମ "ଉଷା" ପୁଅ କହିଲା । ମନେ ମନେ ହସି ପୁଅର ବୁଦ୍ଧିକୁ ତାରିଫ୍ କଲା । "ଉଷା" ଝିଅଟିଏ ନୁହେଁ । ନିଜର ମୁରୁଖପଣିଆ ପାଇଁ ଲାଜେଇ ଗଲା । "କାଟି" ପାଠ "ବି" ଅକ୍ଷର ପଢ଼ି ନଥିବା ହେତୁ ପେଟର ଲୁଆ ତାକୁ ବୋକି ବନେଇ ଦେଲା । ଗାଁରେ "ଉଷା" ପହଁଚିବା ପରେ ଝିଅବୋହୂଠୁଁ ଆରମ୍ଭ କରି ଛୋଟ ଛୁଆ ସଭିଏ କାଟିର ଦାଣ୍ଡରେ । ଘରକୁ ବୋହୂ ଆସିଲେ ଯେପରି ଭିଡ଼ ହୁଅନ୍ତି ସଭିଙ୍କ ମନରେ ଆନନ୍ଦ । ଉଷାକୁ କେଉଁରେ କେହି ଦେଖି ନ ଥିଲେ । ଉଷାର ରହିବା ପାଇଁ ଛୋଟ ବାରଣ୍ଡା । ଜାମା ପଟା ସିଲେଇ ପାଇଁ ଆଉ ଦଉଡ଼ିବେ ନାହିଁ, ସେମାନେ ଏଗାଁରୁ ସେ ଗାଁକୁ । ଗ୍ରାମରେ ସେହି ମାତ୍ର ସିଲେଇ କଳ । କଳଟିକୁ ଘୂରାଇ ଚାଲିଛି ପୂର୍ଣ୍ଣଚନ୍ଦ୍ର । ଚଡ଼ିଆ, ଲୁହୁଗାଠୁ ଆରମ୍ଭ କରି ସାୟା, ବ୍ଲାଉଜ ଇତ୍ୟାଦି । ମାଗି ବଂଚିବା ଅପେକ୍ଷା ଲାଟି ବଂଚିବାକୁ ଶ୍ରେୟ ମଣିଛି ପୂର୍ଣ୍ଣଚନ୍ଦ୍ର । ଆର୍ଥିକ ଥଇଥାନ (ଡି.ଆର.ଆଇ.ପି.) ଯୋଜନାରେ ସିଲେଇ କଳଟିଏ ପାଇଛି । ପୁଞ୍ଜି ଖଟାଇବା ପାଇଁ ଭାରତୀୟ ଓଭରସିଜ୍ ବ୍ୟାଙ୍କରୁ ୫୦୦ ଟଙ୍କା ମୂଳଧନ ଆଣି ଆଦିବାସୀ ଯୁବକ ପୂର୍ଣ୍ଣଚନ୍ଦ୍ର, ଆଉ ବେକାର ନୁହେଁ । ମେହନତ କରି ଘୁରି ପଇସା ରୋଜଗାର କରି ସେ ଆଗେଇଲାଣି । ତା'ର ଦିନଗୁଡ଼ିକ ଖୁସିବାସିରେ ଗତି ଚାଲିଛି ଭବିଷ୍ୟତ ଜୀବନର ରଙ୍ଗୀନ ସ୍ୱପ୍ନରେ ।

## ଯାହାକୁ ଭାଗ୍ୟ ଆଣିଲା

ମୟୂରଭଞ୍ଜ ଜିଲ୍ଲାର ମୁରୁଡା ବ୍ଲକ । ସେହି ବ୍ଲକର ସଦର ମହକୁମା ଚିତ୍ରଡା । ଚିତ୍ରଡା ବଜାରକୁ ଲାଗିଛି ଦରଖୋଲି ଗାଁ । ଦରଖୋଲି ଗ୍ରାମର ନିତି ମଜୁରିଆ ଭିତରେ ଦୁର୍ଯ୍ୟୋଧନ । ଅବସ୍ଥା ଭଲ ନୁହେଁ । ଭାତ ମୁଠିଏ ତା ପାଇଁ ସମ୍ଭବ ହେଉଥିଲା ଦିନେ ଛାଡ଼ି ଦିନେ । ତାର ଅମାୟିକ ବ୍ୟବହାର ଓ କଠିନ ପରିଶ୍ରମୀ ଆଚରଣକୁ ଲକ୍ଷ୍ୟ କରି ସମସ୍ତେ କହନ୍ତି - ହାୟ ବିଚରା ଦୁର୍ଯ୍ୟୋଧନ ! କେତେ ନ ଖଟୁଛି ସତେ...

୧୯୮୪ ମସିହା, ଦିନେ ସେହି ଗାଁର ଦରିଦ୍ରତମ ଲୋକଙ୍କ ଆର୍ଥିକ ଥଇଥାନ ସକାଶେ ଉପଭୋକ୍ତା ବାଛିବା ପାଇଁ ସଭା ବସିଲା । ଲୋକ ବଛାଗଲା । ଭାଗ୍ୟ ଭଲ । ପ୍ରଥମ ଦଶ ଜଣଙ୍କ ମଧ୍ୟରେ ନିଜସ୍ୱ ଦୁର୍ଯ୍ୟୋଧନର ନାଁ ଆସିଗଲା । ମାଛଚାଷର ଆୟ ବ୍ୟୟ ସଂପର୍କରେ ସୂଚନା ଶୁଣି ଦୁର୍ଯ୍ୟୋଧନ ମାଛଚାଷ ପ୍ରତି ମନ ବଳାଇଲା । ଗାଁର ସେଇ ପଞ୍ଚାୟତ ପୋଖରୀଟା ଆୟତନ ଥିଲା ମାତ୍ର ୨୫ ଡେସିମିଲ । ଖାଲୁଆ ପୁରୁଣା ଉପେକ୍ଷିତ ପୋଖରୀ । ନିୟମ ଅନୁସାରେ ପୋଖରୀଟି ସିଧାଏକର ହେବା କଥା । ପାଖରେ ତ ଅନ୍ୟ ପୋଖରୀ ନାହିଁ । ତେଣୁ ଏଇ ପୋଖରୀଟିକୁ ଦଶବର୍ଷ ଦୀର୍ଘମିଆଦୀ ପଟ୍ଟା ସୂତ୍ରରେ ତାକୁ ମିଳିଲା । ୧୯୮୩ ମସିହା ସେପ୍ଟେମ୍ବର ମାସ ଦ୍ୱିତୀୟ ସପ୍ତାହ ବେଳକୁ ପୋଖରୀ ଖୋଳାସାରା କାର୍ଯ୍ୟ ଛଡ଼ାଗଲା । ମତ୍ସ୍ୟବିଭାଗର ବୈଷୟିକ କର୍ମଚାରୀଙ୍କ କର୍ମସୂଚୀ ମୁତାବକ ଖାଦ୍ୟ ସାର ଠିକ୍ ଦିଆଚାଲିଥାଏ । ଦୁର୍ଯ୍ୟୋଧନ ପୁରାଦମ୍‌ରେ ଲାଗି ପଡ଼ିଥାଏ । ପରଘରେ ସିନା ଖଟିବାକୁ ଯାଏ ଦିନରେ । ସଂଜ ହେଲାବେଳକୁ ପୋଖରୀ ପାଖରେ ହାଜର । ଛୋଟ ପୋଖରୀ । ଏଣେ ମଇ ମାସ ବେଳକୁ ପୋଖରୀ ଶୁଖି ଆସିଲା । ମାଛ ଧରା ହେଲା । ଶହେ ତିନି କିଲୋ ମାଛ ବିକି ୧୪୪୨ ଟଙ୍କା ପାଇଲା । ମନରେ ତାର କି ଆନନ୍ଦ ! ଏଇ ଟଙ୍କା ତା ଜୀବନରେ ସପନ ଥିଲା । ଆଜି ଗୋଟିଏ ବିଲାତି ରୋହୀର ହାରାହାରି ଓଜନ ଅଢ଼େଇ କିଲୋ ଦେଖି ଦୁର୍ଯ୍ୟୋଧନ ଆତ୍ମହରା ହୋଇପଡ଼ିଲା । ଏବେ ବି ପୋଖରୀରେ ୪୦ ରୁ ୫୦ କିଲୋଗ୍ରାମ ମାଛ ମହଜୁଦ ଅଛି । ବର୍ଷକୁ ଏକର ପିଛା ୫୦୦ କିଲୋ ମାଛ ଅମଳ ହିସାବ ପଡ଼ିଲା । ହାତରେ ତାର କାଣିକଉଡ଼ିଟିଏ ନ ଥିଲା । ଆଜି କିନ୍ତୁ ଉଦ୍‌ଯୋଗ ତାକୁ ବାଟ କଢ଼େଇ ନେଲା । ଦୁଃଖ ବାଉଦ ସହସ୍ର କୋଶ ।

ଦୁର୍ଯ୍ୟୋଧନ ୮୦୦ ଟଙ୍କା ମୂଲ୍ୟର ସବାଇଘାସ ଆଣି ଲାଗି ପଡ଼ିଛି ଦଉଡ଼ି ତିଆରି କରିବାରେ । ସେଥିରୁ ଅନ୍ତତଃ ୧୬୦୦ ଟଙ୍କା ପାଇବ । ଏ ବର୍ଷ ତିନିଶ ଟଙ୍କା ଖତ, ସାର ଓ ଖାଦ୍ୟ ମାଛଙ୍କ ପାଇଁ କିଣି ସାରିଲାଣି । ଆଉ ପରଘରେ ମେହନତ୍ କରିବାକୁ ତାକୁ ଡର କାହିଁ ? ନିଜ କଥା ତ ନିଜକୁ ବନାଉଛି ।

ଲୋକେ ଦୁର୍ଯ୍ୟୋଧନକୁ ସେତେବେଳେ ଦେଖୁଥିଲେ । ଏବେ ବି ଦେଖିଲେ । ସାମାନ୍ୟ ଉଦ୍ୟମ କରି ଦୁର୍ଯ୍ୟୋଧନ ଆଜି କଣ ହେବାକୁ ଯାଉଛି । ପୁଣି ଏଇ ମାଛଚାଷ ତାର ଭାଗ୍ୟ ଉଙ୍କିବାରେ ସାହାଯ୍ୟ କଲା ।

## ବାବାଜୀର ସ୍ୱପ୍ନ ସାର୍ଥକ ହେଲା

ବିଶ୍ରା ବ୍ଲକ ଅନ୍ତର୍ଗତ ଝିରପାଣି ଗ୍ରାମ ରାଉରକେଲା ସହର ସୀମାନ୍ତରେ କୋଇଲି ନଦୀ କୂଳରେ ଅବସ୍ଥିତ । ଅନତି ଦୂରରେ କୋଇଲି ଓ ଶଙ୍ଖ ନଦୀର ମିଳନ ହୋଇ ଜନ୍ମ ନେଇଛି ବ୍ରାହ୍ମଣୀ ନଦୀ । କୋଇଲି ଓ ଶଙ୍ଖ ନଦୀର ସଙ୍ଗମ ସ୍ଥଳରେ ରହିଛି ପୁଣ୍ୟପୀଠ ବେଦବ୍ୟାସ । ଶିବରାତ୍ରି ମେଳାରେ ସେଠାରେ ହଜାର ହଜାର ଯାତ୍ରୀଙ୍କର ସମାଗମ ହୋଇଥାଏ । ବାବାଜୀ ସାହୁ ଝିରପାଣି ଗ୍ରାମର ଜଣେ ଅଧିବାସୀ । ଜମିବାଡ଼ି କି ନିଜସ୍ୱ ଧନ୍ଦା କିଛି ନ ଥାଏ । ଅନ୍ୟମାନଙ୍କର କାମ କରି କୌଣସି ପ୍ରକାରେ ପରିବାର ଚଳାଉଥାଏ । ଘରେ ତାର ପାଞ୍ଚ ପ୍ରାଣୀ । ରୋଜଗାର ନ ଥିବାରୁ ପରିବାର ଆବଶ୍ୟକତା ସେ ପୂରଣ କରିପାରୁ ନଥାଏ । ତା ମନରେ ବହୁତ ଦୁଃଖ ।

ବେଦବ୍ୟାସ ଶିବରାତ୍ରି ମେଳା ଆସନ୍ତ ପ୍ରାୟ । ବାବାଜୀ ଚିନ୍ତା କଲା ପାଖରେ କିଛି ଟଙ୍କା ଥିଲେ ପାନ ଦୋକାନ କିମ୍ବା ଅନ୍ୟ କୌଣସି ଛୋଟିଆ ଦୋକାନ କରନ୍ତା; କିନ୍ତୁ ଏତେବଡ଼ ଶିବରାତ୍ରି ମେଳା ଶେଷ ହେଲା, ବାବାଜୀର କଳ୍ପନା କଳ୍ପନାରେ ହିଁ ରହିଗଲା । କାରଣ ପାଖରେ ତା'ର ପାଣ୍ଠି ନଥିଲା କି ସେ ମଧ୍ୟ କିଛି ଯୋଗାଡ଼ କରି ପାରିଲା ନାହିଁ ।

ଦରିଦ୍ର୍ୟର କଷାଘାତ ବାବାଜୀର ମନକୁ ବିଚଳିତ କରିପକାଉଥିଲା । ବିଶ୍ରା ବ୍ଲକର ଜଣେ ବାବୁଙ୍କ ସହିତ ବାବାଜୀର ଦେଖାଦେଖି ହେଲା । ବାବାଜୀ ଠାରୁ ସବୁ କଥା ଶୁଣିବା ପରେ ସେ ତାକୁ ବ୍ଲକକୁ ଆସି ବି.ଡ଼ି.ଓ. ଙ୍କ ସହିତ ଦେଖା କରିବା ପାଇଁ ପରାମର୍ଶ ଦେଇଥିଲେ । ଗରିବ ଲୋକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ, ଧନ୍ଦା କରିବାରେ ସାହାଯ୍ୟ ଯୋଗାଇ ଦେଉଥିବା ବିଷୟ ବାବାଜୀ ସାହୁ ଜଣକଠାରୁ ଶୁଣି ସାରିଥିଲା ଏବଂ ଯଥା ସମୟରେ ବ୍ଲକ ଅଫିସକୁ ଯାଇ ବି.ଡ଼ି.ଓ. ଙ୍କୁ ଦେଖାକଲା ।

ଆବଶ୍ୟକ ଅନୁସନ୍ଧାନ ପରେ ବାବାଜୀକୁ ଗରିବ ଲୋକଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇ ସ୍ଥାନୀୟ ୟୁନାଇଟେଡ୍ ବ୍ୟାଙ୍କ କମିଟିରେ ସାହାଯ୍ୟ ଯୋଗାଇ ଦିଆଗଲା । ମୋଟ ତିନିହଜାର ଟଙ୍କା ତାକୁ ଦିଆଗଲା । ଏହି ଟଙ୍କାକୁ ନେଇ ସେ ନିଜ ଗାଁରେ

ଲଣ୍ଠନ, ଡ୍ରିବି ତିଆରି କାମ ଆରମ୍ଭ କଲା । ଲଣ୍ଠନ, ଡ୍ରିବିର ଆକାର ଅନୁଯାୟୀ ମୂଲ୍ୟ ନିରୂପଣ କରି ସେ ସବୁକୁ ବିକ୍ରୟ କଲା । ନିକଟରେ ଗାଡ଼ରକେଲା ସହର ଥିବାରୁ ବର୍ତ୍ତମାନ ତା'ର ଲଣ୍ଠନ, ଡ୍ରିବି କାରବାର ଭଲ ଭାବରେ ଚାଲିଛି । ସେ ପ୍ରତିଦିନ ଏଥିରୁ ୨୫ ଟଙ୍କା ପାଉଛି, ଯାହାକି ତା' ଆର ରୋଜଗାରଠାରୁ ବହୁତ ବେଶୀ । ବର୍ତ୍ତମାନ ବାବାଜୀ ତା'ର ପିଲାଛୁଆ ଧରି ଆନନ୍ଦରେ ଚଳୁଛି । ଘରର ଆବଶ୍ୟକ ଜିନିଷ ମଧ୍ୟ କିଣି ପାରୁଛି । ବାବାଜୀର ପୂର୍ବ ଦୁଃଖ ଆଉ ନାହିଁ । ବର୍ତ୍ତମାନ ସେ ନିଜସ୍ୱ ଧନରେ ମନଇଚ୍ଛା ଦେଇ କାମ କରୁଛି । ସେ ବ୍ୟାଙ୍କ ଋଣ ମଧ୍ୟ ପରିଶୋଧ କରି ସାରିଛି । ବାବାଜୀ କହେ ଯାହା କିଛି ତା'ର ଉନ୍ନତି ହୋଇଛି, ସେ ସବୁ ଗରିବ ଲୋକମାନଙ୍କ ପାଇଁ ସରକାରଙ୍କ ଉଦ୍ଦିଷ୍ଟ ଯୋଜନାର ଆଶିର୍ବାଦ । ବାବାଜୀ ଚିନ୍ତା କରୁଛି ଅନ୍ୟ ଧନ୍ଦା ଆରମ୍ଭ କରିବା ପାଇଁ ।

## ପରିଶ୍ରମ ବୃଥା ଯାଏନା

**ଶ୍ରୀ** ଗଙ୍ଗାଧର ସିଂ, ଡେବ୍ରିଖିଣ୍ଡା ବ୍ଲକ ଅନ୍ତର୍ଗତ ପୁଟାଗୋଗୁଡ଼ା ଗ୍ରାମର ଜଣେ ନାମ ମାତ୍ର କୃଷକ । ଅଢ଼େଇ ଏକର କୃଷି ଜମିରେ ବର୍ଷକରେ ଥରେ ଫସଲ କରି ସେ, ମାତ୍ର ୧,୭୬୦ ଟଙ୍କାର ଧାନ ପାଏ । ଯେତିକି ତା'ର ପରିବାରର ବର୍ଷକ ଭରଣ ପୋଷଣ ପାଇଁ ନିଅଣ୍ଟ । ବାକି ସମୟତକ ଅନ୍ୟମାନଙ୍କ ଜମିରେ ମୂଲ ଲାଗି ସେ ନିଜର ପେଟପୋଷେ ମେଣ୍ଟାଏ । ସାତଜଣ କୁଟୁମ୍ବକୁ ନେଇ ବଡ଼ ଦୁଃଖରେ ସେ କାଳାତିପାତ କରିବାକୁ ବାଧ୍ୟ ହୁଏ । ସମୟ ସବୁବେଳେ ସମାନ ଯାଏନା । ସରକାରଙ୍କ ଯୋଜନା ମାଧ୍ୟମରେ ଶ୍ରୀ ସିଂଙ୍କୁ ବଣ୍ଟାଯାଇ ଗୋଟିଏ ଦୁଧିଆଳୀ ଗାଈ ସାହାଯ୍ୟ ଦିଆଗଲା । ସେ ପ୍ରତିଦିନ ୭ ଲିଟର କ୍ଷୀର ପାଏ । କ୍ଷୀରକୁ ବିକ୍ରୀ କରି ସେ ଦିନକୁ ୧୮ ଟଙ୍କା ପାଏ । ସେଥିରୁ ଗାଈର ଖାଦ୍ୟ ବାବଦରେ ୬ ଟଙ୍କା ଖର୍ଚ୍ଚ ହୁଏ ଓ ଅବଶିଷ୍ଟ ୧୨ ଟଙ୍କା ମଧ୍ୟରୁ ୧୦ ଟଙ୍କାରେ ନିଜର କୁଟୁମ୍ବ ଚଳାଏ । ଗାଈର ଯତ୍ନ ନେବା ଦ୍ୱାରା ବର୍ତ୍ତମାନ କ୍ଷୀରର ପରିମାଣ ୮ ଲିଟରକୁ ବୃଦ୍ଧି ପାଉଛି । ଆଗରୁ କୃଷି କାମ କରିବାପାଇଁ ତାକୁ ଋଣ କରିବାକୁ ପଡୁଥିଲା । ଏବେ ସେ ଆଉ ଋଣ କରୁନାହିଁ । ବରଂ ନିୟମିତ କିଛି କିଛି ସଂଚୟ କରୁଛି । ଗାଈ ଋଣ ମଧ୍ୟ କିଛି ପରିମାଣରେ ପରିଶୋଧ କରି ଦେଲାଣି । ଆଜି ତା' ମନରୁ ନୈରାଶ୍ୟ ଅନ୍ଧକାର ଅପସରି ଯାଇଛି । ନୂତନ ଆଶାର ଆଲୋକ ନେଇ ସେ ଆଜି ଦାରିଦ୍ର୍ୟ ସହିତ ସଂଗ୍ରାମ କରିବାକୁ ସଂକଳ୍ପବଦ୍ଧ ।

## ଏମିତି ବି ହୁଏ ଯାହା.....

**କା**ନ୍ଦୁଅଡ଼ିହା ଗ୍ରାମର ମଧୁର ଚନ୍ଦ୍ର ସାହୁ ଅତି ଗରିବ । ସମ୍ବଳ ମାତ୍ର ଏକ ଏକର ଜମି । ବାପା ମା' ଛଅଭାଇ, ଦୁଇ ଭାଉଜ ଓ ଦୁଇଟି ଛୋଟ ପିଲା । ବାର ଜଣ ଦୁଃଖ କଷ୍ଟେ ଓଳିଏ ଖାଇ ଦିନ କାଟନ୍ତି । ମଧୁରଙ୍କ ବାପା ଉଦୟନାଥ ସାହୁ ବାହାରେ ଦରଜୀ ଦୋକାନରେ କାମକରି ଯାହା ରୋଜଗାର କରନ୍ତି ନିଜେ ଚଳି କିଛି ଅର୍ଥ ଘରକୁ ପଠାନ୍ତି । ତଥାପି ଅଭାବ ମେଣ୍ଟେ ନାହିଁ । ମଧୁର ଗାଁ ଛାଡ଼ିଯାନ୍ତି ବିଦେଶରେ କାମ କରିବାକୁ । ଦରଜୀ କାମକରି ସେ ମଧ୍ୟ ରୋଜଗାର କରନ୍ତି । ତଥାପି ଅଣ୍ଟେ ନାହିଁ । ସରକାରଙ୍କ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମ ବିଷୟ ଶୁଣି ସେ ଫେରନ୍ତି ନିଜ ଗାଁକୁ । ବ୍ଲକ୍ ଅଫିସରେ ପହଞ୍ଚି ବି.ଡ଼ି.ଓ.ଙ୍କୁ ସାକ୍ଷାତ କରନ୍ତି । ବି.ଡ଼ି.ଓ. ତାଙ୍କୁ ଋଣ ଦେଇ ହରିଚନ୍ଦନପୁର ଠାରେ ଗୋଟିଏ ଦରଜୀ ଦୋକାନ ଖୋଲିବା ନିମନ୍ତେ ପରାମର୍ଶ ଦିଅନ୍ତି । ମଧୁରଙ୍କୁ ଦରିଦ୍ରମାନଙ୍କ ଅର୍ଥନୈତିକ ଅଭ୍ୟୁତ୍ଥାନ (E.R.R.P) କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଇ ୧୯୮୨-୮୩ ବର୍ଷରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ୩୦୦୦ଟଙ୍କା ଋଣ ବ୍ୟବସ୍ଥା ବି.ଡ଼ି.ଓ. କରାଇ ଦିଅନ୍ତି । ସେଥିମଧ୍ୟରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏକହଜାର ଟଙ୍କା ଏବଂ ଗ୍ରାମ ପଞ୍ଚାୟତ ବିଭାଗ ବାରଶହ ପଚାଶ ଟଙ୍କା ଛାଡ ମଂଜୁର କଲେ । ମଧୁରଙ୍କୁ ସାତଶହ ପଚାଶ ଟଙ୍କା ଶୁଝିବାକୁ ହେବ ଏବଂ ସେ ୨୨୫୦ ଟଙ୍କା ଛାଡ ପାଇଲେ । ସମସ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ମଧୁର ହରିଚନ୍ଦନପୁର ବଜାରରେ ଏକ ଦରଜୀ ଦୋକାନ ଖୋଲିଲେ । ବର୍ତ୍ତମାନ ତିନୋଟି ମେସିନ୍ ଏବଂ ୨ ଜଣ ଲୋକ ରଖି ସେ ଦୋକାନ ଚଳାଉଛନ୍ତି । ଦୈନିକ ୫୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି । ପାରିବାରିକ ଅବସ୍ଥାରେ ପିଲାମାନଙ୍କୁ ଖୁଆଇ ପିଆଇ ଖୁବ୍ ପରିବର୍ତ୍ତନ ଆସିଛି । ଆନନ୍ଦରେ ଅଛନ୍ତି । ଦୁଃଖ ଓ ଅଭାବର ଦିନ ସରି ଯାଇଛି । ଋଣ ପରିଶୋଧ ହୋଇଯାଇଛି । ଗୋଟିଏ ଭାଇକୁ କଲେଜରେ ପଢ଼ାଇ ପାରିଛନ୍ତି ଏବଂ ଦୁଇଟି ପିଲା ସ୍କୁଲରେ ପଢୁଛନ୍ତି । ବର୍ତ୍ତମାନ ସେ ଆଉ ଗୋଟିଏ ଋଣ ନେଇ କିଛି ନୂତନ ବ୍ୟବସାୟ କରିବାକୁ ଚିନ୍ତା କରୁଛନ୍ତି । ତାଙ୍କର ଆଶା ଉଜ୍ଜ୍ୱଳ ହୋଇ ଉଠିଛି ଓ ସେ ସରକାରଙ୍କ ଠାରେ କୃତଜ୍ଞ ।

## କଣିଆ ଓ ମଧୁପୁରୀର ନୂଆ ରୂପ

**କ**ଣିଆ ଓ ମଧୁପୁରୀ ଦୁଇଟି ଜଳାଶୟର ନାମ । ପୁରୀ ସହରର ଉତ୍ତର-ପଶ୍ଚିମ ଉପକଣ୍ଠ ପୁରୀ-ବ୍ରହ୍ମଗିରି ସଡ଼କର ଦୁଇ ପାର୍ଶ୍ୱରେ ଏହା ଅବସ୍ଥିତ । ସନ୍ନିକଟ ହରିଜନ ବସ୍ତିର ଶହଶହ ଅଧିବାସୀଙ୍କ ଏକଦା ଏହା ଜୀବିକାର ଏକ ପାଥେୟ ଥିଲା, ମାତ୍ର କାଳକ୍ରମେ ଏହା ପୋତି ହୋଇଯିବା ଫଳରେ ମାଛଚାଷ ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ ହୋଇପଡ଼ିଲା । ଅର୍ଥାଭାବରୁ ଏହାର ଉନ୍ନତି ହୋଇ ପାରିଲା ନାହିଁ । ସ୍ଥାନୀୟ ମଙ୍ଗଳା ପ୍ରାଥମିକ ମତ୍ସ୍ୟ ସମବାୟ ସମିତିଟି ଆର୍ଥିକ ଦୁର୍ଗତି ଓ ପରିଚାଳନା ଅପାରଗତାର ଶିକାର ହୋଇ ନିଷ୍କ୍ରିୟ ହୋଇଗଲା ।

ଦୁଃଖର ଦିନ ସବୁବେଳେ ରହେ ନାହିଁ । ସୁଖର ଦିନ ଆସିଲା । କଣିଆ ଓ ମଧୁପୁରୀର ଜୀବନ ଆକାଶରେ ପୁଣି ଦିନେ ହଠାତ୍ ଭାଗ୍ୟରବି ଉଦୟ ହେଲେ । ଓଡ଼ିଶା ହରିଜନ ଓ ଆଦିବାସୀ ଉନ୍ନୟନ ଅର୍ଥ ସମବାୟ କର୍ପୋରେସନ ଓ ଜିଲ୍ଲା ଉଦ୍ୟାନ ବିଭାଗର ମିଳିତ ଉଦ୍ୟମରେ ମତ୍ସ୍ୟଜୀବୀମାନଙ୍କ ଅର୍ଥନୈତିକ ଥଇଥାନ ପାଇଁ ଯୋଜନା ପ୍ରସ୍ତୁତ ହେଲା । ପ୍ରାୟ ୬ ଏକର କ୍ଷେତ୍ରଫଳ ବିଶିଷ୍ଟ ଏହି ଜଳାଶୟ ଦ୍ୱୟର ସଂପ୍ରସାରଣ ଓ ପୁନରୁଦ୍ଧାର କାର୍ଯ୍ୟରେ କର୍ପୋରେସନ ମୋଟ୍ ୧ ଲକ୍ଷ ୪୦ହଜାର ଟଙ୍କା ଯୋଗାଇ ଦେଲା । ଏଥି ମଧ୍ୟରୁ ଶତକଡ଼ା ୭୫ ଭାଗ ଅନୁଦାନ ଓ ଅବଶିଷ୍ଟ ୨୫ ଭାଗ ଅର୍ଥ ଋଣ ଆକାରରେ ସମିତିକୁ ମିଳିଲା । ଚଳିତ ବର୍ଷ ପ୍ରାରମ୍ଭରେ ଏଥିରେ ୩୦ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ରୋହି, ଭାକୁର ଓ ମିରିକାଳି ମାଛର ଯାଆଁଳ ଛଡାଯାଇଛି ଓ ଏଥିରୁ ଆଗାମୀ ଦୁଇବର୍ଷ ମଧ୍ୟରେ ପ୍ରାୟ ୨୦ ରୁ ୨୫ ହଜାର ଟଙ୍କା ଆୟ ହେବ ବୋଲି ଆଶାକରାଯାଉଛି । ଏହା ବ୍ୟତୀତ ମାଛ ଯାଆଁଳ ଚାଷ ପାଇଁ ନିକଟରେ ଅନ୍ୟ ଦୁଇଟି ପୁଷ୍କରିଣୀ ମଧ୍ୟ ସୃଷ୍ଟି କରାଯାଇଛି ।

କେବଳ ସେତିକି ନୁହେଁ । ଏହି ପୁଷ୍କରିଣୀଗୁଡ଼ିକର ଚତୁଃପାର୍ଶ୍ୱରେ ଜିଲ୍ଲା ଉଦ୍ୟାନ ବିଭାଗ ସହାୟତାରେ ୨୦୦ରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ରୋପଣ କରାଯାଇଛି । ନିକଟରେ ଏଠାରେ ମଧ୍ୟ କଦଳୀ ଚାଷ ପାଇଁ ପ୍ରସ୍ତାବ ରହିଛି । ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୧୨ହଜାର ଟଙ୍କାର ଆର୍ଥିକ ସହାୟତା ସହ ଆଗେଇ ଆସିଛନ୍ତି । ସେଦିନ ଥିଲା ୧୯୮୫ ମସିହା ଅକ୍ଟୋବର ୩୦ ତାରିଖର ଏକ କ୍ଳାନ୍ତ ଅପରାହ୍ନ; ମାତ୍ର ମତ୍ସ୍ୟଜୀବୀମାନଙ୍କ ଠାରେ ଏହି କ୍ଳାନ୍ତି ପରିବର୍ତ୍ତେ ହସର ଫୁଆରା ଅନୁଭୂତ ହେଉଥିଲା । ସେମାନଙ୍କ ଜୀବନରେ ଏହାଥିଲା ଏକ ସ୍ମରଣୀୟ ଦିବସ ।

# ପ୍ରଗତି ପ୍ରସଙ୍ଗ

## ଗାଁ ଗାଁରେ ନଳକୂଅର ପାଣି

କେନ୍ଦ୍ରୀୟ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଚଳିତ ତ୍ୱରାନ୍ୱିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ସମୁଦାୟ ୩,୧୦୪ଟି ନଳକୂପ ବସାଯିବ ବୋଲି ନିଷ୍ପତ୍ତି ହୋଇଛି । ତଦନୁଯାୟୀ ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ତରଫରୁ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ସେହିସବୁ ନଳକୂପ ମଧ୍ୟରୁ ଜଳକ୍ଳିଷ୍ଟ ରୂପେ ନୂତନ ଭାବରେ ଚିହ୍ନିତ ହୋଇଥିବା ଗ୍ରାମଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ ୨,୩୨୦ଟି ନଳକୂପ ବସାଯିବ । ବ୍ଲକମାନଙ୍କର ଚାହିଦା ପ୍ରତି ଦୃଷ୍ଟି ରଖି ସରକାର ଏହି ୨,୩୨୦ଟି ନଳକୂପର ଏକ ବ୍ଲକ୍‌ୱାରୀ ତାଲିକା ପ୍ରସ୍ତୁତ କରି ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି । ସେହି ତାଲିକା ଅନୁଯାୟୀ ବାଲେଶ୍ୱର ଜିଲ୍ଲାର ୮ ଟି ବ୍ଲକ୍‌ରେ ୧୩ ଟି, ବଲାଙ୍ଗୀରର ୧୨ଟି ବ୍ଲକ୍‌ରେ ୩୨ଟି, କଟକର ୧୮ଟି ବ୍ଲକ୍‌ରେ ୩୦ଟି, ଢେଙ୍କାନାଳର ୧୪ଟି ବ୍ଲକ୍‌ରେ ୬୬ଟି, ଗଞ୍ଜାମର ୨୫ଟି ବ୍ଲକ୍‌ରେ ୩୫୨ଟି, କଳାହାଣ୍ଡିର ୧୫ଟି ବ୍ଲକ୍‌ରେ ୧୪୭ଟି, କେନ୍ଦୁଝରର ୨ଟି ବ୍ଲକ୍‌ରେ ୨୯ଟି ଏବଂ କୋରାପୁଟର ୪୨ଟି ବ୍ଲକ୍‌ରେ ୭୧୪ଟି ନଳକୂପ ବସାଯିବ । ସେହିପରି ମୟୂରଭଞ୍ଜ ଜିଲ୍ଲାର ୨୪ଟି ବ୍ଲକ୍ ପାଇଁ ୨୬୮ଟି, ଫୁଲବାଣୀର ୧୫ଟି ବ୍ଲକ୍ ପାଇଁ ୪୬୮ଟି, ପୁରୀ ଜିଲ୍ଲାର ୬ଟି ବ୍ଲକ୍ ପାଇଁ ୮୭ଟି, ସମ୍ବଲପୁରର ୧୫ଟି ବ୍ଲକ୍ ପାଇଁ ୯୧ଟି ଏବଂ ସୁନ୍ଦରଗଡ଼ର ୨ଟି ବ୍ଲକ୍ ପାଇଁ ୨୪ଟି ନଳକୂପ ମଞ୍ଜୁର କରାଯାଇଛି ।

ଉପରୋକ୍ତ ୨,୩୨୦ଟି ନଳକୂପ ବ୍ୟତୀତ ସରକାର ଚଳିତ ନଭେମ୍ବର ମାସରେ ଉକ୍ତ କେନ୍ଦ୍ରୀୟ କାର୍ଯ୍ୟକ୍ରମ ଅନୁଯାୟୀ ଆଉ ୭୮୪ଟି ନଳକୂପ ମଞ୍ଜୁର କରିଛନ୍ତି । ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲାରେ ୨୦୦ଟି, ସମ୍ବଲପୁରରେ ୧୦୦ଟି, ବାଲେଶ୍ୱରରେ ୪୭ଟି, ବଲାଙ୍ଗୀରରେ ୪୨ଟି, କଟକରେ ୭୭ଟି, ଢେଙ୍କାନାଳରେ ୨୦ଟି, କଳାହାଣ୍ଡିରେ ୮୮ଟି, କେନ୍ଦୁଝରରେ ୪୪ଟି, ମୟୂରଭଞ୍ଜରେ ୭୧ଟି, ପୁରୀରେ ୬୧ଟି ଏବଂ ସୁନ୍ଦରଗଡ଼ରେ ୩୪ଟି ନଳକୂପ ବସାଯିବାକୁ ସ୍ଥିର ହୋଇଛି । ସେହିସବୁ ଜିଲ୍ଲାର ଜଳକ୍ଳିଷ୍ଟ ଗ୍ରାମ ପାଇଁ ଉଦ୍ଦିଷ୍ଟ ଏହି ୭୮୪ଟି ନଳକୂପ ମଧ୍ୟରୁ ୧୫୦ଟି ନଳକୂପ ପଚ୍ଛୁଆଗ୍ରାମ ଓ ହରିଜନ ବସ୍ତିଗୁଡ଼ିକରେ ବସାଯିବ । ତଦନୁଯାୟୀ ସଂପୃକ୍ତ ଜିଲ୍ଲାପାଳ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଯନ୍ତ୍ରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାଲାଗି ନିର୍ଦ୍ଦେଶ ଦିଆଯାଇଛି ।

O O o

## ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ୟାପକ ଫସଲ ହାନି

ଚଳିତ ବର୍ଷ ଅଗଷ୍ଟ ମାସର ବନ୍ୟା ଫଳରେ ବାଲେଶ୍ୱର ବଲାଙ୍ଗୀର, କଟକ, ପୁରୀ ଓ କେନ୍ଦୁଝର ଜିଲ୍ଲାର ୧ ଲକ୍ଷ ୩୧ ହଜାର ୨୭୫ ହେକ୍‌ଟର ଜମିରେ ବିଭିନ୍ନ ଫସଲ କ୍ଷତି ହୋଇଛି । ସେଥିମଧ୍ୟରୁ ୩୬,୮୬୨ ହେକ୍ଟର ଜମିରେ ଧାନ, ମୁଗ, ବିରି ଓ ଝୋଟ ପ୍ରଭୃତି ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଥିଲା-ବେଳେ ୯୪,୪୧୩ ହେକ୍ଟର ଜମିରେ ଆଂଶିକ ଭାବରେ ସେହି ଫସଲ ସବୁ ନଷ୍ଟ ହୋଇଛି । ସଂପୂର୍ଣ୍ଣ ନଷ୍ଟ ହୋଇଥିବା ଧାନ ଜମିରେ ଚାଷୀମାନେ ପୁନର୍ବାର ଧାନତଳି ରୋଇଛନ୍ତି । ଆଂଶିକ ନଷ୍ଟ ହୋଇଥିବା ଜମିରେ ଖୁଣ୍ଟା ଦିଆଯାଇଛି ଓ ଏହିସବୁ ଜମିରେ ଯବକ୍ଷାରଜାନ ଜାତୀୟ ସାର ପ୍ରୟୋଗ କରି କ୍ଷତିର ଭରଣା ପାଇଁ ଚାଷୀମାନଙ୍କୁ କୃଷି ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।

ସେପ୍‌ଟେମ୍ବର ଶେଷଭାଗରେ ହୋଇଥିବା ପ୍ରବଳ ବର୍ଷା ଫଳରେ ବାଲେଶ୍ୱର ଓ ବଲାଙ୍ଗୀର ଜିଲ୍ଲାର କେତେକ ଅଞ୍ଚଳରେ ଧାନ ଓ ଅଣ-ଧାନ ଫସଲ କ୍ଷତି ହୋଇଛି । ଏହି ବନ୍ୟା ପରେ ପରେ କଳାହାଣ୍ଡି ଓ ବଲାଙ୍ଗୀର ଅଞ୍ଚଳରେ ଧାନ ଫସଲରେ ପୋକ ଆକ୍ରମଣ ହୋଇଥିଲା । ପୋକ ଆକ୍ରମଣର ମୁକାବିଲା କରିବା ପାଇଁ କୃଷି ବିଭାଗ ତରଫରୁ ବଲାଙ୍ଗୀର ଜିଲ୍ଲାରେ ୪ ଲକ୍ଷ ଟଙ୍କାର ଓ କଳାହାଣ୍ଡି ଜିଲ୍ଲାରେ ଏକଲକ୍ଷ ଟଙ୍କାର ପୋକମରା ଔଷଧ ପ୍ରୟୋଗ କରିବାକୁ ବ୍ୟବସ୍ଥା କରାଯାଇଛି ।

ଅକ୍‌ଟୋବର ୧୫ ଓ ୧୬ ତାରିଖର ପ୍ରବଳ ବର୍ଷା, ବାତ୍ୟା ଓ ବନ୍ୟା ଫଳରେ ବାଲେଶ୍ୱର, କଟକ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୩ଲକ୍ଷ ୨୫ ହଜାର ୪୩୪ ହେକ୍‌ଟର ଜମିରେ ଫସଲ କ୍ଷତି ଘଟିଥିବା ଅଟକଳ କରାଯାଇଛି । ମଞ୍ଜିଆଳି ଓ ବଡଧାନ ଫସଲର ହୋଇଥିବା କ୍ଷତି ଭରଣା କରିବା ସମ୍ଭବ ନୁହେଁ । ଫୁଲ ଉଡାଇବା ଅବସ୍ଥାରେ ଥିବା ଫସଲର ସଂପୂର୍ଣ୍ଣ କ୍ଷତି ଘଟିଛି । ଖାଲୁଆ

ଜମିର ବଢ଼ଧାନ ଗର୍ଭଧାରଣ ଅବସ୍ଥାରେ ଥିବାବେଳେ ପାଣିରେ ବୁଡ଼ିରହିବା ଫଳରେ ତାର ପ୍ରଭୂତ କ୍ଷତି ଘଟିଛି । ଏକଲକ୍ଷ ୬୪ ହଜାର ୮୨୫ ହେକ୍ଟର ଜମିର ଧାନ ଫସଲ ଆଂଶିକ କ୍ଷତି ହୋଇଛି ଏବଂ ଏକଲକ୍ଷ ୧୨ ହଜାର ୬୬୪ ହେକ୍ଟର ଜମିରେ ସଂପୂର୍ଣ୍ଣ କ୍ଷତି ହୋଇଛି ।

ଏହି ଜମିମାନଙ୍କରେ ରବି ଫସଲ ଚାଷ କରି କ୍ଷୟକ୍ଷତିର ଭରଣା କରିବା ଆବଶ୍ୟକ । ସେଥିପାଇଁ ଚଳିତ ବର୍ଷ ରବି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ଅଣ-ଧାନ ଫସଲ ମଧ୍ୟରେ ବନ୍ୟା ଯୋଗୁଁ ୩୪,୧୧୬ ହେକ୍ଟର ଜମିରେ ଡାଲି, ପନିପରିବା, ତୈଳବୀଜ ଓ ଆଖୁ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇ-ଯାଇଛି ଏବଂ ୩୨,୬୬୯ ହେକ୍ଟର ଜମିରେ ଆଂଶିକ କ୍ଷତି ହୋଇଛି । ଏହିସବୁ ଅଞ୍ଚଳରେ ରବି ଫସଲର ବ୍ୟାପକ ଚାଷ କରାଗଲେ, ଚାଷୀ ବନ୍ୟାଜନିତ କ୍ଷୟକ୍ଷତିର କିୟଦଂଶ ଭରଣା କରିପାରିବେ ।

ଗତ ଅକ୍ଟୋବର ମାସର ବନ୍ୟା ଓ ବାତ୍ୟା ଯୋଗୁଁ ଆମ ରାଜ୍ୟର ଯେଉଁ ସାତଟି ଜିଲ୍ଲାରେ ବ୍ୟାପକ ଫସଲ ହାନି ହୋଇଛି, ସେସବୁ ଅଞ୍ଚଳରେ ଚଳିତ ରବିଋତୁରେ ମୋଟ ୧୫ ଲକ୍ଷ ୪୮ ହେକ୍ଟର ଜମିରେ ବିଭିନ୍ନ ଫସଲ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ସମସ୍ତ ଚାଷୀଙ୍କୁ ରିହାତି ଦରରେ ଆବଶ୍ୟକୀୟ ବିହନ ମଧ୍ୟ ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି । ଏହି ସମୟ ମଧ୍ୟରେ ସଂପୃକ୍ତ ଜିଲ୍ଲାର ଚାଷୀଙ୍କୁ ୨୬,୮୯ କୁଇଣ୍ଟାଲ ବିହନ ଏବଂ ୩୯,୧୩୫ ମେଟ୍ରିକ୍ ଟନ୍ ବିଭିନ୍ନ କିସମର ଉଦ୍‌ଭିଦ ଖାଦ୍ୟସାର ଯୋଗାଇ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ବନ୍ୟାଞ୍ଚଳର ଚାଷୀମାନଙ୍କୁ ଶତକଡ଼ା ୨୫ ଭାଗ ରିହାତି ଦରରେ ସାର ବିକ୍ରୟ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ସ୍ମାରକପତ୍ର ଦିଆଯାଇଛି । କେନ୍ଦ୍ର ସରକାରଙ୍କଠାରୁ ସାହାଯ୍ୟ ମିଳିଲେ ଏହି ପ୍ରକାର ରିହାତି ମୂଲ୍ୟର ସାର କେବଳ ସମବାୟ ସମିତି ଓ ଓଡ଼ିଶା କୃଷି ଶିଳ୍ପ ନିଗମ ଜରିଆରେ ବିକ୍ରୟର ବ୍ୟବସ୍ଥା ହେବ । ରିହାତିକୁ ଅପେକ୍ଷା ନ କରି ଆମର ଚାଷୀମାନେ ଅଧିକ ଅମଳ ପାଇଁ ସୁଷମ ସାର ପ୍ରୟୋଗ କରିବା ବାଞ୍ଛନୀୟ ।

ଅତୀତର ଅଭିଜ୍ଞତାରୁ ଜଣାଯାଇଛି ଯେ ରବିଋତୁରେ ଡାଲିପ୍ରଧାନ ଫସଲରେ ମାଟିଆ ଗୁଣ୍ଡି ପୋକ, କେଣ୍ଡାକଟା ପୋକ ଓ ତାଲିକାଦୀୟ ଫସଲରେ ବ୍ୟାପକ ଭାବେ ରୋଗପୋକ ଲାଗିଥାନ୍ତି । ଏ ଦିଗରେ ଚାଷୀମାନେ ଆଗୁଆ ପଦକ୍ଷେପ ନେବା ପାଇଁ କୃଷି ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।

---

## ମାର୍ଜିନ୍-ମନି ଋଣଯୋଗରେ ନଳକୂପ

ରାଜସ୍ୱ ବିଭାଗର "ମାର୍ଜିନ୍-ମନି"ରୁ ୪୦ଲକ୍ଷ ଟଙ୍କା ବିନି-ଯୋଗ କରାଯାଇ ଚଳିତ ଆର୍ଥିକ ବର୍ଷରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସମୁଦାୟ ୨୨୫ ନଳକୂପ ବସାଇବାକୁ ସରକାର ନିଷ୍ପତ୍ତି କରିଛନ୍ତି ଏବଂ ତଦନୁଯାୟୀ ସଂପୃକ୍ତ ସରକାରୀ କର୍ତ୍ତୃପକ୍ଷ-ମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

"ମାର୍ଜିନ୍-ମନି" ରୁ ୨୦ ଲକ୍ଷ ଟଙ୍କା ବ୍ୟୟକରି କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ପାନୀୟ ଜଳାଭାବଥିବା ଅଣଚିହ୍ନିତ ଗ୍ରାମମାନଙ୍କରେ ୧୦୦ଟି ନଳକୂପ ବସାଇବାଲାଗି ଗୃହ ନିର୍ମାଣ ଓ ପୌରଉନ୍ନୟନ ବିଭାଗ ସଂପୃକ୍ତ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି । ଏହି ୧୦୦ଟି ନଳକୂପ ମଧ୍ୟରୁ ନୂଆପଡ଼ା ସବ୍‌ଡ଼ିଭିଜନର ନଳକୂପ-ବିହୀନ ୩୬ଟି ଗ୍ରାମରେ ଗୋଟିଏ ଲେଖାଏଁ ନଳକୂପ ବସାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

ସେହିପରି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାଲେଶ୍ୱର ଜିଲ୍ଲାରେ ୪ଟି, ବଲାଙ୍ଗୀରରେ ୩୦ଟି, ଢେଙ୍କାନାଳରେ ୧୨ଟି, ଗଂଜାମରେ ୪୫ଟି, କଳାହାଣ୍ଡିରେ ୫ଟି, କୋରାପଟରେ ୨୩ଟି ଏବଂ ଫୁଲବାଣୀରେ ୬ଟି—ଏହିପରି ୧୨୫ଟି ନଳକୂପ ବସାଇବାକୁ ପଦକ୍ଷେପ ନିଆଯାଇଛି । ଏହି ନଳକୂପ ସବୁ ସେହି ଜିଲ୍ଲାର ୩୧ଟି ସହରାଂଚଳଗୁଡ଼ିକରେ ବସାଇବାଲାଗି ମଂଜୁର କରାଯାଇଛି ।

---

## ରିହାତି ଦରରେ ଖାଦ୍ୟ ଯୋଗାଣ

ରାଜ୍ୟର ଆଇ. ଟି. ଡ଼ି. ପି. ବ୍ଲକମାନଙ୍କରେ ବାସ କରୁଥିବା ଆଦିବାସୀମାନଂକୁ ସାଧାରଣ ବଣ୍ଟନ ପ୍ରଣାଳୀରେ ରିହାତି ଦରରେ ଖାଦ୍ୟ ଡିସେମ୍ବର ୧ ତାରିଖଠାରୁ ଯୋଗାଇ ଦେବାକୁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶୁରୁ କରିଛନ୍ତି । ସେମାନଂକୁ ସାଧାରଣ ଉଷୁନା ଚାଉଳ କିଲୋପ୍ରତି ଟ୧'୮୫ ପଇସା ଓ ଗହମ କିଲୋପ୍ରତି ଟ୧'୫୦ ପଇସାରେ ବିକ୍ରୟ କରାଯିବ । ବର୍ତ୍ତମାନ ସାଧାରଣ ଉଷୁନା ଚାଉଳ କିଲୋପ୍ରତି ବିକ୍ରୟ ମୂଲ୍ୟ ଟ୨'୫୫ ପଇସା ଓ ଗହମ କିଲୋପ୍ରତି ଟ୧'୯୭ ପଇସା ଅଛି । ଆଦିବାସୀ ବ୍ଲକଗୁଡ଼ିକରେ ବାସ କରୁଥିବା ଲୋକମାନଂକର କିଣିବା କ୍ଷମତା କମ୍ ଥିବା ଦୃଷ୍ଟିରୁ ରଖି ସେମାନଂକୁ ସାହାଯ୍ୟ କରିବାପାଇଁ ଏପରି ଯୋଜନା କାର୍ଯ୍ୟକାରୀ କରାଯାଉଛି ।

ଏହି ଯୋଜନାଟି ବାଲେଶ୍ୱର, ମୟୂରଭଂଜ, କେଂଦୁଝର, ସମ୍ବଲପୁର, ସୁଂଦରଗଡ଼, ଗଂଜାମ, କୋରାପୁଟ କଳାହାଣ୍ଡି ଏବଂ ଫୁଲବାଣୀ ଜିଲ୍ଲାର ୨୧ଟି ଆଇ. ଟି. ଡ଼ି. ପି. ଅଂଚଳର ୧୧୮ଟି ବ୍ଲକରେ କାର୍ଯ୍ୟକାରୀହେବ । ଏହି ବ୍ଲକ୍ ସମସ୍ତରେ ଥିବା ପୌର ଅଂଚଳରେ ବାସ କରୁଥିବା ଲୋକଂକ ବ୍ୟତୀତ ମୋଟ ୬୪ଲକ୍ଷ ୩୨ ହଜାର ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

---

## ମାଛଧରା ପୋତର ଲାଇସେନ୍‌ସ

କ୍ଷୁଦ୍ର ମତ୍ସ୍ୟଜୀବୀଙ୍କ ସ୍ୱାର୍ଥରକ୍ଷା ଓ ଉପକୂଳ ଅଂଚଳରେ ଅବାଧ ମାଛଧରାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସାମୁଦ୍ରିକ ନିୟନ୍ତ୍ରଣ ଆଇନ କଡ଼ାକଡ଼ିଭାବେ ଲାଗୁହେବା ଯୋଗୁଁ ବର୍ତ୍ତମାନ ରାଜ୍ୟର ସମୁଦ୍ର ଉପକୂଳ ଅନ୍ତର୍ଗତ ମାଛଧରାଳୀମାନେ ନିଜ ନିଜ ମାଛଧରା ନୌକା ଓ ଯାନ୍ତ୍ରିକ ପୋତର ରେଜିଷ୍ଟ୍ରେସନ ଏବଂ ବାର୍ଷିକ ଲାଇସେନ୍‌ସ କରିବାରେ ଆଗ୍ରହ ପ୍ରକାଶ ପାଉଛି ।

ଆଇନର ବ୍ୟବସ୍ଥାନୁଯାୟୀ ପ୍ରତ୍ୟେକ ମାଛଧରା ପୋତ ସଂପୃକ୍ତ ଅଂଚଳରେ ପୂର୍ଣ୍ଣ ମାଛଧରା ସମୟ ନିମନ୍ତେ ୫୦୦ ଟଙ୍କା ଲେଖାଏଁ ପ୍ରଦାନ କରିବେ । ତାଂହିଁ ରେଜିଷ୍ଟ୍ରେସନ୍ କରିବେ । ଏପର୍ଯ୍ୟନ୍ତ ୧୫୦ଟି ରେଜିଷ୍ଟ୍ରୀହୋଇ ସାରିଛନ୍ତି ଓ ଏ ବାବଦରେ ୨,୪୫୦ ଟଂକା ଆଦାୟ ହୋଇଛି ।

ଉପକୂଳ ଅଂଚଳ ଅନ୍ତର୍ଗତ ବାଲୁଗାଁ, ପୁରୀ, ବାଲେଶ୍ୱର, ପାରାଦୀପ ଓ ଅସ୍ତରଂଗଠାରେ ବର୍ତ୍ତମାନ ୩୦୮ଟି ଯାନ୍ତ୍ରିକ ପୋତ ଓ ୩,୫୭୨ଟି ଅଣ-ଯାନ୍ତ୍ରିକ ପୋତ ମାଛଧରାରେ ନିୟୋଜିତ ହେଉଛି । ସବୁ ମାଛଧରା ପୋତ ପାଇଁ ବାର୍ଷିକ ଲାଇସେନ୍ସ ବ୍ୟବସ୍ଥା ଉଲ୍ଲେଖଅଛି । ୧୫ ମିଟରରୁ ଉର୍ଦ୍ଧ୍ୱ ପୋତ ପାଇଁ ବାର୍ଷିକ ଲାଇସେନ୍ସ ଫିସ ୩୦୦ ଟଂକା ଓ ତା' ଠାରୁ କମ୍ ଦୈର୍ଘ୍ୟ ମାଛଧରା ପୋତ ନିମନ୍ତେ ୧୦୦ ଟଂକା ଧାର୍ଯ୍ୟ କରାଯାଉଛି । ସେହିଭଳି କାଟମରାନ୍, କାନୋସ ଆଦି ଦେଶୀଡ଼ଂଗା ନିମନ୍ତେ ୫୦ ଟଂକା ଏବଂ ୮.୫ ମିଟରର ଛୋଟ ଡ଼ଂଗାପ୍ରତି ବାର୍ଷିକ ଫିସ୍ ୨୦ ଟଂକା ଦିଆଯିବ । ପ୍ରତ୍ୟେକ ଲାଇସେନ୍ସ ସେହି ବର୍ଷର ୩୦ ଜୁନ୍ ପୂର୍ବରୁ ନବୀକରଣ କରିବାକୁ ପରାମର୍ଶ ଦିଆଯାଉଛି ।

---

## ଓଡ଼ିଶାରେ ବସ୍ ଭଡ଼ା

୧୯୮୧ ମସିହାଠାରୁ ୪ବର୍ଷଧରି ରାଜ୍ୟରେ ବସଭଡ଼ା ବଢ଼ି କରାଯାଉନାହିଁ, ଯଦିଓ ଏ ମଧ୍ୟରେ ଅନ୍ୟ ବିଭିନ୍ନ ରାଜ୍ୟ ବାରମ୍ବାର ବସ୍‌ଭଡ଼ା ବୃଦ୍ଧି କରିଛନ୍ତି । ରେଳଭଡ଼ା ବୃଦ୍ଧି ମଧ୍ୟ ବାରମ୍ବାର ହୋଇଛି । ଓଡ଼ିଶାରେ ଯେଉଁ ବସଭଡ଼ା ୪ବର୍ଷଧରି ରହିଥିଲା, ତାହା ଭାରତବର୍ଷରେ ସବୁଠାରୁ କମ୍ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଏବର୍ଷ ପେଟ୍ରୋଲ, ଡ଼ିଜେଲ ଆଦିର ଦର ହଠାତ୍ ବଢ଼ିଯିବା ଫଳରେ ରାଜ୍ୟ ପରିବହନ ସଂସ୍ଥାମାନଂକ ପକ୍ଷରେ ଆହୁରି ଅଧିକ କ୍ଷତି ସହିବା ସମ୍ଭବ ହେଲନାହିଁ । ପୂର୍ବ ୪ ବର୍ଷ ମଧ୍ୟରେ ବସ୍‌ଭଡ଼ା ବଢ଼ାଇଥିବା ରାଜ୍ୟମାନେ ମଧ୍ୟ ପୁଣି ଥରେ ବସ୍‌ଭଡ଼ା ବଢ଼ାଇଲେ; ଉଦାହରଣ ସ୍ୱରୂପ—କର୍ଣ୍ଣାଟକ, ପଶ୍ଚିମବଂଗ, ଆଂଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ରାଜସ୍ଥାନ ଆଦି । ରାଜ୍ୟ ସରକାର ଏ ସଂପର୍କରେ ବହୁ ବିସ୍ତୃତ ଆଲୋଚନା କରିଛନ୍ତି । ଜନସାଧାରଣଙ୍କ ଆଗରେ ରାଜ୍ୟ ପରିବହନର ଆର୍ଥିକ ଚିତ୍ର ଉପସ୍ଥାପିତ କରିଛନ୍ତି । ବିଧାନସଭାରେ ଓ ବିଭିନ୍ନ ବିରୋଧୀ ଦଳଂକ ସହିତ ଆଲୋଚନା-ବେଳେ ମଧ୍ୟ ବର୍ଦ୍ଧିତ ମୂଲ୍ୟହାର ଦୃଷ୍ଟିରୁ ପରିବହନର ଆର୍ଥିକ ଅବସ୍ଥା ସଂପର୍କରେ ବୁଝାଇଛନ୍ତି । ଘରୋଇ ବସ୍‌ମାଲିକମାନଂକ ପକ୍ଷରୁ ବାରମ୍ବାର ଦାବୀ କରାଯାଉଛି ଯେ ସେମାନେ ପୁରୁଣା ରେଟରେ ବସ୍ ଚଳାଇବାପାଇଁ ଅକ୍ଷମ । ଏ ସମସ୍ତ ବିସ୍ତୃତ ବିଚାର ଏବଂ ମାସ ମାସ ଧରି ଏ ବିଷୟରେ ଆଲୋଚନା ପରେ ସରକାର ବସ୍‌ଭଡ଼ା ବଢ଼ାଇବା ପାଇଁ ବାଧ୍ୟ ହୋଇଛନ୍ତି ଏବଂ ତଦନୁଯାୟୀ ଗତ ଅକ୍ଟୋବର ୧୮ ତାରିଖଠାରୁ ଓଡ଼ିଶାରେ ବସ୍‌ଭଡ଼ା ବୃଦ୍ଧି କରାଯାଇଛି ।

ସେହି ଦିନଠାରୁ ଓଡ଼ିଶାର ଜନସାଧାରଣ ଓ ବସ୍‌ଯାତ୍ରୀ-ମାନେ ବସ୍‌ଭଡ଼ାଜନିତ ପରିସ୍ଥିତିକୁ ହୃଦୟଂଗମ କରି ସରକାରଂକ ସହିତ ପୂର୍ଣ୍ଣ ସହଯୋଗ କରିଛନ୍ତି । ସରକାର ତରବରିଆ ଭାବରେ ବା ପୂଜାର ସୁଯୋଗ ନେଇ ବସ୍‌ଭଡ଼ା ବଢ଼ାଇ ନାହାନ୍ତି । ସରକାର ଚାହିଁଥିଲେ ୪ ମାସ ଆଗରୁ ବସ୍‌ଭଡ଼ା ବଢ଼ାଇ ପାରିଥାନ୍ତେ । ପଶ୍ଚିମବଂଗ ଓ ଅନ୍ୟାନ୍ୟ ରାଜ୍ୟରେ ଏବର୍ଷ ବହୁ ଆଗରୁ ବସ୍ ଭଡ଼ା ବଢ଼ାସରିଲାଣି । ବହୁଚିନ୍ତା, ବହୁ ଆଲୋଚନା ଓ ପ୍ରସ୍ତୁତି ପରେ ଏ ସରକାର ବ୍ୟବସ୍ଥା ଗ୍ରହଣ କରିଛନ୍ତି । ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ସାତପଛରେ ଏହା କରିଛି ।

ବସ୍‌ଭଡ଼ା ବଢ଼ାଇଥିବା ରାଜ୍ୟମାନଂକ ମଧ୍ୟରେ ବିଭିନ୍ନ ମତବାଦର ଶାସନ ଅଛି । ରାଜସ୍ଥାନ, ମଧ୍ୟପ୍ରଦେଶରେ ଯେପରି ବଢ଼ିଛି, ପଶ୍ଚିମବଂଗ, କର୍ଣ୍ଣାଟକ, ଆଂଧ୍ରପ୍ରଦେଶରେ ମଧ୍ୟ ସେହିପରି ବଢ଼ିଛି । ପଶ୍ଚିମବଂଗରେ ସାଧାରଣ ବସ୍‌ଭଡ଼ା ଏଇ ମେ ମାସ ୧୫ ତାରିଖଠାରୁ ୧୦ ପଇସାକୁ ବୃଦ୍ଧି କରାଯାଇଛି । କର୍ଣ୍ଣାଟକ୍‌ରେ ୧୯୮୩ ମସିହାରେ ବସ୍‌ଭଡ଼ା ବୃଦ୍ଧି କରାଯାଇ ଏହି ଅକ୍ଟୋବର ୪ ତାରିଖଠାରୁ, ଅର୍ଥାତ୍ ଦଶହରା ପୂର୍ବରୁ ପୁଣି ବୃଦ୍ଧି କରାଯାଇଛି ଏବଂ ଓଡ଼ିଶା ତୁଳନାରେ ତାହା ଯଥେଷ୍ଟ ବେଶୀ । ଉଦାହରଣ ସ୍ୱରୂପ—ସାଧାରଣ ବସ୍‌ର ଭଡ଼ା କିଲୋମିଟର ପିଛା ୧୨ ପଇସା, ଏକ୍ସପ୍ରେସ ବସ୍‌ରେ ୧୩.୫୦ ପଇସା ଏବଂ ସୁପରଫାଷ୍ଟ ଏକ୍ସପ୍ରେସରେ ୧୬ ପଇସା ଓ ଡ଼ିଲକ୍ସରେ ୧୯.୫୦ ପଇସା । ଓଡ଼ିଶାରେ ଏସବୁ କ୍ଷେତ୍ରରେ ବସ୍‌ଭଡ଼ା ୨ ପଇସାରୁ ଅଢ଼େଇ ପଇସା କମ୍ । ସେହିପରି ପଡ଼ୋଶୀ ଆଂଧ୍ର ପ୍ରଦେଶରେ ମଧ୍ୟ ଗତ ମେ ମାସରେ ବସ୍‌ଭଡ଼ା ବୃଦ୍ଧି କରାଯାଇଛି ଏବଂ ତାହା ଓଡ଼ିଶାଠାରୁ କୌଣସି ଦୃଷ୍ଟିରୁ ନ୍ୟୂନ ନୁହେଁ । ବର୍ତ୍ତମାନର ଆର୍ଥିକ ପରିସ୍ଥିତିକୁ ବିଚାରକୁ ନେଇ ସବୁରାଜ୍ୟ ଏହି ବ୍ୟବସ୍ଥା ଗ୍ରହଣ ପାଇଁ ବାଧ୍ୟ ହୋଇଛନ୍ତି ।

---

## ରମାଦେବୀଙ୍କର ଅନ୍ତିମ ଇଚ୍ଛା

ଓଡ଼ିଶାର ବିଶିଷ୍ଟ ଜନସେବୀ ସ୍ୱର୍ଗୀୟା ରମାଦେବୀଙ୍କର ଅନ୍ତିମ ଇଚ୍ଛା ପୂରଣ କରିବା ପାଇଁ କଟକସ୍ଥିତ କ୍ୟାନ୍‌ସର ଇନଷ୍ଟିଚ୍ୟୁଟ୍‌କୁ ଆଚାର୍ଯ୍ୟ ହରିହର ଦାସଙ୍କ ନାମରେ ନାମିତ କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

ମୃତ୍ୟୁର ଅବ୍ୟବହିତ ପୂର୍ବରୁ ରମାଦେବୀ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ଲେଖିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ସେ ଚିଠିଟି ସଂପୂର୍ଣ୍ଣ କରିପାରିନଥିଲେ । ଏହି ଅସଂପୂର୍ଣ୍ଣ ଚିଠିରେ କଟକରେ ଥିବା ସରକାରୀ କ୍ୟାନ୍‌ସର ଇନଷ୍ଟିଚ୍ୟୁଟ୍‌କୁ ଆଚାର୍ଯ୍ୟ ହରିହର ଦାସଙ୍କ ନାମରେ ନାମିତ କରିବା ପାଇଁ ରମାଦେବୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଥିଲେ ।

ଗତ କେତେଦିନ ତଳେ ରମାଦେବୀଙ୍କର କନ୍ୟା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା ରମାଦେବୀ-ଙ୍କର ଶେଷ ଚିଠିଟି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ ଦେଇଥିଲେ । ଚିଠିଟି ମୁଖ୍ୟମନ୍ତ୍ରୀଙ୍କ ହସ୍ତଗତ ହେବାମାତ୍ରେ ସେ ସ୍ୱର୍ଗତା ରମାଦେବୀଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ସମ୍ମାନ ଜ୍ଞାପନ କରି କଟକର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌କୁ ଆଚାର୍ଯ୍ୟ ହରିହର ଦାସ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ନାମରେ ନାମିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

---

## ଆଦିବାସୀ ଯୁବକମାନଙ୍କ ତାଲିମ

ଆନ୍ତର୍ଜାତିକ ଯୁବବର୍ଷ ପାଳନ ଅବସରରେ ପୁରବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଆଦିବାସୀ ଯୁବକମାନଙ୍କର ଏକ ୫-ଦିନିଆ ତାଲିମ ଶିବିର ଗତ ୪

ତାରିଖଠାରୁ ପ୍ରୋଜେକ୍ଟ ପ୍ରଶାସକ ଶ୍ରୀ ଜ୍ଞାନେନ୍ଦ୍ରନାଥ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଗତ ୪ ତାରିଖ ଦିନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଯୋଜନା ଅଧିକାରୀ ଶ୍ରୀ ନିତ୍ୟାନନ୍ଦ ପାତ୍ର ଏହି ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏଥିରେ ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରୀପଡା ବ୍ଲକ୍‌ର ୧୩ ଜଣ ଆଦିବାସୀ ଯୁବକ ଯୋଗଦାନ କରିଥିଲେ । ଏହି ଶିବିରରେ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଏବଂ ବିଭିନ୍ନ ବିଭାଗୀୟ ଅଫିସରବୃନ୍ଦ ଆଦିବାସୀମାନଙ୍କର ସାମାଜିକ ତଥା ଅର୍ଥନୈତିକ ସମସ୍ୟା ଏବଂ ସେମାନଙ୍କର ଉନ୍ନୟନ ତଥା ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଏବଂ ସାମ୍ବିଧାନିକ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ । ଆଦିବାସୀ ଯୁବକମାନଙ୍କର ଚିତ୍ତବିନୋଦନ ପାଇଁ ସଂଧ୍ୟାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ବିଭିନ୍ନ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।

ଉଦ୍‌ଯାପନ ଉତ୍ସବରେ ଯୋଗଦାନ କରି ସ୍ଥାନୀୟ ରାଜ୍ୟସଭା ସଦସ୍ୟ ଶ୍ରୀ ଜଗଦ୍ଦିଶ ଚନ୍ଦ୍ର ଜାନୀ ଆଦିବାସୀମାନଙ୍କ ସୁରକ୍ଷା ତଥା ଉନ୍ନୟନ ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପ ଏବଂ ଏହାର ପୂର୍ଣ୍ଣ ଉପାଦେୟତା ଲାଭ କରିବାରେ ଆଦିବାସୀ ଯୁବକମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ଶେଷରେ ସମ୍ମାନୀୟ ଅତିଥି ତାଲିମ ଶିବିରରେ ଯୋଗଦାନ କରିଥିବା ୧୩ଜଣ ଆଦିବାସୀ ଯୁବକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

---

## ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା

ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ଶେଷ ସୁଦ୍ଧା ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନାରେ ୮୪୬ ଜଣ ମହିଳାଙ୍କ ସମେତ ସର୍ବମୋଟ ୩୨,୬୯୮ ଜଣ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୬,୩୨୫ ଜଣ ତପସିଲଭୁକ୍ତ ଜାତି ଓ ୮,୩୯୧ ଜଣ ତପସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

ଏ ବାବଦରେ ମୋଟ ୫ କୋଟି ୯ଲକ୍ଷ ୭ ହଜାର ଟଙ୍କା ସରକାରୀ ଅର୍ଥ ବିନିଯୋଗ କରାଯାଇଛି । ସେଥିରୁ ତପସିଲଭୁକ୍ତ ଜାତି ଓ ତପସିଲଭୁକ୍ତ ସଂପ୍ରଦାୟର ଲୋକମାନଙ୍କୁ ମିଳିଥିବା ସବ୍‌ସିଡ଼ିର ପରିମାଣ ୩ କୋଟି ୧୫ ଲକ୍ଷ ୮୫ ହଜାର ଟଙ୍କା । ଉପରୋକ୍ତ ବ୍ୟକ୍ତିମାନଙ୍କୁ ବିଭିନ୍ନ ଋଣଦାନ ସମବାୟ ଓ ବ୍ୟବସାୟିକ ବ୍ୟାଙ୍କ୍‌ଗୁଡ଼ିକରୁ ୫ କୋଟି ୬୨ ଲକ୍ଷ ୧୨ ହଜାର ଟଙ୍କାର ଋଣ ମଂଜୁର କରାଯାଇଛି ।

---

## ଆଇ. ଏ. ଏସ୍. ଅଫିସରମାନଙ୍କୁ ତାଲିମ ପାଠ୍ୟକ୍ରମ

ଗତ ନଭେମ୍ବର ପହିଲା ଦିନ ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନ ଶିକ୍ଷାନୁଷ୍ଠାନଠାରେ ରାଜ୍ୟରେ ୬ ବର୍ଷରୁ ୯ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ଆଇ. ଏ. ଏସ୍. ଅଫିସର ଭାବେ କାର୍ଯ୍ୟ କରିଥିବା ଅଫିସରମାନଙ୍କୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ନିଯୁକ୍ତି ଓ ପ୍ରଶାସନିକ ସଂସ୍କାର ବିଭାଗ ଆନୁକୂଲ୍ୟରେ ପାଠ୍ୟକ୍ରମ ବିଷୟରେ ଦୁଇମାସ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରିବା ବ୍ୟବସ୍ଥା ହୋଇଛି । ଏହି ତାଲିମ ପାଠ୍ୟକ୍ରମ ଉଦ୍‌ଘାଟନ କରି ପ୍ରଶାସନ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧ୍ୟକ୍ଷ ଶ୍ରୀ ସି. ଭେଙ୍କଟରମଣୀ କହିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ର ନିଯୁକ୍ତି ଓ ପ୍ରଶାସନିକ ସଂସ୍କାର ମନ୍ତ୍ରଣାଳୟ ଏକ ଆଗୁଆ ଯୋଜନା । ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି । ଦେଶର ଆଇ. ଏ. ଏସ୍. ଅଫିସରମାନେ ଗୁରୁ ଦାୟିତ୍ୱ ବହନ କରୁଥିବାରୁ ଏଠାରେ ଦିଆଯାଇଥିବା ତାଲିମ୍ ପାଠ୍ୟକ୍ରମ ଅତି ମୂଲ୍ୟବାନ ଓ ଉପାଦେୟ ହେବ । ସେବା କ୍ଷେତ୍ରରେ ତାଲିମର ଆବଶ୍ୟକତା ରହିଛି । ଅଭିଜ୍ଞ ଅଫିସରମାନେ ଏକାଠି ହେବା ଦ୍ୱାରା ପରସ୍ପର ମଧ୍ୟରେ ଭାବ ବିନିମୟ କରି ପାରିବେ ଏବଂ କିପରି ଦକ୍ଷ ପ୍ରଶାସକ ହୋଇପାରିବେ, ସେ ଦିଗରେ ବହୁ ଅନୁଭୂତି ମଧ୍ୟ ଅର୍ଜନ କରି ପାରିବେ । ଶ୍ରୀ ଭେଙ୍କଟରମଣୀ ଏଠାକୁ ତାଲିମ ପାଇଁ ଆସିଥିବା ଆଇ. ଏ. ଏସ୍. ଅଫିସରମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଅଭାବ ଅସୁବିଧା ତ୍ରୁଟି ସେ ଦିଗରେ କେତେକ ସୁପରାମର୍ଶ ଦେଇଥିଲେ ଏବଂ ଏହି ତାଲିମ ପାଠ୍ୟକ୍ରମ ଦ୍ୱାରା ଅଫିସରମାନେ ବିଶେଷ ଉପକୃତ ହେବେ ବୋଲି ଆଶା ପ୍ରକାଶ କରିଥିଲେ ।

ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ନାରାୟଣସ୍ୱାମୀ ଏହି ତାଲିମ ପାଠ୍ୟକ୍ରମ ଦେଶର ସବୁ ରାଜ୍ୟରେ ଦିଆଯାଇଥିବା, ଆମ ରାଜ୍ୟରୁ ଏଥିପାଇଁ ୧୫ ଜଣ ଅଫିସରଙ୍କୁ ବଛା ଯାଇଥିବା ଏବଂ ଏପରି ତାଲିମ ପାଠ୍ୟକ୍ରମ ଏଠାରେ ସର୍ବପ୍ରଥମ ବୋଲି ଦର୍ଶାଇଥିଲେ ।

ପ୍ରାରମ୍ଭରେ ଏହି ତାଲିମ ପାଠ୍ୟକ୍ରମର ତାଲିମ ଓ ସମନ୍ୱୟ ଦାୟିତ୍ୱରେ ଥିବା କମିଶନର ଶ୍ରୀ ପ୍ରୀତିମାନ ସରକାର ପ୍ରାଞ୍ଜଳ ଭାବେ ପାଠ୍ୟକ୍ରମର ବିଷୟବସ୍ତୁ ବୁଝାଇଥିଲେ ଏବଂ ତାଲିମ ସମୟ ମଧ୍ୟରେ ବିଭିନ୍ନ ବିଭାଗୀୟ ବିଶେଷଜ୍ଞ ଏଠାକୁ ଆସି ଅର୍ଥ, ପ୍ରଶାସନ, ଆଇନ୍, ସେବା, ଉନ୍ନୟନ, ସମନ୍ୱୟ ରକ୍ଷା, ହିସାବ ନିକାଶ ପ୍ରଭୃତି ବିଷୟରେ ଶିକ୍ଷା ଦେବେ ବୋଲି କହିଥିଲେ । ଶେଷରେ ଯୁଗ୍ମ କମିଶନର ଶ୍ରୀ ଗିରିଧାରୀ ନନ୍ଦ ଏହି ତାଲିମ ପାଠ୍ୟକ୍ରମରେ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜମିଜମା ସମସ୍ୟାର ସମାଧାନ

ରାଜ୍ୟର ବନ୍ଦୋବସ୍ତ କର୍ମଚାରୀମାନେ ବନ୍ଦୋବସ୍ତ ରେକର୍ଡ଼ପତ୍ର ଓ ନକ୍ସା ପ୍ରଭୃତିକୁ ଅଧିକ ତ୍ରୁଟିବିହୀନ ଓ ନିର୍ଭୁଲ ଭାବରେ ପ୍ରସ୍ତୁତ କରି ଲୋକମାନଙ୍କର ଜମିବାଡ଼ି ସଂପର୍କୀୟ ବହୁ ଜଟିଳ ସମସ୍ୟାର ସମାଧାନ କରିବାରେ ସହାୟକ ହେବା ପାଇଁ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ବନ୍ଦୋବସ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

କଟକଠାରେ ନଭେମ୍ବର ପହିଲା ଦିନ ରାଜ୍ୟ ବନ୍ଦୋବସ୍ତ ଅଧିକାରୀମାନଙ୍କର ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଜମିର ମାଲିକାନା ସ୍ୱତ୍ୱ ବନ୍ଦୋବସ୍ତ ରେକର୍ଡ଼ରେ ଠିକ୍ ଭାବରେ ପ୍ରତିପାଦନ ନ ହେଲେ ପରବର୍ତ୍ତୀ କାଳରେ ତାହା ଲୋକମାନଙ୍କ ପାଇଁ ବହୁ ଜଟିଳ ସମସ୍ୟା ସୃଷ୍ଟି କରିଥାଏ । ଏହା ଛଡ଼ା ଜମିର ରେକର୍ଡ଼ ପତ୍ର ଯଦି ଠିକ୍

ନ ଥିବ, ତେବେ ବିଭିନ୍ନ ସଂସ୍ଥାରୁ ଋଣ ଆଣି ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ସେଥିରୁ ମଧ୍ୟ ବଞ୍ଚିତ ହେବେ । ପୂର୍ବରୁ ଲୋକମାନଙ୍କର ବନ୍ଦୋବସ୍ତ କର୍ମଚାରୀମାନଙ୍କ ପ୍ରତି ଯେଉଁ ଭୟଭାବ ଥିଲା, ତାହା କ୍ରମଶଃ ଦୂରୀଭୂତ ହେଉଛି । ମାତ୍ର ଏହା ସଂପୂର୍ଣ୍ଣ ଭାବେ ଲୋକଙ୍କ ମନରୁ ଦୂର ହେବା ଉଚିତ୍ ଏବଂ ଏଥିପାଇଁ ବନ୍ଦୋବସ୍ତ ଅଧିକାରୀମାନେ ନିର୍ଭୁଲ ଓ ସଠିକ୍ ଜମିଜମା ରେକର୍ଡ ପ୍ରସ୍ତୁତ କରିବା ଉଚିତ୍ ।

ଗ୍ରାମାଞ୍ଚଳର ବିଭିନ୍ନ ଶିବିରରେ ଥିବା ବନ୍ଦୋବସ୍ତ ଅଧିକାରୀମାନଙ୍କର ଅସୁବିଧା ଦୂର କରିବା ପାଇଁ ଅଧିକ ସମ୍ବଳର ବ୍ୟବସ୍ଥା ହେବା ଦରକାର ବୋଲି ରାଜସ୍ୱ ମନ୍ତ୍ରୀ ମତବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ତଳ ଶ୍ରେଣୀର କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ମତବ୍ୟକ୍ତ କରିଥିଲେ ।

ଏହି ସମ୍ମିଳନୀରେ ରାଜସ୍ୱ ପର୍ଷଦର ସଦସ୍ୟ ଶ୍ରୀ ବିଘ୍ନରାଜ ପଟେଲ ଅଧ୍ୟକ୍ଷତା କରି ବନ୍ଦୋବସ୍ତ କର୍ମଚାରୀମାନେ ଯେପରି ସୁଷ୍ଠୁ ରୂପେ ସେମାନଙ୍କର କାର୍ଯ୍ୟ ସଂପାଦନ କରି ଲୋକଙ୍କର ଆସ୍ଥାଭାଜନ ହୋଇପାରିବେ, ସେଥିପାଇଁ ଅଧିକ ଯତ୍ନବାନ ହେବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ରାଜ୍ୟ ବନ୍ଦୋବସ୍ତ କମିଶନର ଶ୍ରୀ ସହଦେବ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ପ୍ରତି ବ୍ଲକରେ ଅଧିକ ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର

ପୁରୀଜିଲ୍ଲାର କଣ୍ଟିଲୋ, ନୂଆ ଗଡ଼ିଆ ସାହି, ଖଣ୍ଡପଡ଼ା ବାଘୁଆପାଲି ଓ ଭାପୁରଠାରେ ଥିବା ଡାକ୍ତରଖାନାଗୁଡ଼ିକ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ପରିଦର୍ଶନ କରିଥିଲେ । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀ ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ମନ୍ତ୍ରୀଙ୍କ ସହିତ ଉପସ୍ଥିତ ରହି ସ୍ଥାନୀୟ ଅଭାବ ଅସୁବିଧାଗୁଡ଼ିକ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିଥିଲେ । ମନ୍ତ୍ରୀ ଶ୍ରୀ ବିଶ୍ୱାଳ ଡାକ୍ତରଖାନାଗୁଡ଼ିକରେ ଥିବା ପ୍ରତ୍ୟେକ ରୋଗୀଙ୍କ ପାଖକୁ ଯାଇ ସେମାନେ ଠିକ୍ ଭାବରେ ଔଷଧ ପାଉଛନ୍ତି କି ନାହିଁ, ବୁଝିଥିଲେ ଏବଂ ଶଯ୍ୟା ଓ ଖଟ ଆଦିର ଅବସ୍ଥା ଦେଖି ଆବଶ୍ୟକ ସ୍ଥଳେ ପରିବର୍ତ୍ତନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନାଗୁଡ଼ିକୁ ଔଷଧ ଯୋଗାଣ ଓ ଖର୍ଚ୍ଚ ହିସାବର ମଧ୍ୟ ସମୀକ୍ଷା କରିଥିଲେ ।

ଶ୍ରୀ ବିଶ୍ୱାଳ ନୂଆଗଡ଼ିଆ ସାହି, ବାଘୁଆ ପଲ୍ଲୀ ଓ ଭାପୁର ଠାରେ ସାଧାରଣ ସଭାମାନଙ୍କରେ ଭାଷଣ ଦେଇ କହିଲେ ଯେ ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ସ୍ୱାସ୍ଥ୍ୟ ସେବା ଓ ପ୍ରତିଷେଧକ ବ୍ୟବସ୍ଥା ସମସ୍ତଙ୍କ ପାଖରେ ପହଞ୍ଚିବାକୁ ଜାତୀୟ ସ୍ତରରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ବର୍ତ୍ତମାନ ଯେପରି ଭାରତବର୍ଷ ତଥା ଓଡ଼ିଶାରେ ଲୋକସଂଖ୍ୟା ବୃଦ୍ଧି ପାଉଛି, ସେଥିରେ ସେ ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପରିବାର ନିୟନ୍ତ୍ରଣ ଯୋଜନାକୁ ଗାଁ ଗହଳିରେ ତଥା ସହରମାନଙ୍କରେ ବ୍ୟାପକତର କରିବାକୁ ଆହ୍ୱାନ ଦେଇଥିଲେ । ସପ୍ତମ ଯୋଜନା କାଳରେ ସରକାର ସ୍ୱାସ୍ଥ୍ୟ ସେବାର ବହୁଳ ପ୍ରସାର ପାଇଁ ପ୍ରତି ବ୍ଲକରେ ଗୋଟିଏ ଗୋଟିଏ ଅଧିକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ଓ ରାଜ୍ୟରେ ଅଧିକ ଏଲୋପ୍ୟାଥିକ୍, ଆୟୁର୍ବେଦିକ୍ ଓ ହୋମିଓପ୍ୟାଥିକ୍ ଚିକିତ୍ସାଳୟ ଖୋଲିବାକୁ ସ୍ଥିର କରିଛନ୍ତି ବୋଲି ପ୍ରକାଶ କରିଥିଲେ । ସରକାରୀ ଓ ବେସରକାରୀ ସ୍ତରରେ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ଗାଁ ଗହଳିରେ ପରିବାର ନିୟନ୍ତ୍ରଣ, ଚକ୍ଷୁ ଚିକିତ୍ସା, କୁଷ୍ଠ, କ୍ୟାନ୍‌ସର ଓ ମେଲେରିଆ, ଯକ୍ଷ୍ମା ଆଦି ରୋଗର ନିରାକରଣ ଆଦି ଜାତୀୟ କାର୍ଯ୍ୟକ୍ରମଗୁଡ଼ିକର ବହୁଳ ପ୍ରସାର ପାଇଁ ଉଦ୍ୟମ ହେବା ଉଚିତ୍ ବୋଲି ସେ ମତବ୍ୟକ୍ତ କରିଥିଲେ ।

## ପାନୀୟ ଜଳକର ଆଦାୟ

ଗତ ଷଷ୍ଠ ଯୋଜନା କାଳ ମଧ୍ୟରେ ଭୁବନେଶ୍ୱର ପୌରାଞ୍ଚଳରୁ ପାନୀୟ ଜଳକର ବାବଦରେ ସମୁଦାୟ ୧ କୋଟି ୭୪ ଲକ୍ଷ ୯୨ ହଜାର ୮୭୩ ଟଙ୍କା ଆଦାୟ କରାଯାଇଛି । ସେଥି ମଧ୍ୟରୁ ଯୋଜନାର ପ୍ରଥମ ବର୍ଷରେ ୧୩ ଲକ୍ଷ ୧୦ ହଜାର ୭୩୩ ଟଙ୍କା ଓ ଦ୍ୱିତୀୟ ବର୍ଷରେ ୩୪ ଲକ୍ଷ ୯୪ ହଜାର ୬୯ ଟଙ୍କା ଆଦାୟ ହୋଇଥିଲା । ପୂର୍ବ ବର୍ଷ ତୁଳନାରେ ତୃତୀୟ ବର୍ଷର ଆଦାୟ ପରିମାଣ ସାମାନ୍ୟ ହ୍ରାସ ପାଇ ୩୦ ଲକ୍ଷ ୮୪ ହଜାର ୨୦୦ ଟଙ୍କା ହୋଇ ଥିଲେ ମଧ୍ୟ ଏହା ଚତୁର୍ଥ ଓ ପଞ୍ଚମ ବର୍ଷରେ ଯଥାକ୍ରମେ ୩୭ ଲକ୍ଷ ୭୮ ହଜାର ୨୨ ଟଙ୍କା ଓ ୫୮ ଲକ୍ଷ ୨୫ ହଜାର ୮୪୯ ଟଙ୍କାକୁ ବୃଦ୍ଧି ପାଇଥିଲା ।

ଚଳିତ ଆର୍ଥିକ ବର୍ଷରେ ଗତ ସେପ୍‌ଟେମ୍ବର ମାସ ଶେଷ ସୁଦ୍ଧା ଏହି ପୌରାଞ୍ଚଳରୁ ୧୯ ଲକ୍ଷ ୪୨ ହଜାର ୪୫୪ ଟଙ୍କା ଜଳକର ଆଦାୟ ହୋଇଛି ।

## ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ପରିଷଦ ବୈଠକ

ରାଜ୍ୟ ସଚିବାଳୟଠାରେ ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ପ୍ରଧାନଙ୍କ ପୌରହିତ୍ୟରେ ପରିଷଦର ୯୬ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗତ ଅଧିବେଶନର କାର୍ଯ୍ୟ ବିବରଣୀକୁ ଅନୁମୋଦନ କରାଯିବା ସଙ୍ଗେ ସଙ୍ଗେ ପରିଷଦର ଚଳିତ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା ।

ବାର୍ଷିକ ଅନୁଦାନ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ବର୍ଷ ୨୧୫ଟି ଅନୁଷ୍ଠାନକୁ ଅନୁଦାନ ମଞ୍ଜୁର କରାଯାଇଛି । ସହାୟକ ସୁଷମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ପରିଷଦ ପକ୍ଷରୁ ଚଳିତ ବର୍ଷ ୧୭୬ଟି ଅନୁଷ୍ଠାନକୁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି । ସୁଷମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ଦୈନିକ ଜଣପିଛା ଦିଆଯାଉଥିବା ସାହାଯ୍ୟର ହାର ୨୦ ପଇସାରୁ ୩୦ ପଇସାକୁ ବୃଦ୍ଧି କରିବାକୁ ବୈଠକରେ ଆଲୋଚନା ହୋଇଥିଲା । କେନ୍ଦ୍ର ପରିଷଦ ମଧ୍ୟ ଏଥିରେ ସମ୍ମତ ପ୍ରକାଶ କରିଥିବାର ଆଲୋଚନା ବେଳେ ପ୍ରକାଶ ପାଇଥିଲା । ବିଧବା ଓ ଅସହାୟ ମହିଳାମାନଙ୍କ ସ୍ୱଳ୍ପ ମିଆଦୀ ମାଟ୍ରିକ୍ ପାଠ୍ୟକ୍ରମ ଓ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଆଲୋଚନା କରାଯାଇଥିଲା । ଏପରି ଅନୁଷ୍ଠାନରେ ପରୀକ୍ଷାର୍ଥିନୀମାନେ ମାଟ୍ରିକ୍ ପରୀକ୍ଷା ଦେବା ନିମନ୍ତେ କେତେକ

ଜାତିଗତ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେଥିପ୍ରତି ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ନିଆଗଲା । ସେହିପରି ଉପରୋକ୍ତ ମହିଳାମାନଙ୍କର ଥଇଥାନ ବ୍ୟବସ୍ଥା ଲାଗି ସିଟି ତାଲିମ ଓ ଚାକିରି କ୍ଷେତ୍ରରେ ବୟସ ସୀମାର କୋହଳ ନିମନ୍ତେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ କେନ୍ଦ୍ର ସମାଜ ମଙ୍ଗଳ ପରିଷଦର ଅବସର ବିନୋଦନ କାର୍ଯ୍ୟକ୍ରମ ପାଇଁ ମିଳିଥିବା ୨ ଲକ୍ଷ ୮୦ ହଜାର ଟଙ୍କା ସମସ୍ତ ବାଳାଶ୍ରମ ଓ ଅନାଥାଶ୍ରମକୁ ଦିଆଯିବାର ପରିଷଦ ନିଷ୍ପତ୍ତି କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୪୬ଟି ବାଳାଶ୍ରମ ଓ ଅନାଥାଶ୍ରମକୁ ୫ ହଜାର ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇଛି । ବାକୀ ୫୦ ହଜାର ଟଙ୍କାକୁ ଜାତୀୟ ସେବାସଂସ୍ଥାମାନଙ୍କୁ ଦେବା ନିମନ୍ତେ ସ୍ଥିର କରାଯାଇଛି । ଚଳିତବର୍ଷ ୩୦ଟି ଶିଶୁ ପରିଚର୍ଯ୍ୟା କେନ୍ଦ୍ରକୁ ଅନୁଦାନ ଦିଆଯାଇ ପାରିଛି । ଆଉ ୭ଟି ଅନୁଷ୍ଠାନ ଅନୁଦାନ ପାଇବା ଲାଗି କେନ୍ଦ୍ର ସମାଜ ମଙ୍ଗଳ ପରିଷଦର ମଞ୍ଜୁରୀପତ୍ର ପାଇସାରିଛନ୍ତି ।

ଓଲ୍ଡ ଏଜ୍ ହୋମ୍, ଚିଲ୍‌ଡ୍ରେନ୍ ସେଣ୍ଟର ଓ ରୋଗମୁକ୍ତ କୁଷ୍ଠରୋଗୀଙ୍କ ଥଇଥାନ ଅନୁଷ୍ଠାନ ଭଳି ୧୦ଟି ଅନୁଷ୍ଠାନକୁ ଯୋଜନା କାଳ ଅନୁଦାନ ଦେବାର ପରିଷଦ ପକ୍ଷରୁ ସୁପାରିଶ କରାଯାଇଛି । ପୂର୍ବରୁ ବାର୍ଷିକ ଅନୁଦାନ ଲାଭ କରୁଥିବା ଆଉ ତିନୋଟି ଅନୁଷ୍ଠାନକୁ ମଧ୍ୟ ଚଳିତ ବର୍ଷ ଏହି ଯୋଜନାର ଅନ୍ତର୍ଭୁକ୍ତ କରିବା ଲାଗି କେନ୍ଦ୍ର ସମାଜ ମଙ୍ଗଳ ପରିଷଦକୁ ସୁପାରିଶ କରାଯାଇଛି । ଚଳିତ ବର୍ଷ ମହିଳା ମଣ୍ଡଳ କାର୍ଯ୍ୟକ୍ରମ ଅନୁଯାୟୀ ୧୨ଟି ଅନୁଷ୍ଠାନ ଜରିଆରେ ୮୦ ଟି କେନ୍ଦ୍ରକୁ ୯ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର କରାଯାଇଛି । ଆଇ. ସି. ଡି. ଏସ୍. ବ୍ଲକ୍‌ଗୁଡ଼ିକରେ କାର୍ଯ୍ୟ କରୁଥିବା ଏପରି କେନ୍ଦ୍ରକୁ ବନ୍ଦ କରାଯାଇ ନନ୍-ଆଇ. ସି. ଡି. ଏସ୍. ବ୍ଲକ୍‌ଗୁଡ଼ିକରେ ସେହି କେନ୍ଦ୍ରଗୁଡ଼ିକୁ ଖୋଲିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ରାଜ୍ୟ ସମାଜ ମଙ୍ଗଳ ପରିଷଦ ଆନୁକୂଲ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ କର୍ମଜୀବୀ ମହିଳା ହଷ୍ଟେଲ୍ ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନେବା ପାଇଁ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ କେନ୍ଦ୍ର ସମାଜ ମଙ୍ଗଳ ପରିଷଦର ସଦସ୍ୟା ତଥା ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲାଗୁଡ଼ିକର ପ୍ରତିନିଧିଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗର ଶାସନ ସଚିବ ଏବଂ ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗର ପ୍ରତିନିଧି ମଧ୍ୟ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସବୁଶ୍ରେଣୀ ଲୋକଙ୍କ ପାଇଁ ବିଡ଼ାନାସୀ ସହର

### ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ

କଟକ ସହରର ଉପକଣ୍ଠ ବିଡ଼ାନାସୀଠାରେ ନିର୍ମାଣ କରାଯାଉଥିବା ନୂତନ ସହରରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ସମେତ ସବୁଶ୍ରେଣୀର ଲୋକମାନେ ଯେପରି ବସବାସ କରିପାରିବେ, ସେଥିପାଇଁ ବ୍ୟାପକ ଯୋଜନା କାର୍ଯ୍ୟକାରୀ ହେଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଗତ ପବିତ୍ର ଗାନ୍ଧୀ-ଜୟନ୍ତୀ ପାଳନ ଉପଲକ୍ଷେ ବିଡ଼ାନାସୀ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ଏବଂ ବର୍ତ୍ତମାନ ତା'ର ବହୁମୁଖୀ ଯୋଜନାସବୁ ତ୍ୱରାନ୍ୱିତ କରାଯାଉଛି । ୨ ହଜାର ଏକର ଜମି ଉପରେ ନିର୍ମାଣ ପାଇଁ ପରିକଳ୍ପିତ ସମଗ୍ର ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ସମୟ-ସାପେକ୍ଷ ହେଲେ ମଧ୍ୟ ସେଠାରେ ଯଥାଶୀଘ୍ର ଏକ ସୁନ୍ଦର ତଥା ଯୋଜନାବଦ୍ଧ ଏବଂ କର୍ମମୁଖର ନୂତନ ସହର ଗଢ଼ି ଉଠିବ । ସେଠାରେ ପ୍ରାୟ ୨ ଲକ୍ଷ ଲୋକ ବସବାସ କରିବା ପାଇଁ ଯୋଜନା ହୋଇଛି । ଏହା ବ୍ୟତୀତ ଏହି ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଚିକିତ୍ସାଳୟ, ପ୍ରେକ୍ଷାଳୟ, ବିଦ୍ୟାଳୟ, କମ୍ୟୁନିଟି ସେଣ୍ଟର, ପାର୍କ, ଖେଳପଡ଼ିଆ ଏବଂ ଉନ୍ନତ ନାଳ ନର୍ଦ୍ଦମା ଇତ୍ୟାଦି ନିର୍ମିତ ହେବ ।

ସମଗ୍ର ବିଡ଼ାନାସୀ ପ୍ରକଳ୍ପର ଉନ୍ନୟନ କରିବା ଉଦ୍ଦେଶ୍ୟରେ ଏହାକୁ ୧୨ଟି ସେକ୍‌ଟରରେ ବିଭକ୍ତ କରାଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ସି. ଡି. ଏ. (କଟକ ଉନ୍ନୟନ ସଂସ୍ଥା) ଉପରେ ୬ ନମ୍ବର ସେକ୍‌ଟରର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏହି ସେକ୍‌ଟରରେ କୋଠାବାଡ଼ି ନିର୍ମାଣ ପାଇଁ ଯେଉଁ ୧,୪୦୦ ଟି ପ୍ଲଟକୁ ଉନ୍ନତ କରାଯାଇ ବିକ୍ରୟ କରାଯିବ, ତନ୍ମଧ୍ୟରୁ ପ୍ରାୟ ୩୯୨ ଟି ପ୍ଲଟ୍ 'ଏଫ୍' ଓ 'ଜି' ଶ୍ରେଣୀର ଅନ୍ତର୍ଭୁକ୍ତ ଏବଂ ସେଗୁଡ଼ିକର ରିହାତି ହାରରେ ମୂଲ୍ୟ ଧାର୍ଯ୍ୟ କରାଯାଇଛି । 'ଏଫ୍' ଶ୍ରେଣୀ (୫୦ ବର୍ଗମିଟର) ପ୍ଲଟର ମୂଲ୍ୟ ୮ ହଜାର ଟଙ୍କା ଓ 'ଜି' ଶ୍ରେଣୀ (୩୨ ବର୍ଗମିଟର) ପ୍ଲଟର ମୂଲ୍ୟ ୪,୪୮୦ ଟଙ୍କା ରଖାଯାଇଛି । ଏଗୁଡ଼ିକ ବାର୍ଷିକ ୮ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଦରଖାସ୍ତକାରୀଙ୍କୁ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି କରାଯାଇଛି । ଏହା ବ୍ୟତୀତ ଉନ୍ନତ ପ୍ଲଟ୍ ଯୋଗାଣ କ୍ଷେତ୍ରରେ ଯେଉଁ ୨ ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି, ତାହା ହେଲା :—ଯେଉଁମାନଙ୍କର କଟକ ସହରରେ ନିଜର ପ୍ଲଟ୍ କିମ୍ବା ଗୃହ ଥିବ, ସେମାନେ ବିଡ଼ାନାସୀ ଅଞ୍ଚଳରେ ପ୍ଲଟ୍ ପାଇବାକୁ ଯୋଗ୍ୟ ବିବେଚିତ ହେବେ । ସେହିପରି ବିଡ଼ାନାସୀ ପ୍ରକଳ୍ପର ଉନ୍ନୟନ ପାଇଁ ଯେଉଁମାନଙ୍କର ଜମି ଦଖଲ କରାଯାଇଥିବ, ସେମାନଙ୍କୁ ମଧ୍ୟ ଅଗ୍ରାଧିକାର ଭିତ୍ତିରେ ସେଠାରେ ପ୍ଲଟ୍ ଯୋଗାଇ ଦିଆଯିବ ବୋଲି ସଂପ୍ରତି ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସି. ଡି. ଏ.ର ଏକ ବୈଠକରେ ନିଷ୍ପତ୍ତି କରାଯାଇଛି ।

ବିଶେଷ ଉଲ୍ଲେଖଯୋଗ୍ୟ ଯେ ବାସଗୃହ ନିର୍ମାଣ କରିବା ପାଇଁ ବର୍ତ୍ତମାନ କଟକ ସହରରେ ଜମିର ଉତ୍କଟ ଅଭାବ ରହିଛି । ଫଳରେ ସେଠାରେ ଜମିର ମୂଲ୍ୟବୃଦ୍ଧି ହେଉଥିବାରୁ ଜମି କ୍ରୟ କରିବାକୁ ଇଚ୍ଛୁକ ଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ପରିସ୍ଥିତିରେ ବିଡ଼ାନାସୀରେ ଉନ୍ନତ ପ୍ଲଟ୍‌ସବୁ ଯୋଗାଇ ଦେଇ ବାସଗୃହ ନିର୍ମାଣ କରିବାକୁ କେବଳ ଯେ ସୁବିଧା ଦିଆଯାଇଛି ତା' ନୁହେଁ, କଟକ ସହରରେ ଜମିର ମୂଲ୍ୟ ବୃଦ୍ଧିକୁ ମଧ୍ୟ ରୋକାଯାଇ ପାରୁଛି ।

## ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ

ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ଆନୁକୂଲ୍ୟରେ ଏବଂ ରୋଟାରୀ କ୍ଲବ୍ ସହାୟତାରେ ରାଜ୍ୟର ଅନ୍ଧ, ବଧିର ଓ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ବିଭିନ୍ନ ପ୍ରକାରର ସ୍ୱତନ୍ତ୍ର ସହାୟକ ଉପକରଣ ପ୍ରଦାନ କରାଯାଉଛି । ଏହି ସହାୟକ ସାମଗ୍ରୀ ମଧ୍ୟରେ କୁଷ୍ଠରୋଗମୁକ୍ତ ବ୍ୟକ୍ତିଙ୍କ ପାଇଁ ୩୫୨ ହଳ ସ୍ୱତନ୍ତ୍ର ଧରଣର

ଯୋଡା, ଅନ୍ଧଙ୍କ ପାଇଁ ୫୦ଟି ବ୍ରେଲ୍ ସ୍ଳେଟ୍, ୩୨୫ଟି ତିନିଚକିଆ ଗାଡି, ୪୦ଟି ହୁଇଲ୍ ଚେୟାର୍, ୧୨୦୦ଟି ଶ୍ରବଣ ସହାୟକ ଯନ୍ତ୍ର ଓ ଅନ୍ଧଙ୍କ ଲାଗି ୧୩୦୦ଟି ଆଶାବାଡି ଅନ୍ତର୍ଭୁକ୍ତ । ଏହାର ମୂଲ୍ୟ ୧ ଲକ୍ଷ ୪ ହଜାର ଟଙ୍କା ।

ବିଭିନ୍ନ ସ୍ଥାନରେ ଶିବିରମାନ କରାଯାଇ ଉପରୋକ୍ତ ଜିନିଷ-ଗୁଡିକୁ ଶାରୀରିକ ଅକ୍ଷମମାନଙ୍କ ମଧ୍ୟରେ ବଣ୍ଟନ କରାଯାଉଛି । ଚଳିତ ନଭେମ୍ବର ୧୪ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୧୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ନଭେମ୍ବର ୧୪ ଓ ୧୫ ଏବଂ ଡିସେମ୍ବର ୨୨ ଓ ୨୩ ତାରିଖରେ ବୁର୍ଲାଠାରେ, ନଭେମ୍ବର ୧୯ ଓ ୨୦, ଜାନୁଆରୀ ୩, ୧୪ ଓ ୧୫, ଫେବୃଆରୀ ୩ ଓ ୪ ଏବଂ ମାର୍ଚ୍ଚ ୩ ଓ ୪ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜଠାରେ ଏବଂ ନଭେମ୍ବର ୨୯ ଓ ୩୦, ଡିସେମ୍ବର ୨୬ ଓ ୨୭ ଏବଂ ଜାନୁଆରୀ ୧୦ ଓ ୧୧ ତାରିଖରେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜଠାରେ ଶିବିରମାନ ଖୋଲାଯିବ ।

ସେହିପରି ନଭେମ୍ବର ମାସ ୧୯, ୨୦ ତାରିଖରେ ରାଉର-କେଲାଠାରେ, ଡିସେମ୍ବର ୨୩, ୨୪ ତାରିଖରେ କଟକଠାରେ ଓ ୩୦, ୩୧ ତାରିଖରେ ବ୍ରହ୍ମପୁରଠାରେ ଶିବିରମାନ ଅନୁଷ୍ଠିତ ହେବ । ଜାନୁଆରୀ ୬, ୭ ତାରିଖରେ ପୁରୀଠାରେ, ୧୬, ୧୭ ତାରିଖରେ ଜୟପୁରଠାରେ ଓ ୩୦ ଓ ୩୧ ତାରିଖରେ ଭବାନୀପାଟଣାଠାରେ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ସହାୟକ ଯନ୍ତ୍ର ପ୍ରଦାନ କରାଯିବ । ଫେବୃଆରୀ ମାସର ୩, ୪ ତାରିଖରେ କେନ୍ଦୁଝରଗଡଠାରେ, ୧୧, ୧୨ ତାରିଖରେ ସମ୍ବଲପୁରଠାରେ, ୧୭, ୧୮ ତାରିଖରେ ବଲାଙ୍ଗୀରଠାରେ ଓ ୨୧, ୨୨ ତାରିଖରେ ବାରିପଦାଠାରେ ଶିବିରମାନ ଖୋଲାଯିବ । ମାର୍ଚ୍ଚ ମାସର ୩, ୪ ତାରିଖରେ ଢେଙ୍କାନାଳଠାରେ, ୧୦, ୧୧ ତାରିଖରେ ବାଲେଶ୍ୱରଠାରେ ଏବଂ ୧୭ ଓ ୧୮ ତାରିଖରେ ଫୁଲବାଣୀଠାରେ ଏପରି ଶିବିରମାନ ଅନୁଷ୍ଠିତ ହେବ ।

## କୋଣାର୍କ ମନ୍ଦିର ଅଞ୍ଚଳର ଉନ୍ନୟନ

କୋଣାର୍କ ମନ୍ଦିରର ଚତୁଃପାର୍ଶ୍ୱ ଅଞ୍ଚଳରେ ଦୋକାନ ଘର, ବସ୍‌ଷ୍ଟାଣ୍ଡ ଏବଂ ଶୌଚାଗାର ଇତ୍ୟାଦି ତୁରନ୍ତ ନିର୍ମାଣ କରିବା ଲାଗି ଗୃହ ନିର୍ମାଣ ଓ ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚକ୍ରଧର ଭଲକା ସ୍ଥାନୀୟ ପୌରାଞ୍ଚଳ ଓ ପୁରୀ-କୋଣାର୍କ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟର କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି ।

କୋଣାର୍କଠାରେ ଅନୁଷ୍ଠିତ ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କର ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଭଲକା ଏହି ଟ୍ରଷ୍ଟ ତରଫରୁ ପ୍ରସ୍ତୁତ କରାଯାଉଥିବା ମାଷ୍ଟର ପ୍ଲାନ୍ ଅନୁଧ୍ୟାନ କରିଥିଲେ । ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଅନ୍ୟୁନ ୫୦ଟି ଦୋକାନ ଘର ଓ ଶୌଚାଳୟ ନିର୍ମାଣ କରିବା ଲାଗି ବୈଠକରେ ନିଷ୍ପତ୍ତି କରାଯାଇଛି । ସରକାର ଏଥିପାଇଁ ଗତ ମାର୍ଚ୍ଚ ମାସରେ ୩୬ ହଜାର ଟଙ୍କା ଯୋଗାଇ ଦେଇଛନ୍ତି । ସ୍ଥାନୀୟ ଦୋକାନୀ-ମାନଙ୍କର ଆବଶ୍ୟକତା ପ୍ରତି ଦୃଷ୍ଟି ରଖି ସେହି ଟ୍ରଷ୍ଟ ଚଳିତ ନଭେମ୍ବର ୩୦ ତାରିଖ ସୁଦ୍ଧା ନକ୍ସା ଓ ଅଟକଳ ପ୍ରସ୍ତୁତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ମନ୍ଦିରର ଚତୁଃପାର୍ଶ୍ୱରେ ବେଆଇନ-ଦଖଲକାରୀ ଦୋକାନୀମାନଙ୍କୁ ସେଠାରୁ ଅପସାରଣ କରିବା ଏବଂ ପାନ୍ଥନିବାସ ନିକଟସ୍ଥ ସରକାରୀ ଜମିରେ ସେମାନଙ୍କୁ ଥଇଥାନ କରିବା ପାଇଁ ମଧ୍ୟ ଏହି ବୈଠକରେ ନିଷ୍ପତ୍ତି କରାଯାଇଛି । ସେହିପରି ମାଷ୍ଟର ପ୍ଲାନ୍ ଅନୁଯାୟୀ ବସ୍‌ଷ୍ଟାଣ୍ଡ ପାଇଁ ନିର୍ଦ୍ଧାରିତ ସ୍ଥାନରେ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ହାତକୁ ନେବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି । ଏଥିପାଇଁ ଆବଶ୍ୟକ ନକ୍ସା ଓ ଅଟକଳ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ଉନ୍ନୟନ ଟ୍ରଷ୍ଟର ସେକ୍ରେଟାରୀ ଶ୍ରୀ ମିନକେତନ ଦାସଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ଓ ଏକ ବିଶିଷ୍ଟ ଐତିହାସିକ ସ୍ଥାନ ଭାବରେ କୋଣାର୍କ ମନ୍ଦିରର ଖ୍ୟାତି ରହିଥିବା ଦୃଷ୍ଟିରୁ ସ୍ଥାନୀୟ ପୌରାଞ୍ଚଳର ଆଶୁ ଉନ୍ନୟନ ଦିଗରେ ସରକାର ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ଭଲକା ପ୍ରକାଶ କରିଥିଲେ ।

ଏହି ବୈଠକରେ ଟାଉନ୍ ପ୍ଲାନିଙ୍ଗର ନିର୍ଦ୍ଦେଶକ ଶ୍ରୀ ଅଲୀ, ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ନରେନ୍ଦ୍ର କୁମାର ମହାନ୍ତି, ସ୍ଥାନୀୟ ତହସିଲଦାର ଓ ଚେୟାରମ୍ୟାନ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

## ମାଲପଡା ଓ ବୋରିଆ ଗ୍ରାମ

ବିଶ୍ୱ ମିତବ୍ୟୟିତା ଦିବସ ଓ ସଂଚୟ ପକ୍ଷ ପାଳନ ଉପଲକ୍ଷେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ବୋରିଆ ଗ୍ରାମପଞ୍ଚାୟତର ବୋରିଆ ଓ ମାଲପଡା ଗ୍ରାମ ଦ୍ୱୟକୁ ସଂପ୍ରତି ସଞ୍ଚୟ ଗ୍ରାମରୂପେ ଘୋଷଣା କରାଯାଇଛି । ମାଲପଡା ଗ୍ରାମର ୫୨ ଟି ପରିବାର ୭୦ଟି ଡାକଘର ସଞ୍ଚୟ ପାଶ୍ ବହି ଖୋଲି ୧୦,୮୮୩ ଟଙ୍କା ରଖିଥିବା ସ୍ଥଳେ ବୋରିଆ ଗ୍ରାମର ୧୬୨ ଟି ପରିବାର ୧୬୩ ଟି ପାଶ୍ ବହି ଖୋଲି ୨୩,୩୩୬ ଟଙ୍କା ଜମା ରଖିଛନ୍ତି ।

ଏହି ଉପଲକ୍ଷେ ଆୟୋଜିତ ସଭାଗୁଡିକରେ ଜିଲ୍ଲାପାଳ ଶ୍ରୀ ରାଧାବଲ୍ଲଭ ପଟ୍ଟନାୟକ ଏହି ଗ୍ରାମ ଦ୍ୱୟକୁ ସଞ୍ଚୟ ଗ୍ରାମ ରୂପେ ଘୋଷଣା କରି ସଂପୃକ୍ତ ଗ୍ରାମବାସୀଙ୍କୁ ସେମାନଙ୍କର ପାଶ୍ ବହିଗୁଡିକ ବିତରଣ କରିଥିଲେ ।

## ଭୂମିହୀନଙ୍କୁ ଘରଭିଟା

ଚଳିତ ବର୍ଷ ଅକ୍ଟୋବର ମାସ ଶେଷ ସୁଦ୍ଧା ରାଜ୍ୟରେ ୧୨,୧୮୨ଟି ଗ୍ରାମାଞ୍ଚଳ ଭୂମିହୀନ ପରିବାରଙ୍କୁ ୫୩୩ ଏକର ଘରଭିଟା ଯୋଗାଇ ଦିଆଯାଇଛି । ଉପକୃତ ଲୋକଙ୍କ ମଧ୍ୟରେ ୨,୧୧୯ ଜଣ ଆଦିବାସୀ ଓ ୨,୯୮୬ ଜଣ ହରିଜନ ପରିବାର ଅନ୍ତର୍ଭୁକ୍ତ । ସେମାନଙ୍କୁ ଯଥାକ୍ରମେ ୯୭ ଏକର ଓ ୧୩୨ ଏକର ଜମି ଯୋଗାଇ ଦିଆଯାଇଛି । ଚଳିତ ବର୍ଷରେ ୩୦ ହଜାର ପରିବାରଙ୍କୁ ଘରଭିଟା ବଣ୍ଟନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ସରକାରୀ ପତିତ ଜମି ବଣ୍ଟନ କ୍ଷେତ୍ରରେ ଚଳିତ ବର୍ଷ ଅକ୍ଟୋ-ବର ମାସ ଶେଷ ସୁଦ୍ଧା ମୋଟ୍ ୨,୩୭୮ ଏକର ସରକାରୀ ପତିତ ଜମି ୧,୮୧୯ଟି ପରିବାରଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ତନ୍ମଧ୍ୟରେ ୫୪୩ଟି ଆଦିବାସୀ ଓ ୪୫୨ଟି ହରିଜନ ପରିବାର ଅନ୍ତର୍ଭୁକ୍ତ ।

# ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପାଇଁ ଲେଖା ଆବଶ୍ୟକ

ଓଡ଼ିଶା ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ପ୍ରକାଶ ପାଉଥିବା ଦୁଇଟି ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଓ' ଓଡ଼ିଶା ରିଭ୍ୟୁ' ପାଇଁ ଲବ୍ଧ ପ୍ରତିଷ୍ଠିତ ଲେଖକ, ଗବେଷଣାକାରୀ ଓ ଗ୍ରନ୍ଥାକାରମାନଙ୍କଠାରୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ରାଜ୍ୟର ବିଭିନ୍ନ କ୍ଷେତ୍ର ଅର୍ଥାତ୍ ପ୍ରାଚ୍ୟବିଦ୍ୟା, ଐତିହାସିକ ଘଟଣାବଳୀ ସହିତ ଓଡ଼ିଶାର ପ୍ରସଙ୍ଗ, ଓଡ଼ିଶାର ଜଙ୍ଗଲ ତଥା ବନ୍ୟପ୍ରାଣୀ ସମ୍ପଦ, ନୃତତ୍ତ୍ୱ, ପରମ୍ପରା ଓ ଆଚାରବିଧି, ସଂସ୍କୃତି, ଶିକ୍ଷା, କୃଷି, ଶିଳ୍ପ ଉନ୍ନୟନ, ଗ୍ରାମାଞ୍ଚଳ ଉନ୍ନୟନ ଓ ପରିଚାଳନା, ବ୍ୟବସାୟ, ବାଣିଜ୍ୟ, ସାମାଜିକ ଓ ଅର୍ଥନୈତିକ ପ୍ରଗତି, ମନସ୍ତତ୍ତ୍ୱ, ଶାସନ ପଦ୍ଧତି ପର୍ଯ୍ୟଟନ ପୀଠସ୍ଥଳୀ, ପରିବେଶ ସମ୍ପର୍କୀୟ ତଥ୍ୟ, ପର୍ଯ୍ୟଟନ, ବନ୍ୟପ୍ରାଣୀ, ପ୍ରତ୍ନତତ୍ତ୍ୱ ଓ ବିଂଶସୂତ୍ରୀ କାର୍ଯ୍ୟକ୍ରମ ରୂପରେଖ ପ୍ରଭୃତି ସମ୍ପର୍କରେ ଲେଖାମାନ ସଂଗ୍ରହ କରାଯାଉଛି । ସମ୍ପାଦନା ଓ ମୁଦ୍ରଣ କାର୍ଯ୍ୟର ସୁବିଧା ନିମନ୍ତେ ଲେଖକମାନେ ଫୁଲସ୍କେପ୍ କାଗଜର ଗୋଟିଏ ପୃଷ୍ଠାରେ ଯଥେଷ୍ଟ ମାର୍ଜିନ୍ ରଖି ସେମାନଙ୍କ ଲେଖାକୁ ସୁନ୍ଦର ଅକ୍ଷର ବା ଟାଇପ୍ କରି ତହିଁର ଦୁଇକପି ନକଲ ପଠାଇବା ଆବଶ୍ୟକ । ପ୍ରକାଶନ ଯୋଗ୍ୟ ଲେଖାଗୁଡ଼ିକ ଲାଗି ଲେଖକମାନଙ୍କୁ ପାରିତୋଷିକ ଦିଆଯିବ ଓ ପ୍ରକାଶନ ଉପଯୋଗୀ ନ ହେବା ଲେଖାଗୁଡ଼ିକୁ ଲେଖକମାନଙ୍କୁ ଫେରସ୍ତ ଦିଆଯିବ । ଲେଖାଗୁଡ଼ିକ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା, ଭୁବନେଶ୍ୱର 751001 ଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

**ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ**
**ଓଡ଼ିଶା, ଭୁବନେଶ୍ୱର**

# ପରିବର୍ତ୍ତିତ ସମାଜରେ ଶାଶ୍ୱତ ମୂଲ୍ୟବୋଧ

ଶ୍ରୀ ସୌରୀବନ୍ଧୁ କର

ଦୀର୍ଘ ଗୁଡିଏ ଶହ ବର୍ଷ ଧରି ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ସମାଜର ପରିବର୍ତ୍ତନ ଘଟିଚାଲିଛି ଓ ସେହି ପରି ଦୀର୍ଘ ଏକଶହ ବର୍ଷ ଧରି ଏସିଆରେ ମଧ୍ୟ ପରିବର୍ତ୍ତନର ପ୍ରକ୍ରିୟା ଆରମ୍ଭ ହୋଇଅଛି । ଏହି ପରିବର୍ତ୍ତନର ମୂଳଭିତ୍ତି କେଉଁଠି ? ବୈଜ୍ଞାନିକ ଉଦ୍‌ଭାବନ ଓ ସମାଜ ଉପରେ ତାର ବ୍ୟାପକ ପ୍ରୟୋଗ ଫଳରେ ପରିବର୍ତ୍ତନର ଗତି ତୀବ୍ର ହେବା ଦ୍ୱାରା ମଣିଷ ନିଜର ବିଶ୍ୱାସକୁ ଧରିରଖି ନ ପାରି ସେହି ସ୍ରୋତରେ ପ୍ରବାହିତ ହେବାକୁ ବାଧ୍ୟ ହେଉଛି ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ପ୍ରଶ୍ନ କରିପାରେ, "ଆମେ କ'ଣ ବାହ୍ୟବସ୍ତୁର ପ୍ରଭାବରେ ପ୍ରଭାବିତ ହେବା ନା ତା' ଉପରେ ବିଜୟ ହାସଲ କରି ପ୍ରଭୁତ୍ୱ ବିସ୍ତାର କରିବା ?"

ଏହି ବିଷୟଟିକୁ ଗଭୀରଭାବେ ଆଲୋଚନା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ଉପରେ ଛାଡ଼ିଦେବା ବେଳେ ମନେହୁଏ ଭାରତର ଯେଉଁ ବୈଶିଷ୍ଟ୍ୟ ଅଛି, ସେ ସଂପର୍କରେ କିଛି ଧାରଣା ଦେବା ଉଚିତ । ସେ ବୈଶିଷ୍ଟ୍ୟକୁ 'ଜ୍ଞାନ' କୁହାଯାଇପାରେ । ପାଶ୍ଚାତ୍ୟ ଦେଶରେ ଏହି ଜ୍ଞାନକୁ 'ନଲେଜ୍' ବୋଲି କହି ତାର ବ୍ୟାପକ ପ୍ରସାର ପାଇଁ ବିଜ୍ଞାନରେ ପ୍ରୟୋଗ କରାଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ଦେଖାଗଲାଯେ କେବଳ ଏହି ଜ୍ଞାନ ମଣିଷ ସମାଜକୁ ଉନ୍ନତିର ପାହାଚ ଚଢ଼ାଇବାକୁ ଯଥେଷ୍ଟ ନୁହେଁ । ଏପରି କି ଗତ ଶତାବ୍ଦୀର ଶେଷଭାଗରେ ମଧ୍ୟ ଏହି ନଲେଜ ଯଥେଷ୍ଟ ନୁହେଁ ବୋଲି ମତ ପ୍ରକାଶ ପାଇଥିଲା । ଭିଭେକାନନ୍ଦ ତାଙ୍କର ଗୋଟିଏ ଭାଷଣରେ କହିଥିଲେ "କାହାକୁ ତୁମେମାନେ 'ପ୍ରଗ୍ରେସ୍' ବୋଲି ଅଭିହିତ କରୁଛ ? ବସ୍ତୁବାଦୀ ସ୍ୱଚ୍ଛନ୍ଦତା ଅପର୍ଯ୍ୟାପ୍ତ ଖାଦ୍ୟ ପାନୀୟ—ବେଶପୋଷାକ ! ଏହାକୁ ଉନ୍ନତି ବୋଲି କ'ଣ ଅଭିହିତ କରାଯାଇପାରେ ? ପାଶ୍ଚାତ୍ୟ ରାଷ୍ଟ୍ରମାନେ ଉନ୍ନତି ପଥରେ ଆଗେଇଛନ୍ତି କହିବା ବେଳେ ସେମାନେ ସମାଜରେ କିଛିଟା ଆରାମପ୍ରଦ କାର୍ଯ୍ୟକୁ 'ସଭ୍ୟତା'ରୂପେ ଅଭିହିତ କରୁଛନ୍ତି ।

ବେଶୀ ଆରାମ—ବେଶୀ ସଭ୍ୟତା—ଏକ ଅଦ୍ଭୁତ ମତବାଦ—ମାତ୍ର ଏହା ଦୁଇଟି ବିଶ୍ୱଯୁଦ୍ଧ ମଧ୍ୟରେ ବିନିଷ୍ଟ ହୋଇ ଯାଇଛି ଏବଂ ମଣିଷର ମନ ଏକ ମାୟା ଭିତରେ ବନ୍ଦୀହୋଇ ପଡ଼ିଛି ।

ବର୍ଟ୍ରାଣ୍ଡ ରସେଲ ଏହିପରି କେତେକ ତଥ୍ୟ ପରିବେଷଣ କରିଛନ୍ତି ତାଙ୍କର ବହି 'The Impact of Science on Society' ରେ ସେ କହିଛନ୍ତି, "We are in the middle of a race between man's knowledge as to means, and man's folly as to ends. As to means, we have plenty of knowledge, as to the ends, we are governed by folly. Given this folly, with all the new knowledge, that we have got, man can do worse things than those primitive people who had no knowledge at all, because the ends are governed by folly."

ସାଂପ୍ରତିକ ବାୟୁମଣ୍ଡଳ ସଂପୂର୍ଣ୍ଣଭାବେ ଦୂଷିତ । ତେଣୁ ଲୋକମାନେ କହନ୍ତି, "ମୁଁ ବରଂ ସେହି ଆଦିମ ଯୁଗର ମଣିଷ ହେବି ଜ୍ଞାନ ବିବର୍ଜିତ ହୋଇ । ମଣିଷ ଅନ୍ତତଃ ପକ୍ଷେ ଶାନ୍ତିରେ ଖାଇ ଶୋଇ ପାରିବ; ଯାହା ବର୍ତ୍ତମାନ ମୁଁ ପାଉ ନାହିଁ ।" ଇତିହାସକୁ ପର୍ଯ୍ୟାଲୋଚନା କଲେ ମଣିଷ ସବୁବେଳେ ଅତୀତକୁ ଦେଖି ଆସୁଛି ।

ବର୍ତ୍ତମାନ ଭାରତବର୍ଷକୁ ଲକ୍ଷ୍ୟ କରାଯାଉ । ସେଠାରୁ ପ୍ରତିଧ୍ୱନିତ ହେଉଛି ଗୋଟିଏ ସ୍ୱର; ସେ ସ୍ୱର ପୂର୍ଣ୍ଣତାର ସ୍ୱର. ପାଞ୍ଚହଜାର ବର୍ଷର ଅନୁଭୂତି ନେଉଛି ଗୋଟିଏ ସ୍ୱର; ସେ ସ୍ୱର ପୂର୍ଣ୍ଣତାର ସ୍ୱର । ପାଞ୍ଚ ହଜାର ବର୍ଷର ଅନୁଭୂତି ତାର ଲୋକମାନଙ୍କୁ ଖୁବ୍ ଅଳ୍ପ ପୂର୍ଣ୍ଣତା ଦେଇଛି । ଭାରତରେ ଗୋଟିଏ ସୁନ୍ଦର ଭାବନା ରହିଛି । ପ୍ରତ୍ୟେକ ପ୍ରଥା ଦୁଇଟି ପର୍ଯ୍ୟାୟଭୁକ୍ତ ।

ପ୍ରଥମଟି ହେଉଛି ଶାଶ୍ୱତ ମୂଲ୍ୟବୋଧ ଯାହାର ପରିବର୍ତ୍ତନ ନାହିଁ; ଓ ଅନ୍ୟଟି ପରିବର୍ତ୍ତନୀୟ । କେବେ କେବେ ସମାଜରେ ପରିବର୍ତ୍ତନ ଅତ୍ୟନ୍ତ ଧୀର ଓ ମନ୍ଥର ଗତିରେ ଆସେ, ଯେତେବେଳେ ଜାତୀୟ ଜୀବନ ସାଙ୍ଗ ପାଲଟି ଯାଏ; ମାତ୍ର ଅନ୍ୟ କେବେ କେବେ ତାହା ଉଦ୍‌ଗୀରଣ ସୃଷ୍ଟିକରେ । ପରିବର୍ତ୍ତନ ଜୀବନର ଏକ ଘଟଣା; ଯାହା କେବେହେଲେ ସ୍ଥିର ରହେନାହିଁ ; ଯେପରି ନଦୀ, ପାହାଡ଼ ପର୍ବତ, ସୂର୍ଯ୍ୟ,

ବସ୍ତୁ ଓ ତାଙ୍କ ଇତ୍ୟାଦିଙ୍କଠାରେ ଦେଖାଯାଏ । ସେମାନେ କ୍ରମାନ୍ୱୟରେ ପରିବର୍ତ୍ତିତ ହୋଇ ଚାଲିଛନ୍ତି ।

ଆମ ଦର୍ଶନରେ ଆମେ ଦେଖୁ ଏକ ସୁନ୍ଦର ବର୍ଣ୍ଣାଢ଼୍ୟବାକ୍ୟ ସେ ବାକ୍ୟଟି ହେଲା, "ତୁମେ ସେହି ନଦୀକୁ ଦୁଇଥର ପ୍ରବେଶ କରନାହିଁ ।" ଦ୍ୱିତୀୟଥର ସେ ନଦୀରେ ପ୍ରବେଶ କଲାବେଳେ ସେ ନଦୀ ନାହିଁ କାରଣ ବିଶ୍ୱର ଚରିତ୍ର ସେହିପରି........ ସବୁବେଳେ ପରିବର୍ତ୍ତନଶୀଳ । ଏହି ଶରୀରର ପରିବର୍ତ୍ତନ ଘଟେ, କେତେବର୍ଷ ଭିତରେ ପୁରୁଣା ଶରୀରର କୌଣସି ଚିହ୍ନ ରହେ ନାହିଁ । ତାହା ହିଁ ପ୍ରତ୍ୟେକ ବସ୍ତୁପାଇଁ ସତ୍ୟ; ଏବଂ ଏଥି ସହିତ ଯଦି ଆମେ ପ୍ରଶ୍ନକରୁ, "ପ୍ରକୃତରେ ଆମକୁ କ'ଣ କିଛି ଧରି ରଖୁଛି ?"

ଏହି ପ୍ରଶ୍ନଟିକୁ ଆମେ ଚାରିହଜାର ବର୍ଷ ପୂର୍ବେ ପଚାରିଥିଲୁ । କେବଳ ଭାରତବର୍ଷର ବ୍ୟକ୍ତିମାନସ ଏହିପରି କେତେ ଗୁଡ଼ିଏ ସତ୍ୟ ଉପଲବ୍ଧି କରି ପାରିଛି । ସଂସାରର ପରିବର୍ତ୍ତନ ପ୍ରକ୍ରିୟା ହେଉଛି ମଣିଷର ମନ ଓ ଶରୀର । ମାତ୍ର ଆମର ଦାର୍ଶନିକମାନେ ଏତିକିରେ ସନ୍ତୁଷ୍ଟ ହୋଇ ନାହାନ୍ତି । ସେମାନେ ଅଧିକ ଗଭୀରତମ ତଥ୍ୟକୁ ଖୋଜିଛନ୍ତି.......... ଯାହା ସମଗ୍ର ମାନବସମାଜକୁ ଧରି ରଖିଛି

ବହୁତ ଧର୍ମରେ ଈଶ୍ୱରଙ୍କ ସଂପର୍କରେ ବର୍ଣ୍ଣନା ଅଛି । ଈଶ୍ୱର ଧରି ରଖିଛନ୍ତି......ମାତ୍ର ଏହା କେବଳ ଏକ ଧାରଣା.. ଏବଂ ସେଇଥିପାଇଁ ପାଶ୍ଚାତ୍ୟ ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି, "ଈଶ୍ୱର କେବଳ ଇଚ୍ଛାଶକ୍ତିକୁ ପୂରଣ କରନ୍ତି।" ମାତ୍ର ମଣିଷ ଈଶ୍ୱରଙ୍କୁ ଚାହେଁ । ବିଖ୍ୟାତ ଦାର୍ଶନିକ ଡକ୍ଟର ରାଧାକ୍ରିଷ୍ଣନ କହିଥିଲେ, "ଯଦି କୌଣସି ଗୋଟିଏ ଈଶ୍ୱର ନ ଥାନ୍ତି, ତେବେ ମଣିଷ ତାଙ୍କୁ ଉଦ୍‌ଭାବନ କରିବ ।" ଯଦି ଆମେ କୌଣସି ଶକ୍ତିଦ୍ୱାରା ପ୍ରଭାବିତ ହୋଇ ପରିଚାଳିତ (ଯାହା ବର୍ତ୍ତମାନ ଦେଖାଯାଉଛି) ତେବେ କିଛି ଶକ୍ତି ଆମକୁ ଧାରଣକରି ରଖିବ ଯାହାକୁ ଅନ୍ଧବିଶ୍ୱାସ କୁହାଯାଇପାରେ । ମାତ୍ର ସେ ଅନ୍ଧବିଶ୍ୱାସର ମୂଲ୍ୟବୋଧ ରହିଛି । ହୁଏତ ଏହା ଆମମାନଙ୍କ ପ୍ରତି ଶୁଭଙ୍କରୀ ହେବ ।

ମାତ୍ର ଭାରତ କହେ, "ନା, କୌଣସି ଅନ୍ଧବିଶ୍ୱାସକୁ ଗ୍ରହଣ କରନାହିଁ । ଆମକୁ ସତ୍ୟକୁ ଖୋଜିବାକୁ ହେବ । ଆମେ ତାକୁ ଖୋଜି ବାହାର କରି ସେହି ଶୁଭ ସଂବାଦକୁ ଆପଣମାନଙ୍କ ନିକଟକୁ ପ୍ରେରଣ କରିବୁ । ସେହି ଅନୁସନ୍ଧାନର ଫଳ ସ୍ୱରୂପ ଶତାବ୍ଦୀ ଶତାବ୍ଦୀର ଅନୁଭୂତିକୁ ନେଇ ଆମ ଆଗରେ 'ଉପନିଷଦ' ବିଦ୍ୟମାନ; ଯେଉଁ ସାହିତ୍ୟ ଚାରିହଜାର ବର୍ଷର । ସେଥିରେ ଦଳେ ଉଦ୍‌ଭାବନକାରୀ.......ଏକ ଅଲୌକିକ ପ୍ରତିଭାଧାରୀବର୍ଗ......ବାଳକ ବାଳିକା......ପୁରୁଷ ଓ ସ୍ତ୍ରୀ ....ରାଜା, ଜ୍ଞାନୀବ୍ୟକ୍ତି, ଉଦ୍‌ଭାବନକାରୀ......ସମସ୍ତେ ସେହି ଉଭରରେ ସନ୍ତୁଷ୍ଟ ହୋଇଛନ୍ତି । ପୃଥିବୀରେ ପରିବର୍ତ୍ତନ ସନ୍ଧି । ସେମାନେ ସତ୍ୟକୁ ଚାହିଁଛନ୍ତି; ପ୍ରସ୍ତୁତ କରିଥିବା ବିଶ୍ୱାସକୁ ନୁହେଁ । କ'ଣ ଉପନିଷଦ୍‌କୁ ଅମରତ୍ୱ ଦେଉଛି । ସତ୍ୟକୁ ଜାଣିବାର ପ୍ରବୃତ୍ତି ଏବଂ ସେହି ସତ୍ୟ ଏହି ସାହିତ୍ୟ ମାଧ୍ୟମରେ ପ୍ରକାଶିତ ଓ ପ୍ରସ୍ଫୁଟିତ ହୋଇଛି ।

ଯେକୌଣସି ସାହିତ୍ୟ ଆଦୃତ ଓ ଚିରଞ୍ଜୀବୀ ହୁଏ; ଯଦି ଏହା ଶାଶ୍ୱତ ବାର୍ତ୍ତା ପ୍ରକାଶକରେ ଯାହା ଆମେ ଦେଖୁ ଉପନିଷଦ୍‌ରେ ।

ଟାଗୋର ତାଙ୍କର ପ୍ରସିଦ୍ଧ ନୋବେଲ ପୁରସ୍କାରପ୍ରାପ୍ତ ଗୀତାଞ୍ଜଳିରେ ଲେଖିଛନ୍ତି, "....Where words came out of the depth of truth, that literature carries abiding influence for the human mind and heart; we turn to it again and again."

ମଣିଷ ଭିତରେ ଥିବା କିଛି ସତ୍ତା ସେହି ଶାଶ୍ୱତ ସତ୍ୟପ୍ରତି ଆକୃଷ୍ଟ । ଉପନିଷଦରେ ସେହି ବାକ୍ୟମାନ ରହିଛି ଯାହା ସତ୍ୟର ଗଭୀରତମ ପ୍ରଦେଶରୁ ଆସିଛି । ଋଷିମୁନିମାନଙ୍କର ମନକୁ ଦୁଇଟି ଇଚ୍ଛା ଧରି ରଖିଛି......ପ୍ରଥମଟି ସତ୍ୟପ୍ରତି ଅତୁଟ ଆଗ୍ରହ......ଅନ୍ୟଟି ମାନବସମାଜର ସର୍ବୋତମୁଖୀ କଲ୍ୟାଣ ଓ ଆନନ୍ଦ ।

ବର୍ତ୍ତମାନ 'ସତ୍ୟସନ୍ଧାନ'ର ମୂଲ୍ୟ ବହୁତ ଅଳ୍ପ । ଆମେମାନେ ଖୁସିରେ, ମଉଜ ମଜଲିସ୍‌ରେ ରହିବାପାଇଁ ଚେଷ୍ଟା କରୁଛୁ; ସବୁକିଛି ବସ୍ତୁବାଦୀ ଚେତନାର ପଦାର୍ଥ ପାଇବାକୁ ଇଚ୍ଛାକରୁ......ମାତ୍ର ସତ୍ୟ ନୁହେଁ । ଆମେ କେବଳ ଆଶା କରିବା ଯେ ଏହା ଏକ ପ୍ରବହମାନ ସମୟ ଏବଂ ସମୟ ଆସିବ ଯେତେବେଳେ ଆମେ ସେହି ସତ୍ୟଜୀବନକୁ ମନଦେଇ ଶୁଣିବୁ । ଏହା ଶବ୍ଦ ନୁହେଁ । ଏହା ସ୍ୱୟଂ ସଂପୂର୍ଣ୍ଣ ଅନୁଭୂତି । ଏବଂ ଏହା ଚତୁର୍ପାର୍ଶ୍ୱରେ ବ୍ୟାପ୍ତ ଚିର ମୁକ୍ତ, ଚିର ଶାଶ୍ୱତ, ଚିର ସୁନ୍ଦର । ଈଶ୍ୱର ମଣିଷ ଭିତରେ ଥିବା ଏହି ଐଶ୍ୱରିକ ସତ୍ୟକୁ ଆବିଷ୍କାର କରିଛନ୍ତି......ଆତ୍ମା ଅମର ଓ ଚିରନ୍ତନ । ପୃଥିବୀର ଧର୍ମବିଶ୍ୱାସରେ ଏହି ସତ୍ୟଟିକୁ ମଣିଷ ନିଜ ଭିତରେ ଖୋଜି ପାଇବ । ମଣିଷ ଭିତରେ ସେହି ସତ୍ୟ ପରିବ୍ୟାପ୍ତ ଯାହା ଚିର ମୁକ୍ତ, ଚିର ଶାଶ୍ୱତ, ଚିର ସୁନ୍ଦର, ଚିର ପବିତ୍ର...... ଆତ୍ମା ।

ତେଣୁ ମଣିଷ ବାହ୍ୟବସ୍ତୁର ପ୍ରଭାବରେ ପ୍ରଭାବିତ ହେବା ଉଚିତ ନୁହେଁ । ଘୂର୍ଣ୍ଣିମାନ ପବନରେ ମଣିଷ ଉଡ଼ିଯିବା ଉଚିତ ନୁହେଁ......ପ୍ରତ୍ୟେକ ବ୍ୟକ୍ତି ସ୍ଥିର ରହି ପାରିବ; ନିଜେ ନିଜର ଜୀବନକୁ ସଂଯତ କରି ପାରିବ......ଏହି ସମ୍ଭାବନା ମଣିଷ ଭିତରେ ରହିଛି । ତାହା ହେଉଛି ଚିର ପ୍ରବହମାନ ଐଶ୍ୱରିକ ସତ୍ତା ।

ପ୍ରତ୍ୟେକ ଶିଶୁ ପରିବର୍ତ୍ତନକୁ ଦେଖି ପାରିବ ମାତ୍ର ଆମକୁ ଏହି ପ୍ରଶ୍ନ ବାରମ୍ବାର ପଚାରିବାକୁ ହେବ, "ଏହା କ'ଣ ସତ୍ୟ ?" ଯେ ପର୍ଯ୍ୟନ୍ତ ପୃଥିବୀର ବାହ୍ୟ ଆଚରଣ ଶା ମଣିଷର ଶରୀର ଓ ମନକୁ ନିଆଯାଏ, ତାହା ପରିବର୍ତ୍ତନଶୀଳ । ସେହି ପରିବର୍ତ୍ତନ ପ୍ରକୃତି ବା ମନୁଷ୍ୟର ଶେଷ ପରିବ୍ୟାପ୍ତି ନୁହେଁ କାରଣ ବିବର୍ତ୍ତନ ମଧ୍ୟରେ ପ୍ରକୃତି ତା ଭିତରେ ଲୁକ୍କାୟିତ ସତ୍ୟକୁ ଉପଲବ୍ଧି ପାଇଁ ପ୍ରକାଶ କରାଏ ଓ ସେତେବେଳେ ମଣିଷ ଶରୀରର ଇନ୍ଦ୍ରିୟମାନ ସେହି ପରିବ୍ୟାପ୍ତ ସତ୍ୟକୁ ପ୍ରକାଶ କରିବାକୁ ସକ୍ଷମ ହୋଇ ପାରନ୍ତି ।

କୌଣସି ଶିଶୁର ଯୌନ ଆବେଦନ ନଥାଏ ମାତ୍ର ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ସେ ତେର/ଚଉଦ ବର୍ଷ ହେବା ବେଳକୁ ତାର ଯୌନ ଚେତନା ଆସେ । ଏହା ପ୍ରସ୍ତୁତ ହୁଏ ନାହିଁ...... ତା ଭିତରେ ଥାଏ । ଶରୀରର ପରିବର୍ତ୍ତନ ସହିତ ଆପେ ଆପେ ଯୌନ ଚେତନା ପ୍ରକାଶ ପାଏ । ପରିପ୍ରକାଶର ଅର୍ଥ ହେଉଛି ଯାହା ଅଛି ମାତ୍ର ପ୍ରକାଶ ହୋଇ ପାରୁନି ପରିବେଷ୍ଟନୀ ହେତୁ । ଆମର ଗୁରୁମାନେ ସେହି କଥାକୁ ହିଁ କହିଛନ୍ତି । ମଣିଷ ଭିତରେ ସେହି ଈଶ୍ୱରତ୍ୱ ବିଦ୍ୟମାନ, କେବଳ କେତେକ ଇନ୍ଦ୍ରିୟମାନଙ୍କର ପରିବର୍ତ୍ତନରେ ସେହି ସତ୍ୟର ପ୍ରକୃତି ଉଦ୍‌ଘାଟିତ ହେବ ।

ବିଜ୍ଞାନ–ଯାହାକୁ ମାନବ ବିଜ୍ଞାନ ବୋଲି କୁହାଯାଏ-ଭାରତବର୍ଷରେ ଧର୍ମ ନାମରେ ପରିଚିତ ଏବଂ ଧର୍ମ ମୋଟାମୋଟି ଭାବରେ ଏହି ବିରାଟ ପ୍ରଶ୍ନ ସହିତ ଜଡ଼ିତ–ମରଣଶୀଳ ଚେତନା ଭିତରେ ଅମରତ୍ୱର ଅନୁସନ୍ଧାନ କରିବା । ଧର୍ମ ମଣିଷକୁ ସେହି ଅମରତ୍ୱର ସ୍ୱାଦ ଚଖାଏ । କାରଣ ମରଣଶୀଳ ଚେତନାର ସ୍ୱାଦକୁ ସେ ସବୁବେଳେ ଉପଭୋଗ କରୁଥାଏ । ବିଭିନ୍ନ ଧର୍ମ ଅମରତ୍ୱର ସ୍ୱାଦ ପରିବେଷଣ କରେ ମାତ୍ର ସେମାନେ ତାହା ପ୍ରକାଶ କରି ପାରନ୍ତି ନାହିଁ । ଅମରତ୍ୱର ଅନୁସନ୍ଧାନ ବହୁ ଜ୍ଞାନୀ ବ୍ୟକ୍ତିମାନଙ୍କ ଦ୍ୱାରା ହୋଇଛି 'ବେଦାନ୍ତ'ରେ ଏବଂ ସେମାନେ ସମସ୍ୱରରେ ଘୋଷଣା କରିଛନ୍ତି, "ହଁ ତୁମର ଅନୁସନ୍ଧାନ ସତ୍ୟ ମାତ୍ର ଭୁଲ୍ ମାର୍ଗରେ ପରିଚାଳିତ । ତୁମେ ତାକୁ ଆକାଶର କୌଣସି ସ୍ଥାନରେ ଦେଖିବାକୁ ଇଚ୍ଛା କରିଅଛ । କିନ୍ତୁ ନା, ସେ ତୁମ ଭିତରେ ହିଁ ବିଦ୍ୟମାନ । ଈଶ୍ୱରଙ୍କ ରାଜ୍ୟ ତମରି ଭିତରେ ହିଁ ପ୍ରକାଶିତ ।"

ମୁନିଋଷିମାନେ ଆମକୁ ସେହି ଚିରନ୍ତନ ଜ୍ଞାନ ଦେଇ ଯାଇଛନ୍ତି । ସେମାନେ କହିଛନ୍ତି ଯେ ସମାଜ, ସଭ୍ୟତା ଓ ସଂସ୍କୃତି ସବୁବେଳେ ପରିବର୍ତ୍ତନଶୀଳ । ମାତ୍ର ସେହି ପରିବର୍ତ୍ତନର କେତେକ ମୌଳିକ ଶାଶ୍ୱତ ମୂଲ୍ୟବୋଧ ରହିବା ଉଚିତ ଯାହା ମଣିଷକୁ ତାର ନିଜ ପ୍ରବୃତ୍ତିଠାରୁ ରକ୍ଷାକରିବ । ଯଦି ଏହି ଦୁଇଟି ପ୍ରବୃତ୍ତି ସମାଜରେ ଏକୀକରଣ ହୋଇପାରିବ, ନିଶ୍ଚିତଭାବେ ଏକ ଅଦ୍ୱିତୀୟ ଘଟଣା ଘଟିବ । ମଣିଷ ଆଗକୁ ଆଗକୁ ଗୁଣିକ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ, ତାର ଜୀବନ କ୍ଷଣଭଙ୍ଗୁର ହେବ ନାହିଁ–ଦିନକୁ ଦିନ, ଘଣ୍ଟାକୁ ଘଣ୍ଟା–ବରଂ ଊର୍ଦ୍ଧ୍ୱଗାମୀ ହେବ ଲକ୍ଷ୍ୟସ୍ଥଳ ଆଡ଼କୁ ।

ସାଂପ୍ରତିକ କାଳରେ ଆଧୁନିକ ପରିବର୍ତ୍ତନର ମଝିରେ ସେହି ପୁରାତନ ଜ୍ଞାନ ନିଜର ସ୍ଥିତିକୁ ଘୋଷଣା କରେ । ଶ୍ରୀ ରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦ ଏହି ଚିରନ୍ତନ ସତ୍ୟକୁ ଆମ ଆଗରେ ବହୁତ ସାବଲୀଳ ଭାବରେ ରଖି ଯାଇଛନ୍ତି କାରଣ ସେ ନିଜେ ଏହି ସତ୍ୟକୁ ଉପଲବ୍ଧି କରିବା ପାଇଁ ତା ଭିତରେ ବୁଡ଼ି ନିଜକୁ ହଜାଇ ଦେଇଛନ୍ତି, ବିଜ୍ଞାନ ସମ୍ମତ ଭାବେ ଆବିଷ୍କାର କରିଛନ୍ତି ଏବଂ ମରଣଶୀଳ ଚେତନା ଭିତରେ ଅମରତ୍ୱର ସନ୍ଧାନ ପାଇଛନ୍ତି । ଏବଂ ସେହି ସତ୍ୟ ପ୍ରତ୍ୟେକ ଜୀବନ ଭିତରେ ପ୍ରତ୍ୟେକ ମଣିଷଭିତରେ ବିଦ୍ୟମାନ ।

ପରିବର୍ତ୍ତନ ଘଟୁଛି ଘଟିବ ଏହା ଅବଶ୍ୟମ୍ଭାବୀ । ମାତ୍ର ସେହି ପରିବର୍ତ୍ତନ ଭିତରେ ଆମକୁ ଶାଶ୍ୱତ ମୂଲ୍ୟବୋଧକୁ ଧରି ରଖିବାକୁ ହେବ । ନିଜର ସୂକ୍ଷ୍ମ ବୁଦ୍ଧି ଓ ବିବେକ ବଳରେ ଏହାକୁ ଠିକ୍ ମାର୍ଗରେ ପରିଚାଳିତ କରିବାକୁ ହେବ । ଯଦି ଘୋଡ଼ା ଉପରେ ବସି ତାକୁ ଲଗାମ ସାହାଯ୍ୟରେ ନିୟନ୍ତ୍ରଣ କରି ପାରିବ; ତେବେ ବସିବାରେ ଆନନ୍ଦ ଅଛି ମାତ୍ର ନିୟନ୍ତ୍ରଣ କରି ନପାରିଲେ ତୁମେ ଘୋଡ଼ା ଚଢ଼ାର ଆନନ୍ଦ ପାଇବା ପରିବର୍ତ୍ତେ ଘୋଡ଼ା ବେଶୀ ଆନନ୍ଦ ପାଇବ ।

ତେଣୁ ମଣିଷ ସଭ୍ୟତାର ଏହି ପରିବର୍ତ୍ତନରେ ନିଜେ ଶିକାର ହେବା ଉଚିତ ନୁହେଁ । ସେ ସଭ୍ୟତାର ଫଳ ଭୋଗ କରିବା ଉଚିତ । ଆଧୁନିକ ସଭ୍ୟତାର ଫଳସ୍ୱରୂପ ବୈଜ୍ଞାନିକ ଉଦ୍‌ଭାବନରେ ମଣିଷ ଯେଉଁ ପାର୍ଥିବ ସୁବିଧା ଉପଭୋଗ କରୁଛି ତାର ମୂଲ୍ୟ ତାକୁ ଦେବାକୁ ପଡୁଛି ନାନାଦି ରୋଗ ଯନ୍ତ୍ରଣାର ଶିକାର ହୋଇ, ସେଥିପାଇଁ ପାଶ୍ଚାତ୍ୟର ଲୋକମାନେ ଭାରତୀୟ ଜୀବନକୁ ଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରୁଛନ୍ତି । ତେଣୁ ନିଜକୁ ନିଜେ ଅନୁଶୀଳନ କଲେ, ଜୀବନ ଚକଡେରୁ ବ୍ୟାଧି ଦୂର ହେବ । ସେଇଥିପାଇଁ ପାଶ୍ଚାତ୍ୟରାଷ୍ଟ୍ରର ବ୍ୟକ୍ତିମାନେ 'ଯୋଗ'ରେ ବିଶ୍ୱାସ ସ୍ଥାପନ କରୁଛନ୍ତି ।

ତେଣୁ ଗୀତାର ଚତୁର୍ଥ ଅଧ୍ୟାୟରେ କୁହାଯାଇଛି–

"କର୍ମଣ୍ୟ କର୍ମଯଃ ପଶ୍ୟେଦ କର୍ମାଣି ଚ କର୍ମ ଯଃ
ସ ବୁଦ୍ଧିମାନ ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନ କର୍ମକୃତ ।"

"He who recognises inaction in action and action in inaction is wise among man, he is a yogi and a true performer of all actions."

ଭାରତବର୍ଷରେ ଏହି ଜ୍ଞାନ ଉପନିଷଦ ଗୀତା ମାଧ୍ୟମରେ ବିଶ୍ୱର ସମଗ୍ର ମାନବ ସମାଜ ଆଗରେ ଉଦ୍‌ଭାସିତ । ଏହା ଚିର ସତ୍ୟ ଓ ଶାଶ୍ୱତ । ପରିବର୍ତ୍ତନଶୀଳ ସମାଜକୁ ଧରି ରଖି ଶାଶ୍ୱତ ମୂଲ୍ୟବୋଧ ଦେବାର ମାଧ୍ୟମ । ସେହି ଶାଶ୍ୱତ ମୂଲ୍ୟବୋଧ ପ୍ରତି ଗୁରୁତ୍ୱ ଦେଇ କାର୍ଯ୍ୟ କଲେ, ସାଂପ୍ରତିକ ପରିସ୍ଥିତିରେ ପରିବର୍ତ୍ତନଶୀଳ ମଣିଷ ଜୀବନ ଉପଲବ୍ଧି କରି ପାରିବ ଚିରନ୍ତନ ସତ୍ୟକୁ । ଏହି ପ୍ରଜ୍ୱଳିତ ଆଲୋକ ଦିଗକୁ ଆଗେଇବା ମଣିଷ ସମାଜରେ ବର୍ତ୍ତମାନର କର୍ତ୍ତବ୍ୟ ।

୮୬, ହାଉସିଂ ବୋର୍ଡ
ଲୁଇସ୍ ରୋଡ୍
ଭୁବନେଶ୍ୱର–୭୫୧୦୦୨

ସ୍ୱାଧୀନତା ହେଉଛି, ଜାତିର ଏକ ଅନମନୀୟ
ଆତ୍ମବଳି, କଠୋର ସାଧନା ଓ ସଙ୍କଳ୍ପର ପ୍ରତୀକ । – ଜାନକୀବଲ୍ଲଭ ପଟ୍ଟନାୟକ

# ସେଉଗଛ

ଶ୍ରୀ ଅନାଦି ସାହୁ

ଗୋଟାଏ ସେଉ । ସିଧା କରଦେଲେ ଅତି ବେଶୀରେ ଅଢ଼େଇ ଇଞ୍ଚ ଲମ୍ବା ହେବ । ସେଉ କେବେ ସିଧା ହୋଇଥାଏ କି ? ବଙ୍କା ଟଙ୍କା । ତେଲ କଡ଼େଇରେ ପଡ଼ିଲା ପରେ ସେ ଆପେ ଆକାର ଠିକ୍ କରିନିଏ । ଏହି ସେଉଟାର ଆକାର ଅଳବ ପ୍ରକାରର । ଦକ୍ଷୁଣିତ ଉପକୂଳ ପରି ବହୁ ବଙ୍କା ଟଙ୍କାର ସମାହାର । ଦେଖିବାକୁ ଖୁବ୍ ସୁନ୍ଦର–ବେଶ୍ ହଳଦିଆ–ମଝିରେ ମଝିରେ କୁଆଁଶିର ଚୂର୍ଣ୍ଣ ବାରି ହୋଇ ଯାଉଛି । ଖୁବ ସୁନ୍ଦର ବାସୁଛି–ଭଲ, ଅଢେଡ଼ାଲ ବାଦାମ ତେଲରେ ପାଗ ଦିଆ ଭଜା ହୋଇଛି ।

ସେଉଟା ପଡ଼ିଛି ଅବହେଳାରେ ହୋଇ । କେହି ତାକୁ ଅନେକ ସମୟ ଧରି ଲକ୍ଷ୍ୟ କରି ନଥିଲେ । ନାଲି ପିଂପୁଡ଼ିଟାଏ ଘୂରି ବୁଲୁଥିଲା ଭୂଇଁ ଉପରେ । ବୁଲୁ ବୁଲୁ ଶୁଙ୍ଘି ନେଲା ସେଉର ଗନ୍ଧ । ଯେଉଁଆଡୁ ଗନ୍ଧ ଆସୁଛି ସେଇଆଡ଼ିକି ମୁହାଁଇଲା । ପାଖେଇଗଲା । ପାଇଗଲା । ଗୋଟାଏ ଚୂନା ବୁଲି ଆସିଲା ସେଉ ଉପରେ । ଆଉ ଗୋଟାଏ ଚୂନା ବୁଲି ଗଲା ଖସିପଡେ । ଟିକିଏ ଖଣ୍ଡି ପକେଇଲା ।

ବେଶ୍ ଭଲ ଜିନିଷ ତାଏ । ଏତେ ବଡ଼ ଜିନିଷଟାକୁ ଗାତ ଭିତରକୁ ନେଇଗଲେ ଖୁବ୍ ଭଲ ହେବ । ଅତି କମ୍‌ରେ ଶହେ ପିମ୍ପୁଡ଼ି ଖାଇ ପାରିବେ । ବିରୋଟ ଅବସ୍ଥାରେ ଏଇଟା ଭଲ କାମ ଦେବ ।

ସେଉର ଗୋଟାଏ ପାଖ କାମୁଡ଼ିଲା । ଟାଣିଲା । ଟାଣି ହେଉ ନାହିଁ, ଆଉ ଗୋଟାଏ ପାଖ ଟାଣିବା ଚେଷ୍ଟା କଲା ଟଳୁ ନାହିଁ । ଅଟଳ ମହାମେରୁ ପରି ପଡ଼ି ରହିଛି ।

ନା........ମୁଁ ଏକୁଟିଆ ପାରିବି ନାହିଁ । ସାଙ୍ଗ ସାଥୀ ଡାକେ । ଖସିଆଡ଼େ ବୁଲିଲା । ସାଙ୍ଗ ସାଥୀ, ନିଜ ସଂପ୍ରଦାୟ, ନିଜ ଜାତିର ପିମ୍ପୁଡ଼ି ଖୋଜି ବୁଲିଲା । ବୁଲୁ ବୁଲୁ ଗଛ ତଳେ ଦେଖିଲା ଆଉ ଗୋଟାଏ ପିମ୍ପୁଡ଼ି ନଖାଭ ନ ପିଇ ବଡ଼ ବ୍ୟସ୍ତ ହଉଛି । ଡିହ୍ନା ଡିହ୍ନା କରୁଛି । ପାଖକୁ ଗଲା । ଆରେ ଏଇଟା ତ ମୋ ଜାତି ଭାଇ । ଆମ ଗାତର ଅନ୍ୟ ମୁଣ୍ଡରେ ରହେ । ହଉ, ମୁଁ ଡ଼ାକେ ।

ଡାକିଲା–ହେ, ପିମ୍ପୁଡ଼ି ଭାଇ । ଏଇଠି କଣ କରୁଛ ? ଆସ ମୋ ସାଙ୍ଗରେ ।

ମୋତେ ଭାରି ଭୋକ, କିଛି ଖାଇବାକୁ ପାଇ ନାହିଁ । ମୁଁ କୁଆଡ଼େ ଯିବି ?–ଦରମରା ପିମ୍ପୁଡ଼ି କହିଲା । ଆସୁନ ଖାଇବାକୁ ଦେବି–କହିଲା ପ୍ରଥମ ପିମ୍ପୁଡ଼ି ।

ଖାଇବା କଥାଶୁଣି ଦରମରା ପିମ୍ପୁଡ଼ି ଗଛ ଚେରର ଥଣ୍ଡା ପରିବେଶ ଛାଡ଼ି ବାହାରି ଆସିଲା ।

ପ୍ରଥମ ପିଂପୁଡ଼ି ସାଙ୍ଗରେ ଗଲା । ପ୍ରଥମ ପିଂପୁଡ଼ି ପଡ଼ିଥିବା ସେଉ ଖଣ୍ଡ ତାକୁ ଦେଖେଇ ଦେଲା ।

ପଚରା ନାହିଁ, ଉଚରା ନାହିଁ ଦ୍ୱିତୀୟ ପିଂପୁଡ଼ି ଚଁ ଚଁ କରି କିଛି ତେଲ ଅଂଶ ଟାଣି ନେଇଗଲା ।

ଟିକିଏ ଚେଙ୍ଗ ହୋଇ ପ୍ରଥମ ପିଂପୁଡ଼ିକୁ କହିଲା–ଭଲ ଖାରାମ ପୋଷାଟାଏ ।

ଖାରାମ ପୋଷା କ'ଣ ? ଏଇଟା ପରା ସେଉ । ପ୍ରଥମ ପିଂପୁଡ଼ି କହିଲା । ନାଇଁ, ନାଇଁ । ତମ ଭାଷା ଠିକ୍ ନୁହେଁ । ତମକୁ ଜଣା ନାହିଁ । ଏଇଟା ଖାରାମ ପୋଷା । ଦ୍ୱିତୀୟ ପିଂପୁଡ଼ି ଟିକିଏ ରାଗି ଯାଇ କହିଲା ।

ହଉ ହେଲା । ତାର ଯାହା ନାଁ ହେଉ ନା କାହିଁକି–ମୋର କାମ ତାକୁ ଟାଣି ଟାଣି ନେବା । ଝଗଡ଼ା କାହିଁକି କରିବି ଭାବି 'ସେଉ' କହୁଥିବା ପିଂପୁଡ଼ି କହିଲା–ହଉ ଭାଇ । ସେ ସେଉ ହେଉ କି ଖାରାମ ପୋଷା ହେଉ, ଚାଲ ଆମେ ତାକୁ ଗାତ ଭିତରକୁ ନେଇଯିବା ।

ଖାରାମ୍ ପୋଷା ପିଂପୁଡ଼ି ଆଉ ସେଉ ପିଂପୁଡ଼ି ତାକୁ ଟାଣିବାରେ ଲାଗିଲେ । ଯୋଡ଼ାକୁ ଘୋଡ଼ା ସରି ନୁହେଁ । କିନ୍ତୁ ଏଇଠି ଯୋଡ଼ା ପିଂପୁଡ଼ି ବଳଠାରୁ ସେଉର ଓଜନ ବଢିଗଲା ।

ତୁହେ ନିଧିପତି କଲେ ଯାଉ କିଛି ଜାତି ଭାଇଙ୍କୁ ଡାକି ଆଣିବେ । ସେଉ ପିଂପୁଡ଼ି ଆଉ କିଛି ପିଂପୁଡ଼ି ଯୋଗାଡ଼ କରି ଆଣିଲା । ଖାରାମ୍ ପୋଷା ଗୋଟାଏ ଦଳ ନେଇ ପହଞ୍ଚିଲା ।

ଦୁଇ ଦଳ ଟାଣିଲେ, ବଙ୍କା ଟଙ୍କା ସେଉକୁ ।

ଏ' କ'ଣ, ଏ କ'ଣ ? ତମେ ପୂର୍ବକୁ ଟାଣୁଛ, ଆମେ ପଶ୍ଚିମକୁ ଟାଣୁଛୁ । ସେଉ ଖଣ୍ଡଟା ଯିବ କେମିତି ? ସେଉଟା ତ ଯେଉଁଠି କି ସେଇଠି—କହିଲା ସେଉ ପିଂପୁଡ଼ି ।

ତମେ କାହିଁକି ପଶ୍ଚିମକୁ ଟାଣୁଛ ? ପୂର୍ବକୁ ଗଲେ ଜଲ୍ଦି ଗାତ ଭିତରେ ପହଞ୍ଚିବ । ପୂର୍ବକୁ ଟାଣ—କହିଲା ଖାରାମ ପୋଷା ପିଂପୁଡ଼ି ।

ଆରେ ଭାଇ, ସେ ପଟେ ପାଣି ପଡ଼ିବ, ସେଉଟା ମିଳେଇ ଯିବ । ଆସ ପଶ୍ଚିମକୁ ନେବା—ସେଉ ପିଂପୁଡ଼ି କହିଲା ।

ତୁ କିଏବେ କହିବାକୁ—ଟାଣ ପୂର୍ବକୁ । ଖାରାମ ପୋଷା ପିଂପୁଡ଼ି ପାଟିକଲା ।

କଣ, କଣ ? ମୁଁ ଡାକି ଆଣିଥିଲି । ଖାଇବାକୁ ଦେଲି—ଏବେ କେତେ ବହପ—ସେଉ ପିଂପୁଡ଼ି ଚିତ୍କାର କଲା ।

ତୁ କଣ ଡାକି ଆଣିଥିଲୁରେ । ଆଉ ଟିକିଏ ପରେ ମୁଁ ଦେଖି ନଥାନ୍ତି କି । ଆଗ ଦେଖିଦେଲୁ ବୋଲି ପୁଟାଣି କିଛି କମ୍ ନାହିଁ ।

ଭଳ ବାଦ ହେଉ ହେଉ ଶୁଣ୍ଢ ଲଗିଲା । କାମୁଡ଼ା କାମୁଡ଼ି ଆରମ୍ଭ ହେଲା । ସେଉକୁ ଛାଡ଼ି ଦୁଇ ଦଳ ଦ୍ୱନ୍ଦ୍ୱ ଆରମ୍ଭ କରି-ଦେଲେ । କାହାର ଶୁଣ୍ଢ ଛିଣ୍ଡି ପଡ଼ିଲା । କାହାର ସାମନା ଗୋଡ ଦୁଇଟା ଖସିପଡ଼ି ପବନରେ ଉଡ଼ିଗଲା । କାହାର ପଛ ପାଖଟା ଖସି ଯାଇ ମୁଣ୍ଡ ଆଉ ଦୁଇଟା ଗୋଡ଼, ଗୋଟାଏ ଶୁଣ୍ଢ ରହି ପାରୁ ନାହୁଁ ହେଲା । ଆଉ କିଏ ଲଢା ଲଢି ମାଡ଼ରେ ଶୁଖୁଆ ହୋଇଗଲା । ରସ ସବୁ ନିଗିଡ଼ି ଗଲା । କେହି ଗୋଟାଏ ପିଂପୁଡ଼ି ଅନ୍ୟକୁ କର୍କଶରେ କାମୁଡ଼ି ଧରିଥିଲାବେଳେ ପ୍ରତିପକ୍ଷର ଦୁଇଚାରି ପିଂପୁଡ଼ି ଖୁବ୍ ଜୋରରେ ତାର ପଛପାଖ ଟାଣି ନେଇଗଲେ । ନିଜର ମଲ ମୁଣ୍ଡଟା ଅନ୍ୟ ଉପରେ କାଚ ପକେଇ ରହିଗଲା । କାବ ପଡ଼ା ମୁଣ୍ଡଟା ପଠାଇ ଘା ପରି ଲାଗି ରହିଲା । ଗୋଟାଏ ପିଂପୁଡ଼ିର ମେରୁଦଣ୍ଡ ଉପରେ । ପଠାର ପିମ୍ପୁଡ଼ି ଭୂଇଁ ସହିତ ଲେସି ହୋଇଗଲା । ମରି ପାରୁ ନାହିଁ, ବଞ୍ଚି ପାରୁ ନାହିଁ । ତା ଉପରେ ଅନ୍ୟମାନଙ୍କର ଧେଇକି ଧେଇ ।

ପୁରାପୁରି ଗୋଟାଏ ରଣ ଭୂଇଁ । କୋଡ଼ିଏ ମଲେ, କୋଡ଼ିଏ ଛିନ୍ନଛିନ୍ନ ହୋଇଗଲେ । ତଥାପି ସେଉ ପିଂପୁଡ଼ି ଆଉ ଖାରାମ ପୋଷା ପିଂପୁଡ଼ି ନିଜ ନିଜ ଦଳକୁ ଉଦ୍‌ବୋଧନ ଦେଉ ଥାଆନ୍ତି : ଆକ୍ରମଣ ପାଇଁ ପ୍ରେରଣା ଦେଉଥାନ୍ତି । ଏକ ଜାତି, ଏକ ଦେଶ—ଏକ ଗୋତ୍ର ଏକ ଉଦ୍ଦେଶ୍ୟ—ତଥାପି ଲଢ଼େ ତାର, ଯିଏ ଏହାର ଗୋଇ ଖୋଳୁଥାନ୍ତି ନିପାତ କରିବା ପାଇଁ ।

ମଉକା ମିଳିଲେ ମଝିରୁ ଝାମ୍ପି ନେବା ପାଇଁ ସୁବିଧା ଉଣ୍ଡୁ ଥିବା ଗୋଟାଏ ଦଳ ସବୁ କାଳେ ବାହାରି ପଡ଼ନ୍ତି । ଏହି ହଇଗୋଳ ଦଳା ଦଳି, ମରାମରି ଭିତରେ ମଲ୍ଲ ଭକ୍ତ ପରି ନାଲି ଦିଶୁଥିବା ମୋଟା ପିମ୍ପୁଡ଼ିଟାଏ ପଶେଇ ଯାଇଥିଲା । ଦୁଇ ଦଳ ଭିତରେ ପଛୁଆ, ଡରକା ଆଉ ବଞ୍ଚିବା ସର୍ବସ୍ୱ କେତେଟା ପିମ୍ପୁଡ଼ିକୁ ନିଜ ପାଖକୁ ନେଇ ଆସି ନୂଆ ଦଳଟାଏ ଗଢ଼ିଲା । ଚୁପ୍ ଚାପ୍ ସେଉ ପାଖକୁ ଗଲା । ସୁବିଧାବାଦୀ ଗୋଷ୍ଠୀକୁ କହିଲା—ଏଇଟାକୁ କାଟି ପକାଅ । ସେହି ଗୋଷ୍ଠୀର ଗୋଟାଏ ମିରିକିଟିଆ ପିମ୍ପୁଡ଼ି କହିଲା—କାଟିବା କାହିଁକି ? ଗୁଡ଼ ଟାଣି ଟାଣି ନେଇଯିବା ।

ଆରେ ମୂର୍ଖ । ଏତେ ବଡ଼ ସେଉଟାକୁ ଆମେ ଏତେ କମ୍ ପିମ୍ପୁଡ଼ି ଟାଣିବା କିମିତି । ଖଣ୍ଡେ ନେଇ ଯାଇ ଆମେ ଖାଇ ପକେଇବା ।

ଖଣ୍ଡ ଖଣ୍ଡ ହେଇଗଲେ ପବନରେ ଉଡ଼ିଯାଇ ପାରେ—ମିରିକିଟିଆ କହିବା ପାଇଁ ଚେଷ୍ଟା କଲା ବେଳେ ସୁବିଧାବାଦୀ ଦଳପତି କହିଲା—ଆମ ଖଣ୍ଡକ ଆମେ ନେଇଯିବା । ଅନ୍ୟ ଖଣ୍ଡ ପବନରେ ଉଡ଼ିବ କି ଧୂଳିରେ ମିଶିଯିବ—ସେଥିରେ ଆମର ଯାଏ ଆସେ କେତେ?

କାଟ, ତିନିଗଡ଼ କର— ।

ତିନି ଗଡ଼ ହେଲା । ଗୋଟାଏ ଛୋଟ ଗଡ଼ ଧରି ସୁବିଧା-ବାଦୀ ଗୋଷ୍ଠୀ ଚିକୁଳି ବେଗରେ ଦୌଡ଼ିଲେ । ବାଟରେ ସେମାନେ ପଡ଼ି ଗଲେ କାମୁଡ଼ା ଜନ୍ଦା ଧାରରେ । ଏକେତ ଅଳ୍ପ ସଂଖ୍ୟା । ଦ୍ୱିତୀୟରେ ଛୋଟ ଗତି ।

କାମୁଡ଼ା ଜନ୍ଦାଏ ଦୁଇ ଚାରିଥର ଯେମିତି କାମୁଡ଼ି ଦେଇଛନ୍ତି, ଏମାନେ ପ୍ରାଣ ବିକଳରେ ସେଉ ଖଣ୍ଡ ଛାଡ଼ି ପଳେଇଲେ ଗାତ ଭିତରକୁ । ଜନ୍ଦାମାନେ ଗୋଟାଏ ମିନିଟ୍‌ରେ ଶେଷ କରିଦେଲେ ସେଉ ଖଣ୍ଡଟିକୁ ।

ସେ ପଟେ ଘୋରତର ଯୁଦ୍ଧ ଅନେକ ଲହୁ ଲୁହାଣ । ଅନେକ ଅକର୍ମଣ୍ୟ । ମରାମରି ଭିତରେ ସେଉକୁ କେହି ଅନାଇ ନାହାନ୍ତି । କିଛି ସମୟ ଉତ୍ତାରୁ ରାଗ ତାତି କମିଗଲା ପରେ ସେଉ ଦଳ ଟିକିଏ ଦୂରରେ ରହି ଦମ୍ ମାରିଲେ । ଖାରାମ୍ ପୋଷା ଦଳରେ ଆଉ ଲଢ଼େଇ କରିବା ଶକ୍ତି ନାହିଁ । ସେମାନେ ଲମ୍ବା ନିଶ୍ୱାସ ନେଇ ସାଷ୍ଟାମ ହେଲେ ।

ସେଉ ଦଳପତି ନିଜ ଦଳ ସଂଖ୍ୟା ଗଣିଲା, ମୋଟରେ ସାତ । ସେଥିରୁ ଜଣଙ୍କର ମୁଣ୍ଡ ବଙ୍କା ।

ଖାରାମ ପୋଷା ଦଳପତି ଗଣିଲା—ନିଜ ଦଳରେ ମୋଟେ ପାଞ୍ଚ, ନିଜକୁ ମିଶାଇ ।

ଆଉ ଯୁଦ୍ଧ କରି ହେବ ନାହିଁ । ଆଉ ଯୁଦ୍ଧ କଲେ ଦଳ ରହିବ ନା ଦଳପତି ଆଖ୍ୟା ରହିବ । ନିଜ ଦଳକୁ ନେଇ ସେ ସେଉ ପାଖକୁ ଗଲା । ଦେଖିଲା ଦୁଇଖଣ୍ଡ ହୋଇ ସେଉ ପଡ଼ିଛି ।

ସେଥିରୁ ଖଣ୍ଡେ ଟାଣିବା ଚେଷ୍ଟା କଲା । ଟାଣି ହେଲା ନାହିଁ । ଆଉ ବଳ ନାହିଁ ଟାଣିବା ପାଇଁ । ନିଜ ଦଳର ପିଂପୁଡ଼ିକୁ ଲଗେଇଲା ଟାଣିବା ପାଇଁ । ଟାଣିବା ପାଇଁ ଚେଷ୍ଟା କରି କରି ସମସ୍ତେ ନୟାନ୍ତ ।

ସେଇ ଦଳପତି ଆସି ପହଞ୍ଚିଲା । ପୁନଃ ସେଇ ଖଣ୍ଡକୁ ଟାଣିବା ଚେଷ୍ଟା କଲା । ନିଜ ଦଳକୁ ଆହ୍ୱାନ ଦେଲା—ଟାଣ, ଆରେ ବୀରମାନେ ଟାଣ ।

ବୀରମାନଙ୍କର ବଳ ଯୁଦ୍ଧରେ ଶେଷ ହୋଇ ଯାଇଛି । ବଳ ସବୁ ଅଯଥାରେ ଅପଚୟ ହୋଇ ଯାଇଛି । ଏବେ ଯଥାର୍ଥ କାମ ପାଇଁ ଟିକିଏ ସୁଦ୍ଧା ଶକ୍ତି ନାହିଁ ।

ତଥାପି ସେଇ ନେତା ଆଉ ଖାରାମ୍ ପୋଷା ନେତା—କେହି କାହାକୁ ଅନେଇଲେ ନାହିଁ । ନିଜର ଛୋଟ, ଅଂଖଂଡ ଟୋଳିକୁ ନେଇ ଅସାଧ୍ୟ ସାଧିବାକୁ ଚେଷ୍ଟା କଲେ ।

ଛୋଟ ସେଇ ଖଣ୍ଡ ଅଥଚ ଟଳୁ ନାହିଁ । ସେଇ ପିଂପୁଡ଼ି ଡାକୁ ନାହିଁ ଖାରାମ୍‌ପୋଷା ପିଂପୁଡ଼ିକୁ ।

କେହି ଯଦି ଆଗଭର ହୋଇ କହି ଦିଅନ୍ତା—ଆସ ଭାଇ । ଏବେ ଦୁହେଁ ଏକାଠି ହେବା । ଅଲଗା ଅଲଗା ସିନା ନେଇ ହେଉ ନାହିଁ, ଗୋଟାଏ ଗୋଟାଏ ଖଣ୍ଡ ଟାତ ଭିତରକୁ ନେଇ ଯିବା !

ନା...... ସେମିତି କେହି କହୁନି । ନିଜର ଆତ୍ମାଭିମାନ ଅଛି ତ ? ତାହା ବୃଥା ଆତ୍ମାଭିମାନ ହେଉ କି ନ ହେଉ !

ସେଇ ଦଳକୁ ଦେଖେଇବା ପାଇଁ ଖାରାମ୍ ପୋଷା ଦଳ ଦମ୍ ଲଗେଇ ଟାଣିଲେ । କିଛି ଲାଭ ନାହିଁ । ନିଜର ବାହାଦୁରୀ ଦେଖେଇବା ପାଇଁ ସେଇ ଦଳ ନିଜ ଟୁକୁଡ଼ାଟିକୁ ଟାଣିଲେ । ଲାଭ ଏତିକି ହେଲା—ଯେଉଁ ପିଂପୁଡ଼ିର ମୁଣ୍ଡଟା ବଙ୍କା ହୋଇ ଯାଇଥିଲା ସେଇଟା ସଳଖ ହୋଇ ଗଣ୍ଡିରୁ ଅଲଗା ହୋଇଗଲା । ଏତିକିବେଳେ ଗୋଟାଏ କୁକୁଡ଼ା ଆସି ପହଞ୍ଚି ଗଲା । ଖାରାମ୍ ପୋଷା ଦଳର ସେଇ ଖଣ୍ଡଟାକୁ ଥଣ୍ଟରେ ଖୁଂପି ପାଟିରେ ପୂରାଇ ଦେଲା । ସେଇ ଖଣ୍ଡ ସହ ଚାରୋଟି ପିଂପୁଡ଼ି ପେଟକୁ ଗଳିଗଲେ । ଖୁଂପିଲା ବେଳେ ଖାରାମ୍ ପୋଷା ଦଳର ଦଳପତି ଛିଟିକି ହୋଇ ପଡ଼ିଲା ସେଇ ଦଳ ପତି ପାଖରେ । ସଦ୍ୟ ଗୋଟାଏ ଆତ୍ମୀୟ ମରିଛି ତଥାପି ଖଣ୍ଡିଆ ଖାବରା ସେଇ ଦଳପତି ହସିଲା ହିଃ, ହିଃ, ହିଃ ହୋଇ । ପାଖକୁ ଯାଇ କହିଲା—କଣ ବାବୁ ଖାରାମ୍ ପୋଷା! ତମ ଦଶା କଣ ? ଝାଡ଼ି ଝୁଡ଼ି ହେଉହେଉ ଖାରାମ୍ ପୋଷା ଦଳପତି କହିଲା—ତୁମ ଦଶା ଦେଖ ବାବୁ ସେଇ ପିଂପୁଡ଼ି ! ପଛକୁ ଅନାଅ ।

ସେଇ ପିଂପୁଡ଼ି ପଛକୁ ଅନେଇଲା । କୁକୁଡ଼ା ତା ଖଣ୍ଡଟିକୁ ଥଣ୍ଟ ଭିତରକୁ ନେଇ ସାରିଲାଣି । ନିଜ ଦଳ ପିଂପୁଡ଼ିମାନଙ୍କର ଚିହ୍ନ ବର୍ଣ୍ଣ ନାହିଁ ।

ଆଉ ଶକ୍ତି ନାହିଁ ଖାଦ୍ୟ ଖୋଜିବା ପାଇଁ, ଖାରାମ୍ ପୋଷା ପିଂପୁଡ଼ିକୁ ଆକ୍ରମଣ କରିବା ପାଇଁ ।

ଖାରାମ୍ ପୋଷା ପିଂପୁଡ଼ି ଉଠି ପାରୁ ନାହିଁ ତୁଳିଁ ଉପରୁ ।

ଏସ୍. ପି. କୋଠି
ପୁରୀ—୭୫୨୦୦୧



ଆମ ନନ୍ଦନ କାନନର .......

# ବିଶ୍ୱ ବିଖ୍ୟାତ ବୈଜ୍ଞାନିକ ପଠାଣି ସାମନ୍ତ

ଶ୍ରୀ ଉଦ୍ଧବ ଚରଣ ନାୟକ

ବିଶ୍ୱ ପ୍ରସିଦ୍ଧ ଓଡ଼ିଆ ବୈଜ୍ଞାନିକ ମହାମହୋପାଧ୍ୟାୟ ପଣ୍ଡିତ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର ଉତ୍କଳର ଘରେ ଘରେ 'ପଠାଣି ସାମନ୍ତ' ଭାବରେ ସୁପରିଚିତ । ଆଜକୁ ଠିକ୍ ଦେଢ଼ଶହ ବର୍ଷତଳେ ଅର୍ଥାତ୍ ୧୮୩୫ ଖ୍ରୀଷ୍ଟାବ୍ଦ ଡିସେମ୍ବର ୨୩ ତାରିଖ ପୌଷ କୃଷ୍ଣାଷ୍ଟମୀ ତିଥିରେ ପଠାଣି ସାମନ୍ତ ପବିତ୍ର ଉତ୍କଳର ଘନ ଅରଣ୍ୟ ବେଷ୍ଟିତ ଗଡ଼ଜାତ ରାଜ୍ୟ ଖଣ୍ଡପଡ଼ା ରାଜବଂଶରେ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ଶ୍ୟାମବନ୍ଧୁ ସିଂହ ସାମନ୍ତ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ । ପଠାଣି ସାମନ୍ତଙ୍କ ପିତା ଶ୍ୟାମବନ୍ଧୁ ସିଂହ ସାମନ୍ତ ଥିଲେ ଖଣ୍ଡପଡ଼ାର ତତ୍କାଳୀନ ରାଜା ନୃସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ କନିଷ୍ଠ ସନ୍ତାନ । ପିତା ନୃସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ପରଲୋକ ପରେ ରାଜକୂଳ ବିଧି-ଅନୁଯାୟୀ ତାଙ୍କର ଜ୍ୟେଷ୍ଠଭ୍ରାତା କୃଷ୍ଣଚନ୍ଦ୍ର ମର୍ଦ୍ଦରାଜ ଭ୍ରମରବର ରାୟ ଖଣ୍ଡପଡ଼ା ରାଜସିଂହାସନରେ ଅଭିଷିକ୍ତ ହେବାରୁ ଶ୍ୟାମବନ୍ଧୁ ସିଂହ ସାମନ୍ତ ଭାବରେ ରହି 'ସାମନ୍ତ' ଉପାଧି ଧାରଣ କଲେ । ଶ୍ୟାମବନ୍ଧୁ ସିଂହ ୧୮୦୦ ଖ୍ରୀଷ୍ଟାବ୍ଦର ପବିତ୍ର ଶ୍ରୀରାମ ନବମୀ ତିଥିରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ଜଣେ ମହାନ୍ ସାହିତ୍ୟିକ ଓ ପଣ୍ଡିତ । ସେ ତାଙ୍କ ଜୀବନରେ କେବେ ହେଲେ ମିଥ୍ୟା କଥା କହି ନଥିଲେ । ଏହିଭଳି ମହାନ ତଥା ଉପଯୁକ୍ତ ପିତାଙ୍କର ଉପଯୁକ୍ତ ସନ୍ତାନ ଭାବରେ ପଠାଣି ସାମନ୍ତ ବିଶ୍ୱବିଜ୍ଞାନ ଦରବାରରେ ଉପଯୁକ୍ତ ଆସନର ଅଧିକାରୀ ।

ଶ୍ୟାମବନ୍ଧୁ ସିଂହ ସାମନ୍ତଙ୍କ ଔରସରେ ବିଷ୍ଣୁମାଳୀ ଗର୍ଭରୁ ନଅଗୋଟି କନ୍ୟା ଜାତ ହେବା ପରେ ଏକମାତ୍ର ପୁତ୍ର ଜାତ ହୋଇଥିଲେ; କିନ୍ତୁ ବିଧିର ବିଡ଼ମ୍ବନା ହେତୁ ଶେଷ ଦୁଇଟି କନ୍ୟା ଓ ଏକମାତ୍ର ପୁତ୍ର ପରଲୋକ ଗମନ କରିବାରୁ ମାତା ବିଷ୍ଣୁମାଳୀ ଦେବୀ ବ୍ୟାକୁଳ ହୃଦୟରେ ଖଣ୍ଡପଡ଼ାଠାରୁ ଚାରିମାଇଲ ଦୂରରେ ଅବସ୍ଥିତ ଖଣ୍ଡପଡ଼ା ଗ୍ରାମସ୍ଥିତ ରାମେଶ୍ୱର ମହାଦେବଙ୍କ ନିକଟରେ ଯାଇ ଅଧିଆ ପଡ଼ିଲେ । କିଛିଦିନ ପରେ ବିଷ୍ଣୁମାଳୀଙ୍କୁ ରାମେଶ୍ୱର ମହାଦେବଙ୍କର ହୁକୁମ ହେଲା, "ତୁମେ ମୋ ଶକ୍ତି ନିକଟରେ ଥିବା ତିକ୍‌କଣ କଷ୍ଟବର୍ଣ୍ଣ ପଥରକୁ ଉଦରସ୍ଥ କର, ଏହାଦ୍ୱାରା ତୁମର ନିଶ୍ଚୟ ପୁତ୍ର ହେବ" । ମହାଦେବଙ୍କ ହୁକୁମ ଜନନୀ ବିଷ୍ଣୁମାଳୀ ସାଦରେ ମାନିନେଲେ । ବିଷ୍ଣୁମାଳୀଙ୍କର ଗର୍ଭ ଉଦୟ ହେଲା । ବିଷ୍ଣୁମାଳୀଙ୍କ ଏହି ଗର୍ଭରୁ ୧୮୩୫ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସ ୨୩ ତାରିଖ ପୌଷ କୃଷ୍ଣାଷ୍ଟମୀ ତିଥିରେ କ୍ଷଣଜନ୍ମା ଚନ୍ଦ୍ରଶେଖର ଜନ୍ମଲାଭ କଲେ । ଚନ୍ଦ୍ରଶେଖର ମହାଦେବଙ୍କ ପ୍ରସାଦରୁ ଜନ୍ମଲାଭ କରିଥିବା ହେତୁ ପିତାମାତା ପୁଅର ନାମ ଚନ୍ଦ୍ରଶେଖର ବୋଲି ରଖିଲେ । ହେଲେ ପଠାଣି ସାମନ୍ତ' ବୋଲି ତାଙ୍କର ନାମ କିପରି ହେଲା ?

ଓଡ଼ିଶା ଏପରି ଏକ ଭୂଇଁ ଯେଉଁ ଭୂମିର ପରମ୍ପରା କାଳ-କାଳରୁ ସ୍ୱତନ୍ତ୍ର ଗୌରବ ବହନ କରି ଆସିଛି । ଅପର୍ତ୍ତ୍ୟାଣୀ ନାମରେ ଏକ ଦେଶଜ ପ୍ରଥା ଏ ରାଜ୍ୟରେ ପ୍ରଚଳିତ । ଆମ ଓଡ଼ିଶା ର କୌଣସି ପରିବାରରୁ ବଡ଼ପୁଅ ମରିଗଲେ ତା'ତଳ ପୁଅକୁ ଅପର୍ତ୍ତ୍ୟାଣୀ ବୋଲି କୁହାଯାଏ । ଅପର୍ତ୍ତ୍ୟାଣୀ ପୁଅର କାନ ନାକ ଫୋଡ଼ି ଦିଆଯାଇ ତାକୁ ଅସୁନ୍ଦର କରିଦିଆଯାଏ । ପୁତ୍ରକୁ ଏଭଳି ଭାବରେ ଅସୁନ୍ଦର କରିଦେବା ପଛରେ ଏକ ଲୋକବିଶ୍ୱାସ ପ୍ରଚଳିତ । ତାହାହେଲା ବଡ଼ ପୁଅକୁ ତ ଯମ ନେଇଛି କାଳେ ଯମ ପୁଣି ଏଇ ପୁଅକୁ ନେବା ପାଇଁ ହାତ ବଢ଼ାଇବ ଏହି ଭୟରେ ଲୋକେ ପୁତ୍ରକୁ ଅସୁନ୍ଦର କରି-ଦିଅନ୍ତି । ପୁତ୍ରକୁ ଏପରି ବିବର୍ଣ୍ଣ କରି ସାରିବା ପରେ ତାକୁ ନେଇ ଠାକୁରଙ୍କ ପାଖରେ ପାଣି ଛଡ଼ାଇ ତାର ନାମ ପରିବର୍ତ୍ତନ କରି ଅସୁନ୍ଦରିଆ ନାମ ଦିଅନ୍ତି । ସେହି ଅସୁନ୍ଦର ନାମ ମଧ୍ୟରେ ହାଡ଼ି, ପାଣ, ଡମ ବା ଡମ୍ବା, ବାଟାଳୀ, ବଇଷ୍ଣମ, ପଠାଣ, ପଚରା, ଗଣ୍ଡିଆ ଆଦି ଶ୍ରୁତିକଟୁ ନାମ ଓଡ଼ିଶାରେ ପ୍ରଚଳିତ । ଏହିପରି ଅପ୍ରଚ୍ଛନ୍ନ ନାମ ଦେଲେ ଅପ... ପୁଅ ପାଖରେ ଯମ ପଶି ପାରେ ନାହିଁ ବୋଲି ଲୋକମାନଙ୍କ ବିଶ୍ୱାସ । ଏଣୁ ଚନ୍ଦ୍ରଶେଖରଙ୍କ ପିତାମାତା ପୁଅକୁ ଚନ୍ଦ୍ରଶେଖର ପରିବର୍ତ୍ତେ "ପଠାଣି" ବୋଲି ଡାକିଲେ । ଚନ୍ଦ୍ରଶେଖର ପଠାଣି ନାମରେ ଲୋକପ୍ରିୟ ହୋଇ ପଡ଼ିବାରୁ ଲୋକମାନେ ତାଙ୍କୁ "ପଠାଣି" ସାମନ୍ତ" ବୋଲି ସମ୍ବୋଧନ କଲେ । ତାଙ୍କର ଏହି 'ପଠାଣି ସାମନ୍ତ' ନାମ ଚିରଦିନ ପାଇଁ ରହିଲା ।

ପଠାଣି ସାମନ୍ତ ରାଜବଂଶରେ ଜାତ ହୋଇଥିଲେ ହେଁ ସେ ସମୟରେ ଓଡ଼ିଶାର ଗଡ଼ଜାତ ଅଞ୍ଚଳରେ ଇଂରାଜୀ ଢ଼ାଞ୍ଚାରେ ଅଧ୍ୟୟନର ସୁବିଧା ନଥିବାରୁ ସେ ଗାଁ ଅବଧାନଙ୍କ

ନିକଟରେ ଅଧ୍ୟୟନ କଲେ । ଅବଧାନଙ୍କ ନିକଟସ୍ଥ ପ୍ରାଥମିକ ସ୍ତରରେ ସେ କେଶବକୋଇଲି ଭାଗବତ, ଲୀଳାବତୀ ସୂତ୍ର ଆଦି ସଂପୂର୍ଣ୍ଣକରି ଭଲ ଭାବରେ ମନେ ରଖିଲେ । ତାଙ୍କଠାରେ ଗଭୀର ସ୍ମରଣଶକ୍ତି ଓ ମେଧାଶକ୍ତି ନିହିତ ଥିଲା । ସେ ଥରେ ଯାହା ପାଠକରୁଥିଲେ ଚିରଦିନପାଇଁ ତାହା ତାଙ୍କ ମାନସପଟରେ ଲିପିବଦ୍ଧ ହୋଇ ରହୁଥିଲା । ଖଣ୍ଡପଡ଼ା ରାଜବଂଶର ବିଶେଷତ୍ୱ ଏହି ଯେ, ଏହି ବଂଶରେ ସଂସ୍କୃତ ଓ ଜ୍ୟୋତିଷ ବିଦ୍ୟାରେ ଭଣା ଅଧିକେ ପ୍ରାୟ ସମସ୍ତଙ୍କର ଦକ୍ଷତା ଥାଏ । ପଠାଣି ସାମନ୍ତଙ୍କ ପିତା ତଥା କକେଇଙ୍କର ସଂସ୍କୃତ ଓ ଜ୍ୟୋତିଷ ବିଦ୍ୟାରେ ଗଭୀର ଦକ୍ଷତା ଥିଲା । ପଠାଣି ସାମନ୍ତ ଅବଧାନଙ୍କ ନିକଟସ୍ଥ ପ୍ରାଥମିକ ଶିକ୍ଷା ସମାପନ କରି ସାରିବା ପରେ କକେଇଙ୍କ ପାଖରେ ସର୍ବଦା ବସିରହି ସଂସ୍କୃତ ଅଧ୍ୟୟନ କରିବାକୁ ଲାଗିଲେ । ଖୁବ୍ ଅଳ୍ପଦିନ ମଧ୍ୟରେ ସେ ସଂସ୍କୃତ ଶିକ୍ଷାକରି ଅନ୍ୟ କାହାର ସାହାଯ୍ୟ ନ ନେଇ ଆପେ ଆପେ ବହୁ ମହାନ ସଂସ୍କୃତ ଗ୍ରନ୍ଥ ଯଥା—ମୁରାରୀ କାବ୍ୟ, ବିଦଗ୍ଧମାଧବ, ମହାନାଟକ, ଶକୁନ୍ତଳା, ଉତ୍ତର ରାମଚରିତ, ନାରାୟଣ ଶତକ, ଶିବ ଶତକ, ସୂର୍ଯ୍ୟଶତକ, ଗୀତଗୋବିନ୍ଦ, ଭାଗବତ, ହରି ବିଳାସ ପ୍ରଭୃତି ପାଠକରି ପାଣ୍ଡିତ୍ୟ ଅର୍ଜନ କଲେ । ଓଡ଼ିଆ ଭାଷା ସାହିତ୍ୟ ପ୍ରତି ତାଙ୍କର ଗଭୀର ଅନୁରାଗ ଥିଲା । ସେ ବୈଦେହୀଶ ବିଳାସ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ, ଚନ୍ଦ୍ରକଳା, ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର, କିଶୋରଚନ୍ଦ୍ରାନନ ଚମ୍ପୁ, ବିଦଗ୍ଧ ଚିନ୍ତାମଣି ଆଦି ବହୁ ଓଡ଼ିଆ ଗ୍ରନ୍ଥ ଅଧ୍ୟୟନ କରିଥିଲେ । ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ସାହିତ୍ୟ ବ୍ୟତୀତ ତାଙ୍କର ପୁରାଣ, ସ୍ମୃତି, ଆୟୁର୍ବେଦ ଓ ବେଦ ଉପରେ ଯଥେଷ୍ଟ ଅଭିଜ୍ଞତା ଥିଲା । ତାଙ୍କ କକେଇ ଭଲ ଭାବରେ ଜ୍ୟୋତିଷ ବିଦ୍ୟା ଜାଣିଥିଲେ । ଏଣୁ ସେ ଜ୍ୟୋତିଷ ବିଦ୍ୟା ସଂପର୍କରେ ଆଲୋଚନା ଓ ଗବେଷଣା କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ତାଙ୍କ ଘରେ ମଧ୍ୟ ସେ ସମୟରେ ସୂର୍ଯ୍ୟ ସିଦ୍ଧାନ୍ତ ଓ ସିଦ୍ଧାନ୍ତ ଶିରୋମଣି ନାମରେ ସଂସ୍କୃତ ଭାଷାରେ ଲିଖିତ ଦୁଇଖଣ୍ଡ ମହାନ୍ ଜ୍ୟୋତିଷ ଗ୍ରନ୍ଥ ଥିଲା । ପଠାଣି ସାମନ୍ତଙ୍କର ଜ୍ୟୋତିଷ ବିଦ୍ୟାପ୍ରତି ଆଗ୍ରହ ଥିବା ଲକ୍ଷ୍ୟକରି ତାଙ୍କ କକେଇ ତାଙ୍କୁ ଜ୍ୟୋତିଷ ବିଦ୍ୟା ଶିକ୍ଷା କରିବା ନିମନ୍ତେ ପ୍ରବର୍ତ୍ତାଇଲେ ।

ଜ୍ୟୋତିଷ ଦୁଇପ୍ରକାର । ଫଳିତ ଜ୍ୟୋତିଷ ଓ ଗଣିତ ଜ୍ୟୋତିଷ । କର, କୋଷ୍ଠି, କପାଳ ଦେଖି ଗ୍ରହନକ୍ଷତ୍ରମାନଙ୍କ ଅବସ୍ଥା ଅନୁସାରେ ଗଣନାଦ୍ୱାରା ଯେଉଁ ଫଳା ଫଳ ବା ଭଲମନ୍ଦ ପ୍ରକାଶ କରାଯାଏ ତାହା ଫଳିତ ଜ୍ୟୋତିଷ; ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଓ ନକ୍ଷତ୍ରଙ୍କ ଗତି ଓ ସ୍ଥିତି ତଥା ସେମାନଙ୍କ ସମ୍ବନ୍ଧରେ ଗଣନା ଦ୍ୱାରା ନାନା କଠିନ ତତ୍ତ୍ୱ ଜାଣିବା ବା ସ୍ଥିର କରିବା ପ୍ରଣାଳୀକୁ ଗଣିତ ଜ୍ୟୋତିଷ ବୋଲି କୁହାଯାଏ । ଗଣିତ ଜ୍ୟୋତିଷ ଅତ୍ୟନ୍ତ କଠିନ ଓ କଷ୍ଟସାଧ୍ୟ ବ୍ୟାପାର କିନ୍ତୁ ଫଳିତ ଜ୍ୟୋତିଷ ବଡ଼ ସହଜ । ପ୍ରଥମେ ପଠାଣି ସାମନ୍ତ କକେଇଙ୍କଠାରୁ ଫଳିତ ଜ୍ୟୋତିଷ ଅତି ଅଳ୍ପ ଦିନରେ ହାସଲ କରିନେଲେ । ମାତ୍ର ଖୁବ୍ କମ୍ ଦିନରେ ସେ ଫଳିତ ଜ୍ୟୋତିଷ ଉପରେ ପାରଦର୍ଶିତା ଲାଭ କରି ସଠିକ୍ ତଥା ନିର୍ଭୁଲ ଗଣନାମାନ ପ୍ରଦର୍ଶନ କରିବାରୁ କକେଇ ତାଙ୍କ ଉପରେ ଅତ୍ୟନ୍ତ ମୁଗ୍ଧ ହୋଇପଡ଼ିଲେ । ଜାତକ ଦେଖି ବହୁ ସଠିକ୍ ତଥ୍ୟ ପ୍ରକାଶ କରିବା ଫଳରେ ପ୍ରତ୍ୟହ ତାଙ୍କ ପାଖରେ ବହୁଲୋକ ଆସି ସୁଲଭ ହେଲେ । ତାଙ୍କୁ ମାତ୍ର ବାରବର୍ଷ ବୟସ ହୋଇଥିବା କାଳରେ ସେ ଏହିପରି ଫଳିତ ଜ୍ୟୋତିଷରେ ଗଭୀର ଦକ୍ଷତା ହାସଲ କରିଥିଲେ । ବାଳକ ବୟସରେ ତାଙ୍କର ଏପରି ଅଭିଜ୍ଞତା ଦେଖି ଲୋକମାନେ ତାଙ୍କୁ ଧନ୍ୟ ଧନ୍ୟ କଲେ ।

ବାରବର୍ଷରୁ କୋଡ଼ିଏ ବର୍ଷଯାଏ ପଠାଣି ସାମନ୍ତ ଫଳିତ ଜ୍ୟୋତିଷ ଭିତରେ ଆବଦ୍ଧ ହୋଇ ରହିଲେ । ବୟଃ ପ୍ରାପ୍ତ ଘଟିବାରୁ ଫଳିତ ଜ୍ୟୋତିଷ ଭିତରେ ଥୟହୋଇ ରହିପାରିଲେ ନାହିଁ । ଗଣିତ ଜ୍ୟୋତିଷବିଦ୍ୟା ଶିକ୍ଷା କରିବା ପାଇଁ ତାଙ୍କ ମନ ଟାଣିହେଲା । ତାଙ୍କ କକେଇ ଯାହାଙ୍କ ଠାରୁ ସେ ଫଳିତ ଜ୍ୟୋତିଷ ଶିକ୍ଷା କରିଥିଲେ, ସେ ମହାକାଶରେ ଥିବା ମାତ୍ର କେତୋଟି ଗ୍ରହ ନକ୍ଷତ୍ରକୁ ଚିହ୍ନଟ କରି ରଖିଥିଲେ । ସୂକ୍ଷ୍ମବୁଦ୍ଧିସଂପନ୍ନ ପଠାଣି ସାମନ୍ତ ସେଇ କେତୋଟି ଗ୍ରହ ନକ୍ଷତ୍ରକୁ କକେଇଙ୍କ ସହାୟତାରେ ପ୍ରଥମେ ଚିହ୍ନିନେଲେ । ତା'ପରେ ଘରେ ଥିବା ପ୍ରାଚୀନ ସଂସ୍କୃତ ଜ୍ୟୋତିଷ ଗ୍ରନ୍ଥ ସୂର୍ଯ୍ୟ ସିଦ୍ଧାନ୍ତ ଓ 'ସିଦ୍ଧାନ୍ତ ଶିରୋମଣି' ଦ୍ୱୟକୁ ତନ୍ନ ତନ୍ନ କରି ପାଠ କରିବାକୁ ଲାଗିଲେ ।

## ମହାକାଶ ପର୍ଯ୍ୟବେକ୍ଷଣ

କ୍ରମେ ସେ ଅନନ୍ୟମନା ହୋଇ ମହାକାଶସ୍ଥିତ ନାକ୍ଷତ୍ରିକ ଜଗତର ବିଭିନ୍ନ ତଥ୍ୟ ଆବିଷ୍କାର କରିବା ନିମନ୍ତେ ଅଗ୍ରସର ହୋଇ ଜଟିଳ ଗବେଷଣା ମଧ୍ୟରେ ଆବଦ୍ଧ ହୋଇ ପଡ଼ିଲେ । ଦିନରେ ଶାସ୍ତ୍ର ଆଲୋଚନା, ପଠନ ଓ ଗବେଷଣା କାର୍ଯ୍ୟରେ ଓ ରାତ୍ରିରେ ଦୃକ୍ ସିଦ୍ଧାନ୍ତ ଜ୍ଞାନ ଆହରଣ କରିବାରେ ତାଙ୍କ ସମୟ ଅତିବାହିତ ହେଲା ; ଅର୍ଥାତ୍ ଦିନରେ ସେ theory ପାଠ କଲେ ଓ ରାତ୍ରିରେ ପରୀକ୍ଷା ନିରୀକ୍ଷାରେ ଲିପ୍ତ ରହିଲେ । ଅତ୍ୟଧିକ ମାନସିକ ପରିଶ୍ରମ ଓ ରାତ୍ରି ଉଜାଗର ହେତୁ କ୍ରମେ ତାଙ୍କ ଶରୀର ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଲା । ହେଲେ ମଧ୍ୟ ସେ ଗବେଷଣା କାର୍ଯ୍ୟରୁ ନିବୃତ୍ତ ହେଲେ ନାହିଁ । ବରଂ ମହାକାଶ ପର୍ଯ୍ୟବେକ୍ଷଣ (Space observation) କାର୍ଯ୍ୟରେ ଅଧିକ ଭାବରେ ବ୍ୟାପୃତ ହେଲେ । ମାତ୍ର ଦୁଇଖଣ୍ଡ ବାଉଁଶ ନଳୀ ନିର୍ମିତ ଯନ୍ତ୍ର ସାହାଯ୍ୟରେ ସେ ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟ କରୁଥିଲେ ।

ପ୍ରଥମେ ଘରେ ଥିବା ସଂସ୍କୃତ ଭାଷାରେ ଲିଖିତ ମହାନ୍ ଜ୍ୟୋତିଷଗ୍ରନ୍ଥ ଦ୍ୱୟକୁ ପାଠକରି ଗ୍ରହମାନଙ୍କର ଲଗ୍ନ ଗଣନା ସଂପର୍କରେ ପାରଦର୍ଶିତା ଲାଭ କରିନେଇଥିଲେ । ଲଗ୍ନ ଗଣନା ଦ୍ୱାରା କେଉଁ ଗ୍ରହ କେତେବେଳେ ଉଦୟ ଓ ଅସ୍ତ ହେବେ ଏ କଥା ସେ ପୁସ୍ତକ ପାଠକରି ଜ୍ଞାନ ଆହରଣ କରିଥିଲେ । ଗ୍ରନ୍ଥ ପଠିତ ଏହି ଫଳକୁ ନିଜେ ଗବେଷଣା କରି ବାହାର କରିଥିବା ଫଳସହ ମିଶାଇ ଦେଖିବାରୁ ସେଥିରେ ଅମେଳ ଦେଖାଦେଲା । ଶାସ୍ତ୍ର କଥିତମତେ ଯେଉଁ ଗ୍ରହ ଯେତେବେଳେ ଉଦୟ ହେବା କଥା ତାହା ହେଉନାହିଁ ବା ଯେଉଁ ସମୟରେ ଅସ୍ତହେବା କଥା ଅସ୍ତ ବି ହେଉନାହିଁ । ସେ ବଡ଼ ଚିନ୍ତାରେ ପଡ଼ିଲେ । ବାରମ୍ବାର ଗବେଷଣା କରି ଦେଖିଲେ ମଧ୍ୟ ଏହା କଥା । ଶେଷରେ ସେ ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ତାଙ୍କ ଗଣନା ଓ ଗବେଷଣା ନିଶ୍ଚୟ ଭୁଲ କାରଣ

ପ୍ରାଚୀନ ପଣ୍ଡିତମାନଙ୍କ ମତ ବା ଗଣନା କେବେ ଭୁଲ ହେବାର ନୁହେ । ପୁନରାୟ ସେ ବାରମ୍ବାର ଗବେଷଣା କରିବାକୁ ଲାଗିଲେ । ହେଲେମଧ୍ୟ ତାଙ୍କ ଗବେଷଣା ଓ ଗଣନା ସର୍ବଦା ଏକ ପ୍ରକାରର ହେଲା । ଶେଷରେ ସେ ଠିକ୍ କରିନେଲେ ଯେ, ମୁଁ ଯାହା ନିଜ ଆଖିରେ ବାରମ୍ବାର ଦେଖୁଛି, ତାହାହିଁ ଠିକ୍ । ତାଙ୍କ ନିଜ ସିଦ୍ଧାନ୍ତ ପ୍ରମାଣିତ କରି ଦେଲା ଯେ, "ପ୍ରାଚୀନ କାଳର ଭାରତୀୟ ଜ୍ୟୋତିର୍ବିଦ୍‌ମାନଙ୍କ ଗଣନା ସମୟରୁ ନାକ୍ଷତ୍ରିକ ଜଗତର ସ୍ଥିତି ଓ ଗତିର ଅନେକ ପରିବର୍ତ୍ତନ ସଂଘଟିତ ହୋଇଛି" ।

## ପଠାଣି ସାମନ୍ତଙ୍କ ବ୍ୟବହୃତ ଯନ୍ତ୍ର

ମହାକାଶସ୍ଥିତ ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ନିରୀକ୍ଷଣ କାର୍ଯ୍ୟ ଖାଲି ଆଖିରେ କରିବା ସହଜସାଧ୍ୟ ନୁହେଁ । ଏଥିପାଇଁ ଯନ୍ତ୍ର ନିଶ୍ଚୟ ଲୋଡା । ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟ କରିବା ପୂର୍ବରୁ ପଠାଣି ସାମନ୍ତ ପ୍ରଥମେ ଯନ୍ତ୍ରପାଇଁ ଖୋଜି ବୁଲିଲେ । ହେଲେ ସେ ସେପରି ଯନ୍ତ୍ର କେଉଁଠୁ ପାଇଲେ ନାହିଁ । ଘରେ ଥିବା ସଂସ୍କୃତ ଭାଷାରେ ଲିଖିତ ସେହି ପ୍ରାଚୀନ ଗ୍ରନ୍ଥ ଦ୍ୱୟକୁ ପାଠକରି ସେଥିରେ ବର୍ଣ୍ଣିତ ହୋଇଥିବା ପ୍ରଣାଳୀ ଅନୁଯାୟୀ ଯନ୍ତ୍ର ତିଆରି କରିବା ନିମନ୍ତେ ଅଣ୍ଟା ଭିଡ଼ିଲେ । ସେସବୁ ଯନ୍ତ୍ର ତିଆରି କାର୍ଯ୍ୟ ଆରମ୍ଭ ହେଲା । ସେହି ଯନ୍ତ୍ରମାନ ତିଆରି କରିବା ପାଇଁ ସେ କୌଣସି ଗବେଷଣାଗାରର ଆଶ୍ରୟ ନେଇ ନ ଥିଲେ ବା ସେହି ଯନ୍ତ୍ରର ଅଂଶବିଶେଷକୁ କୌଣସି ପାଶ୍ଚାତ୍ୟ ଦେଶରୁ ଆମଦାନୀ କରି ନ ଥିଲେ । ତାଙ୍କ ନିର୍ମିତ ଯନ୍ତ୍ର ଏଇ ଓଡ଼ିଶାର ବଣ ଜଙ୍ଗଲ ଭିତରେ ଥିବା ବାଉଁଶ କାଠିରେ ନିର୍ମିତ ହୋଇଥିଲା । ପୋଥିପାଠକରି ସେ ଅଳ୍ପଦିନ ମଧ୍ୟରେ ମହାକାଶ ପର୍ଯ୍ୟବେକ୍ଷଣ ନିମନ୍ତେ ଦୁଇଟି ଯନ୍ତ୍ର ଉଦ୍‌ଭାବନ କଲେ । ସେହି ଦୁଇଟି ଯନ୍ତ୍ରର ନାମ ହେଲା "ସ୍ୱୟଂବହ ଯନ୍ତ୍ର ଓ ମାନଯନ୍ତ୍ର' । ଏହି ଯନ୍ତ୍ର ଦୁଇଟିର ଆକାର ଖୁବ୍ କ୍ଷୁଦ୍ର । ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ସେ ଯନ୍ତ୍ର ଦୁଇଟିକୁ ସହଜରେ ନିଆଯାଇପାରିବ ।

ଗୋଟିଏ ଗ୍ରହଠାରୁ ଅନ୍ୟ ଗୋଟିଏ ଗ୍ରହର ଦୂରତା, ପୃଥିବୀ ଠାରୁ ମହାକାଶରେ ଥିବା ଗ୍ରହ ନକ୍ଷତ୍ରମାନଙ୍କର ଦୂରତା ସ୍ୱୟଂବହ ଯନ୍ତ୍ର ସାହାଯ୍ୟରେ ସେ ଜାଣି ପାରୁଥିଲେ । ମାନଯନ୍ତ୍ରର ଆକାର ଦେଖିବାକୁ ଇଂରାଜିର 'ଟି' ପରି । ମାନଯନ୍ତ୍ର ସାହାଯ୍ୟରେ ସେ ସମୟ ନିରୂପଣ କରୁଥିଲେ । ବାଉଁଶ ନିର୍ମିତ ଏହି ଯନ୍ତ୍ର ଦୁଇଟି ଦ୍ୱାରା ଗ୍ରହମାନଙ୍କର ଉଦୟ ଓ ଅସ୍ତର ସମୟ, ସ୍ଥିତି, ଦୂରତା ଆଦି ପଠାଣି ସାମନ୍ତ ସହଜରେ ଜାଣିପାରୁଥିଲେ । କ୍ରମେ ତାଙ୍କର ମନପ୍ରାଣ ଦେହ ଆକାଶ ସଙ୍ଗରେ ମିଶି ରହିବାକୁ ବ୍ୟାକୁଳିତ ହେଲା । ସେ ସର୍ବଦା ନିତ୍ୟ ନୂତନ ନବୀନ ତଥ୍ୟ ପ୍ରକାଶ କରିବାକୁ ଲାଗିଲେ । ପ୍ରତ୍ୟେକ ଦିନ ରାତ୍ରି ଚାରିପ୍ରହର ପର୍ଯ୍ୟନ୍ତ ଉଜାଗର ରହି ଅପଲକ ନୟନରେ ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟରେ ବୁଡ଼ି ରହିଲେ । ଏହା ଫଳରେ ସେ ବହୁ ନୂତନ ତଥ୍ୟ, ନୂତନ ନକ୍ଷତ୍ର ଓ ସେମାନଙ୍କର ସ୍ଥିତି ଓ ଗତିବିଧି ସଂପର୍କରେ ବହୁ କଥା ଆବିଷ୍କାର କଲେ । ସ୍ୱ–ଆବିଷ୍କୃତ ସମସ୍ତ ତଥ୍ୟକୁ ସେ ଟିପି ରଖିଲେ । ସେତେବେଳେ ଓଡ଼ିଶାର ଗଡ଼ଜାତ ଅଞ୍ଚଳମାନଙ୍କରେ କାଗଜ କଲମର ବ୍ୟବହାର ସେମିତି ନଥିଲା । ଏଣୁ ସେ ତାଙ୍କର ଆବିଷ୍କୃତ ସମସ୍ତ ତଥ୍ୟ ଲେଖନୀ ସାହାଯ୍ୟରେ ତାଳପତ୍ରରେ ଲିପିବଦ୍ଧ କରୁଥିଲେ । ଗବେଷଣା ସମୟରେ ତାଙ୍କ ହାତରେ ତାଳପତ୍ର ଓ ଲେଖନୀ ନପଡ଼ିଲେ ଖଡ଼ି ଓ ଅଙ୍ଗାର ସାହାଯ୍ୟରେ ସମସ୍ତ ତଥ୍ୟକୁ ସଙ୍ଗେ ସଙ୍ଗେ ଭୂଇଁରେ ବା କାନ୍ଥରେ ଟିପି ରଖୁଥିଲେ । ସଂସ୍କୃତ ଭାଷାରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଏଣୁ ସେ ଗବେଷଣା କରି ଯେଉଁ ତଥ୍ୟ ପାଉଥିଲେ ସେସବୁକୁ ସଂସ୍କୃତ ଶ୍ଳୋକ ଭାବରେ ଟିପି ରଖୁଥିଲେ । ସେ ଗବେଷଣା ଲବ୍ଧ ସମସ୍ତ ତଥ୍ୟକୁ ଏକାଠି କଲେ । କେଉଁ ତଥ୍ୟ ପରେ କେଉଁ ତଥ୍ୟ ରହିବ ସେ ସବୁକୁ କ୍ରମାନ୍ୱୟରେ ସଜାଇ ରଖିଲେ । ତାଙ୍କ ଗବେଷଣା ଲବ୍ଧ ସମସ୍ତ ତଥ୍ୟ ମିଶି ଏକ ବିରାଟ ଗ୍ରନ୍ଥରେ ପରିଣତ ହେଲା । ଯେଉଁ ଗ୍ରନ୍ଥର ନାମ "ସିଦ୍ଧାନ୍ତ ଦର୍ପଣ" ।

ଶୁଣାଯାଏ ପଠାଣି ସାମନ୍ତଙ୍କୁ କୋଡ଼ିଏ ବର୍ଷ ବୟସ ହୋଇଥିବା ସମୟରେ ସେ ଏଇ ଗ୍ରନ୍ଥ ରଚନା ଆରମ୍ଭ କରିଥିଲେ । ଅର୍ଥାତ୍ କୋଡ଼ିଏ ବର୍ଷ ବୟସରେ ସେ ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏହି ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ଶେଷ ହେବା ପାଇଁ ତାଙ୍କୁ ଚଉଦବର୍ଷ ସମୟ ଲାଗିଥିଲା । ଅତଏବ ସେ ଦୀର୍ଘ ଚଉଦ ବର୍ଷ କାଳ ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟରେ ଲିପ୍ତ ଥିଲେ । ଚଉତିରିଶ ବର୍ଷ ବୟସରେ ଯୁବକ ଅବସ୍ଥାରେ ସେ ଜଣେ ପୋଖତ ଜ୍ୟୋତିର୍ବିଜ୍ଞାନୀ ଭାବରେ ମୁଣ୍ଡ ଟେକିଲେ । ସେ ଗଣିତ ଜ୍ୟୋତିଷରେ ପ୍ରବୀଣ ଥିଲେ ମଧ୍ୟ ଫଳିତ ଜ୍ୟୋତିଷ ବିଦ୍ୟାକୁ ଛାଡ଼ି ଦେଇ ନଥିଲେ । ଉଭୟ ଜ୍ୟୋତିଷ ବିଦ୍ୟାକୁ ଆୟତ୍ତରେ ରଖିଥିଲେ ।

## ପଠାଣି ସାମନ୍ତ ପଞ୍ଜିକା ପ୍ରଚଳନ

ସେ ସମୟରେ ପୁରୀର, ଗୋଟିଏ ଜ୍ୟୋତିଷବଂଶ ଜ୍ୟୋତିଷ ବିଦ୍ୟାରେ ଖୁବ୍ ପାରଦର୍ଶିତା ଲାଭ କରି ତତ୍‌କାଳୀନ ପୁରୀ ରାଜାଙ୍କ ଠାରୁ "ଖଡ଼ିରତ୍ନ" ପଦବୀ ପାଇଥିଲେ । ସେହି ଜ୍ୟୋତିଷ ବଂଶର ଗଣକମାନଙ୍କ ଦ୍ୱାରା ପ୍ରତିବର୍ଷ ପାଞ୍ଜି ପ୍ରକାଶ ପାଉଥିଲା । ସେହି ପାଞ୍ଜି "ଖଡ଼ିରତ୍ନ ପଞ୍ଜିକା" ଭାବରେ ସମଗ୍ର ଓଡ଼ିଶାର ଘରେ ଘରେ ପ୍ରଚଳିତ ଥିଲା । ସୁନିଆ ପୂର୍ବରୁ ପ୍ରତ୍ୟେକ ବର୍ଷ ଏହି ପାଞ୍ଜି ପ୍ରକାଶ ପାଉଥିଲା ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଜ୍ୟୋତିଷମାନେ ଆସି ତାଳପତ୍ରରେ ତାହା ନକଲ କରିନେଉଥିଲେ । ଏହି ପଞ୍ଜିକା ଅନୁଯାୟୀ ଜଗତର ନାଥ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସମସ୍ତ ସେବା କାର୍ଯ୍ୟ ଓ ନୀତି କାନ୍ତି ଅନୁଷ୍ଠିତ ହେଉଥିଲା । ସେହି "ଖଡ଼ିରତ୍ନ ପାଞ୍ଜି" ପଠାଣି ସାମନ୍ତଙ୍କ ଦୃଷ୍ଟିକୁ ଆସିଲା । ସେ ଦେଖିଲେ ସେଥିରେ ଉଲ୍ଲେଖଥିବା ତିଥି, ଗ୍ରହଲଗ୍ନ ବେଳା ଇତ୍ୟାଦି ସବୁଭୁଲ । ତାଙ୍କ ମନରେ ଗଭୀର ଦୁଃଖ ଜାତ ହେଲା । ଏହିପରି ଏକ ଭ୍ରମପୂର୍ଣ୍ଣ ପଞ୍ଜିକା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ସେବାକାର୍ଯ୍ୟ ହେଉଥିବାର ଜାଣି ସେ ମଧ୍ୟ ଅତ୍ୟନ୍ତ ମର୍ମାହତ ହେଲେ । ନିଜେ ଗୋଟିଏ ପାଞ୍ଜି ତିଆରି କଲେ । ପାଞ୍ଜି ରଚନା କରିବାରେ ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଯେ, ଲୋକମାନଙ୍କ ସମ୍ମୁଖରେ ନିର୍ଭୁଲ ତଥ୍ୟ ପରିବେଷଣ କରିବା । ଏହି ସମୟରେ ଓଡ଼ିଶାରେ ମୁଦ୍ରଣ ଯନ୍ତ୍ର ପ୍ରଚଳନ ହେବାରୁ କଟକର

ଜଣେ ପ୍ରକାଶକ 'ଖଡ଼ିରତ୍ନ' ପଞ୍ଜିକାକୁ ସୁନ୍ଦର କାଗଜରେ ଛାପି ଓଡ଼ିଶାର ପୁରପଲ୍ଲୀକୁ ପଠାଇଲେ । ଖଡ଼ୀରତ୍ନ ପାଞ୍ଜି ଓଡ଼ିଶାର ଘରେ ଘରେ ବେଶ୍ ଆଦର ଲାଭ କଲା । ଏଥିରେ ପଠାଣି ସାମନ୍ତଙ୍କ ମନରେ ଯେଉଁ ଦୁଃଖ ଜାତ ହେଲା, କହିଲେ ନସରେ । ତାଙ୍କ ପାଞ୍ଜି ପ୍ରକାଶ ପାଇଲେ ତାହା ଲୋକମାନଙ୍କ ଦ୍ୱାରା ଆଉ ଆଦୃତ ହେବ ନାହିଁ ବୋଲି ସେ ମନେ ମନେ ଚିନ୍ତା କଲେ । ତଥାପି ସେ ଭାଙ୍ଗି ପଡ଼ିଲେ ନାହିଁ । ତାଙ୍କ ଗଣନାପ୍ରସ୍ତୁତ ଦୃକ୍ ସିଦ୍ଧ ପଞ୍ଜିକାକୁ ଧରି ସେ ପୁରୀରେ ଆସି ପହଞ୍ଚିଲେ । ଖଡ଼ିରତ୍ନଙ୍କ ପଞ୍ଜିକାରେ ପରିଲକ୍ଷିତ ସମସ୍ତ ଭୁଲ ତଥ୍ୟକୁ ରାଜା ଓ ପଣ୍ଡିତ-ମାନଙ୍କ ଆଗରେ ଦର୍ଶାଇଲେ । ନିଜେ ରଚନା କରିଥିବା ପଞ୍ଜିକାକୁ ମଧ୍ୟ ଦେଖାଇଲେ । ରାଜା ଓ ପଣ୍ଡିତମଣ୍ଡଳୀ ପଠାଣି ସାମନ୍ତଙ୍କ ପଞ୍ଜିକା ଦେଖି ବଡ଼ ଅଡୁଆରେ ପଡ଼ିଲେ । କେଉଁଟି ଠିକ୍ କେଉଁଟି ଭୁଲ ତାହା କେହି ନିର୍ଣ୍ଣୟ କରିପାରିଲେ ନାହିଁ । ଏହାର ସମାଧାନ ନିମନ୍ତେ ଶ୍ରୀମନ୍ଦିର ବେଢ଼ା ଭିତରେ ପଣ୍ଡିତମାନଙ୍କର ଏକ ସଭା ବସିଲା । ଏହି ପଣ୍ଡିତ ସଭାରେ ଭାରତର ବହୁ ବଡ଼ ବଡ଼ ପଣ୍ଡିତ, ଜ୍ୟୋତିର୍ବିଦମାନେ ଆସି ଯୋଗଦାନ କରିଥିଲେ । ଖଡ଼ିରତ୍ନଙ୍କ ପଞ୍ଜିକା ଓ ପଠାଣି ସାମନ୍ତଙ୍କ ପଞ୍ଜିକା ଉପରେ ମୁଖ୍ୟତଃ ଆଲୋଚନା ହେଲା । ଭାରତବର୍ଷର ବିଜ୍ଞ ପଣ୍ଡିତମଣ୍ଡଳୀ ମତ ପ୍ରଦାନ କଲେକି ପଠାଣି ସାମନ୍ତଙ୍କ ଗଣିତ ପଞ୍ଜିକା ନିର୍ଭୁଲ, ଅଭ୍ରାନ୍ତ ଓ ଦୃକ୍‌ସିଦ୍ଧ ଫଳରେ ଏହା ପରଠାରୁ ପଠାଣି ସାମନ୍ତଙ୍କ ପାଞ୍ଜି ଅନୁଯାୟୀ ଶ୍ରୀମନ୍ଦିରରେ ସେବା କାର୍ଯ୍ୟ ଅନୁଷ୍ଠିତ ହେଲା । ପୁରୀର ଖଡ଼ିରତ୍ନ ମଧ୍ୟ ପଠାଣି ସାମନ୍ତଙ୍କ ଗଣନାନୁଯାୟୀ ପ୍ରତ୍ୟେକ ବର୍ଷ ତାଙ୍କ ପାଞ୍ଜି ପ୍ରସ୍ତୁତ କଲେ । ପଠାଣି ସାମନ୍ତଙ୍କ ଅଭ୍ରାନ୍ତ ଗଣନା ଓ ଦୃକ୍‌ସିଦ୍ଧ ପଞ୍ଜିକା ପ୍ରଣୟନରେ ମୁଗ୍ଧ ହୋଇ ପୁରୀର ତତ୍କାଳୀନ ରାଜା ପଠାଣି ସାମନ୍ତଙ୍କୁ "ହରିଚନ୍ଦନ ମହାପାତ୍ର" ପଦବୀରେ ଭୂଷିତ କଲେ । ସେହିଦିନଠାରୁ ସେ ଚନ୍ଦ୍ରଶେଖର ସିଂହ ସାମନ୍ତ ହରିଚନ୍ଦନ ମହାପାତ୍ର ଭାବରେ ପରିଚିତ ହେଲେ । ଓଡ଼ିଶାରେ ଖଡ଼ିରତ୍ନ ପଞ୍ଜିକା ପ୍ରଚଳିତ ହେବା ସଙ୍ଗେ ସଙ୍ଗେ ପଠାଣି ସାମନ୍ତଙ୍କ ପ୍ରଣୀତ ପଞ୍ଜିକା "ପଠାଣି ସାମନ୍ତ ପାଞ୍ଜି" ନାମରେ ମଧ୍ୟ ପ୍ରଚଳିତ ହେଲା । ସେହିଦିନଠାରୁ ଏହିପରି ଭାବରେ ସମଗ୍ର ଓଡ଼ିଶାରେ 'ଖଡ଼ିରତ୍ନ' ଓ ପଠାଣି ସାମନ୍ତ' ପଞ୍ଜିକାଦ୍ୱୟ ପ୍ରଚଳିତ । ପଠାଣି ସାମନ୍ତଙ୍କ ଅନ୍ତେ ତାଙ୍କ ପୁଅ ଗଦାଧର ସିଂହ ସାମନ୍ତ ପଠାଣି ସାମନ୍ତ' ପଞ୍ଜିକା ଗଣନା କରୁଥିଲେ । ଗଦାଧରଙ୍କ ଅନ୍ତେ ତାଙ୍କ ପୁଅ ଜୟକୃଷ୍ଣ ସିଂହ ସାମନ୍ତ ଆଦି ପଠାଣି ସାମନ୍ତଙ୍କ ବଂଶଧରମାନେ ଏହି ପଞ୍ଜିକା ଗଣନା କରି ଆସୁଛନ୍ତି ।

କ୍ରମେ ସର୍ବଭାରତୀୟ ସ୍ତରରେ ପଠାଣି ସାମନ୍ତଙ୍କ ଅଭ୍ରାନ୍ତ ଫଳିତ ଜ୍ୟୋତିଷ ଗଣନାର ଖ୍ୟାତି ପ୍ରସାରିତ ହେଲା । ସେ ଭାରତବର୍ଷର ଜଣେ ଖ୍ୟାତନାମା ଜ୍ୟୋତିର୍ବିଜ୍ଞାନୀ ଭାବରେ ପରିଚିତ ହେଲେ । ଓଡ଼ିଶାର ପଡ଼ୋଶି ରାଜ୍ୟ ବଙ୍ଗପ୍ରଦେଶରେ ତାଙ୍କ ଖ୍ୟାତିର ସୀମା ରହିଲା ନାହିଁ । ଫଳରେ ଜଣେକ ବଙ୍ଗୀୟ ବିଦ୍ୱାନ ଓଡ଼ିଶା ଆସି ପଠାଣି ସାମନ୍ତଙ୍କ ଠାରୁ ଜ୍ୟୋତିଷ ବିଦ୍ୟା ଶିକ୍ଷା କରିବାକୁ ଲାଗିଲେ । ସେ ପଠାଣି ସାମନ୍ତଙ୍କ ଠାରୁ ଭଲଭାବରେ ଜ୍ୟୋତିଷ ବିଦ୍ୟା ଶିକ୍ଷାକରି ପୂର୍ଣ୍ଣ ଅଭିଜ୍ଞତା ହାସଲପୂର୍ବକ ବଙ୍ଗ ଦେଶକୁ ପ୍ରତ୍ୟାବର୍ତ୍ତନ କଲେ ଓ ବଙ୍ଗଳାରେ ପଠାଣି ସାମନ୍ତଙ୍କ ଗଣନା ଅନୁଯାୟୀ ବଙ୍ଗଭାଷାରେ ପଞ୍ଜିକା ପ୍ରଣୟନ କଲେ । ସେହି ପାଞ୍ଜି ବଙ୍ଗ ପ୍ରଦେଶରେ ଖୁବ୍ ଆଦର ଲାଭ କଲା । ହଜାର ହଜାର ସଂଖ୍ୟାରେ ବିକ୍ରୟ ହେଲା । ବର୍ତ୍ତମାନ ସୁଦ୍ଧା ବଙ୍ଗପ୍ରଦେଶରେ ସେହି ପଞ୍ଜିକା ପ୍ରଚଳିତ ହେଉଅଛି ।

## ଯୋଗେଶ ଚନ୍ଦ୍ର ରାୟଙ୍କ ସହ ସାକ୍ଷାତ

୧୮୯୧ ମସିହାର ଘଟଣା । ସେତେବେଳେ ଶ୍ରୀଯୁକ୍ତ ଯୋଗେଶ୍ ଚନ୍ଦ୍ର ରାୟ କଟକ ରେଭେନ୍‌ସା କଲେଜର ବିଜ୍ଞାନ ଅଧ୍ୟାପକ ଥାଆନ୍ତି । କୌଣସି କାରଣ ବଶତଃ ପଠାଣି ସାମନ୍ତ କଟକରେ ଆସି ପହଞ୍ଚିଲେ । ଯୋଗକୁ ସେ ପ୍ରଫେସର ଯୋଗେଶ୍ ଚନ୍ଦ୍ର ରାୟଙ୍କ ବସା ପାଖରେ ବସାକରି ରହିଲେ । ଯୋଗେଶ୍ ଚନ୍ଦ୍ର ରାୟ ପ୍ରାୟ ଅଧିକାଂଶ ଦିନ ରାତ୍ରିରେ ଆକାଶରେ ଥିବା ଗ୍ରହ ନକ୍ଷତ୍ର ଇତ୍ୟାଦିକୁ ପର୍ଯ୍ୟବେକ୍ଷଣ କରୁଥିଲେ । ତାଙ୍କର ଦିନେ ନଜର ପଡ଼ିଲା ତାଙ୍କ ବସାଘର ପାଖରେ ଥାଇ କିଏ ଜଣେ ଲୋକ କେତେଖଣ୍ଡ କାଠିଧରି ଆକାଶରେ ଥିବା ଗ୍ରହ ନକ୍ଷତ୍ରକୁ ମଧ୍ୟ ନିରୀକ୍ଷଣ କରୁଛନ୍ତି । ଫଳରେ ତାଙ୍କ ମନରେ କୌତୂହଳ ଜାତ ହେଲା । ତହିଁ ପର ଦିନ ସେ ସେହି ଲୋକଙ୍କୁ ନିଜ ବସାକୁ ଡ଼ାକିଆଣି ତାଙ୍କ ପରିଚୟ ପାଇ ଜାଣିଲେ ଯେ ସେ ଲୋକ ହେଉଛନ୍ତି "ଚନ୍ଦ୍ରଶେଖର ସିଂହ ସାମାନ୍ତ" । ପ୍ରଫେସର ଯୋଗେଶ୍ ଚନ୍ଦ୍ର ରାୟ ଓ ପଠାଣି ସାମନ୍ତଙ୍କ ମଧ୍ୟରେ ଜ୍ୟୋତିର୍ବିଜ୍ଞାନ ସଂପର୍କରେ ବହୁ କଥା ଆଲୋଚନା ହେଲା । ପ୍ରଫେସର ଜ୍ୟୋତିଷ ଶାସ୍ତ୍ର ଓ ଅକାଶ ତତ୍ତ୍ୱ ସଂପର୍କରେ ପଠାଣି ସାମନ୍ତଙ୍କୁ ପ୍ରଶ୍ନ ପଚାରି ଅନେକ ନୂତନ ତଥ୍ୟମାନ ପାଇଲେ । ପ୍ରଫେସର, ପଠାଣି ସାମନ୍ତଙ୍କ ଜ୍ଞାନ ଗାରିମା ଦେଖି ଚକିତ ହୋଇପଡ଼ିଲେ ।

ଦିନେ ସଂଧ୍ୟା ସମୟରେ ପ୍ରଫେସର ଯୋଗେଶ୍ ବାବୁ ଓ ପଠାଣି ସାମନ୍ତ ପ୍ରଫେସରଙ୍କ ଘର ନିକଟରେ ବସିଛନ୍ତି । ସେହି ସମୟରେ ମଙ୍ଗଳ ଓ ବୁଧ ଗ୍ରହ ପରସ୍ପରଠାରୁ ଖୁବ୍ କମ୍ ଦୂରରେ ଅବସ୍ଥିତ । ହଠାତ୍ ପ୍ରଫେସର ପଠାଣି ସମାନ୍ତଙ୍କୁ ପଚାରିଲେ, "ଅଚ୍ଛା କୁହନ୍ତୁ ତ ଦେଖି, ବର୍ତ୍ତମାନ ଏହି ଗ୍ରହ ଦୁଇଟି ପରସ୍ପରଠାରୁ କେତେ ଦୂରରେ ରହିଛନ୍ତି" ? ଏକଥା ଶୁଣି ପଠାଣି ସାମନ୍ତ ସଙ୍ଗେ ସଙ୍ଗେ ତାଙ୍କ ମାନ ଯନ୍ତ୍ରଟି ମୁଣି ଭିତରୁ ବାହାର କରି ତାହାରି ସାହାଯ୍ୟରେ କ'ଣ ଟିକିଏ ମାପି ଯୁହୁଁ ଯୁହୁଁ ଉତ୍ତର ଦେଇ କହିଲେ "ଗ୍ରହ ଦୁଇଟି ପରସ୍ପରଠାରୁ ଛଅ ଡିଗ୍ରୀ ଦୂରରେ ରହିଛନ୍ତି" । ତାଙ୍କୁ ପ୍ରଶ୍ନ କରି ଯୋଗେଶ ବାବୁ ମଧ୍ୟ ନିଜେ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ସେହି ଗ୍ରହ ଦୁଇଟିର ଅବସ୍ଥିତିକୁ ବହୁ ସମୟ ଧରି ନିରୀକ୍ଷଣ କରି ଠିକ୍ ସେହି ଡିଗ୍ରୀ ବୋଲି ଉତ୍ତର ବାହାର କଲେ । ଏତେବେଳେ ଯାଇ ପ୍ରଫେସର ମହାଶୟ ପଠାଣି ସାମନ୍ତଙ୍କ କାଠିର ଗୁଣ ଉପଲବ୍ଧି କଲେ ।

ପୁଣି ପ୍ରଫେସର ପଠାଣି ସାମନ୍ତଙ୍କୁ ପଚାରିଲେ, ଜ୍ୟୋତିଷ ଚର୍ଚ୍ଚା ଦ୍ୱାରା ସେ କି ପ୍ରକାର ବିଶେଷ ଫଳ ପାଇଛନ୍ତି । ପ୍ରଫେସରଙ୍କ ପ୍ରଶ୍ନ ଶୁଣି ଚନ୍ଦ୍ରଶେଖର ଅତି ବିନୟ ସହକାରେ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥଟି ବାହାର କରି ହାତରେ ଧରି କହିଲେ,

ଏହା ହେଉଛି ମୋ ଜୀବନ ବ୍ୟାପୀ ଜ୍ୟୋତିଷ ଚର୍ଚ୍ଚାର ଫଳ । ପ୍ରଫେସର ଯୋଗେଶ ଚନ୍ଦ୍ର "ସିଦ୍ଧାନ୍ତ ଦର୍ପଣ" ଗ୍ରନ୍ଥକୁ ତନ୍ନ ତନ୍ନ କରି ପାଠ କଲେ । ତାଙ୍କ ବିସ୍ମୟର ସୀମା ରହିଲା ନାହିଁ । "ସିଦ୍ଧାନ୍ତ ଦର୍ପଣ" ଗ୍ରନ୍ଥକୁ ଛାପିବା ପାଇଁ ପ୍ରଫେସର ଯୋଗେଶ୍ ଚନ୍ଦ୍ର ରାୟ ଇଚ୍ଛା ପ୍ରକାଶ କଲେ । ହେଲେ ଅର୍ଥର ଅଭାବ ଯୋଗୁଁ ତାହା ସଙ୍ଗେ ସଙ୍ଗେ ପ୍ରକାଶିତ ହୋଇ ପାରିଲା ନାହିଁ ।

## ମହାମହୋପାଧ୍ୟାୟଙ୍କ ଉପାଧି ଲାଭ

ଏହି ସମୟରେ କୁକ୍ ସାହେବ ଓଡ଼ିଶାର କମିଶନର ହୋଇ ଆସି କଟକରେ ଅବସ୍ଥାନ କଲେ । ୧୮୯୬ ଖ୍ରୀଷ୍ଟାବ୍ଦରେ କଟକ ବାରବାଟୀଠାରେ ତାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହେବା ନିମନ୍ତେ ସ୍ଥିର ହେଲା । ଏହି ବୈଠକରେ ଯୋଗଦାନ କରିବା ନିମନ୍ତେ ଓଡ଼ିଶାର ବହୁ ରାଜା, ମହାରାଜା, ଗୁଣୀ, ଜ୍ଞାନୀ ଲୋକଙ୍କୁ ନିମନ୍ତ୍ରଣ କରାଗଲା । ଓଡ଼ିଶାର ଯୋଗ୍ୟ ଲୋକମାନଙ୍କୁ ଉପାଧି ପ୍ରଦାନ କରି ସେମାନଙ୍କ ସମ୍ମାନ ବର୍ଦ୍ଧିତ କରିବା ଥିଲା ଏହି ବୈଠକର ପ୍ରଧାନ ଉଦ୍ଦେଶ୍ୟ । ତା' ପୂର୍ବରୁ ଚନ୍ଦ୍ରଶେଖରଙ୍କୁ ଉପାଧି ପ୍ରଦାନ କରିବା ପାଇଁ ସ୍ଥିରୀକୃତ ହୋଇ ସାରିଥିଲା । ଏକଥା ଚନ୍ଦ୍ରଶେଖର ଜାଣି ନଥିଲେ । ଫଳରେ ସେ କଟକରେ କିଛିଦିନ ଅବସ୍ଥାନ କରି ନିଜ ଘରକୁ ଖଣ୍ଡପଡ଼ାକୁ ଫେରି ଆସିଥିଲେ ।

ଏହି ସମୟରେ ସେ ଉପାଧି ପାଇବେ ବୋଲି ସରକାରଙ୍କଠାରୁ ଖଣ୍ଡିଏ ପତ୍ର ପାଇଲେ । ଏକଥା ତତ୍କାଳୀନ ଖଣ୍ଡପଡ଼ା ରାଜା ନଟବର ସିଂହ ଜାଣିପାରିଲେ । ତାଙ୍କ ହୃଦୟରେ ପଠାଣି ସାମନ୍ତଙ୍କ ପ୍ରତି ଗଭୀର ହିଂସାଭାବ ଜାଗ୍ରତ ହେଲା । ରାଜା ମନେ ମନେ ସ୍ଥିର କଲେ ପଠାଣି ସାମନ୍ତ ଯିବା କଟକ ଗଲେ ଉପାଧି ପାଇବ । ନଗଲେ କିପରି ପାଇବ ? ଏଣୁ ମୁଁ ତାକୁ କଟକ ଯିବା ପାଇଁ ଦେବି ନାହିଁ । ଫଳରେ ରାଜା ନଟବର ସିଂହ ନାନା ପ୍ରକାର ବିଘ୍ନ ସୃଷ୍ଟି କଲେ । ପଠାଣି ସାମନ୍ତ ଏସବୁ କଥା ଜାଣି ପାରି କମିଶନରଙ୍କ ପାଖକୁ ଖବର ଦେଲେ । କମିଶନର ଖଣ୍ଡପଡ଼ା ରାଜାଙ୍କ ପାଖକୁ ସ୍ୱତନ୍ତ୍ର ଖବର ଦେଇ କହିଲେ—ଶୀଘ୍ର ଚନ୍ଦ୍ରଶେଖର ସିଂହ ସାମନ୍ତଙ୍କୁ ଦରବାର ବା ବୈଠକ ଅନୁଷ୍ଠିତ ହେବା ପୂର୍ବରୁ କଟକ ପଠାଅ । ନଚେତ୍ ତୁମ ପ୍ରତି ଉପଯୁକ୍ତ ଦଣ୍ଡ ବିଧାନ ହେବ । ଚନ୍ଦ୍ରଶେଖର ସିଂହ ବା ପଠାଣି ସାମନ୍ତ ଠିକ୍ ସମୟରେ ଆସି କଟକରେ ପହଞ୍ଚିଲେ ! ଖଣ୍ଡପଡ଼ା ରାଜା ନଟବରଙ୍କ ଏତାଦୃଶ ହିଂସ୍ର କାର୍ଯ୍ୟ ପାଇଁ କମିଶନର ରାଜା ନଟବର ସିଂହଙ୍କର ଅନିଷ୍ଟ କରିବାକୁ ବସିଲେ । ଏକଥା ଜାଣି ପାରି ପଠାଣି ସାମନ୍ତ କହିଲେ ଯଦି ମୋ ପାଇଁ ମୋ ପୁତୁରା ନଟବର ସିଂହର କ୍ଷତି ଘଟିବ, ତେବେ ମୋର ଉପାଧି ଗ୍ରହଣ କରିବାରେ ପ୍ରୟୋଜନ ନାହିଁ । ମୁଁ ଘରକୁ ଫେରି ଯାଉଛି । ଏଥିରୁ ପଠାଣି ସାମନ୍ତଙ୍କ ଚରିତ୍ରର ମହନୀୟତା ସ୍ୱତଃ ଉଦ୍‌ଘୋଷିତ ହୁଏ । ସମସ୍ତେ ତାଙ୍କର ଏହି କଥା ଶୁଣି ଅତ୍ୟନ୍ତ ଆନନ୍ଦିତ ହୋଇଗଲେ । ନିର୍ଦ୍ଦିଷ୍ଟ ଦିବସରେ ଦରବାର ଅନୁଷ୍ଠିତ ହେଲା । ପଠାଣି ସାମନ୍ତଙ୍କୁ ଖୁବ୍ ଉଚ୍ଚ ସମ୍ମାନ ସୂଚକ "ମହାମହୋପାଧ୍ୟାୟ" ଉପାଧି ପତ୍ର ଭାରତ ସରକାରଙ୍କ ତରଫରୁ ଓଡ଼ିଶା କମିଶନର ପ୍ରଦାନ କଲେ । ସେହିଦିନଠାରୁ ତାଙ୍କର ପୂରାନାମ ହେଲା "ମହାମହୋପାଧ୍ୟାୟ ପଣ୍ଡିତ ସାମନ୍ତ ଚନ୍ଦ୍ର ଶେଖର ସିଂହ ହରିଚନ୍ଦନ ମହାପାତ୍ର" । ସଂସ୍କୃତ ଭାଷା ସାହିତ୍ୟରେ ଅଗାଧ ଜ୍ଞାନ ଓ ପାଣ୍ଡିତ୍ୟ ନଥିଲେ ଏପରି ଉପାଧି କାହାକୁ ପ୍ରଦାନ କରାଯାଏ ନାହିଁ । ଏହିପରି ଉପାଧି ଲାଭ କରିବାରେ ସେଥିଲେ ପ୍ରଥମ ଉତ୍କଳୀୟ । ଦରବାରରେ ଯୋଗଦାନ କରିଥିବା ରାଜା ମହାରାଜାମାନେ ପଠାଣି ସାମନ୍ତଙ୍କ ଜ୍ଞାନ ଗୁଣ, ଗାରିମାର ପରିଚୟ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ ।

## ସ୍ମରଣୀୟ କୃତି

ଚନ୍ଦ୍ରଶେଖର ଏକ "ସୂର୍ଯ୍ୟ ଶଙ୍କୁ" ଉଦ୍‌ଭାବନ କରିଥିଲେ । ସେହି ଶଙ୍କୁର ଛାୟା ସାହାଯ୍ୟରେ ଦିବାଭାଗରେ ସମୟ ନିରୂପିତ ହୁଏ । ଆଗ୍ରହୀ ଯୋଗେଶ ଚନ୍ଦ୍ର ରାୟ କଟକ ରେଭେନ୍‌ସା କଲେଜ ପ୍ରାଙ୍ଗଣରେ ଯେଉଁ ସୂର୍ଯ୍ୟ ଶଙ୍କୁ ସ୍ଥାପନ କରି ଯାଇଛନ୍ତି ତାହା ପଠାଣି ସାମନ୍ତ ଏବଂ ଯୋଗେଶ ଚନ୍ଦ୍ର ରାୟଙ୍କ ଉଦ୍‌ଭାବନୀ ମେଧା ପ୍ରସୂତ । ଗଞ୍ଜାମ ଅନ୍ତର୍ଗତ ବଡ଼ଗଡ଼ର ଜ୍ୟୋତିଷ ଅନୁରାଗୀ ରାଜା ଶ୍ରୀ କିଶୋର ଚନ୍ଦ୍ର ଦେବ ତାଙ୍କ ପ୍ରାସାଦର ସମ୍ମୁଖ ପ୍ରାଙ୍ଗଣରେ ପଠାଣି ସାମନ୍ତଙ୍କ ପୁତ୍ର ଗଦାଧର ସିଂହ ସାମନ୍ତଙ୍କ ଦ୍ୱାରା ଯେଉଁ ସୂର୍ଯ୍ୟଶଙ୍କୁ ସ୍ଥାପନ କରିଯାଇଛନ୍ତି ତାହା ସେହି ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ଉଦ୍‌ଭାବନୀ ଶକ୍ତିର ଫଳ । ପଠାଣି ସାମନ୍ତ ଗଣିତ ବିଦ୍ୟାରେ ମଧ୍ୟ ଖୁବ୍ ପାରଦର୍ଶୀ ଥିଲେ । ଖଣ୍ଡପଡ଼ା ଠାରୁ ପୁରୀ ୧,୫୧,୨୦୦ ପାହୁଣ୍ଡ ବୋଲି ସେ ନିର୍ଭୁଲ ଭାବରେ ସ୍ଥିର କରି ପାରିଥିଲେ । ଏହିପରି ସେ ନଦୀ, ପର୍ବତମାନଙ୍କର ଦୂରତା, ଉଚ୍ଚତା ସ୍ଥିର କରିବାରେ ସେ ଥିଲେ ପ୍ରବୀଣ ଓ ସିଦ୍ଧହସ୍ତ । ସିଦ୍ଧାନ୍ତ ଦର୍ପଣ ବ୍ୟତୀତ ସେ ଦର୍ପଣସାର ଓ ଦର୍ଶ ଦୀପିକା ନାମରେ ଆଉ କେତୋଟି ଜ୍ୟୋତିଷ ଗ୍ରନ୍ଥ ରଚନା କରି ଯାଇଛନ୍ତି ।

## ସିଦ୍ଧାନ୍ତ ଦର୍ପଣ ପ୍ରକାଶ ଓ ବଙ୍ଗଳାଟର ଏହାର ପ୍ରଶଂସା

କ୍ରମେ ପଠାଣି ସାମନ୍ତ ବାର୍ଦ୍ଧକ୍ୟରେ ଉପନୀତ ହେଲେ । ହେଲେ ଓଡ଼ିଶାବାସୀ ତାଙ୍କ ଗୁଣର ଯଥାଯଥ ଆଦର କଲେ ନାହିଁ । ଅବଶ୍ୟ ଏଥିପାଇଁ ସେ ଆଦୌ ବିଚଳିତ ହୋଇ ନଥିଲେ ; କିନ୍ତୁ ତାଙ୍କର ଗ୍ରନ୍ଥର ପ୍ରସାର ପାଇଁ ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ଅତି ମାତ୍ରାରେ ବ୍ୟଗ୍ର ଥିଲେ । ପଠାଣି ସାମନ୍ତ ବଞ୍ଚି ଥାଉଁ ଥାଉଁ କିପରି ତାଙ୍କର ଅମର କୃତୀ 'ସିଦ୍ଧାନ୍ତ ଦର୍ପଣ' ପ୍ରକାଶ ପାଇବ, ସେଥିପାଇଁ ସେ ଓଡିଶାର ଗୁଣଗ୍ରାହୀ ରାଜାମାନଙ୍କୁ ନିବେଦନ କଲେ । ଆଠମଲ୍ଲିକ ରାଜ୍ୟର ତତ୍କାଳୀନ ମହାରାଜା ମହେନ୍ଦ୍ର ଦେବ "ସିଦ୍ଧାନ୍ତ ଦର୍ପଣ" ପ୍ରକାଶନ ପାଇଁ ଯେତେ ଅର୍ଥ ଦରକାର ହେବ ତାହା ପ୍ରଦାନ କରିବା ପାଇଁ ସମ୍ମତି ପ୍ରଦାନ କଲେ । ଏହା ବ୍ୟତୀତ ତତ୍କାଳୀନ ମୟୂରଭଞ୍ଜ ରାଜା ଏଥିନିମନ୍ତେ ଏକଶତ ଟଙ୍କା ଦାନ କଲେ । "ସିଦ୍ଧାନ୍ତ ଦର୍ପଣ" ଶୀଘ୍ର ପ୍ରକାଶ ପାଇବା ପାଇଁ ସୁଦାମ ଚରଣ ନାୟକ ଓ ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ଅବଦାନ ଅବିସ୍ମରଣୀୟ । ୧୮୯୯ ଖ୍ରୀଷ୍ଟାବ୍ଦରେ ସିଦ୍ଧାନ୍ତ ଦର୍ପଣ ଆମ୍ ପ୍ରକାଶ କଲା । ଏହି ମହାନ୍ ଗ୍ରନ୍ଥରେ ଦୀର୍ଘ ୬୬ ପୃଷ୍ଠା ବ୍ୟାପୀ ଏକ ଇଂରାଜୀ

ଭୂମିକା ଓ ଚନ୍ଦ୍ରପୁଷ୍ପାର ସଂସ୍କୃତ ଭୂମିକା ପ୍ରଫେସର ଯୋଗେଶ ଚନ୍ଦ୍ର ରାୟ ଲେଖି ଓଡିଆ ବୈଜ୍ଞାନିକ ପଠାଣି ସାମନ୍ତଙ୍କୁ ବିଶ୍ୱରେ ପ୍ରତ୍ୟେକ ବୈଜ୍ଞାନିକମାନଙ୍କ ସହ ପରିଚୟ କରାଇ ଦେଲେ । "ସିଦ୍ଧାନ୍ତ ଦର୍ପଣ"ର ସମୁଦାୟ ପୃଷ୍ଠା ସଂଖ୍ୟା ୩୫୦ । ଏଥିରେ ମୋଟ ୨୫୦୦ ଶ୍ଳୋକ ସନ୍ନିବେଶିତ । ତନ୍ମଧ୍ୟରୁ ୨୨୮୪ଟି ଶ୍ଳୋକ ଚନ୍ଦ୍ରଶେଖରଙ୍କ ନିଜ ରଚନା ଏବଂ ଅବଶିଷ୍ଟ ୨୧୬ଟି ଶ୍ଳୋକ ସୂର୍ଯ୍ୟ ସିଦ୍ଧାନ୍ତ ଓ ସିଦ୍ଧାନ୍ତ ଶିରୋମଣି ପ୍ରଭୃତି ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ରମାନଙ୍କରୁ ଉଦ୍ଧୃତ ।

ପୃଥିବୀର ସମସ୍ତ ବୈଜ୍ଞାନିକ ଜାଣନ୍ତି ଯେ, ସୂର୍ଯ୍ୟ ସ୍ଥିର ଓ ପୃଥିବୀ ପ୍ରଭୃତି ଅନ୍ୟାନ୍ୟ ଗ୍ରହ ନକ୍ଷତ୍ର ସୂର୍ଯ୍ୟଙ୍କ ଚାରିପାଖରେ ଘୂରୁଛନ୍ତି ; କିନ୍ତୁ ପଠାଣି ସାମନ୍ତଙ୍କ ପ୍ରମାଣ ଥିଲା ଠିକ୍ ଓଲଟା । ତାଙ୍କ ମତରେ "ସୂର୍ଯ୍ୟ ଘରିପାଖରେ ପୃଥିବୀ ବ୍ୟତୀତ ଅନ୍ୟ ସମସ୍ତ ଗ୍ରହ ଘୂରୁଛନ୍ତି ; ପୁଣି ସୂର୍ଯ୍ୟ ସେହି ସମସ୍ତ ଗ୍ରହଙ୍କୁ ନେଇ ନିଜେ ପୃଥିବୀ ଘରିପାଖରେ ଘୂରୁଛି । ପୃଥିବୀ ସର୍ବଦା ସ୍ଥିର ଓ ଅଚଳ" ।

ସିଦ୍ଧାନ୍ତ ଦର୍ପଣ ପ୍ରକାଶ ପାଇବା ପରେ ପ୍ରଫେସର ଯୋଗେଶ ଚନ୍ଦ୍ର ପୃଥିବୀର ସମସ୍ତ ସଭ୍ୟ ଶିକ୍ଷିତ ଦେଶର ବୈଜ୍ଞାନିକମାନଙ୍କୁ ଉକ୍ତ ପୁସ୍ତକ ପଠାଇଲେ । ଫ୍ରାନସ୍, ଜର୍ମାନ, ଲଣ୍ଡନ, ଆମେରିକାରେ ସିଦ୍ଧାନ୍ତ ଦର୍ପଣ ଉପରେ ଆଲୋଚନା ହେଲା । ଏହି ଦେଶର ବୈଜ୍ଞାନିକମାନେ ସିଦ୍ଧାନ୍ତ ଦର୍ପଣ ପାଠକରି ଚମତ୍କୃତ ହେବା ସଙ୍ଗେ ସଙ୍ଗେ ପଠାଣି ସାମନ୍ତଙ୍କୁ ପୃଥିବୀର ଜଣେ ଶ୍ରେଷ୍ଠ ବୈଜ୍ଞାନିକ ଭାବରେ ସ୍ୱୀକୃତି ପ୍ରଦାନ କରିବାକୁ ବାଧ୍ୟ ହେଲେ । ବିଲାତ ଭଳି ସଭ୍ୟ ଶିକ୍ଷିତ ଦେଶରେ "ସିଦ୍ଧାନ୍ତ ଦର୍ପଣ"ର ଉଚ୍ଚ ପ୍ରଶଂସା ଲାଭ କଲା । ବିଲାତରୁ ପ୍ରକାଶ ପାଉଥିବା 'ନେଚର' 'Nature' ନାମକ ଏକ ବିଖ୍ୟାତ ପତ୍ରିକାରେ 'ସିଦ୍ଧାନ୍ତ ଦର୍ପଣ'ର ପ୍ରଶଂସା ପୂର୍ଣ୍ଣ ଅନେକ କଥା ପ୍ରକାଶିତ ହେଲା ।

ପଠାଣି ସାମନ୍ତଙ୍କ "ସିଦ୍ଧାନ୍ତ ଦର୍ପଣ"ରେ ଉଲ୍ଲେଖ ଥିବା ପୃଥିବୀ ଓ ସୂର୍ଯ୍ୟର ଗତି ସମ୍ପର୍କରେ ପାଶ୍ଚାତ୍ୟ ମତ ସହ ପାର୍ଥକ୍ୟ ହେତୁ କେତେକ ପାଶ୍ଚାତ୍ୟ ବୈଜ୍ଞାନିକ ପଠାଣି ସାମନ୍ତଙ୍କ ପାଖକୁ ଆସି ତର୍କ କରିଥିଲେ ; କିନ୍ତୁ ସାମନ୍ତଙ୍କଠାରୁ ପରାସ୍ତ ଲାଭକରି ତାଙ୍କର ଏହି ମତକୁ ପରିବର୍ତ୍ତନ କରିବା ପାଇଁ ନାନା ପ୍ରକାର ପ୍ରଲୋଭନ ମଧ୍ୟ ଦେଖାଇ ଥିଲେ । ହେଲେ ପଠାଣି ସାମନ୍ତ ସେମାନଙ୍କର କୌଣସି ପ୍ରଲୋଭନରେ ଭୁଲି ନ ଯାଇ ତାଙ୍କ ଅକାଟ୍ୟ ଯୁକ୍ତିରେ ଅଟଳ ରହିଲେ । ବାଧ୍ୟହୋଇ ପାଶ୍ଚାତ୍ୟ ବୈଜ୍ଞାନିକମାନେ ପଠାଣି ସାମନ୍ତଙ୍କ ପ୍ରତିଭାର ଭୂରି ଭୂରି ପ୍ରଶଂସା କଲେ । ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କର ତାଙ୍କସହ ହୋଇଥିବା ଆଲୋଚନା ଓ ସେଥିରେ ସେମାନେ ପରାଜୟ ଲାଭ କରିଥିବା ବିଷୟକୁ ନେଇ ପଠାଣି ସାମନ୍ତ ନିମ୍ନୋକ୍ତ ଶ୍ଳୋକଟି ରଚନା କରିଥିଲେ । ତାହା ସିଦ୍ଧାନ୍ତ ଦର୍ପଣରେ ସ୍ଥାନ ପାଇଛି:

"ବ୍ରହ୍ମାଣ୍ଡା ଖଣ୍ଡଭାଣ୍ଡ ସ୍ଥିରତର ଧରଣୀ
ମଣ୍ଡଳ ଭ୍ରାନ୍ତି ଶୌଣ୍ଡ
ପ୍ରୌଢଷ୍ଟେଂ ଭଣ୍ଡଦନ୍ତା ବନବନ ଦଳନା
କୁଣ୍ଡକଣ୍ଠୀ ରବଶ୍ରୀଃ
ସୋଽୟ ନିଜାଦ୍ରିସିଂହାନ୍ୱୟ ବଦନ ଦରୀ
ନିଗତଃ ପ୍ରାପ୍ତଦୁର୍ଗୋଃ
ସ୍ଥୀତ ସ୍ୱଖ୍ୟାତିରସ୍ତୁ ପ୍ରଥମ ବିଗଣିତ
ସନ୍ଧ ସାରଃ ପ୍ରବନ୍ଧଃ ।।"

ପଠାଣି ସାମନ୍ତଙ୍କ ନାତି ଶ୍ରୀ ରଘୁନାଥ ସିଂହ ସାମନ୍ତ ଏହି ଶ୍ଳୋକଟିର ଅର୍ଥ ନିମ୍ନମତେ କରିଛନ୍ତି:—

" ଅଖଣ୍ଡ ଭାଣ୍ଡ ସ୍ୱରୂପ ବ୍ରହ୍ମାଣ୍ଡ ମଧ୍ୟରେ ପୃଥିବୀ ସମ୍ପୂର୍ଣ୍ଣ ସ୍ଥିର ଥିଲେ ହେଁ ତାହାର ଭ୍ରମଣ ସମ୍ବନ୍ଧରେ ପ୍ରମତ୍ତ ଇଂଲଣ୍ଡୀୟ ଜ୍ୟୋତିର୍ବିଦମାନେ ବିହ୍ୱଳ ହୋଇଅଛନ୍ତି । ସେମାନେ ହସ୍ତୀ ସ୍ୱରୂପ ଏବଂ ସେମାନଙ୍କ ବଳ ଦଳନ ବିଷୟରେ ମୋହର ପ୍ରବନ୍ଧ ସିଂହ ସଦୃଶ । ସିଂହ କୌଣସି ପର୍ବତ ଗୁମ୍ଫାରୁ ବାହାରି ଦୁର୍ଗାଙ୍କୁ ଆଶ୍ରୟ କରିଥାଏ । ମୋହର ପ୍ରବନ୍ଧ ସ୍ୱରୂପ ସିଂହ ମଦୀୟ ମୁଖ ଗହ୍ୱରରୁ ନିର୍ଗତ ହୋଇ ଖଣ୍ଡ ପରଗ ଦୁର୍ଗକୁ ଆଶ୍ରୟ କରିଅଛି ଏବଂ ଯେଉଁ ପ୍ରବନ୍ଧରେ ସ୍କନ୍ଧସାର ନାମକ ବିଷୟ ପ୍ରଥମେ ଗଣିତ ହୋଇଅଛି ସେ ସ୍ୱୀୟ ଖ୍ୟାତି ବିସ୍ତାର କରୁ ।"

## ପଠାଣି ସାମନ୍ତଙ୍କ ପରିବାର

ପଠାଣି ସାମନ୍ତଙ୍କୁ ୨୨ ବର୍ଷ ବୟସ ହୋଇଥିବା ସମୟରେ ସେ ସୀତାଦେବୀଙ୍କ ପାଣି ଗ୍ରହଣ କରିଥିଲେ । ସୀତାଦେବୀ ଥିଲେ ଅତ୍ୟନ୍ତ ରୂପବତୀ, ଗୁଣବତୀ, ସତୀ, ସାଧ୍ୱୀ, ଓ ପରମ ଧର୍ମଶୀଳା ମହିଳା । ସେ ଗୃହ ସଂସାର ଚଳାଇବାରେ ଥିଲେ ଅତ୍ୟନ୍ତ ନିପୁଣା । ନଚେତ ଗୃହଧନ୍ଦା ନ ବୁଝି ପଠାଣି ସାମନ୍ତ ଯେପରି ସର୍ବଦା ଗବେଷଣାରେ ମାତି ରହୁଥିଲେ ତାଙ୍କ ଭାଗ୍ୟରେ ଅନ୍ୟ ସ୍ତ୍ରୀ ପଡି ଯାଇଥିଲେ ତାଙ୍କ ସାରା ପରିବାର ନଷ୍ଟ ଭ୍ରଷ୍ଟ ହୋଇ ଯାଇଥାଆନ୍ତା । ପଠାଣି ସାମନ୍ତଙ୍କର ଥିଲେ ତିନୋଟି ପୁଅ ଓ ଗୋଟିଏ କନ୍ୟା । ପୁତ୍ରମାନଙ୍କର ନାମ ହେଲା ପୀତବାସ, ଗଦାଧର ଓ ଚକ୍ରଧର । ଜ୍ୟେଷ୍ଠପୁତ୍ର ପୀତବାସ ଥିଲେ ଜଣେ ପ୍ରବୀଣ ସାହିତ୍ୟିକ ଓ ପଣ୍ଡିତ । ସଂସ୍କୃତ ଭାଷାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ମଧ୍ୟମ ଗଦାଧର ପିତାଙ୍କ ପରି ଥିଲେ ଜଣେ ପ୍ରବୀଣ ଜ୍ୟୋତିର୍ବିଜ୍ଞାନୀ । ପିତାଙ୍କ ପରେ ସେ 'ପଠାଣି ସାମନ୍ତ' ପଞ୍ଜିକା ଗଣନା କରୁଥିଲେ । କନିଷ୍ଠ ଚକ୍ରଧର ସବୁଗୁଣରେ ମଣ୍ଡିତ ଥିଲେ । ବର୍ତ୍ତମାନ ପଠାଣି ସାମନ୍ତଙ୍କ ବଂଶଧରମାନେ ଖଣ୍ଡପଡ଼ାଠାରେ ବାସ କରୁଛନ୍ତି । ପଠାଣି ସାମନ୍ତଙ୍କ ଜ୍ୟେଷ୍ଠ ପୁତ୍ର ପୀତବାସଙ୍କର ପୁତ୍ର ଜଗନ୍ନାଥ । ସାମନ୍ତଙ୍କ ମଧ୍ୟମ ପୁତ୍ର ଗଦାଧରଙ୍କ ପୁତ୍ରର ନାମ ବଂଶୀଧର । ବଂଶୀଧର ଜଣେ ପ୍ରଖ୍ୟାତ ପଞ୍ଜିକା ଗଣନାକାର ଭାବରେ ଖ୍ୟାତ । ପଠାଣି ସାମନ୍ତଙ୍କ କନିଷ୍ଠ ପୁତ୍ର ଚକ୍ରଧରଙ୍କର ତିନିଗୋଟି ପୁତ୍ର । ସେମାନେ ହେଲେ ଜୟକୃଷ୍ଣ, ପଦ୍ମଲଭ ଓ ରଘୁନାଥ । ପଠାଣି ସାମନ୍ତଙ୍କ ନାତି ଶ୍ରୀଯୁକ୍ତ ରଘୁନାଥ ସିଂହ ସାମନ୍ତ ଖଣ୍ଡପଡ଼ାର ଜଣେ ଲୋକପ୍ରିୟ ନାଗରିକ ଭାବରେ ଖ୍ୟାତ । ସେ ଖଣ୍ଡପଡ଼ା ପ୍ରଜା ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ବିଶିଷ୍ଟ



ସ୍ୱାଧୀନତା ସଂଗ୍ରାମୀ ଭାବରେ ପରିଚିତ । ସେ ଜଣେ ମହାନ୍ ଅତିଥି ପରାୟଣ ଓ ବନ୍ଧୁବତ୍ସଳ ବ୍ୟକ୍ତି । ସେ ଜଣେ ଅଭିଜ୍ଞ ଶିକାରୀ ଭାବରେ ମଧ୍ୟ ଜଣାଶୁଣା ।

## ପଠାଣି ସାମନ୍ତଙ୍କ ଶେଷ ନିଶ୍ୱାସ ତ୍ୟାଗ

କ୍ରମେ ପଠାଣି ସାମନ୍ତ ୬୯ ବର୍ଷ ବୟସରେ ପଦାର୍ପଣ କଲେ । ସେ ଶୂଳ ରୋଗରେ ଆକ୍ରାନ୍ତ ହେଲେ । ସେ ନିଜେ ଜାଣି ପାରିଲେ ଯେ ତାଙ୍କର ଶେଷ ସମୟ ଆସି ଉପସ୍ଥିତ । ସେ କେଉଁଦିନ ଦେହ ତ୍ୟାଗ କରିବେ ତାହା ପୂର୍ବରୁ ମଧ୍ୟ ଜାଣି ପାରିଲେ । ସେ ଶ୍ରୀକ୍ଷେତ୍ର ପୁରୀଠାରେ ଶେଷ ନିଶ୍ୱାସ ତ୍ୟାଗ କରିବାର ଇଚ୍ଛା ପ୍ରକାଶ କରି ୧୯୦୪ ମସିହା ଏପ୍ରିଲ ମାସ ପ୍ରଥମ ସପ୍ତାହରେ ପୁରୀରେ ଯାଇ ପହଞ୍ଚିଲେ । ପୁରୀଠାରେ ଅବସ୍ଥାନ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଲାଭ କରି ଭକ୍ତିରେ ବିହ୍ୱଳିତ ହେଲେ । ତାଙ୍କ ମୃତ୍ୟୁ ଯେତିକି ପାଖେଇ ଆସୁଥାଏ ସେ ସେତିକି ଭକ୍ତି ଆନନ୍ଦରେ ବିହ୍ୱଳିତ ହେବାକୁ ଲାଗିଲେ । ତାଙ୍କ ମୁଖ ମଣ୍ଡଳ ଉଜ୍ଜ୍ୱଳ ଦିଶିଲା ।

ଶେଷରେ ମହାତ୍ମା ପଠାଣି ସାମନ୍ତ ୧୯୦୪ ଖ୍ରୀଷ୍ଟାବ୍ଦ ମଇ ମାସ ଏଗାର ତାରିଖ ଶନିବାର ଦିନ ଏଗାରଟା ସମୟରେ ପ୍ରିୟ ଜନ୍ମଭୂମି ତ୍ୟାଗକରି ଅମର ଧାମର ଯାତ୍ରୀ ହେଲେ । ସେଥିଲେ ଭାରତବର୍ଷର ଦ୍ୱିତୀୟ ଭାସ୍କରାଚାର୍ଯ୍ୟ । କବି ରାଧାନାଥଙ୍କ ଭାଷାରେ —

" ଉତ୍କଳେ–ଉଦୟ–ଅଚଳ ଭାସ୍କର<br>
ହେଲେ ଭାରତର ଦ୍ୱିତୀୟ ଭାସ୍କର<br>
ସିଦ୍ଧାନ୍ତ–ଦର୍ପଣ ହେବ ନାହିଁ ଲୟ<br>
ନର ଦେହେ ଥିବ ଯାବତ ହୃଦୟ ।।"

୧୯୧୫ ମସିହା ଅଗଷ୍ଟ ୧ ତାରିଖ ଦିନ ପୁରୀଠାରେ ଚନ୍ଦ୍ରଶେଖର ହଲ ପ୍ରତିଷ୍ଠା ଉପଲକ୍ଷେ ଉତ୍କଳର ସୁପ୍ରତିଷ୍ଠିତ ସାହିତ୍ୟିକ ସ୍ୱର୍ଗତଃ ଗୋପାଳ ଚନ୍ଦ୍ର ପ୍ରହରାଜ ମହାମନା ପଠାଣି ସାମନ୍ତଙ୍କ ସ୍ମୃତି ତର୍ପଣ କରି କହିଥିଲେ – "ନିଜ ଦେଶରେ, ନିଜ ଗ୍ରାମରେ, ଆପଣା ଜୀବିତ କାଳରେ, ମହାପୁରୁଷମାନେ ସମ୍ମାନିତ ହେବାର ମହାପୁରୁଷମାନଙ୍କ ଜୀବନରେ କ୍ୱଚିତ ଘଟିଥାଏ । ଆମ ଦେଶରେ" ଗାଁ ଜନିଆଁ ଶିଂଘାଣି ନାକୀ" ଏବଂ "ଗାଁ ବଳଦ ଗାଁରେ ବିକା ଯାଏ ନାହିଁ" ପ୍ରଭୃତି ପ୍ରବଚନ ଏହି ଉକ୍ତିର ସତ୍ୟତା ପ୍ରତିପାଦନ କରୁଅଛି ।

ବର୍ତ୍ତମାନ ବିଶ୍ୱ ପ୍ରସିଦ୍ଧ ଓଡ଼ିଆ ବୈଜ୍ଞାନିକ ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ବୈଷୟିକ ଓ ପରିବେଶ ବିଭାଗ ତରଫରୁ ଭୁବନେଶ୍ୱରଠାରେ ଗୋଟିଏ ପ୍ଲାନାଟୋରିୟମ ବା ଗ୍ରହନକ୍ଷତ୍ରଶାଳା ପ୍ରତିଷ୍ଠା ହେବାକୁ ଯାଉଛି । ଓଡ଼ିଶାର ସଂସ୍କୃତିସମ୍ପନ୍ନ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିଜେ "ପଠାଣି ସାମନ୍ତ ପ୍ଲାନାଟୋରିୟମ" ଭାବରେ ଏହି ପ୍ରସ୍ତାବିତ ପ୍ଲାନାଟୋରିୟମର ନାମକରଣ କରିଛନ୍ତି ।

---

ଓଡ଼ିଶା ସୁଦୂର ପର୍ଯ୍ୟବେକ୍ଷଣ ଉପଯୋଗ<br>
କେନ୍ଦ୍ର ବିଜ୍ଞାନ, ବୈଷୟିକ ଓ ପରିବେଶ<br>
ବିଭାଗ, ପ୍ଲଟ ନମ୍ବର ୨୬–ଏ., ୟୁନିଟ–୪,<br>
ଭୁବନେଶ୍ୱର–୧

# ମୁଁ ରାଇଧର ସ୍ୱାଇଁ କହୁଛି

ମୋର ବାପାଙ୍କ ନାଁ ଶ୍ରୀ ରୁକ୍ମଣି ସ୍ୱାଇଁ ଓ ମା'ଙ୍କ ନାଁ ଶ୍ରୀମତୀ ହେମଲତା ସ୍ୱାଇଁ । ଢେଙ୍କାନାଳ ଜିଲ୍ଲା ଚାଲିଗୋଲଡ଼ ଗାଁରେ ଆମ ଘର । ମୋର ବାପା ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଢେଙ୍କାନାଳ କାର୍ଯ୍ୟକାରୀ କମିଟିର ଜଣେ ସଭ୍ୟ ଥିଲେ । ସେ ୬ ମାସ ଜେଲ ଭୋଗିଥିଲେ ଓ ପେନ୍‌ସନ୍ ମଧ୍ୟ ପାଉଥିଲେ । ଢେଙ୍କାନାଳ ପ୍ରଜାମଣ୍ଡଳ ଡାକରାରେ ୧୯୩୮ ସେପ୍ଟେମ୍ବର ୧୨ ତାରିଖ ଦିନ ରାଜାଙ୍କ ନଅର ଘେରାଉ ହୋଇଥିଲା ।

୧୯୪୨ ଅଗଷ୍ଟ ୯ ତାରିଖ 'ଭାରତ ଛାଡ଼' ଆନ୍ଦୋଳନ ସମୟର ଘଟଣା । ମୋତେ ସେତେବେଳେ ୧୨ ବର୍ଷ ହୋଇଥାଏ । ଜଣେ ବାନର ସେନା ଭାବେ ମୁଁ ଆନ୍ଦୋଳନରେ ଯୋଗ ଦେଇଥିଲି । ନେତୃତ୍ୱ ନେଇଥାନ୍ତି ମହେନ୍ଦ୍ରବନ୍ଧୁ ସୁବାହୁ ସିଂହ, ବୈଷ୍ଣବ ଚରଣ ପଟ୍ଟନାୟକ, ମୃଣା ମଲ୍ଲିକ, ବ୍ରଜକିଶୋର ଧଳ ଓ ନରୋତ୍ତମ ଦାସ ପ୍ରମୁଖ । ମହାତ୍ମା ଗାନ୍ଧୀ ଅଗଷ୍ଟ ୯ ତାରିଖରେ ଆରେଷ୍ଟ ହେଲେ । ସେବେ ତାଙ୍କୁ ପଚାରିଲେ, "ଆମେ କ'ଣ କରିବୁ" ? ଗାନ୍ଧୀ କହିଲେ—"କର ଅବା ମର" (Do or Die) । ତେଣୁ ବୈଷ୍ଣବ ପଟ୍ଟନାୟକଙ୍କ ନେତୃତ୍ୱରେ ଗୋଟିଏ ଗରିଲା ବାହିନୀ ଗଠନ କରାଗଲା । ସେମାନେ ଅଗଷ୍ଟ ୧୩ ତାରିଖ ଦିନ ପଞ୍ଚାଶୁଣି ବିଶ୍ର ଧଙ୍ଗଥଳିଠାରେ ଏକାଠି ହୋଇ ରକ୍ତର ଶପଥ ନେଲେ । ଘୋର ଲଢ଼ା ସେତେବେଳେ କାମାଖ୍ୟାନଗର ଥାନା ଦଖଲ ହେଲା । ବିଦ୍ରୋହୀମାନେ ରହିଲେ ହାଜତରେ ! କାଗଜପତ୍ର ଜାଳିଦେଇ ନିଆଁ ଲଗାଇଲେ । ଥାନାରୁ କାର୍ତ୍ତିଜ୍, ବନ୍ଧୁକ ଓ ଗୁଳିସବୁ ନେଇ ଅନ୍ୟ ଅଫିସଘର ଓ କଚେରୀ ଚଢ଼ାଉ ହେଲା ।

ସଂଗ୍ରାମୀମାନେ ଅନନ୍ତପୁର ପାହାଡ଼ ଗୁମ୍ଫାରେ ଲୁଚି ରହିଲେ । ଗାଁ ଲୋକେ ସେମାନଙ୍କୁ ଖାଇବାକୁ ଦିଅନ୍ତି । କିଛିଦିନ ପରେ ଗନ୍ଦପୁର ଥାନା ଆକ୍ରମଣ ହେଲା ଓ ପୋଡ଼ି ଦିଆଗଲା । ପରଜଙ୍ଗ ଥାନା ଦଖଲ ପାଇଁ ଯିବା ବାଟରେ ରାଜାଙ୍କର ଏକ ପୁଲିସ ବାହିନୀ ସାଙ୍ଗରେ ମୁହାଁମୁହିଁ ଯୁଦ୍ଧ ହେଲା । ଗୁଳି ଗୁଳା ଚାଲିଲା । କିଛିଦିନ ସମସ୍ତେ ଆତ୍ମଗୋପନ କଲେ । ଷ୍ଟେଟ୍ ଘୋଷଣା କଲା, ପ୍ରତ୍ୟେକ ସଂଗ୍ରାମୀଙ୍କୁ ଧରିଦେଲେ ୫୦୦ ଟଙ୍କା ଲେଖାଏଁ ମିଳିବ ।

୧୯୪୨ ଡିସେମ୍ବର ୨୬ ତାରିଖ ଦିନ ମୁଁ, ମୃଣା ମଲ୍ଲିକ, ଆନନ୍ଦଚନ୍ଦ୍ର ସ୍ୱାଇଁ, ଅନୁକୂଳ ସାହୁ ଧରା ହୋଇ ଜେଲ୍‌କୁ ଗଲୁ । ସେଠାରେ ଆମର ବିଚାର ହେଲା । ପ୍ରାୟ ୧୫୦ ଜଣଙ୍କ ଠାରୁ ସାକ୍ଷ୍ୟ ନିଆ ଗଲା । ସ୍ୱତନ୍ତ୍ର ଅଦାଲତର ସେଶନ ଜଜ୍ ମୃଣା ମଲ୍ଲିକ, ଆନନ୍ଦ ସ୍ୱାଇଁ ଓ ଅନୁକୂଳ ସାହୁଙ୍କୁ ଫାଶୀ ଆଦେଶ ଦେଲେ । ମୋତେ ୧୨ ବର୍ଷ ହୋଇଥିବାରୁ ୬ ବର୍ଷ ସଶ୍ରମ କାରାଦଣ୍ଡ ମିଳିଲା । ଜେଲ୍ ଭୋଗିବା ବେଳେ ଆମ ଘର ଭାଙ୍ଗି ଦିଆଗଲା ଓ ଆମ ସମ୍ପତ୍ତି ନିଲାମ ହେଲା ।

କାରାଦଣ୍ଡ ୪ ବର୍ଷ ଭୋଗିବା ପରେ ୧୯୪୬ ସେପ୍ଟେମ୍ବର ୩ ତାରିଖ ଦିନ ମୁଁ ଖଲାସ ହେଲି । ମୁଁ ଆଜି ପର୍ଯ୍ୟନ୍ତ ଦେଶମାତୃକାର ଜଣେ ନିଷ୍ଠାପର ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଆସୁଛି ।

# ସାଂପ୍ରଦାୟିକ ସଦ୍‌ଭାବ ଓ ସଂହତି

ଅଧ୍ୟାପକ ଡକ୍ଟର ଅମୂଲ୍ୟ ମହାପାତ୍ର

**ଆ**ମ ସମାଜରେ କିଏ ନ ଚାହେଁ, ସାଂପ୍ରଦାୟିକ ଏକତା ଓ ସଦ୍‌ଭାବ । ସାମାଜିକ ପ୍ରାଣୀ ଭାବେ ମିଳିମିଶି ଚଳିବାକୁ ପସନ୍ଦ କରନ୍ତି ସମସ୍ତେ ପରସ୍ପରର ସାହାଯ୍ୟ ସହାନୁଭୂତି ନେଇ । ସମସ୍ତେ ଏକ ଭାରତ ମାତାର ସନ୍ତାନ । ତଥାପି ଆମ ଦେଶରେ ସାଂପ୍ରଦାୟିକ ବିକ୍ଷୋଭ କାହିଁକି ମୁଣ୍ଡ ଟେକୁଛି ? ଏଥିପାଇଁ ଦାୟୀ କିଏ ? ଏ ପ୍ରକାର ସମସ୍ୟା ଓ ଏହାର ପ୍ରତିକାର ସମ୍ବନ୍ଧରେ ଆଲୋକପାତ କରିବା ଏହି ପ୍ରବନ୍ଧର ଲକ୍ଷ୍ୟ ।

**ଏକତାର ମନ୍ତ୍ର:—**

ପ୍ରଥମତଃ, ମନରେ ପ୍ରଶ୍ନ ଆସେ, ଯେଉଁ ଦେଶରେ ବିଭିନ୍ନ ଜାତି ଓ ଧର୍ମର ସମାବେଶ ହୋଇଛି ସେଠାରେ କିପରି ସାଂପ୍ରଦାୟିକ ଅସଦ୍‌ଭାବ ସୃଷ୍ଟି ହୋଇ ପାରେ ? ଆମଜାତିର ଜନକ ମହାତ୍ମାଗାନ୍ଧି ସମସ୍ତ ସଂପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ଦେଶ ମାତୃକାର ସନ୍ତାନ ଭାବରେ ପରସ୍ପର ଭାଇଭାଇ ଭାବରେ ଚଳିବାକୁ ପରାମର୍ଶ ଦେଇଥିଲେ । ଦେଶରେ ଏକତା ନିମନ୍ତେ ସେ ମୁଖ୍ୟତଃ ଚାରିଗୋଟି ବିଷୟ ପ୍ରତି ଦୃଷ୍ଟି ଦେଇଥିଲେ । ତାହାହେଲା—ସ୍ୱରାଜ୍ୟ, ଖଦୀ, ନିଶା ନିବାରଣ ଓ ଅସ୍ପୃଶ୍ୟତା ନିବାରଣ ।

ସ୍ୱରାଜ୍ୟର ଅର୍ଥ ନୁହେଁ କେବଳ ରାଜନୈତିକ ସ୍ୱାଧୀନତା । ଗାନ୍ଧିଜୀଙ୍କର ସ୍ୱରାଜ୍ୟ ମୂଳରେ ଥିଲା ଚେତନାର ଜାଗରଣ । ଆଜି ତାଙ୍କର ସେହି ମହାନ୍ ମନ୍ତ୍ର, ଆମ ଦେଶରେ ସଫଳ ହୋଇ ପାରିଛି କି ? ସ୍ୱରାଜ୍ୟର ନାମ ଓ ଅର୍ଥକୁ ଲୋକେ ନ ବୁଝି ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି ଓ କ୍ଷମତା ହାସଲ ପଛରେ ଧାଇଁଛନ୍ତି । ଖଦି ଉତ୍ପାଦନ ଯେପରି କଷ୍ଟ ସାଧ୍ୟ ହେଲାଣି ଏହାର ଆବଶ୍ୟକତା ସେହିପରି ହ୍ରାସ ହେବାକୁ ବସିଲାଣି । ଏହି ଖଦୀ ପରିଧାନ ମୂଳରେ ରହିଥିଲା ଏକ ପବିତ୍ର ଭାବ ଓ ସମସ୍ତଙ୍କ ମନରେ ଏକତାର ବୀଜବପନର ପ୍ରୟାସ । ସେହିପରି ଗାନ୍ଧିଜୀଙ୍କର ନିଶାନିବାରଣ ଆମ ଦେଶକୁ ରାମ ରାଜ୍ୟ ଗଠନରେ ଏକ ମହାନ୍ ପାଥେୟ । ନିଶାନିବାରଣ ଦ୍ୱାରା ମନୁଷ୍ୟ ତା'ର କୁପ୍ରବୃତ୍ତିକୁ ଦୂରେଇ ରଖିପାରେ । ନିଶା ପାନ କରିବାଦ୍ୱାରା ମନୁଷ୍ୟ ତା'ର ବିବେକ ହରାଇ ବସେ । ତା' ଠାରେ ଭଲମନ୍ଦର ବିଚାର ନଥାଏ । ମାତ୍ର ଆମ ଦେଶରେ ଗାନ୍ଧିଙ୍କର ସେ ନୀତିକୁ ଠିକ୍ ଭାବରେ ଗ୍ରହଣ କରାଯାଉ ନଥିବାରୁ ଲୋକମାନେ ଅନେକ ସମୟରେ ଅସତ୍ କର୍ମରେ ଲିପ୍ତ ରହୁଛନ୍ତି । ସେହିପରି ଅସ୍ପୃଶ୍ୟତା ଆମ ସମାଜର ଏକ ମାନସିକ ବ୍ୟାଧି । ମନୁଷ୍ୟ ମଧ୍ୟରେ ଏହି ଅସ୍ପୃଶ୍ୟତା ନିବାରଣ ପାଇଁ ଗାନ୍ଧିଜୀ ଅନେକ ପ୍ରୟାସ କରିଥିଲେ । ସେ ନୀଚ ଜାତିର ଲୋକଙ୍କୁ ହରିଜନ ଆଖ୍ୟା ଦେଇଥିଲେ । ଆମେ ସମସ୍ତେ ଏକ ମାଆର ସନ୍ତାନ । ତେଣୁ ସେଠାରେ ଉଚ୍ଚନୀଚର ଭେଦଭାବ ରହିବା ଉଚିତ ନୁହେଁ । ଏହି ସଂକୀର୍ଣ୍ଣତା ଆମର ମାନସିକ ଗୁଣର ବିକାଶରେ ବ୍ୟାଘାତ ଘଟାଇ ଥାଏ । ଏହା ଦ୍ୱାରା ଦେଶର ଏକତା ନଷ୍ଟ ହୋଇଥାଏ ।

**ଜାତି ବିଭାଗ:—**

ଏହି ସାମ୍ପ୍ରଦାୟିକ ବିଦ୍ୱେଷର କେତେକ କାରଣ ନିମ୍ନରେ ପ୍ରଦତ୍ତ ହେଲା । ଦେଶ ବିଭାଗ ବ୍ୟତୀତ ଜାତି ବିଭାଜନ ଓ ତଦନୁସାରେ କର୍ମ ସଂସ୍ଥାନ ସାଂପ୍ରଦାୟିକ ଅସଦ୍‌ଭାବର ଅନ୍ୟ କାରଣ । ଗୀତା ଅନୁସାରେ ଜାତି ବିଭାଗ ପ୍ରଥମେ ୪ଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ଏହି ଜାତି ବିଭାଗ ମୁଖ୍ୟତଃ ଗୁଣ, କର୍ମ ଅନୁସାରେ ନିର୍ଦ୍ଧାରଣ କରାଯାଇଥିଲା । ମହର୍ଷି ମନୁ ତାଙ୍କର "ମନୁସଂହିତା" ରେ ଜାତି ବିଭାଗର ଯୁକ୍ତି ଦର୍ଶାଇଛନ୍ତି, ମାତ୍ର ଏହି ମୂଳ ଚାରି ଜାତିରୁ କ୍ରମଶଃ ଏହାର ଶାଖାମାନ ସୃଷ୍ଟି ହେଲା । ଏହା ବ୍ୟତୀତ ଆମ ଦେଶରେ ସଂଖ୍ୟାଧିକ ଜାତି ବିଭିନ୍ନ ଧର୍ମ ସଂପ୍ରଦାୟ ମଧ୍ୟରେ ଦେଖାଗଲା । ହିନ୍ଦୁ ଭଳି ଖ୍ରୀଷ୍ଟିୟାନ୍, ମୁସିଲିମ୍, ଶିଖ୍ ପ୍ରଭୃତି ଜାତି ମଧ୍ୟରେ ଏକାଧିକ ଜାତି କ୍ରମଶଃ ସୃଷ୍ଟି ହେଲା । ଏହି ପ୍ରକାର ଜାତି ବିଭାଜନ ଫଳରେ ସମାଜରେ ଉଚ୍ଚନୀଚ ଭେଦଭାବ ଦେଖାଗଲା । ଉଚ୍ଚ ଜାତିର ଲୋକେ ନୀଚ ଜାତି ପ୍ରତି ଘୃଣା କରିବାକୁ ଲାଗିଲେ । ଏକ ଧର୍ମର ଭିନ୍ନଜାତି ଓ ଭିନ୍ନ ଧର୍ମ ସଂପ୍ରଦାୟ ମଧ୍ୟରେ ମତଭେଦ ଓ ବିଭେଦ ସୃଷ୍ଟିହେଲା ।

ଗୀତାରେ ଜାତି ବିଭାଗ ଗୁଣ କର୍ମ ଉପରେ ନିର୍ଦ୍ଧାରିତ ହୋଇଥିଲା, ମାତ୍ର ବର୍ତ୍ତମାନ ସେ ପଦ୍ଧତି କାର୍ଯ୍ୟକାରୀ ହେଉନାହିଁ । ଉଦାହରଣ, ଗୋଟିଏ ଜାତିର ଲୋକ ନିଜ ଜାତିର କାର୍ଯ୍ୟ କରିବାରେ ଅକ୍ଷମତା ପ୍ରକାଶ କରି ଯଦି ଅନ୍ୟ ଏକ ଜାତିର କାର୍ଯ୍ୟ କରିବାରେ ସକ୍ଷମ ହୋଇଥାଏ, ତା'ହେଲେ ଗୀତା ଅନୁସାରେ ସେ ବ୍ୟକ୍ତି ତା'ର କର୍ମ, ଗୁଣ ଅନୁସାରେ ସେହି ଜାତିରେ ଅନ୍ତର୍ଭୁକ୍ତ ହେବା କଥା, କିନ୍ତୁ ଏହା ଆମ ସମାଜରେ ବିରଳ । ଯେପରି ଜଣେ ହିନ୍ଦୁ, ଖ୍ରୀଷ୍ଟିୟାନ୍ ହୋଇ ପାରୁଛି ସେହିପରି ଜଣେ ଶୁଦ୍ର ବା ବୈଶ୍ୟ ବ୍ରାହ୍ମଣର କାର୍ଯ୍ୟକରି କାହିଁକି ବ୍ରାହ୍ମଣ ହୋଇ ନ ପାରିବ ? ତେଣୁ ଜାତି ବିଭାଗ ଗୋଟିଏ ବଂଶ ପରମ୍ପରା ହୋଇ ଚିର କାଳକୁ ରହିବା ଯେ କେତେଦୂର ସମାଜିକ ଯୁକ୍ତି ସଂଗତ, ତାହା ବିଚାରର ବିଷୟବସ୍ତୁ ।

ଏହା ବ୍ୟତୀତ ଏହି ଜାତି କ୍ରମଶଃ ବିଭିନ୍ନ ଉପଜାତିରେ ପରିଣତ ହେଲା । ଫଳରେ ସାମାଜିକ ଏକତାରେ ଏହା ହେଲା ଅନ୍ୟପ୍ରକାରର କୁଠାର ଘାତ । ଉଚ୍ଚନୀଚ ଭେଦଭାବ କ୍ରମଶଃ ସମାଜରେ ମୁଣ୍ଡ ଟେକିଲା । ପର ଓ ଆପଣାର ସଂକୀର୍ଣ୍ଣ ଚିନ୍ତାଧାରା ମନୁଷ୍ୟର ମନକୁ କଳୁଷିତ କଲା । ଫଳରେ ସୃଷ୍ଟିହେଲା ଘୃଣା ଓ ବିଦ୍ୱେଷର ଭାବନା । ଗୋଟିଏ ଜାତି ଅନ୍ୟ ଜାତି ପ୍ରତି ଘୃଣା କରିବାକୁ ଲଗିଲା । ଏ ପ୍ରକାର ଘୃଣା ଫଳରେ ସମାଜରେ ବିଭିନ୍ନ ପ୍ରକାରର ବିଶୃଙ୍ଖଳା ଓ ଅନୀତି ଦେଖାଦେଲା । ବିଭିନ୍ନ ଜାତିର ପର୍ବପର୍ବାଣୀ ଓ ଗତିବିଧିର ପୃଥକତା

ହେତୁ ଏକତା ବିଘ୍ନ ହେଲା । ଘୃଣା ଭାବରୁ ସୃଷ୍ଟିହେଲା କ୍ରୋଧ । ମନୁଷ୍ୟ କ୍ରୋଧର ବଶବର୍ତ୍ତୀ ହୋଇ ବିଭିନ୍ନ ଜାତିର ବ୍ୟକ୍ତିମାନଙ୍କ ପ୍ରତି ଅନିଷ୍ଟ କରି ଚାଲିଲା । ଫଳରେ ଦେଶରେ ଦଙ୍ଗା ହାଙ୍ଗାମା, ମାରପିଟ୍, ଲୁଟ୍ ତରାଜ୍, ହାଣ୍ଡକାଟ୍ ଦୃଷ୍ଟିହୁଏ ଓ ସାଂପ୍ରଦାୟିକ ଅଶାନ୍ତିର ବଢ଼ି ଚାଲିଉଠିଲା ।

**ଭେଦଭାବ–**

ଏହି ଜାତି ପ୍ରଥାକୁ କେନ୍ଦ୍ରକରି ଦେଶରେ ଉଚ୍ଚନୀଚ ଭେଦଭାବ ଓ ଅସ୍ପୃଶ୍ୟତା କ୍ରମଶଃ ବୃଦ୍ଧି ପାଉଛି । ଜାତିର ଜନକ ମହାତ୍ମା ଗାନ୍ଧୀ ଦେଶରୁ ଅସ୍ପୃଶ୍ୟତାର ବିଲୋପ ପାଇଁ ନିରବଚ୍ଛିନ୍ନ ସଂଗ୍ରାମ କରିଥିଲେ । ଆମ ସମ୍ବିଧାନରେ ଅସ୍ପୃଶ୍ୟତାକୁ ଏକ ଅପରାଧରେ ପରିଣତ କରି ତାହାକୁ ଦେଶରୁ ସାମ୍ବିଧାନିକ ଦୃଷ୍ଟିରୁ ମୂଳପୋଛ କରାଯାଇଥିଲେ ମଧ୍ୟ କେତେକ ଅଞ୍ଚଳରେ କୁଶିକ୍ଷା ଓ କୁସଂସ୍କାରର କବଳରେ ପଡ଼ିଥିବା କେତେ ଶ୍ରେଣୀର ଲୋକଙ୍କ ମଧ୍ୟରୁ ଏହି ଅସ୍ପୃଶ୍ୟତା ବ୍ୟାଧି ପୁରାପୁରି ଦୂର ହୋଇନାହିଁ । ଏହା ଆମର ଜାତୀୟ ସଂହତି ବୃଦ୍ଧି ଦିଗରେ କେତେଗୁଡ଼ିଏ ପ୍ରତିବନ୍ଧକ ।

ଆମ ଦେଶର କର୍ମ ସଂସ୍ଥାନରେ ଯେଉଁ ଶ୍ରେଣୀ ବିଭାଗ ରହିଛି ତାହା ମଧ୍ୟ କେତେକାଂଶରେ ସାଂପ୍ରଦାୟିକ ସଦ୍‌ଭାବରେ ଅନ୍ତରାୟ ସୃଷ୍ଟି କରୁଛି । ଗୋଟିଏ ଶ୍ରେଣୀର କର୍ମଚାରୀ ଓ ଅନ୍ୟ ଶ୍ରେଣୀର କର୍ମଚାରୀଙ୍କ ମଧ୍ୟରେ ଯେପରି ବିଭେଦ ସୃଷ୍ଟି ହେଉଛି, ସେହିପରି ମଧ୍ୟ ଏକ ଶ୍ରେଣୀୟ କର୍ମଚାରୀଙ୍କ ଭିନ୍ନଭିନ୍ନ କାରଣରୁ ଅର୍ନ୍ତଦ୍ବନ୍ଦ ସୃଷ୍ଟି ହୋଇ କ୍ରମଶଃ ସାମାଜିକ ଏକତାରେ ବାଧା ସୃଷ୍ଟି କରୁଛି । କେତେକ କ୍ଷେତ୍ରରେ କର୍ମ ସଂସ୍ଥାନ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ସଂପାଦନରେ ନିଜ ଓ ପର ଜାତିର ସଂକୀର୍ଣ୍ଣ ଚିନ୍ତାଧାରା ମନରେ ସ୍ଥାନ ପାଉଛି । ଏପରିକି କେତେକ ସ୍ଥାନରେ ନିଜର ପରିଚୟ ପ୍ରଦାନ କରିବାକୁ ଗଲାବେଳେ ନିଜ ଜାତି ମଧ୍ୟ କହିବାକୁ ପଡୁଛି । ଏହା ମୂଳରେ ରହିଛି ନୈତିକ ଅଧଃପତନ ଓ ସଂକୀର୍ଣ୍ଣତା । ଆଜିର ମାନବ କେବଳ ଆତ୍ମସ୍ବାର୍ଥ ସାଧନରେ ତତ୍ପର । ଏଥି ନିମନ୍ତେ ସେ କୌଣସି ଗର୍ହିତ କାର୍ଯ୍ୟ କରିବାକୁ ଅଳିଆ ପ୍ରକାଶ କରେନି । ତା'ର ବିବେକ ଓ ଚେତନା ଶକ୍ତି ମନ୍ଦ ଦିଗରେ ଗତି କରେ ।

**ଆଞ୍ଚଳିକ ବୈଷମ୍ୟ–**

ଆଞ୍ଚଳିକ ବୈଷମ୍ୟ, ଭିନ୍ନଭିନ୍ନ ଭାଷା ଓ ସଂସ୍କୃତି ଆମ ସମାଜରେ ସାଂପ୍ରଦାୟିକ ଗଣ୍ଡଗୋଳର ଅନ୍ୟ କାରଣ ହୋଇଥାଏ । ଗୋଟିଏ ଦେଶରେ ଜନ୍ମ ଗ୍ରହଣ କରି, ଏକ ପାଣି ପବନ ଓ ଆଲୋକରେ ବଞ୍ଚୁରହି ଆମେ ନିଜେମାନେ ପଶ୍ଚାତ୍‌ପଦ ହେଉନା ଆଞ୍ଚଳିକ ବୈଷମ୍ୟ ସୃଷ୍ଟି କରିବାରେ । ଏହି ଆଞ୍ଚଳିକ ବୈଷମ୍ୟର ମୂଳଦୁଆ ଏବେ ନିମ୍ନକୁ ଗତି କରେ ଯାହା ଫଳରେ ଗାଁ ଗାଁ ଘର ଘର ମଧ୍ୟରେ ଅସଦ୍‌ଭାବର ଭାବନା ଜାତ ହୁଏ । ନିଜର କର୍ମ ନିଯୋଗ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଏପରି ଅବସ୍ଥାରେ ପହଞ୍ଚିଲାଣି ଯାହାଦ୍ବାରା ଗୋଟିଏ ପ୍ରଦେଶର ଲୋକ ଅନ୍ୟ ପ୍ରଦେଶରେ ଯୋଗ୍ୟତା ଥାଇ ମଧ୍ୟ କର୍ମ ନିଯୁକ୍ତି ପାଇ ପାରୁ ନାହାଁନ୍ତି । ସେହିପରି ଗୋଟିଏ ଜିଲ୍ଲାର ବା ତହସିଲ୍‌ର ଲୋକମାନେ ଅନ୍ୟ ଜିଲ୍ଲାରେ ସାକ୍ଷାତ୍‌କାର୍ ଦେବାରୁ ବଞ୍ଚିତ ହେଉଛନ୍ତି, ଏହାମୂଳରେ ରହିଛି ଆମର ସଂକୀର୍ଣ୍ଣତା ଓ ପରଶ୍ରୀକାତରତା । ସେହିପରି ଭିନ୍ନ ଭାଷା ଅବଲମ୍ବୀ ଲୋକମାନେ ନିଜନିଜ ମଧ୍ୟରେ ସହଯୋଗ ଓ ସମ୍ପ୍ରୀତି ରକ୍ଷାକରିବାକୁ ବୁଝୁନାହାଁନ୍ତି । ପରସ୍ପରର ଭାଷାପ୍ରତି ଶ୍ରଦ୍ଧା ନଥାଇ ରହିଛି ଘୃଣା । ବ୍ୟକ୍ତିମାନଙ୍କ ମଧ୍ୟରେ ଏକତା ନଥାଇ ରହିଛି ବିଭେଦତା । ଏହା ଫଳରେ ଆମଭିତରେ ଶତ୍ରୁତା, ଈର୍ଷା, ଘୃଣା ପ୍ରବୃତ୍ତି ବୃଦ୍ଧି ପାଉଛି । ନିଜର ମାତୃଭାଷା ପ୍ରତି ସମ୍ମାନ ଦେବା ଓ ତାହାର ବିକାଶ ଦିଗରେ ଦୃଷ୍ଟିଦେବାର ଅର୍ଥ ନୁହେଁ ଯେ, ଅନ୍ୟ ଭାଷାଭାଷୀ ଲୋକଙ୍କ ପ୍ରତି ଅସମ୍ମାନ ଦେଖାଇବା । ସେହିପରି ଗୋଟିଏ ସଂପ୍ରଦାୟର ଆଦର୍ଶ, ନୀତି ନିୟମ ଓ ସଂସ୍କୃତି ପ୍ରତି ଅନ୍ୟ ସଂପ୍ରଦାୟର ଚିନ୍ତାଧାରା ସାମିଲ ହେବା ଦରକାର । ଯେପରି ଗୋଟିଏ ଜାତିର ପର୍ବପର୍ବାଣୀ ଓ ସାମାଜିକ କର୍ମ ଓ ସଂସ୍କାରରେ ଅନ୍ୟ ଜାତିର ସାହାଯ୍ୟ ସହାନୁଭୂତି ଓ ଶ୍ରଦ୍ଧା ରହି ପାରିବ ସେଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ସମସ୍ତ ପର୍ବପର୍ବାଣୀ, ଯାତ୍ରା, ମେଳା ପ୍ରଭୃତି ମୂଳରେ ରହିଛି–ଏକତା ଓ ସଦ୍‌ଭାବ ବୃଦ୍ଧିର ଲକ୍ଷ୍ୟ ଏବଂ ଭିନ୍ନଭିନ୍ନ ସଂସ୍କୃତି ଓ ସଂସ୍କାର ମଧ୍ୟରେ ରହିଛି ସର୍ବଭାରତୀୟ ସଂସ୍କୃତି ଓ ଚେତନାର ଉତ୍ସ । ସେପରି ସ୍ଥଳେ ଆମର ଭୁଲ୍ ବୁଝାମଣା, ହୀନମନ୍ୟତା ଓ ଅଶିକ୍ଷିତତା ସାମାଜିକ ବନ୍ଧନରେ ବାଧା ସୃଷ୍ଟି କରିଥାଏ ।

**ଶିକ୍ଷାନୀତି–**

ଶିକ୍ଷାଗତି ପ୍ରଚଳିତ ପ୍ରଣାଳୀରେ ଅନେକ ଦୋଷତ୍ରୁଟି ସାଂପ୍ରଦାୟିକ ସଦ୍‌ଭାବକୁ ଭଗ୍ନ କରିଥାଏ । ଗୋଟିଏ ଦେଶରେ ଏକ ମାଆର ସନ୍ତାନ ଭାବରେ ରହି ସୁଦ୍ଧା ଆମର ଶିକ୍ଷା ଜଗତରେ ଭିନ୍ନଭିନ୍ନ ଅନୁଷ୍ଠାନ ଓ ପ୍ରଣାଳୀ ଗୋଟିଏ ଗୋଟିଏ ସଂପ୍ରଦାୟକୁ କେନ୍ଦ୍ରକରି ଗଢ଼ିଉଠିଥାଏ । ଯେପରି ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିୟାନ୍ ଓ ପାର୍‌ସି ପ୍ରଭୃତି ଛାତ୍ରମାନଙ୍କର ଅଧ୍ୟାପନା ନିମନ୍ତେ ଏକ ଏକ ଶିକ୍ଷାନୁଷ୍ଠାନ ଆମ ଦେଶରେ ମୁଣ୍ଡଟେକି ସେମାନଙ୍କର କେତେକ ମହାନ୍ ବ୍ୟକ୍ତିତ୍ବକୁ କେବଳ ପାଠ୍ୟକ୍ରମରେ ସ୍ଥାନ ଦିଆଯାଇଥାଏ । ଏହାଫଳରେ ପରୋକ୍ଷରେ ଆମେ କୋମଳମତି ବିଦ୍ୟାର୍ଥୀମାନଙ୍କ ମନରେ ଏକ ଜାତିଆଣ ସଂକୀର୍ଣ୍ଣତାର ବୀଜବପନ କରିଥାଉଁ । ଏହାଫଳରେ ସମାଜରେ ସାମାଜିକ ଓ ସାଂସ୍କୃତିକ ବିଭେଦ ସୃଷ୍ଟି ହୋଇ ଏକତା ନଷ୍ଟ ହୋଇଥାଏ । ଏତଦ୍‌ବ୍ୟତୀତ ସେମାନଙ୍କ ମନରେ ଭାଷାଗତ, ଧର୍ମଗତ ଭେଦଭାବ ଉଜ୍ଜୀବିତ ହୋଇଥାଏ । ତେଣୁ ଜାତି ଧର୍ମ ନିର୍ବିଶେଷରେ ସମସ୍ତ ଶିକ୍ଷାନୁଷ୍ଠାନ ଉର୍ଦ୍ଧ୍ବରେ ରହିବା ଆବଶ୍ୟକ । ଭାରତବର୍ଷରେ ଏକ ପ୍ରକାର ପାଠ୍ୟକ୍ରମ ପ୍ରଣୟନ କରାଯାଇ ସେହି ଅନୁସାରେ ଶିକ୍ଷା ଗ୍ରହଣ କଲେ ଦେଶରେ ସଂହତି ଓ ଏକତା ବୃଦ୍ଧି ହୋଇ ପାରିବ । ଶିକ୍ଷାରେ ଯେଉଁ ପ୍ରକାର ପ୍ରଭେଦ ମୁଣ୍ଡଟେକୁଛି ତାହା ମଧ୍ୟ ସମାଧାନ ହୋଇପାରିବ । ପ୍ରଧାନମନ୍ତ୍ରୀ ତଥା ଶିକ୍ଷାମନ୍ତ୍ରୀଙ୍କ ଉପାଦେୟ ଶିକ୍ଷା ପ୍ରଣାଳୀ ଆମ ଦେଶର ସଂସ୍କୃତି, ଧର୍ମ, ଦର୍ଶନ, ବିଜ୍ଞାନ, କଳାର ବିକାଶ ଦିଗରେ ସହାୟ ହେବ । ମାତ୍ର ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନ ରାଜନୀତିଠାରୁ ଦୂରେଇ ରହିବା ଏକାନ୍ତ ଆବଶ୍ୟକ । ଆମର ଜାତିର ଜନକ ମହାତ୍ମାଗାନ୍ଧୀ ଓ ବର୍ତ୍ତମାନର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମସ୍ତେ ଦୃଢ଼କଣ୍ଠରେ କହିଛନ୍ତି–ରାଜନୀତି ଓ ଶିକ୍ଷାନୀତି ପରସ୍ପର ଭିନ୍ନ । ତେଣୁ ଶିକ୍ଷାନୀତିରେ ରାଜନୀତିର ସ୍ଥାନ ପାଇ ପାରେନା । ମାତ୍ର ଦେଖାଯାଉଛି ପ୍ରାୟ ସମସ୍ତ ଶିକ୍ଷାନୀତିରେ ରାଜନୀତି ଭଣାଅଧିକ ପୂରି ରହିଛି ।

**ରାଜନୀତି–**

ରାଜନୀତି ଆମ ଦେଶରେ ଯେତେ ସୁଦୃଢ଼ ହେବ ସାଂପ୍ରଦାୟିକ ସଦ୍‌ଭାବ ସେତେ ବୃଦ୍ଧି ପାଇ ପାରିବ । ପ୍ରତ୍ୟେକ ରାଜନୀତି ଦଳର ଏକ ଗଣତାନ୍ତ୍ରିକ ଓ ସାଂଗଠନିକ ନୀତି ନିୟମ ରହିବା ଆବଶ୍ୟକ । ରାଜନୀତି ଦଳଗୁଡ଼ିକ ସ୍ବାର୍ଥପରତା ବିଭେଦତା, ସଂକୀର୍ଣ୍ଣତା ଠାରୁ ଦୂରେଇ ରହିବା ଆବଶ୍ୟକ । ଦେଶର ସଂହତି, ଏକତା ଓ ସହଯୋଗ କିପରି ବୃଦ୍ଧି ପାଇପାରିବ, ସେଥିପ୍ରତି ପ୍ରତ୍ୟେକ ରାଜନୀତି ଦଳ ଦୃଷ୍ଟି ଦେବା ଦରକାର । ଯେନତେନ ପ୍ରକାରେଣ ଭୋଟପାଇ କ୍ଷମତାକୁ ଆସିବା, ରାଜନୀତି ଦଳର ଲକ୍ଷ୍ୟ ହେବା ଠିକ୍ ନୁହେଁ । ଦେଶ ଓ ଜନସାଧାରଣଙ୍କର ସେବା କରିବା ଓ ଆଦର୍ଶଭାବରେ ଶାସନ କାର୍ଯ୍ୟ କରି ରାଜ୍ୟର ଉନ୍ନତି ସାଧନ କରିବା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ । କେତେକ ରାଜନୀତି ଦଳ ନିଜର ଫାଇଦା ଉଠାଇବା ପାଇଁ ଓ ଦେଶକୁ ଭାଗଭାଗ କରିବା ପାଇଁ କେତେକ ନଷ୍ଟ ସ୍ବାର୍ଥପର ଲୋକଙ୍କୁ ନିଜର ହାତବାରସୀ କରି ଦେଶର ଏକତା ଓ ସଂହତିରେ ବାଧା ସୃଷ୍ଟି କରିଥାଆନ୍ତି । ରାଜନୀତିଜ୍ଞମାନେ ଆମ ଦେଶର ଶାସକ ଓ ସ୍ତମ୍ଭ । ତେଣୁ ସେମାନେ ଜନସାଧାରଣଙ୍କ ନିମନ୍ତେ ଆଦର୍ଶ ହୋଇ

ପାରିଲେ ସାଧାରଣ ବ୍ୟକ୍ତି ଓ କର୍ମଚାରୀ ତାହା ଅନୁକରଣ କରିପାରିବେ । ତେଣୁ ରାଜନୀତିଜ୍ଞମାନଙ୍କର ଭାବମୂର୍ତ୍ତି ଆଜି ରାଜନୀତି କ୍ଷେତ୍ରରେ ବିଶେଷ ଗୁରୁତ୍ୱ ସ୍ଥାନ ଲାଭ କରିଛି । ଲୋକ ପ୍ରତିନିଧି ଜଣେ ନିସ୍ୱାର୍ଥପର ସେବକ ଓ ଆଦର୍ଶ ରାଜନୀତିଜ୍ଞ । ତାଙ୍କର ଚରିତ୍ର, ଶିକ୍ଷା, ବ୍ୟବହାର, ଚଳିଚଳନ, ଆସ୍ଥାର ବିସ୍ତାର ଭାରତୀୟ ସଂସ୍କୃତି ଉପରେ ପର୍ଯ୍ୟବେସିତ ହେବା ଦରକାର । ସର୍ବୋପରି ପ୍ରତ୍ୟେକ ରାଜନୀତିଜ୍ଞ ରାଜନୀତି ଦଳର ମୁଖ୍ୟ ଉଦ୍ଦେଶ୍ୟ ଦେଶର ଏକତା, ସଂହତି ଓ ଉନ୍ନତି ହେବା ଏକାନ୍ତ ଆବଶ୍ୟକ ।

**ଆଇନ ଶୃଙ୍ଖଳା—**

ସାଂପ୍ରଦାୟିକ ସଦ୍‌ଭାବ ଓ ଜାତୀୟ ସଂହତି ଦେଶର ଆଇନ ଶୃଙ୍ଖଳା ଉପରେ ଅନେକାଂଶରେ ନିର୍ଭର କରିଥାଏ । ଆଇନ ରକ୍ଷୁଥିବା ବ୍ୟକ୍ତିମାନେ ଯେପରି ଏହାକୁ ଅମାନ୍ୟ ନ କରନ୍ତି ସେଥିପ୍ରତି ବିଶେଷ ଦୃଷ୍ଟି ରଖିବା ଆବଶ୍ୟକ । ଯେଉଁମାନଙ୍କ ହାତରେ ଆଇନ ଶୃଙ୍ଖଳା ରହିଛି, ସେମାନେ ଯଦି ତାହା ଠିକ୍ ଭାବରେ ପାଳନ ନ କରନ୍ତି, ତାହେଲେ ଦେଶରେ ଅରାଜକତା ଓ ଅନ୍ୟାୟ ନିଶ୍ଚୟ ବୃଦ୍ଧି ପାଇବ । ଫଳରେ ଦେଶରେ ବିଶୃଙ୍ଖଳା, ହତ୍ୟା, ଲୁଣ୍ଠନ, ଧର୍ଷଣ, କଳାବଜାରୀ, ଅତ୍ୟାଚାର, ଅନ୍ୟାୟ, ଚୋରୀ ଓ ଡ଼କାୟତି, ଦୁର୍ନୀତି ଓ ସର୍ବୋପରି ଦେଶର ସାଂପ୍ରଦାୟିକ କଳହ ମୁଣ୍ଡଟେକି ଉଠିବ । ଏହାଦ୍ୱାରା ଦେଶରେ ଶାନ୍ତି, ସଂହତି, ନିରାପତ୍ତାରେ ବ୍ୟାଘାତ ସୃଷ୍ଟିହେବ । ସମାଜବାଦ ତଥା ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ଦେଶର ଆଇନ ଶୃଙ୍ଖଳା ପ୍ରତି ବିଶେଷ ଦୃଷ୍ଟି ରଖିବାକୁ ହେବ । ଦକ୍ଷକର୍ମଚାରୀ ନିଯୁକ୍ତି କ୍ଷେତ୍ରରେ କେତେକ ସଂସ୍କାର ଓ ପରିବର୍ତ୍ତନ ହୋଇପାରିଲେ କ୍ଷମତାର ଅପବ୍ୟବହାର ରୋକି ପାରିଲେ ଓ ଅସାଧୁ ବ୍ୟକ୍ତିଙ୍କୁ ବହିଷ୍କାର କରାଯାଇ ପାରିଲେ ଆଇନ ଶୃଙ୍ଖଳା ଉନ୍ନତି ହୋଇ ପାରିବ । ମାନବିକ ଗୁଣର ବିକାଶ ଓ ଏକ ସଦ୍‌ଭାବପୂର୍ଣ୍ଣ ମଧ୍ୟ ଆଇନ କଳରେ ସ୍ଥାନ ପାଇବା ଦରକାର । ଏତଦ୍ ବ୍ୟତୀତ ଯେଉଁ ଜନସାଧାରଣ ଆଇନର ଆଶ୍ରୟ ନେଉଛନ୍ତି, ସେମାନଙ୍କୁ ଯଥାଶୀଘ୍ର ନ୍ୟାୟ ମିଳିବା ଆବଶ୍ୟକ । ଆମର ସଂବିଧାନକୁ ଆବଶ୍ୟକ ସ୍ଥଳେ ପରିବର୍ତ୍ତନ କରାଇ ଆଇନ ପ୍ରଣୟନ କରିବାକୁ ପଡ଼ିବ । ସାଂପ୍ରଦାୟିକ ଗଣ୍ଡଗୋଳ ଓ ଅପ୍ରୀତିକର ପରିସ୍ଥିତିକୁ ଦୃଢ଼ ହସ୍ତରେ ଦମନ କରିବାକୁ ହେବ । ଏହାଫଳରେ ଦେଶର ଗଣତନ୍ତ୍ର ମଜବୁତ୍ ହେବ ଓ ଉନ୍ନତିର ପଥ ସୁଗମ ହୋଇ ପାରିବ ।

**ଧର୍ମ ସଂସ୍କୃତି—**

ଏହି ଆର୍ଯ୍ୟଭୂମି ଭାରତବର୍ଷ ତାର ଧର୍ମ ଓ ସଂସ୍କୃତି ପାଇଁ ବିଶ୍ୱଦରବାରରେ ବିଶେଷ ମର୍ଯ୍ୟାଦା ପାଇ ଆସିଛି । ମାତ୍ର ଆମ ଦେଶବାସୀ ପାଶ୍ଚାତ୍ୟ ସଭ୍ୟତା ଓ ଚଳିଚଳନ ପ୍ରତି ଅନୁରାଗ ବୃଦ୍ଧି କରିବାରେ ଲାଗିଛନ୍ତି । ପାଶ୍ଚାତ୍ୟ ଦେଶର ଦ୍ରବ୍ୟ ପ୍ରତି ଏକ ଅହେତୁକି ଆକର୍ଷଣ ଦେଶର ଉନ୍ନତି କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିଥାଏ । ଆମର ପୂର୍ବ ଗୌରବ ଓ ଐତିହ୍ୟକୁ ବୃଦ୍ଧି କରିବାକୁ ହେବ । ନିଜର ଧର୍ମ, ଦର୍ଶନ, ସଂସ୍କୃତି ଓ ଭାଷା ପ୍ରତି ଆନ୍ତରିକତା ସୃଷ୍ଟି କରିବାକୁ ପଡ଼ିବ । ମାନବିକ ମୂଲ୍ୟବୋଧ ଓ ନୈତିକତା ଆମ ଜୀବନର ଅମୂଲ୍ୟ ସଂପଦ । ଏହାର ଅଭାବ ଆଜି ଦେଖିବାକୁ ମିଳିଥାଏ । ଫଳରେ ଭଲମନ୍ଦର ବିଚାର ଶକ୍ତି ଲୋକଙ୍କଠାରେ କ୍ରମଶଃ ହ୍ରାସ ପାଇବାକୁ ବସିଲାଣି । ତେଣୁ ସାମାଜିକ ଅପରାଧ ଓ ଅବ୍ୟବସ୍ଥା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ।

ଧର୍ମ ସଂପ୍ରଦାୟର ମାର୍ଗ ଭିନ୍ନ ହେଲେ ମଧ୍ୟ ପ୍ରତ୍ୟେକଙ୍କର ଲକ୍ଷ୍ୟ ଏକ ହେବା ଆବଶ୍ୟକ । ଧର୍ମ, ଧର୍ମ ଓ ଜାତି ମଧ୍ୟରେ ବିଦ୍ୱେଷ, ଘୃଣା ସୃଷ୍ଟି ନ ହୋଇ ଆନ୍ତରିକତା ଓ ସଦ୍‌ଭାବ ବୃଦ୍ଧି ପାଇଲେ ଦେଶ ଓ ଦଶର ପ୍ରଗତି ହୋଇ ପାରିବ । ଶ୍ରୀରାମକୃଷ୍ଣ ପରମହଂସ ହିନ୍ଦୁ ସନାତନ ଧର୍ମର ଜଣେ ବିଶିଷ୍ଟ ସାଧକ ଓ ଯୁଗାବତାର ହୋଇ ସୁଦ୍ଧା ସେ ଖ୍ରୀଷ୍ଟ ଓ ଆଲ୍ଲାଙ୍କୁ ଭକ୍ତି ଓ ସମ୍ମାନ କରୁଥିଲେ । ଧର୍ମସମନ୍ୱୟ କରିବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା । ଯେହେତୁ ତାଙ୍କ ମତରେ ସମସ୍ତ ଧର୍ମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଏକ । ଭିନ୍ନ ଭିନ୍ନ ମତ ଓ ପଥ ମଧ୍ୟରେ ଆମେ ଶାନ୍ତି ଓ ଆନନ୍ଦ ପାଇବା ପାଇଁ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୋଇଥାଉଁ । ମାତ୍ର ତାହା ଆମେ ହୃଦୟଙ୍ଗମ ନକରି ସାଂପ୍ରଦାୟିକ ଭେଦଭାବ ଓ ଅହଂ ଭାବ ଦ୍ୱାରା ନିଜର ଭାଇଭାଇ ମଧ୍ୟରେ ଶତ୍ରୁତା ଓ ମତାନ୍ତର ସୃଷ୍ଟି କରିଥାଉଁ । ଭାରତପରି ଧର୍ମ ନିରପେକ୍ଷ ଦେଶରେ ସମସ୍ତ ଧର୍ମପ୍ରତି ସମାନ ଦୃଷ୍ଟି ରଖାଯାଇଛି । ତେଣୁ ପ୍ରତ୍ୟେକ ଧର୍ମାବଲମ୍ବନକାରୀ ବ୍ୟକ୍ତି ସେମାନଙ୍କର ନୈତିକ ଓ ସାମାଜିକ କର୍ମପନ୍ଥା ସେହି ଅନୁସାରେ ପ୍ରସ୍ତୁତ କରି କାର୍ଯ୍ୟକରିବା ଆବଶ୍ୟକ । ଯାହାଦ୍ୱାରା ଅନ୍ୟ ଧର୍ମାବଲମ୍ବୀର କୌଣସି ଅସୁବିଧା ନହୁଏ । ଯେଉଁ ଧର୍ମ ମାନବ ଜୀବନକୁ ସୁଚାରୁ ରୂପେ ପରିଚାଳିତ କରିବାର ପ୍ରେରଣା ଦେଇଥାଏ, ତାହାକୁ କେନ୍ଦ୍ର କରି ହିଂସା, ଦ୍ୱେଷ, ବିଭେଦ, ଅନ୍ୟାୟ ସୃଷ୍ଟି କରିବା ଆଦୌ ଉଚିତ ନୁହେଁ ।

ଧର୍ମ ଓ ଆଧ୍ୟାତ୍ମିକତା ପ୍ରତି ଆଜି ଲୋକମାନଙ୍କର ବିଶ୍ୱାସ କ୍ରମଶଃ ହ୍ରାସ ହେବାକୁ ଲାଗିଛି । ଯେହେତୁ ଧର୍ମ ମଧ୍ୟରେ ଅନ୍ଧବିଶ୍ୱାସ, କୁସଂସ୍କାର ଏଯାଏ ବଦ୍ଧମୂଳ ହୋଇ ରହିଛି । ଦ୍ୱିତୀୟତଃ ଲୋକମାନେ ବସ୍ତୁବାଦ ଓ ଭୌତିକବାଦ ମଧ୍ୟରେ ଆବଦ୍ଧ ହୋଇ ରହିଛନ୍ତି । ଧର୍ମ ପରି ଏକ ମହତ୍ କାର୍ଯ୍ୟରେ ସାଧନାରତ ହୋଇ ଜୀବନକୁ ପରିଚାଳିତ କରିବାର ମନୋଭାବ ଲୋକଙ୍କର ଦିନକୁ ଦିନ ହ୍ରାସ ହେବାରେ ଲାଗିଛି । ଫଳରେ ଧର୍ମହୀନ ଜୀବନରେ ଅଶାନ୍ତି ଓ ଅବ୍ୟବସ୍ଥା ଦେଖା ଦେଉଛି । ଏକ ମହତ ମାର୍ଗ ଓ ସତ୍ ଚିନ୍ତାଠାରୁ ଦୂରରେ ରହି ଭୌତିକ ସୁଖରେ ଜୀବନକୁ ବିତାଇ ଦେବାର ଅଭିପ୍ରାୟ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ଧର୍ମର ମୁଖାପିନ୍ଧି କେତେକ ଲୋକ ଅଧର୍ମ ଓ ଅନୀତି କାର୍ଯ୍ୟ କରି ସାମାଜିକ ଅପରାଧ କରିବାରେ ଲାଗିଛନ୍ତି । ତହିଁରେ ଅଶିକ୍ଷିତ ଓ ନିରୀହ ବ୍ୟକ୍ତିମାନେ ଶିକାର ହେଉଛନ୍ତି ।


**ଉପସଂହାର—**

ଭାରତ ସ୍ୱାଧୀନ ହେବାର ୩୫ ବର୍ଷ ପରେ ମଧ୍ୟ ଜାତୀୟ ସଂହତି, ଐକ୍ୟ ଓ ସାଂପ୍ରଦାୟିକ ସଦ୍‌ଭାବ ଠିକ୍‌ଭାବରେ ପ୍ରତିଷ୍ଠିତ ହୋଇ ନ ପାରି ଆମ ଜତୀୟ ଜୀବନକୁ ଭୟ ଓ ଆଶଙ୍କା ମଧ୍ୟରେ କଳୁଷିତ କରି ରଖିଛି । ଜାତିଧର୍ମ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ମଧ୍ୟରେ ସାମ୍ୟ ଓ ମୈତ୍ରୀର ବନ୍ଧନ ଦୃଢ଼ହେବା ଆବଶ୍ୟକ । ଭାରତ ଭଳି ଏକ ବିରାଟ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଦେଶରେ ବିଭିନ୍ନ ଜାତି ଧର୍ମ ଓ ଭାଷାର ଲୋକମାନେ ଥାଇ ସୁଦ୍ଧା, ଆବହମାନ ପ୍ରାଚୀନ କାଳରୁ ଯେଉଁ ସଂହତି, ଏକତା, ଆନ୍ତରିକତା ପରସ୍ପର ମଧ୍ୟରେ ରହି ଆସିଛି, ତାହା ଆମ ଜାତୀୟ ଜୀବନର ଅମୂଲ୍ୟ ସମ୍ପଦ । ତାହାକୁ ସୁସଂଯତ ଭାବରେ ସୁରକ୍ଷିତ କରାଯାଇ ପାରିଲେ ଆମ ଦେଶର ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବିକାଶ ସହଜରେ ହୋଇପାରିବ ଓ ଏକ ସୁସ୍ଥ ସମାଜବାଦ ଗଣତାନ୍ତ୍ରିକ ଆଦର୍ଶ ରାଷ୍ଟ୍ରରେ ଭାରତ ବର୍ଷ ପରିଣତ ହେବ ।

ଅଧ୍ୟାପକ
ଡ଼ି.ଏ.ଭି. ମହାବିଦ୍ୟାଳୟ
କୋରାପୁଟ—୭୬୪୦୨୦

# କୁଷ୍ଠ ନିରାକରଣ ନିମନ୍ତେ ବ୍ୟାପକ ଓ ସମନ୍ୱିତ ଉଦ୍ୟମ ଆବଶ୍ୟକ

ମୁଖ୍ୟମନ୍ତ୍ରୀ....



"କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜାତୀୟ କୁଷ୍ଠ ନିରାକରଣ କମିଶନର ପ୍ରଥମ ବୈଠକ ଆହୂତ କରିଥିବାରୁ ମୁଁ ତାଙ୍କଠାରେ କୃତଜ୍ଞ । ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ଦେଶରୁ କୁଷ୍ଠରୋଗକୁ ନିଶ୍ଚିହ୍ନ କରିବା ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଏକ ସ୍ୱପ୍ନ ଥିଲା । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସେ ନିବିଡ଼ ଭାବରେ ସଂଶ୍ଳିଷ୍ଟ ଥିଲେ । ଡକ୍ଟର ସ୍ୱାମୀନାଥନଙ୍କର ଅଧ୍ୟକ୍ଷତାରେ ଗଠିତ କାର୍ଯ୍ୟକାରୀ ଦଳର ସୁପାରିଶ ଅନୁଯାୟୀ ଆଗାମୀ ୧୫ ବର୍ଷ ମଧ୍ୟରେ ଦେଶରୁ କୁଷ୍ଠରୋଗର ମୂଳୋତ୍ପାଟନ ସକାଶେ ଜାତୀୟ ସ୍ତରରେ ବ୍ୟାପକ ଉଦ୍ୟମ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । କମିଶନଙ୍କ ସମସ୍ତ ସୁପାରିଶକୁ ମୁଁ ପୁରାପୁରି ସମର୍ଥନ କରୁଛି । ୨୦୦୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ଦେଶରୁ କୁଷ୍ଠରୋଗ ସମ୍ପୂର୍ଣ୍ଣ ନିରାକରଣ କରିବା ପାଇଁ ଭାରତର ସବୁ ରାଜ୍ୟର ବିଧାୟକମାନେ ସଂକଳ୍ପ କରିବା ଉଚିତ ।

କୁଷ୍ଠରୋଗ ସମ୍ପର୍କରେ ପ୍ରଚଳିତ ଭ୍ରାନ୍ତ ଧାରଣା ଦୂର କରିବା ହେଉଛି ଦେଶ ଆଗରେ ସବୁଠୁ ପ୍ରଥମ ଓ ପ୍ରଧାନ ବିଚାର୍ଯ୍ୟ ବିଷୟ । କେନ୍ଦ୍ର ଏବଂ ଓଡ଼ିଶା ସମେତ ଅନେକ ରାଜ୍ୟ 'ଲେପର ଆକ୍ଟ' ବାତିଲ କରିସାରିଲେଣି । ଏହାଛଡ଼ା କୁଷ୍ଠରୋଗ ଯେ, ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ପାରିବ ଓ ରୋଗୀକୁ ବାସନ୍ଦ ବା ଅଲଗା ରଖିବା ଉଚିତ ନୁହେଁ—ଏ ବିଷୟରେ ଜନସାଧାରଣଙ୍କୁ ଶିକ୍ଷା ଦେବା ପାଇଁ ସମ୍ବାଦପତ୍ର, ରେଡ଼ିଓ, ଦୂରଦର୍ଶନ ଏବଂ ସିନେମା ସ୍ଲାଇଡ଼ ପ୍ରଭୃତି ଜରିଆରେ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ହେବ । ଆଉମଧ୍ୟ ଚିକିତ୍ସା ବଳରେ କୁଷ୍ଠରୋଗ ଯେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ପାରିବ, ଏ ବିଷୟ ସ୍କୁଲ ପାଠ୍ୟପୁସ୍ତକରେ ମଧ୍ୟ ସ୍ଥାନ ପାଇବା ଉଚିତ ।

ଏହି ଅଭିଯାନର ସଫଳତା ଲାଗି ବହୁସଂଖ୍ୟକ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ କାର୍ଯ୍ୟରେ ଲାଗି ପଡ଼ିବା ଆବଶ୍ୟକ । ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ଶିକ୍ଷକମାନେ ଏହି ଜାତୀୟ କାର୍ଯ୍ୟରେ ସବୁପ୍ରକାର ସାହାଯ୍ୟ ସହଯୋଗ ପ୍ରଦାନ କରିବା ଆବଶ୍ୟକ । ଲୋକଙ୍କ ମନରୁ କୁଷ୍ଠରୋଗ ସମ୍ପର୍କରେ ପ୍ରଚଳିତ ଭ୍ରାନ୍ତ ଧାରଣା ସଫଳତାର ସହ ଦୂର କରାଯାଇ ପାରିଲେ, ଏହି ରୋଗର ଅନୁସନ୍ଧାନ ଓ ଚିକିତ୍ସା କାର୍ଯ୍ୟ ଅଧିକ ସହଜ ସାଧ୍ୟ ହେବ ।

ଏହି ରୋଗର ଅନୁସନ୍ଧାନ କାର୍ଯ୍ୟ ସଂକ୍ରାନ୍ତରେ ଜାତୀୟ ସ୍ତରରେ ନିର୍ଦ୍ଧାରିତ ମାନ ଅନୁଯାୟୀ ଓଡ଼ିଶାରେ କୁଷ୍ଠ ନିୟନ୍ତ୍ରଣ ସଂସ୍ଥା, ସର୍ଭେ, ଶିକ୍ଷା ଓ ଚିକିତ୍ସା କେନ୍ଦ୍ରମାନ ସ୍ଥାପିତ ହୋଇଛି । କିନ୍ତୁ ଅର୍ଥାଭାବ ଯୋଗୁଁ ସମଗ୍ର ରାଜ୍ୟରେ ଏସବୁ ବ୍ୟବସ୍ଥା ଗ୍ରହଣ କରିବା ଆମ ପକ୍ଷେ ସମ୍ଭବ ହୋଇନାହିଁ ।

ଜାତୀୟ ସ୍ତରରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆମ ରାଜ୍ୟରେ ଏ ପର୍ଯ୍ୟନ୍ତ ୨୦ ନିୟୁତ ଲୋକଙ୍କୁ ଏହି ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଆହୁରି ୭.୫ ନିୟୁତ ଲୋକ ଏହାର ପରିସର ଭୁକ୍ତ ହେବେ ।

ଓଡିଶାରେ ଏ ପର୍ଯ୍ୟନ୍ତ ବିଶେଷ ଭାବରେ କୁଷ୍ଠରୋଗୀ ଥିବା ଗଞ୍ଜାମ ଓ ପୁରୀ ଜିଲ୍ଲାରେ ମଲଟି ଡ୍ରଗ ରେଜିମେନ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି ଏବଂ ୧୯୮୬-୮୭ ମସିହାଠାରୁ କଟକ ଜିଲ୍ଲାରେ ଏହି ପ୍ରୋଜେକ୍ଟ ଆରମ୍ଭ କରାଯିବ । ସପ୍ତମ ଯୋଜନାକାଳ ମଧ୍ୟରେ ଆଉ ପାଞ୍ଚଟି କୁଷ୍ଠରୋଗ ପ୍ରାଦୁର୍ଭାବ ଥିବା ଜିଲ୍ଲାରେ ମଲଟିଡ୍ରଗ ରେଜିମେନ ପ୍ରୋଜେକ୍ଟ ଆରମ୍ଭ ହେବ ବୋଲି ମୁଁ ଆଶା କରୁଛି । ଓଡିଶାରେ କୁଷ୍ଠରୋଗୀଙ୍କର ଶତକଡ଼ା ହାର ଅତ୍ୟଧିକ ଥିବା କାରଣରୁ ରାଜ୍ୟର କୁଷ୍ଠରୋଗ ପ୍ରାଦୁର୍ଭାବ ଜିଲ୍ଲାମାନଙ୍କରେ ଏହି ରୋଗର ଚିକିତ୍ସା ପ୍ରତି ଆମକୁ ଅଧିକ ଗୁରୁତ୍ୱ ଦେବାକୁ ହେବ ।

କୁଷ୍ଠରୋଗୀଙ୍କର ଥଇଥାନ ପାଇଁ ଭାରତ ସରକାର ପୁରୀ ନିକଟରେ କାର୍ଯ୍ୟକାରୀ ହେଉଥିବା ତାଲିମ ଏବଂ ଥଇଥାନ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର କରିଥିବାରୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଏ ଧରଣର ପ୍ରକଳ୍ପ କୁଷ୍ଠରୋଗୀ ବହୁଳ ଜିଲାରେ ପ୍ରତିଷ୍ଠା କରିବା ପାଇଁ ଆମେ ଚାହୁଁ । ଏଥିପାଇଁ ଆମେ ଭାରତ ସରକାରଙ୍କଠାରୁ ପୂର୍ଣ୍ଣ ଆର୍ଥିକ ସହାୟତା ଆବଶ୍ୟକ କରୁଛୁ । ଘରଛାଡ଼ି ସହରାଞ୍ଚଳ ଏବଂ ତୀର୍ଥସ୍ଥାନମାନଙ୍କୁ ପଳାଇ ଆସିଥିବା କୁଷ୍ଠରୋଗୀମାନେ ଏକ ବଡ଼ ଧରଣର ସମସ୍ୟା ସୃଷ୍ଟି କରୁଛନ୍ତି ଏବଂ ଓଡିଶାରେ ଏମାନଙ୍କର ସଂଖ୍ୟା ହେଉଛି ପ୍ରାୟ ୨୫,୦୦୦ । ପୁରୀଠାରେ କାର୍ଯ୍ୟକାରୀ ହେଉଥିବା କୁଷ୍ଠରୋଗୀ ଥଇଥାନ ପ୍ରକଳ୍ପରେ ଏଭଳି ପ୍ରାୟ ୪୫୦ ରୋଗୀଙ୍କୁ ରଖାଯାଇ ପାରିବ । ଏହି ସମସ୍ୟା ସଫଳତାର ସହ ସମାଧାନ କରିବା ପାଇଁ ଏକ ବ୍ୟାପକ ଉଦ୍ୟମ ଆବଶ୍ୟକ ।

ଭାରତ ସରକାରଙ୍କଠାରୁ ପୂର୍ଣ୍ଣ ଆର୍ଥିକ ସହାୟତା ମିଳିବାର ପ୍ରତିଶ୍ରୁତି ପାଇ ଏହି ରୋଗର ନିରାକରଣ ପାଇଁ ଆମେ ଷଷ୍ଠ ଯୋଜନା କାଳ ମଧ୍ୟରେ କୁଷ୍ଠରୋଗ ପ୍ରାଦୁର୍ଭାବ ଥିବା ଜିଲ୍ଲାମାନଙ୍କରେ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ କରି-ପାରିଛୁ । କିନ୍ତୁ ବର୍ତ୍ତମାନ ଏଥିପାଇଁ ଭାରତ ସରକାର ଆର୍ଥିକ ସହାୟତା ଦେବେ ନାହିଁ ବୋଲି ଆମକୁ କୁହାଯାଉଛି । ରାଜ୍ୟ ସରକାରଙ୍କ ଆର୍ଥିକ ସମ୍ବଳ ସୀମିତ । ତେଣୁ ଏ ସବୁ ଭିତ୍ତିଭୂମିକୁ ସ୍ଥିର ରଖିବା ପାଇଁ ରାଜ୍ୟ ସରକାରମାନେ ଅସମର୍ଥ । ତେଣୁ ଭାରତ ସରକାର ତାଙ୍କ ନିଷ୍ପତ୍ତି ପୁନର୍ବିଚାର କରି ଏ ପର୍ଯ୍ୟନ୍ତ ସମଗ୍ର ଦେଶରେ ପ୍ରତିଷ୍ଠା କରାଯାଇଥିବା ଭିତ୍ତିଭୂମି ସ୍ଥିର ରଖିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ମୁଁ ଆଶା କରୁଛି ।

ବିଶେଷଜ୍ଞ ଦଳର ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆମେ ରାଜ୍ୟରେ ବିଗତ ତନିବର୍ଷ ଧରି ଉଦ୍ୟମ କରି-ଆସିଛୁ । 'ଲେପର ଆକ୍ଟ'କୁ ବାତିଲ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ବିଭିନ୍ନ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକାରୀସ୍ତରୀୟ କମିଟିମାନ ଗଠନ କରାଯାଇଛି । ରାଜ୍ୟରେ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ଓ ଏଥିପାଇଁ ରାଜ୍ୟ ସ୍ତରୀୟ ଯୁଗ୍ମ ନିର୍ଦ୍ଦେଶକ ପଦବୀ ସୃଷ୍ଟି କରାଯାଇଛି । ଏହି କ୍ଷେତ୍ରରେ କାମ କରୁଥିବା ବହୁ ସ୍ୱେଚ୍ଛାସେବୀ ସଙ୍ଗଠନକୁ ରାଜ୍ୟ ସରକାର ନିୟମିତ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

କୁଷ୍ଠରୋଗ ନିରାକରଣ ଭଳି ଜାତୀୟ ଲକ୍ଷ୍ୟ ହାସଲ ପାଇଁ ସରକାର ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ସମ୍ମିଳିତ ବ୍ୟାପକ ଉଦ୍ୟମ ଆବଶ୍ୟକ । କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ, ଯଥା—ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମାଜ ମଙ୍ଗଳ ମନ୍ତ୍ରଣାଳୟମାନଙ୍କ ମଧ୍ୟରେ ଏଥିପାଇଁ ସମନ୍ୱିତ ପ୍ରଚେଷ୍ଟା ବୃଦ୍ଧି ପାଇବା ଆବଶ୍ୟକ ।

ଦେଶରେ ବର୍ତ୍ତମାନ ଯଥେଷ୍ଟ ବଳକା ଗହମ ଥିବାରୁ କୁଷ୍ଠରୋଗ ପ୍ରାଦୁର୍ଭାବ ଥିବା ଜିଲ୍ଲାମାନଙ୍କରେ ଏହି ରୋଗର ନିରାକରଣ ପାଇଁ ଏକବିଶେଷ—ନିରାକରଣ ପାଇଁ ଖାଦ୍ୟ ଯୋଜନା – କାର୍ଯ୍ୟକାରୀ କରାଯିବା ଉଚିତ ବୋଲି ମୁଁ ପ୍ରସ୍ତାବ ଦେଉଛି ।

ଚଳିତ ଶତାବ୍ଦୀ ଶେଷ ସୁଦ୍ଧା କୁଷ୍ଠରୋଗ ନିରାକରଣ ପାଇଁ ଯେଉଁ ଜାତୀୟ ଲକ୍ଷ୍ୟ ରଖାଯାଇଛି, ସେଥିପ୍ରତି ମୁଁ ପନର୍ବାର ଦୃଢ଼ ସମର୍ଥନ ଜଣାଉଛି ।"

(୧୯୮୫ ମସିହା ଡିସେମ୍ବର ୨୪ ତାରିଖରେ ଜାତୀୟ କୁଷ୍ଠ ନିରାକରଣ କମିଶନର ପ୍ରଥମ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣରୁ ସଂଗୃହୀତ ।)



Gram : INFRA
Telex : 0675-305

Phones : 52828
PBX: 55464

# ORISSA INDUSTRIAL INFRASTRUCTURE DEVELOPMENT CORPORATION

## IDCO TOWERS: JANPATH: BHUBANESWAR-751007

**OFFERS :**

(1) Sophisticated Industrial Sheds.

(2) Developed plots

*with*

Power, water, effluent disposal system and other infrastructural facilities like industrial housing, Banks and Post Offices,

*at*

strategic nerve centres like

(1) Chandaka Nucleus Complex, Bhubaneswar and Mancheswar Industrial Estate

(2) Cuttack-Jagatpur-Choudwar-Athagarh and Paradip Port

(3) Rourkela-Kalunga-Sundargarh

(4) Balasore-Baripada-Rairangpur-Barbil-Keonjhar

(5) Dhenkanal-Angul-Talcher

(6) NALCO impact zone-Sunabeda-Jeypore-Rayagada

(7) Emerging Nucleus Complex-Bolangir & Kesinga (Kalahandi)

**OUR ACHIEVEMENTS :**

(1) Acquisition of 7,000 acres of land for setting up industries, 5000.0 acres more in the pipe line.

(2) 1,200 Nos. of Industrial Sheds

*Please contact for further details*

L. N. BARIK
MANAGING DIRECTOR
Orissa Industrial Infrastructure Development corporation,
IDCO Towers :Janpath:
Bhubaneswar-7

# ପଠାଣି ସାମନ୍ତଙ୍କ ଜାତକ ଓ ଜୀବନ

ଶ୍ରୀ ଦୁଃଖିଶ୍ୟାମ ପଟ୍ଟନାୟକ

ଶୁଷ୍କବନ୍ଧ୍ୟ ଯଶ ସଙ୍ଗେ ଅର୍ଦ୍ଧାଶନ
ପ୍ରତିଭର ପରା ଲଲାଟ ଲେଖନ !
ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା
ଦାରିଦ୍ର୍ୟ ତୁମର ସଙ୍ଗୀହେଲା ସଦା ।।


ସାମନ୍ତ ଚନ୍ଦ୍ରଶେଖରଙ୍କ ଉପରେ କବିବର ରାଧାନାଥଙ୍କ ଉପର୍ଯ୍ୟୁକ୍ତ ଉକ୍ତି ଅତ୍ୟନ୍ତ ଯଥାର୍ଥ । ଅନେକ ଜନ୍ମର ପୁଞ୍ଜୀଭୂତ ସାଧନାସର୍ବସ୍ୱ ତାଙ୍କ କୃତି "ସିଦ୍ଧାନ୍ତ ଦର୍ପଣ" ହେଉଛି ଭାରତୀୟ ମନୀଷା ପ୍ରସୂତ ସୂର୍ଯ୍ୟସିଦ୍ଧାନ୍ତ ଶିରୋମଣି ପରେ ସର୍ବୋତ୍ତମ ସିଦ୍ଧାନ୍ତ ଗ୍ରନ୍ଥ ଏବଂ ସେ ହେଉଛନ୍ତି ସର୍ବଶେଷ ଶ୍ରେଷ୍ଠ ସିଦ୍ଧାନ୍ତୀ ।

ସେ ଜନ୍ମ ହୋଇଥିଲେ ୧୭୫୭ ଶକାବ୍ଦ ପୌଷମାସ କୃଷ୍ଣ ଅଷ୍ଟମୀ ତିଥିରେ । ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନର (୭ମ ସଂସ୍କରଣ, ପୃ:୨୪ରେ) ଲେଖକ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର ଲେଖୁଛନ୍ତି–ତାହାଙ୍କ ରାଶିନକ୍ଷତ୍ର ୧୩।୬ ଅର୍ଥାତ୍ ହସ୍ତା-କନ୍ୟା । ସାମନ୍ତଙ୍କ ଜାତକ ନଷ୍ଟ ହୋଇଯାଇଥିବାରୁ ଲିପିବଦ୍ଧ ହୋଇ ପାରିଲା ନାହିଁ" । 'ଏହା ବିଶ୍ୱାସଯୋଗ୍ୟ ହେଉନାହିଁ, କାରଣ ଶକାବ୍ଦ ୧୭୫୭ର ପୌଷ କୃଷ୍ଣାଷ୍ଟମୀ (ଖ୍ରୀ: ୧୮୩୫ ଡିସେମ୍ବର ୧୨ ତାରିଖ) ବେଳକୁ ରାଶି ନକ୍ଷତ୍ର ପ୍ରକୃତରେ ହସ୍ତା-କନ୍ୟା ନଥିଲା; ଥିଲା ୧୧।୫–ପୂର୍ବାଫାଲଗୁନି–ସିଂହ । ପ୍ରକୃତ ଜନ୍ମ ତାରିଖ ନିରୂପଣ ଅଧିକ ଅନୁସନ୍ଧାନ ସାପେକ୍ଷ' ବୋଲି ୧୯୭୫ ଡିସେମ୍ବର ଉତ୍କଳ ପ୍ରସଙ୍ଗ (ପୃଃ ୨୩)ରେ ବନ୍ଧୁ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର ମତ ଦେବା ପରେ ମୁଁ ତା ୨୬।୧୨।୭୫ ର ଧରିତ୍ରୀ ଓ ସମାଜରେ ସାମନ୍ତ ଚନ୍ଦ୍ରଶେଖର ଜୀବନର ପରିଶିଷ୍ଟରେ ତାଙ୍କ ମଧ୍ୟମ ପୁତ୍ର ଗଦାଧରଙ୍କ ଶ୍ଳୋକଗୀତିକାରୁ ନମ୍ନଲିଖିତ ୭୬ତମ ପଂକ୍ତି ଉଦ୍ଧାର କରିଥିଲି–

ନିର୍ଯ୍ୟାଣ ଦିବସେ ଡାକି ମୋତେ ପାଶେ
କହିଲ ମୋ ମୁଖ ଚାହିଁ ।
ଚନ୍ଦ୍ର ଗଲା ତାର ଜଗ ଅଛି ତାର
ମୁଖରୁ ଉଦ୍ଧାର ନାହିଁ ।।

ଏଥିରୁ ଜଣାଯାଉଛି ଯେ ଅଷ୍ଟମ ଚନ୍ଦ୍ର ଓ ବୁଧ ନକ୍ଷତ୍ରରେ ଘଟିଥିଲା । ସାମନ୍ତଙ୍କ ମୃତ୍ୟୁ ୬୮ ବର୍ଷ ୪ମାସରେ ହୋଇଥିବା କଥା ୧୫ ଜୁନ୍ ୧୯୦୪ର 'ଓଡ଼ିଆ ଓ ନବ ସଂବାଦ'ରେ ପ୍ରକାଶ ପାଇଥିଲା । ମୃତ୍ୟୁ ତାରିଖ ହେଉଛି ୧୧ ଜୁନ୍ ୧୯୦୪ ଶନିବାର । ଏହିଦିନ ୧୨ଶୀ ଗତ ୧୩ଶୀ ତିଥି ହୋଇଥିଲା ଏବଂ ଚନ୍ଦ୍ର ମେଷ ରାଶିରେ ଥିଲେ । ମେଷରାଶିସ୍ଥ ଚନ୍ଦ୍ର କନ୍ୟାରାଶିରେ ଜନ୍ମ ହୋଇଥିବା ଲୋକ ପାଇଁ ଅଷ୍ଟମ ଚନ୍ଦ୍ର ହୋଇଥିବାରୁ ସାମନ୍ତଙ୍କ ରାଶି ନକ୍ଷତ୍ର ହସ୍ତା-କନ୍ୟା ହୋଇଥିବା ସମ୍ଭବ ।

ପୁଣି ସାମନ୍ତ ଚନ୍ଦ୍ରଶେଖର ନିଜେ ସ୍ୱ-ସିଦ୍ଧାନ୍ତ ଦର୍ପଣ (୨୪।୧୪୯)ରେ ୪୯୩୬ କଳଯୁଗାବ୍ଦରେ ତାଙ୍କର ଜନ୍ମ ହୋଇଥିବା କଥା ଉଲ୍ଲେଖ କରିଥିବାରୁ ସେଥିରୁ ୩୧୦୦ ବିୟୋଗ କଲେ ଆସିବ ୧୮୩୬ ଖ୍ରୀଷ୍ଟାବ୍ଦ ଓ ୩୧୭୯ ବିୟୋଗକଲେ ଆସିବ ୧୭୫୭ ଶକାବ୍ଦ । ସ୍ୱର୍ଗତ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ୧୭୫୭ ଶକାବ୍ଦରେ ୭୯ ଯୋଗ ନ କରି ସାଧାରଣ ଭାବରେ ୭୮ ଯୋଗକରିଦେବା ଫଳରେ ସାମନ୍ତଙ୍କ ଜନ୍ମ ଖ୍ରୀ: ୧୮୩୬ ନ କରି ଭୁଲରେ ଖ୍ରୀ: ୧୮୩୫ ବୋଲି ଲେଖିଦେଲେ । ମୋ ଗଣନା ସାମନ୍ତଙ୍କ ଜନ୍ମତାରିଖ ୧୧ ଜାନୁୟାରୀ, ୧୮୩୬ ଏବଂ Lahiri's Advance Ephemeris ଅନୁସାରେ ଗଣନା କଲେ ସାମନ୍ତଙ୍କ ଜନ୍ମ ଦିନରେ ଗ୍ରହସ୍ଥିତି ଓ ଜାତକ ହେଉଛି–




ଜନ୍ମ ବେଳକୁ ଚନ୍ଦ୍ର ମହାଦଶା ବାକୀଥିଲା ୭।୧୦।୨୮ ଦିନ

ସାମନ୍ତଙ୍କ ଜନ୍ମ ମକର ଲଗ୍ନରେ । ମକର ଏକ ଚରରାଶି ହେଲେ ହେଁ 'ପୃଥ୍ୱୀରାଶି ହୋଇଥିବାରୁ ଏହାର ଗତି ଅନ୍ୟାନ୍ୟ ଚରରାଶି ଅପେକ୍ଷା ଶିଥିଳତମ ମାତ୍ର ଦୃଢ଼ ଓ ଏକ ଦିଗାଭିମୁଖୀ । ଯେଉଁ କାମରେ ଲାଗିଥିବ ମନଦେଇ ଶେଷ ପର୍ଯ୍ୟନ୍ତ ଲାଗିଥିବ । ସମସ୍ତ ସହନଶୀଳତା ଥାଇ ମଧ୍ୟ ଜୀବନ ସୁଖମୟ ହୁଏ ନାହିଁ । ସେ ଏକ ଅପରାଧକୁ କ୍ଷମା କରିଦେଇ ପାରେ ମାତ୍ର ଭୁଲେ ନାହିଁ । ତା'ର ସ୍ୱାସ୍ଥ୍ୟଭଙ୍ଗ ଓ ଉଦରରୋଗ ହୁଏ ।

ଲଗ୍ନ ମକରରେ ଶୁକ୍ର ଅବସ୍ଥିତ । ତେଣୁ ଜାତକ ମଧ୍ୟ ଧର୍ମପ୍ରିୟ ଓ ଶ୍ରେଷ୍ଠ ପଣ୍ଡିତ । ତେଣୁ କୁହାଯାଉଛି–

ତନୁ ନିକେତନଗେ ଭୃଗୁନନ୍ଦନେ ଭବତି ଧର୍ମରତୋ ବରପଣ୍ଡିତଃ ।
ବିପୁଳ ଶିଳ୍ପ ଗୁଣୀ ହସନେ ରଣେ ଯୁବତୀ କୌତୁକ ଚଞ୍ଚଳ ଚେଷ୍ଟିତଃ ।

ସିଦ୍ଧାନ୍ତ ଦର୍ପଣରେ ତାଙ୍କର ଆଳଙ୍କାରିକ ଛଟାରେ ବିଷୟ ବିନ୍ୟାସରୁ ତଦୀୟପ୍ରୌଢ଼ ପାଣ୍ଡିତ୍ୟର ପରିଚୟ ମିଳେ । ମାନ-ମନ୍ତ୍ର, ଗୋଲଯନ୍ତ୍ର ଓ ସୂର୍ଯ୍ୟଘଡ଼ି ନିର୍ମାଣ କରିଥିବାରୁ ତାଙ୍କର ଶିଳ୍ପୀଗଣଥିବା ମଧ୍ୟ ପ୍ରମାଣିତ ହୁଏ । କେବଳ ସେତିକି ନୁହେଁ ସେ ନିଜେ ହାଉଇବାଣ ତିଆରି କରି କେତେଦୂର ପଠାଇବାକୁ ହେଲେ କେତେମାତ୍ର ଦେଇ କିପରି ଭିଡ଼ିବାକୁ ହୁଏ ତା' ମଧ୍ୟ ନିର୍ଣ୍ଣୟ କରି ପାରିଥିଲେ । ମରିବାର କିଛିଦିନ ପୂର୍ବରୁ ଲବଣ୍ୟବତୀ ଶୁଣିବାକୁ ଇଚ୍ଛା କରିବାରୁ ତାଙ୍କର ରସିକତା ଯେପରି ପ୍ରମାଣ ହୁଏ ବୌଦ୍ଧମାନଙ୍କ ଆଗରେ ଏପରି ଦୁର୍ବଳତା ପ୍ରକାଶ ପାଇଥିବାରୁ ସେଥିପାଇଁ ଅନୁତାପ ଓ ଗାୟତ୍ରୀପୁରଶ୍ଚରଣ-ପୂର୍ବକ ପ୍ରାୟଶ୍ଚିତ କରିବା ପ୍ରଭୃତିରୁ ତାଙ୍କର ଧର୍ମନିଷ୍ଠା ଅନୁମେୟ ହୁଏ । ଧର୍ମଶାସ୍ତ୍ରରେ ତାଙ୍କର ଗଭୀର ପ୍ରବେଶ ଥିଲା ।

ଲଗ୍ନାଧିପତି ଶନି ଦଶମରେ ତୁଙ୍ଗୀ ହୋଇଥିବାରୁ ଓ ସେଥିପ୍ରତି ବୃହସ୍ପତିଙ୍କ ଦୃଷ୍ଟିଥିବା ସେ ତାଙ୍କର ଜ୍ୟୋତିଷ ଗଣନା-ମୂଳକ ଗ୍ରନ୍ଥରଚନା କ୍ଷେତ୍ରରେ ଅନୁପମ ପ୍ରବୀଣତା ଲଭ କରି-ଥିଲେ ।

ଦ୍ୱୀୟାଧିପତି ଶନି ଦଶମରେ ତୁଙ୍ଗୀ ହୋଇଥିବାରୁ 'ଧନେଶୋ ଯତମେ ଯସ୍ୟ କାମୀମାନୀ ଚ ପଣ୍ଡିତଃ' (ବୃ. ପା. ହୋ. ୧୫।୨୯) ଜାତକ ପୂଜ୍ୟ ଓ ପଣ୍ଡିତ ହୋଇ ପାରିଥିଲେ ।

ଭ୍ରାତୃକାରକ ମଙ୍ଗଳବ୍ୟୟସ୍ଥ ଏବଂ ଦ୍ୱିତୀୟାଧିପତି ବୃହସ୍ପତି ଷଷ୍ଠସ୍ଥ ହେତୁ ତାଙ୍କର କେହି ଭାଇ ନଥିଲେ । ବନ୍ଧୁ ବାନ୍ଧବ ତାଙ୍କର ବିରୋଧୀ ଥିଲେ ଏବଂ ସେ ନିଜେ ରୁଗ୍ଣ ଥିଲେ । ତେଣୁ ବୃଦ୍ଧ ଯବନ କହନ୍ତି–

ଷଷ୍ଠଗତେ ସହଜପତୌ ବନ୍ଧୁବିରୋଧୀ ଚ ନୟନରୋଗୀ ଚ ।
କୁକ୍ଷୀ ଭବତିଭୃଶଂ କଦାଚିଦପି ରୋଗସଂକଳିତଃ ॥

ଚତୁର୍ଥାଧିପତି ମଙ୍ଗଳ ବ୍ୟୟସ୍ଥ ଏବଂ ଚତୁର୍ଥଭାବ ଶନି କର୍ତ୍ତୃକ ଦୃଷ୍ଟ । ତେଣୁ ବନ୍ଧୁ ଓ ସୁହୃଦସଖା ତାଙ୍କର ନଥିଲେ । କାରଣ–'ସୁଖେଶେ ବ୍ୟୟରନ୍ଧ୍ରେଷେ ସୁଖହୀନୋ ଭବେନ୍ନରଃ' ।

ପଞ୍ଚମରେ ରାହୁଥିବାରୁ ଜାତକଙ୍କର ଦୁଇପୁଅଙ୍କ ଅକା[ଳ] ମୃତ୍ୟୁ ଘଟିଛି । କାରଣ 'ରାହୁଃ ସୁତସ୍ଥୋ............ପୁତ୍ର ହନ୍ତା' ବୋଲି କୁହାଯାଏ କିନ୍ତୁ ରାହୁ ଓ ବୃଷରେ ଥିବାରୁ ତିନୋ[ଟି] ପୁତ୍ର ସନ୍ତାନ ରହିଲେ ଏବଂ ପଞ୍ଚମାଧିପତି (ଶୁକ୍ର) ଲଗ୍ନସ୍ଥ ହୋ[ଇ] ଥିବାରୁ ସନ୍ତାନମାନେ ତାଙ୍କର ଅନୁରକ୍ତ ଥିଲେ ଓ ସେ ନି[ଜେ] ଶାସ୍ତ୍ରଜ୍ଞ ତଥା ଗୀତଜ୍ଞ ଥିଲେ । ତେଣୁ ବୃଦ୍ଧ ଯବନ କହିଛନ୍ତି

ଲଗ୍ନଗତଃ ପଞ୍ଚମପଃ ପ୍ରସିଦ୍ଧମନ୍ତୋକ ତନୁ କଳିତମ୍ ।
ଶାସ୍ତ୍ରବିଦଂ ଗୀତବିଦଂ ସୁକର୍ମଣି ପରଂ ନରଂ କୁରୁତେ ॥

ଷଷ୍ଠରେ ବୃହସ୍ପତି ବକ୍ରୀ ଏବଂ ଷଷ୍ଠାଧିପତି ବୁଧ ଦ୍ୱାଦଶସ୍ଥ

ବୃହସ୍ପତି ବକ୍ରୀ ନ ହୋଇଥିଲେ ଶରୀର ସୁଖ ଓ ନିରୋ[ଗ] ହୋଇଥାଆନ୍ତା । ମାତ୍ର ବକ୍ରୀ ହେବା ଯୋଗୁଁ ଶରୀର ରୁଗ୍ଣ ହେଲା । ଷଷ୍ଠାଧିପତିଙ୍କର ଦ୍ୱାଦଶସ୍ଥିତି ହେତୁକ ବିପରୀତ ରାଜଯୋଗ ଶତ୍ରୁ କର୍ତ୍ତୃକ ପୀଡ଼ାକୁ ଜୟ କରିବାରେ ତା[ଙ୍କୁ] ସମର୍ଥ କରିଥିଲା ।

ସପ୍ତମ ପ୍ରତି ମଙ୍ଗଳ ଓ ଶନିଙ୍କ ପୂର୍ଣ୍ଣ ଦୃଷ୍ଟି ଦାମ୍ପତ୍ୟ ଜୀବ[ନ] ପ୍ରତି ଭଲ ନୁହେଁ । ବିବାହ ବେଦୀରୁ ମଧ୍ୟ ତାଙ୍କୁ ଫେରାଇ ଦିଆ ଯାଇଥିଲା । ଶୁକ୍ରଙ୍କର ଦୃଷ୍ଟି ଯୋଗୁଁ ସେ ନୈଷଧୀ[ୟ] ମଧୁରଶ୍ଳୋକ ଆବୃତ୍ତି ପୂର୍ବକ ସ୍ୱୀୟ ପାଣ୍ଡିତ୍ୟ ପ୍ରକାଶ କରି ଶିଶୁପାଳ ହେବା ପରିସ୍ଥିତିରୁ ରକ୍ଷା ପାଇଥିଲେ ।

ଅଷ୍ଟମାଧିପତି ରବି ମଧ୍ୟ ବ୍ୟୟସ୍ଥ । ଫଳତଃ 'ଅଷ୍ଟମେଶେ ବ୍ୟୟେ ଷଷ୍ଠେ ନିତ୍ୟଂ ରୋଗୀ ପ୍ରଜାୟତେ'–ନିତ୍ୟରୋଗୀ । ମାତ୍ର ବିପରୀତ ରାଜଯୋଗ ଯେହେତୁ ସେ ମୃତ୍ୟୁମୁଖରୁ ରକ୍ଷା ପାଇଥିଲେ ।

ନବମ ଧର୍ମ ସ୍ଥାନରେ ଚନ୍ଦ୍ର ଥିବାରୁ ମନ ଧର୍ମରେ ଏବ[ଂ] ପତ୍ନୀ ମଧ୍ୟ ଧର୍ମପରାୟଣା । ମାତ୍ର ନବମାଧିପତି ବୁଧ ବ୍ୟୟସ୍ଥ ଓ ରବି ତଥା ମଙ୍ଗଳଯୁକ୍ତ ହେତୁ ବୁଧଙ୍କ ଗଣିତ ବିଦ୍ୟା ରବି ମଙ୍ଗଳପ୍ରଭୃତି ଗ୍ରହଚର୍ଚ୍ଚାରେ ବିନିଯୋଗ ହୋଇ–ତାହି ହିଁ ଧର୍ମରେ ପରିଣତ ହୋଇଛି ଏବଂ ସେଥିପାଇଁ ସର୍ବ ପ୍ରକାର ବ୍ୟୟ ବା ତ୍ୟାଗ ସେ ସ୍ୱୀକାର କରିଛନ୍ତି ।

ଦଶମରେ ଶନି ତୁଙ୍ଗୀ ହେତୁ ସେ 'ମାର୍ଦ୍ଦବସ୍ଥୈର୍ଯ୍ୟ ଜନଚର୍ଯ୍ୟ– ମୃଦୁ ଓ ସ୍ଥିର ସ୍ୱଭାବର ଥିଲେ । ତାଙ୍କ କର୍ମକ୍ଷେତ୍ର ଉଚ୍ଚ ଓ ସମ୍ମାନଜନକ ଥିଲା । ମାତ୍ର ତୁଳା ହେଉଛି କାଳପୁରୁଷର ବସ୍ତି ପ୍ରଦେଶ ବା ନାଭିର ନିମ୍ନଭାଗ ତଳପେଟ । ସେଠାରେ ଶନି ରହିବା ଫଳରେ ସେ ପ୍ରବଳ ଉଦର ଶୂଳରେ ପୀଡ଼ିତ ହେଉଥିଲେ । ବକ୍ରୀ ହେଲେ ହେଁ ବୃହସ୍ପତିଙ୍କ ପୂର୍ଣ୍ଣ ଦୃଷ୍ଟି ତାଙ୍କ କର୍ମକ୍ଷେତ୍ରରେ ଯଥେଷ୍ଟ ସାହାଯ୍ୟ କରିଥିଲା । ଦଶମାଧିପତି ଶୁକ୍ରଙ୍କ ଲଗ୍ନରେ ଅବସ୍ଥାନ ତାଙ୍କୁ କବି ଓ ବାଲ୍ୟରୋଗୀ କରାଇ ଥିଲା । ତେଣୁ କୁହାଯାଉଛି–

ଦଶମାଧିପତୌ ଲଗ୍ନେ କବିତା ଗୁଣ ସଂଯୁତଃ ।
ବାଲ୍ୟେ ରୋଗୀ ସୁଖୀ ପଶ୍ଚାଦଦ୍ଧର୍ଦ୍ଧିଦିନେ ଦିନେ ॥

ଚନ୍ଦ୍ରଙ୍କଠାରୁ ବୃହସ୍ପତିଙ୍କ ଦଶମାବସ୍ଥାନ ମଧ୍ୟ ତାଙ୍କୁ ଶୁଦ୍ଧ ଆଚରଣଶୀଳ ଓ ଧାର୍ମିକକରି ଗଢ଼ିଥିଲା । ତେଣୁ ହୋରା ପ୍ରଦୀପରେ କୁହାଯାଉଛି–

ଶୁଭାଗ୍ୟରୋ ବିଶୁଦ୍ଧାର୍ଥଃ ସମୃଦ୍ଧୋ ଧାର୍ମିକୋ ଭବେତ୍ ।
ଶଶାଙ୍କାତ୍ କର୍ମଣେ ଭୂପୋ ମନ୍ତ୍ରୀ ବା ସୁରମନ୍ତ୍ରିଣି ॥

ବୃହସ୍ପତିଙ୍କ ଏତାଦୃଶ ଦଶମାବସ୍ଥାନ ବୁଧ କ୍ଷେତ୍ରରେ ହୋଇ ବୁଧଙ୍କ ପ୍ରତି ପୂର୍ଣ୍ଣ ଦୃଷ୍ଟି ରଖିଥିବାରୁ ତାଙ୍କୁ ଗଣିତଜ୍ଞ କରିଥିଲା ଏବଂ ଗଣିତ ତାଙ୍କର କର୍ମକ୍ଷେତ୍ର ହୋଇଥିଲା । ଲଗ୍ନଠାରୁ ଦଶମସ୍ଥାନ ଶୁକ୍ରକ୍ଷେତ୍ର ହେତୁ କାବ୍ୟାଦି ରଚନା କ୍ଷେତ୍ରରେ ସେ ଥିଲେ ପାରଦର୍ଶୀ ଏବଂ ଚନ୍ଦ୍ରଠାରୁ ଦଶମସ୍ଥାନ ବୁଧ କ୍ଷେତ୍ର ହୋଇଥିବାରୁ ଗଣିତ ବିଦ୍ୟାରେ ସେ ଥିଲେ ଧୂରୀଣ । ଫଳରେ ସିଦ୍ଧାନ୍ତ ଦର୍ପଣ ଉଚ୍ଚକୋଟିର କାବ୍ୟଗୁଣ ସଂପନ୍ନ ଗଣିତଗ୍ରନ୍ଥର ଆବିର୍ଭାବ ସମ୍ଭବ ହୋଇଥିଲା ।

ଏକାଦଶରେ କେତୁଙ୍କ ଅବସ୍ଥାନ ଯୋଗୁଁ ଜାତକ ସୁଭକ୍ଷୀ, ସୁବିଦ୍ୟାଯୁକ୍ତ, ଅଦର୍ଶନୀୟ ଓ ରୋଗୀ । ତେଣୁ କୁହାଯାଇଛି—

ସୁଭାଗୀ ସୁବିଦ୍ୟାଧିକୋଽଦର୍ଶନୀୟଃ
ସୁଭୋଗଃ ସୁତେଜଃ ସୁବସ୍ତ୍ରୋଽପଯସ୍ୟ ।
ଗୁଦେ ପୀଡ୍ୟତେ ସନ୍ତତଂ ବ୍ୟଗ୍ରତା ଚ
ଶିଖୀ ଲାଭଗଃ ସର୍ବଲାଭଂ କରୋତି ॥

ଏକାଦଶ ବା ଆୟସ୍ଥାନରେ ଅଧିପତି ମଙ୍ଗଳ ବ୍ୟୟସ୍ଥ ହେତୁ ସେ ସବୁବେଳେ ଅଭାବରେ ଥିଲେ । ଯାହା ବା ଆୟ ହେଉଥିଲା ସବୁ ବ୍ୟୟ ହୋଇଯାଉଥିଲା ।

ଦ୍ୱାଦଶରେ ଅଷ୍ଟମାଧିପତି ରବି, ଷଷ୍ଠ-ନବମାଧିପତି ବୁଧ ଓ ଚତୁର୍ଥ- ଏକାଦଶାଧିପ ମଙ୍ଗଳ ଅବସ୍ଥିତ । ତେଣୁ ସୁଖ , ଭାଗ୍ୟ, ଆୟୁ ଓ ଆୟ-ସବୁଥିରେ ବ୍ୟୟର ନିର୍ମମ ପଦଧ୍ୱନି ସେ ଶୁଣୁଥିଲେ । ରବି ଦ୍ୱାଦଶରେ ରହିଲେ ଜାତକ ପ୍ରତି ରାଜ କୃପା ନ ଥାଏ ଏବଂ ସେ ଖୁବ୍ ବ୍ୟୟଶୀଳ ହୁଏ—'ବ୍ୟୟସ୍ଥାନଗତେ ସୂର୍ଯ୍ୟେ ବ୍ୟୟଶୀଳୋ ଭବେନ୍ନରଃ' ଇତି (ଗର୍ଗଃଷାମି) ମଙ୍ଗଳ ଦ୍ୱାଦଶରେ ରହିଲେ ମିତ୍ରମାନେ ଶତ୍ରୁ ହୁଅନ୍ତି, ନେତ୍ରରେ ପୀଡ଼ା ହୁଏ ଓ ସେ ଅଙ୍ଗ-ବୈକଲ୍ୟଯୁକ୍ତ ହୁଏ । ତେଣୁ କୁହାଯାଉଛି—

ସ୍ୱମିତ୍ର ବୈରଂ ନୟନାତି ବାଧାଂ କ୍ରୋଧାଭିଭୂତଂ ବିକଳତ୍ୱ ମଙ୍ଗେ ।
ଧନବ୍ୟୟଂ ବନ୍ଧନମନ୍ତ୍ୟଗେଽକୋ ବ୍ୟୟେ
ଧରାଦୋ ବିଦଧାତି ନୂନମ୍ ॥

ଦ୍ୱାଦଶରେ ବୁଧରହିବା ଫଳରେ—

'ନୃପପୀଡନ ସଂତପ୍ତଂ ପରବାଦେନ ପୀଡ଼ିତମ୍'
ନୃଶଂସଂ ପୁରୁଷଂ- ଶୁନ୍ଦ୍ରିଃ କୁରୁତେ ବ୍ୟୟରାଶିଗଃ'।

ସେ ନୃପପୀଡ଼ା ଓ ଅନ୍ୟକର୍ତ୍ତୃକ ପୀଡ଼ା ଲାଭକରିଥିଲେ । ପୁରୁରାରାଜା ନଟବର ସିଂହ ତାଙ୍କୁ ମହାମହୋପାଧ୍ୟାୟ ଉପାଧି ନେବା ପାଇଁ କଟକ ଛାଡ଼ିବାକୁ ମଧ୍ୟ ରାଜି ନଥିଲେ । କିନ୍ତୁ ବୁଧଙ୍କ ଏତାଦୃଶ ଅବସ୍ଥାନର ଭଲଫଳ ହେଉଛି—'ସ୍ୱକାର୍ଯ୍ୟ-ଦକ୍ଷୋ ବିଜିତାତ୍ମପକ୍ଷଃ'—ନିଜକାର୍ଯ୍ୟରେ ଦକ୍ଷତା ତଥା ନିଜ ଲୋକଙ୍କୁ ନିଜ ବ୍ୟବହାରରେ ଜିଣିନେବା, ଠିକ୍ ସମୟରେ ଉପାଧି ନେବାପାଇଁ ଦରବାରରେ ପହଞ୍ଚି ନ ପାରିବାରୁ ରାଜାଙ୍କ ନାମରେ ଜାରୀ କରାଯାଇଥିବା ଓ୍ୱାରେଣ୍ଟକୁ ସେ ବନ୍ଦକରି ପୁରୁରା ରାଜା ନଟବରଙ୍କ ପ୍ରତି କ୍ଷମା ଆଚରଣ କରିଥିଲେ । ଏହା ତାଙ୍କର ଅନନ୍ୟ ମହନୀୟତା । ଦ୍ୱାଦଶରେ ରବି-ମଙ୍ଗଳ ବୁଧଙ୍କ ସଂଯୋଗ ତାଙ୍କୁ ସର୍ବଥା ଖର୍ଚ୍ଚୀ ଓ ନିଷ୍ପ୍ରଭ କରି ଦେଇଥିଲା ।

କାରଣ—

'ସୂର୍ଯ୍ୟାର ସୌମ୍ୟା ବ୍ୟୟଗା ମନୁଷ୍ୟଂ କୁର୍ବନ୍ତି ନିତ୍ୟଂ ପ୍ରଭୟାବିହୀନମ୍' ।

ଚନ୍ଦ୍ରଠାରୁ ଦଶମ କେନ୍ଦ୍ରରେ ବୃହସ୍ପତିଥିବାରୁ 'ଗଜ କେଶରୀ ଯୋଗ' ତାଙ୍କୁ ମେଧାବୀ ଓ ଗୁଣବାନ୍ କରିଥିଲା ।

ଜାତକରେ ବୃହସ୍ପତି ଓ ଚତୁର୍ଥ ସ୍ଥାନାଧିପତି ମଙ୍ଗଳ ପରସ୍ପରର କେନ୍ଦ୍ରରେ ଥିବାରୁ ଏବଂ ଲଗ୍ନାଧିପତି ଶନି ଦଶମରେ ଉଚ୍ଚସ୍ଥ ହେବାରୁ ପୂର୍ଣ୍ଣ 'କାହାଳ ଯୋଗ' ହେଲା । କାରଣ କୁହାଯାଇଛି—

ଅନ୍ୟୋନ୍ୟକେନ୍ଦ୍ରଗୃହଗୌ ଗୁରୁବନ୍ଧୁନାଥୌ
ଲଗ୍ନାଧିପେ ବଳଯୁତେ ଯଦି କାହାଳଃ ସ୍ୟାତ୍ ।
କର୍ମେଶ୍ୱରେଣ ସହିତେ ତୁ ବିଲୋକିତେ ବା
ସ୍ୱୋଚ୍ଚେ ସ୍ୱକେ ସୁଖପତୌ ଯଦି ତାଦୃଶ୍ୟସ୍ୟାତ ॥

ଏହି କାହାଳ ଯୋଗ ତାଙ୍କୁ ଓଜସ୍ୱୀ, ସାହାସୀ ଓ ଗ୍ରାମରେ ସମ୍ମାନ ଦେଇଥିଲା ।

ପୁଣି ଲଗ୍ନାଧିପତି ଶନି ଦଶମ କେନ୍ଦ୍ରରେ ଉଚ୍ଚସ୍ଥ ହୋଇ ବୃହସ୍ପତିଙ୍କ ଦ୍ୱାରା ପୂର୍ଣ୍ଣ ଦୃଷ୍ଟ ହେଉଥିବାରୁ 'ଚାମର ଯୋଗ'' ତାଙ୍କୁ ବିଦ୍ୱାନ୍ ବାଗ୍ମୀ, ପଣ୍ଡିତ, (ବ୍ରିଟିଶ) ରାଜପୂଜ୍ୟ ସର୍ବଜ୍ଞ ବେଦବିଦ୍ କରିବା ସଙ୍ଗେ ସଙ୍ଗେ ପ୍ରାୟ ସତୁରିବର୍ଷ ପରମାୟୁ ଦେଇଥିଲା । ତେଣୁ ବୃହତ୍ ପାରାଶରୀ ହୋରା ଓ ଜାତକ ପାରିଜାତରେ ଦେଖିବାକୁ ମିଳେ—

ଲଗ୍ନେଶ୍ୱରେ କେନ୍ଦ୍ରଗତେ ସ୍ୱତୁଙ୍ଗେ ଜୀବେକ୍ଷିତେ
ଚାମର ନାମ ଯୋଗଃ,
ସୌମ୍ୟଦ୍ୱୟେ ଲଗ୍ନଗୃହେ କଳତ୍ରେ ନବାସ୍ପଦେ ବା
ଯଦି ଚାମରଃ ସ୍ୟାତ୍ ।
ଯୋଗେ ଜାତସ୍ତାମରେ ରାଜପୂଜ୍ୟୋ ବିଦ୍ୱାନ୍ ବାଗ୍ମୀ
ପଣ୍ଡିତୋ ବା ମହୀପଃ,
ସର୍ବଜ୍ଞଂ ସ୍ୟାତ୍ ବେଦଶାସ୍ତ୍ରଃଧୀକାରୀ ଜୀବେତ୍ ବର୍ଷଃ
ସପ୍ତତିର୍ବ ହରଣାମ୍ ।

ଏହାଛଡ଼ା ଜାତକରେ ଏକ ପ୍ରକାର 'ଶଂଖଯୋଗ' ଥିବା ମଧ୍ୟ ଦେଖାଯାଏ । କାରଣ ପଞ୍ଚମାଧିପତି ଓ ଷଷ୍ଠାଧିପତି ପରସ୍ପରରେ ନ ଥିଲେ ମଧ୍ୟ ଲଗ୍ନାଧିପତି ଓ ଦଶମାଧିପତି ଉଭୟେ ଚରରାଶିରେ ଅବସ୍ଥିତ (ଲଗ୍ନାଧିପତି ଗଗନାଧିପତୌ-ଚରସ୍ଥେ..........ତଥା ବଦନ୍ତି) ହେତୁ ଜାତକ ପୁଣ୍ୟବାନ୍, ଶାସ୍ତ୍ରଜ୍ଞ ଓ ଆଚାରଶୀଳ—'ଶାସ୍ତ୍ରଜ୍ଞାନାଚାର ସାଧୁ କ୍ରିୟାବାନ୍'—ଥିଲେ ।

ଏହି ଜାତକରେ ଉଚ୍ଚସ୍ଥ ଶନି ମକର ନବାଂଶଗତ ହୋଇ-ଥିବାରୁ 'ମୃଦଙ୍ଗ ଯୋଗ' ହେଇ ଓ ଫଳରେ ସେ ତାଙ୍କ କାର୍ଯ୍ୟରେ ଯଶସ୍ୱୀ ହୋଇଥିଲେ ।

ଲଗ୍ନାଧିପ ଓ ଦଶମାଧିପଙ୍କ ସ୍ଥାନ ବିନିମୟ ଫଳରେ ଜାତକ କର୍ମସ୍ଥାନରେ ଲଗ୍ନମନା ଥିଲେ । ଏହା ଫଳରେ 'ପାରିଜାତ ଯୋଗ' ମଧ୍ୟ ସମ୍ଭବ ହୋଇଥିଲା ଏବଂ ଜାତକ ସ୍ୱକର୍ମ ଧର୍ମାଦିରେ ନିରତ ଓ ଦୟାଳୁ ଥିଲେ ।

ମକର ଲଗ୍ନ ଜାତକ ପ୍ରତି ମଙ୍ଗଳ, ବୃହସ୍ପତି ଓ ଚନ୍ଦ୍ର ପାପଗ୍ରହ ଏବଂ ଶୁକ୍ର ଓ ବୁଧ ଶୁଭଗ୍ରହ । ଶନି ମାରକ' ଶୁକ୍ର ଯୋଗକାରକ ।

ସାମନ୍ତ ଚନ୍ଦ୍ର ଶେଖରଙ୍କ ଜାତକରେ ଦଶା ଭୋଗକୁ ନିମ୍ନ ପ୍ରକାରେ ବିଶ୍ଳେଷଣ କରାଯାଇପାରେ ।

ତା ୧୧-୧-୧୮୩୬—ପୌଷ କୃଷ୍ଣ ଅଷ୍ଟମୀ ସୋମବାର କନ୍ୟାରାଶି ହସ୍ତାନକ୍ଷତ୍ରରେ ଜନ୍ମ ।

(+୧୪ ବର୍ଷ) ୧୮୫୦ ଖ୍ରୀଷ୍ଟାବ୍ଦରେ ରାହୁ ମହାଦଶା ଚାଲିଥିବାବେଳେ ସେ ଗଣିତ ଜ୍ୟୋତିଷ ପ୍ରତି ମନ ବଳାଇ ଥିଲେ । ଏଠାରେ ଲକ୍ଷ୍ୟ କରାଯାଇ ପାରେ ଯେ ରାହୁ ଜାତକର ପଞ୍ଚମରେ ଉଚ୍ଚରେ ଅବସ୍ଥିତ । (ବିଦ୍ୟା) ବାଗଧିପତି ଶନି ମଧ୍ୟ ଦଶମରେ ତୁଙ୍ଗୀ । ରାହୁ ଓ ଶନି ଉଭୟେ ଶକ୍ରଙ୍କ ସ୍ଥାନରେ ଅବସ୍ଥିତ । ତେଣୁ କାବ୍ୟ କଳା ପ୍ରତି ସ୍ୱତଃ ପ୍ରବୃତ୍ତ କରାଇଥିଲା ।

(+୨୨ ବର୍ଷ ବୟସ)- ଖ୍ରୀ ୧୮୫୮ରେ ରାହୁ ମହାଦଶାରେ ଶକ୍ର ଚାଲିଥିଲାବେଳେ ବିବାହ ହେଲା । ଧବନାଡ଼ୀ ବଚନ ଅନୁସାରେ 'ଶୁକ୍ର ତ୍ରିକୋଣରେ ଜୀବେ ବିବାହଂ ଲଭତେ ନରଃ' । ଖ୍ରୀ ୧୮୫୮ ବୃହସ୍ପତି ମକରସ୍ଥ ଶୁକ୍ରଙ୍କଠାରୁ ପଞ୍ଚମ ଅର୍ଥାତ୍ ବୃଷ ରାଶିରେ ଥିଲେ ।

ଖ୍ରୀ ୧୮୬୩ରେ ରାହୁ ମହାଦଶାରେ ମଙ୍ଗଳ ଅନ୍ତରରେ ପୁତ୍ର ପୀତବାସ ଜନ୍ମ ଗ୍ରହଣ କରିଥିଲେ ।

ତା ୧୨-୪-୧୮୬୯—ରାହୁ, ଶନି । ଶନି ଦଶା ଚାଲିଥିଲା ବେଳେ ସିଦ୍ଧାନ୍ତ ଦର୍ପଣର ଯଥାର୍ଥ ଅୟମାରମ୍ଭ ହୋଇଥିଲା । ପଞ୍ଚମରେ ଉଚ୍ଚସ୍ଥ ରାହୁ ଓ ଦଶମରେ ତୁଙ୍ଗୀ ଶନି ସିଦ୍ଧାନ୍ତ ଦର୍ପଣ ଭଳି ଏଡ଼େ ବିଭବଶାଳୀ ସାରସ୍ୱତ କାର୍ତ୍ତି କରାଇଥିଲେ । ମାତ୍ର ତାର ଆଶାନୁରୂପ ପ୍ରସାର ହୋଇ ପାରିଲା ନାହିଁ । ସିଦ୍ଧାନ୍ତ ଦର୍ପଣର ଏହି ଜନ୍ମ ସାମନ୍ତଙ୍କ ଜନ୍ମବାର ସୋମବାରରେ ହୋଇଥିଲା । ମାତ୍ର ଏହି ଅୟମାରମ୍ଭ ଦିନଟି ସାମନ୍ତଙ୍କ ପ୍ରତି ଅଷ୍ଟମ ଚନ୍ଦ୍ର ଓ ବୁଧ ନକ୍ଷତ୍ର ଥିଲା । ତେଣୁ ସାମନ୍ତ ଓ ସିଦ୍ଧାନ୍ତ ଦର୍ପଣର ଜନ୍ମ ଭୋଗ୍ୟ ଅନୁରୂପ ବାଧାବିଘ୍ନ ଦେଇ ଗତି କରିଥିଲା ।

ଖ୍ରୀ ୧୮୭୬ରେ ବୃହସ୍ପତି ମହାଦଶାରେ ମଙ୍ଗଳ ଅନ୍ତର ଚାଲିଥିଲାବେଳେ ଜଗନ୍ନାଥ ମନ୍ଦିରରେ ପାଞ୍ଜିର ପ୍ରଚଳନ ହେଲା ।

ଖ୍ରୀ ୧୮୭୭ରେ ବୃହସ୍ପତି ମହାଦଶାରେ ରାହୁ ଅନ୍ତର ଚାଲିଥିଲାବେଳେ ମଧ୍ୟମ ପୁତ୍ର ଗଦାଧର ଭୂମିଷ୍ଠ ହୋଇଥିଲେ ।

ଖ୍ରୀ ୧୮୭୯ରେ ସେହି ବୃହସ୍ପତି ରାହୁରେ କନିଷ୍ଠ ଚକ୍ରଧର ଜନ୍ମ ଗ୍ରହଣ କରିଥିଲେ ।

ତା ୧୨-୧୧-୧୮୯୨—ମାର୍ଗଶିର କୃଷ୍ଣପକ୍ଷ ଶନିବାର ଦିନ ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ସମାପ୍ତ ହୋଇଥିଲା ।

ତା ୩-୬-୧୮୯୩—ବୃହସ୍ପତି ମଙ୍ଗଳଶୁକ୍ରଦଶା ଚାଲିଥିବା ବେଳେ ସେ 'ମହାମହୋପାଧ୍ୟାୟ' ଉପାଧିରେ ଭୂଷିତ ହୋଇଥିଲେ । ସେଦିନ ଥିଲା ଶନିବାର । ଲଗ୍ନାଧିପତି ଶନି ଯୋଗକାରକ ଶୁକ୍ରଙ୍କ ଗୃହରେ ରହି ସ୍ଥାନ ବିନିମୟ କରିଛନ୍ତି ଏବଂ ଶୁକ୍ର ପ୍ରତ୍ୟନ୍ତରରେ ଏହା ସ୍ୱାଭାବିକ ଭାବରେ ସଂଭବ ହୋଇଛି । ସେ ଦିନ ଚନ୍ଦ୍ର ମକରରେ ଅତି ମିତ୍ର ନକ୍ଷତ୍ରରେ ଥିଲେ ।

ତା ୧୭-୯-୧୯୦୩—ଗୁରୁବାର ଦିନ ବୁଧ, ଶୁକ୍ର, ରାହୁର ଦଶା ଚାଲିଥିଲାବେଳେ ଏବଂ ଗୋଚରରେ ଆୟ ସ୍ଥାନରେ ଚନ୍ଦ୍ର ଥିଲାବେଳେ ସାମନ୍ତଙ୍କ ସକାଶେ ପେନ୍‌ସନ୍ ପାଇଁ ସୁପାରିଶ ପତ୍ର ପଠାଯାଇଥିଲା ।

ତା ୨୦-୧୧-୧୯୦୩—ରାହୁ, ଶୁକ୍ର, ବୃହସ୍ପତି ଦଶାରେ ଯୋଗକାରକ ଶୁକ୍ରବାର ଦିନ ଗୋଚରରେ ତୃତୀୟ ଚନ୍ଦ୍ର ଚାଲିଥିଲାବେଳେ ପଚାଶ ଟଙ୍କା ପେନ୍‌ସନ୍ ପାଇବା ପାଇଁ ମଂଜୁର ହୋଇଥିଲା ।

ତା ୧୧-୬-୧୯୦୪ (୧୮୨୬ (ଶକାବ୍ଦ) ଜ୍ୟେଷ୍ଠ ଚାନ୍ଦ୍ରମାନ କୃଷ୍ଣ ଦ୍ୱାଦଶୀଗତ ତ୍ରୟୋଦଶୀ ତିଥି ଶନିବାର ଦିନ ଅଷ୍ଟମଚନ୍ଦ୍ର ଓ ବୁଧ ନକ୍ଷତ୍ରରେ ସାମନ୍ତଙ୍କ ମୃତ୍ୟୁ ହୋଇଥିଲା ।

ଏଠାରେ ଲକ୍ଷ୍ୟ କରାଯାଇପାରେ ସାମନ୍ତଙ୍କ ଜନ୍ମବାର ଓ ସିଦ୍ଧାନ୍ତ ଦର୍ପଣର ଜନ୍ମବାର ଥିଲା ସୋମବାର ଏବଂ ସିଦ୍ଧାନ୍ତ ଦର୍ପଣର ସମାପ୍ତିବାର ଓ ସାମନ୍ତଙ୍କ ସହ ଗ୍ରହ ଲୀଳାର ସମାପ୍ତି ବାର ଥିଲା ଶନିବାର । ଏ ସବୁରୁ ନିୟତିର ଲୀଳା ଓ ଦୈବ ଗତିରେ ଥିବା ସମତା ତଥା ବିଚିତ୍ରତା ପ୍ରତ୍ୟେକଙ୍କର ବିସ୍ମୟୋତ୍ପାଦକ ହେବା ସଙ୍ଗେ ସଙ୍ଗେ ଜ୍ୟୋତିଷ ଶାସ୍ତ୍ର ପ୍ରତି ଅହେତୁକ ଆଗ୍ରହ ଓ ସମ୍ମାନବୋଧ ସୃଷ୍ଟି କରିଥାଏ ।ସାମନ୍ତ ଆଉ ନାହାନ୍ତି କିନ୍ତୁ ତାଙ୍କର ସିଦ୍ଧାନ୍ତ ଦର୍ପଣ ରହିଛି । ତେଣୁ କବିବର ରାଧାନାଥ ଯଥାର୍ଥରେ କହିଥିଲେ—

ମାତ୍ର ଉତ୍କଳର ଦର୍ପ, ଚିତ୍-ପ୍ରସୂତି
ଜ୍ୟୋତିଷ-ଦର୍ପଣ, ଦରିଦ୍ରର କୃତି ।
ସିଦ୍ଧାନ୍ତ ଦର୍ପଣ ହେବ ନାହିଁ ଲୟ
ନରଦେହେ ଥିବ ଯାବତ ହୃଦୟ ।

ସଂପାଦକ, ସଂସ୍କୃତି ବିଭାଗ, ଭୁବନେଶ୍ୱର ।

ଆମର ସବୁଠାରୁ ବଳ ବଡ଼ ସଂପଦ ହେଲା ଜନଶକ୍ତି । ବ୍ୟକ୍ତି ଓ ପରିବାର ଯେପରି ସେମାନଙ୍କର ଅନ୍ତର୍ନିହିତ ଶକ୍ତିର ପୂର୍ଣ୍ଣ ଉପଲବ୍ଧି କରି ପାରିବେ ସେଥିପାଇଁ ଆମକୁ କାର୍ଯ୍ୟକରିବାକୁ ହେବ । ଏଥିଲାଗି ପରିବାର ନିୟୋଜନ, ପୁଷ୍ଟି କାର୍ଯ୍ୟକ୍ରମ, ମହିଳା ଓ ଶିଶୁ କଲ୍ୟାଣ, ରୋଗ ନିୟନ୍ତ୍ରଣ, ପ୍ରାଥମିକ ଓ ପ୍ରୌଢ଼ ଶିକ୍ଷାର ପ୍ରସାର, କ୍ରୀଡ଼ା ଓ ଉତ୍ତମ ଯୋଗାଯୋଗ କାର୍ଯ୍ୟକ୍ରମ ଉପରେ ଆମେ ଗୁରୁତ୍ୱ ଦେବୁ ।

ଶ୍ରୀ ରାଜୀବ ଗାନ୍ଧୀ


ନୀଳ ଚକ୍ରେ
ନୀଳ ନେତ ଚଢ଼ିଲ...

Vol. XLII No. 6 UTKAL PRASANGA Regd. No. O-05/86
Licence No. C. R. N. P. 5—Licensed to post without Pre-Payment



ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ.......



230
64361
23/11/93
RESEARCH & REFERENCE LIBRARY

Feb + March - 1986

# ଉତ୍କଳ ପ୍ରସଙ୍ଗ

